

ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

▶ପୃଷ୍ଠା ୩ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-181 ◆SATURDAY ◆27 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୧ ◆ଶନିବାର ◆୨୭ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


୨୯ ତମ ପ୍ରତିଷ୍ଠା ଦିବସ

# ବିଜେଡି ଅଛି; ରହିବ: ନବୀନ

## ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହେବ ବିଜେଡି

■ ଭୁବନେଶ୍ୱର, ୨୬।୧୨ (ସମିସ): ସେବା, ସଂଗ୍ରାମ, ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର। କିଛି ଲୋକ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି, ଦଳ ଭାଙ୍ଗିଯିବ ବୋଲି ଗୁଜବ ସୃଷ୍ଟି କରାଯାଉଛି। ମାତ୍ର ବିଜେଡି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ସହ ଜଡ଼ିତ। ଏବେ ବିଜେଡି ଅଛି, ଭବିଷ୍ୟତରେ ବି ରହିବ। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ଭାବରେ କାର୍ଯ୍ୟ କରିବ ବୋଲି ଦଳର ୨୯ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ।

ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ହାରଜିତ ରହିଛି। ମାତ୍ର ଏବେ କିଛି ଲୋକ ବିଜେଡିକୁ ନେଇ ଅପପ୍ରଚାର କରୁଛନ୍ତି; କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଜଣେ କିମ୍ବା ଦୁଇଜଣ ନେତାଙ୍କର ନୁହେଁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଲଢ଼େଇରୁ ବିଜେଡିର ଜନ୍ମ। ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ; ଏହା ଏକ ଜନ ଆନ୍ଦୋଳନ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୯୯୭ ରୁ ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ଓଡ଼ିଶା ବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଆମେ ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ; ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ



ପରିଚୟ ଦେଇଛୁ, ମା' ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ନବୀନ କହିଛନ୍ତି।

ଏହି ଅବସରରେ ନବୀନ ବର୍ତ୍ତମାନର ବିଜେପି ସରକାରକୁ କଠୋର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ? ଏବେ ଚାଷୀକୁ ସାର ମିଳୁନି। ଧାନ ବିକ୍ରି ପାଇଁ ମଣ୍ଡି ଖୋଲୁନି। ମିଶନ ଶକ୍ତି ମା' ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ▶ପୃଷ୍ଠା-୭

> ଓଡ଼ିଶା ବିକାଶ ଇତିହାସରେ ୨୦୦୦ରୁ ୨୦୨୪ ସୁବର୍ଣ୍ଣଯୁଗ

**ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର**

- ସେବା, ସଂଗ୍ରାମ ଓ ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର
- ଯୁବବର୍ଗମାନେ ଦଳର ସମ୍ପତ୍ତି; ଅପପ୍ରଚାରର ମୁକାବିଲା ଆହ୍ୱାନ
- ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ କର୍ମୀଙ୍କୁ ପରାମର୍ଶ

**ଡବଲ ଇଞ୍ଜିନ୍ ସରକାରକୁ କଟାକ୍ଷ**

- ରାଜ୍ୟରେ ଏବେ ସରକାର ଥିବା ପରି ଅନୁଭବ ହେଉ ନାହିଁ
- ଚାଷୀଙ୍କୁ ସାର ନାହିଁ, ମଣ୍ଡି ଖୋଲୁନାହିଁ, ଟୋକନ ମିଳୁନାହିଁ
- ଯୁବ ସମାଜ ହତାଶ, ମିଶନଶକ୍ତି ମା'ମାନେ ହଇରାଣ
- ଆଇନଶୃଙ୍ଖଳା ଶୋଚନୀୟ, ବୃଦ୍ଧି ପାଇଛି ମହିଳା ହିଂସା

# ଓଡ଼ିଶା ବାୟୁରେ ବି ବିଷ

## ବେଶି ଦୂର ନୁହେଁ ଦିଲ୍ଲୀ ଭଳି ଯନ୍ତ୍ରଣା

- ବାଲେଶ୍ୱରର ବାୟୁ ସବୁଠୁ ଅଧିକ ପ୍ରଦୂଷିତ
- ଅଧିକାଂଶ ସହରର ଏକ୍ୟୁଆଇ ୩୦୦ ଉପରେ
- ପ୍ରାତଃ-ସାନ୍ଧ୍ୟ ଭ୍ରମଣ ପାଇଁ ବିଶେଷଜ୍ଞଙ୍କ ବାରଣ



■ ଭୁବନେଶ୍ୱର, ୨୬।୧୨ (ସମିସ): ସୁସ୍ଥ ବାୟୁ ଓ ସବୁଜିମା ପାଇଁ ଦେଶରେ ଏକ ଉତ୍ତମ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଏବେ ବିଷ ବଳୟ ପାଲଟିଛି। ଜଳରେ ଜହର ସାଙ୍ଗକୁ ଏବେ ପବନ ବି ବିଷ ପାଲଟିଛି। ରାଜ୍ୟରେ ବାୟୁର ମାନ ଏବେ କମିକମି ଚାଲିଛି ଓ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଖରାପ ହେବାରେ ଲାଗିଛି। ପୂର୍ବରୁ ଅନୁଗୋଳ, ରାଉରକେଲା ଓ ତାଳଚେର ପରି ଶିଳ୍ପାଞ୍ଚଳ ପ୍ରଦୂଷିତ ସହର ମାନ୍ୟତା ପାଉଥିଲା; ମାତ୍ର ଏବେ ଉପାନ୍ତ ଓ ଉପକୂଳ ସବୁ ଅଞ୍ଚଳ ବାୟୁ ପ୍ରଦୂଷଣର ଶିକାର ହୋଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶର ଅତି ଖରାପ ସ୍ଥିତିଥିବା ଦେଶର ୧୬ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସାମିଲ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାଲେଶ୍ୱର ବର୍ତ୍ତମାନ ରାଜ୍ୟର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହେବାକୁ ବସିଛି। ▶ପୃଷ୍ଠା-୭

# 'ଭାରତ ରତ୍ନ', 'ପଦ୍ମ' ସମ୍ମାନ କୌଣସି ଉପାଧି ନୁହେଁ

**ବମ୍ବେ ହାଇକୋର୍ଟଙ୍କ ଟିପ୍ପଣୀ**

**ନାମର ଆଗ-ପଛରେ ଏହାକୁ ଲଗାଇବା ଆଇନ ଦୃଷ୍ଟିରୁ ଭୁଲ୍**

■ ମୁମ୍ବାଇ, ୨୬।୧୨ (ଏଜେନ୍ସି): ଭାରତ ରତ୍ନ, ପଦ୍ମଶ୍ରୀ, ପଦ୍ମ ଭୂଷଣ, ପଦ୍ମ ବିଭୂଷଣ ଭଳି ନାଗରିକ ସମ୍ମାନ କୌଣସି ଉପାଧି ନୁହେଁ। ତେଣୁ ଏହାକୁ କାହାର ନାମ ଆଗରେ କିମ୍ବା ପଛରେ ଲଗା ଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଆବେଦନରେ ଜଣେ ବ୍ୟକ୍ତିଙ୍କ ନାମ ସହିତ 'ପଦ୍ମଶ୍ରୀ' ଲେଖା ଯାଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ଜଷ୍ଟିସ ସମଶେଖର ସୁନ୍ଦରେସନଙ୍କ ଖଣ୍ଡପୀଠ। ୧୯୯୫ରେ ସୁପ୍ରିମକୋର୍ଟଙ୍କ ସମ୍ବିଧାନ ପୀଠ ଏନେଇ ଦେଇଥିବା ରାୟ ବିଷୟରେ ହାଇକୋର୍ଟ ଉଲ୍ଲେଖ କରିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ପଦ୍ମ ପୁରସ୍କାର ଏବଂ ଭାରତ ରତ୍ନ କୌଣସି ଉପାଧି ନୁହେଁ। ଯଦି କୌଣସି ବ୍ୟକ୍ତି ▶ପୃଷ୍ଠା-୭




**ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ**

# ଦଳକୁ ମଜବୁତ କରିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା,୨୬ ।୧୨(ସମିସ)




ଶୃଙ୍ଖଳିତ ଓ ସଶକ୍ତ କରିବା ପାଇଁ ଐକ୍ୟବଦ୍ଧ ଉଦ୍ୟମର ଆବଶ୍ୟକତା ରହିଛି। ସମସ୍ତ କର୍ମୀ ଏକମନ ଏକପ୍ରାଣରେ ଉଦ୍ୟମ କରିବା ସହ ସଙ୍ଗଠନକୁ ମଜବୁଦ୍ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଜରୁରୀ ବୋଲି ସ୍ଥାନୀୟ ସାନ୍ତସାହିସ୍ଥିତ ଶ୍ରୀବଳଦେବଜୀଉ ମଣ୍ଡପରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ଆୟୋଜିତ ଦଳର ୨୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆହ୍ୱାନ ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥକ ଲୋକପ୍ରତିନିଧିମାନେ ଯୋଗଦେଇଥିଲେ। ଦୀର୍ଘ ୨୮ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଏହି ଦଳ ୨୪ବର୍ଷ ଓଡ଼ିଶାବାସୀଙ୍କୁ ସୁଶାସନ ଯୋଗାଇ ଦେଇ ରାଜ୍ୟର ବିକାଶ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପରିଷଦର ପ୍ରାକ୍ତନ ସଭାପତି ମାନସ ପରିଡ଼ା, ଧୀରେନ ସାହୁ, ଯୁବ ସଭାପତି ରାଜେଶ ଦାସ, ରବୀନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ଜେନା, ସେକ ଚନ୍ଦନ, ଆଲୋକ ସାହୁ, କାଳୀପ୍ରସାଦ ମିଶ୍ର, ରାଜେଶ କୁମାର ମହାନ୍ତି, ମୁକ୍ତାର ଖାଁ, ସୁରେନ୍ଦ୍ର କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଉର୍ମିଳା ମହାନ୍ତି, ପ୍ରିୟଦର୍ଶିନୀ ତରାଇ, ରଶ୍ମିରଞ୍ଜନ ରାଉତ, ହିରଣ୍ୟ କୁମାର ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଭୀମସେନ ଭୂୟାଁ, ପ୍ରତାପ ନାରାୟଣ ମହାପାତ୍ର, ଭକ୍ତିମୟୀ କର, ଦୁର୍ଗାପ୍ରସାଦ ପତି, ଅଶ୍ୱିନୀ ପାତ୍ର, ଅଜିତ କୁମାର ପରିଡ଼ା, ନାରାୟଣ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନୂଆ ବସଷ୍ଟାଣ୍ଡ, ମେଡିକାଲ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭା ଆରମ୍ଭରେ ସମାଜସେବୀ ରବୀନ୍ଦ୍ର ମୋହନ ସାହୁ, କୃତ୍ତିବାସ ରାଉତ, ଶିବପ୍ରସାଦ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନଗର ସଭାପତି ଯଯାତି କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ପଟ୍ଟାମୁଣ୍ଡାଇ:** ଓଡ଼ିଆ ସ୍ୱାଭିମାନର ପ୍ରତୀକ




ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଗଠିତ ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପାଇଁ ଲଢ଼େଇ ଜାରି ରଖିବ। କୌଣସି ଅପପ୍ରଚାର ବିଜେଡିର ଗତି ଓ ସ୍ଥିତିକୁ ବଦଳାଇ ପାରିବନାହିଁ। ଲୋକଙ୍କ ସେବା, ଓଡ଼ିଆ ସ୍ୱାଭିମାନ ଓ ଅଧିକାର ପାଇଁ ସଂଘର୍ଷ କରିବାକୁ ଆଜିର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମୀମାନେ ପ୍ରତିଜ୍ଞା ନେଇ କାର୍ଯ୍ୟ କଲେ ଆଗାମୀ ପଞ୍ଚାୟତ, ପୌର ଓ ସାଧାରଣ ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି ଶୁକ୍ରବାର ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସରେ ଦଳର ୨୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ଉପାଧକ୍ଷ ଗଣେଶ ଗୁଡ଼ିଆ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂ, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ରାଜନଗର ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଉଡିକଣ ସଂଗଠକ ପଞ୍ଚାନନ ଧଳ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ବରିଷ୍ଠ ନେତା ଯଦୁମଣି ଦାସ, ନିମାଇଁ କର, ଇଂ ସ୍ୱପ୍ନରଞ୍ଜନ ବେହେରା, ବ୍ଲକ ସାଧାରଣ ସମ୍ପାଦକ କଳାକାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ମିଥ୍ୟା ପ୍ରଚାରରେ ପ୍ରଭାବିତ ନ ହୋଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଥିଲେ। ସମାବେଶ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଧାୟକଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ବିଜୁ ପଟ୍ଟନାୟକ ଛକରୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଯୁବନେତା ବାବନ ସାହୁ, ଏମଡି ଫିରଦୋଷ, ଦିଲୀପ ସାହୁ ମଳୟ ମଲିକ, ବାପି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଡେରାବିଶ:** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପରେ ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବରିଷ୍ଠ ନେତା ହଳଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବରିଷ୍ଠ ନେତା ମହେନ୍ଦ୍ର ସିଂ, ପାଟକୁରା ବିଧାୟକଙ୍କ ଡେରାବିଶ ବ୍ଲକ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ଗରଦପୁର ବ୍ଲକ ଅଧକ୍ଷ ଅଭୟ ମହାରାଜ ଓ ବିଧାୟକଙ୍କ ମାର୍ଶାଘାଇ ବ୍ଲକ ପ୍ରତିନିଧି ସୁଧାଂଶୁ ଶେଖର ରାୟ ଯୋଗଦେଇ ଦଳ ଗତ ୨୮ ବର୍ଷରେ ରାଜ୍ୟବାସୀଙ୍କ ହିତ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ। ଏଥିସହ ବିଜେପି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ, ସୁଦୀପ୍ତ ସାମଲ, ଯୋଗାନନ୍ଦ ମହାନ୍ତି, ଦିଲୀପ ଦାସ, ସରଳରେଖା ସାହୁ, ଅଶ୍ୱିନୀ ମହାନ୍ତି, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଯଥାଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ରତାଦିଆ-ଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ଜୟନ୍ତ ଶତପଥୀ, ଗଗନ ଧଳ, ପ୍ରଶାନ୍ତ ସାମନ୍ତରାୟ, ସୁଶାନ୍ତ ବଳଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ। ଚୌଧୁରୀ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## କେଶରପୁର ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଳୀ ହାଇସ୍କୁଲ ଖେଳପଡ଼ିଆରେ ୧୭ ତାରିଖରୁ ଆରମ୍ଭ ହୋଇଥିବା ଆଞ୍ଚଳିକ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟି ସଭାପତି ଅଭୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ଯୋଗଦେଇ ପ୍ରଥମ ବର୍ଷ ୮ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଅଞ୍ଚଳର ଐତିହ୍ୟ, ପରମ୍ପରା, ଶିକ୍ଷା, ସଂସ୍କୃତିକୁ ଉଜ୍ଜୀବିତ କରିବାରେ ଯେଉଁ ପ୍ରଚେଷ୍ଟା କରାଯାଇଥିଲା ଭବିଷ୍ୟତରେ ଏହା ସୁଦୂରପ୍ରସାରୀ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଜୟ ମହାନ୍ତି, ଅନନ୍ତ ଗୋପାଳ ମହାନ୍ତି, ରଜତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ପ୍ରସାଦ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଉତ୍ତମ କୁମାର ସ୍ୱାଇଁ ଆସନ୍ତା ବର୍ଷ ଏହି ମହୋତ୍ସବକୁ ଏକ ଗଣପର୍ବରେ ପରିଣତ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ଘୋଡ଼ାନାଚ, ପାଲା ଓ ମେଲୋଡ଼ି ପରିବେଷଣ ହୋଇଥିଲା। କମିଟି ସଦସ୍ୟ ମଳୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରତାଦିଆ-ଖଣ୍ଡସାହି ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଶିଶିର କୁମାର ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲର ଡା. ଅନନ୍ୟା ମହାନ୍ତି, ଡା. ବିଶ୍ୱଜିତ ପଣ୍ଡା, ଡା. ଇନ୍ଦିରା ଦେଙ୍କ ସମେତ ଫିଜିଓଥେରାପି ବିଶେଷଜ୍ଞ, ସ୍ୱାସ୍ଥ୍ୟ ସେବିକାମାନେ ଯୋଗଦେଇ ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିବା ସହ ଔଷଧ ବିତରଣ କରିଥିଲେ। ଶ୍ରୀକାନ୍ତ ନାୟକ ଓ ସମାଜସେବୀ ସୁରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମ୍ୟରଞ୍ଜନ ଲେଙ୍କା, ଚନ୍ଦ୍ରଶେଖର ନନ୍ଦ ସହଯୋଗ କରିଥିଲେ।

## ଦୁମୁକାହାଟରେ ମିଲେଟ୍ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟଠାରେ ନୁରାନୀ କୃଷକ ଶକ୍ତି କୃଷି ଉତ୍ପାଦକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶାନ୍ତିମୈତ୍ରୀ ସହାୟତାରେ ବାସୁଦେବ ବିଶ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏକ ମାଣ୍ଡିଆ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ବିଡିଓ ନମିତା ବାରିକ, ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ହରପ୍ରିୟା ଦେବୀ, ମିଶନଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ବିଜୟଲକ୍ଷ୍ମୀ ବେହେରା, ଶ୍ରୀଅନ୍ନ ଅଭିଯାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସ୍ୱସ୍ତିକ ସୁନ୍ଦର ଜେନା, ଦିବ୍ୟଜ୍ୟୋତି ମଲ୍ଲ, ସୁବ୍ରତ ବେହେରା, ବୁରାନ ଖାଁ, ସୁବାସିନୀ ଭଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ଲେଙ୍କା, ବନମିତ୍ରା ରଥ, ଇଶରତ ଯାହାଁ ଓ ବିଷ୍ଣୁଦେବ ବେହେରା ସହଯୋଗ କରିଥିଲେ।


## ଆହତ ଗାଈର ଚିକିତ୍ସା କରାଇଲେ ଚନ୍ଦ୍ରକାନ୍ତ

**ମହାକାଳପଡ଼ା,୨୬ ।୧୨(ସମିସ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ମା' ଦରିଆ ରାମଚଣ୍ଡୀଙ୍କ ପୀଠ ନିକଟରେ ଆହତ ହୋଇ ପଡ଼ିଥିବା ଏକ ଗାଈର ଚିକିତ୍ସା କରାଇଛନ୍ତି ଯୁବନେତା ତଥା ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ। ଚନ୍ଦ୍ରକାନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ଦେବା ପରେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ଦୀପ୍ତିରଞ୍ଜନ ରାୟ ଟିମ୍ ସହ ପହଞ୍ଚି ଗାଈକୁ ସାଲାଇନ ଦେବା ସହ ଚିକିତ୍ସା କରିଥିଲେ। ଏହି ସେବା କାର୍ଯ୍ୟରେ ସ୍ଥାନୀୟ ଯୁବ କାର୍ଯ୍ୟକର୍ତ୍ତା ଶୁଭ ବେହେରା, ସୁନାକର ସେଠୀ, ରୋମିଓ ମହାନ୍ତି, ରାଜେଶ ଖିଲାର, ତୋଫାନ ମଣ୍ଡଳ, ଦୀପକ ବାରିକ, ସୁକାନ୍ତ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଆଳି,୨୬ ।୧୨(ସମିସ):** ପ୍ରାକ୍ତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଆଳିର ଗାନ୍ଧୀ ସହଦେବ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଦେବ ଦାସ ସେବାସଂସ୍ଥା ତରଫରୁ ନମୌଜାର ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୋବିନ୍ଦଚନ୍ଦ୍ର ନନ୍ଦ, ସମ୍ପାଦକ ରବୀନ୍ଦ୍ର ସୂତାର, କୋଷାଧ୍ୟକ୍ଷ ମଧୁସୂଦନ ଦାସଙ୍କ ସହ ସଦସ୍ୟ ବାମନ ଚରଣ ବେହେରା, ବୃନ୍ଦାବନ ପଣ୍ଡା, ଉଷାରାଣୀ ମଲ୍ଲିକ, ଦୁର୍ଗାପ୍ରସନ୍ନ ଜେନା, ମନୋଜା ମହାନ୍ତି, ଅମୂଲ୍ୟ ରାଉତ, ନିତ୍ୟାନନ୍ଦ କର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭାଇଚାରାର ସନ୍ଦେଶ ଦେଲେ ମାଙ୍କଡ଼ ଦଳ



**ମହାକାଳପଡ଼ା,୨୬ ।୧୨(ସମିସ):** ନଦୀକୂଳରେ ଗୋଟିଏ ମାଙ୍କଡ଼ ପାଣି ପିଇବା ସମୟରେ ତାକୁ କୁମ୍ଭୀର ଟାଣି ନେଇଥିଲା। ଏହି ସମୟରେ ମାଙ୍କଡ଼ଟି ଜୋର୍ ଜୋର୍ ଚିତ୍କାର କରିବାରୁ ନଦୀ ଆରପଟେ ଥିବା ମାଙ୍କଡ଼ ପଲ ସାଥୀ ମାଙ୍କଡ଼କୁ ଉଦ୍ଧାର

- ନଦୀ କୂଳରୁ ମାଙ୍କଡ଼କୁ ଝାମ୍ପିନେଲା କୁମ୍ଭୀର
- ଉଦ୍ଧାର ପାଇଁ ନଦୀକୁ ଡେଇଁଲେ ସବୁ ମାଙ୍କଡ଼

କରିବା ପାଇଁ ନଦୀ ଭିତରକୁ ଡେଇଁ ପଡ଼ିଥିଲେ। ଏମିତି ଘଟଣାକୁ ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ନିଜ ମୋବାଇଲରେ ରେକର୍ଡ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ପରିସରକୁ ଆସିଛି। ଦିନକୁ ଦିନ ଶ୍ରେଷ୍ଠ ପ୍ରାଣୀ ମଣିଷ ମଧ୍ୟରେ ଭାଇଚାରା ନଷ୍ଟ ହେଉଥିବା ବେଳେ ସାଥୀ ମାଙ୍କଡ଼କୁ ବଞ୍ଚାଇବା ପାଇଁ ମାଙ୍କଡ଼ ଦଳଙ୍କ ସମୂହ ପ୍ରୟାସ ମଣିଷ ସମାଜକୁ ଘଡ଼ିଏ ଭାବିବାକୁ ବାଧ କରିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ଖରିନାସି ଜଙ୍ଗଲ ପାଖରେ ମହାନଦୀର ଏକ ଶାଖା ନଦୀ ପ୍ରବାହିତ ହେଉଛି। ଏହି ନଦୀକୂଳରେ ଗୋଟିଏ ମାଙ୍କଡ଼ ପାଣି ପିଉଥିବା ବେଳେ ତାକୁ ଟାଣି ନେଇଥିଲା କୁମ୍ଭୀର। ମାଙ୍କଡ଼ର ଚିତ୍କାର ଶୁଣି ଅନ୍ୟ ମାଙ୍କଡ଼ମାନେ ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ଉତ୍ତି ନଦୀ ପାର ହୋଇ ତା' ନିକଟରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସାଥୀ ମାଙ୍କଡ଼କୁ ବଞ୍ଚାଇ ପାରିଲେନି ସିନା କିନ୍ତୁ ସେମାନେ କରିଥିବା ସାମୂହିକ ପ୍ରୟାସ ସମଗ୍ର ମାନବ ସମାଜ ପାଇଁ ଶିକ୍ଷଣୀୟ ହୋଇଛି।

**● ଚାନ୍ଦବାଲି ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନ୍ୟାୟ ଦାବି**

## ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ମହମବତି ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ,୨୬ ।୧୨(ସମିସ):** ଚାନ୍ଦବାଲି ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ବାଇପାସ ନିକଟ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଗୁରୁବାର ସନ୍ଧ୍ୟାରେ ବିକାଶ ପରିଷଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯିବା ସହ ମହମବତି ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଅସାମୀକୁ କଠୋର ଶାସ୍ତି ଦେବାକୁ ଦାବି କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ,




ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଦଳିତ ସଂଘ ପୂର୍ବତନ ସଭାପତି ବାରେଣୀ ସେଠୀ, ଉମାବଲ୍ଲଭ ନାୟକ, ଦଶରଥ ରାଉତ, ଇଂ ତପନ ପାତ୍ର, ନବକିଶୋର ପଣ୍ଡା, ଗୋବିନ୍ଦ ସେଠୀ, ରମେଶ ମାଝୀ, ରବୀନ୍ଦ୍ର ପାତ୍ର, ରାଜେନ୍ଦ୍ର ଦାଶ, ଦିଲୀପ ମଲିକ, କୁମରେଶ ନାୟକ, ପ୍ରଶାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ମଳୟ ମଲିକ, କୃପାସିନ୍ଧୁ ନାୟକ, ତପରଞ୍ଜନ ବେହେରା, ପ୍ରଭାତ ମଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ପାଇଁ ପ୍ରାର୍ଥନା କରିଥିଲେ।

## ବଳଦେବ ସେନା ପକ୍ଷରୁ ତୁଳସୀ ପୂଜନ

**କେନ୍ଦ୍ରାପଡ଼ା,୨୬ ।୧୨(ସମିସ):** ଭାରତୀୟ ସଂସ୍କୃତି ଓ ପରମ୍ପରା ସଦାକାଳ ମହାନ ଓ ସମୃଦ୍ଧ। କିନ୍ତୁ ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଫଳରେ ଆମ ନିଜସ୍ୱ ସଂସ୍କାର ଓ ପରମ୍ପରା ଅବହେଳିତ ହେଉଛି। ଏହି ପରିସ୍ଥିତିରେ ଆମ ସଭ୍ୟତାର ଗରିମା ଓ ମର୍ଯ୍ୟାଦାକୁ ଅତୁଟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହି ଉଦ୍ଦେଶ୍ୟରେ ଡିସେମ୍ବର ୨୫ ତାରିଖ "ତୁଳସୀ ପୂଜନ ଦିବସ' ଭାବେ ପାଳନ କରି ପ୍ରକୃତି, ପରିବେଶ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ସଚେତନତା ସୃଷ୍ଟି କରାଯାଇଛି। ଏହା ମାଧ୍ୟମରେ ଆଗାମୀ ପିଢ଼ିକୁ ଭାରତୀୟ ସଂସ୍କୃତିର ମୂଲ୍ୟ ଓ ମହତ୍ତ୍ୱ ବିଷୟରେ ଅବଗତ କରାଯିବା ସହ ପରମ୍ପରା ପ୍ରତି ଗର୍ବବୋଧ ଜାଗ୍ରତ କରିବାର ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଳଦେବ ସେନା ପକ୍ଷରୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ତୁଳସୀ ବଗିଚାରେ ତୁଳସୀ ପୂଜନ ଦିବସ ପାଳନ କରାଯାଇଛି। ସେନାର କର୍ମକର୍ତ୍ତାମାନେ ତୁଳସୀ ବୃକ୍ଷର ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ମୁଖପାତ୍ର ଜ୍ୟୋତିରଞ୍ଜନ ପତ୍ରୀ, ଶ୍ରୀକାନ୍ତ ଜେନା, ଅନିଶ ସୁତାର, କାର୍ତ୍ତିକ ବେହେରା, ଲକ୍ଷ୍ମୀଧର ସ୍ୱାଇଁ ଓ ଗୁଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**● ନଦୀବନ୍ଧ ନିର୍ମାଣରେ ଅନିୟମିତତା**

## କାର୍ଯ୍ୟ ବନ୍ଦକଲେ ଗ୍ରାମବାସୀ



**ଗୋବିନ୍ଦପୁର,୨୬ ।୧୨(ସମିସ):** ଆଳି ବ୍ଲକ ଧୋୟାଅଞ୍ଚଳର ଖରସ୍ରୋତା ନଦୀ ବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଜୁଆଣିଆ ସୁଇସ୍‌ଠାରୁ ମଧୁବନ ବିଶ୍ୱାଳ ସାହି ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ କରାଯାଉଛି। ୩ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ୩୪୦୦ ମିଟର ବନ୍ଧ ନିର୍ମାଣ ହେଉଛି। ଏହି କାର୍ଯ୍ୟ ଆରମ୍ଭରୁ ଅନିୟମିତତା ଯୋଗୁଁ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଛନ୍ତି।

ନିମ୍ନମାନର କାର୍ଯ୍ୟ ଯୋଗୁଁ ବନ୍ଧର ସ୍ଥାୟୀତ୍ୱ ନେଇ ଆଶଙ୍କା ଦେଖାଦେଇଛି। ଏହାର ତଦନ୍ତ କରିବାକୁ ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କାର୍ଯ୍ୟକୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପୌରାଞ୍ଚଳ ଘୋଷଣାରେ କେନ୍ଦ୍ରାପଡ଼ା ଜିଲ୍ଲା ଉପେକ୍ଷିତ

**ପଟ୍ଟାମୁଣ୍ଡାଇ,୨୬ ।୧୨(ସମିସ):** ରାଜ୍ୟର ନୂତନ ବିଜେପି ସରକାର ବିଭିନ୍ନ ଜିଲ୍ଲାରେ ନୂତନ ମ୍ୟୁନିସିପାଲିଟି ଓ ଏନଏସି ଘୋଷଣା କରିଛନ୍ତି। ଏଥିପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଓଡ଼ିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଏ କ୍ଷେତ୍ରରେ ଉପେକ୍ଷିତ ହୋଇଛି। ଜିଲ୍ଲାର ରାଜନଗର ଓ ମାର୍ଶାଘାଇକୁ ଏନଏସି ଘୋଷଣା ଦାବି ଓ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ଥିଲା। ମାତ୍ର ସରକାର ଏହାକୁ ଭୁଲି ଯାଇଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଏହାର ତୀବ୍ର ପ୍ରତିବାଦ କରିଛି। ରାଜ୍ୟ ସରକାର ତୁରନ୍ତ ରାଜନଗର ଓ ମାର୍ଶାଘାଇ ଅଞ୍ଚଳକୁ ଏନଏସି ଘୋଷଣା କରିବାକୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ରାଜନଗର ଶାଖା ସଭାପତି ଆଇନଜୀବୀ ସୁଶାନ୍ତ ଜେନା, ଉପସଭାପତି ବିଶ୍ୱନାଥ ବାରିକ, ଉପଦେଷ୍ଟା ଶ୍ରୀକାନ୍ତ ରାଉଳ, ପଟ୍ଟାମୁଣ୍ଡାଇ ଶାଖା ସଭାପତି ଆଇନଜୀବୀ ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ ଓ ମହାସଚିବ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

**ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ**

# ସେମିରେ ଗିରିଆ ଉଦୟ କ୍ଲବ

ରାଜକନିକା,୨୬ ।୧୨(ସମିସ)

ରାଜକନିକା ବ୍ଲକ ଡାଳିକାଏନ୍ଦାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ଆନୁକୂଲ୍ୟରେ ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ସରସ୍ୱତୀ ଖେଳପଡ଼ିଆରେ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ୍ ଆଳି ମା' ଖରାଖାଇ କ୍ଲବ ଓ ରାଜକନିକା ଗିରିଆ ଉଦୟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଉଦୟ କ୍ଲବ ୬ ଉଇକେଟରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖରାଖାଇ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଉଦୟ କ୍ଲବ ୧୮.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିନେଇଥିଲା। କନିକା ତହସିଲଦାର ଭାନୁମତୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହିଳା କ୍ରିକେଟର ପୂଜା ଦାସ ଉପସ୍ଥିତ ଥିଲେ। ଅପରାହ୍ନରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ଧାବିକା ଦୁତି ଚାନ୍ଦ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଖେଳକୁଦ ସମ୍ପାଦକ ଜ୍ୟୋତିର୍ମୟ ଦାସ, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ତଥା କନିକା ଭାସ୍କର, ଡାଳିକାଏନ୍ଦା ରତ୍ନ, ଡ. ହୟଗ୍ରୀବ ଗୁରୁ ସଭାପତିତ୍ୱ କରିଥିଲେ। କ୍ଲବ କୋଷାଧକ୍ଷ କୈଳାସ ଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ସାହୁ, ବିଦ୍ୟାଧର ବେହେରା, ପ୍ରମୋଦ ରାଉତ, ସରୋଜ ବେହେରା, ନିଗମାନନ୍ଦ ସାହୁ, ବସୁଦେବ ସ୍ୱାଇଁ, ସୌଭାଗ୍ୟ ନାୟକ, ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନିଗମାନନ୍ଦ ବେହେରା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିଲେ। ବିଜେତା ଦଳର ଆକାଶ ତ୍ରିପାଠୀ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଜନ୍ମେଜୟ ମାହୁନ୍ତ, ସୁଶାନ୍ତ ପାଣି, ସତ୍ୟବ୍ରତ ସ୍ୱାଇଁ, ଶକ୍ତିମୟ ବିଶ୍ୱାଳ, ଶାନ୍ତନୁ ସ୍ୱାଇଁ, ଉକମ ବେହେରା ସହଯୋଗ କରିଥିଲେ।



# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ପୂର୍ଣ୍ଣାଙ୍ଗ ଦିବସ

ନୀଳଗିରି,୨୬।୧୨,(ସମିସ)




ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତର ମାନଗଡ଼ ଛକରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଜୋନ୍ କମିଟି ତରଫରୁ ଶତବାର୍ଷିକୀ ପୂର୍ଣ୍ଣାଙ୍ଗ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସିପିଆଇ ନେତା କରୁଣାକର ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। କୃଷକ ନେତା କୈଳାସ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସିପିଆଇ ର ଜୋନ ସମ୍ପାଦକ ବିଜୟ କୁମାର ସ ନୀଳଗିରିର ସ୍ଥାନୀୟ ସମସ୍ୟା ପାଇଁ ସିପିଆଇ ଲଢ଼ୁଛି ଏବଂ ଆଗାମୀ ଦିନରେ ଏ ଲଢ଼େଇ ଜାରି ରହିବ ବୋଲି ଜଣାଇ ଥିଲେ। ଯୁବ ନେତୃତ୍ୱ ନିହାର ଜେନା ଯୁବକମାନଙ୍କୁ ସମବେତ କରି ଯୁବକ ମାନଙ୍କ ସମସ୍ୟା ଓ ବେକାରୀଙ୍କୁ ନିଯୁକ୍ତି ଅବା ଭତ୍ତା ପାଇଁ ଏକ ନୂତନ ପ୍ରଣାଳୀରେ ଆନ୍ଦୋଳନ କରା ଯିବା ନେଇ ଆଲୋଚନା କରିଥିଲେ। ସଭାରେ ପାଟପୁର ଶାଖା ସମ୍ପାଦକ ନିରଞ୍ଜନ ପଣ୍ଡିତ, ଶ୍ୟାମସୁନ୍ଦରପୁର ପ୍ରଭାକର ମହାପାତ୍ର, ପ୍ରତାପପଡ଼ା ସମ୍ପାଦକ ଦେବେନ୍ଦ୍ର ବେହେରା, ମହିଳା ସମ୍ପାଦିକା ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକଙ୍କ ସମେତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଯୋଗଦାନ କରିଥିଲେ।

# ନିମାତପୁରରେ ଭ୍ରାମ୍ୟମାଣ ଅଦାଲତ



ଭୋଗରାଇ,୨୬।୧୨(ସମିସ): ଭୋଗରାଇ ବ୍ଲକ୍ ନିମାତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଗରାଇ ଗ୍ରାମ୍ୟ ନିୟ୍ୟାଳୟର ନ୍ୟାୟାଧିକାରିଣୀ ମଧୁସ୍ମିତା ମହାପାତ୍ର ଯୋଗଦେଇ ମୋଟ ୭ଟି ମାମଲାରୁ ୨ଟି ଫଇସଲା ହୋଇଥିଲା। ସରକାରୀ ଓକିଲ ମୃତ୍ୟୁଞ୍ଜୟ ପ୍ରଧାନ, ଧନୁର୍ଜୟ ଦତ୍ତ, ପେସ୍କାର ଅବିନାଶ ସେନାପତି, ମହୁରୀ ଚନ୍ଦନ ନାୟକ, ଉମାକାନ୍ତ ପରିଡ଼ା, ନାଜର ଖାରବେଳ ପଟ୍ଟନାୟକ, ଜୟନ୍ତ କୁମାର ସିଂ ପ୍ରମୁଖ ଅଦାଲତର ବହୁ କର୍ମଚାରୀ ସହଯୋଗ କରିଥିଲେ। ଭ୍ରାମ୍ୟମାଣ ଅଦାଲତ ଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଦୁର୍ବଳ, ପଛୁଆବର୍ଗଙ୍କ ସହିତ ସାଧାରଣ ଲୋକ ନିଜ ଘରପାଖରେ ନ୍ୟାୟ ପାଇପାରୁଥିବାରୁ ସାଧାରଣରେ ଏହି ବ୍ୟବସ୍ଥାକୁ ପ୍ରଶଂସା ମିଳିଥିଲା।

# ଏଆଇ ପ୍ରସ୍ତୁତ ଭିଡିଓରେ ଗୀତ ଗାଇଲେ ଫକୀରମୋହନ

ବାଲେଶ୍ୱର,୨୬।୧୨(ସମିସ): ବର୍ତ୍ତମାନ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ସମୟ। କଳା, ସାହିତ୍ୟ, ଭାଷା, ଦାପ୍ତରିକ କାର୍ଯ୍ୟ ସବୁ କାମରେ ଏଆଇର ପ୍ରୟୋଗ ମଣିଷକୁ ଅନେକ କ୍ଷେତ୍ରରେ ସହାୟ ହେଉଛି। ଏହି ଏଆଇ ମାଧ୍ୟମରେ ଏବେ ଏବେ ଦିବଙ୍ଗତ ମହାପୁରୁଷଙ୍କ ଚଳମାନ ଭିଡିଓ ପ୍ରସ୍ତୁତ କରାଯାଇଛି। ଯାହା ମାଧ୍ୟମରେ ବ୍ୟାସକବି ଫକୀର ମୋହନ ସେନାପତି ଗୀତ ଗାଉଥିବାର ଦୃଶ୍ୟ ରହିଛି। ଭିଡିଓଟିରେ ଶିଳ୍ପୀ କେଶୁ ଦାସଙ୍କ ରଚିତ ବହୁ ପ୍ରଶଂସିତ ୬ ମିନିଟର ଏକ ସଂଗୀତ 'କେନେ କିସ ଜିଲ୍ଲାର ଛୁଆ ଆମେରେ'କୁ ୧୦ ସେକେଣ୍ଡରେ ସୁନ୍ଦର ଢଙ୍ଗରେ ଗାଉଛନ୍ତି ଫକୀରମୋହନ। ଏହି ଏଆଇ ପ୍ରସ୍ତୁତ ଭିଡିଓକୁ ଶିଳ୍ପୀ କେଶୁଦାସ ପ୍ରଯୋଜନା କରିଥିବା ବେଳେ ଯୁବ ଶିଳ୍ପୀ ଆୟୁଷ୍ମାନ ଯାଦବ ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି। ଓଡ଼ିଶାର ଦିବଙ୍ଗତ ମହାପୁରୁଷଙ୍କୁ ନେଇ ଏହା ପ୍ରଥମ ଏଆଇ ଭିଡ଼ିଓ ବୋଲି ଶିଳ୍ପୀ କେଶୁଦାସ ଦାବି କରିଛନ୍ତି। "କେନେ କିସ ଜିଲ୍ଲାର ଛୁଆ ଆମେରେ' ଗୀତଟି ସମ୍ପୂର୍ଣ୍ଣ ୬ ମିନିଟରେ ପ୍ରସ୍ତୁତ କରାଯିବ, ଯେଉଁଥିରେ ଟୀକାକାର ଶ୍ରୀଧର ସ୍ୱାମୀ, କବି ଦୀନକୃଷ୍ଣ ଦାସ, କଥା ସମ୍ରାଟ ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, କଥାଶିଳ୍ପୀ ମନୋଜ ଦାସ, ଐତିହାସିକ ମନ୍ମଥ ଦାସ, ଶାନ୍ତି ଦାସ, ଗୋଦାବରୀ ଦେବୀ ପ୍ରମୁଖ ଗୀତଟି ଗାଇବାର ଦୃଶ୍ୟାଙ୍କନ ରହିବ ବୋଲି ଶିଳ୍ପୀ କେଶୁ ଦାସ ଜଣାଇଛନ୍ତି।

# ସାରନା ଧରମ୍ ୟୁଥ୍ ବ୍ଲକ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଜଳେଶ୍ୱର ବ୍ଲକ,୨୬।୧୨(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଜଳେଶ୍ୱର ବ୍ଲକ୍ ରାଇବଣିଆ ଅଞ୍ଚଳର କାଳିକ ଗ୍ରାମପଞ୍ଚାୟତ ସାରନା ଧରମ୍ ୟୁଥ କ୍ଲବ, ଦୁଧିଆଖାଲି ପକ୍ଷରୁ ଆୟୋଜିତ ୨୫ତମ ଦୁଇଦିନିଆ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ମୋଟ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। କ୍ଲବର ସଭାପତି ଲୁଗୁ ବାସ୍କେ ଓ ସମ୍ପାଦକ ଲାଲୁ ହେମ୍ବ୍ରମଙ୍କ ନେତୃତ୍ୱରେ ସମସ୍ତ ସଭ୍ୟଙ୍କ ସହଯୋଗ ଆୟୋଜନକୁ ସଫଳ କରିଥିଲା। ଲକ୍ଷ୍ମଣ ହେମ୍ବ୍ରମ, ନାରାଣ ବାସ୍କେ ଓ ଚନ୍ଦନ ମୁର୍ମୁଙ୍କ ଅବଦାନ ବିଶେଷ ଭାବେ ଉଲ୍ଲେଖନୀୟ ଥିଲା। ଫାଇନାଲ୍ ମ୍ୟାଚ୍ ଗହିରାବନ୍ଧ ଏଫସି ଓ ଖାନାମୁରୀ ଏଫସି ମଧ୍ୟରେ ହୋଇଥିବା ଚୁଡାନ୍ତ ମୁକାବିଲାରେ, ଗହିରାବନ୍ଧ ଏଫସି ୧-୦ ଗୋଲରେ ବିଜୟ ହାସଲ କରି ଚାମ୍ପିଅନ୍ ହେବା ସହ ଟ୍ରଫି ଓ ୨୦ ହଜାର ଟଙ୍କା ପୁରସ୍କାର ଲାଭ କରିଥିଲା। ଉପବିଜେତା ଦଳ ଖାନାମୁରୀ ଏଫସି ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ।

# ଏକାଦଶାହରେ ଅନନ୍ତ ନାଗଙ୍କୁ ଶ୍ରଦ୍ଧାଞ୍ଜଳି



କାଳିପଦା,୨୬।୧୨(ସମିସ): ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନର ନେତା ତଥା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ଅନନ୍ତ କୁମାର ନାଗଙ୍କୁ ଆଜି ତାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏ ନେଇ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମାଜସେବୀ ସୁଦାମ ଚରଣ ତରାଇ ସଭାରେ ପୌରୋହିତ୍ୟ କରିଥିବାବେଳେ ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି ଚେୟାରମ୍ୟାନ ବିଜନ କୁମାର ନାୟକ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ପୂର୍ବତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ, ଜିଲ୍ଲା ପରିଷଦ ସଦସ୍ୟ ବାବାଜି ଦେହୁରୀ, ଚୌମୁଖ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା, ସରପଞ୍ଚ ଶାନ୍ତନୁ ମହାପାତ୍ର, କଂଗ୍ରେସ ନେତା ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଅନନ୍ତ ନାଗଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ପୁତ୍ର ତୀର୍ଥ ନାଗ ଓ ତାଙ୍କ ପରିବାର ପରିଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ଚନ୍ଦନେଶ୍ୱର,୨୬।୧୨ (ସମିସ): ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱରସ୍ଥିତ ବିଜୁ ଗୋଲେଇ ଠାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବିଜୁ ଜନତା ଦଳର ବ୍ଲକ୍ ସଭାପତି ରମାକାନ୍ତ କରଣ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ଜିଲ୍ଲା ଉପସଭାପତି ତପନ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ପାତ୍ର, ସରପଞ୍ଚ ଅରୁଣ ଗିରି, ସମିତି ସଭ୍ୟ ଗୋବିନ୍ଦ ଦାସ, ସମିତି ରାଧାଶ୍ୟାମ ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମ

ଶୁକୁଳି, ୨୬।୧୨(ସମିସ): ଗାଲୁସାହି ପଞ୍ଚାୟତ ଗାଲୁସାହି ଗ୍ରାମରେ ଏକଜୁଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସାମୁଦାୟିକ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣରେ ଉନ୍ନତି ଆଣିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁପୋଷଣ କିପରି ଦୂର କରିବା, ବାଲ୍ୟବିବାହକୁ ରୋକିବା ଏବଂ ସାମାଜିକ ଅନ୍ଧବିଶ୍ୱାସକୁ ଦୂର କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗାଲୁସାହି ପଞ୍ଚାୟତର ସମିତିସଭ୍ୟା କନକଲତା ନାଏକ, ଗ୍ରାମର ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପୋଷଣରେ କିପରି ଉନ୍ନତି ଆଣିପାରିବେ ସେ ବିଷୟରେ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଲୁସାହି ଗ୍ରାମର ମାଆମାନେ ମଧ୍ୟ ଗ୍ରାମରେ ହେଉଥିବା ପିଏଲ୍‌ଏ ବୈଠକଗୁଡ଼ିକ ନିଜ ନିଜର ଅନୁଭୂତି ଲୋକମାନଙ୍କୁ କହିଥିଲେ। ଏହି ସାମୁଦାୟିକ ବୈଠକକୁ ଏକଜୁଟ୍‌ର ପୋଷଣ ସାଥି ପ୍ରିୟଙ୍କା ମହାନ୍ତ, ହାରାମଣି ମହାନ୍ତ, ସସ୍ମିତା ପାତ୍ର ଗାଁ ଲୋକଙ୍କ ସହଯୋଗରେ ଆୟୋଜନ କରିଥିଲେ ଏବଂ ଏକଜୁଟ୍‌ର ସୁପରଭାଇଜର ଶରତ ମହାନ୍ତ ତାଙ୍କୁ ସହଯୋଗ କରିଥିଲେ।

# ପଣ୍ଡିତ ବିନାୟକ ତ୍ରିପାଠୀଙ୍କ ପରଲୋକ

ନୀଳଗିରି,୨୬।୧୨(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଯୋଧ୍ୟା ପଞ୍ଚାୟତ ବାଲିପାଳ ଶାସନର ପ୍ରତିଷ୍ଠିତ ବୈଦିକଶାସ୍ତ୍ରୀ, ସାହିତ୍ୟାଚାର୍ଯ୍ୟ ପଣ୍ଡିତ ବିନାୟକ ତ୍ରିପାଠୀଙ୍କ ୯୮ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ କାରଣରୁ ପରଲୋକ ହୋଇଯାଇଛି। ୧୯୨୮ ମସିହା ଅଗଷ୍ଟ ୮ ତାରିଖ ଜନ୍ମଗ୍ରହଣ କରି ଶିକ୍ଷକତା ଜୀବନ ଆପଣେଇ ନେଇଥିଲେ। ପ୍ରଥମେ ମୟୂରଭଞ୍ଜ ଜିଲ୍ଲା କୁଆମାରା ହାଇସ୍କୁଲରେ ଶିକ୍ଷକଜୀବନ ଆରମ୍ଭକରି ପରେ ବାଲେଶ୍ୱର ଜିଲ୍ଲାସ୍କୁଲ, ଔପଦା ହାଇସ୍କୁଲ, ଶୁକୁଳି ହାଇସ୍କୁଲ, ଏବଂ ଶେଷରେ ନୀଳଗିରି କୈଳାସଚନ୍ଦ୍ର ହାଇସ୍କୁଲରେ ଦୀର୍ଘବର୍ଷ ଶିକ୍ଷକତା କରି ୧୯୮୮ ମସିହାରେ ଅବସରଗ୍ରହଣ କରିଥିଲେ। ସଂସ୍କୃତ, ଇଂରାଜୀ, ସାହିତ୍ୟରେ ଅଗାଢ ପାଣ୍ଡିତ୍ୟଅର୍ଜନ କରିଥିବାରୁ ଏସମସ୍ତ ବିଷୟରେ ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ଅନୁଶାସନ ମାଧ୍ୟମରେ ପିଲାମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଭୂତି ଭୂଷଣ, ବଟକୃଷ୍ଣ, ନାତି କ୍ଷତିସ, ମନୋଜ, ବିଭାସ ,ବିକାଶ, ପୀୟୂଷ, ବ୍ରଜେଶଙ୍କ ସହିତ ନାତି ନାତୁଣୀ ଏବଂ ଚାରିଝିଅ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ପୁଅ ବିଭୂତି ଭୂଷଣ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# ଜନ୍ମମାଟିରେ ଫୁଲ ସୋରେନ୍‌ଙ୍କୁ ସମ୍ବର୍ଦ୍ଧନା



ରେମୁଣା,୨୬।୧୨(ସମିସ): ବିଶ୍ୱକପ୍ କ୍ରିକେଟ ଖେଳାଳି ଫୁଲ ସୋରେନଙ୍କୁ ଗାଁ ମାଟି ରେମୁଣା ଶାଳବଣିରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରେମୁଣା ବିଜେପି ରେମୁଣା ଗୋଲେଇ ଠାରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସ୍ୱାଗତ ଜଣାଇ ତାଙ୍କ ଜନ୍ମମାଟି ଶାଳବଣି ଗ୍ରାମକୁ ପାଛୋଟି ନିଆଯାଇଥିଲା। ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ସୁଶ୍ରୀ ଫୁଲ ସୋରେନ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

## ● ଡାକ୍ତରଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ

# ଉପଖଣ୍ଡ ହସ୍ପିଟାଲରେ ୧୦ରୁ ୧୧ ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ

ରାଇରଙ୍ଗପୁର, ୨୬।୧୨(ସମିସ): ଡାକ୍ତର ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବାବେଳେ ସରକାର ଅଣଦେଖା କରିବା ସହ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଶୁକ୍ରବାରଠାରୁ ଡାକ୍ତରମାନେ ସମୂହ ପ୍ରତିବାଦ ଆରମ୍ଭ କରିଛନ୍ତି। ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସକାଳ ୧୦ରୁ ୧୧ ପର୍ଯ୍ୟନ୍ତ ୧ ଘଣ୍ଟା ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଓମ୍‌ସା ଡାକରାକ୍ରମେ ଦାବି ପୂରଣ ନେଇ ଡାକ୍ତରମାନେ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ରୋଗୀ ସେବା ପ୍ରଭାବିତ ହୋଇଛି। ଉକ୍ତ ଆନ୍ଦୋଳନରେ ଶତାଧିକ ଡାକ୍ତର ସାମିଲ ହୋଇଛନ୍ତି। ରାଜ୍ୟରେ ଡାକ୍ତରଙ୍କ ଅଭାବ ସତ୍ତ୍ୱେ ନୂଆ ନିଯୁକ୍ତି ଓ ସ୍ଥାୟୀ ପଦ ସ୍ଥାପନ କରିବାରେ ସରକାର ଅସଫଳ ରହିଛନ୍ତି। ଏଥିସହିତ କାର୍ଯ୍ୟସ୍ଥଳରେ ସୁରକ୍ଷା ଅଭାବ, ବାରମ୍ବାର ହେଉଥିବା ହିଂସା, ଅତିରିକ୍ତ କାମ ଚାପ ଓ ଯଥୋଚିତ ଭତ୍ତା ନ ମିଳିବାକୁ ନେଇ ଡାକ୍ତରମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ଡାକ୍ତରଙ୍କ ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା, ସେବା ଓ ମର୍ଯ୍ୟାଦା ପ୍ରଦାନ କରିବାରେ ନିରବଦ୍ରଷ୍ଟା ସାଜିଛନ୍ତି।



**ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହେଉଛି ରୋଗୀ ସେବା**

ଉକ୍ତ ଧର୍ମଘଟ ଦୀର୍ଘଦିନ ଧରି ସରକାରୀ ଅବହେଳା ପାଇଁ କରାଯାଉଛି ବୋଲି ଓମ୍‌ସା ପକ୍ଷରୁ କୁହାଯାଇଛି। ଉକ୍ତ ଧର୍ମଘଟ ରୋଗୀଙ୍କ ବିରୋଧରେ ନୁହେଁ, ବରଂ ସ୍ୱାସ୍ଥ୍ୟସେବାର ଅସୁବିଧା ଓ ସରକାରୀ ଅବହେଳା ବିରୋଧରେ ଆନ୍ଦୋଳନ ବୋଲି ଆନ୍ଦୋଳନରତ ଡାକ୍ତର କହିଛନ୍ତି। ଦୈନିକ ଏକ ଘଣ୍ଟା ଓପିଡ଼ି ସେବା ବନ୍ଦ କରାଯାଉଛି। ଧର୍ମଘଟ ସମୟରେ ଜରୁରୀ ସେବା, ଆପାତ୍‌କାଳୀନ ବିଭାଗ, ମାତୃ ଓ ଶିଶୁ ସେବା ଓ ସମସ୍ତ ଜୀବନରକ୍ଷକ ସେବା ସମ୍ପୂର୍ଣ୍ଣ ଭାବେ ଜାରି ରହିବ ବୋଲି ଡାକ୍ତର କହିଛନ୍ତି। ଏ ପରିପ୍ରେକ୍ଷୀରେ ଡାକ୍ତରଙ୍କ ପକ୍ଷରୁ ୧୮ ସୂତ୍ରୀ ଦାବିପତ୍ର ବାମନଘାଟି ଉପଜିଲ୍ଲାପାଳ, ଏସଡିପିଓ, ରାଇରଙ୍ଗପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ଅବସରରେ ସଭାପତି ତଥା ଏସଡିଏମଓ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପସଭାପତି ଡା ପ୍ରମୋଦ କୁମାର ସାହୁ, ସମ୍ପାଦକ ଡା ସୌମେଶ ମହାନ୍ତ, ସହସମ୍ପାଦକ ଡା ଦେବେନ୍ଦ୍ର ନାଥ ଟୁଡୁ, କୋଷାଧ୍ୟକ୍ଷ ଡା. ମାନସି କିସ୍କୁ, ଡା. ରିତା ଟୁଡୁ, ଡା ଗୋବିନ୍ଦ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷ ଧରି ଫେରାର ଥିଲା କଏଦୀ

# କଏଦୀକୁ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପୁଲିସ

ରାଇରଙ୍ଗପୁର, ୨୬।୧୨(ସମିସ): ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଫେରାର ଥିଲା। ଦୀର୍ଘଦିନ ପରେ ପୁଲିସ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅରବନ୍ଧ ଗ୍ରାମରେ। ଫେରାର କଏଦୀ ଜଣକ ନଗେନ୍ଦ୍ରନାଥ ବେହେରା। ସେ ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଥିଲା।



୧୯୯୭ରେ ଉକ୍ତ ହତ୍ୟାକାଣ୍ଡ ମାମଲାର ଶୁଣାଣି ହୋଇଥିବାବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡ ପ୍ରଦାନ କରାଯାଇଥିବାରୁ ବାରିପଦାସ୍ଥ ମଣ୍ଡଳ କାରାଗାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ୯ ବର୍ଷ ସଜା କାଟିବା ପରେ ଫୋରଲୋ ସ୍ପେଶାଲ ଛୁଟିରେ ଘରକୁ ଯିବାକୁ ଆବେଦନ କରିଥିଲେ। ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ଆଲୋଚନା କରି ତାଙ୍କୁ ୧୦।୧।୨୦୦୬ରେ ସ୍ପେଶାଲ ଛୁଟିରେ ଘରକୁ ଛଡ଼ାଯାଇଥିଲା। ତାଙ୍କୁ ୨୪।୧।୨୦୦୬ ସୁଦ୍ଧା ଜେଲକୁ ପ୍ରତ୍ୟାବର୍ତ୍ତନ କରିବାର ଥିଲା। ସେ ଫେରି ନ ଥିଲେ କିମ୍ବା ତାଙ୍କର କୌଣସି ପତ୍ତା ମିଳି ନ ଥିଲା। କିଛିଦିନ ଖୋଜାଖୋଜି କରିବା ପରେ ପୁଲିସ ବି ଚୁପ ହୋଇରହିଯାଇଥିଲା। ତେବେ ଜେଲରୁ କଏଦୀ ପାରୋଲ୍ ଓ ସ୍ପେଶାଲ ଲିଭରେ ଯାଇ ଜେଲ୍‌କୁ ଫେରୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେଲ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଫେରାର କଏଦୀଙ୍କ ଘର ପାଖ ଥାନାରେ ଏତଲା ଦେବା ସହ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ବର୍ତ୍ତମାନର ବାରିପଦା ମଣ୍ଡଳ କାରାଗାରର ବରିଷ୍ଠ ଅଧିକ୍ଷକ ପାରୋଲ ଓ ଛୁଟିରେ ଫେରି ନ ଥିବା କଏଦୀଙ୍କ ଯାଞ୍ଚ ସମୟରେ ଉକ୍ତ ଘଟଣା ସମ୍ମୁଖକୁ ଆସିଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ମାମଲା ରୁଜୁ କରି ଉକ୍ତ କଏଦୀକୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ତାଙ୍କୁ ଘରୁ ଗିରଫ କରିଛି। ଏତେଦିନ ପରେ ପୁଲିସ କଏଦୀ ଜଣକୁ ଧରିବାରେ ସଫଳ ହୋଇଥିବାବେଳେ ରାଇରଙ୍ଗପୁର ଉପଖଣ୍ଡ ଜେଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

# ଜନଜାତି ମହିଳାଙ୍କ ଆୟ ବୃଦ୍ଧି ଓ ସଶକ୍ତରେ ଦୁର୍ଗାଦେବୀ ଏଫ୍‌ପିଓ ଅନନ୍ୟ

ବାରିପଦା,୨୬।୧୨(ସମିସ)

ଆଦିବାସୀ ଅଞ୍ଚଳର ଜନଜାତି ମହିଳାଙ୍କୁ ସୁସଂଗଠିତ କରି ସେମାନଙ୍କୁ ସ୍ୱାବଲମ୍ବୀ ତଥା ନୂଆ ପରିଚୟ ଦେଇଛି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଉଦଳାସ୍ଥିତ ମା' ଦୁର୍ଗାଦେବୀ କୃଷକ ଉତ୍ପାଦକ କମ୍ପାନୀ(ଏଫ୍‌ପିଓ)। ୨୦୧୬ରେ ୨୩୧୦ ଜଣଙ୍କୁ ନେଇ ଗଠିତ ଏହି ଉତ୍ପାଦକ କମ୍ପାନୀ ଉନ୍ନତିର ପଥରେ ଅଗ୍ରସର ହେଉଥିବା ସମ୍ପୂର୍ଣ୍ଣ ଜନଜାତି ମହିଳା କୈନ୍ଦ୍ରିକ। ଏହାର ଆର୍ଥିକ କାରବାର ବର୍ତ୍ତମାନ ୧ କୋଟି ୧୩ ଲକ୍ଷରେ ପହଞ୍ଚି ସାରିଲାଣି। ଏହି କମ୍ପାନୀର ପ୍ରମୁଖ କାର୍ଯ୍ୟକଳାପ ମଧ୍ୟରେ କୁକୁଡ଼ା ପାଳନ, ଛେଳି ପାଳନ, ମହୁ ଚାଷ, ଶାଳପତ୍ର ସଂଗ୍ରହ, ମେସିନ୍ ସାହାଯ୍ୟରେ ସିଲେଇ, ପ୍ଲେଟ୍ ପ୍ରସ୍ତୁତ ଇତ୍ୟାଦି ରହିଛି। ଏହି କମ୍ପାନୀ କେବଳ ସଦସ୍ୟଙ୍କ ଆୟ ବୃଦ୍ଧିରେ ନୁହେଁ ସେମାନଙ୍କୁ ସଶକ୍ତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ସହିତ ମହୁଲରୁ ପ୍ରସ୍ତୁତ ଚକୋଲେଟ୍, ଜୁସ୍, ବିସ୍କୁଟ ଇତ୍ୟାଦି ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ, ପ୍ରଶିକ୍ଷଣ, ତାଲିମ ଯୋଗାଇ ଦିଆଯାଇଛି। କ୍ଷମତା ନିର୍ମାଣ ଏବଂ ଭିତ୍ତିଭୂମି ବିକାଶ ପାଇଁ ନିରନ୍ତର ସହାୟତା ନାବାର୍ଡ ତରଫରୁ ମଧ୍ୟ ମିଳିଛି। ଏହି କମ୍ପାନୀର ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଏହାକୁ ସର୍ବଶ୍ରେଷ୍ଠ ଏଫ୍‌ପିଓ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କମ୍ପାନୀର ପ୍ରମୁଖ ସଫଳତା ମଧ୍ୟରେ ରହିଛି ବିଭିନ୍ନ ଆକାରରେ ଶାଳପତ୍ର ଥାଳି ପ୍ରସ୍ତୁତ ପାଇଁ ୨୦ଟି ସ୍ୱୟଂଚାଳିତ ମେସିନ, ସ୍ୱୟଂଚାଳିତ ଶାଳପତ୍ର ସିଲେଇ ମେସିନ୍, ଉଦଳା ନାମକ ନିଜସ୍ୱ ବ୍ରାଣ୍ଡକୁ ବିକଶିତ ସହିତ ମହୁ ପ୍ରକ୍ରିୟାକରଣ ୟୁନିଟ୍। ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି, ସାମାଜିକ ସମୃଦ୍ଧିର ଲକ୍ଷ୍ୟ ନେଇ ପ୍ରତିଦିନ ମହିଳାଙ୍କୁ ଶାଳପତ୍ର ପ୍ଲେଟ୍ ତିଆରି ଏବଂ ସିଲେଇ କାମରେ ନିୟୋଜିତ କରି ରୋଜଗାର ସୃଷ୍ଟି କରିବାର ମାଧ୍ୟମ ହୋଇପାରିଛି ଏହି କମ୍ପାନୀ। ଜାତୀୟ ବଜାର ସହିତ ମଧ୍ୟ ଯୋଗାଯୋଗ ଏହି କମ୍ପାନୀ ସହଯୋଗରେ ସମ୍ଭବ ହୋଇଛି। ସ୍ୱୟଂ ବିପଣନ ବ୍ୟବସ୍ଥା ମାଧ୍ୟମରେ ଭାରତର ଜନଜାତି ସମୁଦାୟ ମଧ୍ୟରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ମହିଳା ଏଫ୍‌ପିଓ ଭାବେ ଏହା ପରିଚୟ ହାସଲ କରିଛି।

ଜୀବନଶୈଳୀରେ ପରିବର୍ତ୍ତନ ତଥା ସେମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି କମ୍ପାନୀ ଅନେକ ସମସ୍ୟା ଯେପରିକି ବଜାର ତଥ୍ୟର ଅଭାବୀକରଣ, ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ ଇତ୍ୟାଦି। ଏହିସବୁ ସମସ୍ୟାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ, ଆଧୁନିକ ଜ୍ଞାନକୌଶଳ ଜନିତ କର୍ମଶାଳା ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଏଭଳି ଅଭିନବ ଉଦ୍ୟମ ଦ୍ୱାରା ଜନଜାତି ମହିଳା ସମ୍ପ୍ରଦାୟ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବାରେ ସଫଳ ହୋଇଛି ଏହି ସଂଗଠନ। ଏହା ଫଳରେ ଅନେକ ମହିଳା ଅଂଶୀଦାରଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବା ସହିତ ସ୍ଥାୟୀ ଜୀବିକା ସୁନିଶ୍ଚିତ ହୋଇପାରିଛି। ଆଗାମୀ ଦିନଗୁଡ଼ିକରେ ଅଧିକ ମହିଳାଙ୍କୁ ନିଯୁକ୍ତ କରିବା, ନିଜସ୍ୱ ବ୍ରାଣ୍ଡ ଅଧୀନରେ ଉତ୍ପାଦନ ବୃଦ୍ଧି କରିବା, ଜାତୀୟ ବଜାରରେ ନିଜ ସ୍ଥାନ ସୁଦୃଢ଼ କରିବା ସହିତ ସମୃଦ୍ଧ କୃଷି ଏବଂ ବ୍ୟବସାୟ ମାଧ୍ୟମରେ ଜନଜାତି ମହିଳାଙ୍କ ରୋଜଗାର ଦ୍ୱିଗୁଣିତ କରିବାର ସୂଚନା ମିଳିଛି।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

# ସବୁବେଳେ ସାଧାରଣ ଲୋକଙ୍କ ସାଥିରେ ରହିଆସିଛି ବିଜେଡି






ଜଗତସିଂହପୁର,୨୬।୧୨(ସମିସ)

ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ୨୯ତମ ପ୍ରତିଷ୍ଠା ଦିବସ ଖେରସ ପଡ଼ିଆରେ ପାଳିତ ହୋଇଯାଇଛି। ଦଳର ଜିଲ୍ଲା ଉପସଭାପତି ଦୀପ୍ତି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜିବୀ ବିଶ୍ୱାଳ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ବିଜେଡି ସରକାର ଯାହା କହୁଥିଲା ତାହାକୁ କାର୍ଯ୍ୟରେ କରି ଦେଖାଉଥିଲା। ବର୍ତ୍ତମାନର ସରକାର କେବଳ ଭାଷଣରେ ଚାଲିଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ଏଥିରେ ଯୋଗଦେଇ ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେବା ସହିତ ବିଜେଡି ସବୁବେଳେ ସାଧାରଣ ଲୋକଙ୍କ ସାଥିରେ ରହିଆସିଛି ବୋଲି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ରଞ୍ଜନ ବେହେରା, ସୁଜିତ ପୁହାଣ, ଦିଲ୍ଲିପ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତ ରଂଜନ ରାଉଳ, ବିବେକାନନ୍ଦ ବେହେରା, ମୃତ୍ୟୁଞ୍ଜୟ ସ୍ୱାଇଁ, ମମତା ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ ଲେଙ୍କା, କାଳନ୍ଦୀ ପତି, ଆଲୋକ ଖୁଣ୍ଟିଆ, ପ୍ରଶାନ୍ତ ମଲିକ, ଅଦ୍ୱୈତ ମହାନ୍ତି, ପ୍ରିୟବ୍ରତ ମହାପାତ୍ର, ସମ୍ବିତ ମହାନ୍ତି, ପ୍ରଶାନ୍ତ ବେହେରା, ପ୍ରଭାତୀ ମହାନ୍ତି, ମନୋଜ ମହାନ୍ତି ଓ ସମସ୍ତ ଦଳୀୟ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତର ସଭାପତି ଓ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ।

**ରଘୁନାଥପୁର:** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆଠାରେ ପାଳିତ ହୋଇଯାଇଛି। ଏଥିରେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ନେତା ଅନ୍ତର୍ଯ୍ୟାମୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବିରିଡି ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ରଘୁନାଥପୁର ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦି, ରାଜ୍ୟ ବିଜେଡି ସଂପାଦକ ଡ. ସୁରେନ୍ଦ୍ରନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ଦିପ୍ତିମୟୀ ରାୟ, ରଞ୍ଜିତା ସିଂ, ସରପଞ୍ଚ କିଶୋର ବେହେରା, ରୀନା ସ୍ୱାଇଁ, ବଟକୃଷ୍ଣ ନାୟକ, ସୁଷମା ମଲ୍ଲିକ, ବନମାଳୀ ସାହୁ, ସାହେଦା ତବସୁମା, ପ୍ରଭାସିନୀ ପ୍ରଧାନ, ଧର୍ମାନନ୍ଦ ସେଠୀ, ଶିବରାମ ସାହୁ, ସମିତିସଭ୍ୟ ବିଶ୍ୱଜିତ ଦାଶ, ସ୍ୱଦେଶ ଦାସ, ମୀତାଞ୍ଜଳି ପଣ୍ଡା, ପ୍ରମିଳା ବେହେରା, ସରସ୍ୱତୀ ହେମ୍ବ୍ରମ, ସୁରେଶ ଚନ୍ଦ୍ର ରାଉତ, ବିଜନ ମହାପାତ୍ର, ରଶ୍ମିତ୍ ଖାଁ, ଅଜୟ ସାମଲ ପ୍ରମୁଖ ଯୋଗ ଦେଇଥିଲେ।




**ଏରସମା:** ଏରସମା ବ୍ଲକ ଅନ୍ତର୍ଗତ ପଦ୍ମା ପଞ୍ଚାୟତସ୍ଥିତ ଚମ୍ପାହାଟ ଡିହସାହି ହାଟ ପଡିଆରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗୋଛ୍ରା। ଯତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନ ସମାବେଶରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉପସ୍ଥିତ ହୋଇ ବିଜେପି ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିକୁ କଡ଼ା ସମାଲୋଚନା କରିଥିଲେ। ଏଥିରେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡା, ବାଲିକୁଦା ବିଜେଡି ସଭାପତି ରତ୍ନାକର ନାୟକ, ଏରସମା ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାନୀ ଟୁଡୁ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥୀ ରାଉତ, ବିଜେଡି ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବାଲିକୁଦା ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ରୁନିଲତା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ପାରାଦୀପ:** ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ନୂଆବଜାର ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଥମେ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ମାଲ୍ୟାର୍ପଣ ହୋଇଥିଲା। ଏଥିରେ ପାରାଦୀପ ନଗର ବିଜେଡିର ବରିଷ୍ଠ ନେତାଙ୍କ ସମେତ ପୌର ଉପାଧ୍ୟକ୍ଷା, ପାରିଷଦ ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ଦିନ ୧୦ଟା ସମୟରେ ଦଳୀୟ କାର୍ଯ୍ୟାଳୟରେ କୁମରବର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ବରିଷ୍ଠ ନେତା ସନ୍ତୋଷ ପଟ୍ଟନାୟକ କହିଥିଲେ। ପାରାଦୀପ ବିଜେଡି ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ରାଉତରାୟ ଓ ମୋନିଦିପା ସର୍ଖେଲ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ସୁଶୀଲ ମହାପାତ୍ର, ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଓ ମାନସ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସମାରୋହରେ ଜ୍ୟୋତିକାନ୍ତ ପରିଡା, ରଶ୍ମି ରଞ୍ଜନ ପରିଡା, ଲପନ ପରିଡା, ରମାକାନ୍ତ ସ୍ୱାଇଁ, ଚିନ୍ମୟ ରଞ୍ଜନ ପରିଡା, ଚିତ୍ତରଞ୍ଜନ ପରିଡା ଓ ପାରିଷଦ ମନୋଜ ନାୟକ, ବହୁ ଦଳୀୟ ନେତାମାନଙ୍କ ସମେତ ମହିଳା, ଯୁବ ଓ ଛାତ୍ରମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

**ପାରାଦୀପ:** ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାରାଦୀପ ନଗର ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ ଟା ସମୟରେ ଅଠରବାଙ୍କି ବିଜୁପାର୍କ ଠାରେ ପାରାଦୀପ ବନ୍ଦରର ସ୍ରଷ୍ଟା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଶୁମନ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଡା. କୁଳମଣି ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରିଷଦ ଅଜିତ ଷଡ଼ଙ୍ଗୀ, କେ.ଜଗନ୍ନାଥ ରାଓ, ନବକୁମାର ବେହେରା, ସୁଶାନ୍ତ ଦାସ, ସରୋଜିନୀ ସାହୁ, ସ୍ୱପ୍ନାରାଣୀ ଜେନା, କବିତା ସାହୁ, ସୌଦାମିନୀ ସାହୁ, ରୁନି ପରିଡ଼ା, ଭାସ୍କର ସାହୁ, ବିଜେଡି ନେତା ଶଙ୍କର ପ୍ରସାଦ ରାଉତ, ଆଲୋକ ମହାପାତ୍ର, ନଗେନ ରାଉତ, ଅଜୟ ନାୟକ, ଗୋଲେଖ ସାହୁ, ବିଭୂତି ମହାରଣା, ମହିଳା ନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ଭାରତୀ ସାମନ୍ତରାୟ, ରେଖା ପରିଜା ସମେତ ଦଳର ମହିଳା ଓ ଯୁବ ଛାତ୍ର ଶାଖାର କର୍ମୀ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

## ଚୋରି ଘଟଣାରେ ୪ ଗିରଫ

ପାରାଦୀପ,୨୬।୧୨(ସମିସ): ଲକଥାନା ଅଧୀନ ନିମିଡି ଗ୍ରାମରୁ ସଞ୍ଜୟ କୁମାର ମଲ୍ଲିକଙ୍କ ଘରୁ ଗତ ୨୩ ତାରିଖ ରାତିରେ କିଛି ଗାଧୁଆ ଘରର ପାଇପ୍/ ଟ୍ୟାପ ସାମଗ୍ରୀ ଚୋରି ହୋଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ଘଟଣାର ତଦନ୍ତ କରି ନିମିଡି ଗ୍ରାମର ପପୁନ ବାରିକ, ସନାତନ ମହାପାତ୍ର ଓ ଲୋକନାଥ ରାଉତକୁ ଗିରଫ କରିଥିଲା। ଉକ୍ତ ଚୋରି ସାମଗ୍ରୀକୁ ଅଭିଯୁକ୍ତ ମାନେ ବିଶ୍ୱାଳିର ବ୍ରଜ କିଶୋର ସିଂଙ୍କ କବାଡ଼ିଆ ଦୋକାନରେ ବିକ୍ରି କରିଦେଇଥିଲେ। ସେହି କବାଡ଼ିଆ ଦୋକାନରୁ ସମସ୍ତ ଚୋରି ସାମଗ୍ରୀକୁ ଜବତ କରାଯାଇଛି। ତେବେ ଏହି କବାଡ଼ିଆ ମାଲିକକୁ ମିଶାଇ ୪ ଜଣଙ୍କୁ ଆଜି ଏହି ଚୋରୀ ଘଟଣାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ମୋବାଇଲ୍ ବିକ୍ରି ବେଳେ ଚୋର ଗିରଫ

ପାରାଦୀପ,୨୬।୧୨(ସମିସ): ଏକ ଚୋରି ରିଏଲ ମି କମ୍ପାନୀର ମୋବାଇଲ ଟ୍ୟାବ୍ଲେଟକୁ ନିମିଡିର ପ୍ରଭାସ ପ୍ରଧାନ ଓରଫ ଆନନ୍ଦ ବିକ୍ରି କରିବା ପାଇଁ ପ୍ରୟାସ କରିଥିବା ପୁଲିସ ଖବର ପାଇ ମାଡି ବସିଥିଲା। ତେବେ ତା' ନିକଟରୁ ଉକ୍ତ ଚୋରି ଟ୍ୟାବ୍ଲେଟଟିକୁ ପୁଲିସ ଉଦ୍ଧାର କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ତେବେ ଏହି ଟ୍ୟାବ୍ଲେଟଟି କାହାର ଓ ସେ କେଉଁଠାରୁ ଚୋରି କରିଛି, ସେ ସମ୍ପର୍କରେ ଖବର ମିଳି ନଥିଲେ ମଧ୍ୟ ସେ ଟ୍ୟାବ୍ଲେଟରେ ବ୍ୟବହାର କରାଯାଉଥିବା ସିମ୍ ଓ ତାର ଆଇଏମ ନମ୍ବରରୁ ମୋବାଇଲ ମାଲିକାନା ବାହାର କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଅଭିଯୁକ୍ତ ଚଳିତ ମାସରେ ମଧ୍ୟ ଏହି ସମାନ ମାମଲାରେ କୋର୍ଟଚାଲାଣ ହୋଇଥିଲା।

## ଗଞ୍ଜେଇ ଜବତ; ଜଣେ ଗିରଫ

ପାରାଦୀପ,୨୬।୧୨(ସମିସ): ପାରାଦୀପ ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ମଧୁବନ, ଜଗନ୍ନାଥ କଲୋନୀ ନିକଟ ବଙ୍ଗାଳି ପଡାରେ ଚଢ଼ଉ କରି ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଛି। ସେ ହେଲା ଝଡେଶ୍ୱର୍ କରନ। ତା' ନିକଟରୁ ୧.୨୫୦ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ତେବେ ପାରାଦୀପ ରେଞ୍ଜର ଅବକାରୀ ନିରୀକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ଗୟାଧର ସେଠୀ, ମନୋରଞ୍ଜନ ଦାସ, ନବଘନ ମାରାଣ୍ଡି ଓ ସଂତୋଷୀ ସାହୁ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉତ୍ସବ

ନାଉଁଗା,୨୬।୧୨(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଂଶଠାରେ ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି ଓ ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ର, ନାଉଗାଁର ସଂଯୋଜକ ଅକ୍ଷୟ କୁମାର ରାଉତ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ମାଆମାନେ ଓ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାକେନ୍ଦ୍ରର ସଂପାଦିକା ବୈଜୟନ୍ତୀ ମାଳୀ ସ୍ୱାଇଁ ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତିରାଣୀ ଦାସ, ଲିପିକା ଲେଙ୍କା, ଲିପିକା ଗୋଛାୟତ, ମନୋରମା ଲେଙ୍କା, ଜୟନ୍ତୀ ମାଳା ସ୍ୱାଇଁ, ଅମୀର ସ୍ୱାଇଁ ଓ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ଶିକ୍ଷାଶ୍ରମରେ ବାର୍ଷିକ ଉତ୍ସବ ପାଳିଲା ଗ୍ୟାରେଜ ମାଲିକ ସଙ୍ଘ

ପାରାଦୀପ,୨୬।୧୨(ସମିସ): ନିଆରା ଢଙ୍ଗରେ ବାର୍ଷିକ ଉତ୍ସବ ପାଳନ କରିଛନ୍ତି ପାରାଦୀପ ଦୁଇଚକିଆ ଗ୍ୟାରେଜ ମାଲିକ ସଙ୍ଘ। ଚଳିତ ବର୍ଷର ବାର୍ଷିକ ଉତ୍ସବରେ କୁନିକୁନି ପିଲାମାନଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରିଛନ୍ତି ଏହି ସଙ୍ଘର ସଦସ୍ୟ ମାନେ। ବଡ଼ଦିନ ଅବସରରେ ପାରାଦୀପ ଗଡ଼ରେ ରହିଥିବା ଶ୍ରୀଲୋକନାଥ ଶିକ୍ଷାଶ୍ରମରେ କୁନି ବୟସରେ ବାପା ମା' ଓ ପରିବାର ଠାରୁ ଦୂରରେ ରହି ଶିକ୍ଷାଦାନ କରୁଥିବା ଅନ୍ତେବାସୀମାନଙ୍କ ସହିତ କିଛି ସମୟ ବିତାଇବା ସହିତ କୁନି କୁନି ପିଲା ମାନଙ୍କୁ ଚକୋଲେଟ, ଫଳ ଖୁଆଇବା ସହିତ ଏହି ଶିକ୍ଷାଶ୍ରମକୁ ଆର୍ଥିକ ସାହାଯ୍ୟର ହାତ ବଢ଼ାଇଛନ୍ତି। ପାରାଦୀପର ବିଭିନ୍ନ ସ୍ଥାନରେ ଗ୍ୟାରେଜ କରିଥିବା ଏହି ଗ୍ୟାରେଜ ମାଲିକ ମାନଙ୍କ ଭାଇଚାରା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

● ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ପାରାମାଉଣ୍ଟ

ଜଗତସିଂହପୁର,୨୬।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ମହାଦେବ କ୍ରିକେଟ୍ କ୍ଲବ ପୁରୀ ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଟସ୍ ଜିତି ମହାଦେବ କ୍ରିକେଟ୍ କ୍ଲବ ପୁରୀ ବୋଲିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୮ ୱିକେଟ୍ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ୧୫୦ ରନର ପିଛା କରି ମହଦେବ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପାରାମାଉଣ୍ଟ ବିଜୟ ଲାଭ କରିବା ସହିତ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେର ଓ ସୁମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ମୁଖ୍ୟଅତିଥି ଭବେ ଉପ କୋଷାଧ୍ୟକ୍ଷ ସନ୍ତୋଷ ବାରିକ,ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ରୋହିତ ସାଗରଙ୍କୁ ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ବାରିକଙ୍କ ତତ୍ତ୍ୱାବଧାନରେ ଏବଂ ସ୍କୋରିଂ ଆଶୁ ତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁ ଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ତିର୍ତ୍ତୋଲ,୨୬।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ନାଉଶିରା ଗ୍ରାମ ପଡିଆରେ ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣସମେଣ୍ଟର ଆଜି ଅନୁଷ୍ଠିତ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଜଇପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୮ ୱିକେଟ ହରାଇ ୨୨ ରନ ସଂଗ୍ରହ କରିଥିଲା। ଜବାବରେ ପୁରୁଣା ବସନ୍ତ କ୍ରିକେଟ ଟିମ୍ ପ୍ରଥମ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ତିର୍ତ୍ତୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ ୱିକେଟ ହରାଇ ୨୭ ରନ ସଂଗ୍ରହ କରିଥିଲା। ଜବାବରେ ପିପଳ ମାଧବ ଟିମ୍ ୨ ଓଭରରେ ଦୁଇ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ବିଜେତା ଦଳ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବାବା ଆଖଣ୍ଡଳମଣୀ କ୍ରିକେଟ କ୍ଲବ ନାଉସିରାର ଅଭିଷେକ, ଆଦର୍ଶ, ଆଶୁତୋଷ, ରାଜୀବ ଲୋଚନ, ତ୍ରିଲୋଚନ, ଅନିଲ, ମନୋଜ ସାଇ, କାହ୍ନା, ଅମିତ୍, ସୁନିଲ ପ୍ରମୁଖ ପରିଚାଳନା କରିଥିଲେ।

୨ରୁ ଶାରଳା ନାଟକ ଉତ୍ସବ

## ୯ ଜଣ ବିଶିଷ୍ଟ ବ୍ୟକ୍ତି ପାଇବେ 'ପ୍ରଥମା ସମ୍ମାନ'

ଜଗତସିଂହପୁର,୨୬।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଗଠିତ "ପ୍ରଥମା ଫାଉଣ୍ଡେସନ୍' ଆସନ୍ତା ଜାନୁଆରୀ ୨ରୁ ୪ ତାରିଖ ତିନି ଦିନ ଧରି ଦ୍ୱିତୀୟ ରାଜ୍ୟସ୍ତରୀୟ "ଶାରଳା ନାଟକ ଉତ୍ସବ-୨୦୨୬' ଜଗତସିଂହପୁର ସହରର ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ କାହାଣୀ "ମାଗୁଣିର ଶଗଡ଼' ପରିବେଷଣ କରିବେ। ଦ୍ୱିତୀୟ ଦିନ ଭୁବନେଶ୍ୱରର "ଜୀବନରେଖା ଥିଏଟର' ପରିବେଷଣ କରିବେ ନାଟକ "କମଳା'। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ନାଟକ "ସଂପର୍କ' ମଞ୍ଚସ୍ଥ ହେବ। ଚଳିତ ବର୍ଷ ମଧ୍ୟ ପ୍ରତ୍ୟେକ ସନ୍ଧ୍ୟାକୁ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ନାମରେ ଉତ୍ସର୍ଗ କରାଯାଇଛି। ପ୍ରଥମ ସନ୍ଧ୍ୟାକୁ ପ୍ରଖ୍ୟାତ ନାଟ୍ୟକାର ଓ ନିର୍ଦ୍ଦେଶକ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ଦ୍ୱିତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀ ଏବଂ ତୃତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସମ୍ମାନ ଜନକ "କୃପାସିନ୍ଧୁ ମହାନ୍ତି ନାଟ୍ୟ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଓଡ଼ିଶାର ମଞ୍ଚ ନାଟକର ଦୀର୍ଘ ଯାତ୍ରାରେ ସହଯାତ୍ରୀ ୯ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ "ପ୍ରଥାମ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ସିଦ୍ଧି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଜାନୁଆରୀ ୪ ତାରିଖ ଦିନ ୧୧ଟାରେ "ଯୁବ ବର୍ଗ ଓ ନାଟକ' ବିଷୟବସ୍ତୁ ଉପରେ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଅତିଥି ଆଲୋଚକ ଭାବେ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ ଯୋଗଦେବେ। ଜାନୁଆରୀ ୨ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ରହି ଦ୍ୱିତୀୟ ରାଜ୍ୟସ୍ତରୀୟ "ଶାରଳା ନାଟକ ଉତ୍ସବ'କୁ ଉଦ୍‌ଘାଟନ କରିବେ ବୋଲି ଜଗତସିଂହପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏହି ସାମ୍ବାଦିକ ସମ୍ମିଳନୀରେ ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ଅନୁଷ୍ଠାନର ସାଂଗଠନିକ ସଂପାଦକ ସତ୍ୟବ୍ରତ ବିଶ୍ୱାଳ, କଳା ସଂପାଦକ ଅଜୟ ଗୋଛାୟତ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ବିଧାନ ନାୟକ, ସହ କୋଷାଧ୍ୟକ୍ଷ ସୁଦୀପ୍ତ ପରିଡ଼ା, ପତ୍ରିକା ସମ୍ପାଦକ ତୁଷାର ମହାନ୍ତି, ସଦସ୍ୟ ଆଇନଜୀବୀ ନରେଶ ଦାସ, ବିଜୟ କୁମାର ରାଉତ, ସଞ୍ଜୀବ ବରାଳ, ସରୋଜ ଦ୍ୱିବେଦୀ ଓ ଉତ୍ସବର ସଂପାଦକ ସୋମନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ସୂଚନା ପ୍ରଦାନ କରିଥିଲେ।

## ସତ୍ୟପ୍ରକାଶ ଏବିଭିପି ପୂର୍ବ ପ୍ରାନ୍ତ ଏସ୍‌ଏଫ୍‌ଡି ସହସଂଯୋଜକ



ଜଗତସିଂହପୁର,୨୬।୧୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ୫୦ତମ ଅଧିବେଶନ ଭଦ୍ରକ ଜିଲ୍ଲାର ଗାନ୍ଧୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ ଛାତ୍ରନେତାଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜଗତସିଂହପୁର ଜିଲ୍ଲାର ଟାଣୁଆ ଛାତ୍ରନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କୁ ଚଳିତ ବର୍ଷ ନିମନ୍ତେ ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ଏସ୍‌ଏଫ୍‌ଡି ସହସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ସତ୍ୟଙ୍କୁ ଏହି ଦାୟିତ୍ୱ ମିଳିବା ପରେ ଜଗତସିଂହପୁର ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲା ଏବିଭିପିର ପୂର୍ବତନ ଉପସଭାପତି ଶଶାଙ୍କ ଶେଖର ପଣ୍ଡା ଏବଂ ସାଧାରଣ ସମ୍ପାଦକ ସଂଗ୍ରାମ ସ୍ୱାଇଁ ସତ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ନେତୃତ୍ୱରେ ବିଦ୍ୟାର୍ଥୀ ପରିଷଦ ଜିଲ୍ଲା ତଥା ପୂର୍ବ ପ୍ରାନ୍ତରେ ଅଧିକ କ୍ରିୟାଶୀଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଟାଟାପାୱାର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବିକ୍ଷୋଭ




ଜଗତସିଂହପୁର,୨୬।୧୨(ସମିସ): ଟାଟାପାୱାର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଏବଂ ଶୋଷଣ ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ଟାଉନ ହଲ ଠାରୁ ଏକ ଶୋଭାଯାତ୍ରରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସର ଶତାଧିକ ବରିଷ୍ଠ, ମହିଳା ଓ ଯୁବ-ଛାତ୍ର କର୍ମୀଙ୍କ ସହିତ ସାଧାରଣ ଜନତା ଏଥିରେ ଯୋଗ ଦେଇଥିଲେ। ଆଜି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଓପିସିସି ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଦିପ୍ତୀରାଣୀ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ଅନସୂୟା ପ୍ରଧାନ, ମନୋରମା ଖଟୁଆ, ରୂପଶ୍ରୀ ରାଗିଣୀ ଦାଶ, ସ୍ନିଗ୍ଧାରାଣୀ ଦାସ, ପୂର୍ବତନ ବ୍ଲକ ମହିଳା କଂଗ୍ରେସ ସଭାପତି ସୁଚିସ୍ମିତା ପଣ୍ଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ନରୁଆ ଛକରେ ରାସ୍ତା ଅବରୋଧ

ତିର୍ତ୍ତୋଲ,୨୬।୧୨(ସମିସ): ଟିପିସିଓଡିଏଲ କମ୍ପାନୀର ଶୋଷଣ ବିରୋଧରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଶୁକ୍ରବାର ସକାଳଠାରୁ ମଣିଜଙ୍ଗା-ଏରସମା ରାସ୍ତାର ନରୁଆ ଛକ ଠାରେ ରାସ୍ତାରୋକ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବି ସୁଧୀର ଖୁଣ୍ଟିଆ, କିଶୋର କୁମାର ଦାସ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସମିତି ସଭ୍ୟାଙ୍କ ପ୍ରତିନିଧି ଶେଖ୍ ରଫିକ ଉଦ୍ଦିନ, ସାମାଜିକ କର୍ମୀ ଆଇନଜୀବି କମ୍ରେଡ ବାସୁଦେବ, ଅଦୈତ ଦାସ, ମହେନ୍ଦ୍ର ସ୍ୱାଇଁ, ବୈରାଗୀ ଦାସ, ଆଶିଷ ଦାସ, ଶିକ୍ଷାବିତ୍ ଅକ୍ଷୟ ଦାସ, ଉତ୍ତମ ମହାନ୍ତି, ବେଦଦ୍ୟୁତି ପୃଷ୍ଟି, ଅଭୟ ଖୁଣ୍ଟିଆ, ନିମାଇଁ ବିଶ୍ୱାଳ, ଗଗନ ଖଣ୍ଡୁଆଳ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇ ଟିପିସିଓଡିଏଲ୍‌ର ଶୋଷଣର ପ୍ରତିବାଦ କରିଥିଲେ। ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ଓ ବିଦ୍ୟୁତ ବିଭାଗର ଏରସମା ଉପଖଣ୍ଡର ଅଧିକାରୀ ମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ସମୟରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

# ‘ଜନସାଧାରଣଙ୍କ ପାଇଁ ନିଜକୁ ସେବକ କରନ୍ତୁ’





ବୋଲଗଡ଼,୨୬ ।୧୨(ସମିସ)

ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବୋଲଗଡ଼ ନନ୍ଦିଘୋଷ ଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜନସାଧାରଣଙ୍କ ପାଇଁ ନିଜକୁ ସେବକ କରନ୍ତୁ ବୋଲି ଉପସ୍ଥିତ ବିଜେଡି କର୍ମୀ ଓ ସମର୍ଥକମାନଙ୍କୁ ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ପୁଣି ବିଜେଡି ସରକାରକୁ ଫେରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସଭାରେ ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତା କରିଥିବାବେଳେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀ, ବିଜେଡ଼ି ବେଗୁନିଆଁ ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ଛାତ୍ର ସଭାପତି ସ୍ୱାଧୀନ ପଣ୍ଡା, ସରପଞ୍ଚ ମାନସ ବିଶ୍ୱାଳ, ଲାବଣ୍ୟ ଜୟସିଂହ, ଅସିତ୍ ତ୍ରିପାଠୀ, ହାଡ଼ିବନ୍ଧୁ ମହାପାତ୍ର, ଜାଗର ମାଝୀ, ଭିକାରୀ ସାହୁ, ଅର୍ଜୁନ ପ୍ରଧାନ, ପୁଲକ୍ ବଡ଼ଜେନା, ଦିଲୁ ବଡ଼ଜେନା, ବୋଲଗଡ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବୈକୁଣ୍ଠ ସ୍ୱାଇଁ, ଗୀତାଞ୍ଜଳି ସାହୁ, ପ୍ରଦୀପ ବାରିକ, ସୁନନ୍ଦା ବରାଳ, ଜଳଧର ମହାନ୍ତି, ସଞ୍ଜୟ ଗୁମାନସିଂହ, ପଞ୍ଚୁଭାରି ମଲ, ନିର୍ମଳା ପ୍ରଧାନ, ରଶ୍ମୀ ରଞ୍ଜନ ପ୍ରଧାନ, ନାରୀନେତ୍ରୀ ପ୍ରଭାତୀ ରାଉତରାୟ, ଗୌରୀ ଦେବୀ, ଗୀତାଞ୍ଜଳି ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ସୁନନ୍ଦିତା ସାହୁ, ଭାଗବାନ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ ।

**ବାଣପୁର :** ବାଣପୁର ବିଜୁ ଜନତା ଦଳ ପକ୍ଷରୁ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ବାଣପୁର ଏନ୍ଏସି ନଗରପାଳ ମିଟୁ ନାୟକଙ୍କ ତତ୍ତ୍ୱାବଧାନରେ ବିଜେଡିର କର୍ମକର୍ତ୍ତାମାନେ ବିଜୁ ପଟ୍ଟନାୟକ ଅମରରହେ ଆଦି ବିଭିନ୍ନ ସ୍ଲୋଗାନ ଦେଇ ମେଡିକାଲ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ବିଜେଡି ୧୯୯୭ ଡିସେମ୍ବର ୨୬ ତାରିଖରେ ଗଠନ ହୋଇ ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ୨୫ ବର୍ଷ ଧରି ଏକ ନିରବିଚ୍ଛିନ୍ନ ସେବା ଯୋଗାଇ ଦେଇଥିଲେ । ଆଜିର ପ୍ରଗତିଶୀଳ ଓ ସମୃଦ୍ଧ ଓଡ଼ିଶା ଗଠନରେ ନବୀନ ପଟ୍ଟନାୟକଙ୍କ ଭୂମିକା ଅନ୍ୟତମ । ସ୍ୱର୍ଗତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଠନ ପାଇଁ ବିଜେଡିର ପ୍ରତ୍ୟେକ କର୍ମକର୍ତ୍ତା କାର୍ଯ୍ୟରତ । ସମସ୍ତେ ଏକ ହୋଇ ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡିର ସଙ୍ଗଠନକୁ ସୁଦୃଢ଼ କରିବାକୁ ମତବ୍ୟକ୍ତ କରିଥିଲେ । ଆଜି ବିଜୁ ଜନତାଦଳ ଏକ ପ୍ରମୁଖ ବିରୋଧୀଦଳ ଭାବେ କାର୍ଯ୍ୟରତ, ଏଣୁ ସମସ୍ତେ ଅଧିକ ସଜାଗ ହୋଇ କାର୍ଯ୍ୟକରିବାକୁ ପଡ଼ିବ ବୋଲି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ଏଥିରେ ବହୁ କର୍ମୀ ସାମିଲ ଥିଲେ ।

**ବେଗୁନିଆ :** ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ବୋଲଗଡ଼ ସଦର ମହକୁମାସ୍ଥିତ ନନ୍ଦିଘୋଷ ଭବନ ପରିସରରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ବୋଲଗଡ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀର୍ଘ ୨୪ ବର୍ଷ ବିଜେଡି ନିରଙ୍କୁଶ ଭାବେ ଶାସନ କ୍ଷମତାରେ ରହି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତି ଗ୍ରାମକୁ ରାସ୍ତା ଓ ଜନ ସାଧାରଣ ହିତ ପାଇଁ ବହୁ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିବାରୁ ସ୍ୱର୍ଣ୍ଣିମ ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଯାହା କି ବିଜେଡ଼ି ଦଳ କ୍ଷମତାରେ ନ ଥିଲେ ମଧ୍ୟ ଜନ ସାଧାରଣଙ୍କ ଯଥେଷ୍ଟ ପରିମାଣର ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ କର୍ମୀ ଏକଜୁଟ ହୋଇ କାମକଲେ ପୁଣି ସରକାର କ୍ଷମତାକୁ ଫେରିବ ବୋଲି ବିଧାୟକ ଶ୍ରୀ ସାହୁ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ତନୁଜା ପାଟ୍ଟଶାଣୀ, ବ୍ଲକ୍ ସଭାପତି ପ୍ରଶାନ୍ତ ବେହେରା, ସରପଞ୍ଚ ମାନସ ବିଶ୍ୱାଳ, ଲାବଣ୍ୟ ଜୟସିଂହ, ଅସିତ୍ ତ୍ରିପାଠୀ, ହାଡ଼ିବନ୍ଧୁ ମହାପାତ୍ର, ବରିଷ୍ଠ ନେତା ଭିକାରୀ ସାହୁ, ବୋଲଗଡ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବୈକୁଣ୍ଠ ସ୍ୱାଇଁ, ସୁନନ୍ଦା ବରାଳ, ଜଳଧର ମହାନ୍ତି, ପବିତ୍ର ମୋହନ ମାଝୀ, ସଞ୍ଜୟ ଗୁମାନସିଂହ, ପଞ୍ଚୁଭାରି ମଲ, ନିର୍ମଳା ପ୍ରଧାନ, ରଶ୍ମୀ ରଞ୍ଜନ ପ୍ରଧାନ, ନାରୀନେତ୍ରୀ ପ୍ରଭାତୀ ରାଉତରାୟ, ଗୌରୀ ଦେବୀ, ଗୀତାଞ୍ଜଳି ନାହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁବାସ ରାୟଗୁରୁ, ସୁନନ୍ଦିତା ସାହୁ ଓ ଭଗବାନ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ ।

## ୧୩ ଦଫା ଦାବିରେ ଓମ୍ସା ପକ୍ଷରୁ ପ୍ରତିବାଦ



ଖୋର୍ଦ୍ଧା,୨୬।୧୨(ସମିସ): ସାରା ରାଜ୍ୟରେ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏସନ୍ (ଓମ୍ସା) ପକ୍ଷରୁ ବିଭିନ୍ନ ଦାବିନେଇ ଡାକ୍ତରମାନେ ପ୍ରତିବାଦ କରିବାକୁ ସଜବାଜ ହେଉଛନ୍ତି । ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ମୁଖ୍ୟ ଡାକ୍ତରମାନେ ପ୍ରତିବାଦ କରିଥିଲେ । ଖବରପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଓମସା ର ଜିଲ୍ଲା ଶାଖା ସଭାପତି ତଥା ଡିଏମ୍ଓ ଡା. ଶ୍ୟାମା ପ୍ରସନ୍ନ ମିତ୍ର ପ୍ରତିବାଦ ସ୍ଥଳରେ ପହଁଚି ଆଲୋଚନା କରିଥିଲେ । ରୋଗୀ ସେବା ବନ୍ଦ ନ କରିବାକୁ ଅନୁରୋଧ କରିଥିଲେ । ରୋଗୀ ସେବା ରେ କୌଣସି ପ୍ରକାର ବାଧାନଉପୁଜିବା ଲାଗି ପ୍ରତିବାଦ କରିବାକୁ ଏକାଠି ହୋଇଥିବା ଡାକ୍ତରମାନେ ପ୍ରତିଶ୍ରୁତି ଦେଇ ସେବା ଜାରୀ ରଖିଥିଲେ । ତେବେ ସୋମବାର ଓମସା ର ରାଜ୍ୟ ନେତୃତ୍ୱଙ୍କ ନିଷ୍ପତି ଅନୁସାରେ ପରବର୍ତୀ ବଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ପ୍ରକାଶ ଥାଉକି, ବିନା ସର୍ତ୍ତାବଳୀରେ କେନ୍ଦ୍ରୀୟ ହାରରେ ଦରମା ସହିତ ଦନ୍ତ ଚିକିତ୍ସକଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରିବା, କେବିକେର ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କୁ ଉପକୂଳକୁ ବଦଳି କରି ଆଣିବା, ଓଏମ୍ଏର୍ସି ଦନ୍ତ ଚିକିତ୍ସକଙ୍କର କ୍ୟାଡର ପୁନର୍ବିନ୍ୟାସ କରିବା, ଅଗ୍ରାଧିକାର ଭିତ୍ତିରେ ଖାଲି ପଦ ପୂରଣ କରି କମିଟି ଦ୍ୱାରା ବିଚାରକରି ପଦୋନ୍ନତି ଦେବା, ଶବ ବ୍ୟବଚ୍ଛେଦ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା, ସଙ୍କଟପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟରତ ସ୍ୱାସ୍ଥ୍ୟବିଭାଗ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇଦେବା, କାର୍ଯ୍ୟରତ ଅବସ୍ଥାରେ ଡାକ୍ତରଙ୍କୁ ସୁରକ୍ଷା ଯୋଗାଇବା ପ୍ରମୁଖ ୧୩ଟି ଦାବି ରହିଛି । ଏହି ପ୍ରତିବାଦରେ ଶାଖା ସମ୍ପାଦକ ଡା. ଆଲୋକ ଜ୍ୟୋତି ସାହୁ, ବରିଷ୍ଠ ଭେଷଜ ବିଭାଗର ମୁଖ୍ୟ ଡା. ବିଶ୍ୱନାଥ ପାଢ଼ୀ, ଦନ୍ତ ବିଭାଗର ମୁଖ୍ୟ ଡା. ରାଇନ ଚୌଧୁରୀ, ଚର୍ମ ବିଭାଗର ଡା. ହରପ୍ରସନ ତ୍ରିପାଠୀ, କର୍ଣ୍ଣ ନାସା ଗଳା ଡା. ସରୋଜ ନାୟକ, ପାଥୋଲୋଜି ବିଭାଗର ଡା. ଜୟରାମ ପାଢ଼ୀ, ଶଲ୍ୟ ବିଭାଗ ଡା. ଶୁଭ୍ରାଂଶୁ କୁମାର ସାହୁ, ଅସ୍ଥି ଶଲ୍ୟର ଡା. ସାହାରୁକ୍ ଅହମ୍ମଦ, ଡା. ଅୟସ କାନ୍ତ ଶତପଥୀ, ଚକ୍ଷୁ ବିଭାଗ ଡା. ମମତା ନାୟକ, ଡା. ଅଜୟ ସିଂହ, ଡା. ଲିପସା ରାୟ, ଡା. ଲତିକା ବେହେରା, ଡା. ପ୍ରବୋଧ ପାଲ୍ ପ୍ରମୁଖ ସାମିଲ ହୋଇଥିଲେ ।

## ● ସର୍ବଭାରତୀୟ ସଖା ସଂଘ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିରେ ସିଭି ରମଣ ଆଫ୍ରିକିଆନ୍

ନିରାକାରପୁର,୨୬।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୩୨ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଚତୁର୍ଥ ଦିବସ ମ୍ୟାଚରେ ହିନ୍ଦୁସ୍ଥାନ ହିରୋସ୍ ଫୁଟବଲ କ୍ଲବ୍, କଲିକତା ଓ ସିଭି ରମଣ ଆଫ୍ରିକିଆନ୍ ମଧ୍ୟରେ ମୁକାବିଲା ହୋଇଥିଲା । ଆଜିର ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହୋଇଥିବାବେଳେ ହିନ୍ଦୁସ୍ଥାନ ହିରୋସ୍ ଫୁଟବଲ କ୍ଲବ, କଲିକତାକୁ ୧-୦ ଗୋଲରେ ସିଭି ରମଣ ଆଫ୍ରିକାନ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳକୁ ବିଜୟ କୁମାର ମଙ୍ଗରାଜ, ପ୍ରିୟବ୍ରତ ବାହିନୀପତି, ସାଇରାମ କିସ୍କୋ, ଅଭିନାଶ ପଟ୍ଟନାୟକ, ଅକ୍ଷୟ କୁମାର ପଟ୍ଟନାୟକ, ହୃଦାନନ୍ଦ ମହତରାୟ, ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ । ସଂଘ ସଭାପତି ବିପିନ କୁମାର ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଡା. ସିଦ୍ଧାର୍ଥ ଦାଶ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠାତା ସୁଧୀର ମାନସିଂହ, ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଜଂକିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା, ବିଶିଷ୍ଟ ସମାଜସେବୀ ଜାନକୀ ମହାପାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, କଳିଙ୍ଗ ଭେଟ୍ରାନ ଆସୋସିଏସନ୍‌ର ସମ୍ପାଦକ ବିପିନ୍ ବିହାରୀ ମାନସିଂହ, ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ, ଦୋଛିଆଁ ସରପଞ୍ଚ ବନମାଳୀ ରାଉତରାୟ ଓ କଦୁଆଘଟ ସରପଞ୍ଚ ଦୁଃଶାସନ ସ୍ୱାଇଁ, ଯୁବନେତା ଅଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ । ବେଷ୍ଟ ପ୍ଲେୟାର ଭାବେ ଉଭୟ ଦଳର ଦୁଇଜଣ ଖେଳାଳିଙ୍କୁ କେଦାର ଜୟସିଂହ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ । କୁମାରୀ ମେଘନା ବଳିଆରସିଂହ ଧନ୍ୟବାଦ ଦେଇଥିଲେ । ଶନିବାର ପ୍ରଥମ ସେମି ଫାଇନାଲ ଧାନବାଦ ଫୁଟବଲ ଏକାଡେମୀ, ଝାଡ଼ଖଣ୍ଡ ଓ ସିଭି ରମଣ ଆଫ୍ରିକାନ୍ ମଧ୍ୟରେ ଅନୁଷ୍ଠିତ ହେବ ।




## ୧୯୯୭ ବ୍ୟାଚ୍‌ର ବନ୍ଧୁ ମିଳନ

ଟାଙ୍ଗୀ,୨୬ ।୧୨(ସମିସ): ୧୯୯୭ ମ୍ୟାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ ଉତ୍ସବ ଟାଙ୍ଗୀସ୍ଥିତ ମା ରତ୍ନମାଳା ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି । ବହୁବର୍ଷ ପରେ ପୁରୁଣା ବନ୍ଧୁମାନଙ୍କୁ ଏକାଠି ପାଇ ବେଶ ଖୁସି ଅନୁଭବ କରିବା ସହିତ ସେହି ଶୁଭ ମୁହୂର୍ତ୍ତକୁ ଉପଭୋଗ କରିଥିଲେ । ବନ୍ଧୁମିଳନ ଉତ୍ସବରେ ଗୀତାଞ୍ଜଳି ରାଉତ, ମମତା ବେହେରା, ହେମ ମଞ୍ଜରୀ ଦେଇ, ପୁଷ୍ପଲତା ବେହେରା, ପ୍ରତିଶ୍ରୁତି ରାଉତରାୟ, ଭଗବାନ ସାହୁ , ଲକ୍ଷ୍ମୀକାନ୍ତ ପତ୍ର, ରମେଶ ବେହେରା, ବିଘ୍ନେଶ୍ୱର ପ୍ରଧାନ, ରାମଚନ୍ଦ୍ର ବେହେରା ଓ ଅନ୍ୟାନ୍ୟ ବନ୍ଧୁମାନେ ସହଯୋଗ କରିଥିଲେ ।



## ମହାବୀର ଚ୍ୟାଲେଞ୍ଜ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲ୍‌ରେ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର



ଭୂଷଣ୍ଡପୁର,୨୬।୧୨(ସମିସ): ଟାଙ୍ଗୀ ବ୍ଲକ ବାଲିପୁଟପୁର ରିଫ୍ୟୁଜ ହାଇସ୍କୁଲ ପଡିଆରେ ଚାଲିଥିବା ମହାବୀର ଚାଲେଞ୍ଜ କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଶେଷ ଲିଗ୍ ମ୍ୟାଚ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର ଓ ବିଦ୍ରୋହୀ କ୍ରିକେଟ କ୍ଲବ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏୟାରପୋର୍ଟ ଆସେସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭର ମ୍ୟାଚ୍‌ରେ ୮ ୱିକେଟ ହରାଇ ୨୪୬ ରନ୍ ସଂଗ୍ରହ କରିଥିଲା । ଜବାବରେ ବିଦ୍ରୋହୀ କ୍ରିକେଟ କ୍ଲବ୍ ଜଟଣୀ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରି ପରାଜିତ ହୋଇଛନ୍ତି । ଏୟାରପୋର୍ଟ ଆସେସ ଭୁବନେଶ୍ୱର ବିଜୟ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ମାନସ କୁମାର ମଲ୍ଲିକ, ଗୌରହରି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ମ୍ୟାଚ ପରିଚାଳନାରେ ରମେଶ କୁମାର ସାହୁ, ସମୀର କୁମାର ମଲ୍ଲିକ, ସିଲୁ ସାହୁ, ଶ୍ରୀମନ୍ତ କୁମାର ମଲ୍ଲିକ, ମଣ୍ଟୁ, ଅନାଥ ଦଳାଇ, ମିଲୁ ସାହୁ, ରଞ୍ଜନ ମଲ୍ଲିକ, ଯଶୋବନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ବୋମା ବିସ୍ଫୋରଣରେ ଜଣେ ଗୁରୁତର

ଖୋର୍ଦ୍ଧା,୨୬।୧୨(ସମିସ): ଖୋର୍ଦ୍ଧାରେ ଆଜି ଏକ ବୋମା ବିସ୍ଫୋରଣ ଘଟିଛି । ଏଥିରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ଗୁରୁଜଙ୍ଗ ଭୋଇସାହିର କିଶୋର ନାୟକ (୪୫) । ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଖୋର୍ଦ୍ଧା ଅଞ୍ଚଳରେ ଏକ ବୋମା ବିସ୍ଫୋରଣ ଘଟିଛି । ଏଥିରେ ଗୁରୁଜଙ୍ଗ ଭୋଇସାହିର କିଶୋର ଗୁରୁତର ଆହତ ହୋଇଥିଲେ । ତାଙ୍କୁ ୩ଜଣ ଯୁବକ ଏକ ଅଟୋରେ ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଏମସ୍‌କୁ ସ୍ଥାନାନ୍ତର କରିଥିବା ଜଣାଯାଇଛି । ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି । ବୋମା ବିସ୍ଫୋରଣ ଯୋଗୁ ଏଭଳି କାଣ୍ଡ ଘଟିଥିବା ସମ୍ପର୍କିୟ କହୁଥିବାବେଳେ ବୋମା ଭିଡୁଥିବା ସମୟରେ କିମ୍ବା ତାଙ୍କ ଉପରକୁ କିଏ ବୋମାମାଡ଼ କରିଛି ତାହା ଏଯାବତ୍ ସ୍ପଷ୍ଟ ହୋଇନି । ଅନ୍ୟପକ୍ଷରେ ଘଟଣା ସନ୍ଧ୍ୟା ସାଢେ ୫ଟା ସମୟରୁ ହୋଇଥିଲେ ମଧ୍ୟ ପୁଲିସ ପାଖରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି । ତେବେ କେଉଁ ଥାନା ଅଞ୍ଚଳରେ ଘଟଣା ଘଟିଛି ତାହାର ମଧ୍ୟ ସ୍ପଷ୍ଟ ହୋଇ ନ ଥିବାବେଳେ ରିପୋର୍ଟ ଲେଖାହେବା ଯାଏଁ ଆଦର୍ଶ ଥାନାରେ କୌଣସି ଖବର ନ ଥିବା ପୁଲିସ ପ୍ରକାଶ କରିଛି ।



## ବିଜେଡି ପ୍ରତିଷ୍ଠା ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ

ଖୋର୍ଦ୍ଧା,୨୬।୧୨(ସମିସ): ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଆଜି ରାଜ୍ୟବ୍ୟାପି ପାଳିତ ହୋଇଛି । ଏହି କ୍ରମରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପୂର୍ବାହ୍ନରେ ବିଜୁପଟ୍ଟନାୟକ ଉଦ୍ୟାନ ପରିସରରେ ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯାଇଥିଲା । ପରେ ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜୁ ପ୍ରେମୀ ଏକ ହୋଇ ରୋଗୀଙ୍କୁ ଫଳବଣ୍ଟନ କରିଥିଲେ । ଏଥିରେ କାଉନ୍ସିଲର ଅମୀୟ ମହାନ୍ତି, ସୁଶାନ୍ତ ଜେନା, କାଉନ୍ସିଲର ପ୍ରତିନିଧି ବଦ୍ରିନାରାୟଣ ସାହୁ, ସେକ ଅବଦୁଲ ରହିମ୍, ମିଡିଆ ସେଲ ସଂଯୋଜକ ଲଳିତ ମୋହନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରକାଶ କୁମାର ହାତୀ, ବ୍ଲକ ପ୍ରତିନିଧି ବ୍ରହ୍ମାନନ୍ଦ ଜେନା, ଆଇଟି ସେଲ ସଂଯୋଜକ ବିରଞ୍ଚି ନାରାୟଣ ଜେନା, ତାହିର ଖାନ୍, ସ୍ମୃତିରଞ୍ଜନ ହୋତା, ଇନ୍ଦ୍ରଜିତ୍ ସାହୁଙ୍କ ସମେତ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



## ● ପରମେଶ୍ୱର ମହାପାତ୍ର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ନିରାକାରପୁର

ନିରାକାରପୁର,୨୬।୧୨(ସମିସ): ବାବା ନୀଳକଣ୍ଠେଶ୍ୱର କ୍ଲବ ଆନୁକୂଲ୍ୟରେ ୧୩ତମ ପରମେଶ୍ୱର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ୩ୟ ଦିବସର ଶେଷ ଲିଗ୍ ମ୍ୟାଚ ସରପାରି ଏବଂ ନିରାକାରପୁର ମଧ୍ୟରେ ହୋଇଥିଲା । ପ୍ରଥମାର୍ଦ୍ଧରେ ନିରାକାରପୁର ଦଳ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା । ଜବାବରେ ସରପାରି ଦଳ ନିର୍ଦ୍ଧାରିତ ଓଭର ଭିତରେ ୯୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ପରେ ପ୍ରଥମ ସେମିଫାଇନାଲ ସିକୋ ଏବଂ ନିରାକାରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ସିକୋ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭୧ ରନ ସଂଗ୍ରହ କରିଥିଲା । ଜବାବରେ ନିରାକାରପୁର ଦଳ ୧୧ ଓଭର ମଧ୍ୟରେ ୭୫ ରନ କରି ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମାଜସେବୀ ନିତ୍ୟାନନ୍ଦ ମଙ୍ଗରାଜ ଯୋଗଦାନ କରିଥିଲେ । ଆଜିର ମ୍ୟାଚକୁ ସୁଶାନ୍ତ ମଙ୍ଗରାଜ, ବିଶ୍ୱନାଥ ପ୍ରଧାନ, ନିରଞ୍ଜନ ସୁନ୍ଦରାୟ ଏବଂ ବିକାଶ ମହାପାତ୍ର ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ମାଣିଆ, ସରୋଜ ସାହୁ, ସୌମ୍ୟରଞ୍ଜନ ବାରିକ, ସିପୁନ ପଶ୍ଚିମକବାଟ, ତ୍ରିନାଥ ମହାପାତ୍ର ଏବଂ ବୃନ୍ଦାବନ ସାମନ୍ତରାୟ ସହଯୋଗ କରିଥିଲେ । ଆଜିର ମ୍ୟାଚରେ ଭାଷ୍ୟକାର ଭାବେ ସୁଦର୍ଶନ ସାମନ୍ତରାୟ ଏବଂ ଶ୍ରୀନିବାସ ସାମନ୍ତରାୟ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ ।

## ସର୍ବଭାରତୀୟ ମହାବୀର ଫୁଟବଲ ପ୍ରତିଯୋଗିତା

# ଫାଇନାଲରେ ଧାନ୍‌ବାଦ ଫୁଟବଲ କ୍ଲବ୍

ଟାଙ୍ଗୀ,୨୬ ।୧୨(ସମିସ)



ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଜନତା ଷ୍ଟାଡିୟମରେ ମହାବୀର ଆଥ୍‌ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୬୬ ତମସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି । ସ୍ପୋର୍ଟ୍ସ ହଷ୍ଟେଲ ନୟାଗଡ଼କୁ ଟାଇବ୍ରେକରରେ ପରାସ୍ତ କରି ଧାନବାଦ ଫୁଟବଲ୍ କ୍ଲବ ଧାନବାଦ ଫାଇନାଲରେ ପ୍ରବେଶ କରିଛି । ଅନୁଷ୍ଠାନର ଉପସଭାପତି ରାଜକିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ କୁମାର ମାନସିଂହ, ସହସମ୍ପାଦକ ରମେଶ ନାଇଡୁ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ଷ୍ଟାଡିୟମରେ ଆୟୋଜିତ ମ୍ୟାଚ ଅବସରରେ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରପରିଷଦ ପୌରାଧ୍ୟକ୍ଷା କନକବାଲା ମହାନ୍ତି ଫାଲକନ ଫିଡ଼ସ ଏଚ ଆର ନିରଞ୍ଜନ ମିଶ୍ର, ପୂର୍ବତନ ଚିଲିକା ବ୍ଲକ ଅଧକ୍ଷ ଲଳିତ ମୋହନ ପଟ୍ଟନାୟକ, କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ରବି ନାରାୟଣ ସୁବୁଦ୍ଧି, ବରିଷ୍ଠ ଆଇନଜୀବୀ ହୃଷିକେଶ ପ୍ରଧାନ, ଜନତା ଡିଗ୍ରୀ ମହାବିଧାଳୟ ଅଧକ୍ଷ ଟୁକୁନା ପ୍ରଧାନ, ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ, ପ୍ରମୁଖ ଅତିଥୀ ଭାବେ ଯୋଗଦେଇ ଥିଲେ । ଆଜିର ମ୍ୟାଚ୍ ଧାନବାଦ ଫୁଟବଲ କ୍ଲବ୍ ଧାନବାଦ ସହିତ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ ମଧ୍ୟରେ ରୋମାଞ୍ଚକର ଖେଳ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ଦୁଇଦଳ କେହି କାହାରିକୁ ଗୋଲ ଦେଇନଥିଲେ । ଖେଳର ଦ୍ୱିତୀୟର୍ଦ୍ଧର ୫୩ ମିନିଟରେ ଧାନବାଦ ଫୁଟବଲ୍ କ୍ଲବ ଧାନବାଦ ୨୦ ନମ୍ବର ଜର୍ସି ପ୍ରଭାକର ଏକ ଗୋଲ ସ୍କୋର କରି ଦଳକୁ ୧ - ୦ ଗୋଲରେ ଅଗ୍ରଣୀ କରିଥିଲେ । ତେବେ ଖେଳର ୬୦ ମିନିଟରେ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ ଦଳର ୧୪ ନମ୍ବର ଜର୍ସି କିଶନ ମୁଣ୍ଡା ଗୋଲଟିକୁ ପରିଷୋଧ କରିଦେବାରେ ଉଭୟ ଦଳ ୧ - ୧ ଗୋଲରେ ଅମିମାଂସିତ ରହିଥିଲା । ଫଳରେ ଟ୍ରାଇବ୍ରେକରେ ଧାନବାଦ ଫୁଟବଲ୍ କ୍ଲବ ୪ - ୨ ଗୋଲରେ ବିଜୟ ହୋଇଥିଲା । ଧାନବାଦ ଫୁଟବଲ୍ କ୍ଲବ ଧାନବାଦ ବିଜୟ ଲାଭ କରି ଫାଇନାଲ ର ପ୍ରବେଶ କରିଛି । ଆଜିର ଖେଳରେ ଧାନବାଦ ଫୁଟବଲ୍ କ୍ଲବ ଧାନବାଦର ରତନ୍ ଓ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ର କିଶନ ମୁଣ୍ଡାକୁ “ବିଭୁତି ମେମୋରିଆଲ ଟ୍ରଫି’ ର ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ଦିଆଯାଇଥିଲା । ମୁଖ୍ୟ ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ଲାଇନ୍ସରେ ସହଯୋଗ କରିଥିଲେ ସରୋଜ ମହାରଣା ଓ ପ୍ରଫୁଲ୍ଲ ବେହେରା ।


### ଟିପିସିଓଡିଏଲ୍‌କୁ ହସ୍ତାନ୍ତର ହେବ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ

# ଓଏଚପିସି ପକ୍ଷରୁ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ ଅଭିଯାନ

ରେଙ୍ଗାଲି,୨୬ ।୧୨(ସମିସ)

**ଡ୍ୟାମ ଅଞ୍ଚଳରେ କୋକୁଆ ଭୟ**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପରୁ ଡ୍ୟାମ, ଗ୍ୟାଲେରୀ, ସମସ୍ତ ସରକାରୀ କାର୍ଯ୍ୟାଳୟ, ପରମାନେଣ୍ଟ କଲୋନୀ, ବଜାର, ବସ୍ତି ସମେତ ସମଗ୍ର ଅଞ୍ଚଳରେ ଓଏଚପିସି ପକ୍ଷରୁ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ୪ଦିନ ହେଲା ବେଆଇନ ଭାବେ ଲୋକଙ୍କୁ ଭୟଭୀତ କରି ଓଏଚପିସି ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କାଟି ଦେଉଛି। ଦୀର୍ଘବର୍ଷ ଧରି ଓଏଚପିସିରେ ଉପଭୋକ୍ତା ଥିବା ଲୋକଙ୍କୁ ଅଗଣତାନ୍ତ୍ରିକ ଉପାୟରେ ଜୋରଜବରଦସ୍ତ ଟିପିଓଡିସିଏଲରେ ନୂତନ ଉପଭୋକ୍ତ ହେବାକୁ ବାଧ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ ଟାଟା ପାୱାରକୁ ଓଏଚପିସି ହସ୍ତାନ୍ତର କରିବାକୁ ଯାଉଥିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ କରିଛି। ଫଳରେ ପ୍ରକଳ୍ପ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ବିଦ୍ୟୁତ ଉପଭୋକ୍ତାଙ୍କୁ



ଟାଟା ପାୱାର ଶୋଷଣ କରୁଥିବାରୁ ଏହା ବିରୋଧରେ ସାରା ରାଜ୍ୟରେ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ କ୍ଷମତା ଟାଟା ପାୱାରକୁ ହସ୍ତାନ୍ତର ଉଦ୍ୟମକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଓଏଚପିସି ଏଠାରୁ ଜଳ ବିଦ୍ୟୁତ ଉତ୍ପାଦନ କରି କୋଟି କୋଟି ଟଙ୍କା ଲାଭ କରୁଥିବା ବେଳେ ପ୍ରକଳ୍ପ ଅଞ୍ଚଳର ଉନ୍ନତ ଦିଗରେ ଟଙ୍କାଟିଏ ମଧ ଖର୍ଚ୍ଚ କରୁନାହିଁ। କେବଳ ଡ୍ୟାମ ଅଞ୍ଚଳକୁ ବିଦ୍ୟୁତ ଯୋଗାଇଛି। ତାହା ମଧ ଦେୟ ଆଦାୟ କରି। ଗତ ୨୨ ତାରିଖରୁ ଓଏଚପିସି କର୍ତ୍ତୃପକ୍ଷ ଓ ପୁଲିସ ମିଳିତ ଚଢ଼ଉ କରି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାରେ ଲାଗପଡ଼ିଛନ୍ତି। ଓଏଚପିସିର ଏଭଳି ଅମାନବୀୟ ଭାବେ ବିଦ୍ୟୁତ ବିଚ୍ଛିନ୍ନ କାର୍ଯ୍ୟକୁ ଜନସାଧାରଣ ଘୋର ନିନ୍ଦା କରିବା ସହ ପୂର୍ବପରି ଓଏଚପିସି ପ୍ରକଳ୍ପବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଜାରି ରଖିବାକୁ ଦାବି କରିଛନ୍ତି।

## ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ରେଙ୍ଗାଲି,୨୬ ।୧୨(ସମିସ): କଣିହାଁ ବ୍ଲକ୍ କୁଲୁମା ପଞ୍ଚାୟତ ଖୃଣ୍ଡ ଗ୍ରାମ ନିକଟସ୍ଥ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନନ୍ଦକିଶୋର ମହାକୁଡ଼ ଯୋଗଦେଇ ଶୃଙ୍ଖଳା ଓ ଅନୁଶାସନ ଦ୍ୱାରା ଛାତ୍ରଛାତ୍ରୀ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ସଦାଶିବ ପ୍ରଧାନ ଉତ୍ସବରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଢ଼ାପାଳ ଡିଗ୍ରୀ ମହାବିଦ୍ୟାଳୟଅଧକ୍ଷ ଡିଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଯୋଗ ଛାତ୍ରଛାତ୍ରୀମାନେ ଜିଜ୍ଞାସୁ ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆତିଥି ପୁରସ୍କୃତ କରିଥିଲେ। ସ୍କୁଲ ଅଧକ୍ଷ ବୈଷ୍ଣବ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାହୁଲ ତିର୍କୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଲେଖକ ନିର୍ଦ୍ଦେଶକ ଗୋବିନ୍ଦ ନାୟକଙ୍କ ନିର୍ଦ୍ଦେଶନାରେ ହାସ୍ୟ ରସାତ୍ମକ ନାଟକ 'ସମୁଦି ଭୂତ' ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ୨୭ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ଗସ୍ତ



**ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଉଦଘାଟନ କରିବେ**

**କୃଷି ଯନ୍ତ୍ରପାତି ମେଳାରେ ଯୋଗଦେବେ**

**କାର୍ଯ୍ୟକ୍ରମସ୍ଥଳରେ ଜିଲ୍ଲାପାଳଙ୍କ ତଦାରଖ**

କିଶୋରନଗର,୨୬ ।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୮ ତାରିଖ କିଶୋରନଗର ଗସ୍ତ କରି ସ୍ଥାନୀୟ ବରପଡ଼ିଆଠାରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ଶୁକ୍ରବାର ଜିଲ୍ଲାପାଳ ଅବଦଲ ଏମ୍ ଅଖତର ପ୍ରସ୍ତାବିଦ କାର୍ଯ୍ୟକ୍ରମସ୍ଥଳକୁ ଆସି ପ୍ରସ୍ତୁତି ତଦାରଖ କରିଛନ୍ତି। ପରେ ଜିଲ୍ଲାପାଳ କିଶୋରନଗର ଡିଗ୍ରୀ କଲେଜର ନୂତନ ଛାତ୍ରୀନିବାସ ଗୃହ ପରିଦର୍ଶନ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ବାମୁର ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ରାଜ୍ୟ ଚଷା ମହାସଂଘ ସଭାରେ ଯୋଗଦେବେ। ମଧ୍ୟାହ୍ନଭୋଜନ ପରେ ଖଣ୍ଡହତା ଛକରୁ ବାଇକ୍ ଶୋଭାଯାତ୍ରାରେ ଆସି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ କିଶୋରନଗର ଡିଗ୍ରୀ କଲେଜର ଛାତ୍ରୀନିବାସ ଉଦଘାଟନ କରି ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଯୋଗଦେବେ। ପରେ ସେହି ବରପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ତହସିଲଦାର ବିକ୍ରମ ନାୟକ, ବିଡିଓ ସୁବ୍ରତ ବେହେରା, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, କଲେଜ ଅଧକ୍ଷ ଅକ୍ଷୟ କୁମାର ଦାଶ, ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଥାନା ଆଇଆଇସି ବିଭୂତି ପ୍ରଧାନ ଉପସ୍ଥିତ ଥିଲେ।

## ୧୮ ଦଫା ଦାବିରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଅନୁଗୋଳ,୨୬ ।୧୨(ସମିସ): ୧୮ ଦଫା ଦାବି ପୂରଣ ନେଇ ଅନୁଗୋଳର ଡାକ୍ତରମାନେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିନକୁ ଘଣ୍ଟାଏ ଲେଖାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅନୁଗୋଳ ଓମସା ସଭାପତି ଡା. ବିଶ୍ୱଜିତ୍ ସାମଲଙ୍କ ନେତୃତ୍ୱରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେଣ୍ଟ୍ରାଲ ଡିଏସିପି, କେବିକେ ବଦଳି ପଲିସି, ସ୍ୱଚ୍ଛ ବଦଳି ନୀତି, କ୍ୟାଡର ପୁନର୍ଗଠନ, ନିୟମିତ ଡିପିସି ବସିବା ଆଦି ଦାବି ନେଇ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ଦାବି ନ ଶୁଣିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଛନ୍ତି। ଶୁକ୍ରବାର ମେଡିକାଲ କଲେଜ ଡାକ୍ତରଙ୍କୁ ଛାଡ଼ି ଅନ୍ୟମାନେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା, ଶ୍ୱେତା ସର, ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ, ଡା. କାଜୋଲ ମହାପାତ୍ର, ଡା. ନନ୍ଦକିଶୋର ସାହୁ, ଡା. ପ୍ରଦୀପ ଧର, ଡା. ବିଭୁଦତ୍ତ ପାତ୍ର, ଡା. ସୁଶାନ୍ତ ଗଡ଼ନାୟକ, ସଂଘ କୋଷାଧକ୍ଷ ରତିରଞ୍ଜନ ସ୍ୱାଇଁ, ଡା. ଘନଶ୍ୟାମ ବେହେରା, ଡା. ଶଶିକାନ୍ତ ବେହେରା, ଡା. ବାସୁଦେବ ମାର୍ଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

## ଅନାସ୍ଥାରେ ପଦ ହରାଇଲେ ଧଉରାପାଲି ସରପଞ୍ଚ



କିଶୋରନଗର,୨୬ ।୧୨(ସମିସ): ଅନାସ୍ଥାରେ ପଦ ହରାଇଛନ୍ତି କିଶୋରନଗର ବ୍ଲକ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ। ସରପଞ୍ଚଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ପଞ୍ଚାୟତର ୱାର୍ଡ ସଭ୍ୟ ଆଶୁତୋଷ ରଣାଙ୍କ ସମେତ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଶୁକ୍ରବାର ଏହି ଅନାସ୍ଥା ପ୍ରସ୍ତାବ ଉପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। ରିଟର୍ଣ୍ଣିଂ ଅଫିସର ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ ଉପସ୍ଥିତ ଥିଲେ। ପଞ୍ଚାୟତର ୧୫ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚ ସାହୁଙ୍କ ବିରୋଧରେ ଭୋଟ ଦେଇଥିବା ତହସିଲଦାର ସୂଚନା ଦେଇଛନ୍ତି।

## ଜାତୀୟ ଉପଭୋକ୍ତା ଅଧିକାର ଦିବସ ପାଳିତ

ଅନୁଗୋଳ,୨୬ ।୧୨(ସମିସ): ସାମାଜିକ ସଂଗଠନ ସ୍ପନ୍ଦନ ତରଫରୁ ଜିଲ୍ଲା ବୈଧ ମାପ ଓଜନ, ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଅଧିକାର ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟସ୍ଥିତ ସାରଦା ଭବନରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଚଳିତ ବର୍ଷର ବିଷୟବସ୍ତୁ "ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ' ସମ୍ବନ୍ଧରେ ଆଲୋଚନା କରିଥିଲେ। ଯୁବ ସମାଜ ଜାଗ୍ରତ ହେଲେ ଗ୍ରାହକମାନେ ଠକାମିରୁ ମୁକ୍ତି ପାଇପାରିବେ ବୋଲି ସେ କହିଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ ଆଦି ସମ୍ବନ୍ଧରେ ବର୍ଣ୍ଣନା କରିବା ସହ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା ଯୋଗଦେଇ କହିଲେ, ଖାଉଟିମାନେ ସବୁ ସ୍ତରରେ ଠକାମିର ଶିକାର ହେଉଛନ୍ତି। ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହ ସାମଗ୍ରୀ କିଣିବା ସହିତ ଜାଗ୍ରତ ରହିବାକୁ ପରାମର୍ଶ ଦେଇଥିଲେ। କୁମରୁସିଙ୍ଗା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ସୌମ୍ୟରଞ୍ଜନ ଘୋଷ, ଓଜନ ମାପ ବିଭାଗ ନିରୀକ୍ଷକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ। ଦିବସ ପାଳନ ଉପଲକ୍ଷେ ରାଣୀଗୋଡ଼ା ଗ୍ରାମରେ ମହିଳା ଏବଂ ବାଳିକାମାନଙ୍କୁ ନେଇ ହୋଇଥିବା ମ୍ୟୁଜିକ ଚେୟାର ଏବଂ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଉଚ୍ଛେଦ ବନ୍ଦକରି ଘରଡିହ ପଟ୍ଟା ପ୍ରଦାନ ଦାବି**




ଅନୁଗୋଳ,୨୬ ।୧୨(ସମିସ): ଉଚ୍ଛେଦ ବନ୍ଦ କରି ଘରଡିହ ପଟ୍ଟା ପ୍ରଦାନ ଦାବିରେ ଅନୁଗୋଳ ମ୍ୟୁନିସିପାଲିଟି ୮ନଂ. ୱାର୍ଡର ବସ୍ତିବାସିନ୍ଦା ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ବାହାରି ପୌର ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ବସ୍ତିସୁରକ୍ଷା କମିଟି ଆବାହକ ଜେନାମଣି ପ୍ରଶାନ୍ତ କୁମାର ରାଉତରାୟ, ଲଳିତା ନାଏକ, ପ୍ରଫୁଲ୍ଲ ମହାପାତ୍ର, ଲକ୍ଷ୍ମୀ ଭୋଇ, ମଞ୍ଜୁଳା ବେହେରା, ଜ୍ୟୋତ୍ସ୍ନା ସାମଲ ଏବଂ ଏସ୍‌ୟୁସିଆଇ କମ୍ୟୁନିଷ୍ଟର ଆଞ୍ଚଳିକ ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ସହରର ସର୍ବପୁରାତନ ଏହି ବସ୍ତି ୨୫୦ ବର୍ଷ ଧରି ରହି ଆସିଥିଲା ବେଳେ ବିଭିନ୍ନ ସମୟରେ ଘରଡିହ ପଟ୍ଟା ପାଇଁ ଦାବି ହେଉଛି। ତେବେ ସେମାନଙ୍କୁ ପଟ୍ଟା ନ ଦେଇ ଗତ କିଛିଦିନ ହେଲା ପାର୍କ ନିର୍ମାଣ ପାଇଁ ଉଚ୍ଛେଦ ନୋଟିସ ଦେଇ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ବାର ଗାଡ଼ି ବୁଲାଇ ପ୍ରଚାର କରି ଆତଙ୍କିତ କରାଯାଉଛି। ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପକୁ ଅବିଳମ୍ବେ ବାତିଲ କରି ସମସ୍ତଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ବକ୍ତାମାନେ ଦାବି କରିଥିଲେ। ପରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଏ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରି ନୋଟିସ ବାତିଲ କରିବା ସହ ବସ୍ତି ଉଚ୍ଛେଦ ବନ୍ଦ କରି ସମସ୍ତଙ୍କୁ କିପରି ଆବାସ ଯୋଜନାରେ ଘରଡିହ ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଏହି ଦାବିପତ୍ରର ନକଲ ତହସିଲଦାରଙ୍କୁ ମଧ ପ୍ରଦାନ କରିଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ମିଳି ଭୋଇ, ସୁନନ୍ଦା ଭୋଇ, ଟିଁକିନା ଭୋଇ, ମୋତି ଭୋଇ, ମହେଶ୍ୱର ଭୋଇ ପ୍ରମୁଖଙ୍କ ସମେତ ବହୁ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।

## ତାଳଚେରରେ ବାଜପେୟୀଙ୍କ ଜୟନ୍ତୀ ସ୍ମୃତି ସମ୍ମିଳନୀ



ତାଳଚେର,୨୬ ।୧୨(ସମିସ): ତାଳଚେର ପୌରମଣ୍ଡଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ରାଜେଶ ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ବାଜପେୟୀ ଜଣେ ଦୃଢ଼ ରାଜନୀତିଜ୍ଞ ଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପର୍ଶୁରାମ ବାରିକ ଯୋଗଦେ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିତେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ



କିଶୋରନଗର,୨୬ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଠାକୁରଗଡ଼ ହାଟ ପଡ଼ିଆ, ରାଣୀବନ୍ଧ କୋଠଘର, ସଦାନନ୍ଦପୁର କୋଠଘରଠାରେ ରୋଟାରୀ କ୍ଲବ ଅନୁଗୋଳ ତରଫରୁ ୪୦ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଆମ୍ବସରମୁଣ୍ଡା ପଞ୍ଚାୟତ ହିଞ୍ଚାଗୋଲା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ଧ୍ରୁବଚରଣ ନାୟକଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ରୋଟାରୀ କ୍ଲବ୍ ସଦସ୍ୟ ରୋଟାରିଆନ ନିର୍ମଳ କୁମାର ମିଶ୍ର, ନିଖିଲ ରଞ୍ଜନ ମିଶ୍ର, ସୁଜିତ୍ କୁମାର ସାହୁ, ସାଇଲେନ୍ ମିଶ୍ର, ଅଭିଷେକ ପଟ୍ଟନାୟକ, ମିତ୍ରଭାନୁ ସିଂହ, ଲକ୍ଷ୍ମୀବଜାର ପୂଜା କମିଟିର ସନ୍ତୋଷ ସାହୁ, ଡ. ଶତ୍ରୁଘ୍ନ ସାହୁ ସମାଜସେବୀ ବିଭୁପ୍ରସାଦ ସେନାପତି, ସଦାନନ୍ଦପୁର ଗ୍ରାମର ସନ୍ତୋଷ ବିଶ୍ୱାଳ, ଅଭୟ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ରାଣୀବନ୍ଧ ଗ୍ରାମ ସଭାପତି ଅଜିତ ମିଶ୍ର, ପୂର୍ବତନ ସରପଞ୍ଚ ଅନାମ ଚରଣ ସ୍ୱାଇଁ, ଠାକୁରଗଡ଼ ଗ୍ରାମର ହେମନ୍ତ କୁମାର ଖୁଣ୍ଟିଆ, ଧନଞ୍ଜୟନାୟକ, ଶୁଭକାନ୍ତ ପ୍ରଧାନ, ଅଶ୍ୱିନୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



କିଶୋରନଗର,୨୬ ।୧୨(ସମିସ): କିଶୋରନଗର ବ୍ଲକ ଜଏରାଟ ହାଇସ୍କୁଲର ୧୯୯୮ ମାଟ୍ରିକବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ଭାଲୁଗୁଡ଼ିଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲୀ, ଶରତ ପ୍ରଧାନ ଯୋଗଦେଇଥିଲେ। ପୁରାତନ ଛାତ୍ର କ୍ଷେତ୍ରବାସୀ ପ୍ରଧାନ, ପ୍ରେମଶଙ୍କର ପ୍ରଧାନ, ଗୌରୀ ଶଙ୍କର ଦାଶ, ନଗେନ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ରୁଷଭ ସାହୁ, ବାବା ମାନସ, ରୀନା ମେହେର, ବାସନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କିଶୋରନଗରରେ ବାଜପେୟୀଙ୍କ ଜୟନ୍ତୀ



କିଶୋରନଗର,୨୬ ।୧୨(ସମିସ): କିଶୋରନଗର ସାଧୁପାଳ ଶିବମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ବିଜେପି ମଣ୍ଡଳ ସଭାପତି ଧନଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ କରାଯାଇଛି। କର୍ମକର୍ତ୍ତାମାନେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ବରିଷ୍ଠ ନେତା ହୃଦାନନ୍ଦ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଡା ଅଲେଖ କୁମାର ପ୍ରଧାନ, ବିଜେପି ନେତା ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ, ପରକ୍ଷିତ ଦେହୁରୀ ପ୍ରମୁଖ ଯୋଗଦେଇ ଭାରତୀୟ ରାଜନୀତିକୁ ବାଜପେୟୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବଆଁରପାଳ,୨୬ ।୧୨(ସମିସ): ବଆଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମର ଅବସର ପ୍ରାପ୍ତ ପ୍ରାଇମେରୀ ସ୍କୁଲ ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କ ଆଜି ପରଲୋକ ହୋଇ ଯାଇଛି। ଆଜି ସକାଳ ପ୍ରାୟ ୧୧ଟା ବେଳେ ତାଙ୍କ ବାସ ଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁରେ ପରିବାର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏବଂ ତାଙ୍କର ବହୁ ପୁରାତନ ଛାତ୍ରଛାତ୍ରୀମାନେ ମଧ ଉପସ୍ଥିତ ଥିଲେ।

## ପବିତ୍ରନଗର କ୍ଲବର ବନ୍ଧୁ ମିଳନ

ଅନୁଗୋଳ,୨୬ ।୧୨(ସମିସ): ଗୁରୁବାର ଦିନ ପବିତ୍ର ନଗର କ୍ଲବ ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବର ସମସ୍ତ ପୁରାତନ ସଦସ୍ୟ ଏବଂ ବର୍ତ୍ତମାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୦୨୬ବର୍ଷରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ୍‌କୁ କିପରି ସୁଚାରୁ ରୂପେ ପରିଚାଳିତ ହେବ ସେ ବିଷୟରେ ସମସ୍ତେ ମତ ପ୍ରକାଶ କରିଥିଲେ। କ୍ଲବ ସହ କିପରି ନୂତନ ସଦସ୍ୟ ଯୋଡା ଯାଇପାରିବ ତା ନେଇ ବିଜ୍ଞପ୍ତି ବାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କ୍ଲବର ସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ଜ୍ଞାନ ରଞ୍ଜନ ଜ୍ୟୋତିଷ, ସୁଶାନ୍ତ କୁମାର ପ୍ରଧାନ, ଚନ୍ଦନ କୁମାର ପ୍ରଧାନ, ପ୍ରତାପ କୁମାର ସାହୁ, ଅରୁଣ କୁମାର ସାହୁ, ସିପୁନ କୁମାର ସାହୁ, କାହ୍ନୁ ଚରଣ ସାହୁ, କାହ୍ନୁ ପ୍ରଧାନ, ସୁବ୍ରତ ବିଶ୍ୱାଳ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ,୨୬ ।୧୨(ସମିସ)

ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ବିଜୁ ମଇଦାନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସ୍ଥାନୀୟ ସଭାଘରଠାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଭାଗୀରଥି ମାଝୀ, ପୂର୍ବତନ ବଆଁରପାଳ ବ୍ଲକ ଅଧକ୍ଷ ନିର୍ମଳ ଗଡ଼ନାୟକ, ନିର୍ମଳ ସାହୁ, କାଉନସିଲର ବଳରାମ ଜେନା, ସଦାନନ୍ଦ ପଣ୍ଡା, ସୁଶୀଲ ମୁଖୀ, ଶଙ୍କର ସେଠୀ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତ ଏବଂ ସହରାଞ୍ଚଳର କର୍ମୀ, ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ୱାର୍ଡ ଏବଂ ପଞ୍ଚାୟତ ସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ଏବଂ ଆତ୍ମସମୀକ୍ଷା କରି କର୍ମୀଙ୍କୁ ଏକଜୁଟ କରିବା ପାଇଁ ଆଲୋଚନା ହୋଇଥିଲା।

**ତାଳଚେର:** ତାଳଚେରରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ତାଳଚେର ବସଷ୍ଟାଣ୍ଡ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅପରାହ୍ଣରେ ସେଣ୍ଟ୍ରାଲ ୱାର୍କସପସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଧାନ ଉଦବୋଧନ ଦେଇ କହିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ଘରେ ଘରେ ପହଞ୍ଚିଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟରେ ୧୮ ମାସର ଡବଲ ଇଞ୍ଜିନ ସରକାରରେ ଆଉ ସରକାର ଥିଲା ଭଳି ଅନୁଭବ ହେଉନି। ବିକାଶ ନାହିଁ। ଆଇନଶୃଙ୍ଖଳା କଥା ନ କହିବା ଭଲ। ପ୍ରଶ୍ନପତ୍ର ଲିକ୍ ହେଉଛି। ମିଶନ ଶକ୍ତି ମା' ହଇରାଣ ହେଉଛନ୍ତି। ଯୁବସମାଜ ହତାଶ ହୋଇପଡ଼ିଛନ୍ତି। ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ପାଉନି ବୋଲି କହି ବିଜେପି ସରକାରର ବିଫଳତା ବିଷୟରେ ଅବଗତ କରିଥିଲେ।



## ସାକ୍ଷୀଗୋପାଳ ଆର୍‌ଓବି ଜମି ଅଧିଗ୍ରହଣ ନେଇ ଜନଶୁଣାଣି

# ମାଟିଆପଡ଼ା ଆର୍‌ଓବି ପୁନର୍ବାସ ଓ ଥଇଥାନ ନିୟମ ଲାଗୁ ପାଇଁ ଦାବି

ସାକ୍ଷୀଗୋପାଳ,୨୬।୧୨(ସମିସ)



ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ୍ ନିର୍ମାଣ ପାଇଁ ଜନଶୁଣାଣି ଶିବିର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ-ଅଲଗୁମ ରାସ୍ତାରେ ପ୍ରସ୍ତାବିତ ଏହି ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ଯୋଜନାର ଚିଠା ପ୍ରସ୍ତାବ ଓ ଏହାର ପ୍ୟାକେଜ ଉପରେ ଆଜି ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଉପଜିଲ୍ଲାପାଳ ପୁରୀ ରାଜକିଶୋର ଜେନା, ଭୂମି ଅଧିଗ୍ରହଣ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ପୁରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଜନଶୁଣାଣିରେ ପ୍ରଥମେ ସାକ୍ଷୀଗୋପାଳ ବଜାର କମିଟି ସଭାପତି ବୀରେନ୍ଦ୍ର ଭୂଷଣ ହୋତା ଲିଖିତ ଭାବେ ଉପସ୍ଥିତ ଉପ ଜିଲ୍ଲାପାଳ ତଥା ପ୍ରଶାସକ ପୁନର୍ବାସ ଓ ଥଇଥାନ ଅଧିକାରୀଙ୍କୁ ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ ନିର୍ମାଣ ଉଦ୍ଦେଶ୍ୟରେ ସରକାରଙ୍କ ପ୍ରସ୍ତୁତ ଚିଠାରେ ସାକ୍ଷୀଗୋପାଳ ବ୍ୟବସାୟୀ ସଂଘ ଅସନ୍ତୁଷ୍ଟ ଥିବା ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା କ୍ଷତିପୂରଣ ରାଶିକୁ ୫ ଗୁଣ ବଢ଼ାଯାଉ ବୋଲି ସେ ଦାବି କରିଥିଲେ। ଏଥିସହିତ ପ୍ରଭାବିତ ବ୍ୟବସାୟୀ ଓ ଭଡ଼ାଟିଆ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଉଚ୍ଛେଦ ସମୟରେ ଥଇଥାନ ବ୍ୟବସ୍ଥା କିମ୍ବା ଅନ୍ୟତ୍ର ଘର କରିବା ପାଇଁ ଅନ୍ୟୁନ ତିନି ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବା ସହ ଉଚ୍ଛେଦ ସମୟରେ ତାଙ୍କ ପରିବାରକୁ ଉପଯୁକ୍ତ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ସେହିଭଳି ବ୍ୟବସାୟୀ ବାଉରିବନ୍ଧୁ ସ୍ୱାଇଁ ପୂର୍ବରୁ କରାଯାଇଥିବା ମାପ ଉପରେ ସନ୍ତୁଷ୍ଟ ନଥିବା ସହ ସରକାରଙ୍କ ଦ୍ୱାରା ଥଇଥାନ ପ୍ୟାକେଜକୁ ୨୦ ଗୁଣ ବୃଦ୍ଧି ପାଇଁ ନିବେଦନ କରିଥିଲେ। ବଜାର କମିଟି ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ଉପ ସଭାପତି ଶଙ୍କର୍ଷଣ ପ୍ରଧାନ, ପୂର୍ବତନ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ପ୍ରହ୍ଲାଦ ଘଡ଼ିଆରା, ବ୍ୟବସାୟୀ ସୂର୍ଯ୍ୟପ୍ରସାଦ ରଥ, ଅମିୟ କୁମାର ସ୍ୱାଇଁ, ରଶ୍ମିତା ଦାଶ, ପ୍ରତାପ ମହାଭୋଇ, ନିର୍ମଳ ଚନ୍ଦ୍ର ନନ୍ଦ, ବାଣାପାଣି ଜେନା, ବିରଞ୍ଚି ନାରାୟଣ ଦାଶ, ମୋହନ ସାହୁ, ଉମାକାନ୍ତ ହୋତା ପ୍ରମୁଖ ଏହି ଅଭିଯୋଗ ଶୁଣାଣିରେ ସେମାନଙ୍କ ଅଭିଯୋଗ ସମ୍ପର୍କରେ ମତାମତ ରଖିଥିଲେ। ବ୍ୟବସାୟୀଙ୍କ ପକ୍ଷରୁ ପୁରୀ ମାଟିଆପଡ଼ା ରେଳ ଓଭର ବ୍ରିଜ ନିର୍ମାଣରେ ଦିଆଯାଉଥିବା ପୁନର୍ବାସ ଓ ଥଇଥାନ ପ୍ୟାକେଜକୁ ଏଥିରେ ଲାଗୁ କରିବାକୁ ଅନୁରୋଧ କରାଯାଇଥିଲା। ନିଷ୍ପତ୍ତି ଉପରେ ବିଚାର ବିମର୍ଷ କରାଯିବା ସହ କିଛି ଅଭିଯୋଗ ଉପରେ ସିଧାସଳଖ ଉତ୍ତର ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର। ଏହି ଜନ ଶୁଣାଣିରେ ଅନ୍ୟୁନ ଦୁଇଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟକେତନ ବେହେରା ଉପସ୍ଥିତ ଥିଲେ।

## 'ଆଜି ବି ଶୀର୍ଷରେ ନବୀନଙ୍କ ଲୋକପ୍ରିୟତା'

ପିପିଲି,୨୬।୧୨(ସମିସ): ପିପିଲି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ସ୍ଥାନୀୟ ନେତୃବୃନ୍ଦ ବିଜୁ ବାବୁ ଓ ପ୍ରଦୀପ ମହାରଥୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବିଶ୍ୱଜିତ ଦାଶ, ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ବିଜେଡି ସମ୍ପାଦକ ସତ୍ୟଜିତ ରାୟଚୌଧୁରୀ,




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ପାଇଁ ବିଜୁ ଜନତା ଦଳ ୨୪ବର୍ଷ ସରକାରରେ ରହିଥିଲା। ଆଜି ବି ନବୀନ ବାବୁ ଙ୍କ ଲୋକପ୍ରିୟତା ଶୀର୍ଷରେ ରହିଛି ବୋଲି ଶ୍ରୀ ମହରଥୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ୍ ବିଜେଡି ପିପିଲି ଏନ୍‌ଏସିର ଯୁବ ବିଜେଡି ସଭାପତି ଅଜୟ ମହାରଣା, ଯୁବ ବିଜେଡି ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ପୂର୍ବତନ ସରପଞ୍ଚ ପ୍ରକାଶ ଧଳ, ବିରଜା ପ୍ରସାଦ ପଟ୍ଟନାୟକ, ରବି ନାରାୟଣ ତାଡ଼, ରଶ୍ମୀରଞ୍ଜନ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।

## ବିଳମ୍ବିତ ରାତିରେ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ



ବାଙ୍ଗୁରିଗାଁ,୨୬।୧୨(ସମିସ): କାକଟପୁର ବ୍ଲକ୍ ବାଙ୍ଗୁରିଗାଁ ବଜାରସ୍ଥିତ ତିମିରକାନ୍ତ ସାହୁଙ୍କ ଘର ସମ୍ମୁଖରେ ତାଙ୍କ ଗ୍ୟାରେଜରେ ଥିବା କାର୍ (ଓଡି୦୨ସିଏଫ ୬୧୭୦)କୁ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଛି। ଗାଡ଼ିଟି ସବୁଦିନ ପରି ଗ୍ୟାରେଜରେ ଥିବାବେଳେ ହଠାତ୍ ବିଳମ୍ବିତ ଗାଡ଼ିଟି ଜଳୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଆଜି ସକାଳେ ଏ ସମ୍ପର୍କରେ କାକଟପୁର ଥାନାରେ ଏତଲା ଦାୟର ହୋଇଛି। ପୂର୍ବ ଶତ୍ରୁତାରୁ କେହି ଏପରି କରିଥିବା ସନ୍ଦେହ କରିଛନ୍ତି ଗାଡି ମାଲିକ। କାକଟପୁର ଥାନା ପକ୍ଷରୁ ଏ ନେଇ ତଦନ୍ତ ଆରମ୍ଭ ହୋଇଛି।

## ନାବାଳିକାକୁ ଦୁଷ୍କର୍ମ: ଥାନାର ଦ୍ୱାରସ୍ଥ ହେଲେ ପୀଡ଼ିତା ପରିବାର

ଡେଲାଙ୍ଗ,୨୬।୧୨(ସମିସ): ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ନୟାଗଡ଼ ଅଞ୍ଚଳର ଜଣେ ବିବାହିତ ପୁରୁଷ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିବାବେଳେ ପୀଡ଼ିତା ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଅଭିଯୁକ୍ତକୁ ୬ଦିନ ହେଲା ଖୋଜୁଥିଲେ ତା'ର ପତ୍ତା ପାଇପାରିନାହିଁ। ସୂଚନା ଅନୁଯାୟୀ ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ଦଳିତ ନାବାଳିକାଙ୍କ ନୟାଗଡ଼ ଅଞ୍ଚଳରେ ବିବାହ ପ୍ରସ୍ତାବ ପଡ଼ିଥିଲା। ତେବେ ପ୍ରାପ୍ତବୟସ ହେବାପରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହେବ ବୋଲି ଉଭୟ ପରିବାର ଲୋକେ ସ୍ଥିର କରିଥିଲେ। ହେଲେ ଗତ ୨ମାସ ପୂର୍ବେ କୌଣସି କାରଣରୁ ତାଙ୍କର ବିବାହ ପ୍ରସ୍ତାବ ଭାଙ୍ଗିଯାଇଥିଲା। ପରେ ବିବାହ ଲାଗିଥିବା ଯୁବକଙ୍କ ନାଁ ନେଇ କେହିଜଣେ ନାବାଳିକାଙ୍କୁ ଫୋନ୍ କରିଥିଲା। ଉଭୟ କିଛିଦିନ କଥାବାର୍ତ୍ତା ହେବା ପରେ ଯୁବକ ଜଣଙ୍କ କହିଥିଲେ ଯେ ଘରେ ରାଜି ନଥିବାରୁ ଆମେ ଭୁବନେଶ୍ୱର ଯାଇ ସେଠାରେ ବିବାହ କରି ରହିବା। ଏଥିରେ ପ୍ରଲୋଭିତ ହୋଇ ନାବାଳିକା ଜଣଙ୍କ ରାଜି ହେବାରୁ ଗତ ୧୪ ତାରିଖ ଦିନ ଡେଲାଙ୍ଗ ଷ୍ଟେସନ ବଜାରଠାରୁ ଯୁବକ ଜଣକ ନାବାଳିକାଙ୍କୁ ଗାଡ଼ିରେ ବସାଇ ଭୁବନେଶ୍ୱର ନେଇଯାଇଥିଲେ। ତେବେ ଯୁବକ ଜଣକ ହେଲମେଟ୍ ଓ ମାସ୍କ ପିନ୍ଧିଥିବାରୁ ନାବାଳିକା ଚିହ୍ନି ପାରିନଥିଲେ। ଏହାର ସୁଯୋଗ ନେଇ ଯୁବକ ଜଣକ ଏକ ନିର୍ଜନ ସ୍ଥାନରେ ଥିବା ଭଡ଼ାଘରକୁ ନେଇଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଚିହ୍ନିବାପରେ ନାବାଳିକା ଜଣକ ସେଠାରୁ ଖସି ପଳାଇ ଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ଯୁବକ ଜଣକ ତାଙ୍କ ମୋବାଇଲ ଫୋନ୍, ପାଖରେ ଥିବା ଟଙ୍କା ଓ ପିନ୍ଧିଥିବା ସୁନା ଚେନ୍‌କୁ ଛଡ଼ାଇ ନେବା ସହିତ ତାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିଲା। ନାବାଳିକା ଜଣକ ଘରଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଲେ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା ଅଭିଯୁକ୍ତ। ପରଦିନ ସକାଳୁ ଯୁବକ ଜଣକ ଶୌଚ ହେବାକୁ ଯାଇଥିବା ସମୟରେ ନାବାଳିକା ସେଠାରୁ ଖସି ଆସିଥିଲେ। ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇବାପରେ ଘରଲୋକ ଯୁବକଙ୍କ ପରିଚୟ ପାଇଥିଲେ। ସେ ପୂର୍ବରୁ ବିବାହିତ ଓ ତାଙ୍କର ୨ଟି ସନ୍ତାନ ରହିଥିବା ଜଣାପଡ଼ିଛି। ଏ ନେଇ ନାବାଳିକାଙ୍କ ସହିତ ତାଙ୍କ ମା' ଗତ ୨୧ ତାରିଖ ଦିନ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଥିଲେ। ହେଲେ ଅଭିଯୋଗ ପାଇବାର ୬ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ମାମଲା ରୁଜୁ ନକରି ଘଟଣାକୁ ଚାପାଇଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ସେହିପରି ୨୬ତାରିଖ ଦିନ ଆଉ ଏକ ଅଭିଯୋଗ ପତ୍ର ଲେଖି ଦେବାକୁ ପୁଲିସ ପୀଡ଼ିତାଙ୍କ ଘର ପାଖରେ ଦିନ ତମାମ ଚାହିଁ ରହିଥିଲେ ମଧ୍ୟ ପରିବାର ଲୋକେ ଏଥିରେ ରାଜି ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଡେଲାଙ୍ଗ ଥାନରେ ନ୍ୟାୟ ନମିଳିଲେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି ପୀଡ଼ିତା ଜଣକ କହିଛନ୍ତି। ୨୬ ତାରିଖ ସନ୍ଧ୍ୟାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଉଛନ୍ତି।

## ନିମାପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ନୃତ୍ୟ, ସଙ୍ଗୀତରେ ବିମୋହିତ ଦର୍ଶକ




ନିମାପଡା,୨୬।୧୨।(ସମିସ): ଆଜି ଥିଲା ନିମାପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତରେ ଦର୍ଶକ ବିମୋହିତ ହୋଇଥିଲେ। ଉପ ମୁଖ୍ୟମନ୍ତ୍ରୀ ତଥା ମହୋତ୍ସବ କମିଟି ସଭାପତି ପ୍ରଭାତୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଅଭିନେତା ଶ୍ରୀକାନ୍ତ ଗୌତମ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଏନ୍‌ଏମ୍ ଗ୍ରୁପର ଅଧ୍ୟକ୍ଷା ରିଚା ପରିଡ଼ା, ମହୋତ୍ସବ କମିଟି ସମ୍ପାଦକ ନିଗମାନନ୍ଦ ସାହୁ, ହେଲ୍ପ ଲାଇନ ସଭାପତି ଅକ୍ଷୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଇନଜୀବୀ, ଶିକ୍ଷା, କ୍ରୀଡ଼ା, ନୃତ୍ୟ ଓ ସଂଗୀତରେ ୧୨ ଜଣ କୃତୀ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଓଡ଼ିଶା ସରକାର ସଂସ୍କୃତି ବିଭାଗ ଡିଭାଇନ ମାଲଖମ୍ବ ଗ୍ରୁପ ପକ୍ଷରୁ ମାଲ୍ ଖମ୍ବ, ନିମାପଡ଼ା ଡାନ୍ସ ଷ୍ଟେଞ୍ଜର ଦ୍ୱାରା ଡାନ୍ସ ଡ୍ରାମା, ନିମାପଡ଼ା ନୃତ୍ୟାଳୟ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଝାଡ଼ଖଣ୍ଡର ସନ୍ନି ସିଂ ଏବଂ ଗ୍ରୁପ ଦ୍ୱାରା ଭାଙ୍ଗଡ଼ା ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ବାରବାଟୀ ପଡ଼ିଆରେ ବଲିଉଡର ଗାୟକ ଅଭିଜିତ୍ ଭଟାଚାର୍ଯ୍ୟ କାର୍ଯ୍ୟକ୍ରମ ପରିବେଷଣ କରିବେ।

● ପାନୀୟଜଳ ସମସ୍ୟା ନେଇ ବିଧାୟକଙ୍କ ସମୀକ୍ଷା ବୈଠକ

## ମାର୍ଚ୍ଚ ୩୧ ସୁଦ୍ଧା ସମସ୍ୟାର ସମାଧାନ ହେବ



ସାକ୍ଷୀଗୋପାଳ,୨୬।୧୨(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ୧୪ଟି ପଞ୍ଚାୟତର ପାନୀୟ ଜଳ ସମସ୍ୟା ସମାଧାନ ନିମନ୍ତେ ସତ୍ୟବାଦୀ ବ୍ଲକ୍ ସଦ୍‌ଭାବନା ଗୃହ ପରିସରରେ ଆଜି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜୟପୁର, ପେଣ୍ଠପଡ଼ା, କାଦୁଆ, ବୀର ରାମଚନ୍ଦ୍ରପୁର, ବିଶ୍ୱନାଥ ପୁର, ଦୁଗଲ, ରାୟଖଣ୍ଡି, ସାରଙ୍ଗଯୋଡ଼ି, ବିଦ୍ୟାଧରପୁର, ପରଜାପଡ଼ା, ମହୁରା, କେତକୀପାଟଣା, ଗଡ଼ବଳରାମପୁର ଓ ବଳପୁର ଆଦି ୧୪ଟି ପଞ୍ଚାୟତକୁ ବଳପୁର ପଞ୍ଚାୟତର ବିଭୂତି ଦଣ୍ଡାସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ସମସ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବାପରେ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର ହର ଘର ପାନୀ ଯୋଜନାରେ ଜନସାଧାରଣଙ୍କ ଦୁଆରେ ପାନୀୟ ଜଳ ଯୋଗାଣ ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଆଜି ଆୟୋଜିତ ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ବିଡିଓ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କୁ ଅବଗତ କରିବା ନିମନ୍ତେ ଅନୁରୋଧ କରିଥିଲେ। ସେହିପରି ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଉପାଧ୍ୟକ୍ଷା ନିବେଦିତା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ବିଡିଓ ଦେବାଶିଷ ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସମସ୍ତ ପଞ୍ଚାୟତର ପ୍ରତିନିଧି ଉପସ୍ଥିତ ଥିଲେ।

## ଥାନା ଜମିରୁ ପାଚେରି ଭଙ୍ଗା ଘଟଣା

## ଉଚ୍ଛେଦ ଲାଗି ତହସିଲଦାରଙ୍କୁ ଚିଠି ଲେଖିଲେ ଥାନା ଅଧିକାରୀ

ଗୋପ,୨୬।୧୨(ସମିସ): ବୁଧବାର ଗୋପ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୋପ ବଜାର ମଧ୍ୟ ଭାଗରେ ଥିବା ଥାନା ଜମିର ପାଚେରିକୁ ଭାଙ୍ଗିବା ପରେ ଗୁରୁବାର ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ଥାନା ଜମିରେ ବେଆଇନ୍ ଜବରଦଖଲ ଉଚ୍ଛେଦ ଲାଗି ଚିଠି ଲେଖଥିବା ଜଣାପଡ଼ିଛି। ଦୀର୍ଘବର୍ଷ ହେବ ଅର୍ଥାତ୍ ଜମିଦାରୀ ଅମଳରୁ ଗୋପ ମୁଖ୍ୟ ବଜାର କଡ଼ରେ ଓ ଗୋପ ଥାନା ନିକଟରେ ଥାନା ନାମରେ କିଛି ଜମି ରହିଛି। ମୁଖ୍ୟ ବଜାର କଡ଼ରେ ଥିବା ଥାନା ଜମିକୁ ପୁଲିସ ହାଉସିଂ କର୍ପୋରେସନ ପକ୍ଷରୁ ପାଚେରି କରାଯାଇଛି। ମାତ୍ର ଗୋପ ବ୍ଲକ ପ୍ରଶାସନ ବୁଧବାର ଡୋଜର ଲଗାଇ ଏହି ପାଚେରିକୁ ଭାଙ୍ଗି ଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ଖବର ପାଇବା ପରେ ଗୋପ ତହସିଲ କାର୍ଯ୍ୟାଳୟକୁ ଚିଠି କରିଥିବା ଜଣାପଡ଼ିଛି। ଏ ନେଇ ଶ୍ରୀ ପଢିହାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏପରି ପଦକ୍ଷେପ ନିଆଯାଇଛି। ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ।

## ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ

# 'ରାଜ୍ୟ ସହ ବ୍ରହ୍ମଗିରିର ସାମୂହିକ ବିକାଶ ଆମର ସଂକଳ୍ପ'

ବ୍ରହ୍ମଗିରି,୨୬।୧୨(ସମିସ)

ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଅଲାରନାଥଙ୍କ ଲାଇବେରୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଯୋଗଦେଇ ବିଜୁଙ୍କ ଆଦର୍ଶ ଓ ନବୀନଙ୍କ ନେତୃତ୍ୱରେ ବିଜେଡି ଆଗକୁ ବଢ଼ିବ ବୋଲି କହିଥିଲେ। ଆରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାରେ ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସ୍ୱର୍ଗତ ପର୍ଶୁରାମ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବ୍ରହ୍ମଗିରି ବ୍ଲକ୍‌ର ଚାଷୀ ନେତା ଭଗବାନ ନାୟକ କହିଥିଲେ ଯେ ବ୍ରହ୍ମଗିରି ବ୍ଲକ୍‌ରେ ବକ୍ସି କାଣିଆ, ଦକ୍ଷିଣ କାନିଆ, ଏକ ନାଳିଆ, ଚଉଦସ ପୁଆଣ କେନାଲର ପୁନରୁଦ୍ଧାର, ବ୍ରହ୍ମଗିରି ବ୍ଲକ୍ ମୋଟଠାରେ ଇଞ୍ଜିନିୟରିଂ କଲେଜ, ବାଲି




ହରଚଣ୍ଡୀ ଭାୟା ଗୌଡ଼ିଆଘାଇ ଦେଇ ନରସିଂହ ପାଟଣା ରାସ୍ତା, ଗୋପ ଛକ ଠାରୁ ଡେଲାଙ୍ଗ ରାସ୍ତା, ସୁନାମୁହିଁ ଠାରୁ ହାସିନିପୁର, ସାହାଜାନପୁର, ଛାଲପୁର ଗ୍ରାମକୁ ରାସ୍ତା, ମାଠୁଆରି ପକା ଠାରୁ ଚାପମାଣିକ, ବେଢ଼ା ସୁନ୍ଦର, କାଶିଝରିଆ, ମାଟି ଗାଡ଼ିଆ ରାସ୍ତା, ଫିଲ୍ଲ ଛକ ଠାରୁ ନିଆଜପୁର, ସାତିକପୁର, ଦେଇ ମୋଟ ରାସ୍ତା, ବ୍ରହ୍ମଗିରି ବ୍ଲକରେ ୭୦ ଭାଗ ପକା ସଡ଼କ, ମୋଟ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଅଭିଭକ୍ତ ରାହାଡ଼ମଲ୍ଲ ପଞ୍ଚାୟତକୁ ସଂଯୋଗ କରୁଥିବା ଗୌଡ଼ିଆଘାଇ ସେତୁ, କୁସୁପୁର ଠାରେ ବ୍ରହ୍ମଗିରି ବ୍ଲକ୍‌କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗା ଟ୍ରିଟମେଣ୍ଟ ପ୍ଲାଣ୍ଟ ଆଦି ଉନ୍ନୟନ କାର୍ଯ୍ୟ ବିଜେଡି ଅମଳରେ ହୋଇଥିଲା। ଏହା ପରେ ପରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା କହିଥିଲେ ଯେ ବିଜୁ ଜନତା ଦଳର ୨୮ ବର୍ଷ ମଧ୍ୟରେ ବିକାଶର ସେବା ଓ ସମର୍ପଣର ସଫଳ ଗାଥା ଏବଂ ସ୍ୱାଭିମାନ, ସଂଗ୍ରାମକୁ ପାଥେୟ କରି ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଆମ ଆଦର୍ଶର ଦଳ ବିଜୁ ଜନତା ଦଳ। ଏ ଡବଲ ଇଞ୍ଜିନ ବିଜେପି ସରକାର ଚାଷୀମାନଙ୍କ ଧାନ ମଣ୍ଡିରୁ ଉଠାଇପାରୁନାହିଁ। ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବେ ବୋଲି କହିଥିଲେ। ଚାଷୀମାନଙ୍କୁ ଇନ୍‌ପୁଟ ସବ୍‌ସିଡି ଦେବୁ, ଭତ୍ତା ୩୦୦୦ କରି ଦେବୁ ବୋଲି ପ୍ରତିଶ୍ରୁତି ଦେଇ ଏବେ ପ୍ରତାରଣା କରିଛନ୍ତି। ଶେଷରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନାବାଳା ବେହେରା ଧନ୍ୟବାଦ ଦେଇଥିଲେ। ସଭାରେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଉପାଧ୍ୟକ୍ଷ ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ସନ୍ଦୀପ ଜେନା, କୃଷ୍ଣପ୍ରସାଦ ବ୍ଲକ୍ ବିଜୁ ଜନତା ଦଳ ସଭାପତି ପଦ୍ମ ଚରଣ ଜେନା, ପୁରୀ ସଦର ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଭାଇଲିପୁର ସମିତି ସଭ୍ୟ କାର୍ତ୍ତବିର୍ଯ୍ୟ ସ୍ୱାଇଁ, ମହିଳା ନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ପ୍ରତିମା ଜେନା ବ୍ରହ୍ମଗିରି ସରପଞ୍ଚ ସନ୍ଧ୍ୟାରାଣୀ ଦଳେଇ, ବ୍ରହ୍ମଗିରି ବ୍ଲକ୍ ବିଜୁ ଜନତା ଦଳର ବରିଷ୍ଠ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ପୂର୍ଣ୍ଣି ଜେନା, ସୁରପ୍ରସାଦ ମାହାନ୍ତି ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ବିଜୁ କର୍ମୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ; ୩ ଗୁରୁତର



ବଳଙ୍ଗା,୨୬।୧୨(ସମିସ): ଶୁକ୍ରବାର ଭୋର ସମୟରେ ସାତଶଙ୍ଖ-ବଳଙ୍ଗା ରାସ୍ତାର ନୂଆହାଟ ଛକ ଠାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ମହିଳା ଥିବା ବେଳେ ଦୁଇ ଜଣ ଶିଶୁ ପୁତ୍ର ଥିଲେ। ଆହତ ମାନଙ୍କୁ ସ୍ଥାନୀୟ ଲୋକ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ଏମାନେ ହେଲେ ବଳଙ୍ଗା ଥାନା ରଥପୁରୁଷୋତ୍ତମପୁର ପଞ୍ଚାୟତ ବାଲିଗାଁର। ବଣଭୋଜି ଯିବା ପାଇଁ ଘରୁ ବାହାରି ନୂଆହାଟ ଛକକୁ ଆସୁଥିବା ସମୟରେ ପଛରୁ ଦ୍ରୁତ ଓ ବେପରୁଆ ଭାବରେ ଆସୁଥିବା ଏକ ଅଜଣା ଚାରି ଚକିଆ ଗାଡ଼ି ଧକ୍କା ଦେଇଥିଲା। ମୃତକ ଜଣକ ହେଉଛନ୍ତି ପ୍ରଭାକର ବେହେରା (୪୩)। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବେହେରା (୩୭) ଏବଂ ତାଙ୍କର ଦୁଇ ଶିଶୁ ପୁତ୍ର। ସ୍ତ୍ରୀ ଓ ଶିଶୁ ପୁତ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ମେଡିକାଲ ପଠାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ବଳଙ୍ଗା ଥାନାକୁ ଖବର ଦେଇଥିଲେ। ଖବର ପାଇ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶରୀରକୁ ଜବତ କରି ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ପୁଲିସ ଶବକୁ ପଞ୍ଚନାମା ପାଇଁ ପୁରୀ ମେଡ଼ିକାଲକୁ ପଠାଇବା ସଙ୍ଗେ ସଙ୍ଗେ ତଦନ୍ତ ଜାରି ରଖିଛି।

## ବୋମା ମାଡ଼ରେ ୩ ଆହତ; ଜଣେ ଅଟକ



କଣାସ,୨୬।୧୨(ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଡା ଥାନା ଗୋପୀନାଥପୁର ଗ୍ରାମରେ ବୋମା ମାଡ଼ ହୋଇଛି। ଏଥିରେ ୩ଜଣ ଆହତ ହୋଇଥିବାବେଳେ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରିଛି। ଜମିରେ ପାଣିମଡ଼ାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗତକାଲି ବଚସା ହୋଇଥିଲା। ଆଜି ସକାଳୁ ଗ୍ରାମର ଦିଲ୍ଲୀପ ପ୍ରଧାନ ଚା' ପିଇବାକୁ ଯାଉଥିବାବେଳେ ତାଙ୍କ ପ୍ରତିପକ୍ଷ ପରିବାରର ଟୁଲୁ ପ୍ରଧାନ ତିନୋଟି ବୋମା ମାଡ଼ କରିଥିଲେ। ଏଥିରେ ଦିଲ୍ଲୀପ ପ୍ରଧାନ ଓ ପ୍ରକାଶ ପ୍ରଧାନ ଦୁଇ ଭାଇ ସାମାନ୍ୟ ଆହତ ହୋଇଥିବାବେଳେ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ ମଧ୍ୟ ବୋମା ମାଡ଼ରେ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଉଛି। ଗଡ଼ିଶାଗୋଡା ଥାନା ଅଧିକାରୀ ସୁଧୀର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ବୋମା ପକାଇଥିବା ଟୁଲୁ ପ୍ରଧାନକୁ ଧରି ଆଣି ଅଟକ ରଖିଛନ୍ତି। ପ୍ରକାଶ ବୋମା ମାଡ଼ ସମ୍ପର୍କରେ ଏତଲା ଦେବା ପରେ ଗଡ଼ିଶାଗୋଡା ଥାନା ଆଇଆଇସି କେସ ନମ୍ବର ୨୦୮/୨୦୨୫ରେ ମକଦ୍ଦମା ରୁଜ କରି ତଦନ୍ତ ଚଳାଇଛନ୍ତି।

## ନିମାପଡ଼ାରେ ବିଜେଡିର ପ୍ରତିଷ୍ଠା ଦିବସ



ନିମାପଡ଼ା,୨୬।୧୨(ସମିସ): ନିମାପଡ଼ା ନଗର ବିଜେଡି ସଭାପତି ଦିଲ୍ଲୀପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଷ୍ଠା ଦିବସ ଅବସରରେ ପୁରୀଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ଯୁବସଂଗଠକ ମାନସ ପ୍ରଧାନ, ଭାଗୀରଥି ଖଟୋଇଙ୍କ ସମେତ ଶତାଧିକ ଯୁବ ଓ ମହିଳାକର୍ମୀ ଯୋଗଦେଇ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଧୁମଧାମରେ ପାଳନ କରାଯାଇଥିଲା। ରାଜ୍ୟ ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରିବା ସହ ସେ ସୁସ୍ଥ ନୀରାମୟ ଜୀବନ ଯାପନ କରନ୍ତୁ ବୋଲି କର୍ମୀମାନେ ଜଗତରନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାଥନା କରିଥିଲେ।

## ଲଙ୍କେଶ୍ୱରୀ ଫୁଟବଲ ସେମିରେ ଫ୍ରେଣ୍ଡ୍ସ ପାରାଡାଇଜ୍

ବଳଙ୍ଗା,୨୬।୧୨(ସମିସ): ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଛି। ଫ୍ରେଣ୍ଡ୍ସ ପାରାଡାଇଜ୍, ଜଟଣୀ ଓ ସେଞ୍ଚୁରିଆନ ୟୁନିଭରସିଟି ଭୁବନେଶ୍ୱର ମଧ୍ୟରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଫ୍ରେଣ୍ଡ୍ସ ପାରାଡାଇଜ ସେମିଫାଇନାଲରେ ପହଞ୍ଚିଛି। ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ , ସୁନିଲ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦୀପ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଟଣୀ ପୂର୍ବତନ ବିଧାୟକ ସୁର ରାଉତରାୟ, ବଳଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ବଳଙ୍ଗା ପଞ୍ଚାୟତ ସଭାପତି ପ୍ରଭାକର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସାରସ୍ୱତ ସମାବେଶ



ରାଉରକେଲା,୨୬ ।୧୨(ସମିସ): ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଅଖିଳଭାରତୀୟ ସାହିତ୍ୟ ପରିଷଦ, ନିର୍ମଳ ମୁଣ୍ଡାନଗର ଶାଖାର ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ରରେ ଶାଖାର ସଭାପତି ପ୍ରାଧ୍ୟାପକ ଗିରିଜାଶଙ୍କର ଗୋସ୍ୱାମୀ ଅଧ୍ୟକ୍ଷତା କରି କହିଲେ ଯେ, ଓଡ଼ିଶାର ମହାପୁରୁଷଙ୍କୁ କେବଳ ଶ୍ରାଦ୍ଧ ବାର୍ଷିକୀ ଏବଂ ଜୟନ୍ତୀ ଦିବସରେ ସ୍ମରଣ କରିଥାଉ । ଉତ୍ତର ପିଢିଙ୍କୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାର ପ୍ରୟାସ ହୋଇ ନ ଥାଏ । ଅତୀତରେ ଦେଶାତ୍ମବୋଧ କବିତା ଦେଶରୁ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ପରିବର୍ତ୍ତନ ଆଣିବା ପାଇଁ ମୁଖ୍ୟ ଭୂମିକା ନେଇଥିଲା ବୋଲି ପ୍ରକାଶ କରିଥିଲେ । ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକ ବିକ୍ରମ ଆଚାର୍ଯ୍ୟ ଏବଂ ଗୌତମ ଦାସ ଯଥାକ୍ରମେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଏବଂ ରାଷ୍ଟ୍ର ନିର୍ମାଣରେ କବିତାର ଭୂମିକା ଶୀର୍ଷକ ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥିଭାବେ ପ୍ରଫେସର ଶ୍ରୀନାଥ ଜେନା ଯୋଗଦେଇ କହିଲେ ଯେ, ଐତିହାସିକମାନେ ଉତ୍କଳ ସନ୍ତାନମାନଙ୍କୁ ଠିକ ଭାବରେ ଗୁରୁତ୍ୱ ଦେଇନାହାନ୍ତି । ଭାରତୀୟ ସଂସ୍କୃତିକୁ ଅବହେଳା କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବି ଅଜୟ କୁମାର ମହାନ୍ତି ଏବଂ ଚିନ୍ମୟୀ ପୁରୋହିତଙ୍କ ସଂଯୋଜନାରେ କିଶୋରୀ କର, ତ୍ରିଲୋଚନ ସ୍ୱାଇଁ, ବ୍ରଜେନ୍ଦ୍ର ଦାଶ, ନିରୁପମା ପତି, ପ୍ରତାପ ପଣ୍ଡା, ଅମୀୟ ମହାନ୍ତି, ପ୍ରତିମା ମିଶ୍ର, ବ୍ରହ୍ମାନନ୍ଦ ପାଢ଼ୀ, ନିକୁଞ୍ଜ ବିହାରୀ ଦାଶ, ଗଦାଧର ରଥ, ଚିନ୍ମୟୀ ପୁରୋହିତ, ଅଜୟ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଭଜହରି ବେହେରା ଅତିଥିଙ୍କୁ ସ୍ୱାଗତ ଓ ପରିଚୟ, ରମେଶ ଚନ୍ଦ୍ର ସିଂ ଧନ୍ୟବାଦ ଏବଂ ଦୀପକ କୁମାର ସାହୁ ମଞ୍ଚ ସଂଯୋଜନା କରିଥଲେ । ଅଧ୍ୟାପକ କରୁଣାକର ପାଟ୍‌ଶାହାଣୀ, ହରିହର ଶତପଥୀ, ସରୋଜ ସ୍ୱାଇଁ, ଗଜେନ୍ଦ୍ର ସାହାଣୀ ପ୍ରମୁଖ ସହଯୋଗ କରିଥିଲେ । ହୃଷିକେଶ ନାୟକ, ବିଜୟ ପରିଡା, ହରିହର ନାୟକ ଓ ପ୍ରଭାତୀ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେଡିର ପ୍ରତିଷ୍ଠା ଦିବସ

# ରାଜନୀତି ନୁହେଁ; ସେବାନୀତି ସାଜିଛି ପ୍ରେରଣା



ରାଉରକେଲା, ୨୬।୧୨(ସମିସ): ଓଡ଼ିଶାର ପ୍ରବାଦ ପୁରୁଷ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ୧୯୯୭ ଡିସେମ୍ବର ୨୬ରେ ବିଜୁ ଜନତା ଦଳର ଗଠନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ସୁନ୍ଦରଗଡ଼ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ କରମଡିହି ସ୍କୁଲପଡିଆ ଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଏହାପରେ ସେଠାରୁ ସମସ୍ତେ କରମଡିହି ସଭାସ୍ଥଳକୁ ଯାଇଥିଲେ । ସେଠାରେ ସୁନ୍ଦରଗଡ଼ ସଦର, ତଳସରା ଏବଂ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ସମସ୍ତ ନେତୃମଣ୍ଡଳୀ, କର୍ମୀଙ୍କ ସହିତ ହଜାର ହଜାର ମହିଳା, ପୁରୁଷ ଏକତ୍ର ହୋଇଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡିର ବରିଷ୍ଠନେତା, ପୂର୍ବତନ ମନ୍ତ୍ରୀ, ବିଧାୟକ, ଜିଲ୍ଲା ସଭାପତି ମଙ୍ଗଳା କିଷାନ, ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଯୋଗେଶ କୁମାର ସିଂ, ଜିଲ୍ଲାପରିଷଦ ସଭ୍ୟ ଅମୀୟ ପ୍ରଧାନ, ଗତ ନିର୍ବାଚନର ରାଜଗାଙ୍ଗପୁର ବିଧାୟକ ପ୍ରାର୍ଥୀ ଅନିଲ ବରୱା, ବିଜେଡିର ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ ଏବଂ ଜିଲ୍ଲା କୃଷକସେଲ ସେକ୍ରେଟାରୀ ସୁନୀଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ମଞ୍ଚକୁ ପୂର୍ବତନ ଜିଲ୍ଲା ମହିଳା ବିଜେଡି ସଭାପତି ରଞ୍ଜନା ପଣ୍ଡା ପରିଚାଳନା କରିଥିଲେ । ଏହି ସଭାରେ ହେମଗିର ବ୍ଲକ୍ ସଭାପତି ସୁକାନ୍ତ ପତି, ବରିଷ୍ଠନେତା ଜିତୁ ଦାସ, ଅମରେଶ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନ ନାଏକ, ଗେଲବତୀ ପଟେଲ, ସୁମନ୍ତ ପଣ୍ଡା ଉପସ୍ଥିତ ଥିଲେ । ଏହି ପ୍ରତିଷ୍ଠା ଦିବସରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ପୂର୍ବତନ ବିଜେଡି ଟାଉନ ସଭାପତି ତଥା ଉପ ନଗରପାଳ ଲଲାଟ ପରିଡ଼ା, ସୁମନ୍ତ ପଣ୍ଡା, ଏମଡି କଲିମ, ବରୁନ ବାଗ, ଦଳୀୟ ବ୍ଲକ ଅଦକ୍ଷ୍ୟ, ଦଳୀୟ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, କାଉନସିଲର, ପଞ୍ଚାୟତ ସମିତି ମେମ୍ବର ସମେତ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

**ବଣାଇଁ :** ରାଜନୀତି ନୁହେଁ ସେବାନୀତି ଏବଂ ବିକାଶ ନୀତି ପାଇଁ ପ୍ରେରଣା ସାଜିଛି ବିଜେଡି । ଗତ ୨୯ବର୍ଷ ଧରି ଦଳର ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସାଜିଛି ଓଡ଼ିଶାବାସୀଙ୍କ ସେବକ । ଆଜି ବଣାଇଁ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିନିମନ୍ତେ ଦଳର ବଣାଇଁ ନିର୍ବାଚନମଣ୍ଡଳୀରେ ରାଉରକେଲା ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସର୍ବ ପ୍ରଥମେ ବିଜୁ ଛକ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ବଣାଇଁ ପିଏଆଇଟିଡିଏ ସଭାକକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାସ୍ୱାଲ ଓରାମ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, କୋଇଡା ବ୍ଲକ ସଭାପତି କରୁଣାକର ପାତ୍ର ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବଣାଇଁଗଡ଼ ବ୍ଲକ ସଭାପତି ବାଣେଶ୍ୱର ସାହୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଜେଡିର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ୫୦୦ରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ । ଅଶୋକ ବେହେରା, ସିଂରାୟ ମୁଣ୍ଡା,




ବିଜେଡି ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ବଣାଇଗଡ଼ ବ୍ଲକ ସଭାପତି ରଘୁନାଥ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀର ବିଚିତ୍ର ସେନ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପୂର୍ବତନ ଜିଲ୍ଲାପରିଷଦ ସଭାପତି ରଞ୍ଜିତ କିଷାନ, ଗୁରୁଣ୍ଡିଆ ବ୍ଲକ ସଭାପତି ରମେଶ ନାୟକ, ସଞ୍ଜୟ ଦାଶ, କେଦାର ମହାନ୍ତ, ସୋରଜ ତ୍ରିପାଠୀ, ଲକ୍ଷ୍ମୀ କିଷାନ, ବିନତି ବେହେରା, ସୁମିତ୍ରା ଚାରଦିଆ, ଦ୍ରୋପଦୀ କିଷାନ, ଇନ୍ଦିରା ବଡା, ମାଳତୀ କିଷାନଙ୍କ ସମେତ ଯୁବନେତା ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ଲକ୍ଷ୍ମୀ ମହାନ୍ତ, ତାପସ କାଲୋ ପ୍ରମୁଖ ସହଯୋଗ କରିଥିଲେ ।

# ୧୮ ଦଫା ଦାବି ନେଇ ଡାକ୍ତରଙ୍କ ଆନ୍ଦୋଳନ

ବଣାଇଁ,୨୬ ।୧୨(ସମିସ): ବଣାଇ ଉପଖଣ୍ଡସ୍ତରୀୟ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ତରଫରୁ ରାଜ୍ୟସ୍ତରୀୟ ଓମସାର ନିଷ୍ପତ୍ତିକୁ ପାଳନ କରି ଆଜି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଆନ୍ଦୋଳନ ଦେଖିବାକୁ ମିଳିଛି । ଲାଗି ରହିଥିବା ବିଭିନ୍ନ ସମସ୍ୟା ଯଥା ୧୮ ଦଫା ଦାବି ସମ୍ବଳିତ ଦାବିପତ୍ର ସରକାରଙ୍କୁ ବହୁ ଦିନ ଧରି ହସ୍ତାନ୍ତର ସତ୍ତ୍ୱେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି । ସ୍ୱାସ୍ଥ୍ୟସେବା ଭଳି ଏକ ସମ୍ବେଦନଶୀଳ ବିଭାଗ ପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଓଡିଶାର ସମସ୍ତ ଡାକ୍ତର ସମୂହଙ୍କୁ ବ୍ୟଥିତ କରିଛି । ଡାକ୍ତର ପଦ ପୂରଣ, ଡେଣ୍ଟାଲ ଡାକ୍ତରଙ୍କୁ ଡିଏସିପି ସମାନତା, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ ଭଳି ଦାବି ଉପସ୍ଥାପନା କରାଯାଇଛି । ନଭେମ୍ବର ୨୦ରୁ କଳା ବ୍ୟାଜ୍ ପରିଧାନ କରି ଡାକ୍ତରମାନେ କାର୍ଯ୍ୟକରି ଆସୁଛନ୍ତି । କିନ୍ତୁ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଓମସା ଚରମ ନିଷ୍ପତ୍ତି ନେଇଛି । ଶୁକ୍ରବାର ଅନିର୍ଦ୍ଦିଷ୍ଟକାଳ ପାଇଁ ଏକ




## ଦିନକୁ ଏକ ଘଣ୍ଟା ଓପିଡି ବନ୍ଦ

ଘଣ୍ଟା (ସକାଳ ୧୦ରୁ ଦିନ ୧୧) ପର୍ଯ୍ୟନ୍ତ ଓପିଡି ବିଭାଗରେ ରୋଗୀଦେଖିବା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି । ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ସମେତ ସରସରା, ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମସ୍ତ ଡାକ୍ତର ମାନେ ଆଜି ଏକ ଘଣ୍ଟା ଓପିଡି ସେବା ବନ୍ଦ କରିଥିଲେ । ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ଆମମାନଙ୍କ ଦାବି ନ ଶୁଣିବେ ସେ ପର୍ଯ୍ୟନ୍ତ ଆମେ ପ୍ରତିଦିନ ଏକ ଘଣ୍ଟା ଓପିଡି ସେବା ବନ୍ଦ ରଖିବୁ ବୋଲି ବଣାଇଁ ଓମସା ଶାଖା ତରଫରୁ ସୂଚନା ଦିଆଯାଇଛି ।

# ଆର୍‌ଏସ୍‌ପି ପକ୍ଷରୁ ବିଶ୍ୱ ଧ୍ୟାନ ଦିବସ

ରାଉରକେଲା,୨୬।୧୨(ସମିସ): ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ (ଏଲଏଣ୍ଡଡି) ବିଭାଗର ଗୋପବନ୍ଧୁ ଅଡିଟୋରିୟମ୍‌ରେ ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଖଣି ଉନ୍ନୟନ ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, ମାଇନ୍ସ ଓଜିଓଏମ- ସିଏମ୍‌ଏଲଓର ନିର୍ବାହୀ ନିର୍ଦ୍ଦେଶକ ଏମପି ସିଂହ, ଅତିଥି ବକ୍ତା ଆର୍ଟ ଅଫ୍ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ବିଡି ଶିଭାରେ ମଞ୍ଚାସୀନ ଥିଲେ । ଶ୍ରୀ ଗିରି ବିଶେଷକରି ଆଜିର ଦ୍ରୁତ ଗତିଶୀଳ ବୃତ୍ତିଗତ ପରିବେଶରେ ଆନ୍ତରିକ ସୁସ୍ଥତା ହାସଲ କରିବା ପାଇଁ ଧ୍ୟାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଧ୍ୟାନ ମାନସିକ ସନ୍ତୁଳନ, ଭାବପ୍ରବଣ ସ୍ଥିରତା ଏବଂ ସାମଗ୍ରିକ ସୁସ୍ଥତାକୁ ବଜାୟ ରଖିବା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ । ଏଚ୍‌ଆରଏଲଆଣ୍ଡଡି ବିଭାଗର ସିଜିଏମ୍ ପିକେ ସାହୁ ସମାବେଶକୁ ସ୍ୱାଗତ କରିଥିଲେ । ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଉରକେଲା ଗସ୍ତ

ରାଉରକେଲା,୨୬।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ରାଉରକେଲାରେ ଆସି ପହଞ୍ଚିଛନ୍ତି । ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଜ୍ୟ ବିଜେପି ମୁଖପାତ୍ର ଧୀରେନ ସେନାପତି, ରାଉରକେଲା ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ପୂର୍ବତନ ଚାମ୍ବର ଅଫ୍ କମର୍ସ ସଭାପତି ସୁବ୍ରତ ପଟ୍ଟନାୟକ, ସୁଦର୍ଶନ ଗୋଏଲ, ପୂର୍ବତନ ଚାମ୍ବର ଅଫ୍ କମର୍ସ ସଭାପତି ପ୍ରବୀଣ ଗର୍ଗ, ଚାମ୍ବର ଅଫ୍ କମର୍ସ ସଭାପତି ମଳୟ ମଣ୍ଡଳ, ବରିଷ୍ଠ ନେତା ନିହାର ରାୟଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଆଜି ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ । କେନ୍ଦ୍ରମନ୍ତ୍ରୀ



ଶ୍ରୀ ପ୍ରଧାନ ରାଉରକେଲା ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନଆଇଟି) ଗସ୍ତ କରି ଆସନ୍ତାକାଲି ଏନଆଇଟି ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ତିନୋଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଭୂମି ପୂଜନ ଏବଂ ସିଭିଲ୍ ଇଞ୍ଜିନିୟରିଂ ବିଭାଗ କୋଠ, ୫୦୦ ଆସନ ବିଶିଷ୍ଟ ବାଳିକା ଛାତ୍ରାବାସ ଏବଂ ପ୍ରତିଷ୍ଠାନ ଅତିଥି ଭବନକୁ ଶିଳାନ୍ୟାସ ମଧ୍ୟ କରିବେ ବୋଲି ଜଣାପଡ଼ିଛି ।

# ଫେବୃଆରୀ ୩ ରୁ ରାଉରକେଲା ପୁସ୍ତକ ମହୋତ୍ସବ

ରାଉରକେଲା,୨୬ ।୧୨(ସମିସ): ରାଉରକେଲା ଇସ୍ପାତ କାରଖାନା ଏବଂ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ସହଯୋଗରେ "ରାଉରକେଲା ପୁସ୍ତକ ମହୋତ୍ସବ' ଫେବୃଆରୀ ୩ ରୁ ୧୨ ତାରିଖ ପର୍ଯ୍ୟନ୍ତ ରାଉରକେଲାସ୍ଥିତ ଭଞ୍ଜ ସାଂସ୍କୃତିକ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ହେବାକୁ ଯାଉଛି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଡିସେମ୍ବର ୨୪ ତାରିଖରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ପୁସ୍ତକ ମେଳାରେ ପରିଦର୍ଶକମାନେ ବିଭିନ୍ନ ପ୍ରକାରର ଏବଂ ସମସ୍ତ ବୟସର ପାଠକଙ୍କ ପାଇଁ ଉପଯୁକ୍ତ ଶୀର୍ଷକ ପ୍ରଦର୍ଶନ କରୁଥିବା ପ୍ରମୁଖ ଜାତୀୟସ୍ତରୀୟ ପ୍ରକାଶକମାନଙ୍କ ସହିତ ସାହିତ୍ୟର ଏକ ସାରସ୍ୱତ ଚୟନ ଆଶା କରିପାରିବେ । ପୁସ୍ତକ ମେଳା ବ୍ୟତୀତ, ଏହି ମହୋତ୍ସବ ବୌଦ୍ଧିକ ଏବଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମୁଖ୍ୟ କେନ୍ଦ୍ର ହେବ ବୋଲି ଲକ୍ଷ୍ୟ ରହିଛି । ଏହି ମହୋତ୍ସବରେ ସାହିତ୍ୟିକ ଆଲୋଚନା, କବିତା ପାଠୋତ୍ସବ ଅଧିବେଶନ, ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବ ଯାହାଦ୍ୱାରା ସାହିତ୍ୟ ଏବଂ ସଂସ୍କୃତି ମିଳିତ ଭାବରେ ବିକଶିତ ହେବ ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

# ରାଜାମୁଣ୍ଡା ବାଇପାସ୍ ଛକ 'ଅଟଳ ବିହାରୀ ବାଜପେୟୀ ଛକ' ନାମରେ ନାମିତ

ବଣାଇଁ,୨୬ ।୧୨(ସମିସ): ବିଜେପିବଣାଇଁନିର୍ବାଚନମଣ୍ଡଳୀର ରାଜାମୁଣ୍ଡା ସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମ ଶତାବ୍ଦୀ ବର୍ଷ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହ-ସଂଯୋଜକ ଆହ୍ଲାଦ ବଢ଼େଇ ସଂଯୋଜନା କରିଥିବାବେଳେ




ସମବେତ ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ, କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଜିଲ୍ଲା ସମ୍ପାଦକ ଅନିଲ କୁମାର ମାହାନ୍ତ, ଜିଲ୍ଲା ସଧାରଣ ସମ୍ପାଦକ ଅଭିରାମ ମହାକୁଳ ପ୍ରମୁଖ ସ୍ୱର୍ଗତଃ ବାଜପେୟୀଙ୍କ ନୀତି, ଆଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସଭାକାର୍ଯ୍ୟ ପରେ ରାଜାମୁଣ୍ଡା ବାଇପାସ୍ ଗୋଲେଇ ଛକକୁ "ଅଟଳ ବିହାରୀ ବାଜପେୟୀ ଛକ" ଭାବେ ନାମିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କ. ବଲାଙ୍ଗ ମଣ୍ଡଳ ସଭାପତି ହେମ୍ବ୍ର ଓରାମ, ସରସରା ମଣ୍ଡଳ ସଭାପତି ବିରେନ୍ଦ୍ର ବଡ ନାୟକ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ମନୋଜ ସାହୁ, ବଣାଇଁ ମଣ୍ଡଳ ସଭାପତି ମିଥିଳା ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡ଼ତିଆ, ହଳଧର ମାହାନ୍ତ, କର୍ମୁ କିସାନ, ଶିବସୁନ୍ଦର ରାଉତ, ଶଙ୍କର୍ଷଣ ସେନାପତି, ଲବ କିଶୋର ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ କୁମ୍ଭାର, ରାମ ପ୍ରକାଶ ଜୈସ୍ୱାଲ, ଅଭିମନ୍ୟୁ ମହାକୁଳ, କଳାକର ପାତ୍ର, ସୌଦାମିନୀ ଦଳବେହେରା, ଦେବଚରଣ କିସାନ, ଭୁବନେଶ୍ୱର ବେହେରା, ରାଜେଶ ଜୈସ୍ୱାଲ, କିରଣ କାଲୋ, ମାଦି ଓରାମ, ହେମେନ୍ଦ୍ର ମାହାନ୍ତ, ରାଜ କିଶୋର ମାହାନ୍ତ, ମହାଦେବ ଓରାମ, ସୁଶାନ୍ତ ବେହେରା, ଆଦାମ ସୋରେନ ପ୍ରମୁଖ ଯୋଗଦେଇ ଥିଲେ ।

## ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ନାଟକ 'ବିରଳ ତପସ୍ୱୀ' ମଞ୍ଚସ୍ଥ

ରାଉରକେଲା,୨୬ ।୧୨(ସମିସ): ସ୍ପନ୍ଦନ ଆୟୋଜିତ ସର୍ବ ଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଷଷ୍ଠ ଦିବସ ସଂଧ୍ୟାରେ ଆସାମର 'ସାରସା' ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସିଭକ ସେଣ୍ଟର ମଞ୍ଚରେ ଅଭିନୀତ ହୋଇଥିଲା ଅହମିଆ ଭାଷାର ନାଟକ 'ବିରଳ ତପସ୍ୱୀ'। ବିରାଡି ଓ ମୂଷାର କାହାଣୀକୁ ନେଇ ପ୍ରଦର୍ଶିତ ହୋଇଥିଲା ନାଟକ । ଏମାନଙ୍କ ମଧ୍ୟରେ ବନ୍ଧୁତ୍ୱ ଅସମ୍ଭବ । ବିରାଡି ସର୍ବଦା ଅପେକ୍ଷା ରଖେ ମୂଷାକୁ ଖାଇବା ପାଇଁ । ତେଣୁ କାଇଦାକରି ବିରାଡି ମାରି ଖାଇଦିଏ ବିରାଡିର ମା ଓ ବାପାଙ୍କୁ । ଏହାଜାଣି ସେମାନଙ୍କ ତିନୋଟି ପିଲା ବିରାଡିକୁ ପାନେ ଦେବାପାଇଁ ଯୋଜନା କରନ୍ତି, କିନ୍ତୁ ସେତେବେଳେ ମଧ ଚାଲାକ ବିରାଡି ମୂଷା ତିନିଙ୍କ ଭିତରେ ଫାଟ ସୃଷ୍ଟିକରି ସେମାନଙ୍କୁ ଗିରଫ କରି ନିଅନ୍ତି ତଥାପି ବୁଦ୍ଧି ଖର୍ଚ୍ଚକରି ନିଜ ଅନ୍ୟ ଦୁଇ ଭାଇକୁ ବିରାଡି ପାଖରୁ ଗିରଫ ଦୁଇ ଭାଇଙ୍କୁ ଖସାଇ ଆଣିଛି । ବିରାଡି ବେକରେ ଗୋଟେ ଘଣ୍ଟି ବାନ୍ଧିବାକୁ ମୂଷାତିନିଭାଇ ଯୋଜନା କରନ୍ତି ଏବଂ ସଫଳ ମଧ୍ୟ ହୁଅନ୍ତି, ସାହସ କରି ବାନ୍ଧି ବି ଦିଅନ୍ତି । ଏହି କାହାଣୀ ମାଧ୍ୟମରେ ସମାଜରେ ଶୋଷକ ଓ ଶୋଷିତର କଥା ଦେଖେଇ ଦିଆଯାଇଛି । ନାଟ୍ୟକାର



ଓ ନିର୍ଦ୍ଦେଶକ ଅସିମ୍ କୁମାର ନାଥଙ୍କ ନିର୍ଦ୍ଦେଶିତ ଏହି ନାଟକର, ସଂଗୀତ ନିର୍ଦ୍ଦେଶକ ଥିଲେ ରାଜଦୀପ ଦତ୍ତ ଏବଂ ମଞ୍ଚ ସଜ୍ଜା କରିଥିଲେ ରିପୁଞ୍ଜୟ ଦତ୍ତ । ନାଟକର ନିର୍ଦ୍ଦେଶକ ଅସୀମ କୁମାର ଦତ୍ତଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା ।

## ସେଲ୍ ଓ ଗେଡକଲ୍ ମଧ୍ୟରେ ବିଦ୍ୟୁତ କ୍ରୟ ସମ୍ପର୍କିତ ଚୁକ୍ତିନାମା

# ମନ୍ଦିରା ଡ୍ୟାମ୍ ପ୍ରକଳ୍ପରୁ ହେବ ବିଦ୍ୟୁତ୍ ଯୋଗାଣ

ରାଉରକେଲା,୨୬ ।୧୨(ସମିସ)

ସେଲ୍ ଏବଂ ଗେଡକଲ ମଧ୍ୟରେ ବିଦ୍ୟୁତ କ୍ରୟ ସମ୍ପର୍କିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଅନୁଯାୟୀ ୧୦ ମେଗା ୱାଟ ବିଶିଷ୍ଟ ମନ୍ଦିରା କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ଆରଏସପି ଉପଯୋଗ କରିବ ଏବଂ ପ୍ରକଳ୍ପରୁ ବିଦ୍ୟୁତ୍ ନିଷ୍କାସନ କୁଆଁରମୁଣ୍ଡା ଗ୍ରୀଡ୍ ସବ-ଷ୍ଟେସନ୍ ମାଧ୍ୟମରେ କରାଯିବ ବୋଲି ସୂଚନା ମିଳିଛି । ସୂଚନା ଅନୁସାରେ ଗେଡକଲ ଏବଂ ସେଲର ଯୁଗ୍ମ ଉଦ୍ୟୋଗ କମ୍ପାନୀ, ଗେଡକଲ ସେଲ୍ ପାୱାର କର୍ପୋରେସନ ଲିମିଟେଡ୍ (ଜିଏସପିସିଏଲ), ମନ୍ଦିରା ଡ୍ୟାମରେ ଏକ ୧୦ ମେଗାୱାଟ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯାଉଛି ।

ଏହି ପରିପ୍ରେକ୍ଷୀରେ ଗତ ୨୪ରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସମ୍ମିଳନୀକକ୍ଷଠାରେ




ଜିଏସପିସିଏଲ ଏବଂ ସେଲ୍ ମଧ୍ୟରେ ବିଦ୍ୟୁତ କ୍ରୟ ଚୁକ୍ତିନାମା (ପିପିଏ) ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ସଚିବ ତଥା ଓଏଚପିସିର ସିଏମଡି ଏବଂ ସବୁଜ ଶକ୍ତି ବିକାଶ ନିଗମ ଓଡ଼ିଶା ଲିମିଟେଡ୍ (ଗେଡକଲ)ର ଅଧ୍ୟକ୍ଷ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ଏହି ପିପିଏ ସ୍ୱାକ୍ଷରିତ ହୋଇଥିଲ । ଏହି ଅବସରରେ ଓଏଚପିସିର ନିର୍ଦ୍ଦେଶକ ବି. ସି ଜେନା, ନିର୍ଦ୍ଦେଶକ ଆର.ସି. ତ୍ରିପାଠୀ ଓ ନିର୍ଦ୍ଦେଶକ (ଅର୍ଥ) ଏବଂ ଜିଏସପିସିଏଲର ଅଧ୍ୟକ୍ଷ ପି.କେ. ମହାନ୍ତି ଏବଂ ଓଏଚପିସି ଓ ଗେଡକଲର ନିର୍ଦ୍ଦେଶକ (ଅପରେସନ) ଏ.କେ.ମହାନ୍ତି ଉପସ୍ଥିତ ଥିଲେ । ସେଲ୍, ରାଉରକେଲା ଇସ୍ପାତ କାରଖାନାର ପ୍ରତିନିଧିମାନଙ୍କ ମଧ୍ୟରେ ସିଜିଏମ (ପାୱାର) ଦୀପକ ରାୟ ଏବଂ ସିଜିଏମ ଏନ୍‌ପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍ ତଥା ଜିଏସପିସିଏଲ ବୋର୍ଡର ନିର୍ଦ୍ଦେଶକ ଆର.କେ. ମୁଦୁଲି ସାମିଲ ଥିଲେ । ପ୍ରକାଶ ଯୋଗ୍ୟ ଯେ, ୧୦ ମେଗାୱାଟ ବିଶିଷ୍ଟ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ଆର୍‌ଏସ୍‌ପି ଉପଯୋଗ କରିବ ଏବଂ ପ୍ରକଳ୍ପରୁ ବିଦ୍ୟୁତ୍ ନିଷ୍କାସନ କୁଆଁରମୁଣ୍ଡା ଗ୍ରୀଡ୍ ସବ-ଷ୍ଟେସନ୍ ମାଧ୍ୟମରେ କରାଯିବ । ଏହି ଅବସରରେ ବିଶାଳ କୁମାର ଦେବ ପିପିଏ ସ୍ୱାକ୍ଷର ପାଇଁ ଜିଏସପିଏଲ ଦଳକୁ ଅଭିନନ୍ଦନ ଜଣାଇଥିଲେ ।

# ବସ୍ ଜାଳିଦେଲେ ଦୁର୍ବୃତ୍ତ

ରାଉରକେଲା,୨୬ ।୧୨(ସମିସ): ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ଅଧୀନ ବାଲିଯୋଡି ରାସ୍ତା କଡ଼ରେ ଛିଡ଼ା ହୋଇଥିବା 'ଅଞ୍ଜଳି'ବସ୍‌କୁ ଗତ ବିଳମ୍ବିତ ରାତିରେ କେହି ଦୃର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ, ବାଲିଯୋଡି ଅଞ୍ଚଳରେ ୨ଟି ନୂତନ ଅଞ୍ଜଳି ବସ୍ ପାର୍କିଂ ହୋଇଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗୋଟିଏ ବସ୍‌ରେ ନିଆଁ ଲଗାଇ ଦେଇଥିଲେ । ଦେଖୁ ଦେଖୁ ନିଆଁ ଜୋରରେ ଲାଗି ଯାଇଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ଓ ପୁଲିସକୁ ସୂଚନା ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । କେବଳ ସେତିକି ନୁହେଁ ଦୁର୍ବୃତ୍ତମାନେ ଅନ୍ୟ ବସ୍‌ର କାଚ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ତେବେ କେଉଁ କାରଣକୁ ନେଇ ଏହି ଘଟଣା ଘଟିଲା ତାହା ସ୍ପଷ୍ଟ ହୋଇପାରି ନାହିଁ । ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# କାର୍ ଧକ୍କାରେ ବ୍ୟବସାୟୀ ଆହତ

ରାଉରକେଲା,୨୬।୧୨(ସମିସ): ଉଦିତନଗର ଥାନା ଅଧୀନ ଡିଏଭି ପବ୍ଲିକ ସ୍କୁଲ ସମ୍ମୁଖରେ କାର୍ ଧକ୍କାରେ ଜଣେ କ୍ଷୁଦ୍ର ବ୍ୟବସାୟୀ ଆହତ ହୋଇଥିବା ଜଣାପଡ଼ିଛି । ଶୁକ୍ରବାର ଅପରାହ୍ନ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସେକ୍ଟର ପଟୁ ଏକ କାର୍ ବାସନ୍ତୀ କଲୋନୀ ଆଡକୁ ଆସୁଥିଲା । ଡିଏଭି ଛକ ପାରି କରିବା କ୍ଷଣି ଡିଭାଇଡରକୁ ହଠାତ୍ ଧକ୍କା ଦେଇଥିଲା । ପରେ ସ୍କୁଲ ସମ୍ମୁଖ ଜଣେ କ୍ଷୁଦ୍ର ବ୍ୟବସାୟୀ ଠେଲାକୁ ଯାଇ ଧକ୍କା ଦେଇଥିଲା । ଫଳରେ ବ୍ୟବସାୟୀ ଜଣକ ଆହତ ହୋଇଥିବାବେଳେ କାର୍‌ର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା ।

# ମଣ୍ଡି ଖୋଲି ବିତିଲାଣି ୩ ଦିନ; ଉଠୁନି ଧାନ

କୋରୁକୋଣ୍ଡା, ୨୬ ।୧୨ (ସମିସ)



ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ମାଲକାନଗିରି ଜିଲ୍ଲାରେ ଗତ ୨୪ ତାରିଖ ଠାରୁ ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ସେହିପରି ଭାବେ ଜିଲ୍ଲାର କୋରୁକୋଣ୍ଡା ଲ୍ୟାମ୍ପ ଅଧୀନରେ ପ୍ରଥମ ଦିନରେ ପିଟାଗାଟା, କାମ୍ବାଡା, ପୋଟ୍ରେଲ ଠାରେ ଶୁଭାରମ୍ଭ ହୋଇଥିବା ବେଳେ ଗୁରୁବାର ଚିତାପାରି ଏବଂ ନୀଳାକାମ୍ବେରୁ ଠାରେ ଶୁଭାରମ୍ଭ କରାଯାଇଥିଲା । ଆଜି ତୃତୀୟ ଦିନରେ କୋରୁକୋଣ୍ଡା ବ୍ଲକ ସଦର ଠାରେ ଖରିଫ ଋତୁରେ ଧାନକିଣା ନିମନ୍ତେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ ମଣ୍ଡିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପଞ୍ଚାୟତ ସରପଞ୍ଚ ପଦ୍ମା ମାଡ଼କାମୀ, କୋରୁକୋଣ୍ଡା ଲ୍ୟାମ୍ପସ ସଭାପତି ସାଲୁ ଖିଲ, ଏମ୍‌ଡି ଅଭିମନ୍ୟୁ ହାଲବା, ମଣ୍ଡି ପରିଚାଳନା କମିଟି ସଭାପତି ଗୋବିନ୍ଦ ପାତ୍ର, ଉପସଭାପତି, ବନମାଳି ପାତ୍ର, ସମ୍ପାଦକ କୈଳାସ ଧାକଡ଼, କୋଷାଧକ୍ଷ ଚକ୍ରଧର ରୁଦ୍ରକ୍ଷ୍ୟଙ୍କ ସମେତ ମଣ୍ଡି ପରିଚାଳନା କମିଟି ସଦସ୍ୟ ଏବଂ ବହୁ ଚାଷୀ ଉପସ୍ଥିତ ରହିଥିଲେ । ଦୁଃଖ ଓ ପରିତାପର ବିଷୟ ଆଜକୁ ୩ ଦିନ ଧରି ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ ମଧ୍ୟ ମଣ୍ଡିରେ ଜଣେ ମଧ୍ୟ ଚାଷୀର ଧାନ କିଣା ଯାଇନଥିବା ଚାଷୀମାନେ କହିଛନ୍ତି । ସରକାରଙ୍କ ତରଫରୁ ବିଭିନ୍ନ ମଣ୍ଡି ଅଧିନ ଚାଷୀଙ୍କର ଆଜି ଧାନ ବିକିବା ନିମନ୍ତେ ଟୋକେନ ଆସିଥିବା ବେଳେ କୌଣସି ଚାଷୀଙ୍କ ଠାରୁ ଆଜି ଧାନ ଉଠାଯାଇନଥିବା ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଥିଲେ । ବହୁ ଚାଷୀ ଧାନ ଆଣି ମଣ୍ଡିରେ ରଖିଥିବା ବେଳେ ସେ ସବୁର ସୁରକ୍ଷା ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି । କୋରୁକୋଣ୍ଡା ସ୍ଥିତ ମଣ୍ଡି ପାଚେରୀର କିଛି ସ୍ଥାନ ଭାଙ୍ଗି ଯାଇଥିବା ବେଳେ ରାତ୍ର ସମୟରେ ଆଲୋକୀକରଣର କୌଣସି ସୁବିଧା ମଧ୍ୟ ନାହିଁ । ରାତିହେଲେ ସମଗ୍ର ମଣ୍ଡି ଅନ୍ଧାର ହୋଇ ରହୁଥିବା ବେଳେ ନିଜ ନିଜର ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ଥିବା କହିଛନ୍ତି ଚାଷୀ । ଏନେଇ ଆମେ ଲ୍ୟାମ୍ପସ ଏମଡି ଶ୍ରୀ ହାଲବାଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ମିଲର ଲିଷ୍ଟ ଆସିନାହିଁ, ତେଣୁ ଧାନ କିଣିବାରେ ବିଳମ୍ବ ହେଉଥିବା ସେ କହିଥିଲେ । ମିଲର ଲିଷ୍ଟ ଆସିନଥିବା ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନିଜ ସମସ୍ୟା ଜଣାଇବାରୁ ସେ କହିଥିଲେ ଯେ, ଆସନ୍ତା ସୋମବାର ସୁଧା ମିଲର ଲିଷ୍ଟ ଆସିଯିବ ଏବଂ ଧାନ କିଣା ଆରମ୍ଭ ହେବ । ଅନ୍ୟପଟରେ ତୁରନ୍ତ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

- ଏଯାଏଁ ମିଲର ତାଲିକା ଆସିନଥିବାରୁ ଉଠୁନି ଧାନ: ଏମଡି
- ତୁରନ୍ତ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି କଲେ ଚାଷୀ

## ଚାଷୀଙ୍କ ସମସ୍ୟା ନେଇ କୃଷକ ସଂଘ ପକ୍ଷରୁ ଦାବିପତ୍ର

**କଲ୍ୟାଣସିଂହପୁର, ୨୬।୧୨(ସମିସ):** ରାଜ୍ୟରେ ଚାଷୀଙ୍କ ପ୍ରତି ହେଉଥିବା ଆର୍ଥିକ ସମସ୍ୟା ଓ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ସନ୍ତୁଳି ହୋଇ ପଡୁଛନ୍ତି ଚାଷୀ। ଧାନ ଅମଳ ପରେ ବିକ୍ରି ପାଇଁ ସୁଯୋଗ ମିଳୁନଥିବାରୁ ଚାଷୀ ଶାଗ ମାଛ ଦରରେ ବିକ୍ରିକରୀ ସର୍ବସ୍ୱ ହରାଇ ବସୁଛନ୍ତି।

ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ କୃଷକ ସଙ୍ଘ ପକ୍ଷରୁ ଆଜି ପ୍ରଶାସନକୁ ଜଣାଇବା ପାଇଁ ଲିଖିତ ଦାବି ଉପସ୍ଥାପନା କରି ଜଣାଇଥିବା ଜଣାପଡ଼ିଛି । ବ୍ଲକ କୃଷକ ସଂଘ ଧାନ ବିକ୍ରି ପାଇଁ ଆସିଥିବା ଟୋକେନ ସମୟ ସରି ଆସୁଥିବାରୁ ଚିନ୍ତାରେ ଚାଷୀ। ଅଧିକାଂଶ ଚାଷୀକୁ ବିକ୍ରି ପାଇଁ ଟକେନ ଆସି ନ ଥିବାରୁ ଅମଳ ଧାନ କିପରି ବିକ୍ରି କରିବେ ସେଥିପାଇଁ ଯୁଦ୍ଧ କାଳୀନ ଭିତରେ ଟକେନ ପ୍ରଦାନ। ଏଗ୍ରିମେଣ୍ଟ କରିଥିବା ମିଲ୍ ମାଲିକଙ୍କୁ ସାମିଲ କରି ଧାନ କିଣିବା ବ୍ୟବସ୍ଥା କରାଯାଉ। ପ୍ରତି ମଣ୍ଡିରେ ଧାନ କିଣାର ଟାର୍ଗେଟ ସୂଚନା ପ୍ରଦାନ କରାଯାଇ ଚାଷୀଙ୍କୁ ଜଣାଇ ଦିଆଯାଉ। ଧାନ କିଣା ସମୟରେ ନେଟୱର୍କ ସୁବିଧା ଯୋଗାଇ ଦିଆଯାଉ ବୋଲି ଚାଷୀ ସଂଗଠନ ତହସିଲଦାର, ବିଡ଼ିଓ, ଲ୍ୟାମ୍ପ ଓ ଆରଏମ୍‌ସି ଅଧିକାରୀଙ୍କୁ ଲିଖିତ ଦାବି ପ୍ରଦାନ କରିଥିଲେ। ଏହାର ନକଲି ଜିଲ୍ଲା ପ୍ରଶାସନ ନିକଟକୁ ପଠାଇ ସମସ୍ୟାର ସମାଧାନ କରିବା ଦାବୀ ଜଣାଇଛନ୍ତି କୃଷକ ସଙ୍ଗଠନ। ଏଥିରେ ସଭାପତି ଶ୍ରୀନିବାସ ଚୌଧୁରୀ, ଦାଶରଥୀ ନାୟକ, ପ୍ରଶାନ୍ତ କୌଶଲ୍ୟାଙ୍କ ସହ ବହୁ ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

**ଜୟପୁର, ୨୬ ।୧୨(ସମିସ):** ଜୟପୁର ସଦରଥାନା ଅନ୍ତର୍ଗତ ସଲପା ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତରକ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ସୂଚନାନୁଯାୟୀ, ପୀଡିତ ମଦନ ହରିଜନ ଗତକାଲି ସନ୍ଧ୍ୟା ୭ଟାରୁ ୮ଟା ସମୟ ମଧ୍ୟରେ ସଲପା ଗ୍ରାମର ଚର୍ଚ୍ଚ ନିକଟରେ ଖ୍ରୀଷ୍ଟମାସ ସାଂସ୍କୃତିକ କାର୍ଯ୍ୟକ୍ରମଠାରେ ରହିଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ବିଜୟ ଓ ଖାରୁଆ ଘଟଣାସ୍ଥଳରେ ପହଞ୍ଚି ପୀଡିତ ମଦନକୁ ଖଣ୍ଡା ଓ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ପୀଡିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଏବଂ ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ସେ ଅଚେତ ହୋଇ ପଡ଼ିଯାଇଥିଲେ । ଗ୍ରାମବାସୀମାନେ ଗୁରୁତର ଅବସ୍ଥାରେ ପୀଡିତକଙ୍କୁ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ପୀଡିତକଙ୍କ ଭାଇ ଅଗାଧୁ ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ସିପିଆଇର ଶତବାର୍ଷିକୀ ପ୍ରତିଷ୍ଠା ଉତ୍ସବ

**ଜୟପୁର, ୨୬ ।୧୨(ସମିସ) :** ଭରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ବରିଷ୍ଠ ସଦସ୍ୟ ବୁଦ୍ରା ବଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପାର୍ଟିର ଜିଲ୍ଲା ପରିଷଦ ସଭ୍ୟମାନେ ଦେଶ ଓ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ରାଜ୍ୟ ପରିଷଦ ସଭ୍ୟ ତଥା ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶ ଦଳର ସଦସ୍ୟଙ୍କ ପଦବୀ ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଜନ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ ଧାନର ଅଭାବୀ ବିକ୍ରି, ବେକାରୀ ସମସ୍ୟା ସମାଧାନ, ଦରଦାମ୍ ବୃଦ୍ଧି ଏବଂ ସର୍ବୋପରି ଦେଶର ସମ୍ବିଧାନ ଉପରେ ଆକ୍ରମଣ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି ସହ ଅଭିଯାନ ଜୋରଦାର କରିବାକୁ ଆହ୍ୱାନ କରାଯାଇଥିଲା । ଏଥିରେ ପୂର୍ବତନ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଦେଶରେ ସାମ୍ପ୍ରଦାୟିକବାଦୀଙ୍କ ପ୍ରଭାବ ବୃଦ୍ଧି ପାଇଛି । ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନରେ ବିଭ୍ରାଟ ସୃଷ୍ଟି କରାଯାଇ ଅରାଜକତା ସୃଷ୍ଟି କରାଯାଉଛି ବୋଲି ସମାଲୋଚନା କରିଥିଲେ। କୋରାପୁଟ ଜିଲ୍ଲାରେ ରେଳ ସମ୍ପ୍ରସାରଣ, ମେଡିକାଲ କଲେଜ ପ୍ରତିଷ୍ଠା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ କେବିକେ ଯୋଜନା ପ୍ରଣୟନ ଏବଂ ସେବା କାଗଜ କଳ ପୁନଃ କାର୍ଯ୍ୟକ୍ଷମ ନେଇ ଆନ୍ଦୋଳନ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ମତ ପ୍ରକାଶ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ବେହେରା, ଲୈଛନ ମୁଦୁଲି, ପବନ ମହୁରିଆ ପ୍ରମୁଖ ଉପସ୍ଥିତ ଥିଲେ । ଦଶମନ୍ତପୁର ଜୋନ୍‌ରେ ଜିଲ୍ଲାର ଅନ୍ୟତମ ସହ ସମ୍ପାଦକ କୁମର ଜାନୀଙ୍କ ନେତୃତ୍ୱରେ ଶତବାର୍ଷିକୀ ପାଳନ ସଭା ଅନୁଷ୍ଠିତ ହୋଇଯାଇଛି ।

## ମାଗଣା ହୋମିଓପାଥିକ ଚିକିତ୍ସା ଶିବିର




**କୋରୁକୋଣ୍ଡା/ବାଲିମେଳା, ୨୬ ।୧୨(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ଟାଉନ ହଲ ପରିସରରେ ଆଜି ମାଲକାନଗିରି ସଦର ସ୍ଥିତ ରୟାଲ ହୋମିଓ କ୍ଲିନିକ ପକ୍ଷରୁ ମାଗଣା ହୋମିଓପାଥିକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ବାଲିମେଳା ସହର ତଥା ଏହାର ଆଖପାଖ ଅଞ୍ଚଳ ଯଥା:- ନିଳାଦ୍ରୀନଗର, ସୋରଲୁକୋଣ୍ଡା, ଚିତାପାରି-୩, ଏମଭି-୧୦୯, ଏମଭି-୧୦୪ ଏପରି ବହୁ ଅଞ୍ଚଳରୁ ୧୫୦ରୁ ଉର୍ଦ୍ଧ୍ୱ ଲୋକ ଆସି ଏହି ଶିବିରରେ ମାଗଣାରେ ନିଜ ନିଜର ଚିକିତ୍ସା କରିଥିଲେ । ଏହି ମାଗଣା ଚିକିତ୍ସା ଶିବିରଟି ଦୀର୍ଘ ୨ ବର୍ଷ ଧରି ରୟାଲ କ୍ଲିନିକ ପକ୍ଷରୁ ମାଗଣାରେ ଆୟୋଜିତ କରାଯାଉଥିବାବେଳେ ତୃତୀୟ ବର୍ଷରେ ଏହି ଚିକିତ୍ସା ଶିବିର ଆଜି ବାଲିମେଳାରେ ଡାକ୍ତର ଜ୍ଞାନ ରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଡାକ୍ତର ଦିବ୍ୟ ରଞ୍ଜନ ପଣ୍ଡା, ଡାକ୍ତର ଅରୁଣ ପ୍ରସାଦ ପଣ୍ଡା, ଡାକ୍ତର ଦୀନନାଥ ପାଢ଼ୀ, ଡାକ୍ତର କୌଶଲ୍ୟା ନାୟକ, ଡାକ୍ତର ରଶ୍ମିତା ପାଢ଼ୀ, ଡାକ୍ତର ବିଷ୍ଣୁପ୍ରିୟା ପଟ୍ଟନାୟକ, ଡାକ୍ତର ଲୋପାମୁଦ୍ରା ପ୍ରଧାନ, ଡାକ୍ତର ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମଧୁମେହ, ଉଚ୍ଚ ରକ୍ତଚାପ, ଶ୍ୱାସ ଜନିତ ରୋଗ, ଚର୍ମ ରୋଗ, ସ୍ନାୟୁ ଜନିତ ରୋଗ, ଥଣ୍ଡା କାଶ, ଆଣ୍ଠୁ ଗଣ୍ଠି ବାତ, ସ୍ତ୍ରୀ ରୋଗ ଆଦି ଚିକିତ୍ସାର ସଫଳ ପରୀକ୍ଷଣ କରିବା ସହ ଉଚିତ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଗୋଲକ ବିହାରୀ ପାଢ଼ୀ, ପ୍ରଶାନ୍ତ କୁମାର ପାଢ଼ୀ, ସୁରଜ ଦାସ, ପ୍ରଦୀପ ମାହାଳି, ପ୍ରସନ୍ନ କୁମାର ସାହୁ ପ୍ରମୁଖ ସମାଜସେବୀ ମାନେ ଉପସ୍ଥିତ ରହି ଏହି ମାଗଣା ହୋମିଓପାଥିକ ଚିକିତ୍ସା ଶିବିରକୁ ପରିଚାଳନା କରିଥିଲେ ।

## ଜୟପୁରରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ




**ଜୟପୁର, ୨୬ ।୧୨(ସମିସ):** ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ସ୍ଥାନୀୟ ରାୟ କଲୋନୀଠାରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ରବି ନାରାୟଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ଦଳ ଶାସନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶା ଦରିଦ୍ରତାରୁ ଉଠି ଏବେ ଦେଶର ଗୋଟିଏ ଅଗ୍ରଣୀ ରାଜ୍ୟ ଭାବେ ସାରା ଦେଶରେ ପରିଚିତ ହୋଇପାରିଛି ବୋଲି ବକ୍ତାମାନେ କହିଥିଲେ । ସେହିପରି ଉପାନ୍ତ ଜିଲ୍ଲାର ଗୁଡିକର ଯୋଗାଯୋଗ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁବିଧା, କୃଷି ଓ କ୍ରୀଡା କ୍ଷେତ୍ରରେ ବିକାଶ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେଡି ସରକାର ଦ୍ୱାରା ହିଁ ସମ୍ଭବପର ହୋଇପାରିଛି । ବର୍ତ୍ତମାନ ରାଜ୍ୟରେ ନାରୀ ନିର୍ଯାତନା, ଚାଷୀମାନେ ଅମଳ ଫସଲ ବିକ୍ରି ପାଇଁ ହଇରାଣ ହେଉଛନ୍ତି । ତେଣୁ ଏହାର ସମାଧାନ ନିଶ୍ଚିତ ଭାବେ ଆବଶ୍ୟକ ଅନ୍ୟଥା ଦଳ ପକ୍ଷରୁ ରାଜରାସ୍ତାରେ ସାଧାରଣ ଲୋକଙ୍କ ପାଇଁ ଆନ୍ଦୋଳନ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି । ଏହି ଅବସରରେ ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ବିଜେଡିର ବରିଷ୍ଠ ସଦସ୍ୟ ବାଲା ରାୟଙ୍କ ମଞ୍ଚ ପରିଚାଳନାରେ କରିଥିବା ବେଳେ ବରିଷ୍ଠ ନେତା ସୂର୍ଯ୍ୟଜଦନାରାୟଣ ରଥ, ଦୁର୍ଗା ପ୍ରସାଦ ମିଶ୍ର, ଅନୁ, ଏ.ଶ୍ରୀନିବାସ ରାଓ, ଶିବ ପଟ୍ଟନାୟକ, ବାଲିଙ୍ଗି ରାଓ, ହର ପ୍ରସାଦ ମିଶ୍ର, ଧନ ଖରା, ଯଶପାଲ ସିଂ, ପାର୍ଥ ସାରଥି ମଲ୍ଲିକ, ଅଜିତ ବେହେରା, ସୁଷମା ମହାପାତ୍ର, ପଦ୍ମା ରେଡ୍ଡି, ଏ. ଭଦ୍ରାବେଣୀ, ଅନିତା କୁମାରୀ ରାୟ, ମାଧବ ରଥ. ରାଜା ପାଢ଼ୀ, ବାପି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବିଜୁ ରାଜ ନଗରଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

## ମୋବାଇଲ୍ ହସ୍ପିଟାଲ ଯୋଗୁଁ ହାତ ପାଆନ୍ତାରେ ମିଳୁଛି ସ୍ୱାସ୍ଥ୍ୟ ସେବା



**ଅମ୍ବାଦଳା, ୨୬ ।୧୨(ସମିସ):** ହାତ ପହାନ୍ତାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଆସୁଛି ଅମ୍ବାଦଳା ସତ୍ୟ ସାଇ ସେବା ସମିତି। ସେହିପରି ଆଜି ସମିତି ପକ୍ଷରୁ ଚାଲିଛି ମୋବାଇଲ୍ ହସ୍ପିଟାଲ ସହ ମାଗଣା ସ୍ୱାସ୍ଥ୍ୟ ସେବା ଚାଲୁଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ପରିସରରେ ମୋବାଇଲ୍ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ସହିତ ଔଷଧ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳିଛି । ଏକ ବସ ଭିତରେ ପରୀକ୍ଷାଗାର ସହିତ ରହିଛି ଅତ୍ୟାଧୁନିକ ଯନ୍ତ୍ରପାତି । ତା' ଭିତରେ ବିଶେଷଜ୍ଞମାନେ ରହି କରୁଛନ୍ତି ରୋଗୀ ଚିକିତ୍ସା । ଆଜି କାନ, ଦାନ୍ତ, ଚକ୍ଷୁ ବିଶେଷଜ୍ଞ ସହିତ ଔଷଧ ବିଶେଷଜ୍ଞମାନେ ଉପସ୍ଥିତ ରହି ରୋଗୀ ଚିକିତ୍ସା କରିଥିଲେ। ଅମ୍ବାଦଳା ସତ୍ୟ ସାଇ ସେବା ସମିତି ପକ୍ଷରୁ ହାତ ପାହାନ୍ତରେ ଏଭଳି ମାଗଣା ସେବା ପାଉଥିବାରୁ ଅଯଥା ଖର୍ଚ୍ଚାନ୍ତରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ଏହି କାର୍ଯ୍ୟକ୍ରମରେ ସତ୍ୟ ସାଇ ସେବା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହ ସହଯୋଗ କରିଥିଲେ ।

## ଶିକ୍ଷକ ରବୀନ୍ଦ୍ର ମିଶାଲଙ୍କୁ ଶ୍ରଦ୍ଧାଞ୍ଜଳି



**ଗୁଣପୁର, ୨୬।୧୨(ସମିସ):** ଗୁଣୁପୁର ବ୍ଲକ ଜଲତରା କ୍ଲଷ୍ଟର ନୂଆ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ରବୀନ୍ଦ୍ର ମିଶାଲଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ଏସ୍‌ପିଗୁଡା ସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜଲତାର କ୍ଲଷ୍ଟରର ସିଆରସି ଗଣେଶ ଗଉଡଙ୍କ ଆହ୍ୱାନ କ୍ରମେ କ୍ଲଷ୍ଟରର ବିଭିନ୍ନ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଶିକ୍ଷକ ରବୀନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୨୩ ତାରିଖ ଦିନ ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବାକୁ ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ମୁକୁନ୍ଦପୁର ନିକଟରେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ । ସେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ରବୀନ୍ଦ୍ର ସ୍କୁଲର ମଧ୍ୟାହ୍ନ ଭୋଜନ ଟଙ୍କା ଉଠାଇବା ପାଇଁ ଯାଉଥିବା ବେଳେ ମୁକୁନ୍ଦପୁର ପାଖରେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କିଛି ସମୟ ପରେ ସେ ତଳେ ଟଳି ପଡ଼ିଥିଲେ। ଖବରପାଇ ପୁଲିସ୍ ପହଞ୍ଚି ଶବ ଜବତ କରି ଜିଲ୍ଲା ହସ୍‌ପିଟାଲ୍‌କୁ ପଠାଇଥିଲା । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଶିକ୍ଷକ ସଂଘର ଅଭିଯୋଗ ଅନୁଯାୟୀ, ସରକାରଙ୍କ ଏମ୍‌ଡିଏମ୍ ଟଙ୍କା ଦେବା ପ୍ରକ୍ରିୟାରେ ତ୍ରୁଟି ରହିଛି। ଯାହାଫଳରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ଜିଲ୍ଲା ପ୍ରଶାସନକୁ ଗୁଣପୁର ଶିକ୍ଷକମାନେ ବହୁବାର ବ୍ୟାଙ୍କ୍ ବଦଳାଇବାକୁ ଦାବି କରି ଆସୁଥିଲେ। କିନ୍ତୁ ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁଁ ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି ବୋଲି ମତ ପ୍ରକାଶ ପାଇଛି ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ଜୟପୁର, ୨୬ ।୧୨(ସମିସ):** ଜୟପୁର ସହରର ଇଂରାଜୀ ଦୈନିକ ପତ୍ରିକାର ସାମ୍ବାଦିକ ସତ୍ୟପଟ୍ଟନାୟକଙ୍କ ମାତା ସ୍ୱର୍ଗତା ସୁଶାନ୍ତି ପଟ୍ଟନାୟକ (୭୯)ଙ୍କ ଗତକାଲି ରାତି ପରଲୋକ ହୋଇଯାଇଛି। ସ୍ୱର୍ଗତା ସୁଶାନ୍ତି ଜଣେ ମେଳାପି ଓ ପରୋପକାରୀ ମହିଳା ଥିଲେ। ଗତକାଲି ରାତି ୧୧ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରିବା ସମୟରେ ତାଙ୍କ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଝିଅ ପ୍ରଣତି ପଟ୍ଟନାୟକ, ପୁତ୍ରବଧୂ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଆଜି ସ୍ଥାନୀୟ ଚମ୍ପାଖୁପୁଲି ଶ୍ମଶାନରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଅନୁଷ୍ଠିତ ହୋଇଥିଲା।

# ୧୮ ଦଫା ଦାବି ନେଇ ଡାକ୍ତରଙ୍କ ଘଣ୍ଟିକିଆ ରୋଗୀସେବା ବନ୍ଦ

କୋରୁକୋଣ୍ଡା, ୨୬ ।୧୨(ସମିସ)






ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ଡାକ୍ତରଖାନାରେ ଦୀର୍ଘ ଏକ ଘଣ୍ଟା ଧରି ଓପିଡି ବନ୍ଦ ରହିଥିଲା । ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଛୋଟ ବଡ଼ ସରକାରୀ ଡାକ୍ତରଖାନାରେ ଆଜି ଏକ ଘଣ୍ଟା ଡାକ୍ତରୀ ସେବା ସମ୍ପୂର୍ଣ୍ଣ ବନ୍ଦ ହିଥିଲା । ଓଡ଼ିଶା ସେବାରତ ଡାକ୍ତର ମହାସଂଘ ଦ୍ୱାରା ୧୮ ଦଫା ଦାବି ନେଇ ଆଜି ଏହି ବନ୍ଦ ଡାକରା ଦିଆଯାଇଥିଲା। ଦାବି ଗୁଡିକ ମଧ୍ୟରେ ବିନା ସର୍ତ୍ତରେ କେନ୍ଦ୍ରୀୟ ହାରରେ ଡିଏସିପି, ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗଙ୍କ ଭଳି ଦରମା ଗଠନ ଏବଂ ଡିଏସିପିରେ ଦରମା ନିର୍ଦ୍ଧାରଣରେ ସୋପାନ ୧୫କୁ ବାଦ ଦିଆଯାଉ, ଦନ୍ତ ଚିକିତ୍ସକ ଓ ଓଏମଏଚଏସ କ୍ୟାଡ଼ର ପୁନର୍ବିନ୍ୟାଶ କରାଯାଉ, କେବିକେ ଜିଲ୍ଲାରେ ୫ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଡାକ୍ତରଙ୍କୁ ଉପକୂଳବର୍ତ୍ତୀ ଅଞ୍ଚଳକୁ ବଦଳି ନିଶ୍ଚିତ କରାଯାଉ, ବିଶେଷଜ୍ଞ, ଡିପ୍ଲୋମା ଧାରୀ ବୃଦ୍ଧି କରାଯାଉ, ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ଦିଆଯାଉ, ପୋଷ୍ଟମର୍ଟମ ଭତ୍ତା ବୃଦ୍ଧି କରାଯାଉ, ଅଗ୍ରାଧିକାର ଭିତ୍ତିରେ ଡାକ୍ତରୀ ଖାଲି ପଦବୀ ପୂରଣ ଏବଂ ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି କମିଟି ବସାଇ ପଦୋନ୍ନତି ଦିଆଯାଉ, କାର୍ଯ୍ୟରତ ଡାକ୍ତରଙ୍କୁ କଡ଼ା ସୁରକ୍ଷା ଦିଆଯାଉ, ରାଜଧାନୀରେ ଥିବା କ୍ୟାପିଟାଲ ହସ୍ପିଟାଲର ସ୍ଥିତି ବଜାୟୀ ରଖାଯାଉ, ସଙ୍କଟ ପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଦିଆଯାଉ, ପ୍ରତ୍ୟେକ ଡାକ୍ତରଖାନା ପରିସରରେ ଡାକ୍ତରଙ୍କ ପାଇଁ ବାସଗୃହ ନିର୍ମାଣ କରାଯାଉ, ଏଡିଏଚଓସି ଡାକ୍ତରଙ୍କୁ ନିୟମିତ କରିବା ସହ ତାଙ୍କର ଚାକିରି କାଳକୁ ଡିଏସିପି ଅନ୍ତର୍ଭୁକ୍ତ କରାଯାଉ ଭଳି ଅନେକ ଦାବି ରହିଛି। ଏହି ଦାବି ଗୁଡିକକୁ ନେଇ କୋରୁକୋଣ୍ଡା ସଦର ସ୍ଥିତ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଏବଂ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏସି) ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଡାକ୍ତରଖାନା ଯଥା- ମାଟାପାକା, ତୁମସାପାଲି, ଏମଭି-୧୯ ଏବଂ ଏମଭି - ୪୭ ଡାକ୍ତରଖାନାରେ ଏକ ଘଣ୍ଟା ଧରି ରୋଗୀସେବା ବନ୍ଦ ରହିଥିଲା । ଯାହା ଦ୍ୱାରା ଉକ୍ତ ଅଞ୍ଚଳ ଗୁଡିକରେ ଶତାଧିକ ସାଧାରଣ ଲୋକ ଡାକ୍ତରୀସେବାରୁ ବଞ୍ଚିତ ରହିଥିଲେ । ଏକ ଘଣ୍ଟା ଧରି ଓପିଡି ବନ୍ଦ ରହିବା ଦ୍ୱାରା ଗ୍ରାମାଞ୍ଚଳର ଶତାଧିକ ଗରିବ ଶ୍ରେଣୀୟ ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ହରେଇଥିଲେ। ମାଲକାନଗିରି ଜିଲ୍ଲା ସର୍ବଦା ସ୍ୱାସ୍ଥ୍ୟସେବାରେ ଅବହେଳିତ ରହିଥିବା ବେଳେ ଆଜି ଅନେକ ରୋଗୀ ହଟାହଟା ହୋଇଥିବା ଦେଖିବାକୁ ମିଳିଥିଲା । ସେପଟେ ଯଦି ରାଜ୍ୟ ସରକାର ଡାକ୍ତର ମହାସଂଘର ଦାବି ପୁରଣ ନ କରନ୍ତି ତେବେ ସେବାରତ ଡାକ୍ତର ମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରିବେ ଡାକ୍ତର ମହାସଂଘ ପକ୍ଷରୁ କୁହାଯାଇଛି ।ଡାକ୍ତର ମହାସଂଘର ଆନ୍ଦୋଳନକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲାବାସୀ ଏବେ ଆଶଙ୍କିତ ହୋଇ ପଡ଼ିଛନ୍ତି। ଆନ୍ଦୋଳନ ଲାଗି ରହିଲେ ମାଲକାନଗିରି ଭଳି ପଛୁଆ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଷୁଡି ନେଇ ଆଶଙ୍କା ରହିଛି ।ଏ ସମ୍ପର୍କରେ ବାଲିମେଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ଡାକ୍ତର ସୌଭାଗ୍ୟ କୁମାର ହୁଇଙ୍କୁ ପଚାରିବାରୁ ଓସମା ଦ୍ୱାରା ଦିଆଯାଇଥିବା ୧୮ ଦଫା ଦାବି ଯଦି ସରକାର ନ ମାନନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି । ସୂଚନା ଥାଉକି, ଗତ ସେପ୍ଟେମ୍ବର ମାସ ୧୮ ତାରିଖରେ ବାଲେଶ୍ୱର ଠାରେ ୧୨ ଶହ ଡାକ୍ତରଙ୍କ ଉପସ୍ଥିତିରେ ଏକ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତରଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୁରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନାହାଁନ୍ତି ।

**ପଦ୍ମପୁର:** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ସେମାନଙ୍କ ୧୮ ଦଫା ଦାବିକୁ ନେଇ ଆଜି ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବହିଃ ବିଭାଗକୁ ବନ୍ଦ କରିଛନ୍ତି । ଯଦ୍ୱାରା ଆସିଥିବା ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସୂଚନାଯୋଗ୍ୟ, ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍ (ଓମସା) ଓ ରାୟଗଡ଼ା ଜିଲ୍ଲା ଶାଖାକୁ ସମର୍ଥନ ଜଣାଇ ଡାକ୍ତରମାନେ ସେମାନଙ୍କ ୧୮ ଦଫା ଦାବିକୁ ନେଇ ଆଜି ଦିନ ୧୦ଟାରୁ୧୧ଟା ପର୍ଯ୍ୟନ୍ତ ବର୍ହିଃବିଭାଗକୁ ବନ୍ଦ କରିଛନ୍ତି । ଯଦ୍ୱାରା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ନାଇରା ଡେରିଗା, କେନ୍ଦୁଗୁଡା ଓ ଲିକିଟିପଦର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ମଧ୍ୟ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଥିଲା । ଡାକ୍ତରମାନଙ୍କ ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ବାର୍ଷିକ ପଦନ୍ନତି, ଡାକ୍ତରମାନଙ୍କୁ ସରକାରୀ କ୍ୱାର୍ଟସ, କେନ୍ଦ୍ରୀୟ ବେତନ ହାରରେ ପାରିଶ୍ରମିକ ବୃଦ୍ଧି, ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କ ସ୍ୱାସ୍ଥ୍ୟ ବୀମାଭୁକ୍ତ କରାଯିବା, ଭଳି ୧୮ ଦଫାଦାବି ସମ୍ବଳିତକୁ ନେଇ ଆଜି ଅନ୍ଦୋଳନ କରିଛନ୍ତି। ଏହି ସମୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନ୍‌ଚାର୍ଜ ଋତୁପର୍ଣ୍ଣା ପଟ୍ଟନାୟକ, ଡାକ୍ତର ଚିନ୍ମୟ ସାମଲ୍, ଡାକ୍ତର ସେଖର ସାମିଲ, ଲାଡି ରାକେଶ, ଡାକ୍ତର ସିଦ୍ଧାର୍ଥ ଦାଶ, ଡାକ୍ତର ମଧୁସ୍ମିତା ଦଳେଇ, ଡାକ୍ତର ଶ୍ରବଣ କୁମାର ସାହୁ, ଡାକ୍ତର ସାନ୍ତୁନୁ ଜେନା ପ୍ରମୁଖ ସମର୍ଥନ ଜଣାଇ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ତେବେ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡ଼ର କଳା ପୋଷାକ ପରିଧାନ ପୂର୍ବକ ରୋଗୀକୁ ଉତ୍ତମ ସେବା ଯୋଗାଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ଡାକ୍ତର ମାନେ ମତପ୍ରକାଶ କରିବା ସହ ରୋଗୀଙ୍କୁ ଏହି ସମୟ ମଧ୍ୟରେ କିଛି ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ମତବ୍ୟକ୍ତ କରିଛନ୍ତି ।





## କଟକ ଜିଲ୍ଲା ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

# 'ସେବା ଓ ସ୍ୱାଭିମାନ ପାଇଁ ବିଜେଡିର ଗଠନ'






କଟକ,୨୬।୧୨(ସମିସ)

ବିଜୁ ଜନତା ଦଳ କେବଳ କ୍ଷମତା ପାଇଁ ନୁହେଁ, ବରଂ ଓଡ଼ିଆ ଜାତିର ସେବା, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗଠିତ ହୋଇଛି। ଗତ ୨୮ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ବଳକା ରାଜ୍ୟରେ ପରିଣତ କରିବାରେ ଏବଂ ବାତ୍ୟା ପରିଚାଳନାରେ ଶୂନ ମୃତ୍ୟୁହାର ରକ୍ଷା କରି ଜାତିସଙ୍ଘର ପ୍ରଶଂସା ସାଉଁଟିବା ସହ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିପାରିଥିଲେ। ଓଡ଼ିଶା ପରି ପଛୁଆ ରାଜ୍ୟକୁ ଆଗକୁ ନେବାରେ ନବୀନ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ ବୋଲି କଟକ ଦୋଳମୁଣ୍ଡାଇ ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡକ୍ଟର ସଂତୃପ୍ତ ମିଶ୍ର ପ୍ରକାଶ କରିଛନ୍ତି। ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାସ ସିଂହ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଡା ପ୍ରମୋଦ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ମହମ୍ମଦ ସକିଲ, ମଧୁସୂଦନ ସାହୁ, ଦମୟନ୍ତୀ ମାଝୀ, ପ୍ରକାଶ ସିଂହ, ବିଶ୍ୱଜିତ ମହାନ୍ତି, ଡ. ରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ଖୁଣ୍ଟିଆ, ଇଂ ସୁବ୍ରତ ଘଡେଇ ଏବଂ ବହୁ ସଂଖ୍ୟାରେ କର୍ପୋରେଟର ଯୋଗଦେଇଥିଲେ। ମୁନ୍ନା ମହାନ୍ତି, ସୟଦ ଏକ୍ରାମ ହୁସେନ ଏବଂ ଅନ୍ୟାନ୍ୟ ବହୁ ନେତା ଓ ଶତାଧିକ କର୍ମୀ ଦଳକୁ ଆହୁରି ସୁଦୃଢ଼ କରିବାକୁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ଜନତା ଦଳ ସମୟରୁ ଆଜି ପର୍ଯ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟ କରିଆସିଥିବା ଦଳର ଅନେକ ବରିଷ୍ଠ କର୍ମକର୍ତ୍ତାଙ୍କୁ ସେମାନଙ୍କ ତ୍ୟାଗ ଓ ନିରନ୍ତର ସେବା ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ଭାବେ ନିଯୁକ୍ତ ଜିଲ୍ଲା ସଭାପତି ଶ୍ରୀ ସିଂହ ପୁନରୁଦ୍ଧାର ହୋଇଥିବା ଜିଲ୍ଲା କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ପ୍ରବେଶ କରି ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚୌଦ୍ୱାର-କଟକରେ ବିଜେଡିର ପ୍ରତିଷ୍ଠା ଦିବସ

# 'ନବୀନଙ୍କ ନେତୃତ୍ୱରେ ଦଳ ଆହୁରି ସୁଦୃଢ଼ ହେବ'



**କଟକ,୨୬।୧୨(ସମିସ):** ଆଜି ବିଜେଡି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆଠାରେ ଏହି ଅବସରରେ ଆୟୋଜିତ ବିଶାଳ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ କର୍ମୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ 'ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ବଳ' ବୋଲି କହିଥିଲେ। ଦଳର ୨୯ ବର୍ଷର ସେବା ଓ ସଂଘର୍ଷକୁ ମନେ ପକାଇ ପୂର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ ଯେ ଦଳକୁ ସୁଦୃଢ଼ କରିବା ପାଇଁ ଜିତିଥିବା ନେତୃତ୍ୱଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବା ଆବଶ୍ୟକ। ଏଥି ସହ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ପୁଣି କହିଲେ ଯେ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପରେ ଯଦି କାହାର ଦଳ ପାଇଁ ଯଥେଷ୍ଟ ଅବଦାନ ରହିଛି, ସେ ହେଉଛନ୍ତି ଭିକେ ପାଣ୍ଡିଆନ। ଲୋକଙ୍କ ସେବା କରିବା ପାଇଁ ସେ ନିଜର ଆଇଏଏସ୍ ଭଳି ସମ୍ମାନଜନକ ଚାକିରି ତ୍ୟାଗ କରିଛନ୍ତି। ପାଣ୍ଡିଆନଙ୍କ ସହ ତାଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କ ଅବଦାନକୁ ମଧ୍ୟ ସେ ଉଚ୍ଚ ପ୍ରଶଂସା କରିଛନ୍ତି। ସୁଜାତାଙ୍କୁ ତୁରନ୍ତ ରାଜ୍ୟସଭା ପଠାଯାଉ ବୋଲି ସେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହ, ନଗର ସଭାପତି ମଧୁସୁଦନ ସାହୁ, ଡେପୁଟୀ ମେୟର ଦମୟନ୍ତୀ ମାଝୀ, ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚୌଦ୍ୱାର ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଦୀପ୍ତିମୟୀ ମୂଳିଆ, ପ୍ରଫୁଲ୍ଲ ବେହେରା, ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବହୁ ସଂଖ୍ୟାରେ କର୍ପୋରେଟର, ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଏବଂ ଯୁବ, ଛାତ୍ର ଓ ମହିଳା ଶାଖାର କର୍ମକର୍ତ୍ତାମାନେ ସାମିଲ ହୋଇ ପ୍ରତିଷ୍ଠା ଦିବସକୁ ସଫଳ କରିଥିଲେ। ଏହି ସମାରୋହରେ ଜଣେ ସ୍ୱତନ୍ତ୍ର ଅତିଥି ଭାବେ ୧୦୩ ବର୍ଷୀୟ ଶତାୟୁ ବୃଦ୍ଧ ଅଭୟ ଚରଣ ଭୂୟାଁଙ୍କୁ ତାଙ୍କର ସମାଜସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଧାୟକ ଡଃ ବିଶ୍ୱାଳଙ୍କ ନେତୃତ୍ୱରେ ସକାଳୁ ଯୋବ୍ରା ଆନିକଟ ଓ ଚୌଦ୍ୱାର ବିରୂପା ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ବାରବାଟୀ-କଟକ ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ

# 'ବିଜୁ ବାବୁଙ୍କ ନୀତିକୁ ଯୁବବର୍ଗ ଆପଣାଇବା ଜରୁରୀ'

**କଟକ,୨୬।୧୨(ସମିସ):** ବିଜୁ ଜନତା ଦଳ(ବିଜେଡି) ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରହିଛି। ଦଳ ଏବେ ବି ଶକ୍ତିଶାଳୀ ଓ ସମୃଦ୍ଧ। ବିଜେଡିକୁ ଦୁର୍ବଳ ବୋଲି କହିବା ହାସ୍ୟାସ୍ପଦ ଏବଂ ଲଜ୍ଜାଜନକ। ବିଜେଡିକୁ ଦୁର୍ବଳ ବୋଲି ଅପପ୍ରଚାର ଚଳାଉଥିବା ବିରୋଧୀଙ୍କ ଉଦ୍ୟମ ନିହାତି ଭାବେ ନିଷ୍ଫଳ ହେବ। ଏହି ଦଳର ମୁଖିଆ ହେଲେ ନବୀନ ପଟ୍ଟନାୟକ। ତାଙ୍କ ନେତୃତ୍ୱରେ ସମସ୍ତକର୍ମୀ କାମ କରୁଛନ୍ତି। ଯିଏ ଦଳ ଓ ଓଡିଶାର ବିକାଶ ପାଇଁ କାମ କରିବେ ଦଳ ତାଙ୍କୁ ସଦାସର୍ବଦା ସ୍ୱାଗତ କରିବ। ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ ନେଇ ଗଢ଼ା ଯାଇଥିବା ଏହି ଦଳ ନିଜର ନୀତି, ନୈତିକତା ଭୁଲି ନାହିଁ। ତାଙ୍କର ନୀତିକୁ ଆଜିର ଯୁବବର୍ଗ ଆପଣାଇବା ଜରୁରୀ ବୋଲି ସାରଳା ଭବନରେ ଆୟୋଜିତ ବିଜେଡିର ପ୍ରତିଷ୍ଠା ଦିବସରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡଃ ସଂତୃପ୍ତ ମିଶ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି।




ବାରବାଟୀ-କଟକ ବିଜେଡି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ସିଂହ କହିଥିଲେ ଯେ ଓଡିଶାର ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ବଡ ଭୂମିକା ରହିଛି। ତାଙ୍କ ଆର୍ଦଶରେ ଅନୁପ୍ରାଣିତ ହୋଇ ଶତାଧିକ କର୍ମୀ ଦଳରେ ଯୋଡି ହେଉଛନ୍ତି। ଏହି ଧାରା ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ। ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ୧୦୦ବର୍ଷର ଯୋଜନା ନେଇ କାର୍ଯ୍ୟ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଶାର ଶାସନ ଏବଂ ପ୍ରଶାସନ ଦୁର୍ବଳ ହୋଇ ସାରିଛି। ନାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଦରଦାମ ବୃଦ୍ଧି ହେଉଛି, ବେରୋଜଗାରୀ ବଢ଼ିଛି। ଜନତାଙ୍କ ଦଳ ବିଜୁ ଜନତା ଦଳ ଆଗାମୀ ଦିନରେ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିବ ବୋଲି ମେୟର ଶ୍ରୀ ସିଂହ କହିଥିଲେ। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଦଳର ଆଭିମୁଖ୍ୟ ବାବଦରେ ଆଲୋକପାତ କରିଥିଲେ। ପୂର୍ବତନ କଟକ ନଗର ସଭାପତି ମଧୁସୂଦନ ସାହୁ, ୱାର୍ଡ ସଭାପତି ବିଶ୍ୱଜିତ ମହାନ୍ତି, ବରିଷ୍ଠ ନେତା ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ପୂର୍ବତନ ମେୟର ଅନିତା ବେହେରା, ପୁର୍ଣ୍ଣିମା ସିଂ, ମହମ୍ମଦ ସକିଲ, ମିନତୀ ବେହେରା, ରମଜାନ ଖାନ, ବିଜୟ ଓଝା, ବରିଷ୍ଠ ନେତା ସୈୟଦ ଏକ୍ରାମ ହୁସେନ, ଜ୍ଞାନଗିରି ଗୌସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରି-ମାଟ୍ରିକ୍ ବୃତ୍ତି ମିଳୁ : ଓଷ୍ଟା

**କଟକ,୨୬।୧୨(ସମିସ):** ରାଜ୍ୟର ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ସରକାର ତୁରନ୍ତ ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପ୍ରଦାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ଓବିସି, ଏସ୍ଇବିସି, ଇବିସି ଏବଂ ଡିଏନ୍ଟି ଆଦି ବର୍ଗର ଛାତ୍ରଛାତ୍ରୀମାନେ ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପାଇବା ପାଇଁ ଯୋଗ୍ୟ ଅଟନ୍ତି। କେବଳ ସରକାରୀ ବିଦ୍ୟାଳୟରେ ପାଠପଢୁଥିବା ଏହିସବୁ ବର୍ଗର ପିଲାମାନେ ଉକ୍ତ ସୁବିଧା ପାଇ ଆସୁଛନ୍ତି। ସବୁପିଲାଙ୍କୁ ସମାନ ସୁବିଧା ଯୋଗାଇଦେବା ଓ ଓଡ଼ିଶାର ବିକାଶ କଥା ସରକାର କହୁଥିଲା ବେଳେ ପିଲାମାନଙ୍କ ମଧ୍ୟରେ ତାରତମ୍ୟ ରହିବା ଉଚିତ ନୁହେଁ। ରାଜ୍ୟର ସମସ୍ତ ଶିକ୍ଷାର୍ଥୀ ଓ ଶିକ୍ଷାୟତନର ବିକାଶର ଆବଶ୍ୟକତା ରହିଛି। ଅନେକ ବିଦ୍ୟାଳୟରେ କମ୍ପ୍ୟୁଟର, କ୍ରୀଡ଼ା ଉପକରଣ ଓ ବିଜ୍ଞାନ ଉପକରଣର ନ ଥିବାରୁ ଶିକ୍ଷାର୍ଥୀମାନେ ମଧ୍ୟ ଏଥିରୁ ବଞ୍ଚିତ ହେଉଛନ୍ତି। ଏହି ବର୍ଗର ବିଦ୍ୟାଳୟ ଗୁଡ଼ିକରେ ଅବସର ପରେ ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାରେ ଲାଗିଛି। ଜନମଙ୍ଗଳକାରୀ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟରେ ଥିବା ଡବଲ ଇଞ୍ଜିନର ସରକାର ନିଶ୍ଚିତ ଭାବେ ଏ ବିଷୟରେ ଗୁରୁତ୍ୱ ଦେଇ ଓବିସି, ଏସ୍ଇବିସି, ଇବିସି ଏବଂ ଡିଏନ୍ଟି ଆଦି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପ୍ରଦାନ କରନ୍ତୁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ କିପରି ପ୍ରି-ମାଟ୍ରିକ୍ ବୃତ୍ତିରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ନ ଦେଲେ ଏକ ଜନଆନ୍ଦୋଳନ ସୃଷ୍ଟିହେବାର ସମ୍ଭାବନା ରହିଛି ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନିଳମଣୀ ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**କଟକ,୨୬।୧୨(ସମିସ):** ଲାଲବାଗ ଥାନା ଅନ୍ତର୍ଗତ ଡଗରପଡ଼ା ହନୁମାନ ମନ୍ଦିର ନିକଟରେ ଭଡ଼ାରେ ରହୁଥିବା ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ଦୀର୍ଘ ବର୍ଷ ହେବ ଏକାକି ଗୋଟିଏ ରୁମ୍ ଭଡ଼ାସୂତ୍ରରେ ନେଇ ରହୁଥିଲେ। ଏକ ଘରୋଇ ସଂସ୍ଥାରେ ସେ କାର୍ଯ୍ୟ କରୁଥିଲେ। ଆଜି ଦୀର୍ଘ ସମୟ ଧରି ଘରର କବାଟ ନଖୋଲିବାରୁ ଘର ମାଲିକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ ଘରର ତାଲା ଭଙ୍ଗାଯାଇଥିଲା। ଭିତରେ ଫ୍ୟାନ୍‌ରେ ସେ ରସି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପୁଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଏସ୍‌ସିବି ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ରାତିରେ ଶବ ବ୍ୟବଚ୍ଛେଦ କରାଯାଇନାହିଁ। ମୃତ ଯୁବକଙ୍କ ପରିଚୟ ପୁଲିସକୁ ମିଳି ନଥିବା ଜଣାପଡ଼ିଛି।

# ପାଚିକା ସହାୟିକା ସଂଘର ବିକ୍ଷୋଭ

**କଟକ,୨୬।୧୨(ସମିସ):** ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ୧୭ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ପାଚିକାଙ୍କୁ ନିୟୋଜିତ ବନ୍ଦ କରିବା, ପିଲାସଂଖ୍ୟା ଅନୁସାରେ ପାଚିକା ନିଯୁକ୍ତି କରିବା, କାମ କରିବା ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ଆବଶ୍ୟକ ଥିବା ସ୍କୁଲରେ ଛଟେଇ ହୋଇଥିବା ପାଚିକାମାନଙ୍କୁ ନିଯୁକ୍ତି ଦେବା, ଲଡୁ ତିଆରି ପାଇଁ ପାଚିକାମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା, ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପ୍ରଦାନ କରିବା, ପାଚିକାମାନଙ୍କର ଅବସର ନେବା ବୟସ ୬୫ବର୍ଷ କରିବା ଆଦି ପ୍ରମୁଖ ଦାବି ଥିଲା। ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକାତା ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ପାଚିକାମାନଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ କଡା ସମାଲୋଚନା ବକ୍ତାମାନେ କରିଥିଲେ। ଏହି ବିକ୍ଷୋଭରେ ଏସୟୁସିଆଇ (ସି) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ଶ୍ରମିକ ନେତା ପ୍ରିୟଦର୍ଶନ ପାଢ଼ୀ, ପାଚିକା ସହାୟିକାତା ସଂଗଠକ ସ୍ୱାଧିନୀ ବେହେରା, ମାଳବିକା ସାମଲ, ଅକ୍ଷୟ ରାଉଳ, ଦିଲିପ ବାରିକ, ଇତିଶ୍ରୀ ଜେନା, ଲାବଣ୍ୟପ୍ରଭା ଦାସ, ମଞ୍ଜୁ ବେହେରା, ସୁଷମା ଦାସ, ଶାନ୍ତିଲତା ରାଉତ, ସସ୍ମିତା ଓଝା, କଳ୍ପନା ନାୟକ, ତିଳୋତମା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।




## ସେକେଣ୍ଡାରୀ ବୋର୍ଡ ସ୍କୁଲ୍ ୧୯୭୭ ବ୍ୟାଚ୍‌ର ବନ୍ଧୁମିଳନ

**କଟକ,୨୬।୧୨(ସମିସ):** କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ଉଚ୍ଚ ବିଦ୍ୟାଳୟରୁ ୧୯୭୭ରେ ଏକାଦଶ ଶ୍ରେଣୀ ପାସ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ଏକ ଭବ୍ୟ ବନ୍ଧୁମିଳନ ଉତ୍ସବ ଚନ୍ଦକାର ଗୋଡ଼ିବାରିଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫୦ ସାଙ୍ଗସାଥୀ ସେମାନଙ୍କ ପରିବାର ସହ ଯୋଗ ଦେଇଥିଲେ। ଏହି ସ୍ମରଣୀୟ ଆୟୋଜନକୁ ଅଶୋକ ରାଉତରାୟ, ଶୁଭ୍ରାଂଶୁ ପରିଡା, ବିଶ୍ୱଜିତ ମହାପାତ୍ର, ସୂର୍ଯ୍ୟ ମହାନ୍ତି ଏବଂ କିଶୋର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷ ଭାଗରେ ଡାକ୍ତର ବିଶ୍ୱ ରଞ୍ଜନ ମିଶ୍ର ଏବଂ ଡାକ୍ତର ପ୍ରଫେସର ନରେନ୍ଦ୍ର ସ୍ୱାଇଁ ଅଭିଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀମାନେ ପରସ୍ପରର ଭଲମନ୍ଦ ପଚାରି ବୁଝିବା ସହ ଆଗାମୀ ଦିନରେ ଏହି ବନ୍ଧୁତ୍ୱର ସମ୍ପର୍କକୁ ଆହୁରି ସୁଦୃଢ଼ କରିବାକୁ ସଙ୍କଳ୍ପ ନେଇଥିଲେ।



## ଆଦି ନାଟ୍ୟକାରଙ୍କ ୧୧୨ତମ ସ୍ମୃତି ଉତ୍ସବ

# ଜଗନମୋହନ ଥିଲେ ଭାରତୀୟ ନାଟକର ପଥପ୍ରଦର୍ଶକ

କଟକ,୨୬।୧୨(ସମିସ)

ଜଗନମୋହନ ଲାଲ ଓଡ଼ିଆ ନାଟକରେ ଆଧୁନିକତା ଆଣିବାରେ ଥିଲେ ଅଗ୍ରଣୀ ପ୍ରତିଭା। ବାବାଜୀ ପ୍ରଥମ ଓଡ଼ିଆ ନାଟକ ରଚନା କରି ଜଗନମୋହନ ଭାରତୀୟ ପ୍ରାନ୍ତୀୟ ନାଟକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ସେ ଥିଲେ ବାସ୍ତବରେ ଭାରତୀୟ ନାଟ୍ୟ ସାହିତ୍ୟର ପଥ ପ୍ରଦର୍ଶକ ବୋଲି ଆଦି ନାଟ୍ୟକାର ଜଗନମୋହନ ଲାଲ ୧୧୨ତମ ସ୍ମୃତି ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ଆଦି ନାଟ୍ୟକାର ସ୍ମୃତି ସଂସଦ, ମାହାଙ୍ଗା ଓ ଓଡିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନ, କଟକରେ ଆଦି ନାଟ୍ୟକାରଙ୍କ ୧୧୨ତମ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦଘାଟନ କରିଥିଲେ ବିଶିଷ୍ଟ ନାଟ୍ୟକାର ବିଜୟ କୁମାର ଶତପଥୀ। ମୁଖ୍ୟଅତିଥି ଭାବେ ପ୍ରଫେସର ସଂଘମିତ୍ରା ମିଶ୍ର କହିଲେ ଯେ ଜଗନମୋହନ ଥିଲେ ସମକାଳ ଓଡ଼ିଶାର ସାମାଜିକ ଜୀବନର ଜାଗ୍ରତ ପ୍ରହରୀ। ଉତ୍ସବରେ ସଭାପତିତ୍ୱ କରିଥିଲେ ସ୍ମୃତି ସଂସଦର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ। ଚଳିତ ବର୍ଷର ଆଦି ନାଟ୍ୟକାର ସମ୍ମାନ ବିଶିଷ୍ଟ ନାଟ୍ୟକାର ସୁବୋଧ ପଟ୍ଟନାୟକ ନାଟ୍ୟ ଚେତନାକୁ ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ଡ଼ ଅନୁପ ମାର୍ଥା ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ସମ୍ପାଦକ ସୁକାନ୍ତ ପ୍ରସାଦ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ମୃତି ସଂସଦର ଉପଦେଷ୍ଟା ସେକ ମସୁଦ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ସମାଜସେବୀ ନଳିନୀକାନ୍ତ ନାୟକ ମାନପତ୍ର ପାଠ କରିଥିଲେ।



# ଟମାଟୋ ଦର ୬୦ ଛୁଇଁଲା

**କଟକ,୨୬।୧୨(ସମିସ):** ହାଣ୍ଡିଶାଳରୁ ଉଭାନ ହୋଇଯାଇଛି ଟମାଟୋ। ମାସାଧିକ କାଳ ଧରି ଟମାଟୋ ଦର ଖାଉଟିଙ୍କୁ ଆଶ୍ୱସ୍ତ କରିଥିବା ବେଳେ ଏବେ ଦର ଆଶାତୀତ ଭାବେ ବୃଦ୍ଧି ପାଇଛି। ଫଳରେ ଖାଉଟି ଚିନ୍ତା ପ୍ରକାଶ କରିଛନ୍ତି। ଗତ କିଛି ଦିନ ଧରି ବୃଦ୍ଧି ପାଇ କିଲୋ ପ୍ରତି ମାତ୍ର ୫୦ରୁ ୬୦ଟଙ୍କା ଭିତରେ ରହିଛି। ଗତ ମାସ ଶେଷରେ ଟମାଟୋ ଦର କିଲୋ ପ୍ରତି ୩୦ଟଙ୍କା ଥିଲା। ଡିସେମ୍ବର ମାସରେ ଟମାଟୋ ଦର କିଲୋ ପ୍ରତି ବୃଦ୍ଧି ପାଇ ୬୦ଟଙ୍କା ହୋଇଥିଲା। ପୂର୍ବରୁ ଛତ୍ରବଜାରକୁ ବେଙ୍ଗାଲୁରୁ ଓ ନାସିକରୁ ଟମାଟୋ ଆସୁଥିଲା। ଏବେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରୁ ଟମାଟୋ ଆମଦାନୀ ହେଉଥିବା କୁହନ୍ତି ଛତ୍ରବଜାର ବ୍ୟବସାୟୀ। ନାସିକ ଓ କର୍ଣ୍ଣାଟକରେ ଅଦିନିଆ ବର୍ଷା ଓ ରୋଗପୋକ ପାଇଁ ଟମାଟୋ ଉତ୍ପାଦନ ହ୍ରାସ ପାଇଛି ବୋଲି କୁହାଯାଉଛି। ଟମାଟୋ ଦର ବୃଦ୍ଧି ପରେ ଏହାର ଚାହିଦା ହ୍ରାସ ପାଇଛି। ରାଜ୍ୟର କେନ୍ଦୁଝର, ବଲାଙ୍ଗିର, କୋରାପୁଟ, ମୟୂରଭଞ୍ଜ, ଗଞ୍ଜାମ,ଫୁଲବାଣୀ ଓ ଜଗତସିଂହପୁର ଜିଲ୍ଲା ଟମାଟୋ ଚାଷ ଅଧିକ ପରିମାଣରେ କରାଯାଇଥାଏ। କୋରାପୁଟ ଓ ଫୁଲବାଣୀକୁ ବାଦ ଦେଲେ ଅନ୍ୟ ସ୍ଥାନରେ ସାଧାରଣତଃ ଶୀତ ଦିନରେ ଏହି ଚାଷ ହୋଇଥାଏ। ଟମାଟୋ ଦର ବଢ଼ିବା ପରେ କଟକ ଛତ୍ରବଜାରକୁ ପୂର୍ବରୁ ଦୈନିକ ଯେତିକି ଗାଡ଼ି ଟମାଟୋ ଆସୁଥିଲା ଏବେ ତାହା କମିଯାଇଛି।



# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



**ଝାରସୁଗୁଡ଼ା, ୨୬।୧୨(ସମିସ)**

ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ ଆଦି ବିଭିନ୍ନ ସ୍ଥାନରେ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବଡମାଳ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଠାରେ ମାଲ୍ୟାର୍ପଣ କରାଯାଇଥିଲା। ବିଜୁ ଜନତା ଦଳ ସବୁବେଳେ ଓଡ଼ିଶାର ହିତ ପାଇଁ କାର୍ଯ୍ୟ କରି ଆସିଛି ଓ ଆଗକୁ ମଧ୍ୟ କରୁଥିବ ବୋଲି ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା ମତବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଅବଦାନ ପାଇଁ ଝାରସୁଗୁଡ଼ାବାସୀ ଚିର ଋଣୀ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ବିଜେଡି ସଭାପତି ହରିଶ ଗଣାତ୍ରା, ରବି ସିଂ, ତାପସରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ରଘୁମନି ପଟେଲ, ଦାମୋଦର ନାଥ, ଅଶୋକ ଦାସ, ମଦନ ହାତୀ, ଚିରଞ୍ଜିବୀ ପତି, ସୁବାସ କେଡିଆ, ଗୀତାଞ୍ଜଳି ପଣ୍ଡା, କୁଷ ସେହୁଲଙ୍କ ସମେତ ବିଜୁ ଜନତା ଦଳର କାଉନସିଲର ବୃନ୍ଦ ଓ ବିଜେଡି ଦଳର ଅନେକ ବରିଷ୍ଠ ନେତା ଯୋଗ ଦେଇଥିଲେ।

ସେହିପରି ଭାବେ ବ୍ରଜରାଜନଗର ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ରଜରାଜନଗର ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଜୁ ପଟ୍ଟନାୟକ ଛକରେ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ପଟ୍ଟନାୟକ ଛକ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ସରକାର ସମୟରେ କିଭଳି ସୁଶାସନ ଥିଲା ଓ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥିଲେ ମଧ୍ୟ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନଥିବା ବିଜେଡି ନେତା ଓ କର୍ମୀ ମତବ୍ୟକ୍ତ କରିଥିଲେ। ବିଜୁ ପଟ୍ଟନାୟକ ଅମର ରହେ, କିଶୋର ମହାନ୍ତି ଅମର ରହେ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ଅଳକା ମହାନ୍ତି ଜିନ୍ଦାବାଦ କହି ବିଜେଡି କର୍ମୀମାନେ ସ୍ଲୋଗାନ ଦେଇଥିଲେ। ବୈଠକରେ ବରିଷ୍ଠ ବିଜେଡି ନେତା ଚିନ୍ତାମଣି ଦାଶ, ନୃପ ତାଣ୍ଡିଆ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ ପ୍ରମୁଖ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମତବ୍ୟକ୍ତ କରିଥିଲେ। ଶେଷରେ ମହିଳା ବିଜେଡି ସଭାନେତ୍ରୀ ନଳିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ନେତା ଗୋବିନ୍ଦ ଚନ୍ଦ୍ର ସାହୁ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ, ଅବତାର ସିଂ, ରାମନାରାୟଣ ରାଏ, ଲଳିତ ଗିଦିଲି, ବାବୁଲା ମିଶ୍ର, କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ସୁରଜ୍ କଣ୍ଟା, ଶରତ ତନ୍ତୀ, ସୂର୍ଯ୍ୟକାନ୍ତ ସେନାପତି, ଅନନ୍ତକୁମ୍ଭାର, ମଣ୍ଟୁକୁମ୍ଭାର, ବିକ୍ରମ ଦାସ, ମନୋରମା ସାହୁ, କୁମୁଦିନୀ ଗରୁଡ, ଅଞ୍ଜଳି ସିଂ, ରୁକ୍ମିଣୀ ସୁନା, ଖିରୋଦିନି ସେନାପତି, ଭୂମିଶୁତା ତନ୍ତୀ, ଗିରିଧାରୀ ଗରୁଡ, ଜିତେନ୍ଦ୍ର ରାଏ, ସୁନିଲ ଭୋଇ, ସନ୍ତୋଷ ଦାସ, ମୁକେଶ ବେହେରା ପ୍ରମୁଖ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**ଦେବଗଡ଼:** ଜିଲ୍ଲା ବିଜେଡି ପକ୍ଷରୁ ଶୁକ୍ରବାର ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦେବଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ ପଦାଧିକାରୀ ଓ କର୍ମୀ ସକାଳୁ ପ୍ରଧାନପାଟ ଶିଶୁ ଉଦ୍ୟାନ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଏକ ପଟୁଆରରେ ଦେବଗଡ଼ ମହାବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ବିଧାୟକ ଶ୍ରୀ ବିଶ୍ୱାଳଙ୍କ



ପରିଚାଳନାରେ ଏକ ଦଳୀୟ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ସରକାରଙ୍କୁ ବିଜେଡି ନେତୃ ବୃନ୍ଦ ଘେରିଥିବା ବେଳେ ଦେବଗଡ଼ ଜିଲ୍ଲା ଗଠନରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ବିଜେଡି ସରକାର ସମୟରେ ଜିଲ୍ଲାର ଅନେକ ବିକାଶ କରାଯାଇଥିବା ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ। ଏଥିସହ ରାଜ୍ୟରେ ଶାସକ ବିଜେପି ସରକାରରେ ଚାଷୀ ଧାନ ବିକ୍ରି କରିବାରେ ସମସ୍ୟା ଦେଖାଯାଉଛି। ରାଜ୍ୟରେ ମହିଳା, ଯୁବତୀ ଅସୁରକ୍ଷିତ ହୋଇପଡ଼ିଥିବା କହିଥିଲେ। ନବୀନ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁକରଣ କରୁଥିବା ଏବଂ ବିଜେଡି ଦଳକୁ ଭଲପାଉଥିବା ସମସ୍ତ ନେତା ଓ କର୍ମୀ ଏବେ ମଧ୍ୟ ବିଜେଡି ସହିତ ଅଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ରାଜେଶ ମହାନାୟକ, ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ବେହେରା, ବରିଷ୍ଠ ବିଜେଡି ନେତା ବିଭୂତି ଗଙ୍ଗଦେବ, କାମାକ୍ଷା ଗଙ୍ଗଦେବ, ପାଞ୍ଜିଆ ଭୋଇ, ଅନୀତା ପାତ୍ର, ଅରୁଣୀ ପ୍ରଧାନ, ପ୍ରତାପ ଦେବ, ବାବୁଲାଲ ପୃଷ୍ଟେଠ, ଭବାନୀ କାନ୍ତ ସାହୁ, ହିରାଲାଲ ସାହୁ, କୃତାର୍ଥ ସାହୁ, ନଗେନ ପଣ୍ଡା, ରାଜକିଶୋର ସାହୁଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ବିଜେଡିର ଦାବିପତ୍ର



**ଦେବଗଡ଼, ୨୬।୧୨(ସମିସ):** ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସରେ ଜିଲ୍ଲାର ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲା ବିଜେଡି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଦେବଗଡ଼ ଜିଲ୍ଲାରେ ଧାନ ବିକ୍ରି ସମସ୍ୟା ସମାଧାନ ନେଇ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡିର ଅଭିଯୋଗ ଅନୁଯାୟୀ, ଜିଲ୍ଲାରେ ଧାନ ମଣ୍ଡି ଉଦ୍‌ଘାଟନ ହେବାର ଏକ ସପ୍ତାହ ବିତିଛି। ହେଲେ କୌଣସି ସ୍ଥାନରେ ଧାନମଣ୍ଡି କାର୍ଯ୍ୟକ୍ଷମ ହେଉ ନାହିଁ। ତୁରନ୍ତ ଧାନ ବିକ୍ରି ସ୍ୱାଭାବିକ କରିବା ପାଇଁ ବିଜେଡି ଦାବି କରିଥିଲା। ଏ ପର୍ଯ୍ୟନ୍ତ ଧାନ ମଣ୍ଡି କାର୍ଯ୍ୟକ୍ଷମ ହୋଇ ନଥିବା ବେଳେ ଟୋକନ ଦେବାରେ ଅନେକ ଅନିୟମିତତା ଯୋଗୁଁ ଦେବଗଡ଼ ଜିଲ୍ଲାର ଚାଷୀ ଧାନ ବିକ୍ରି ପାଇଁସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପୂର୍ବରୁ ପତିତ ଏବଂ ଗୋଡା କିସମ ଜମିରୁ ଉତ୍ପାଦିତ ଧାନ ବିକ୍ରି ହୋଇପାରିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲା। ଏବେ କିନ୍ତୁ ପତିତ ଏବଂ ଗୋଡା କିସମ ଜମିର ଟୋକନ ଆସୁ ନଥିବା ଚାଷୀ ଜାଣିବାକୁ ପାଉଛନ୍ତି। ପୂର୍ବରୁ ପତିତ ଏବଂ ଗୋଡା କିସମ ଜମି ପାଇଁ ସରକାର ଟୋକନ ଦେଉଥିବା ବେଳେ ଚାଷୀ ଧାନ ବିକ୍ରି କରି ଆସୁଥିଲେ। ସେହିପରି ବାସତ୍ଯ୍ୟତ ଲିଜ ଧାରୀ ଜମି ମାଲିକ ମଧ୍ୟ ଚଳିତ ବର୍ଷ ଧାନ ବିକ୍ରି ପାଇଁ ଟୋକନ ପାଇନାହାନ୍ତି। ଜିଲ୍ଲାରେ ପ୍ରଶାସନର ଭୁଲ ଯୋଗୁଁ ସାଟେଲାଇଟ ସର୍ଭେରେ ବ୍ୟାପକ ତ୍ରୁଟି ହୋଇଥିବା ବେଳେ ଚାଷୀ ଧାନ ବିକ୍ରି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏସବୁର ସମାଧାନ କରି ଚାଷୀଙ୍କ ଧାନ କ୍ରୟ କରିବାକୁ ବିଜେଡି ପକ୍ଷରୁ ଦୃଢ଼ ଦାବି କରାଯାଇଥିଲା। ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଜେଡି ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବା ନେଇ ବିଧାୟକ ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ପାଞ୍ଜିଆ ଭୋଇ, ଅନୀତା ପାତ୍ର, ଅରୁଣୀ ପ୍ରଧାନ, ପ୍ରତାପ ଦେବ, ବାବୁଲାଲ ପୃଷ୍ଟେଠ, ଭବାନୀ ସାହୁ, ହିରାଲାଲ ସାହୁ, କୃତାର୍ଥ ସାହୁ, ନଗେନ ପଣ୍ଡା, ରାଜକିଶୋର ସାହୁ, ଚନ୍ଦ୍ର ଶେଖର ଭୁକ୍ତାଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

## ଭଇଁରଖୋଲ, କଦମଡିହି ପଞ୍ଚାୟତରେ ହାତୀ ଆତଙ୍କ



**ଝାରସୁଗୁଡ଼ା, ୨୬।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁରଖୋଲ ଏବଂ କଦମଡିହି ପଞ୍ଚାୟତ ଅଞ୍ଚଳରେ ଏକ ଦନ୍ତା ହାତୀ ବୁଲୁଥିବା ସୂଚନା ରହିଛି। ହାତୀଟି ପଲ ଠାରୁ ଅଲଗା ହୋଇ ବୁଲୁଥିବା ବେଳେ ରାତିରେ ଗାଁ ମୁହାଁ ହେଉଛି ଏବଂ ଦିନରେ ଜଙ୍ଗଲକୁ ଫେରିଯାଉଛି। ରାତି ସମୟରେ ହାତୀ ଜଙ୍ଗଲ ପାଖରେ ଥିବା ଗାଁକୁ ଆସି ଚାଷୀଙ୍କ ଧାନ, ପନିପରିବା, ନଷ୍ଟ କରୁଛି। ଗତକାଲି ବିଳମ୍ବିତ ରାତିରେ ଡୁଡୁଗା ଏବଂ ଭଇଁରଖୋଲ ଅଞ୍ଚଳରେ ରାତି ୮ ଟାରୁ ଭୋର ୪ ଟା ଯାଏଁ ହାତୀ ଉପଦ୍ରବ କରିଛି। ଧାନ ବସ୍ତା ଫାଡ଼ି ଧାନ ଖାଇବା ସହ ଡୁଡୁଗା ଏବଂ ଭଇଁରଖୋଲ ଅଞ୍ଚଳରେ ଅନେକଙ୍କ ବାଡ଼ିରେ ପଶି କଖାରୁ, ଝୁଡଙ୍ଗ, ବାଇଗଣ, ଆଳୁ ଆଦି ପନିପରିବା ନଷ୍ଟ କରିଛି। ଚାଷୀ ବିସିକେଶନ ଭଏଁସାଲ, ଦିଲ୍ଲୀପ ପ୍ରଧାନ, ପ୍ରକାଶ ପଧାନ, ପ୍ରଶାନ୍ତ ବାଗଙ୍କ ଧାନ ଏବଂ ବିଭିନ୍ନ ପନିପରିବା ନଷ୍ଟ କରିଛି। ଏହି ହାତୀଟି ପଞ୍ଚଗାଁ ନିକଟରେ ଜାମଗାଁର ବଳରାମ ଡନସନା ନାମକ ଜଣେ ବ୍ୟକ୍ତିଙ୍କୁ ଦଳି ମାରିଦେଇଥିଲା। ଏବେ ଡୁଡୁଗା, ଭଇଁରଖୋଲ, ଖୋଲଜାମକାନି, ପତ୍ରାପାଲି, ସାଗରପାଲି ଅଞ୍ଚଳରେ ଘୁରି ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅଛନ୍ତି। ହାତୀ ଯୋଗୁଁ ଲୋକଙ୍କ ହେଉଥିବା କ୍ଷତି ଆକଳନ କରି ଶୀଘ୍ର କ୍ଷତିପୂରଣ ଯୋଗାଇଦେବା ସହ ହାତୀକୁ ଗାଁରୁ ଦୂରକୁ ନେବା ଦିଗରେ ଜଙ୍ଗଲ ବିଭଗ କାର୍ଯ୍ୟକରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ବନ ବିଭାଗର ବିଭିନ୍ନ ଦଳ ହାତୀ ଉପରେ ନଜର ରଖିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ନିଆଁରେ ଦମ୍ପତି ପୋଡ଼ି ଘଟଣା

## ଚିକିତ୍ସାଧୀନ ବ୍ୟବସାୟୀଙ୍କ ମୃତ୍ୟୁ



**କୋଲାବିରା, ୨୬।୧୨(ସମିସ):** ଜାଳେଣୀ ଗ୍ୟାସ ଜନିତ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟବସାୟୀଙ୍କ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ଗୁରୁବାର ଭୋରରୁ ନିଆଁର ସଂସ୍ପର୍ଶରେ ଆସି କୋଲାବିରା ଅଞ୍ଚଳର ଦମ୍ପତି ଗୁରୁତର ହୋଇଥିଲେ। ଶୁକ୍ରବାର ଭୋରରୁ ରାଉରକେଲା ଆଇଜିଏଚରେ ଚିକିତ୍ସାଧୀନ ଅବସ୍ଥାରେ ବ୍ୟବସାୟୀ ସୁରେନ୍ଦ୍ର ଟଣକାର(୬୭)ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ଏବେ ମଧ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଛନ୍ତି। ଅକାଳ ମୃତ୍ୟୁ ବରଣ କରିଥିବା ସୁରେନ୍ଦ୍ର ଜିଲ୍ଲାର ଜଣେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ଭାବେ ପରିଚିତ ଥିଲେ। ହୋଟେଲ ବ୍ୟବସାୟ ସାଙ୍ଗକୁ ତାଙ୍କର ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ଦୁଇ ପୁଅ ଗୌରହରି (ରକି) ଓ ଲିଙ୍କନ ଏବଂ ଜଣେ ଝିଅ ମୋନାଲିସା (ରିଙ୍କି), ଭଉଣୀ ମିନୀ, ପୁତ୍ରବଧୂ, ନାତି ନାତୁଣୀ, ଭାଇ, ଭାଇବୋହୂ ରହିଛନ୍ତି। ଆଜି ସଂଧ୍ୟାରେ ସ୍ୱର୍ଗତ ସୁରେନ୍ଦ୍ରଙ୍କ ମରଶରୀର କୋଲାବିରା ଗାଁରେ ପହଞ୍ଚିବା ପରେ ଶେଷଦର୍ଶନ ପାଇଁ ବହୁ ସଂଖ୍ୟାରେ ଜନସାଧାରଣ ଏକତ୍ରୀତ ହୋଇଥିଲେ। କୋଲାବିରା ତେଲେନ ନଦୀକୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ବଡ ପୁଅ ରକି ମୁଖାଗ୍ନି ଦେଇଥିଲେ।

କୋଲାବିରା ଛକ ସ୍ଥିତ ଶକୁନ୍ତଳା ହୋଟେଲର ଏହି ମାଲିକ ଦମ୍ପତି ଗୁରୁବାର ଭୋରରୁ ଗ୍ୟାସ ଜାଳିବାକୁ ଯାଇ ନିଆଁରେ ପୋଡି ଯାଇଥିଲେ। ପ୍ରଥମେ ପୁଷ୍ପାଞ୍ଜଳିଙ୍କ ଦେହରେ ନିଆଁ ଲାଗିଥିଲା। ପତ୍ନୀଙ୍କୁ ବଞ୍ଚାଇବାକୁ ଯାଇ ସୁରେନ୍ଦ୍ର ଗୁରୁତର ଭାବେ ପୋଡ଼ି ଯାଇଥିଲେ। ପରିବାର ଓ ଆଖପାଖ ଲୋକ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ଆଜି ଭୋରରୁ ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ପତ୍ନୀ ପୁଷ୍ପାଞ୍ଜଳି ବିପଦମୁକ୍ତ ହୋଇନାହାଁନ୍ତି। ମୃତ୍ୟୁ ଖବର ପ୍ରସାରିତ ହେବା ମାତ୍ରେ ବିଭିନ୍ନ ବର୍ଗରୁ ଶୋକ ପ୍ରକାଶ ପାଇଛି। ପରିବାର ପ୍ରତି ସମସ୍ତେ ସମବେଦନା ଜ୍ଞାପନ କରିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଶେଷ ଦର୍ଶନ କରିବା ସହିତ ଶବାଧାରରେ ସାମିଲ ହୋଇ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

**ଝାରସୁଗୁଡ଼ା, ୨୬।୧୨(ସମିସ):** ଝାରସୁଗୁଡ଼ା ଓ ବ୍ରଜରାଜନଗର ସହରର ବିଭିନ୍ନ ଖେଳ ପଡ଼ିଆରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ସାଂସଦ ଖେଳ ମହୋତ୍ସବ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଦିନ ଉଦ୍‌ଯାପିତ ହୋଇଛି। ବ୍ରଜରାଜନଗର ଠାରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୫୪୭ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମହୋତ୍ସବର ସଭାପତି ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏମସିଏଲ ସିଏମଡି ଉଦୟ ଅନନ୍ତ କାଉଲେ, ଏମସିଏଲ ନିର୍ଦ୍ଦେଶକ ଫାଇନାନ୍ସ ଏକେ ବେଉରା, ଏମସିଏଲ ନିର୍ଦ୍ଦେଶକ ଟେକ୍ନିକାଲ ସଞ୍ଜୟ ଝା, ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱକେସନ ପାଣ୍ଡେ, ଲଖନପୁର ମହାପ୍ରବନ୍ଧକ ଏକେ ପାଣ୍ଡେ, ଇବଭ୍ୟାଲି ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, ଓରିଏଣ୍ଟ ମହାପ୍ରବନ୍ଧକ ଅଜୟ ନାମ ଯୋଶୀ, ଜିଲ୍ଲା ବିଜେପି ସଭାପତି ରଘୁ ପଣ୍ଡା, ରାଜ୍ୟ ବିଜେପି ଯୁବ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ଉପ ସଭାପତି ଅମରେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳନ କରିବା ସହିତ ଉଦ୍‌ଯାପନୀ

**୫୪୭ଜଣ କୃତୀ ପ୍ରତିଯୋଗୀ ପୁରସ୍କୃତ**




ସନ୍ଧ୍ୟାରେ କୃତୀ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ସାଂସଦ ଖେଳ ମହୋସବର ସଂଯୋଜକ ଶ୍ଲୋକ ସରନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଫୁଟବଲ ପୁରୁଷ ବିଭାଗ ଚାମ୍ପିଅନ ଆଦର୍ଶ କ୍ଲବ୍ ଝାରସୁଗୁଡ଼ା ଓ ମହିଳା ବିଭାଗରେ ରାଇକିଟ ଝାରସୁଗୁଡ଼ା, କବାଡି ପୁରୁଷ ବିଭାଗରେ ଡିଏଭି ଇବଭ୍ୟାଲି ବ୍ରଜରାଜନଗର ଚାମ୍ପିଅନ ଓ ମହିଳା ବିଭାଗରେ ଚାମ୍ପିଅନ ଝାରସୁଗୁଡ଼ା ବିନା ଟିମ, ଖୋଖୋ ପୁରୁଷ ବିଭାଗରେ ଚନ୍ଦନ ୱାରିୟର ଝାରସୁଗୁଡ଼ା ଓ ମହିଳା ବିଭାଗରେ ଆଦିତ୍ୟ ୱାରିୟର ଲୁଇସିଙ୍ଗ ଚାମ୍ପିଅନ, ଭଲିବଲରେ ପୁରୁଷ ବିଭାଗରେ କଣ୍ଡେଇକେଲା ଚାମ୍ପିଅନ ଓ କ୍ରିକେଟରେ ପୁରୁଷ ବିଭାଗ ଚାମ୍ପିଅନ ବ୍ଲୁ ଡାଇମଣ୍ଡ ବ୍ରଜରାଜନଗର ଆଦି ଟ୍ରଫି ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସଦ ପ୍ରତିନିଧି ସୁନିଲ୍ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ସାଂସଦ ଖେଳ ମହୋତ୍ସବର ମୁଖ୍ୟ ପୁରୋଧା ଶ୍ଲୋକ ସରନା ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସୁଶିଲ ପୁରୋହିତ, କ୍ରୀଷ୍ଣା ଦେ ମଞ୍ଚ ପରିଚାଳନା କରିଥିଲେ।

### ଝାରସୁଗୁଡ଼ା ବିଧାୟକଙ୍କୁ ଦେବାକୁ ହେଲା ନିଜ ପରିଚୟ

ସାଂସଦ ଖେଳ ମହୋତ୍ସବରେ ରାଜ୍ୟ ଫୁଟବଲ ଆସୋସିଏସନର ଅଧ୍ୟକ୍ଷଙ୍କ ପରିଚୟ ଦେବାକୁ ଆୟୋଜକ ଭୁଲି ଯାଇଥିଲେ। ବର୍ତ୍ତମାନ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓଡ଼ିଶା ରାଜ୍ୟ ଫୁଟବଲ ଆସୋସିଏସନର ଅଧ୍ୟକ୍ଷ ରହିଛନ୍ତି। ସାଂସଦ ଖେଳ ମହୋତ୍ସବରେ ନିଜ ଅଭିଭାଷଣରେ ନିଜ ପରିଚୟ ଦେଇ ରାଜ୍ୟ ଫୁଟବଲ ଆସୋସିଏସନର ଅଧ୍ୟକ୍ଷ ବୋଲି କହିଥିଲେ। ଏପରି ଏକ ବୃହତ କ୍ରୀଡା ମହାକୁମ୍ଭରେ ରାଜ୍ୟ ସ୍ତରୀୟ ଅଧ୍ୟକ୍ଷଙ୍କ ପରିଚୟ ଆୟୋଜକ କିପରି ଜାଣି ପାରିଲେ ନାହିଁ ନା ଜାଣିଶୁଣି ଦେଲେ ନାହିଁ ତାକୁ ନେଇ ଦର୍ଶକଙ୍କ ମହଲରେ ବେଶ ଚର୍ଚ୍ଚା ହୋଇଥିଲା। କାରଣ କିଛିଦିନ ପୂର୍ବରୁ ଝାରସୁଗୁଡ଼ାର ଏକ କୃଷକ ସମାବେଶରେ ସାଂସଦ ପ୍ରଦୀପ ପୁରୋହିତଙ୍କ ଫୋଟୋ ନଥିବାରୁ ସେ ସଭାରେ ବିରକ୍ତି ପ୍ରକାଶ କରିଥିଲେ।

### ବାମଣ୍ଡା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଭାଇଜାକ୍ ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କଲା କଟକ ୟୁନିଅନ୍ ସ୍ପୋର୍ଟିଂ

**ଦେବଗଡ଼, ୨୬।୧୨(ସମିସ)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ବାମଣ୍ଡା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩୫ ତମ ସର୍ବ ଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପଞ୍ଚମ ଦିନରେ ଭାଇଜାକ ଇଷ୍ଟକୋଷ୍ଟ ରେଲୱେ ବନାମ ୟୁନିଅନ୍ ସ୍ପୋର୍ଟିଂ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଭାଇଜାକ୍‌କୁ ୬୨ ରନ୍‌ରେ ପରାସ୍ତ କରି କଟକ ବିଜୟୀ ହେଇଛି। ଭାଇଜାକ୍ ଦଳ ଟସ୍ ଜିଣି କଟକ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। କଟକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୨୧୪ ରନ୍ କରିଥିଲା। ଦଳ ପକ୍ଷରୁ ଆତିଫ୍ ଆସଲମ୍ ୫୮, ତାପସ ରାଉତ୍ ୪୩, ରାଜୀବ ଲୋଚନ ସାହୁ ୪୨ ଓ ବିନାୟକ ସାହୁ ୩୮ ରନ କରିଥିବା ବେଳେ ଭାଇଜାକ୍ ଦଳର ବୋଲର ବି. ଏନ୍.ରାଜୀବ ଓ ଏମ. ସାଇ ୱାସ୍ଵନ୍ତ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଭାଇଜାକ୍ ଦଳ ବ୍ୟାଟିଂ କରି ମାତ୍ର ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ରନ କରିଥିଲା। ଦଳ ପକ୍ଷରୁ ହ୍ରିତିକ୍ ବର୍ମା ୪୩ ଓ ଏସ. ଶ୍ରୀ ଭର୍ଦନ ୨୭ରନ୍ ସଂଗ୍ରହ କରିଥିଲା ବେଳେ କଟକ ଦଳର ବୋଲର ଗଣେଶ ତମାର ୫ଟି ଓ ଏମଡି ନଦୀମ ଖାନ୍ ୨ ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିଲେ। ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ସେହିପରି ବେଣୁଧର ଗଡ଼ନାଏକ ଓ ଦିଲୁ ଦାସଭାଯ୍ୟା ଧାରାବିବରୀ ପ୍ରଦାନ କରିଥିଲେ। କଟକ ଦଳର ଗଣେଶ ତମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।




## ଦୁର୍ଘଟଣାଗ୍ରସ୍ତ କାର୍‌ରୁ ୮୭ କେଜି ଗଞ୍ଜେଇ ଜବତ

**ଝାରସୁଗୁଡ଼ା, ୨୬।୧୨(ସମିସ):** ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଓଭରବ୍ରିଜ ଉପରେ ଗଞ୍ଜେଇ ଚାଲାଣ କରୁଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୁଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ ସମୟରେ ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଲଖନପୁର ରାସ୍ତାରେ ଏକ କାର୍ ସନ୍ଦେହଜନକ ଭାବେ ଅତି ଦ୍ରୁତଗତିରେ ଝାରସୁଗୁଡ଼ା ପଟରୁ ରାୟଗଡ଼ ଅଭିମୁଖେ ଯାଉଥିଲା। ପରେ ବେଲପାହାଡ ଫ୍ଲାଏଓଭରରେ ବାଡେଇ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ଗାଡ଼ିରୁ ୮୬ଟି ପାକେଟରେ ପ୍ରାୟ ୮୬ କେଜି ୭୩୦ ଗ୍ରାମ ଗଞ୍ଜେଇ ବେଲପାହାଡ ପୁଲିସ ପକ୍ଷରୁ ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଏହି କାରରେ ଝାରସୁଗୁଡ଼ା ପଟୁ ଛତିଶଗଡ଼ ପଟକୁ ଦୁର୍ବୃତ୍ତ ମାନେ ଗଞ୍ଜେଇ ଚାଲାଣ କରୁଥିଲେ। ଦ୍ରୁତଗତିରେ ଯାଉଥିବା କାର ଦେଖି ସନ୍ଦେହ କରିବା ସହିତ ପୁଲିସ ପାଟ୍ରୋଲିଂ ଗାଡି କାର୍‌ଟିକୁ ଗୋଡାଇଥିଲା। ଫଳରେ କାରଟି ଆହୁରି ଦ୍ରୁତଗତିରେ ଯିବା ସହ ଓଭରବ୍ରିଜ ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବେଲପାହାଡ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଗାଡିରେ ଥିବା ଗଞ୍ଜେଇ ଏବଂ ଗାଡିକୁ ଜବତ କରିଛି। ଏହାକୁ ନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି।

## ରାଜ୍ୟ ଚଷା ମହାସମାବେଶ ପାଇଁ ମଶାଲ ଶୋଭାଯାତ୍ରା

**ରିଆମାଳ, ୨୬।୧୨(ସମିସ):** ଆଗମୀ ଡିସେମ୍ବର ୨୮ରେ ଅନୁଗୁଳ ଜିଲ୍ଲା ବାମୁରରେ ହେବାକୁ ଥିବା ରାଜ୍ୟ ଚାଷୀ ମହାସମାବେଶ ପାଇଁ ଶୁକ୍ରବାର ଦେବଗଡ଼ ଜିଲ୍ଲାରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ରିଆମାଳ ବ୍ଲକ ଆଠପଡ଼ା ମାଁ ତାରିଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ରଥ ଦ୍ୱାରା ମଶାଲକୁ ରିଆମାଳ ଗାଁ ଦେଇ ଶିବ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇ ଥିଲା। ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଚଷା ସମାଜର ଜିଲ୍ଲା ଉପଦେଷ୍ଟା ସମାଜସେବୀ ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କ ପରିଚାଳନାରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ ଅବସରପ୍ରାପ୍ତ ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ରିଆମାଳ ପୂର୍ବ ସରପଞ୍ଚ ତରଣୀସେନ ପ୍ରଧାନ, ପୂର୍ବ ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ ପ୍ରମୁଖ ପୂଜା ପରେ ମଶାଲ ଧରିଥିଲେ। ବାବାରାକୋଟ କୋଟ ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ହରିରାମ ଗାନ କରିଥିଲେ। ଜନାର୍ଦ୍ଦନ ପ୍ରଧାନ, ଦେବାର୍ଚ୍ଚନ ପ୍ରଧାନ, କୁମରମଣି ପ୍ରଧାନ, ପବିତ୍ର ନାୟକ, ବିରେନ୍ ପ୍ରଧାନ, ସୁଶିଲ ସାହୁ, ତ୍ରିନାଥ ବିଶ୍ୱାଳ ସମେତ ଚଷା ସଦସ୍ୟ ଉପସ୍ଥିତ ଥିଲେ।

## ରାୟଗଡ଼ା ଲୋକ ମହୋତ୍ସବ 'ଚଇତି ମହାକୁମ୍ଭ-୨୦୨୫' ଉଦ୍‌ଘାଟିତ

# କଳା, ସଂସ୍କୃତିର ମିଳନର ମହୋତ୍ସବ 'ଚଇତି'









ରାୟଗଡ଼ା, ୨୬।୧୨(ସମିସ)

ଶୁକ୍ରବାର ଶୀତୁଆ ସନ୍ଧ୍ୟାରେ ଉଦ୍‌ଘାଟନ ହୋଇଯାଇଛି ରାୟଗଡ଼ା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି ଓ ପଲ୍ଲିଶ୍ରୀ ମେଳା -୨୦୨୫'। ଅପରାହ୍ନରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ଠାରେ ପୂଜାର୍ଚ୍ଚନା ପରେ ଅଙ୍କାମାଳ ନେଇ ଚଇତି ମଶାଲ ଓ ପବିତ୍ର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ନେଇ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଜନ ସମାଗମ ମଧ୍ୟରେ ପାରମ୍ପରିକ ବାଜା, ବାଦ୍ୟ, ଆଦିବାସୀ ନୃତ୍ୟ, ଡିଜେ ମଧ୍ୟରେ ସ୍ଥାନୀୟ ପିଏମଶ୍ରୀ ଜିସିଡ଼ି ହାଇସ୍କୁଲ ପଡ଼ିଆରରେ ଚଇତି ମଣ୍ଡପରେ ମା' ମଝିଘରିଆଣି, କଳସ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାପନା କରାଯାଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡ଼ା ଜିଲ୍ଲାର ତିନି ବିଧାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, ଏସ୍‌ଏଚ୍‌ଜୀ ଗ୍ରୁପ ସଦସ୍ୟା, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଜନ ସାଧାରଣଙ୍କ ଗହଣରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଇତି ମହୋତ୍ସବର ଉଦଘାଟନ କରିଥିଲେ। ଏଥିରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଅତିଥିଙ୍କୁ ସମ୍ମାନିତ କରାଯାଇଥିବାବେଳେ ଅଧ୍ୟକ୍ଷ ଶ୍ରୀ କୁଲକର୍ଣ୍ଣି ସ୍ୱାଗତ ଭାଷଣ ରଖିଥିଲେ। ଏଥିରେ ସମ୍ମାନିତ ଅତିଥି ବିଧାୟକମାନେ ଜିଲ୍ଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଥିବା ଏବଂ ଜିଲ୍ଲାର ପର୍ଯ୍ୟଟନ ବିକାଶ, ଦିନ ବେଳା ରାୟଗଡ଼ାରୁ ଭୁବନେଶ୍ୱରକୁ ଟ୍ରେନ ଚଳାଚଳ ଓ ଅନ୍ୟ କ୍ଷେତ୍ରର ବିକାଶ ବିଷୟରେ ଅଭିଭାଷଣ ରଖିଥିଲେ। ସେହିପରି ଚଇତି ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଏବଂ ଜିଲ୍ଲାର କଳା, ସଂସ୍କୃତି, ସ୍ଥାପତ୍ୟ, ପରମ୍ପରାର ଗାଥାକୁ ପ୍ରଶଂସା କରି ଜିଲ୍ଲାର ବିକାଶ ପାଇଁ ସରକାର ଜିଲ୍ଲାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା କହିଥିଲେ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ଗୁରୁ ତ୍ରିଲୋଚନ ସାହୁ ଓ ସାଥି ଓଡିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ଡଙ୍ଗରିଆ କନ୍ଧ ଆଦିବାସୀ ନୃତ୍ୟ, ଲାଞ୍ଜିଆ ସୌରା ଆଦିବାସୀ ନୃତ୍ୟ, ଓଡ଼ିଆ ସିନେମାର ଅଭିନେତ୍ରୀ ଶୀତଲ ପାତ୍ରଙ୍କ କଳା ପରିବେଷଣ ପରେ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ଗାଇ ଦର୍ଶକଙ୍କୁ ମତୁଆଲା କରିଥିଲେ। ସେହିପରି ଚଇତି ମଞ୍ଚରେ ରାୟଗଡ଼ା ଜିଲ୍ଲାର ନାମକୁ ଗର୍ବ ଓ ଗୌରବ ଆଣିଥିବା କୃଷି କ୍ଷେତ୍ରରେ ଚାଷୀ ଟି.ରାମୁ, ଜାତୀୟସ୍ତରୀୟ କ୍ରୀଡାରେ ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳି କବିସୂର୍ଯ୍ୟ ନାୟକ, ସାଂସ୍କୃତିକ ରଙ୍ଗଶିଳ୍ପୀ କ୍ଷେତ୍ରରେ ଜୁନେଶ ଗମାଙ୍ଗ ଭଳି ୩ଜଣ ବ୍ୟକ୍ତି ବିଶେଷଙ୍କୁ ଚଇତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

**ପ୍ରଥମ ସନ୍ଧ୍ୟାରେ ଝୁମାଇଲେ ଅଭିନେତ୍ରୀ ଶୀତଲ, କଣ୍ଠଶିଳ୍ପୀ ଅନନ୍ୟା**

## ଭାଟଗୁଡ଼ା ହତ୍ୟାକାଣ୍ଡ; ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ବିଷମ କଟକ, ୨୬।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଙ୍ଗଡାଗୁଡା ପଞ୍ଚାୟତର ଭାଟଗୁଡା ଗ୍ରାମରେ ଗତ ଅକ୍ଟୋବର ମାସ ୧୫ ତାରିଖରେ ଘଟିଥିବା ଏକ ହତ୍ୟାକାଣ୍ଡର ଶୁଣାଣି କରି ମାନ୍ୟବର ଅଦାଲତ ହତ୍ୟାକାରୀ କୁନିଲ ଲୋହାରାଙ୍କୁ ଆଜି ଆଜୀବନ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କାର ଜୋରିମାନା ଶୁଣାଣି କରିଛନ୍ତି। ଓଡ଼ିଶାର ଏହି ହତ୍ୟା ମାମଲାକୁ ସବୁଠାରୁ ଦ୍ରୁତ ଦଣ୍ଡାଦେଶର ରେକର୍ଡ ସ୍ଥାପିତ ହୋଇଛି। ଏଭଳି ଏକ ହତ୍ୟା ମାମଲାର ବିଚାର କରି ବିଷମକଟକ ଅତିରିକ୍ତ ଜିଲ୍ଲା ଓ ସତ୍ର ନ୍ୟାୟାଳୟ ମାତ୍ର ୭୧ ଦିନ ମଧ୍ୟରେ ଦୋଷୀକୁ ଦଣ୍ଡିତ କରିଛନ୍ତି। ବିଷମକଟକ ଥାନା ଅଧୀନରେ ଗତ ଅକ୍ଟୋବର ମାସ ୧୫ତାରିଖରେ କେଶ ନଂ ୧୫୩ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ୧୪ ଅକ୍ଟୋବରରେ ଭାଟଗୁଡା ଗ୍ରାମରେ ଏକ ହତ୍ୟକାଣ୍ଡ ଘଟଣାରେ ଦିଲିପ ଲୋହାରଙ୍କୁ କୁନିଲ୍ ଲୋହାରା ଟାଙ୍ଗିଆରେ ହାଣି ନୃଶଂସ ଭାବେ ହତ୍ୟା କରିଥିଲେ। ହତ୍ୟାକାଣ୍ଡର ୮ ଦିନ ମଧ୍ୟରେ ଫୋରେନ୍ସିକ୍ ନମୁନା ଫ୍ଲରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଥିବା ବେଳେ ୨୦ ଦିନ ମଧ୍ୟରେ ଏହାର ଚାର୍ଜସିଟ୍ ଅଦାଲତରେ ଦାଖଲ କରିଥିଲା ବିଷମ କଟକ ପୋଲିସ୍। ତେବେ ଆଜି ମାନ୍ୟବର ଅଦାଲ ତାଙ୍କ ରାୟ ଘୋଷଣା କରି ଅଭିଯୁକ୍ତଙ୍କୁ ଆଜୀବନ କାରାବାସ ସହ ଦଶ ହଜାର ଟଙ୍କର ଅର୍ଥଦଣ୍ଡ ଘୋଷଣା କରିଛନ୍ତି। ଘଟଣାର ୭୧ ଦିନ ମଧ୍ୟରେ ନୃଶଂସ ହତ୍ୟା ମାମଲାର ଶୁଣାଣି କରିବା ଓଡ଼ିଶାରେ ଏହା ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଯାହା ରାୟଗଡ଼ା ଜିଲ୍ଲାର ଅପରାଧିକ ନ୍ୟାୟ ପ୍ରଣାଳୀରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଭାବେ ଦେଖାଯାଉଛି। ପ୍ରକାଶ ଥାଉକି, ବିଷମକଟକ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧), ୧୦୯(୧) ଏବଂ ୨୩୮ ଆଧାରରେ ରୁଜୁ ହୋଇଥିବା ହତ୍ୟା ମାମଲାକୁ ପ୍ରାଥମିକତା ଭିତ୍ତିକ ଦଣ୍ଡାଦେଶ ମାମଲା ଭାବେ ଗ୍ରହଣ କରାଯାଇ ଜିଲ୍ଲା ପୁଲିସ ଓ ଅଭିଯୋଗ ପକ୍ଷ ଦ୍ୱାରା ଦ୍ରୁତ ଭାବେ ଏହା ପରିଚାଳିତ କରାଯାଇଥିଲା। ତତକ୍ଷଣାତ୍ ପ୍ରମାଣ ସଂଗ୍ରହ, ଫୋରେନ୍ସିକ୍ ପ୍ରକ୍ରିୟାକୁ ପ୍ରାଥମିକତା ଏବଂ ତଦନ୍ତ ଅଧିକାରୀ ଓ ଅଭିଯୋଗ ପକ୍ଷ ମଧ୍ୟରେ ଅବିରତ ସମନ୍ୱୟ ସହିତ ଉଚ୍ଚସ୍ତରୀୟ ନିରୀକ୍ଷଣ ମୁଖ୍ୟ କାରଣ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏହି ମାମଲାର ତଦନ୍ତ ଭାର ବିଷମକଟକ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ବହନ କରୁଥିବା ଜଣାପଡ଼ିଛି ଓ ଏଥିସହ ଅତିରିକ୍ତ ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ମାମଲା ପରିଚାଳନା କରୁଥିଲେ। ରାୟଗଡ଼ା ଡିପିପି ଅଜିତ ପଟ୍ଟନାୟକଙ୍କ ପ୍ରତକ୍ଷ ତତ୍ତ୍ୱାବଧନାରେ ଏହି ମାମଲାଟି ପରିଚାଳିତ ହେଉଥିଲା। ଅତିରକ୍ତ ଜିଲ୍ଲା ଦୌରାଜଜ୍ ସିଦ୍ଧାର୍ଥ ସାହୁ ମାମଲାର ଶୁଣାଣି କରି ଦଣ୍ଡାଦେଶ ୧୦୩(୧) ବିଏନ୍‌ଏସ୍ ଅନୁଯାୟୀ ଆଜୀବନ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜୋରିମାନା ଏବଂ ୧୦୯(୧) ଧାରା ଅନୁଯାୟୀ ୧୦ ବର୍ଷ ଶର୍ଶମ କାରାଦାଣ୍ଡ ସାଙ୍ଗକୁ ୫ହଜାର ଟଙ୍କା ଜୋରିମାନା ଦଣ୍ଡ ଧାର୍ଯ୍ୟକରିଛନ୍ତି।

**ହତ୍ୟାକାଣ୍ଡର ୭୧ ଦିନ ମଧ୍ୟରେ ସଜା**



## ୬ ଗାଁରେ ଲାଗିଲା ସୋଲାର ଲାଇଟ୍



କୋରୁକୋଣ୍ଡା, ୨୬।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ତାର୍ଲାକୋଟା ଗ୍ରାମ ପଞ୍ଚାୟତର ୬ଟି ଗ୍ରାମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ନିଜସ୍ୱ ପାଣ୍ଠିରୁ ସୋଲାର ଲାଇଟ ସଂସ୍ଥାପନ କରି ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ସୃଷ୍ଟି କରିଛନ୍ତି। ଗତ କିଛି ଦିନ ପୂର୍ବରୁ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ତାର୍ଲାକୋଟା ସରପଞ୍ଚ ସାନାରୀ ଖିଲ ଏବଂ ନାୟବ ସରପଞ୍ଚ ପଦ୍ମନାଭ ମାଡ଼କାମୀ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମଗୁଡ଼ିକୁ ଭ୍ରମଣ କରି ଗ୍ରାମବାସୀଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ସମୟରେ ଅଞ୍ଚଳବାସୀମାନେ ଜଣାଇଥିଲେ, ଗ୍ରାମଗୁଡ଼ିକ ବଣ ଓ ଜଙ୍ଗଲ ଘେରା ଥିବା କାରଣରୁ ରାତ୍ରି ସମୟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ଦୈନନ୍ଦିନ ଜୀବନରେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବ୍ଲକ ଅଧ୍ୟକ୍ଷ ଶ୍ରୀ ବୁରୁଡି ଓ ନାୟବ ସରପଞ୍ଚ ଶ୍ରୀ ମାଡ଼କାମୀ ମିଳିତ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଟାଙ୍ଗୁଲଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ବିଷୟ ଶୁଣିବା ପରେ ଅଧ୍ୟକ୍ଷା ଶ୍ରୀମତୀ ଟାଙ୍ଗୁଲ ତତକ୍ଷଣାତ୍ ସୋଲାର ଲାଇଟ ସଂସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ଆଜି ତାର୍ଲାକୋଟା ପଞ୍ଚାୟତ ଅଧୀନ ବାଣ୍ଡାଗୁଡ଼ା, ବାଲିଚୁଆ, ଖିଲଗୁଡ଼ା, କଣ୍ଟାମାଡ଼ି, ପ୍ରଧାନୀଗୁଡ଼ା ଏବଂ ବନୁରୁ ଗ୍ରାମରେ ସୋଲାର ଲାଇଟ ସଂସ୍ଥାପନ କରାଯାଇଛି। ଏହା ଦ୍ୱାରା ରାତ୍ରି ସମୟରେ ଗ୍ରାମଗୁଡ଼ିକର ସୁରକ୍ଷା ସହିତ ସାଧାରଣ ଜୀବନଯାପନ ଅଧିକ ସହଜ ହେବ ବୋଲି ଅଞ୍ଚଳବାସୀମାନେ ଆଶା ପ୍ରକାଶ କରିଛନ୍ତି। ଏହି ଉଦ୍ୟମକୁ ନେଇ ଗ୍ରାମବାସୀମାନେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ଏବଂ ନାୟବ ସରପଞ୍ଚ ପଦ୍ମନାଭ ମାଡ଼କାମୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେବେ ମାଲକାନଗିରିର ଛାତ୍ରୀ

ମାଲକାନଗିରି, ୨୬।୧୨(ସମିସ): ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେବେ ମାଲକାନଗିରି ଜିଲ୍ଲା ଛାତ୍ରୀ ବିଦିଶା ମହାନ୍ତି। ମାଲକାନଗିରି ମଡେଲ ଡିଗ୍ରୀ କଲେଜ ଛାତ୍ରୀ ବିଦିଶା ମହାନ୍ତି ରାଜ୍ୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ବୋଲି ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଡ଼ିସେମ୍ବର ୨୪ ରୁ ୨୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଯୁବ ଉତ୍ସବ ଆୟୋଜନ କରାଯାଇଥିଲା। ତାଙ୍କର ଏହି ସଫଳତାରେ ନିଜର ଖୁସି ପ୍ରକଟ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଶୁଭେଚ୍ଛା ଜଣାଇବା ସହ ଏହି କୃତିତ୍ୱ ଅନ୍ୟ ଛାତ୍ର ଛାତ୍ରୀଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ବିଦିଶାଙ୍କ ସଫଳତାରେ ମଡେଲ ଡିଗ୍ରୀ କଲେଜ ସହିତ ସମଗ୍ର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସୂଚନା ଥାଉ କି, ଜାତୀୟସ୍ତରୀୟ ଯୁବ ଉତ୍ସବ ନୂଆ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବ। ଯେଉଁଥିରେ ବିଦିଶା ଓଡ଼ିଶାର ପ୍ରତିନିଧିତ୍ୱ କରିବେ।



## ପୂର୍ବତନ ଓକିଲ ସଂଘ ସଭାପତି ବିଷ୍ଣୁ ପଣ୍ଡାଙ୍କ ପରଲୋକ

ରାୟଗଡ଼ା, ୨୬।୧୨(ସମିସ): ରାୟଗଡ଼ା ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ୭୧ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଫୁସଫୁସ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ଭୁବନେଶ୍ୱର ସ୍ଥାନାନ୍ତର ବେଳେ ରାମନାଗୁଡା ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁତ୍ର ସୌମ୍ୟଜିତ ପଣ୍ଡା, ସ୍ତ୍ରୀ, ମା', ଝିଅ, ଜ୍ୱାଇଁ ଓ ଅନ୍ୟାନ୍ୟ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଆଜି ବ୍ରାହ୍ମଣ ସାହି ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଆଜି ରାୟଗଡ଼ା ଓକିଲ ସଂଘ ତରଫରୁ ରାୟଗଡ଼ା କୋର୍ଟ ପରିସରରେ ଏକ ଶୋକସଭା ପାଳିତ ହେବା ସହ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଦୀପଦାନ ହୋଇଥିଲା। ଏହି ଅବସରରେ ଓକିଲ ସଂଘର ସଭାପତି ଦେବୀ ପଟନାୟକ, ସମ୍ପାଦକ ମଙ୍ଗଳମୂର୍ତ୍ତି ବେଉରିଆ, ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାଶ(ଟୁଟୁ), ବ୍ରଜ ସୁନ୍ଦର ନାୟକ, ସଚ୍ଚିଦାନନ୍ଦ ଖାଡଙ୍ଗା, ରବି ମହାପାତ୍ର, ବିଶ୍ୱନାଥ ଗନ୍ତାୟତ, ଲାବଣ୍ୟ ପଟନାୟ, ରାମନାଥ ପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ରାୟଗଡ଼ାର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକଟ କରିଛନ୍ତି।



## ଗୋବିନ୍ଦପାଲ୍ଲୀରେ କଲ୍ୟାଣ ମଣ୍ଡପ ପାଇଁ ଜାଗା ଚିହ୍ନଟ

ଖଇରପୁଟ, ୨୬।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଠାରେ ସରକାରୀ କଲ୍ୟାଣ ମଣ୍ଡପ ନିମନ୍ତେ ଜାଗା ଚିହ୍ନଟ କରାଯାଇଛି। ଗ୍ରାମରେ କୌଣସି ଭୋଜି ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ନଥିବାରୁ ଦୀର୍ଘ ଦିନରୁ ଏକ କଲ୍ୟାଣ ମଣ୍ଡପ ନିମନ୍ତେ ଜଣ ସାଧାରଣରେ ଦାବି ହେଉଥିଲା। ପ୍ରଶାସନ ତରଫରୁ ୬୫ ଲକ୍ଷ ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ମଞ୍ଜୁର ହୋଇଛି। ଆଜି ସରପଞ୍ଚ ଶ୍ରୀନିବାସ ମୁଦୁଲି, ଆର୍‌ଆଇ ରଞ୍ଜିତା ପଡ଼ିଆମୀ, ଏ ଆର ଆଇ ଉମା ବିଷୋୟୀ, ଜେଇ ଭୀଷ୍ମ ମଲ୍ଲିକ ଉପସ୍ଥିତ ରହି ଜଗନ୍ନାଥ ମନ୍ଦିର ନିକଟରେ ସ୍ଥାନ ନିରୂପଣ କରିଥିଲେ ଏବଂ ଗ୍ରାମବାସୀଙ୍କ ତରଫରୁ ଗ୍ରାମ ନାୟକ ବିଙ୍ଗୁ ନାୟକଙ୍କ ସହିତ ଧନୁର୍ଜୟ ଡୁର୍ଲିଆ, ଗଙ୍ଗା ଡୁର୍ଲିଆ, ରିତୁ ପରିଛା, ଗୁପ୍ତେଶ୍ୱର ବ୍ରହ୍ମସ୍ମା, ଏ. ଭାସ୍କର ରାଓ, ପ୍ରତାପ ମିଶ୍ର, ମହେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



## ଦାବି ପୂରଣ ପାଇଁ ଡାକ୍ତର ସଂଘର ଘଣ୍ଟିକିଆ ଆନ୍ଦୋଳନ

ମାଲକାନଗିରି, ୨୬।୧୨(ସମିସ): ଦୀର୍ଘ ଦିନ ଧରି ଡାକ୍ତର ସଂଘ ପକ୍ଷରୁ ଅନେକ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଉଥିବା ବେଳେ ସେଗୁଡିକ ପୂରଣ ହେଉ ନଥିବାରୁ ଓମସା ପକ୍ଷରୁ ଘଣ୍ଟିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଏହାକୁ ସମର୍ଥନ କରି ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଡାକ୍ତରମାନଙ୍କ ଦ୍ୱାରା ଆଜି ଏକ ଘଣ୍ଟିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରାଯାଇଛି। ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ପ୍ରତିଦିନ ସକାଳ ୧୦ଟା ରୁ ୧୧ଟା ଯାଏଁ ବହୀରବିହାଗରେ ଡାକ୍ତର ସେବା ବନ୍ଦ ପାଇଁ ଓମସା ପକ୍ଷରୁ ଏହି ଡାକରା ଦିଆଯାଇଛି। ଏହି ଡାକରାରେ ମାଲକାନଗିରି ଜିଲ୍ଲାର ସମସ୍ତ ଡାକ୍ତର ସାମିଲ ହୋଇଛନ୍ତି। ଏହାକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ କାର୍ଯ୍ୟରତ ଡାକ୍ତରମାନେ ବିକ୍ଷୋଭ କରିଛନ୍ତି। ତେବେ ଡାକ୍ତରମାନଙ୍କ ଦାବି ମଧ୍ୟରେ ରହିଛି- କେବିକେ ଏକ୍ସଜିଟ ପଲିସି, ସେଣ୍ଟ୍ରାଲ ଡିଏସିପି ଅର୍ଥାତ କେନ୍ଦ୍ରୀୟ ନିୟମ ଅନୁଯାୟୀ ଚାକିରୀ କାଳୀନ ସୁବିଧା, ଡାକ୍ତର ଏବଂ ତାଙ୍କ ପରିବାର କୁ ସ୍ୱାସ୍ଥ୍ୟ ବୀମା, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ, କ୍ୟାଡର ରି ଷ୍ଟ୍ରକ୍‌ଚର ଭଳି ମୋଟ ଅଠରଟି ଦାବି। ମାଲକାନଗିରି ଜିଲ୍ଲା ସଭାପତି ସଚିକାନ୍ତ ଲେଙ୍କାଙ୍କ ସହ ଅନ୍ୟ ଡାକ୍ତରମାନେ ଏହି ବିକ୍ଷୋଭରେ ସାମିଲ ହୋଇଛନ୍ତି। ବହିରବିଭାଗରେ ଘଣ୍ଟାଏ ଧରି ଡାକ୍ତର ନଥିବାରୁ ଅନେକ ରୋଗୀ ଡାକ୍ତରଙ୍କ ଅପେକ୍ଷା କରି ରହିଥିବା ସହ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ଅପର ପକ୍ଷରେ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି କୁହାଯାଇଛି।




## ସାବରୀ ବିଦ୍ୟାଭବନ ଏମ୍‌ଭି-୭୯ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଏମିଭି-୭୯, (ସମିସ)୨୬।୧୨

ମାଲକାନଗିରି ଜିଲ୍ଲାର ଦୁର୍ଗମ ଡଣ୍ଡକାରଣ୍ୟ ଅଞ୍ଚଳରେ ଶିକ୍ଷାର ଉଜ୍ଜ୍ୱଳ ଦୀପଶିଖା ଭାବେ ପ୍ରତିଷ୍ଠିତ ସାବରୀ ବିଦ୍ୟା ଭବନ (ଏମ୍‌ଭି-୭୯) ନିଜର ୫୦ ବର୍ଷ ପୂର୍ତ୍ତି ଅତ୍ୟନ୍ତ ଆବେଗପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ଭାବେ ପାଳନ କରୁଛି। ୧୯୭୬ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ୧୯୮୦ରୁ ୧୯୯୦ ବ୍ୟାଚ୍‌ର ପୂର୍ବତନ ଛାତ୍ରଛାତ୍ରୀମାନେ ଆୟୋଜନ କରିଛନ୍ତି। ତିନି ଦିନ ବ୍ୟାପୀ ଏହି ଉତ୍ସବର ଦ୍ୱିତୀୟ ଦିନରେ ବ୍ରଜ କିଶୋର ମହାପାତ୍ର, ଚିତ୍ତରଞ୍ଜନ ମିଶ୍ର, ବିଜୟ କୁମାର ଶିକଦାର, ମୁକୁଳ ମଣ୍ଡଳ (୧୯୮୦ ବ୍ୟାଚ୍), ବର୍ତ୍ତମାନର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସୁବୁଦ୍ଧି ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ଶିକ୍ଷକ ମାଣିକ ଲାଲ ଘୋଷ, ଅମିୟ ବୋଷ, ପ୍ରତିମା ପାଉଲ, ଲୀଳାବତୀ ମୁନ୍ସି ଓ ଚିତ୍ତରଞ୍ଜନ ମଣ୍ଡଳଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ମୁହୂର୍ତ୍ତରେ ଉପସ୍ଥିତ ସମସ୍ତଙ୍କ ଆଖି ଆର୍ଦ୍ର ହୋଇଉଠିଥିଲା। ମଞ୍ଚ ପରିଚାଳନାର ଦାୟିତ୍ୱ ପ୍ରଶାନ୍ତ ସରଦାର ଓ ଶ୍ୟାମଲ ମଜୁମଦାର ସୁଚାରୁ ରୂପେ ନିର୍ବାହ କରିଥିଲେ। ତିନି ଦିନର ଏହି ଉତ୍ସବରେ ପୁରୁଣା ସ୍ମୃତି ଚାରଣ, ଆନନ୍ଦ ବିନିମୟ, ନାଟକ ପରିବେଷଣ, ଗୀତ ଗାୟନ, ଖେଳ ପ୍ରତିଯୋଗିତା, ପୁସ୍ତକ ଉନ୍ମୋଚନ, ବୃକ୍ଷରୋପଣ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୂର ଦୂରାନ୍ତରୁ ଆସି ପୁରୁଣା ବନ୍ଧୁମାନେ ଏକାଠି ହେବାର ଏହି ମୁହୂର୍ତ୍ତ ହସ ଓ କାନ୍ଦଣାର ମିଶ୍ରଣରେ ବାଲ୍ୟ ଦିନକୁ ଫେରି ନେଇଥିଲା। ପୂର୍ବ ଛାତ୍ର କମିଟିର ସଭାପତି ଅମିୟ ବୈରାଗୀ, ଉପ-ସଭାପତି ଦୀପକ ଦତ୍ତ, ସଚିବ ପ୍ରଶାନ୍ତ ସରଦାର, ଯୁଗ୍ମ ସଚିବ ସଚିନ କୃଷ୍ଣ ସାନା ଓ ରାହୁଲ ଦେବ ବିଶ୍ୱାସ, କ୍ୟାଶିଅର ଗୋବିନ୍ଦ ହାଲଦାର ଏବଂ ସଦସ୍ୟ କୃଷ୍ଣ ମଣ୍ଡଳଙ୍କ ନେତୃତ୍ୱରେ ଏହି ଉତ୍ସବ ସଫଳ ହୋଇଛି। ଉପଦେଷ୍ଟାମାନେ ହେଲେ ମୁକୁଳ ମଣ୍ଡଳ, ସପନ କିର୍ତ୍ତନିଆ, ରବୀନ୍ଦ୍ର ଧର, ରତନ ରାୟ, ସୁନିଲ ଐଚ, ଦୟାଲ ବୈରାଗୀ, ସୁରେଶ ମେହେତା, ନିମାଇ ପାଉଲ, ବିଦ୍ୟୁତ ବିଶ୍ୱାସ ଓ ଶ୍ୟାମଲ ମଜୁମଦାର। ଏହି ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଥିବା ସାବରୀ ବିଦ୍ୟା ଭବନ ପାଇଁ ଏହି ସୁବର୍ଣ୍ଣ ଜୟନ୍ତୀ ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିଛି।



**ବନ୍ଧୁମିଳନରେ ପୁରୁଣା ସ୍ମୃତିର ହୃଦୟସ୍ପର୍ଶୀ ମିଳନ**

## ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ

# ସର୍ବଶ୍ରେଷ୍ଠ ଓ ସଫଳ ଆଞ୍ଚଳିକ ଦଳ ବିଜେଡି





ବରଗଡ଼, ୨୬।୧୨(ସମିସ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ନବୀନ ବାବୁ ପଟ୍ଟନାୟକଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ଦେଶରେ ବିଜେଡି ଏକ ସର୍ବଶ୍ରେଷ୍ଠ ଓ ସଫଳ ଆଞ୍ଚଳିକ ଦଳ ବୋଲି ଉଲ୍ଲେଖ କରିଥିଲେ। ଏଥି ସହିତ ବିଜେଡିର ତୃଣମୂଳ ସଂଗଠନକୁ ଆହୁରି ମଜବୁତ୍ କରିବା ସହ ବର୍ତ୍ତମାନର ପ୍ରତାରଣାର ସରକାର ଯିଏକି ନାରୀ ନିର୍ଯାତନା ବଢୁଥିବାବେଳେ ଓଆଇନ ଶୃଙ୍ଖଳା ପରିସ୍ଥିତି ବିଗୁଡୁ ଥିବା ସହ ଧାନ କ୍ରୟ ମଧ୍ୟ କରିପାରୁ ନ ଥିବାରୁ ସାଧାରଣ ଲୋକଙ୍କରୋଶର ଶିକାରକୁ ଜନଜାଗରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରିଷ୍ଠ ନେତା ଗୌର ହରି ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, କମଳ ତାଣ୍ଡି, ଉମା ଚରଣରାଉତ, କରନ ସିକନ୍ଦର, ନିତୁ ମାହାନା, କବିତା ବେହେରା, ଜ୍ୟୋସ୍ନା ପାଇକ, ପ୍ରିୟା ତାଣ୍ଡି, ରଞ୍ଜିତା ମାହା ନା, ବେଦମତି ସେଟ୍, ରେବତୀ ମଲ୍ଲିକ, ରାଜ୍ କିଶୋର ଦାଶ, ରୋସନ ପ୍ରଧାନ, ଜନକ ଅଗ୍ରୱାଲ, ସୁନନ୍ଦା ପଣ୍ଡା, ସାରଳା ବଗର୍ତ୍ତି, ଅକ୍ରୁର ବାରିକ, ପ୍ରଭାସିନୀ ମୁଣ୍ଡ, ଦିପାଞ୍ଜଳି ବାଗ, ଖିତେଶ୍ୱରକୁମ୍ଭାର, ସୁଜିତ୍ ମହାନ୍ତି, ରମେଶରାଓ ଏମ ଡି ଜମିର କମଳ ତାଣ୍ଡୀ ଅନିଲ ଦଲେଇ ରୋଦ ଶତପଥୀ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ନେତୃ ମଣ୍ଡଳୀ ଓ କର୍ମୀ ଏହି କାର୍ଯ୍ୟ କ୍ରମରେ ଯୋଗ ଦେଇ ବିଜୁ ବାବୁଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ନବୀନ ବାବୁଙ୍କ ବଳିଷ୍ଠ ନେତୃତ୍ୱକୁ ଦୃଢ଼ ସମର୍ଥନ ଜଣାଇଥିଲେ।

**ପାଇକମାଳ :** ଆଜି ପାଇକମାଳ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଗୌତମ ସିଂ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାକ୍ସ ସଭାପତି ବିଜୁ ସ୍ୱାଇଁ, ଯୁବ ହୃଦାନନ୍ଦ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଉପସ୍ଥିତ ସମସ୍ତେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ସହିତରହି ଅଞ୍ଚଳର ବିକାଶ ନିମନ୍ତେ କାମ କରିବା ପାଇ ମତ ପ୍ରକାଶ ପାଇଥିଲା। ବିଜୟରାଓ, ନାନକି ସାହୁ, ଲାଲା ସାହୁ, ଦଶରଥ ଚାନ୍ଦ, ଅଜୟ ସେଠ୍, ରାଜୁ ମହାନନ୍ଦ, ସଞ୍ଜୟ ଭୋଇ, ସୁବାସ ଶଗଡ଼ିଆ, ଟିକିଲାଲ ମାହାର, ଟୁକୁ ମହାନ୍ତି, ରାଜୀବ ସାହୁ, ବନୁ ମିଶ୍ରଙ୍କ ସମେତ ଶତାଧିକ ଦଳୀୟକର୍ମୀ ଉପସ୍ଥିତ ଥିଲେ।

**ସୋହେଲା :** ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ସୋହେଲା ହଳଦୀପାଲି ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ତଥା ବରିଷ୍ଠ ବିଜେଡି ନେତା ଗଣତନ୍ତ୍ର ପଧାନ, ବିଜେଡି ଯୁବନେତା ସୁବ୍ରତ ସିଂହ, ରଘୁନାଥ ପଟେଲ, ଗୋବିନ୍ଦ ପ୍ରଧାନ, ଜିଲ୍ଲା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଦସ୍ୟା ନିଳି ନାୟକ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ୍, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ରୋଜୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଜାଇଫୁଲ ସିଂ ବରିହା, ଜିବର୍ଦ୍ଧନ ବରିହା, ଦୟାନିଧି ପଟେଲ, ସୁଶାନ୍ତ ମିଶ୍ର, ସରୋଜ ମହାପାତ୍ର, ଆନନ୍ଦ ଖମାରୀ ପ୍ରମୁଖ ଯୋଗଦେଇଥିଲେ। ସଭାକୁ ସୁବ୍ରତ ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ବାରିକ, ସନ୍ତୋଷ ସେଠ୍, ଠାକୁରରାମ ପଟେଲ, ସତ୍ୟଭୂଷଣ ସାହୁ, ହିରାଧର ସାହୁ, ମଦନ ସାହୁ, ଅମୃତ ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭଟଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ନିଜ ଅସୁସ୍ଥତା କାରଣରୁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳର ସାଙ୍ଗଠନିକ ଦାୟିତ୍ୱ ଯୁବନେତା ସୁବ୍ରତ ସିଂହଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ସୁସ୍ଥ ହେବା ପର୍ଯ୍ୟନ୍ତ ସୁବ୍ରତ ସିଂହ ଏହି ଦାୟିତ୍ୱ ସମ୍ପାଦନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା।

## କଫ୍ ସିରପ ବିକ୍ରି ଅଭିଯୋଗରେ ୬ ଗିରଫ

ସୋହେଲା, ୨୬।୧୨(ସମିସ): ସୋହେଲା ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ବିର୍ଜୁପାଲି ଛକ ନିକଟରେ ଅପମିଶ୍ରିତ କଫସିରପ କାରବାର ଚଳେଇଥିବା ୬ଜଣଙ୍କୁ ସୋହେଲା ପୁଲିସ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ବ୍ୟାପକ ମାତ୍ରାରେ କଫସିରଫ ଏବଂ ଅପ ମିଶ୍ରିତ ଦ୍ରବ୍ୟ ଜବତ କରିଛି। ମିଳିଥିବା ସୂଚନାରୁ ପ୍ରକାଶ ଯେ ସୋହେଲା ଥାନା ଅନ୍ତର୍ଗତ ଜାତୀୟରାଜପଥ ଉପରେ ସ୍ଥିତ ବିରଜୁପାଲି ଛକ ନିକଟରେ ବେଆଇନ ଭାବେ ଅପ ମିଶ୍ରିତ କଫ ବିକ୍ରୟ ହେଉଥିବା ନେଇ ବିଶ୍ୱସ୍ଥ ସୂତ୍ରରୁ ଖବର ସୋହେଲା ଥାନା ଏଏସ୍ଆଇ ମନରଞ୍ଜନ ପାଣିଗ୍ରାହୀ ଏବଂ ଥାନାର ଅନ୍ୟ କର୍ମଚାରୀ ଗତ ୨୪ତାରିଖ ଅପରାହ୍ନରେ ଚଢ଼ଉ କରିଥିଲେ। ପୁଲିସ ଏହି କାରବାର ସମ୍ପୃକ୍ତ ଲୁହୁରାଚଟି ଗାଁର ବାପ ପୁଅ ସମେତ ମୋଟ ଛଅ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୭୩ବୋତଲ ଏସକଫ କଫସିରଫ ଏବଂ ଦୁଇଟି ପ୍ଲାଷ୍ଟିକ ଜାରକିନରେ ଥିବା ୧୫ଲିଟର ଅପ ମିଶ୍ରିତ କଫ ସିରଫ ଜବତ କରିଥିଲେ। ଏନେଇ ସୋହେଲା ଥାନାରେ ଦୁଇଟି ମାମଲାରୁଜୁ କରାଯାଇ ଲୁହୁରାଚଟି ଗାଁର ଜୟଦେବ ମେହେର ଏବଂ ତାଙ୍କ ପୁଅ ବିକାଶ ମେହେରଙ୍କ ସମେତ କାହ୍ନା ମେହେର, ମୋହନଲାଲ ମେହେର, ଉଦେକର ମେହେର ଏବଂ ଅଲେଖ ମେହେରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ହରି ଶଙ୍କରଭୋଇ ସୂଚନା ଦେଇଛନ୍ତି।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ଗୁରୁତର

ଅମ୍ବାଭୋନା, ୨୬।୧୨(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ବଡ଼ଦର୍ଲିପାଲି ବୁଲାଣିରାସ୍ତାରେ ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଆହତ ବ୍ୟକ୍ତି ଭୁକ୍ତାପ୍ରକାଶପୁର ପଟରୁ ଛତିଶଗଡ଼ର ସରିଆ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳଦେଇ ଯାଉଥିବା ବଡ଼ଦର୍ଲୀପାଲି ଗାଁରରବିଶଙ୍କର ବେହେରା ଆହତ ବାଇକ ଆରୋହୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଆହତ ବାଇକ ଆରୋହୀ ଲଉଡିଧାରା ଗାଁର ଅରବିନ୍ଦରାଉତ (୨୩) ବୋଲି ଚିହ୍ନଟ ହୋଇଛନ୍ତି।

## ନାଳନ୍ଦା ସାହିତ୍ୟ ମହୋତ୍ସବରେ ଯୋଗଦେଲେ ପଦ୍ମଶ୍ରୀ ହଳଧର ନାଗ

ବିଜେପୁର, ୨୬।୧୨(ସମିସ): ବିହାରର ଐତିହାସିକ ନଗରୀ ନାଳନ୍ଦାଠାରେ ଚାଲିଥିବା 'ନାଳନ୍ଦା ଲିଟରେଚର ଫେଷ୍ଟିଭାଲ' ଅଧିବେଶନରେ ଲୋକକବିରତ୍ନ ପଦ୍ମଶ୍ରୀ ଡ. ହଳଧର ନାଗ ଯୋଗଦେଇଥିଲେ। ଭାରତୀୟ କବିତାର ଆତ୍ମା, ସମୟ ଓ ଭୂଗୋଳରୁ ଊର୍ଦ୍ଧ୍ୱରେ' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ହଳଧର ନାଗ ନିଜର ଚମତ୍କାର ଶୈଳୀରେ ମହାସତୀ ଉର୍ମିଳା କାବ୍ୟାଂଶ ଆବୃତ୍ତି କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅଧିବେଶନରେ ହଳଧର ନାଗଙ୍କ ସମେତ ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ଦିନେଶ ମାଳି, ଆଶୁତୋଷ ଅଗ୍ନିହୋତ୍ରୀ ଏବଂ ଡା. ଅଜିତ ପ୍ରଧାନ ଯୋଗଦେଇ ଥିଲେ। ୨୧ ତାରିଖ ଦିନରାଜଗିରର କନଭେନସନ ସେଣ୍ଟର ଠାରେ କଂଗ୍ରେସ ସାଂସଦ ତଥା ବିଶିଷ୍ଟ ଲେଖକ ଶଶିଥରୁର ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ବିହାରର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ମଧ୍ୟ ମୁଖ୍ୟ ଅତିଥି ଭାବେ ଏବଂ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ମଧ୍ୟ ଭର୍ଚୁଆଲ୍ ମାଧମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## 'ମାଏ ଭାରତ' ପ୍ରତିଷ୍ଠାନରେ ସୁଶାସନ ଦିବସ ପାଳିତ

ବରଗଡ଼, ୨୬।୧୨(ସମିସ): ଭାରତ ସରକାରର ମାଏ ଭାରତ ବରଗଡ଼ ଏବଂ ମିଟ କମ୍ପ୍ୟୁଟର ଏଜୁକେସନ ଓ ମିଟ୍ ହାୟର ସେକେଣ୍ଡାରୀ ସ୍କୁଲ ବରଗଡ଼ରେ ସୁଶାସନ ଦିବସ ପୂର୍ବ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମିଟ୍ ଗୋଷ୍ଠୀର ଅଧ୍ୟକ୍ଷ ସରୋଜ ମାଝୀ ଏବଂ ଭାରତ ସରକାରର ମାଏ ଭାରତ ବରଗଡ଼ ଜିଲ୍ଲା ଯୁବ ଅଧିକାରୀ ଏସ.ଜେ. କମଲ ସା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭ ଓଡିଆ ଅଧ୍ୟାପିକା ମିସ୍ ଅଙ୍କିତାଙ୍କ ଦ୍ୱାରା ଅତିଥି ପରିଚୟ ସହିତ ହୋଇଥିଲା। ଇଂରାଜୀ ଅଧ୍ୟାପିକା ମିସ୍ ପ୍ରିୟଙ୍କା ଧନ୍ୟବାଦ ଜ୍ଞାପନ କରିଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମକୁ ଉପଯୋଗୀ ଓ ପ୍ରେରଣା ଦାୟକ ବୋଲି ସ୍ୱୀକାର କରିଥିଲେ।

## ପୁରାତନ ଛାତ୍ରସଂଘର ବନ୍ଧୁମିଳନ

ବରପାଲି, ୨୬।୧୨(ସମିସ): ବରପାଲି ବ୍ଲକ ସତଲମା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘର ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ହୋଇଯାଇଛି। ଛାତ୍ର ସଂଘ ସଭାପତି ଡ.ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ଶିକ୍ଷକ ଗଣେଶରାମ ପଧାନ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ବନ ବିହାରୀ ଦାସଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ସମ୍ପାଦକ ରଘୁନାଥ ବିଶି ବିବରଣୀ ପଠନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ସରୋଜ ସାହୁ ସ୍ୱାଗତ ତଥା ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ସଭାରେ ଡ. ଦଶରଥ ପାତ୍ର, ଡ. ଶୁକଦେବ ସାହୁ ଉପସଭାପତି, ଅନିରୁଦ୍ଧ ବେହେରା, ପ୍ରଧାନଶିକ୍ଷକ ଡୋଳାମଣି ପଟେଲ, ଚଞ୍ଚଳ ପଧାନ, ଭିକାରୀଚରଣ ପଧାନ, ଫଗୁନୁ ଚାଉଁର, ଓକିଲ ପ୍ରଦୀପ ସାହୁ, ଜିବର୍ଧନ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡ.ଦଶରଥପାତ୍ର ଓ ରଘୁନାଥ ବିଶିଙ୍କ ସଂଯୋଜନାରେ ପୁସ୍ତକ ସତଲ୍ଲମାକୁ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀ ଉନ୍ମୋଚନ କରି ଥିଲେ। ପରେ ବିଜେପୁର ବିଧାୟକ ସନତ ଗଡ଼ତୀୟା ସ୍କୁଲର ସମସ୍ୟା ପଚାରି ବୁଝି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଜାମ୍ବୋରେଟ୍‌ରେ ବରଗଡ଼ ଜିଲ୍ଲାର ସଫଳତା

ବରଗଡ଼,୨୬।୧୨(ସମିସ): ଖୋର୍ଦ୍ଧାରବରୁଣେଇପାହାଡ଼ପାଦଦେଶରେ ଅବସ୍ଥିତ ରାଜ୍ୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରାଜ୍ୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ ରାଜ୍ୟ ଜାମ୍ବୋରେଟ୍‌ରେ ବରଗଡ଼ ଜିଲ୍ଲାରୁ ୬୮ ଜଣ ସ୍କାଉଟ୍ସ



ଆଣ୍ଡ ଗାଇଡ୍ସ ଏବଂ ତିନି ଜଣ ସ୍କାଉଟ୍ସ ମାଷ୍ଟର ଓ ଦୁଇ ଜଣ ଗାଇଡ୍ସ କ୍ୟାପଟେନ୍ ଯୋଗ ଦେଇଥିଲେ। ବ୍ୟାଣ୍ଡ ଡିସ୍ ପ୍ଲେରେ ପ୍ରଥମ, କ୍ୟାମ୍ପ ଫାୟାର୍‌ରେ ପ୍ରଥମ, ଫିଜିକାଲ ଡିସ୍ ପ୍ଲେରେ ଦ୍ୱିତୀୟ, ମାର୍ଚ୍ଚ ପାଷ୍ଟରେ ତୃତୀୟ, ଫୋକ୍ ଡେନ୍ସରେ ତୃତୀୟ, ଟ୍ରେଡିସିନାଲ୍ ୱାର୍କରେ ଗୋଲ୍ଡ, ସ୍କିଲୋରାମାରେ ସିଲଭର୍ ମେଡାଲ ପାଇ ସମଗ୍ରରାଜ୍ୟରେରନର୍ସ ଅପ୍ ହୋଇ ଜିଲ୍ଲା ଯାଇଁ ଗୌରବ ଆଣି ପାରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲ୍ଲା ଶାରୀରିକ ନିରୀକ୍ଷକ ଜ୍ୟୋତିଷ ଚନ୍ଦ୍ର ସାହୁ, ଡିଓସି ଅମୃତା ସାହୁ ବରଗଡ଼ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସ୍କାଉଟ୍ସ କଣ୍ଟିଜେଣ୍ଟ ଲିଡର୍ ଧର୍ମରାଜ ପ୍ରଧାନ, ଗାଇଡ କଣ୍ଟିଜେଣ୍ଟ ଲିଡର ସୋନାଲିକା ସବର, ସ୍କାଉଟ ମାଷ୍ଟର ଗିରିଧାରୀ ଦନଶନା, ସ୍କାଉଟ ଡିଓସି ସୁଦର୍ଶନ ମହାକୁର ଏତାଦୃଶ ସଫଳତା ପାଇଁ ଏହା ସମଗ୍ର ବରଗଡ଼ ଜିଲ୍ଲାର ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ମାନଙ୍କର ସାମୂହିକ ପ୍ରଚେଷ୍ଟାର ଫଳ ବୋଲି କହିଛନ୍ତି। ଆମ ଜିଲ୍ଲା ତରଫରୁ ଭାଗ ନେଇ ଥିବା ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟର ବ୍ୟାଣ୍ଡ ଦଳ ଛତିଶଗଡ଼ରେ ଅନୁଷ୍ଠିତ ଜାତୀୟସ୍ତରରେ ଭାଗନେବେ ବୋଲି ଓଡ଼ିଶା ଭାରତ ସ୍କାଉଟ ଏଣ୍ଡ ଗାଇଡର ମୁଖ୍ୟ ଡ କାଳୀ ପ୍ରସାଦ ମିଶ୍ର ପ୍ରକାଶ କରିଛନ୍ତି।

## ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟର ଶୀତକାଳୀନ ଶିବିର ଉଦ୍‌ଯାପିତ

ପାଇକମାଳ, ୨୬।୧୨(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୭ ଦିନିଆ ଶୀତକାଳୀନ ଶିବିର ପୋଷ୍ୟ ଗ୍ରାମ ଧାରୋଳ ଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏନଏସଏମ ପ୍ରୋଗ୍ରାମ କୋର୍ଡିନେଟର ବିରେନ୍ଦ୍ର ବେହେରା ଯୋଗଦେଇ ଏନଏସଏମ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗ ଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଉପସ୍ଥିତ ଥିଲେ। ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଦେବକାନ୍ତ ନାୟକ, ଅମରେଶ ଠାକୁର, ଅଧ୍ୟାପିକା ବବିତା ମଲ୍ଲିକ, ସସ୍ମିତା ସରିଆ ପ୍ରମୁଖଙ୍କ ସମେତ ରୋହିତ ପ୍ରଧାନ, ଗୁରୁ ପ୍ରସାଦ ବଣ୍ଡା, ବିରେନ୍ଦ୍ର ରଣା, ଅଜୟ



ପଟେଲ, ଅମନ ମାଝୀ, ଜଗଜୀବନ ସିଧାର, ଶିବ ପ୍ରସାଦ ସାହୁ, ଦେବାଶିଷ ମାଝୀ, ଆରତୀ ସାହୁ, ସସ୍ମିତା ରଣା, ପଙ୍କଜିନୀ ରଣା, ଦମୟନ୍ତୀ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ଏନଏସଏସ କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ସୁମିତାବ ନାୟକ ଧନ୍ୟବାଦ ଦେଇଥିଲେ।

## ସର୍ବଭାରତୀୟ କୀର୍ତ୍ତନ ସମ୍ମିଳନୀରେ ଯୋଗ ଦେବେ କଳାରତ୍ନ ଘନଶ୍ୟାମ ନାଗ

ଝାରବନ୍ଧ, ୨୬।୧୨(ସମିସ): କଲିକତାର ଧୋପଙ୍କା ସ୍ଥିତ ହଳଧର ସ୍ମୃତି ବିଦ୍ୟା ନିକେତନ (କୃଷ୍ଣ ନଗର) ଠାରେ ଚଳିତ ଡିସେମ୍ବର୨୭ ଏବଂ ୨୮ ଦୁଇ ଦିନ ଧରି ଇଜେଡ ସିସି ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଭାରତ ସରକାର ତରଫରୁ କୀର୍ତ୍ତନ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭାରତର ବିଭିନ୍ନ ରାଜ୍ୟ ତଥା ପ୍ରାନ୍ତରୁ ବିଶିଷ୍ଟ କଳାକାରବୃନ୍ଦ ଯୋଗ ଦେବାର ଅଛି। ଏହି ବିରାଟ ସମ୍ମିଳନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଝାରବନ୍ଧ ବ୍ଲକ ଅନୁଗୁଳ ଗାଁର ବରିଷ୍ଠ କୀର୍ତ୍ତନ ଗୁରୁ କଳାରତ୍ନ ଘନଶ୍ୟାମ ନାଗଙ୍କୁ ଯୋଗ ଦେବା ପାଇଁ ନିମନ୍ତ୍ରଣ ଆସିଛି। ସର୍ବ ଭାରତୀୟ କଳାକାରଙ୍କ ସମ୍ମିଳନୀରେ ବରଗଡ଼ ଜିଲ୍ଲା ଝାରବନ୍ଧର କଳାକାରଙ୍କୁ ସୁଯୋଗ ମିଳିଥିବାରୁ କଳାକାର ମହଲରେ କଳାରତ୍ନ ଘନଶ୍ୟାମ ନାଗଙ୍କୁ ଶୁଭେଚ୍ଛା ଶୁଅ ଛୁଟିଛି।



## ଚକରକେନ୍ଦ ଡିଗ୍ରୀର ଓଡ଼ିଆ ବିଭାଗର କ୍ଷେତ୍ର ଅଧ୍ୟୟନ ପରିଭ୍ରମଣ

ବରଗଡ଼, ୨୬।୧୨(ସମିସ): ଚକରକେନ୍ଦର ସନ୍ଥ କବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର କ୍ଷେତ୍ର ଅଧ୍ୟୟନ ପରିଭ୍ରମଣ କାର୍ଯ୍ୟକ୍ରମ ସମାପନ ହୋଇଛି। ଅଧ୍ୟାପକ ସୁଶିଲ ବାରିକ ସଂଯୋଜନା ଓ ପରିଚାଳନା କରିଥିଲେ। ଅଧ୍ୟାପିକା ଲୀଳାବତୀ ପଧାନ, ସଂସ୍କୃତ ଅଧ୍ୟାପିକା ମାନସୀ ଖମାରୀ, ହରିବୋଲ ପଧାନ, ଚଉବର୍ଗ ପଧାନ ସହଯୋଗ ଓ ଅହଲ୍ୟା ସା ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀ ନିର୍ବାଚିତ ସ୍ଥଳ ଫଦେଓ ଝରନ ଓ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ଭ୍ରମଣ କରିଥିଲେ। ତୃତୀୟ ବର୍ଷର ଛାତ୍ରଛାତ୍ରୀ ଭୁଜ ମେହେର, ରୋହନ ସାହୁ, ଟିଖେଲାଲ୍ ମେହେର, ଅନୀଲ ପଧାନ, ଶିବୁ ଖମାରୀ, କରୁଣା ସାହୁ, ସତ୍ୟକାନ୍ତ ଭୁଏ, ଶ୍ରୁତିସ୍ମିତା ସିଂହ, ଲୋଚନା ନାଗ, ବିନୀତା ଚାନ୍ଦ, ସୁରଭି ନାଏକ, ଦ୍ୱତୀୟ ବର୍ଷର ରୁଦ୍ର ପାଣ୍ଡେ, ସଞ୍ଜୟ ସା, ରିତେଶ୍ୱର ସା, ପ୍ରିୟଙ୍କା ବାରିକ, ସୀମା ସାହୁ, ସୁବାସିନୀ ବାଗ, ସ୍ୱାଗତିକା ଭୁଏ ପ୍ରମୁଖ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



## ରାଜବୋଡ଼ାସମ୍ବର କୃଷକ ସଂଗଠନର ବନ୍ଦ ପାଳନ



ପଦ୍ମପୁର, ୨୬।୧୨(ସମିସ): ବିନା କଟ୍‌ନୀ ଛଟ୍‌ନୀ ଧାନ ବିକ୍ରି ହେଉ ନ ଥିବା, ଅଧିକାଂଶ ଚାଷୀଙ୍କ ଟୋକନ ଆସି ନ ଥିବା ଏଭଳି ସମ୍ବେଦନ ଶୀଳ ପ୍ରସଙ୍ଗକୁ ନେଇ ରାଜବୋଡାସମ୍ବର କୃଷକ ସଂଗଠନ ସରକାରଙ୍କ ଚାଷୀ ମାରଣନୀତିକୁ ବିରୋଧ କରି ପଦ୍ମପୁର ବନ୍ଦ ଡାକରା ଦେଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କ ସହ ଉପଖଣ୍ଡ ଯୋଗାଣ ଅଧିକାରୀ, ତହସିଲଦାର ପଦ୍ମପୁରଙ୍କ ଆଲୋଚନା ପାଇଁ ଆସିଥିଲେ ହେଲେ ଚାଷୀଙ୍କ ଦାବିର କୌଣସି ପ୍ରତ୍ୟୁତ୍ତର ଦେଇପାରିନଥିବାରୁ ଆଲୋଚନା ବିଫଳ ହୋଇଥିଲା। ଆଇନ ପରାମର୍ଶଦାତା ଅଜିତ ଶତପଥୀ, ରମେଶ ମହାପାତ୍ର, ପଞ୍ଚାନନ ସାହୁ, ସୁବାସ ସାମନ୍ତରାୟ, ରମେଶ ମେହେର, ରୋହିତ ପ୍ରଧାନ, କାହ୍ନୁଚରଣ ମେହେର, ସୁରେଶ ଦାସ, ପ୍ରକାଶ ଦାଶ, ନାଗରିକ କମିଟି ସଭାପତି ଉମେଶ ସାହୁ, ଗୌନ୍ତିଆ ସାହୁ, ବଣିକ ପ୍ରତାପ ମିଶ୍ର, ଆଇନଜୀବୀ ସନ୍ତୋଷ ଶତପଥୀ, ଦିଲୀପ ଦାନୀ, ବହୁଜନ ସମାଜ ପାର୍ଟି ଟଙ୍କଧର କଣ୍ଡା, ବସ୍ ମାଲିକ ସଙ୍ଘ ସଭାପତି ମନରଞ୍ଜନ ସିଂ ବରିହା, ଯୁଗଳ ସାହୁ, ଅଚ୍ୟୁତା ସେଠ, ବୋରାସମ୍ବର ସ୍ପୋର୍ଟିଂର ସମସ୍ତ ସଦସ୍ୟ, ଅଟୋ ଚାଳକ ସଙ୍ଘ, ଟାକ୍ସି ମାଲିକ ସଂଘ ତଥା ସମସ୍ତ ଅନୁଷ୍ଠାନ କୃଷକଙ୍କ ଦାବିକୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିଲେ।

**ଗାଇସିଲେଟ :** ବରଗଡ଼ ଜିଲ୍ଲାରେ ଖରିଫଋତୁରେ ଧାନକିଣା ପ୍ରକ୍ରିୟା ସଙ୍କଟରେ ପଡ଼ିଥିବାରୁ ରାଜବୋରାସମ୍ବର କୃଷକ ସଂଗଠନର ଆହ୍ୱାନରେ ଗାଇସିଲେଟ ବ୍ଲକକୁ ବନ୍ଦ ଡାକରା ଦିଆଯାଇଥିଲା। ଗତ ବର୍ଷ ୨୦୨୪-୨୫ ଖରିଫ ଋତୁରେ ଡିସେମ୍ବର ୨୪ ତାରିଖ ସୁଦ୍ଧା ପ୍ରାୟ ୩ ଲକ୍ଷ ମେଟ୍ରିକ ଟନ ଧାନ କିଣା ସମ୍ପନ୍ନ ହୋଇଥିବା ବେଳେ, ଚଳିତ ଖରିଫ ଋତୁରେ ସେହି ସମୟ ସୁଦ୍ଧା ମାତ୍ର ଦେଢ଼ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ଅଧା। ବରଗଡ଼ ଜିଲ୍ଲାରେ ସରକାର ଖରିଫ ଋତୁରେ ପ୍ରାୟ ୭୭ ଲକ୍ଷ କୁଇଣ୍ଟାଲ ଧାନ କିଣିବା ଲକ୍ଷ୍ୟ ରଖିଥିବାବେଳେ, ଆଜି ସୁଦ୍ଧା ମାତ୍ର ୧୫ ଲକ୍ଷ କୁଇଣ୍ଟାଲ ଧାନ ୩୩, ୫୭୧ ଜଣ ଚାଷୀଙ୍କଠାରୁ କିଣାଯାଇଛି। ଏପର୍ଯ୍ୟନ୍ତ ଆହୁରି ପ୍ରାୟ ୧ ଲକ୍ଷ ୨୫ ହଜାର ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷାରେରହିଛନ୍ତି। ଏହି ବନ୍ଦ ପାଳନରେ ଚାଷୀନେତା ତଥା କୃଷକ ସଂଗଠନ ସଭାପତି ଅରବିନ୍ଦ ପଣ୍ଡା, ଉପ ସଭାପତି ସରୋଜ ସାହୁ, ସଦାନନ୍ଦ ସାହୁ, ନନ୍ଦଲାଲ ସାହୁ, ପ୍ରସନ୍ନକୁମ୍ଭାର ଆଦି ସକ୍ରିୟ ସଦସ୍ୟଙ୍କୁ ଗାଇସିଲେଟ ପୁଲିସ ଥାନାରେ ଅଟକରଖିଥିବା ବେଳେ ସଂଗଠନର ବ୍ଲକ ସମ୍ପାଦକ ଗଜପତି ସାହୁ, ୟୁଥ କ୍ଲବ୍‌ର ସଭାପତି ରଞ୍ଜନ ପଣ୍ଡା, ସରୋଜ ପୁରୋହିତ, ରାଜୁ ନାଗ, ହୃଷିକେଶ ସାହୁ, ମନୋଜ ଦାଶ, ମହେଶ ଦାଶ, ଆନନ୍ଦ ପଧାନ, ଶରତ କକ୍ଷଲୋ, ରଞ୍ଜନ ପଣ୍ଡା, ମନୋଜ ଦାଶ, ସରୋଜ ପୁରୋହିତ, ସୁଶୀଲ ସାହୁ ପ୍ରମୁଖ ସାମିଲ ଥିଲେ।

## ସତ୍ୟଭାମା ସାହୁଙ୍କ ପରଲୋକ



ପଦମପୁର, ୨୬।୧୨(ସମିସ): ରାଜ ବୋଡାସମ୍ବର ବ୍ଲକ ନିକଟସ୍ଥ ପୁରେନା ଗାଁର ଶିକ୍ଷକ ସ୍ୱର୍ଗତ ସୁବଳ ସାହୁଙ୍କ ଧର୍ମପତ୍ନୀ ସତ୍ୟଭାମା ସାହୁଙ୍କ ୮୪ ବର୍ଷ ବୟସରେ ଗୁରୁବାର ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ପକ୍ଷାଘାତରୋଗରେ ପୀଡ଼ିତ ଥିଲେ। ତାଙ୍କର ବଡ଼ପୁଅ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରମୋଦ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେରେ ସେ ତାଙ୍କର ଅନ୍ୟ ଦୁଇ ପୁଅ ପ୍ରସନ୍ନ ଓ ପ୍ରତାପ ତାଙ୍କର ପୁତ୍ରବଧୂ, ନାତି ଓ ନାତୁଣୀଙ୍କୁ ଛାଡି ଯାଇଛନ୍ତି। ତାଙ୍କ ମୃତ୍ୟୁରେ ଗାଁରେ ବିଷାଦର ଛାୟା ଖେଳିଯାଇଛି।

## ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍

# ବିଶାଖାପାଟଣା ରେଲୱେକୁ ହରାଇ ଫାଇନାଲରେ ପ୍ରୟାଗରାଜ

ପାଇକମାଳ, ୨୬।୧୨(ସମିସ)

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଛିନ୍ଦେଇଖେଳା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଜିଂଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍ ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ବିଶାଖାପାଟଣା ରେଲୱେ( ଆନ୍ଧ୍ରପ୍ରଦେଶ)କୁ ହରାଇ ପ୍ରୟାଗରାଜ (ୟୁପି) ବିଜୟୀ ଫାଇନାଲରେ ପ୍ରବେଶ କରିଛି। ସମାଜସେବୀ ବିନନ୍ଦ ସାହୁ, ଛିନ୍ଦେଇଖେଳା ଉଚ୍ଚ ବିଦ୍ୟାଳୟ ପିଇଟି ଶିକ୍ଷକ ହେମସାଗର ସାହୁ, ଜାମସେଠ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ପ୍ରସାଦ ବେହେରା ଯୋଗଦେଇ ଉଦ୍‌ଘାଟନ କରି ଖେଳ ଶୁଭାରମ୍ଭ କରିଥିଲେ। ପ୍ରୟାଗରାଜ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ୮ ୱିକେଟ ହରାଇ




୧୪୨ରନ ସଂଗ୍ରହ କରିଥିଲେ। ୧୪୩ରନ ବିଜୟ ଲକ୍ଷ୍ୟ ନେଇ ବିଶାଖାପାଟଣା ରେଲୱେ ୧୧୩ରନ କରି ୨୯ରନରେ ପରାଜିତ ହୋଇଥିଲେ। ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଓ ଓସିଏ ଅମ୍ପାୟାର ସଞ୍ଜୀବ ନାୟକ ଖେଳ ପରିଚାଳନା କରିଥିଲେ। ବୁନିଲ ସାହୁ, ରିଷଭ ସାହୁ, ଧିରେଶ ସାହୁ ସ୍କୋରର ଥିବା ବେଳେ ରମେଶ ଚନ୍ଦ୍ର ସାହୁ, ତେଜରାଜ ଠାକୁର, ଥବିର ଦୀପ ମଳୟ ତାଣ୍ଡି ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଠିକାଦାର ହେମନ୍ତ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଶ୍ରୀ ଟିଭିଏସ ପ୍ରୋପାଇଟର ବିଜୟ ସାହୁ, ସମାଜସେବୀ ପ୍ରମୋଦରାୟ, ଏମଏମ ଷ୍ଟୁଡିଓ ପ୍ରୋପାଇଟର ମଦନ ସାହୁ, ସାମ୍ବାଦିକ ଗିରୀଶ ଚନ୍ଦ୍ର ମାଝୀ, ସ୍ୱତନ୍ତ୍ର ସାହୁ ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। ଏଥିରେ ଆୟୋଜକ ସଭାପତି ଯତୀନ ସାହୁ, ଉପସଭାପତି ଆଦର୍ଶ ସାହୁ, ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁ, ଉପଦେଷ୍ଟା ବିନନ୍ଦ ସାହୁ, ପ୍ରଶାନ୍ତ ସାହୁ, ରୋହିତ ସାହୁ, ଜୁନିୟର ପ୍ରଶାନ୍ତ ସାହୁ, ପ୍ରମୋଦ ସାହୁ, ସୁଶାନ୍ତ ସାହୁ, ମଣ୍ଟୁ ଭୋଇ, ମଣ୍ଟୁ ସାହୁ ଉପସ୍ଥିତ ଥିବା ବେଳେ ସୁପିନ ସାହୁ, ସତ୍ୟ ସାହୁ, ଜୟକିଶୋର ସୁନା, ପୁସ୍ତମ ବଗର୍ତ୍ତି, ଋଷଭ ସାହୁ, ଚିନ୍ମୟ ଭୋଇ, ରବି ଭୋଇ, କବିରାଜ ସାହୁ, ଅଶ୍ୱିନୀ ସାହୁ ପରିଚାଳନା ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଦୁଇ ଗୁରୁତର



ତ୍ରିଶୂଳିଆ,୨୬।୧୨(ସମିସ): ସୁଭାଷ ସେତୁ ଉପରେ ଟ୍ରକ୍ ଧକ୍କାରେ ଦୁଇ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଭୁବନେଶ୍ୱର ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଦିନ ୧୨ଟା ସମୟରେ କଟକ ବେଲ୍‌ଭିୟୁ ଛକରୁ ତ୍ରିଶୂଳିଆ ଅଭିମୁଖେ ଆସୁଥିବା ଓଡି ୩୩ ଜେ ୩୩୧୪ ଏବଂ ଓଡି ୦୨ଇ ୦୭୫୪ ଦୁଇ ବାଇକ୍ ପଛପଟୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ଓଡି ୦୭ଏଫ ୪୬୪୭ ଟ୍ରକ୍‌ଟି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତଦ୍ୱୟଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ମର୍କତନଗର ଥାନା ପୁଲିସ ଟ୍ରକ୍ ଚାଳକ ସହ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ କରୁଛି।

## ମନ୍ଦିରରୁ ଅଳଙ୍କାର ଓ ସାମଗ୍ରୀ ଚୋରି

ନିଶ୍ଚିନ୍ତକୋଇଲି,୨୬।୧୨(ସମିସ): ନିଶ୍ଚିନ୍ତକୋଇଲି ଥାନା କେଣ୍ଟାଳ ପଞ୍ଚାୟତ କୁଳବଡ଼କ୍ଷୀର ଗ୍ରାମର ତ୍ରିମନ୍ଦିର ଯଥା ଗ୍ରାମଦେବତୀ ଦୁଆରଶୁଣୀ, ବିଶ୍ୱେଶ୍ୱର ଶିବ ମନ୍ଦିର ଓ ମହାବୀରଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଠାକୁରଙ୍କର ବାସନକୁସନ ଏବଂ ହୁଣ୍ଡି ଭାଙ୍ଗି ଅର୍ଥ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ଗୁରୁବାର ରାତ୍ରିରେ ଦୁର୍ବୃତ୍ତମାନେ ମନ୍ଦିରର ଦୁଆର କବାଟ ଭାଙ୍ଗି ମନ୍ଦିର ଭିତରେ ଥିବା ଠାକୁରଙ୍କ ଦୁଇଟି ସୁନା ହାର, ଦୁଇଟି ରୁପା ହାର, ସୁନା ଚୁଡ଼ି ସମେତ ୨୦ କେଜିରୁ ଊର୍ଦ୍ଧ୍ୱ ବିଭିନ୍ନ ପିତ୍ତଳ ବାସନକୁସନ, ଘଣ୍ଟଘଣ୍ଟା, ଆଳତି ସହ ହୁଣ୍ଡି ଭାଙ୍ଗି ସେଥିରୁ ମଧ୍ୟ ଅର୍ଥ ଲୁଟ୍ କରିଛନ୍ତି। ଗ୍ରାମବାସୀ ଥାନାରେ ଅଭିଯୋଗ କଲା ପରେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଅଦ୍ୟାବଧି ଲୁଟେରା ଧରାପଡ଼ି ନାହାନ୍ତି। ଥାନା ପକ୍ଷରୁ ସଠିକ୍ ଭାବେ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ ହେଉ ନ ଥିବା ଅଭିଯୋଗ ହେଉଛି।

## ତ୍ରିଶୂଳିଆ ବଜାରରୁ ସିରିଜ୍ ଚୋରି

ତ୍ରିଶୂଳିଆ,୨୬।୧୨(ସମିସ): ବାରଙ୍ଗ ଥାନା ତ୍ରିଶୂଳିଆ ବଜାର ଉପରୁ ସିରିଜ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଗୁରୁବାର ବିଳମ୍ବିତ ରାତିରେ କୃଷ୍ଣଚନ୍ଦ୍ରପୁର ଗ୍ରାମ କେଦାର ସାମଲ, ହଳଧର ସାମଲ, ପିଣ୍ଟୁ ବାରିକ୍ ଏବଂ କାଜିପାଟଣା ଗ୍ରାମର ବିମଳ ରାଉତଙ୍କ ସହିତ ବହୁ ଦୋକାନ ପାଶ୍ୱର୍ରେ ଲାଗିଥିବା ଟିଣ ଚଦର ତାଡ଼ି ଏବଂ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରିଥିଲେ। ଘଟଣାସ୍ଥଳରେ ଏକ କଟୁରି, ଲୁହା ରଡ୍, ଏକ ବେଲଚା ପଡ଼ିଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବାରଙ୍ଗ ଅଞ୍ଚଳରେ ପୁଲିସ ପାଟ୍ରୋଲିଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ସ୍ଥାନୀୟ ଲୋକେ।

## ବିହାରୀ ଯୁବକଙ୍କ ଆତ୍ମହତ୍ୟା

ଟାଙ୍ଗୀ,୨୬।୧୨(ସମିସ): ଶୁକ୍ରବାର ସନ୍ଧ୍ୟାରେ ଟାଙ୍ଗୀ ଥାନା ନିମାଇସାପୁର ଗ୍ରାମରେ ଭଡ଼ା ନେଇ ରହୁଥିବା ଜଣେ ବିହାରୀ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ମିଳିଛି। ମୃତ ଯୁବକ ଜଣକ ବିହାର ରାଜ୍ୟର ସମସ୍ତିପୁର ଜିଲ୍ଲା ହସନପୁର ଥାନା ପାଟସା ଗ୍ରାମର ମିଥିଲେଶ ମିଶ୍ରଙ୍କ ପୁତ୍ର ରିତେଶ କୁମାର(୨୧)। ସେ ସ୍ଥାନୀୟ ଅଞ୍ଚଳର ଏକ ମଦ କମ୍ପାନୀରେ କାର୍ଯ୍ୟ କରୁଥିଲେ। ପ୍ରାୟ ଦେଢ ମାସ ହେଲା ଭଡ଼ା ଘରେ ରହୁଥିଲେ। ଖବରପାଇ ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଭଡ଼ା ଘର ପଙ୍ଖାରେ ଝୁଲି ରହିଥିବା ରିତେଶ ସାମ୍ନାରେ ନିଜ ମୋବାଇଲ ଫୋନ୍ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନଲାଇନ୍ ଗେମ୍ କିମ୍ବା ପ୍ରେମଜନିତ ଘଟଣାରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ଉଦ୍ଧାର ହୋଇ ନ ଥିବା ସୂଚନା ମିଳିଛି।

## ଦଳିତ ନେତାଙ୍କ ପରଲୋକ



ନିଶ୍ଚିନ୍ତକୋଇଲି,୨୬।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଦଳିତ ନେତା ତଥା ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ବେହେରା(୮୫)ଙ୍କ ତାଙ୍କ ନଟକାଇସ୍ଥିତ ବାସଭବନରେ ପରଲୋକ ହୋଇଛି। ସମ୍ବିଧାନ ପ୍ରଣେତା ବାବାସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବେଶ୍ ଜଣାଶୁଣା ହୋଇଥିଲେ। ତାଙ୍କ ମୃତ୍ୟୁରେ ଏ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ସନ୍ତୋଷ ରାଉତ, ପ୍ରବୀର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ଏକମାତ୍ର ପୁତ୍ର ଚନ୍ଦନ ବେହେରା ମୁଖାଗ୍ନି ଦେଇଥିଲେ।

### ନିଶ୍ଚିନ୍ତକୋଇଲି ଉପନିବନ୍ଧକ କାର୍ଯ୍ୟାଳୟରେ ଜମି ବିକ୍ରି-ଖର୍ଦ୍ଦି ସମସ୍ୟା

# ବାଜ୍ୟାପ୍ତି ସ୍ଥିତିବାନ ସମ୍ପତ୍ତି ପଞ୍ଜୀକରଣ ଦାବି

ନିଶ୍ଚିନ୍ତକୋଇଲି, ୨୬।୧୨ (ସମିସ): ନିଶ୍ଚିନ୍ତକୋଇଲି ଉପନିବନ୍ଧକ କାର୍ଯ୍ୟାଳୟରେ ବାଜ୍ୟାପ୍ତି ସ୍ଥିତିବାନ ସଂପତ୍ତି (ସତ୍ୱ)ର ପଞ୍ଜୀକରଣ ହୋଇପାରୁନି। ସମ୍ପୃକ୍ତ ମାଲିକ ସେମାନଙ୍କ ମାଲିକାନାରେ ଥିବା ଜମିକୁ ବିକ୍ରି କରିପାରୁ ନାହାନ୍ତି। ଏହି ସତ୍ତ୍ୱକୁ ଜମି ମାଲିକମାନେ କିଭଳି ବିକ୍ରି କରିପାରିବାର ସୁବିଧା ସୁଯୋଗ ପାଇବେ ସେନେଇ ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଉପନିବନ୍ଧକଙ୍କ ନିକଟରେ ଦାବି କରିଛନ୍ତି। ନିତାନ୍ତ ଆବଶ୍ୟକତା ନ ହେଲେ କେହି ଜମି ବିକ୍ରି କରି ନ ଥାଏ। ଚିକିତ୍ସା ପାଇଁ ହେଉ ଅବା ଝିଅ ବିଭାଘର ବା ଅନ୍ୟ ଜରୁରୀ ଖର୍ଚ୍ଚ ପାଇଁ ଜଣେ ବ୍ୟକ୍ତି ଜମି ବିକ୍ରି କରିଥାଏ। ଏହି ଜମି ବିକ୍ରି ଖର୍ଦ୍ଦି ପଞ୍ଜୀକରଣ ନ ହେବାରୁ ବହୁ ଜମି ମାଲିକମାନେ ସେମାନଙ୍କର ବିଭିନ୍ନ ଜରୁରୀ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରିପାରୁ ନ ଥିବାରୁ ହଇରାଣ ହରକତ ହେଉଥିବା ଦେଖାଯାଇଛି। ବାଜ୍ୟାପ୍ତି ସ୍ଥିତିବାନ (ସତ୍ୱ)ଓ ସମ୍ପତ୍ତି ପଞ୍ଜୀକରଣ ନ ହେବାରେ କୌଣସି ସରକାରୀ ଲିଖିତ ନିର୍ଦ୍ଦେଶ ନ ଥିବା ବେଳେ ନିଶ୍ଚିନ୍ତକୋଇଲି ଉପନିବନ୍ଧକ ଏହି ବାଜ୍ୟାପ୍ତି ସ୍ଥିତିବାନ ସମ୍ପତ୍ତି(ସତ୍ୱ)ର ପଞ୍ଜୀକରଣ କ'ଣ ପାଇଁ କରୁନାହାନ୍ତି ସେନେଇ ପ୍ରଶ୍ନ ଉଠିଛି। ଏଥିପ୍ରତି ରାଜସ୍ୱ ମନ୍ତ୍ରୀ ଓ ରାଜସ୍ୱ ସଚିବ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ୧୯୧୩ ପ୍ରଜାସତ୍ୱ ଆଇନ ଓଡ଼ିଶାର ୬(ସସ) ଧାରା ଅନୁସାରେ ଯଦି କୌଣସି (ସତ୍ୱ) ଲିପିରେ ଜଣେ ବାଜ୍ୟାପ୍ତିଦାର ବା ବାଜ୍ୟାପ୍ତିଦାର ରୟତ ବୋଲି ଦରଜ କରାଯାଇଛି ତାହାକୁ ରୟତ ବୋଲି ଧରିବାକୁ ପଡ଼ିବ ବୋଲି ଆଇନରେ ଉଲ୍ଲେଖ ରହିଛି। ପୂର୍ବରୁ ବାଜ୍ୟାପ୍ତି ସ୍ଥିତିବାନ (ସତ୍ୱ) ସମ୍ପତ୍ତିକୁ ଖର୍ଦ୍ଦି ବିକ୍ରି କରିବାରେ କୌଣସି ପ୍ରଶାସନିକ ଅସୁବିଧା ନ ଥିଲା। ଏବେ ୨୦୨୫ ଜୁଲାଇରୁ କୌଣସି ବାଜ୍ୟାପ୍ତି ସ୍ଥିତିବାନ ସମ୍ପତ୍ତି (ସତ୍ୱ) ପଞ୍ଜୀକରଣ କରାଯାଉନାହିଁ। ଏପରି ଜମି ମାଲିକମାନେ କଟକ ଜିଲ୍ଲା ଉପନିବନ୍ଧକଙ୍କୁ ଦୀର୍ଘ ଦିନ ପୂର୍ବରୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ ସେ ଘଟଣାର ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ କଟକ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳୁନାହିଁ। ଯଦି ତୁରନ୍ତ ଘଟଣାର ସମାଧାନ ନ ହୁଏ ଆଗାମୀ ଦିନରେ ବାଜ୍ୟାପ୍ତି ସ୍ଥିତିବାନ ସମ୍ପତ୍ତି (ସତ୍ୱ) ଜମି ମାଲିକମାନେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ୧୯୭୫ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବୈଠକ



ନେମାଳ,୨୬।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଓରିକଣ୍ଟା ଲାଲବାହାଦୁର ବିଦ୍ୟାପୀଠ ୧୯୭୫ ବ୍ୟାଚ ବିଦ୍ୟାର୍ଥୀଙ୍କ ଏକ ବୈଠକ ଓ ବନ୍ଧୁମିଳନ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ ଭରତ ଭୂଷଣ ଦାସ, କାର୍ତ୍ତିକଚନ୍ଦ୍ର ଦାସ, ଶିକ୍ଷକ ସନାତନ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଶିବପ୍ରସାଦ ଦାଶ, ନବକିଶୋର ଦାଶ, କରୁଣାକର ମୁଦୁଲି, ପବିତ୍ର ସ୍ୱାଇଁ, ଅଲେଖଚନ୍ଦ୍ର ଭୋଇ, ଭାଗବତ ବାରିକ, ପ୍ରଭାତ ଭୂୟାଁ, ସୁତମଚନ୍ଦ୍ର ମୁଦୁଲି, ବିଚିତ୍ରାନନ୍ଦ ଜେନା, ହରିଶ୍ଚନ୍ଦ୍ର ମହାନ୍ତି, ଗଜେନ୍ଦ୍ରନାଥ ଜେନା, ସୁରେଖା ଭୂୟାଁ, ମନୋରମା ଭୂୟାଁ, ବିକ୍ରମ ମହାନ୍ତି, କୈଳାଶଚନ୍ଦ୍ର ଦାଶ, କରୁଣାକର ସ୍ୱାଇଁ, ପ୍ରଫୁଲ୍ଲ ବସ୍ତିଆ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ସମସ୍ତଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ଟାଙ୍ଗୀ,୨୬।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶିକ୍ଷା ମଣ୍ଡଳ ଭଟିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ସମାରୋହ କମିଟି ସଭାପତି ତଥା ପ୍ରାକ୍ତନ ଛାତ୍ର ଭକ୍ତବତ୍ସଳ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଅନ୍ତର୍ଜାତୀୟ ଧାବିକା ସୁଶ୍ରୀ ଦ୍ୟୁତି ଚାନ୍ଦ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଡଃ. ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଦୁଃଶାସନ ସାହୁ, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ, ଶିଳ୍ପଦ୍ୟୋଗୀ ଭାଳଚନ୍ଦ୍ର ମହାନ୍ତି ଓ ବିଦ୍ୟାଳୟ ଷ୍ଟାଣ୍ଡିଙ୍ଗ କମିଟି ସଭାପତି ତଥା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଭାତ ଫେରି, ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଆର୍ଟ ଗ୍ୟାଲେରୀ ପରିଦର୍ଶନ ସହ ଦିବଂଗତ ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ପୁରାତନ ଛାତ୍ରଛାତ୍ରୀ ଓ ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ତଥା ବିଦ୍ୟାଳୟର ୫୦ ବର୍ଷ ଇତିହାସକୁ ନେଇ ପ୍ରକାଶିତ ସ୍ମରଣିକା "ଭାବଭଗ୍ନାଂଶ' ଉନ୍ମୋଚିତ ହୋଇଥିଲା। କମିଟି ସମ୍ପାଦକ ସୁବାସଚନ୍ଦ୍ର ସେଠୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ସୁଶୀଳ ପୃଷ୍ଟି ମଞ୍ଚ ପରିଚାଳନା ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତ ପଦ୍ମାସିନୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ତ୍ରିଦିବସୀୟ ଉକ୍ତ ଉତ୍ସବ ରବିବାର ଉଦଯାପିତ ହେବ।

## ପରମହଂସନାଥଙ୍କ ଜାଗର ଯାତ୍ରା ପ୍ରସ୍ତୁତି



କନ୍ଦରପୁର,୨୬।୧୨(ସମିସ): କଟକ ସଦର ଆସନ୍ତା ଫେବୃୟାରୀ ୧୫ ତାରିଖରୁ ଚାରି ଦିନ ହେବାକୁ ଥିବା କଟକ ପୂର୍ବାଞ୍ଚଳର ପ୍ରସିଦ୍ଧ ତଥା ପାରମ୍ପରିକ ଜାଗରଯାତ୍ରା ପାଇଁ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କ ପୌରୋହିତ୍ୟ ଏବଂ କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମାଜସେବୀ ପ୍ରଫୁଲ୍ଲ ସିଂହ, ଟ୍ରଷ୍ଟ ବୋର୍ଡ ସଭ୍ୟ ସନ୍ତୋଷ ରଥ, ରବିନାରାୟଣ ସିଂହ, ସୁଶୀଲ ଦଳେଇ, ନିର୍ବାହୀ ଅଧିକାରୀ ପ୍ରସନ୍ନ ମଲ୍ଲ ପ୍ରମୁଖଙ୍କ ସହିତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍, ଅଗ୍ନି ନିର୍ବାପକ, ସିସିଟିଭି ବ୍ୟବସ୍ଥାର ଗୁରୁତ୍ୱାରୋପ କରିଥିଲେ। ହଂସନାଥ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଲକ୍ଷ୍ମୀଧର ରାଉତ, ରାମଚନ୍ଦ୍ର ପଣ୍ଡା, ବସନ୍ତ ପଣ୍ଡା, ରାଜକିଶୋର ନାୟକ, ଅନିରୁଦ୍ଧ ରାଉଳ, ଅଲେଖ ଚରଣ ରାଉତ, ସାଧୁ ଚରଣ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିଖୋଜ ସିକ୍ୟୁରିଟି ଗାର୍ଡ ବିଶାଖାପାଟଣାରୁ ଉଦ୍ଧାର



ଚୌଦ୍ୱାର,୨୬।୧୨(ସମିସ): ନିଖୋଜ ହୋଇଯାଇଥିବା ଚୌଦ୍ୱାରସ୍ଥିତ ଇମ୍ଫାରେ କାର୍ଯ୍ୟରତ ସୁରକ୍ଷାକର୍ମୀ ଜିତେନ୍ଦ୍ର ସାହୁଙ୍କୁ ଚୌଦ୍ୱାର ପୁଲିସ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରୁ ଉଦ୍ଧାର କରିଛି। ଦେବଗଡ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ଟିଙ୍କବୀର ଗ୍ରାମର ଜିତେନ୍ଦ୍ର ଏକ ଘରୋଇ ସିକ୍ୟୁରିଟି ସଂସ୍ଥା ମାଧ୍ୟମରେ ଗତ ୨/୩ ବର୍ଷ ହେବ ଇମ୍ଫାରେ ସିକ୍ୟୁରିଟି ଗାଡର୍ ଭାବେ କାର୍ଯ୍ୟ କରିଆସୁଥିଲେ। ଗତ ୧୩ ତାରିଖରେ ଇମ୍ଫାର ମାଲ ବୋଝେଇ ଏକ ଟ୍ରକରେ ସୁରକ୍ଷାକର୍ମୀ ଭାବେ ସେ ବିଶାଖାପାଟଣା ଅଭିମୁଖେ ଯାଇଥିଲେ। ସେ ୧୬ ତାରିଖରେ ସେଠାରୁ ଚୌଦ୍ୱାର ଫେରି ଆସିବା କଥା; ହେଲେ ଗତ ୨୧ ତାରିଖ ଭିତରେ ସେ ନ ଫେରିବାରୁ ତାଙ୍କ ପରିବାର ଲୋକେ ଦେବଗଡ଼ ବିଧାୟକଙ୍କ ସହାୟତାରେ ଚୌଦ୍ୱର ଥାନାରେ ଜିତେନ୍ଦ୍ରଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପୁଲିସ୍ ବିଶାଖାପାଟଣା ପୁଲିସ ଓ ବିଭିନ୍ନ ଏଜେନ୍ସି ସହିତ ସମ୍ପର୍କ କରି ଜିତେନ୍ଦ୍ର ବିଶାଖାପାଟଣାରେ ଥିବା ଜାଣିଥିଲା। ଚୌଦ୍ୱାର ପୁଲିସର ଏକ ଟିମ୍ ବିଶାଖାପାଟଣା ଯାଇ ଜିତେନ୍ଦ୍ରଙ୍କୁ ସୁସ୍ଥ ଭାବେ ଉଦ୍ଧାର କରି ଶୁକ୍ରବାର ତାଙ୍କ ପରିବାରକୁ ହସ୍ତାନ୍ତର କରିଥିବା ଚୌଦ୍ୱାର ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ଜିତେନ୍ଦ୍ରଙ୍କ କହିବାନୁଯାୟୀ, ସେ ବିଶାଖାପାଟଣାରେ ପହଞ୍ଚି ଟ୍ରକ୍ ଛାଡ଼ିଦେବା ପରେ ତାଙ୍କ ମୋବାଇଲ ଫୋନ ଓ ପର୍ସ ଚୋରି ହୋଇଯାଇଥିଲା। ସେ ତେଲୁଗୁ ବୁଝିବା ଓ କହିବା ଜାଣି ନ ଥିବା ଏବଂ ପାଖରେ ପଇସା ନ ଥିବା ହେତୁ ଘରକୁ ଫେରି ପାରି ନ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




ସାଲେପୁର,୨୬।୧୨(ସମିସ): ସାଲେପୁର ହାଇସ୍କୁଲ ୧୯୯୨ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ସାଲେପୁର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଭାବ ବିନିମୟ କାର୍ଯ୍ୟକ୍ରମରେ ମଧୁସ୍ମିତା ପ୍ରଧାନ, ପ୍ରଣତୀ ସାହୁ, ମଧୁସ୍ମିତା ପ୍ରତାପ, ଏସ୍. ନାୟକ, ମନୋଜ କର, ଅଭିମନ୍ୟୁ ତ୍ରିପାଠୀ, ଚିତ୍ତରଞ୍ଜନ ବେହେରା, ବିଭୂତିଭୂଷଣ ସାହୁ, ସୁଜିତ୍ ଭୂୟାଁ, ସଞ୍ଜୟ ଦାଶ, ସୁଶାନ୍ତ ସାହୁ, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଶିବ ଭୋଇ, ପ୍ରଶାନ୍ତ ବେହେରା, ତରୁଣ ରାଉତ, ମଧୁସ୍ମିତା ପ୍ରଧାନ, ସଂଗ୍ରାମ ରାଉତ, ମଧୁସ୍ମିତା ପ୍ରତାପ, ଇବାଜଲିଲ ମହାନ୍ତି, ସୌମେନ୍ଦ୍ର କର, ଅଫଜଲ ଅଲ୍ଲୀ, ମମତା ଭୂୟାଁ, ଏସ୍. ନାଗୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ









### କଟକ ସଦର ନିର୍ବାଚନମଣ୍ଡଳୀ

ନେମାଳ,୨୬।୧୨(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସାନ୍ତପୁର ଗ୍ରାମପଞ୍ଚାୟତ ମା ସାହାଡ଼ା ସୁନ୍ଦରୀ ପୀଠ ଠାରେ କଟକ ସଦର ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରମୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଜୁ ଜନତା ଦଳର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇଥିଲେ। ଏହି ସଭାରେ ୨୭ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଙ୍କ ବିଳାସ ଭୋଇ, କଟକ ସଦର ପୂର୍ବତନ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ୪ନଂ ଜୋନ ଜିଲ୍ଲାପରିଷଦ ପ୍ରତିନିଧି ହେମନ୍ତ ବେହେରା, ବ୍ରଜବନ୍ଧୁ ବେଉରା, ସମାଜସେବୀ ନୃସିଂହଚରଣ ମୁଦୁଲି, ଅଚ୍ୟୁତାନନ୍ଦ ଦାସ, ନରେନ୍ଦ୍ର ବାରିକ, ପ୍ରମୋଦ ନାୟକ, ବୀରବର ଲେଙ୍କା, ବିଶ୍ୱେନ୍ଦୁ ମହାରଣା, ବିରଞ୍ଚି ମହାନ୍ତି, ଜମ୍ଭେଶର ବେଉରା, ହିମାଂଶୁ ଦାସ, ସଞ୍ଜୟ ବରାଳ, ସୁରେଶ ବିଶୋଇ, ଚିତ୍ତରଞ୍ଜନ ଭୋଳ, ସୌଭାଗ୍ୟଲକ୍ଷ୍ମୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବା ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଶରତ ରାୟ ଧନ୍ୟବାଦ ଦେଇଥିଲେ।

### ସାଲେପୁର ବିଜେଡି

ସାଲେପୁର: ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଗୋପିନାଥପୁରଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ବିଜେଡି ସଂଗଠନକୁ ସୁଦୃଢ଼ କରିବା ସହ ଲୋକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଆମ୍ରାର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ନମିତା ସେଠୀ, ଜୟଶ୍ରୀ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ରମେଶ ଜେନା, ଧିରେନ୍ଦ୍ର ଜତି, ବ୍ଲକ୍ କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ମନୋରଞ୍ଜନ ଦାଶ, ରାଜେଶ ଷଡ଼ଙ୍ଗୀ, ବିରଞ୍ଚି ନାରାୟଣ କର, ସଂଜିତ୍ ଦାଶ, ଜନ୍ମଜେୟ ଖିଲାର, ଶୁଭମ୍ ଦାଶ, ବିଶ୍ୱଜିତ୍ ବିଶ୍ୱାଳ, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ପବିତ୍ର ସାମଲ, ସଞ୍ଜୟ ବେହୁରା, ଗୁଲରେଜ ଅଲ୍ଲୀ, ସୁମନ୍ ନାୟକ, ଜୟଶ୍ରୀ ଜେନା, ସରସ୍ୱତୀ ବେହେରା, ସମିମ ଅଖତର, ରାଜେଶ ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଓ ନେତାମାନେ ଯୋଗଦେଇଥିଲେ।

### ଚୌଦ୍ୱାର ବିଜେଡି

ଚୌଦ୍ୱାର: ଚୌଦ୍ୱାର ବିଜୁ ଜନତା ଦଳ ତରଫରୁ ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜେଡି କଟକ ଜିଲ୍ଲା ଉପସଭାପତି ପ୍ରେମଚାନ୍ଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, କାଉନସିଲର ଦିଲ୍ଲୀପ ସାହୁ, ଅଜୟ ବେହେରାଙ୍କ ସମେତ ଦଳୀୟ କାଉନସିଲର ଓ ବହୁ ବିଜୁପ୍ରେମୀ ଯୋଗଦେଇ ବିରୂପା ନଦୀ କୂଳରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ପାଇଁ ସମସ୍ତ ନେତୃମଣ୍ଡଳୀ, କର୍ମୀ ତଥା ବିଜୁପ୍ରେମୀ ଜନସାଧାରଣ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଆୟୋଜିତ ସାଧାରଣ ସଭାରେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ପରେ ପରେ ଓଟିଏମ୍ ପରିବା ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

### ସଦର ବିଜେଡି

କନ୍ଦରପୁର: କଟକ ସଦରର ବରିଷ୍ଠ ବିଜେଡି ନେତା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଳାସ ମଲ୍ଲିକଙ୍କ ନେତୃତ୍ୱରେ କିଶନନଗର ବିଜୁ ସେତୁ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଆଗାମୀ ଦିନରେ କଟକ ସଦର ବିଜେଡ଼ି ସଂଗଠନକୁ ତୃଣମୂଳସ୍ତରରୁ ଆହୁରି ମଜଭୂତ କରିବାକୁ ସଂକଳ୍ପ କରାଯାଇଥିଲା। ସୁରେଶଚନ୍ଦ୍ର ବିଷୋୟୀ, ଗଗନ ବିହାରୀ ମହାପାତ୍ର, ବିଜୟ ମଲ୍ଲିକ, ପ୍ରକାଶ ମହାପାତ୍ର, ପ୍ରଦୀପ୍ତ ବିଷୋୟୀ, ସଞ୍ଜୟ ବେହେରା, ସୁଧାକର ଖଟାଇ, ଅଜୟ ମହାନ୍ତି, ଅଞ୍ଜନ ଦାସ, ନିମାଇଁ ଜେନା, ଅଫଜଲ ହୁସେନ, ମହମ୍ମଦ ଜାହିର୍, ଭୋଗିଲାଲ ପଟ୍ଟନାୟକ, ଦେବେନ୍ଦ୍ର ପଟ୍ଟନାୟକ, ମହମ୍ମଦ ସାଜାଦ ପ୍ରମୁଖ ବହୁ ବିଜେଡ଼ି କର୍ମୀ ଓ ନେତା ଯୋଗଦାନ କରିଥିଲେ। ସେହିପରି କନ୍ଦରପୁର ପଞ୍ଚାୟତ ଅଥଙ୍ଗା ବିଜୁ ସେତୁ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି। ସମର ବେହେରା, ରଜନୀକାନ୍ତ ସାହୁ, ଭିକାରୀ ବେହେରା, ଟୁକୁନା ରାଉତଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

# ମାଂସ ପାଇଁ ଟଙ୍କା ନ ଦେବାରୁ ସ୍ତ୍ରୀକୁ ହତ୍ୟାକଲା ସ୍ୱାମୀ

ବାରିପଦା, ୨୬ ।୧୨(ସମିସ)

ମାଂସ ପାଇଁ ଟଙ୍କା ନ ଦେବାରୁ ବାଡ଼ିରେ ପିଟି ପିଟି ସ୍ତ୍ରୀକୁ ନୃଶଂସ ଭାବେ ହତ୍ୟା କରିଛି ସ୍ୱାମୀ । ଅମାନବୀୟ ହୋଇ ବାଡ଼ିରେ ପିଟି ପିଟି ନିଜ ସ୍ତ୍ରୀଙ୍କୁ ହତ୍ୟା କରିଛି ସ୍ୱାମୀ । ବାଙ୍ଗିରିପୋଷି ଥାନା ସିମିଳା ଛକ ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା । ମୃତକ ମହିଳା ହେଲେ ନିନି ମୁଣ୍ଡା ଓ ଅଭିଯୁକ୍ତ ସ୍ୱାମୀ ଦେବେନ୍ଦ୍ର ସିଂ । ଏ ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି ।

ସୂଚନା ମୁତାବକ, ଗୁରୁବାର ରାତିରେ ମାଂସ ଆଣିବାକୁ ଟଙ୍କା ମାଗିଥିଲା ଅଭିଯୁକ୍ତ । କିନ୍ତୁ ରାଗ ହେଲା ଚଣ୍ଡାଳ । ଟଙ୍କା ନ ଦେବାରୁ ରାଗରେ ଏକ ବାଡ଼ି ସାହାଯ୍ୟରେ ନିଜ ସ୍ତ୍ରୀକୁ ନିର୍ଧୁମ ବାଡେଇ ଥିଲା । ସକାଳୁ ଉଠି ଦେଖିଲା ବେଳକୁ ମହିଳାଙ୍କ ମୃତ୍ୟୁ ଘଟିଥିଲା । ବାଙ୍ଗିରିପୋଷି ପୁଲିସ ଖବର ପାଇ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବ ଜବତ ପରେ ବାରିପଦା ପିଆରଏମ ମେଡିକାଲରେ ବ୍ୟବଚ୍ଛେଦ କରାଇଛି । ଅପରପକ୍ଷରେ ହତ୍ୟା ଅଭିଯୋଗରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ମୃତ ନିନି ଅଭିଯୁକ୍ତ ଦେବେନ୍ଦ୍ରଙ୍କ ତୃତୀୟ ପତ୍ନୀ ବୋଲି ଜଣାପଡ଼ିଛି ।



# ବାଜପେୟୀଙ୍କ ଜୟନ୍ତୀରେ ସାରସ୍ୱତ ସଭା

ବାରିପଦା, ୨୬ ।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସୁଶାସନ ଦିବସରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଦେଶାତ୍ମବୋଧକ କବିତା ମହାଯଜ୍ଞର ସଫଳ ଆୟୋଜନ ହୋଇଯାଇଛି । ଏହି ସାରସ୍ୱତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନମାନସରେ ଦେଶପ୍ରେମ, ଜାତୀୟ ଚେତନା ଓ ସୁଶାସନର ମୂଲ୍ୟବୋଧକୁ ସାହିତ୍ୟ ମାଧ୍ୟମରେ ଅନୁପ୍ରାଣିତ କରିବା । ଅଧ୍ୟାପକ ସମରେନ୍ଦ୍ର ବସାଙ୍କ ପୌରୋହିତ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ସାହିତ୍ୟ ସାଧନା, ସୁଶାସନ ସମ୍ପର୍କରେ ଆଲୋକାପାତ କରିଥିଲେ । ବରିଷ୍ଠ କବି ଅଜିତ କବାଟ ମୁଖ୍ୟବକ୍ତା, ପରିଷଦର ସଭାପତି ପଦ୍ମନାଭ ସାହୁ ଓ ସମ୍ପାଦକ ମନୋଜ ଦଳବେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଡ. ଶଶୀଧର ବିଶ୍ୱାଳ କବିତା ସଂଯୋଜନା କରିଥିଲେ । କବି ଗୋପାଳ ସାଓ, ବାସନ୍ତୀଲତା ମହାପାତ୍ର, ବିରଜା ଦେବୀ, ପାର୍ବତୀ ବାରିକ, ଶିଉଲାଲ ମହାନ୍ତ, ଭାସ୍ୱତୀ ପଣ୍ଡା, ବନମାଳୀ ପାତ୍ର, ଅଜିତ ପାଣିଗ୍ରାହୀ, ଡ. ସଞ୍ଜୀବ ପାଣିଗ୍ରାହୀ, ଶଙ୍କର ଜେନା, ମିତାରାଣୀ ସାହୁ, ଡ. ଗାୟତ୍ରୀ ଦେ, ନରସିଂହ ବାରିକ, ରାଜେନ୍ଦ୍ର ସାମଲ, ରାଜଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖ ସ୍ୱଲିଖିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ ।




# ସ୍ତ୍ରୀକୁ ମାରିଦେଲା ସ୍ୱାମୀ



କପ୍ତିପଦା, ୨୬।୧୨(ସମିସ): ପ୍ରେମ ବିବାହ କରି ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କଲା । ପୁଣି ପରକିୟା ପ୍ରୀତି ସନ୍ଦେହରେ ତଣ୍ଟି ଉପରେ ଚଢ଼ି ହତ୍ୟା କରିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଶରତ ଥାନା ଶୁଖୁଆପଟାର ଗ୍ରାମରେ । କୁଶସିଂ (୫୦) ନାଗୀସିଂ(୪୫)କୁ ପ୍ରେମ ବିବାହ କରିଥିଲା । ପ୍ରେମ ସମ୍ପର୍କ କିଛିଦିନ ନିବିଡ଼ ହେବା ପରେ ଆରମ୍ଭ ହେଲା ସନ୍ଦେହ । ସାଇପଡ଼ିଶାରେ କାହା ସହିତ କଥାହେଲେ ସନ୍ଦେହ କରି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ହେଉଥିଲା ଝଗଡ଼ା । ଗତକାଲି ଏମିତି କିଛି କଥାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହି ଝଗଡ଼ା ଏତେ ଉଗ୍ର ହୋଇଥିଲା ଯେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀକୁ ମାଡ଼ ମାରିବା ସହିତ ତଣ୍ଟି ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ନାଗୀସିଂର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଶରତ ଥାନା ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀ କୁଶସିଂକୁ ଗିରଫ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଗାଡ଼ି ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର, ୨୬।୧୨(ସମିସ): ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଦୁନା ନାଏକ(୪୫) । ରାତିରେ ହାଟରୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ପ୍ରଚୁର ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଇଥିଲେ । ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

# ବିଜେପିର ବାରିପଦା ଉତ୍ତର ମଣ୍ଡଳ କମିଟି ଗଠନ

ବାରିପଦା, ୨୬ ।୧୨(ସମିସ): ବିଜେପି ବାରିପଦା ନଗର ଉତ୍ତର ମଣ୍ଡଳର ନୂତନ କମିଟି ଗଠିତ ହୋଇଥିବା ଜଣାଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅନୁମୋଦନ କ୍ରମେ ବାରିପଦା ଉତ୍ତର ନଗର ମଣ୍ଡଳ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ଗୁରୁବାର ନିଜର ନୂତନ ମଣ୍ଡଳ କମିଟି ଘୋଷଣା କରିଛନ୍ତି । ଇନ୍ଦୁଭୂଷଣ ଜେନା, ସଞ୍ଜିତ ବେହେରା, ଶମ୍ଭୁନାଥ ସାହୁ, ରଞ୍ଜନ ମହାନ୍ତି, କ୍ରିଷ୍ଣା ବେହେରା ଓ ଦୁର୍ଗାମଣି ଆଚାର୍ଯ୍ୟ ନୂତନ ଉପସଭାପତି ଭାବେ ମନୋନୀତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ବିକାଶ ବାରିକ ଓ ପବିତ୍ର ମୋହନ ମହାନ୍ତିଙ୍କୁ ଚୟନ କରାଯାଇଛି । ସମ୍ପାଦକ ଭାବେ ଶୁଭଲକ୍ଷ୍ମୀ ସାହୁ, ସଞ୍ଜୀବ ମହାନ୍ତି, ଶୁଭସ୍ମିତା ବେହେରା, ରାଜୀବ ଦାସ, ବିଜୟ ହୋତା ଓ ଉର୍ମିଳା ରାୟ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି । କୋଷାଧ୍ୟକ୍ଷ ଭାବେ ସଞ୍ଜୟ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି ।

# ଧରମ ବାପାଙ୍କୁ ଉଦ୍ଧାର କରିବାକୁ ମାଆ ନାମରେ ଅଭିଯୋଗ

ବୈଶିଙ୍ଗା, ୨୬।୧୨(ସମିସ): ବୈଶିଙ୍ଗା ପୁଲିସ ନିକଟରେ ଝିଅ ନିଜ ମାଆଙ୍କ ନାଁରେ କରିଛନ୍ତି ସାଂଘାତିକ ଅଭିଯୋଗ । ବାରିପଦା ଦେଉଳସାହି ଅଞ୍ଚଳର ବ୍ରଜକିଶୋର ରଣା ଓ ତପସ୍ୱିନୀ ରଣାଙ୍କ ୧୯ ବର୍ଷିୟା ଝିଅ ସୁଭଦ୍ରା ମାଆଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଘର ଛାଡ଼ି ବଡ଼ସାହିସ୍ଥ ମାମୁଁ ଘରକୁ ପଳାଇ ଯାଇଥିଲେ । ସେଠାରେ ନିଜକୁ ସୁରକ୍ଷିତ ମନେ ନ କରିବା ପରେ ବୈଶିଙ୍ଗା ଥାନା ଅର୍ନ୍ତଗତ ନଡପୁର ଗ୍ରାମରେ ଥିବା ଧରମ ବାପା ହରିଶ ଦଣ୍ଡପାଟଙ୍କ ଘରେ ଦୀର୍ଘଦିନ ହେବ ରହି ଆସୁଥିଲେ । ଇତିମଧ୍ୟରେ ମାଆ ତପସ୍ୱିନୀ ଆସି ତାଙ୍କ ସହିତ ଯିବାପାଇଁ ଅନେକ ଥର କହିଥିଲେ ମଧ୍ୟ ସୁଭଦ୍ରା ମାଆଙ୍କ ସହ ଯିବାକୁ ରାଜି ହୋଇ ନ ଥିଲେ । ତେବେ ୨୪ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ଆଠଜଣ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ଆସି ସୁଭଦ୍ରାଙ୍କୁ ଆଶ୍ରୟ ଦେଇଥିବା ଧରମ ବାପା ହରିଶଙ୍କୁ ଜୋର ଜବରଦସ୍ତ ତାଙ୍କ ଘରୁ ଉଠାଇ ନେଇଥିଲେ ଓ ଝିଅକୁ ଫୋନ କରି ତୁ ଘରକୁ ଫେରିଲେ ଯାଇ ହରିଶଙ୍କୁ ମୁକ୍ତ କରାଯିବ ଧମକ ଦେଇଥିଲେ ବୋଲି ସୁଭଦ୍ରାଙ୍କ ଅଭିଯୋଗ ପାଇବା ପରେ ୬୫୧ନଂରେ ଏକ ମାମଲା ରୁଜୁ କରି ଖୋଳତାଡ ଆରମ୍ଭ କରିଥିଲା ପୁଲିସ । ପୁଲିସ ଛାନଭିନରେ ବିବ୍ରତ ହୋଇ ତପସ୍ୱିନୀ ହରିଶଙ୍କୁ ଆଣି ଥାନାରେ ପୁଲିସ ଜିମା ଦେବା ପରେ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଥାନାରୁ ଛଡ଼ାଯାଇଥିବା ଜଣାପଡ଼ିଛି ।

# ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଉଦଳା-ଠାକୁରମୁଣ୍ଡା ରାସ୍ତା ଅବରୋଧ

ଉଦଳା, ୨୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ଆଜି ଅଭିଭାବକ ଉଦଳା-ଠାକୁରମୁଣ୍ଡା ରାସ୍ତା ଅବରୋଧ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟରେ ବିବାଦ ସୃଷ୍ଟି କରୁଛନ୍ତି । ବାରମ୍ବାର ଦାବି ପରେ ମଧ୍ୟ ବିଦ୍ୟାଳୟ ଛାଡି ଯିବାକୁ ନାରାଜ ପ୍ରଧାନଶିକ୍ଷୟିତ୍ରୀ । ଯାହାକୁ ନେଇ ତାତିଛନ୍ତି ଅଭିଭାବକ । ଅଭିଭାବକ ବିଦ୍ୟାଳୟରେ ତାଲା ପକାଇବା ସହିତ ରାଜ୍ୟ ରାଜପଥ ଅବରୋଧ କରିଛନ୍ତି । ଉଦଳା ବ୍ଲକ ବହୁବନ୍ଧ ଆଶ୍ରମ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପଣ୍ଡାଙ୍କ ଦୀର୍ଘ ଦିନରୁ ଅନ୍ୟତ୍ର ବଦଳି ହୋଇଛି । ବଦଳି ହେବା ପରେ ମଧ୍ୟ ସେ ବିଦ୍ୟାଳୟରୁ ନ ଯାଇ ବିଦ୍ୟାଳୟରେ ମନମାନି ଚଲାଇଛନ୍ତି । ପୂର୍ବରୁ ସେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ମଧ୍ୟାହ୍ନ ଭୋଜନ ଟଙ୍କା ଦେଇ ନ ଥିବାରୁ ମହିଳା ଆନ୍ଦୋଳନ କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି । ବିଦ୍ୟାଳୟରେ ରହି ଛାତ୍ରଛାତ୍ରୀଙ୍କୁ ଡ୍ରେସ ଯୋଗାଇ ଦେଉନାହାନ୍ତି କିମ୍ବା ମଧ୍ୟାହ୍ନ ଭୋଜନ ଦେଉ ନ ଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ଆଜି ଅଭିଭାବକ ଅସନ୍ତୋଷ ପ୍ରକାଶ କରି ଉଦଳା-ଠାକୁରମୁଣ୍ଡା ରାଜ୍ୟ ରାଜପଥର ବହୁବନ୍ଧ ବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ । ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତୁରନ୍ତ ବଦଳି ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଖବର ପାଇ ପୁଲିସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପହଞ୍ଚି ବୁଝାସୁଝା କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ ।



# ମୋରଡ଼ା ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମୋରଡ଼ା, ୨୬।୧୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ଚିକଟାମାଟିଆ ପଞ୍ଚାୟତରେ ମୋରଡା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତା 'ମେରା ଯୁବ ଭାରତ' ମୟୂରଭଞ୍ଜ ବାରିପଦା (ଭାରତ ସରକାର) ଓ ମ୍ୟାନେଜମେଣ୍ଟ ଏଣ୍ଡ ରୁରାଲ ଡେଭେଲପମେଣ୍ଟ କାଉନସିଲ ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ମୋରଡା ବ୍ଲକ ଚିକିଟା ମାଟିଆ ପଞ୍ଚାୟତ ଚିକିଟାମାଟିଆ ଏଭି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଚିକିଟାମାଟିଆ ସରପଞ୍ଚ ବାର୍ସା ହେମ୍ବ୍ରମ, ହରପ୍ରସାଦ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଳମଣି ଭୋଇ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୋରଡା ଆଇଟିଆଇର ଖେଳ ଶିକ୍ଷକ ଅଶ୍ୱନୀ ବେହେରା ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିକିଟା ମାଟିଆ ପଞ୍ଚାୟତର ପିଏସ ଉପେନ୍ଦ୍ର ନାଥ ମହାନ୍ତ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଗଣେଶର ମହାନ୍ତ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କ୍ରିଡ଼ା ପ୍ରତିଯୋଗିତାର ଫୁଟବଲ୍ ଖେଳରେ ସହରାଇଶୋଳ ଟିମ୍ ପ୍ରଥମ ହୋଇଥିବାବେଳେ କବାଡିରେ ଚିକଟାମାଟିଆ ଏଭି ଉଚ୍ଚବିଦ୍ୟାଳୟ ବାଳକ ଟିମ୍ ପ୍ରଥମ ହୋଇଥିଲା । ୨୦୦ ମିଟର ଦୌଡରେ ରାମଲାଲ ଟୁଡୁ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଳିକା ବିଭାଗ ୨୦୦ ମିଟର ଦୌଡରେ ବାସନ୍ତୀ ସୋରେନ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବ୍ୟାଡମିଣ୍ଟନର ବାଳକ ବିଭାଗରେ ଅରମନ ଖାନ୍ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ବାଳିକା ବିଭାଗରେ ମାଳତୀ ହେମ୍ବ୍ରମ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସମାଜସେବୀ ଗଣେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।




# ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନିଆ କାର୍ଯ୍ୟକ୍ରମ ଆରମ୍ଭ

ଶୁଳିଆପଦା, ୨୬।୧୨(ସମିସ): ଝାଲିଆମରା ପଞ୍ଚାୟତସ୍ଥ ଖଇଖିଆ ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଶିକ୍ଷାବିତ ପଞ୍ଚାନନ ରାଜଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଉଜ୍ଜଳ ମିଶ୍ର, ସଭାପତି ସୁପ୍ରକାଶ ଧଳ, ସଦସ୍ୟ ମନୋଜ ସି, ଅମିତ ସି, ସୁଦାମ ରାଜ, ଅଜୟ ରାଜ ଓ ବାପିଶ୍ୱର ମାର୍ଣ୍ଡିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । କ୍ରିକେଟ, ଫୁଟବଲ, ଡାବଲ ନୃତ୍ୟ, ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହ ପ୍ରଥମଥର ପାଇଁ ଯୁବକ ସଂଘ ପକ୍ଷରୁ ମୀନାବଜାର ବସିଥିବା କମିଟି ପକ୍ଷରୁ କୁହାଯାଇଛି ।



# ସାନ୍ତଳୀ ସିନେମା କଳାକାରଙ୍କୁ ସମ୍ବର୍ଦ୍ଧନା

ବହଳଦା, ୨୬।୧୨(ସମିସ): ବହଳଦାସ୍ଥ ଆଦିବାସୀ ସାଂସ୍କୃତିକ ଭବନରେ ବହଳଦାର ବରିଷ୍ଠ ନାଗରିକ ସଂଘ ଓ ପୁରୁଧୂଲ ଗାଓଁତା ପକ୍ଷରୁ ସଂଘର ସଭାପତି ନନ୍ଦକିଶୋର କିସ୍କୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ସାନ୍ତଳୀ ମ୍ୟୁଜିକ୍ ଆଲବମ୍ ତଥା ସିନେମା ଜଗତର ବିଶିଷ୍ଟ କଳାକାର ଆରିୟାନ ମାର୍ଣ୍ଡି, ରୋମିଓ ବାସ୍କେ, ଗୀତିକାର ତଥା ଗାୟକ ଧନେଶ୍ୱର ସୋରେନ ଓରଫ୍ ଡି.ସାର ଓ ଗାୟିକା ରୂପାଲି ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ପୁରୁଧୁଲ ଗାଓଁତା ଓ ବରିଷ୍ଠ ନାଗରିକ ସଂଘର ସଭ୍ୟସଭ୍ୟାଙ୍କ ଦ୍ୱାରା ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଲକ୍ଷ୍ମଣ ହାଁସଦା, ପୂର୍ବତନ ସରପଞ୍ଚ ଗୋଲରାମ ହେମ୍ବ୍ରମ, ବରିଷ୍ଠ ନାଗରିକ ଦାସମାତ ହେମ୍ବ୍ରମ, ବହଳଦା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବାରିଆଳ ମାଝୀ, ସଭ୍ୟ ଆହ୍ଲାନ ଚରଣ ମୁର୍ମୁ, ଦୁର୍ଗା ଚରଣ ମାଝୀ, ଡୋମାନ ଚନ୍ଦ୍ର ମାଝୀ, ସିଂଗ୍ରାୟ ହାଁସଦା, ସମାୟ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।



# ଟଲକଚୁଇଁରେ ସାନ୍ତାଳୀ ଭାଷା ବିଜୟ ଉତ୍ସବ



ବାରିପଦା/କୁଲିଅଣା, ୨୬ ।୧୨(ସମିସ): ଟଲକଚୁଇଁ ଗ୍ରାମରେ ୪ଦିନିଆ ସାନ୍ତାଳୀ ଭାଷା ବିଜୟ ଉତ୍ସବ କୁଲିଅଣା ପାଳନ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଖେଳ, ସାହିତ୍ୟ, ଡାବୁଲ ତାମସା, ସାମାଜିକ କ୍ଷୁଦ୍ର ନାଟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ପେଣ୍ଡାଙ୍ଗଗୋଡ଼ା ଦଳ ଚାମ୍ପିଅନ ଓ ଡାକୋଇ ଦଳ ରନର୍ସଅପ୍ ହୋଇଥିଲା । ଉଭୟ ଦଳକୁ ୮ ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାଚରଣ ମାର୍ଣ୍ଡି ପୁରସ୍କାର ପ୍ରଦାନ କରିଥିଲେ । ସାନ୍ତାଳୀ ଭାଷା ବିଜୟ ଦିବସ କାର୍ଯ୍ୟକ୍ରମ ଆରମ୍ଭରେ ଆର୍ ଅଶ୍ୱନୀ ବ୍ୟଞ୍ଜନ ମୁର୍ମୁ ଓ ବାବୁଲାଲ ସୋରେନଙ୍କ ଦ୍ୱାରା ପତାକା ଉତ୍ତୋଳନ ସହ ଗ୍ରାମ ନାଏକେ ଦୁର୍ଗା ମାର୍ଣ୍ଡିଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ହୋଇଥିଲା । ଅପରାହ୍ନରେ ମିଶନ ଅଲଚିକି ଉପରେ ଆଲୋଚନା ସଭା ଆୟୋଜିତ ହୋଇଥିଲା । ଏ ଅବସରରେ ମାଙ୍ଗାତ ମୁର୍ମୁ ବରିଷ୍ଠ ଅଲଚିକି କର୍ମକର୍ତ୍ତା, ପ୍ରଫେସର ଡ଼ ରାମୁ ହେମ୍ବ୍ରମ ବିଶ୍ୱ-ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ ସାନ୍ତାଳୀ ବିଭାଗ ସାନ୍ତାଳୀ ଗବେଷକ ଶ୍ରୀରାମ ଟୁଡୁ ଉପସ୍ଥିତ ଥିଲେ । ଆଲୋଚନାରେ ମାଙ୍ଗାତ ଚପେୟାର, ଶରତ ସୋରେନ, ବାବୁଲାଲ ସୋରେନ, ରାମଚନ୍ଦ୍ର ମୁର୍ମୁ (ରାଇସେନ), ଆଇତୁ ଚପେୟାର, ଚିତ୍ତରଞ୍ଜନ ହାଁସଦା, ବିହାରୀଲାଲ ଚପେୟାର, ହରିମୋହନ ବେଶ୍ରା, ରବୀନ୍ଦ୍ର ସୋରେନ, ଗଜେନ୍ଦ୍ର ହାଁସଦା ଓ ଆର୍ ଅଶ୍ୱନୀ ବଞ୍ଜନ ମୁର୍ମୁ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଦିବସରେ ପ୍ରସିଦ୍ଧ ସାନ୍ତାଳୀ ଡିଜିଟାଲ କର୍ମକର୍ତ୍ତା ରାମଜିତ ଟୁଡୁ ଯୋଗଦେଇ ଉତ୍ସବକୁ ପ୍ରଶଂସା କରିଥିଲେ ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରଥର ଶୁଭାରମ୍ଭ



ବିଶୋଇ, ୨୬ ।୧୨(ସମିସ): ଆସନ୍ତା ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର ମହୁଲଡ଼ିହାସ୍ଥ ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ମେଳା ସମ୍ବନ୍ଧରେ ଚାଷୀଙ୍କୁ ସଚେତନତା କରିବା ଉଦ୍ଦେଶ୍ୟ ନେଇ ଏକ ସଚେତନତା ରଥ ବିଶୋଇ ବ୍ଲକ କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ରରୁ ଗଡ଼ିଛି । ବ୍ଲକ କୃଷି ଅଧିକାରୀ ସୁଧାଂଶୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସତ୍ୟବାନ ନାୟକ, ସହକାରୀ କୃଷି ଅଧିକାରିଣୀ ସଞ୍ଜନା ମହାନ୍ତ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ରଥର ଶୁଭ ଉଦଘାଟନ କରିଥିଲେ । ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣ ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ରହିଛି ବୋଲି କୃଷି ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ ।

# ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଶୁଳିଆପଦା, ୨୬।୧୨(ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ଅଧୀନ ଶୁଳିଆପଦା ଗ୍ରାମର ଭଗବାନ ଗିରିଙ୍କ ପତ୍ନୀ ଧର୍ମପ୍ରାଣ ମହିଳା ସୁବାସିନୀ ଗିରିଙ୍କ ଆଜି ସକାଳୁ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଧର୍ମପ୍ରାଣା, ପରୋପକାରୀ, ସ୍ନେହୀ ଓ ନମ୍ର ସ୍ୱଭାବର ମହିଳା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ ।



# ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

ବାରିପଦା, ୨୬ ।୧୨(ସମିସ): ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ କଲେଜ ପରିସରରେ ଜାତୀୟ ସେବା ଯୋଜନା ୟୁନିଟର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଯୁଗ୍ମ ସଚିବ ସଂଗ୍ରାମ ରାଉତ ଯୋଗଦେଇ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ୟୁନିଟର ଆହ୍ୱାନ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ପ୍ରାଧ୍ୟାପକ ଡ. ଦେବେଶ ହୋତା ମୁଖ୍ୟବକ୍ତା, ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ଶାଖା ପ୍ରବନ୍ଧକ ସ୍ମିତିପ୍ରଜ୍ଞା ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଦେବସ୍ମିତା ବିଶ୍ୱାଳ, ଅଭିପ୍ସା ନାୟକ, ପୂର୍ଣ୍ଣିମା ମହାନ୍ତି, ଦୀପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ, ଲକ୍ଷ୍ମୀ ଚାପିଆର, ପ୍ରତିଭା ଦାସ ଓ ଅଧ୍ୟାପକ ଡ. ଠାକୁରା ଚରଣ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଉଦଘାଟନୀ ସମାରୋହରେ ଅଧ୍ୟକ୍ଷ ପ୍ରଦୀପ ନାୟକ ଅଧ୍ୟକ୍ଷତା କରିଥିବାବେଳେ ସ୍ୱେଚ୍ଛାସେବୀ ପିଙ୍କିଲତା ସାମନ୍ତରାୟ ମଞ୍ଚ ପରିଚାଳନା କରିଥି । ।ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




## ଛାତ୍ରୀ ଫେରାର ହୋଇଯାଇଥିବା ଘଟଣା

# ଥାନା ଭିତରେ ଛାତ୍ରଙ୍କୁ ଶାରୀରିକ ନିର୍ଯାତନା ଅଭିଯୋଗ

ମୋରଡା, ୨୬।୧୨(ସମିସ)

ମୋରଡା ପୁଲିସ ଥାନା ଭିତରେ ଶାରୀରିକ ନିର୍ଯାତନାଦେଇଥିବାନେଇଉକ୍ତଥାନାଅଧୀନ ସନ୍ୟାସୀ ଗ୍ରାମର ସୁଶାନ୍ତ ପାତ୍ର ଅଭିଯୋଗ କରିଛନ୍ତି । ସୁଶାନ୍ତଙ୍କ କହିବା ମୁତାବକ, ସେ ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ +୩ରେ ଅଧ୍ୟୟନ କରୁଛନ୍ତି । ଉକ୍ତ ମହାବିଦ୍ୟାଳୟର ମୋରଡା ଥାନା ଅଞ୍ଚଳର ଜଣେ ଛାତ୍ରୀ ସୁଶାନ୍ତଙ୍କ ବନ୍ଧୁ ସହ ଘରଛାଡି ପଳାଇଛନ୍ତି । ଯାହାକୁ ନେଇ ଛାତ୍ରୀଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି । ଗୁରୁବାର ତଦନ୍ତ ନିମନ୍ତେ ସନ୍ଧ୍ୟାରେ ସୁଶାନ୍ତଙ୍କୁ ସବଇନ୍ସପେକ୍ଟର ନିବେଦିତା ନାୟକ ଛକରେ ଥିବା ଏକ ସେଲୁନରୁ ଥାନାକୁ ନେଇଯାଇଥିଲେ । ପଚରାଉଚୁରା ସମୟରେ ସୁଶାନ୍ତଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରି ପ୍ରବଳ ଥଣ୍ଡା ସତ୍ତ୍ୱେ ଶୀତ ବସ୍ତ୍ର ଖୋଲି ଥାନାରେ ଦୀର୍ଘ ଚାରି ଘଣ୍ଟା ତଳେ ବସାଇ ରଖିଥିଲେ । ଉକ୍ତ ଘଟଣାକୁ ନେଇ ଆଜି ସୁଶାନ୍ତ ପୁଲିସ ସମିତି ସଦସ୍ୟ ତଥା ବଣିକ ସଂଘ ସଭାପତି ସୌରଭ ରଞ୍ଜନ ମହାନ୍ତିଙ୍କୁ ଅବଗତ କରାଇବା ପରେ ସୁଶାନ୍ତଙ୍କୁ ନେଇ ସଦସ୍ୟ ମହାନ୍ତି ଥାନାକୁ ଯାଇଥିଲେ ଓ କ'ଣ ପାଇଁ ମାଡ଼ ମରା ହେଲା ବୋଲି ପୁଲିସକୁ ପଚାରିଥିଲେ । ତେବେ ମାଡ଼ ମରାଯିବ ବୋଲି ଥାନା ଏସଆଇ ନିବେଦିତା ପ୍ରଧାନ କହିଥିଲେ । ଯାହାର ଅଡ଼ିଓ ବେଶ ଭାଇରାଲ ହେବାରେ ଲାଗିଛି । ଏ ସମ୍ପର୍କରେ ନିବେଦିତା ନାୟକଙ୍କୁ ପଚାରିବାରୁ ସେ ଏମିତି କିଛି କରିନାହାନ୍ତି କେବଳ ପଚରାଉଚରା କରାଯାଇଛି ବୋଲି ପ୍ରତିକ୍ରିୟା ଦେଇଥିଲେ । ଏପଟେ ସୌରଭ ରଞ୍ଜନ ମହାନ୍ତି କହିଛନ୍ତି, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି । ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ସହ ଥାନା ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ସୁମିତ କୁମାର ସରେନ କହିଛନ୍ତି, ସୁଶାନ୍ତର ଫୋନ ନମ୍ବର ଝିଅର ଲାଷ୍ଟ କଲ ହିଷ୍ଟ୍ରି ସିଡ଼ିଆରରେ ରହିଥିବାରୁ ତଦନ୍ତ ଅଧିକାରୀ ଡାକି ପଚରାଉଚରା କରିଛନ୍ତି ।

ସକାଳ THE SAKALA



# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ; ୧ ଲକ୍ଷ ଜରିମାନା

**ଯାଜପୁର,୨୬।୧୨(ସମିସ):** ଗତ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଜନୈକ ବ୍ୟକ୍ତିକୁ ହତ୍ୟା କରିବା ଘଟଣାରେ ଯାଜପୁର ଜିଲ୍ଲାଜଜ ରାୟ ପ୍ରକାଶ କରିଛନ୍ତି। ଏହି ରାୟରେ ୨୬ଜଣଙ୍କ ସାକ୍ଷୀ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା କରି ରାୟ ପ୍ରକାଶ କରାଯାଇଛି। ୧ଲକ୍ଷ ଟଙ୍କା ଜରିମାନା ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ଭୋଗିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି।

ବିବରଣୀରୁ ପ୍ରକାଶ, ଯାଜପୁର ସହରର ସାନବଜାର ଅଞ୍ଚଳରେ ରହୁଥିବା ଜୟଦେବ ମହାଲିକ ଓରଫ ଚିନୁ (୨୮) କୁ ବଡ଼ବଜାର ଅଞ୍ଚଳର ଜନୈକ ବ୍ୟକ୍ତି ୨୦୨୪ ମସିହା ଏପ୍ରିଲ ମାସ ୨୪ ତାରିଖ ଦିନ ଦ୍ୱିପ୍ରହରରେ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ବେକକୁ କାଟି ପକାଇବା ଫଳରେ ତାର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଥିଲା। ଚିନୁ ଦୀର୍ଘବର୍ଷ ଧରି ଅଭିଯୁକ୍ତଙ୍କ ସ୍ତ୍ରୀ ସହ ଅନୈତିକ ସଂପର୍କ ରଖିଆସୁଥିଲା। ୨ବର୍ଷ ପୂର୍ବରୁ ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀକୁ ତାଙ୍କ ଘରେ ପଶି ବାରମ୍ବାର ବଳାତ୍କାର କରୁଥିଲେ ବୋଲି ଅଭିଯୁକ୍ତ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ କେନ୍ଦ୍ରକରି ଚିନୁକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ପରେ କିଛି ସ୍ଥାନୀୟ ଭଦ୍ରଲୋକଙ୍କ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। କିଛିଦିନ ପରେ ଚିନୁ ପୁନର୍ବାର ଅଭିଯୁକ୍ତଙ୍କ ସ୍ତ୍ରୀ ସହ ସଂପର୍କ ରଖିଥିଲେ ବୋଲି ଶୁଣିବାକୁ ମିଳିଥିଲା। ଚିନୁ ଅଭିଯୁକ୍ତଙ୍କ ସ୍ତ୍ରୀର କିଛି ଆପତ୍ତିଜନକ ଫଟୋକୁ ରଖି ବ୍ଲାକ୍‌ମେଲିଂ କରୁଥିବା କଥା ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କୁହାଯାଉଥିଲା। ତେବେ ଚିନୁ ସହ ସଂପର୍କ ରଖି ଅଭିଯୁକ୍ତର ସ୍ତ୍ରୀ ୪ଲକ୍ଷ ଟଙ୍କା ନେଇଯାଇଥିବାରୁ ଉକ୍ତ ଅର୍ଥକୁ ମାଗିବାରୁ ଅଭିଯୁକ୍ତ କ୍ରୋଧାନ୍ୱିତ ହୋଇ ମାରିଦେଇଛି ବୋଲି ଚିନୁର ପରିବାର ପକ୍ଷରୁ କୁହାଯାଇଥିଲା। ତେବେ ୨୦୨୪ ମସିହା ଏପ୍ରିଲ ୨୪ ତାରିଖ ଦିନ ଅଭିଯୁକ୍ତ ଯାଜପୁରରୋଡରେ କାର୍ଯ୍ୟରେ ଥିବାବେଳେ ଦିବା ୧୨ଘଟିକା ସମୟରେ ଚିନୁ ଅଭିଯୁକ୍ତଙ୍କ ଘରେ ପଶି ଅଭଦ୍ରୋଚିତ ବ୍ୟବହାର କରିବାରୁ ଘରେ ଥିବା ଅଭିଯୁକ୍ତର ମାମୁଁ ଏହାକୁ ବିରୋଧ କରିଥିଲେ। ଫଳରେ ଚିନୁ ଅଭିଯୁକ୍ତର ମାମୁଁକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହି ଘଟଣାକୁ ଅଭିଯୁକ୍ତର ମାମୁଁ ତାକୁ ଜଣାଇବାରୁ ଅଭିଯୁକ୍ତ ଯାଜପୁରରୋଡରୁ ଆସି ସିଧା ସାନବଜାରସ୍ଥିତ ଚିନୁ ଘରେ ପହଞ୍ଚି ଏକ ଧାରୁଆ ଅସ୍ତ୍ର ଯୋଗେ ଚିନୁର ବେକକୁ କାଟିଦେଇଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ଚିନୁକୁ ମୁଖ୍ୟଚିକିତ୍ସାଳୟକୁ ଆଣୁଥିବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ମୋନାଲି ରାଇସା ପରିଚାଳନା କରୁଥିଲେ।

# ଗାଡ଼ି ଧକ୍କାରେ ବିଜ୍ଞାନ ଛାତ୍ରଙ୍କ ମୃତ୍ୟୁ

**ପାଣିକୋଇଲି,୨୬।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମୃତିଆ ରାସ୍ତାର ବିଦ୍ୟା କଲେଜ ନିକଟରେ ଆଜି ମଧ୍ୟାହ୍ନ ସମୟରେ ଆଇଚର ଧକ୍କାରେ ସେହି ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନର ଦ୍ୱିତୀୟ ବର୍ଷର ଛାତ୍ରର ମୃତ୍ୟୁ ଘଟିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ପ୍ରହଲ୍ଲାଦ ପଣ୍ଡାଙ୍କ ପୁଅ ଆଶୁତୋଷ ପଣ୍ଡା (୧୭) ବିଦ୍ୟା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଅଟେ। ଆଜି କଲେଜରୁ ଏକ ବାଇକ (ଓଡି୦୪ଏକ୍ସ ୨୪୮୮) ଯୋଗେ କ୍ଲାସ ସାରି ଘରକୁ ଫେରୁଥିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଗାଡ଼ି (ଡବ୍ଲୁବି ୫୭ଏଫ ୩୫୭୫) ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଦୁର୍ଘଟଣା ଘଟାଇ ଗାଡ଼ିଟି ସ୍ଥାନ ଛାଡ଼ି ଚମ୍ପଟ ମାରି ପଳାଇଥିଲା। ଖବର ପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଞ୍ଚି ତାକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ଷଠିପୁର ଛକ ନିକଟରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ସହ ଚାଳକକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଷଠିପୁରରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଚାଳକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅପରପକ୍ଷେ ଏନେଇ ଅଭିଯୋଗ ପରେ ଏକ ମାମଲା ୪୧୦/୨୫ ରୁଜୁ କରାଯାଇ ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ ପଞ୍ଚନାମା କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

# ପୂର୍ବତନ ସେନା କର୍ମଚାରୀଙ୍କ ପରଲୋକ



**ବରୀ,୨୬।୧୨(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିବିଲ ଗ୍ରାମ ପଞ୍ଚାୟତର ବିଶିଷ୍ଟ ସମାଜସେବୀ ପ୍ରାକ୍ତନ ସେନା କର୍ମଚାରୀ ମଦନ ମୋହନ ପତିଙ୍କର ୮୫ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପତିଙ୍କ ମରଶରୀରକୁ ବିଶାଳ ଶୋଭାଯାତ୍ରାରେ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଦସ୍ୟ ଏବଂ ଗ୍ରାମବାସୀ ଗ୍ରାମ୍ୟ ପରିକ୍ରମା କରି ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ପ୍ରଦାନ ପରେ ଗ୍ରାମ୍ୟ ଶ୍ମଶାନ ଶେଷକୃତ ସମ୍ପନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଅମର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନା, ଭାସ୍କର ଚନ୍ଦ୍ର ନାଥ, ସାମ୍ବାଦିକ ପ୍ରଭାତ ମହାନ୍ତି, ବିଶ୍ୱଭୂଷଣ ଜେନା, ଡ. ଅମୁଲ୍ୟ କୁମାର ପଣ୍ଡା, ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ, ସତ୍ୟ ରଞ୍ଜନ କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକ ପ୍ରକାଶ କରିଥିଲେ। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ଉପାଧକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଧର୍ମଶାଳା ମହୋତ୍ସବ

# ମୟୂରୀ ଓ ବୀଣାପାଣି କଳାକୁଞ୍ଜ ନୃତ୍ୟ ମନମୋହିଲା

**ଧର୍ମଶାଳା,୨୬।୧୨(ସମିସ)**

ଧର୍ମଶାଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମୁକ୍ତାକାଶ ମଞ୍ଚରେ ଆଜି ଚଣ୍ଡିଖୋଲ ବୀଣାପାଣି କଳା ପରିଷଦ ଓ ଜାରକାର ମୟୁର ଡ୍ୟାନ୍ସ ଗ୍ରୁପର କଳାକାରମାନେ ମନଛୁଆଁ ନୃତ୍ୟ ଓ ସଂଗୀତ ପ୍ରଦର୍ଶନ କରିଥିଲେ। ଯାହାକୁ ଉପସ୍ଥିତ ଦର୍ଶକ ଭରପୁର ଉପଭୋଗ କରିଥିଲେ। ପରେ ପରେ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଆସନ୍ତା କାଲି ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ଗୀତ ଓ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିର ସଭାପତି ରବୀନ୍ଦ୍ର ନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୁଚନା ଦେଇଛନ୍ତି।



ଗତକାଲି ସନ୍ଧ୍ୟାରେ ଏହି ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ରବି ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଡ. ରବି ନାରାୟଣ ବେହେରା ମୁଖ୍ୟଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ, ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ, ବିଜେପି ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇଥିଲେ। ସଂପାଦକ ସତ୍ୟପ୍ରିୟ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



**ଧର୍ମଶାଳା:** ଧର୍ମଶାଳା ମହୋତ୍ସବ ଅବସରରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଓ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଜାରକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀକୁ ହସ୍ତଶିଳ୍ପ ଜିଲ୍ଲା ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହସ୍ତଶିଳ୍ପ ବିକାଶ ଅଧିକାରୀ କମଳଲୋଚନ ସାହୁ, ହସ୍ତଶିଳ୍ପ ବିକାଶ ଅଧିକାରୀ କଲ୍ୟାଣ ଟୁଡୁ, ହସ୍ତଶିଳ୍ପ ବିକାଶ ଅଧିକାରୀ ଶୁଭ୍ରାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ୨୭ ଗୋଟି ଷ୍ଟଲ ଖୋଲାଯାଇଥିବା ବେଳେ ପଥର ଖୋଦେଇ, କାଠ ଖୋଦେଇ, କାଇଁଚ କାମ, ବାଉଁଶ, ଝୋଟ, ଚାନ୍ଦୁଆ, ଟେରାକୋଟା, ବେତ, ପିତଳକାମ ମେଳାରେ ପ୍ରଦର୍ଶନ କରାଯାଇଛି। ଏହି ପ୍ରଦର୍ଶନୀରେ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ଚାନ୍ଦୁଆ ଷ୍ଟଲ ଖୋଲାଯାଇଛି। ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରସ୍ତରଶିଳ୍ପୀ ଅନନ୍ତ ମହାରଣା, କାରିଗର ପ୍ରଫୁଲ୍ଲ ମହାରଣା, ମୀନତି ରଥ, ଏମ୍‌ସିପି ରମେଶ ସାହୁ, ଲୋକନାଥ ବେହେରା, ରମାକାନ୍ତ ମଲ୍ଲିକ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ସଭାନେତ୍ରୀ ଶୈଳବାଳା ବେହେରା, ସମ୍ପାଦିକା ମୀନତି ପଣ୍ଡା, ଝୁନାରାଣୀ ମିଶ୍ର, ସ୍ନେହଲତା ଦାଶ, ଜ୍ୟୋସ୍ନାରାଣୀ ବେହେରା, ସସ୍ମିତା ପରିଡା, ସ୍ମୃତିସଂଗୀତା ମିଶ୍ର, ଦ୍ୱିତୀକୃଷ୍ଣ ମିଶ୍ରଙ୍କ ସମେତ ବହୁ ହସ୍ତଶିଳ୍ପ କାରିଗର ଉପସ୍ଥିତ ରହିଥିଲେ।

## ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ

# 'ବହିର ସ୍ୱର ତରବାରୀର ଧାରଠାରୁ ଆହୁରି ଶାଣିତ'



**ଯାଜପୁର,୨୬।୧୨(ସମିସ):** ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ପୁସ୍ତକ ମହୋତ୍ସବରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପ୍ରାକ୍ତନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ପ୍ରାକ୍ତନ ଯାଜପୁରର ଜିଲ୍ଲାପାଳର ରଞ୍ଜନ ଦାସ ଯୋଗଦେଇ ବହିର ସ୍ୱର ତରବାରୀର ଧାର ଠାରୁ ଆହୁରି ଶାଣିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ପୁସ୍ତକ ଆମକୁ ଭାଷା ଶିଖାଇଥିବା ସହ ଆମ ଜୀବନକୁ ପରିପୁଷ୍ଟ କରେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ସୁବ୍ରତ କୁମାର ପୃଷ୍ଟି ଯୋଗଦେଇ ଭଲ ବହିର ଆଦର ଯୁଗେଯୁଗେ ରହିଛି। ସମ୍ମାନିତ ଅତିଥି ଭାବେ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକା ଓ କବୟତ୍ରୀ ଡ. ପ୍ରଜ୍ଞାପରିମିତା ଦାଶ, ସାମ୍ବାଦିକ ପର୍ଶୁରାମ ବିଶ୍ୱାଳ, ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଡା. ରାଜକିଶୋର ପଣ୍ଡା ଯୋଗଦେଇଥିଲେ। ଅପରାହ୍ନ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଅନନ୍ୟା ସାହିତ୍ୟର ମିଳିତ ଆନୁକୂଲ୍ୟରେ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ମୁଖ୍ୟଅତିଥିଭାବେ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଡ. ଜୟନ୍ତୀ ରଥ, ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସଂପାଦକ କାହ୍ନୁ ଚରଣ ମିଶ୍ର ଯୋଗଦେଇଥିଲେ। ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ କୁମାର, ଛୁଆଲସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ମୁକ୍ତ କୁଇଜ୍‌କୁ ଅଶୋକ କୁମାର ଦାସ, ଉଦୟ ନାରାୟଣ ପରିଡ଼ା, ବିନୋଦ ଚନ୍ଦ୍ର ନାୟକ, ସୁଧାଂଶୁ ଶେଖର ରଥ, କ୍ଷୀରୋଦ ବେହେରା ପ୍ରମୁଖ ପରି.ଳନା କରିଥିଲେ। ପ୍ରମୋଦ କୁମାର ପତିଙ୍କ ନେତୃତ୍ୱରେ ବାଦ୍ୟ ବିଚିତ୍ରା ଓ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସନ୍ତୋଷ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଜି ଏହି ଉକ୍ତ ଦିବସର କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ପରି.ଳନା କରିଥିଲେ। କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ଅତିଥି ସ୍ୱାଗତ କରିଥିବା ବେଳେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଡ. କାହ୍ନୁ ଚରଣ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ।

# ଆମ ଆଶ୍ରମରେ ରକ୍ତଦାନ ଶିବିର

**କବାଟବନ୍ଧ,୨୬।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ଆମ ଆଶ୍ରମର ୧୯ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ରକ୍ତଦାନ ଶିବିର, ଗୀତା ପାଠ ଆଦି କରାଯାଇଥିଲା। ବିଭିନ୍ନ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ତଥା ସମାଜସେବାରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ଧୀରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଏସ୍‌ସିବି ମେଡିକାଲର ଅବସରପ୍ରାପ୍ତ ନିୟୁରୋସର୍ଜନ ଡାକ୍ତର ମନ୍ମଥ ଧୀର ଏବଂ ମାଧୁରୀ ଶତପଥୀଙ୍କ ସହିତ ସ୍ୱର୍ଗତ ଡାକ୍ତର ଡ. ଏମ୍. ଏନ. ବେଗଙ୍କ ପତ୍ନୀ ଯୋଗ ଦେଇଥିଲେ। ଆଶ୍ରମ ପରିସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଜାତୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାର ପକ୍ଷରୁ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

ଆଶ୍ରମର ସହଯୋଗୀ ବିନୟ କୁମାର ଶତପଥୀ ଏବଂ ଗୀତାଞ୍ଜଳି ପଟ୍ଟନାୟକଙ୍କ ଦ୍ୱାରା ଗୀତା ପାଠ କରାଯାଇଥିଲା।




ଆଶ୍ରମର ବାର୍ଷିକ ପତ୍ରିକା "ଆମ ଆଶ୍ରମ କଥା' ଉନ୍ମୋଚନ କରାଯାଇଥିଲା। ଆଶ୍ରମ ପକ୍ଷରୁ ପ୍ରଦାନ କରାଯାଉଥିବା ଡ.ଏମ୍‌ଏନ ବେଗ ସେବା ସମ୍ମାନରେ ବରିଷ୍ଠ ଚିକିତ୍ସକ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ମନୋଜ କୁମାର ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ

**ସୁକିନ୍ଦା,୨୬।୧୨(ସମିସ):** ସୁକିନ୍ଦା ରେଞ୍ଜ ଫଂଶୋଳ ସେକ୍ସନ ତଳଙ୍ଗି ବିଟ ପାଟଣା ନିକଟରେ ଏକ ଜଙ୍ଗଲି ଦନ୍ତା ହାତୀ ଥିବା ଦେଖିବାକୁ ମିଳିଛି। ଏହି ଦନ୍ତା ହାତୀ ଗୁରୁବାର ବିଳମ୍ବିତ ରାତିରେ ଖାଦ୍ୟ ସନ୍ଧାନରେ ଖଣି ଅଞ୍ଚଳ ସ୍ଥିତ ଓସ୍ତପାଳ ଗ୍ରାମରେ ଏକ ଘର ଭାଙ୍ଗି ଆଖୁ ବାଡ଼ିରେ ପଶି ଆଖୁ ଖାଇବା ପରେ ପାଟଣା ମାଝୀ ସାହିରେ ଏକ ଘର ଭାଙ୍ଗି ଖଳାରେ ଥିବା ଧାନ ଖାଇଥିଲା। ସୂଚନା ପାଇ ବନ ବିଭାଗର ବନପାଳ ରାମ ତୀରିଆଙ୍କ ନେତୃତ୍ୱରେ ଏକ ଟିମ୍ ଜଙ୍ଗଲି ଦନ୍ତା ହାତୀକୁ ଢେଙ୍କାନାଳ ସୀମାନ୍ତକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏବେ ହାତୀ ଢେଙ୍କାନାଳ ଜିଲ୍ଲା ସୀମାନ୍ତ ଅଞ୍ଚଳକୁ ଯାଉଥିବା ଜଣାପଡିଛି।

# ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ମଙ୍ଗଳପୁର,୨୬।୧୨(ସମିସ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ସାଧୁଗୌରେଶ୍ୱର କଲେଜ ପଡିଆରେ ୨୫ତମ ଜ୍ୟୋତିରଞ୍ଜନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ ଓ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ତଥା କନିକାପଡା ପଞ୍ଚାୟତର ସରପଞ୍ଚ ପ୍ରଦୀପ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧୁଗୌରେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ଦାସ, ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଦାସ, କ୍ଲବର ସମ୍ପାଦକ ପଞ୍ଚାବ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚୁପାଣ୍ଡବ କ୍ରିକେଟ୍ ଟିମ ଓ ଯାଜପୁର ଜିଲ୍ଲାର ୟୁନିକ ଇଲେଭେନ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲେ। ଜବାବରେ ୟୁନିକ ଇଲେଭେନ ସମସ୍ତ ଓଭରରେ ୭ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ପଞ୍ଚୁପାଣ୍ଡବ କ୍ରିକେଟ ଟିମ କେନ୍ଦ୍ରାପଡ଼ା ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେହିପରି ଉଦ୍ରକର ସୂର୍ଯ୍ୟଶିଖା କ୍ରିକେଟ ଟିମ୍ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଏନ୍‌ଏନ୍‌ୱାଇସି କ୍ରିକେଟ ଟିମ ଭାମଣ୍ଡା ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ସୂର୍ଯ୍ୟଶିଖା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୨ ଓଭର ବିଶିଷ୍ଟ ମ୍ୟାଚରେ ୧୧ ଓଭର ୪ଟି ବଲ ଖେଳି ସମସ୍ତ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲେ। ଜବାବରେ ଏନ୍‌ଏନ୍‌ୱାଇସି ୨ ୱିକେଟ ହରାଇ ୬ ଓଭର ୫ଟି ବଲ ଖେଳି ୧୧୮ ରନ ସଂଗ୍ରହ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ସୁମନ୍ତ ମହାପାତ୍ର ଓ ଚିନ୍ମୟ ଦଳେଇ ଅମ୍ପେୟାର ଦାୟିତ୍ୱ ତୁଲାଇଥିଲେ। ଜ୍ୟାତିପ୍ରକାଶ ସାମଲ, ଉମେଶ ଭଞ୍ଜ ଓ ଦୀପକ ମହାପାତ୍ର (କାକୁଡି) ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ। ପରିଚାଳନାରେ କ୍ଲବର ବରିଷ୍ଠ ସଭ୍ୟ ଗୌତମ ମହାପାତ୍ର, ରାକେଶ କୁମାର ସାହୁ, ପ୍ରମୋଦ ପୁହାଣ, ଜ୍ଞାନରଞ୍ଜନ ସାମଲ, ମନୋରଞ୍ଜନ ବାଇ, ଉତ୍କଳ ମହାପାତ୍ର, ନରେଶ ରାଉତ, ସ୍ମୃତିରଞ୍ଜନ ସାମଲ, ସୂର୍ଯ୍ୟକାନ୍ତ ପୃଷ୍ଟି, ଆଶିଷ ରଞ୍ଜନ ସାହୁ, ଜିତେନ୍ଦ୍ର ଯେନା, ପ୍ରିୟବ୍ରତ ଧଳ, ସୁବାସ ଯେନା ପ୍ରମୁଖ ସହଯୋଗ କରିଥିଲେ।

## ଅଶାନ୍ତ ହେଉଛି କଳିଙ୍ଗନଗର

# ୭ ଦିନ ଧରି ଧାରଣାରେ ବସିଛନ୍ତି ଶ୍ରମିକ

**ଦାନଗଦି,୨୬।୧୨(ସମିସ)**



କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଟାଟା ରୋହିତ ଫେରୋ ଆଲୟେଜ ପ୍ଲାଣ୍ଟ ଫାଟକ ନିକଟରେ ଶ୍ରମିକ ଓ କର୍ମଚାରୀମାନେ ୭ ଦିନ ଧରି ଧାରଣାରେ ବସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଜି ଅଖିଳ ଧଳ ନାମକ ଜଣେ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଏବେ ସୁସ୍ଥ ଅଛି। ହେଲେ ପ୍ରଶାସନ କିମ୍ବା କାରଖାନା କର୍ତ୍ତୃପକ୍ଷ ଏଯାଏ ସମାଧାନ ପାଇଁ ଆଗେଇ ଆସୁନାହାନ୍ତି। ଫଳରେ ଶୀତ କାକରରେ ଶ୍ରମିକ ଓ କର୍ମଚାରୀମାନେ ରାତିଦିନ ଭୋକ ଉପବାସରେ ପଡିରହିଛନ୍ତି। ଯାହା ଫଳରେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କଳିଙ୍ଗନଗର ମଜଦୁର ୟୁନିଅନ ପକ୍ଷରୁ ମୁଖ୍ୟତଃ ସଙ୍ଘ ସାଧାରଣ ସମ୍ପାଦକ ସୋଏବ ଅଲ୍ଲୀ ଖାଁନ, ସଭାପତି ମାନସ ଚନ୍ଦ୍ର ବେହେରା, ଉପସଭାପତି ସୁଧାକର ପୃଷ୍ଟି, ଉପସଭାପତି ଅଜୟ ପହି, ଯୁଗ୍ମ ସମ୍ପାଦକ ପ୍ରଦୀପ ସାମଲ, କୋଷାଧକ୍ଷ ମେଶୁକ ଅଲ୍ଲୀ, ସିପକ ରାଉତ ପ୍ରମୁଖ କାରଖାନା କର୍ମଚାରୀଙ୍କ ଦ୍ୱାରା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଜାରିରହିଛି।

ସୂଚନା ମୁତାବକ ରୋହିତ ଫେରୋ ଆଲଏଜ କମ୍ପାନୀକୁ ଟାଟାଷ୍ଟିଲ କ୍ରୟ କରିବା ପରେ କମ୍ପାନୀର ପୁରୁଣା କର୍ମଚାରୀଙ୍କୁ ଦରମା ବଢ଼ାଯିବ କହି କୋର୍ଟ ଷ୍ଟାମ୍ପ ପେପରରେ ଦସ୍ତଖତ କରେଇ ନେଇଯାଇଥିବା ଶ୍ରମିକମାନେ ଅଭିଯୋଗ ଆଣିଥିଲେ। ଶ୍ରମିକ ମାନଙ୍କ ଅଭିଯୋଗ ମୁତାବକ ସେତେବେଳେ କୋର୍ଟ ପେପରରେ ଲେଖା ଯାଇଥିଲା କି କମ୍ପାନୀ କର୍ମଚାରୀ ମାନେ ୩୦-୮-୨୩ରୁ ୩୦-୮-୨୦୨୯ ମସିହା ପର୍ଯ୍ୟନ୍ତ କମ୍ପାନୀ ପାଖରେ କୌଣସି ଦାବି ରଖିପାରିବେ ନାହିଁ। ଯାହା ଶ୍ରମିକ ମାନେ ଅବଗତ ନଥିଲେ। ପରେ ଏହା ଜାଣିବା ପରେ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକଶ ପାଇଥିଲା। ଇତି ମଧ୍ୟରେ ଟାଟାଷ୍ଟିଲ ରୋହିତ ଫେରୋ ଆଲଏଜ ପ୍ଲାଣ୍ଟକୁ ଇମ୍ପା ଷ୍ଟିଲକୁ ବିକ୍ରି କରିସାରିଛି। ବର୍ତ୍ତମାନ ଇମ୍ପା ସେଇ କୋର୍ଟ ପେପର ସାହାଯ୍ୟରେ ପ୍ଲାଣ୍ଟ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାରର ଧମକ ଦେବା ଦେଖାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଶନିବାର କର୍ମଚାରୀମାନେ ପ୍ଲାଣ୍ଟ ଗେଟ୍ ବନ୍ଦ କରି ଗେଟ୍ ସମ୍ମୁଖରେ ବସିରହିଛନ୍ତି। ଶ୍ରମିକମାନଙ୍କ ଦାବି ହେଲା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯାଉ। ଜୋର ଜବରଦସ୍ତ ଦସ୍ତଖତ ନେଇ ସେମାନଙ୍କ ଉପରେ ଜୁଲମ କରାନଯାଉ। ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ଧାରଣା ଜାରି ରହିବ ବୋଲି ୟୁନିଅନର ସଭାପତି ମାନସ ଚନ୍ଦ୍ର ବେହେରା କହିଛନ୍ତି।

# ଶ୍ୟାମସୁନ୍ଦର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



**ମଙ୍ଗଳପୁର/କୟାଁଗୋଳା,୨୬।୧୨(ସମିସ):** ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ପୂର୍ତ୍ତି ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଲମୁନି ସଭାପତି ଇଂ. ଯଶୋବନ୍ତ ନାୟକଙ୍କ ସଭାପତିତ୍ୱ ସଭାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନେ ଦେଶର ଭବିଷ୍ୟତ କର୍ଣ୍ଣଧାର। ସେମାନଙ୍କୁ ସୁନାଗରିକଭାବରେ ଗଢ଼ି ତୋଳିବା ଶିକ୍ଷକଙ୍କ ଦାୟିତ୍ୱ। ବିକଶିତ ଭାରତ ଗଠନରେ ଛାତ୍ର ସମାଜର ଭାଗିଦାରୀ ଯଥେଷ୍ଟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ଗଣ ଦୌଡ଼, ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ନାଚ ଗୀତ ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ଉମେଶ ସାମଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଯଶୋବନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆଲମୁନି କମିଟିର ସମସ୍ତ ସଦସ୍ୟ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ସମେତ ବର୍ତ୍ତମାନ ବିଦ୍ୟାଳୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗୁଆମାଳ ଡାକ୍ତରଖାନାରେ ଘଣ୍ଟାଏ ରୋଗୀ ସେବା ବନ୍ଦ




**ଦୋଳସାହି, ୨୬ ।୧୨(ସମିସ):** ରାଜ୍ୟରେ ଓମ୍ସା ପକ୍ଷରୁ ଘଣ୍ଟିକିଆ ଆଉଟଡୋର ସେବା ବନ୍ଦ ଆନ୍ଦୋଳନ ଆଜିଠାରୁ ଆରମ୍ଭ ହୋଇଛି । ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଡାକ୍ତର ଓ ଅନ୍ୟ ପଦବୀ ଅଧାରୁ ଅଧିକ ଖାଲି ପଡ଼ିଥିବାବେଳେ ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଓମ୍ସା ପକ୍ଷରୁ ୧୮ ଦଫା ଦାବି ପୂରଣ ନେଇ ଏହି ଆନ୍ଦୋଳନ ଜାରି ରହିଛି । ଏହି ମାସ ମଧ୍ୟରେ ଡାକ୍ତରଙ୍କ ଦାବି ପୂରଣ ନ ହେଲେ ଆସନ୍ତା ଜାନୁଆରୀ ମାସଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି । ସେହିପରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣବ ମହାନ୍ତି ଶୁକ୍ରବାର ପୂର୍ବାହ୍ନ ୧୦ରୁ ୧୧ଟା ଯାଏଁ ଆଉଟଡୋର ସେବା କରିଥିଲେ ।

## କଳା ଗବେଷକ ସୁବାସ ମଲ୍ଲିକ ସମ୍ମାନିତ

**ଧାମନଗର, ୨୬ ।୧୨(ସମିସ):** ଧାମନଗର ମାଟିର ପ୍ରତିଭା କଳା ଗବେଷକ ସୁବାସ ଚନ୍ଦ୍ର ମଲ୍ଲିକ ମୟୂରଭଞ୍ଜ ଜିଲ୍ଲାରେ ସମ୍ମାନିତ ହୋଇଛନ୍ତି । ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହି ପଞ୍ଚାୟତର କମାରବନ୍ଧ ଗାଁର ସୁବାସ ଚନ୍ଦ୍ର ମଲ୍ଲିକ ଜଣେ ଲୋକକଳା ଗୁରୁ, ମୋଗଲ ତାମସାର ନିର୍ଦ୍ଦେଶକ, ଲୋକ ସଂସ୍କୃତି ଗବେଷକ ଓ ସୁବକ୍ତା । ମୟୂରଭଞ୍ଜ କପ୍ତିପଦା ଉପଖଣ୍ଡସ୍ତରୀୟ ଧୂମୁସା-୨୦୨୫ ମହୋତ୍ସବରେ ସମ୍ମାନିତ ହୋଇଛନ୍ତି । ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମହୋତ୍ସବ କମିଟି ସଭାପତି ତଥା ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗଦେଇ ଶ୍ରୀ ମଲ୍ଲିକଙ୍କୁ ସ୍ମୃତି ଫଳକ, ମାନପତ୍ର, ଅଙ୍ଗବସ୍ତ୍ର, ଅର୍ଥରାଶି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି ।

## ଜନଜୀବନକୁ କଲବଲ କରୁଛି ଥଣ୍ଡା ଓ କୁହୁଡ଼ି



**ବାରିକପୁର, ୨୬ ।୧୨(ସମିସ):** କିଛିଦିନ ହେବ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଶୀତର ପ୍ରକୋପ ତୀବ୍ର ଭାବେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ବ୍ଲକର ବିଭିନ୍ନ ସ୍ଥାନରେ ଏବେ ହାଡ଼ଭଙ୍ଗା ଶୀତ ସାଙ୍ଗକୁ ପ୍ରବଳ କୁହୁଡି ଅନୁଭୂତ ହେଉଛି । ବାୟୁମଣ୍ଡଳରେ କୁହୁଡି ଆଚ୍ଛାଦିତ ହେବା ଯୋଗୁଁ ଦିନ ତମାମ ସୂର୍ଯ୍ୟ ଦେବତାଙ୍କ ତାପ ମଧ୍ୟ ହ୍ରାସ ପାଉଛି । ଅପରାହ୍ନ ୩ଟା ପରେ ଧିରେ ଧିରେ ଶୀତ ଲହରୀ ଆରମ୍ଭ ହେଉଥିବାବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଉଛି । ଭୋର ସମୟରେ ଅତ୍ୟଧିକ କୁହୁଡି ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କୁ କୋଲୁଅ କରୁଛି । ଶୀତ ଯୋଗୁଁ ସନ୍ଧ୍ୟା ୭ଟା ପରେ ମଞ୍ଜୁରୀ ରୋଡ, ମାଳଦା, କୁଲଣା, ଆଖୁଆପଦା, ଛତାବର, ବିଷ୍ଣୁପୁର, ବାରିକପୁର, ଧାମନଗର ଛକ, ପରମାନନ୍ଦପୁର, ଛଞ୍ଚିଣା ପ୍ରମୁଖ ଗ୍ରାମ୍ୟ ବଜାରରେ ଲୋକଙ୍କ ସମାଗମ ପ୍ରାୟତଃ ଦେଖିବାକୁ ମିଳୁନାହିଁ । ସେହିଭଳି ସକାଳ ପ୍ରାୟ ଆଠଟା ପରେ ଲୋକେ ବଜାରକୁ ଆସୁଛନ୍ତି । ଅସହ୍ୟ ଶୀତରୁ ସାମାନ୍ୟ ଆଶ୍ୱସ୍ତ ପାଇଁ ଗାଁ ଗହଳି ଓ ବଜାର ଘାଟରେ ନିଆଁ ଜାଳି ପିଲାଠାରୁ ବୁଢା ଯାଏଁ ସମସ୍ତେ ସେକ ନେଉଥିବା ଦେଖିବାକୁ ମିଳିଛି । ଆଗାମୀ ଏକ ସପ୍ତାହ ଯାଏଁ ଶୀତ ଲହରୀ ସହିତ ଘନ କୁହୁଡି ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବେଲଗଡ଼ିଆ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାରିକପୁର, ୨୬ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ବେଲଗଡିଆ ସରକାରୀ ବିଦ୍ୟାଳୟର ବାର୍ଷିକ ବିଦ୍ୟାର୍ଥୀ ପାରଦର୍ଶିତା ମୂଲ୍ୟାୟନ ତଥା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିଷ୍ଣୁଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ବଦ୍ରିନାରାୟଣ ଧଳ ଉଦଘାଟନ କରିଥିଲେ । ମୁଖ୍ୟଅତିଥ ିଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ ପରିଡ଼ା, ମୁଖ୍ୟବକ୍ତା ଭାବେ ଆଲୁମିନି କମିଟି ସଭାପତି ମୁକୁନ୍ଦ ରାଉତ, ଅନ୍ୟତମ ଅତିଥି ଭାବେ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୀତାମ୍ବର ରାଉତ, ରଘୁନାଥ ଶତପଥୀ, ପ୍ରମୋଦ ଦେବ, ସାମ୍ବାଦିକ ଶ୍ୟାମସୁନ୍ଦର ମହାପାତ୍ର, ନାରାୟଣ ପ୍ରଧାନ, ନିର୍ମଳ ଧଳ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ନରେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୈଜୟନ୍ତୀ ବାରିକ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଇନଜୀବୀ ବସନ୍ତ ମହାନ୍ତିଙ୍କ ସ୍ମୃତିସଭା



**ଭଦ୍ରକ, ୨୬ ।୧୨(ସମିସ):** ଭଦ୍ରକର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସରକାରୀ ଓକିଲ ସ୍ୱର୍ଗତ ବସନ୍ତ ଜଣେ ଦକ୍ଷ ଆଇନଜୀବୀ ନ ଥିଲେ, ବରଂ ନିସ୍ୱାର୍ଥପର ଓ ନିଷ୍ଠାପର ଆଇନଜୀବୀ ଭାବେ ପରିଚିତ ଥିଲେ । ତାଙ୍କର ସିଭିଲ ଓ କ୍ରିମିନାଲ ଆଇନ ସହ ଖାଦ୍ୟ ଅପମିଶ୍ରଣଜନିତ ମାମଲାରେ ବିଶେଷ ଦକ୍ଷତା ଥିଲା ବୋଲି ଆଜି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ବସନ୍ତ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ମତପ୍ରକାଶ ପାଇଛି । ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ ପ୍ରଭାତ ଜେନା, ବରିଷ୍ଠ ନାଗରିକ ସଂଘର ରାମଚନ୍ଦ୍ର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ ଭାଇ ଅବସରପ୍ରାପ୍ତ ଚିଫ୍ ଇଂଜିନିୟର ଶିଶିର ମହାନ୍ତି, ତାଙ୍କ ପୁତ୍ର ମିହିର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଦୋଳସାହି, ୨୬ ।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତସ୍ଥ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଅଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦାଶରଥି ମହାପାତ୍ର, ରବୀନ୍ଦ୍ର ଜେନା, ଗଙ୍ଗାଧର ଓଝା, ମହେଶ୍ୱର ଜେନା, ରାଜକିଶୋର ବେହେରା, ପ୍ରଭାତ ମହାନ୍ତି, କୁମୁଦିନୀ ମହାନ୍ତି, ସୁଶାନ୍ତ ପତି, କରୁଣାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



### ଜାତୀୟ ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ



**ଭଦ୍ରକ, ୨୬ ।୧୨(ସମିସ)**

ବାଣିଜ୍ୟ କ୍ଷେତ୍ରରେ ଆମ ଓଡ଼ିଶା ପ୍ରଦେଶ ଦିନେ ସମଗ୍ର ଭାରତ ବର୍ଷର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ସମୃଦ୍ଧି ଲାଭ କରିଥିଲା । ଏହି ରାଜ୍ୟର ବଣିକମାନେ ବାଣିଜ୍ୟ କ୍ଷେତ୍ରରେ ସମଗ୍ର ଅଞ୍ଚଳକୁ ବିକଶିତ ସହ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ କରିପାରିଥିଲେ । ତେବେ ବର୍ତ୍ତମାନର ପରିସ୍ଥିତିରେ ଆଜିର ଶିକ୍ଷିତ ଯୁବ ଉଦ୍ୟୋଗୀ ଚାକିରି ପଛରେ ନ ଦୌଡ଼ି କୃଷି, ଶିଳ୍ପ କ୍ଷେତ୍ରରେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଅନ୍ୟ ରାଜ୍ୟରେ ବିକ୍ରୟ କରି ନିଜେ ଆର୍ଥିକ ଦୃଷ୍ଟିକୋଣରୁ ଲାଭବାନ ହେବା ସହ ସମଗ୍ର ଓଡ଼ିଶାକୁ ଆଗେଇ ନେବା ହିଁ ଏହି ବାଣିଜ୍ୟ ମେଳାରେ ପ୍ରକୃତ ଉଦ୍ଦେଶ୍ୟ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ ।

ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଓ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ଅଧକ୍ଷତା କରିଥିବାବେଳେ ବିବିଏମର ସମ୍ପାଦକ ମନୋଜ କୁମାର ରାୟ ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, କଳିଙ୍ଗ ନଗର ଡିଆଇସିର ଆସିଷ୍ଟାଣ୍ଟ ମ୍ୟାନେଜର ନିରଞ୍ଜନ ନାୟକ, ଓସମେର ଉପସଭାପତି ରାଜେଶ ମିଶ୍ର, ବିବିଏମର ସଂଯୋଜକ କାଳନ୍ଦୀ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀ ତ୍ୟାଗଭୂମି ଭଦ୍ରକବାସୀଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆତିଥ୍ୟ ପାଇବାରେ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ । ମେଳାର ଆୟୋଜକଙ୍କ ଏଭଳି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ବିବିଏମର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବିବିଏମର ଉପସଭାପତି ନମ୍ରତା ରାୟ ଧନ୍ୟବାଦ ଦେବା ପରେ ଜିଲ୍ଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା ।

## ଉପଖଣ୍ଡ ପୁଲିସ ଅଧିକାରୀଙ୍କ ବଦଳି

**ବାରିକପୁର, ୨୬ ।୧୨(ସମିସ):** ଇତିମଧ୍ୟରେ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀଙ୍କୁ କଟକ ଭିଜିଲାନ୍ସ ଡିଏସପି ଭାବେ ବଦଳି କରାଯାଇଛି । ଭଣ୍ଡାରିପୋଖରୀ ସମେତ ଆଗରପଡ଼ା, ବନ୍ତ, ଧାମନଗର ଓ ଧୂଷୁରୀ ଥାନାକୁ ଉପଖଣ୍ଡ ଅଧିକାରୀ ଭାବେ ସେ ସଠିକ ପରିଚାଳନା କରୁଥିଲେ । ଏପରି ସ୍ଥଳେ ତାଙ୍କୁ ବଦଳି କରାଯାଇଛି । ଏ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ତାଙ୍କର ବଦଳି ଆଦେଶକୁ ସାମୟିକ ଭାବେ ରଦ୍ଦ ପାଇଁ ମଧ୍ୟ ଦାବି ହୋଇଛି । ଶ୍ରୀ ସେଠୀ ଏହା ପୂର୍ବରୁ ୨ବର୍ଷରୁ ଅଧିକ ସମୟ ଧରି ଭଣ୍ଡାରିପୋଖରୀ ଥାନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ । ଏଠାରୁ ତାଙ୍କୁ ଭୁବନେଶ୍ୱର ଅର୍ଥନୈତିକ ଅପରାଧିକ ଶାଖାକୁ ବଦଳି କରାଯାଇଥିଲା । ସେଠାରେ କିଛିଦିନ କାର୍ଯ୍ୟ କରିବା ପରେ ଧାମନଗର ପୁଲିସ ଉପଖଣ୍ଡ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ସେ ଦକ୍ଷତାର ସହିତ କାର୍ଯ୍ୟ କରୁଥିବା ସ୍ଥଳେ ହଠାତ୍ ବଦଳି ଖବରକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁନାହାନ୍ତି । ତେଣୁ ବଦଳି ଉପରେ ପୁନର୍ବିଚାର ପାଇଁ ମତପ୍ରକାଶ ପାଇଛି ।

# ନଦୀବନ୍ଧ ରାସ୍ତାରେ ପଡ଼ିଲା ପିଚୁ




**ଦୋବଲ, ୨୬ ।୧୨(ସମିସ):** ଗତ ଛଅମାସ ଧରି ବନ୍ଦ ଥିବା କାମ ପୁଣି ଆରମ୍ଭ ହୋଇଛି । ଦୋବଲ-କରଦା ଭାୟା ନନ୍ଦିପୁର ନଦୀବନ୍ଧ ରାସ୍ତାରେ ପିଚୁ ପକାଯାଇଛି । ଗତ ଜୁନ୍ ମାସଠାରୁ କାମ ବନ୍ଦ ଥିଲା । ଏ ନେଇ ଡିସେମ୍ବର ୧୨ରେ ଦୈନିକ ଖବରକାଗଜ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା । ଏହାପରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଳ ସମ୍ପଦ ବିଭାଗର କ୍ଷେତ୍ର ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ । ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଆଜିଠାରୁ ପିଚୁ ପଡ଼ିବା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୯୦୦ ମିଟର ରାସ୍ତାକୁ ପିଚୁ କରାଯାଇଛି । ଆସନ୍ତାକାଲି ବାକି ରାସ୍ତାକୁ ପିଚୁ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

ଦୀର୍ଘ ବର୍ଷର ଦାବିକୁ ଗ୍ରହଣ କରି ନୂଆ ସରକାର ଆସିବା ପରେ ଗତବର୍ଷ ଗେଙ୍ଗୁଟି ନଦୀବନ୍ଧର କୋରକୋଦାଠାରୁ କରଦା ଭାୟା ଅଙ୍ଗେଇପାଳ ରାସ୍ତା ନବୀକରଣ କାମ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୪ କିଲୋମିଟର ରାସ୍ତା ଭିତରୁ ପ୍ରାୟ ୨ କିଲୋମିଟର ବନ୍ଧକୁ ପିଚୁ କରିବାକୁ ଟେଣ୍ଡର ହୋଇଥିଲା । ଟେଣ୍ଡର ଜିତିଥିବା ଠିକାଦାର ବୋଲଡର ଆଉ ନାଲିଗୋଡ଼ି ପକେଇ ରୋଲିଂ କରିଦେଲେ । ତା'ଉପରେ ବଜୁରୀ ଓ ବଜୁରୀ ଗୁଣ୍ଡ ପକାଇ ରୋଲିଂ କରିଦେଲେ । ପରେ ଜୁନ୍ ମାସରୁ କାମ ଛାଡ଼ି ଚାଲିଗଲେ । ଦୀର୍ଘ ୬ ମାସ ହେଲା ଏହି ରାସ୍ତା କାମ ବନ୍ଦ ରହିଥିଲା । କୋରକୋଦାରୁ କରଦା ଓ କରଦାରୁ କୋରକୋଦା ଆସୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଥିଲେ । ଛୋଟ ଛୋଟ ବଜୁରୀ ପଡ଼ିଥିବାରୁ ବାଇକ୍ ସ୍ଲିପ୍ କରିବା ସହ ଟାୟାର ଲିକ୍ ହେଉଥିଲା । ବଜୁରୀ ଗୁଣ୍ଡ ପଡ଼ିଥିବାରୁ ଆଖପାଖ ଅଞ୍ଚଳରେ ଧୂଳିର ଆସ୍ତରଣ ଜମି ଯାଉଥିଲା । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିବା ସତ୍ତ୍ୱେ ଠିକାଦାର ଓ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ମଧ୍ୟରେ ତୁ ତୁ ମେଁ ମେଁରେ ବ୍ୟସ୍ତ ରହିଥିଲେ । ଦୋବଲରୁ କରଦା ଯିବାକୁ ମାତ୍ର ୪ କିଲୋମିଟର ଦୂର । ହେଲେ ବର୍ଷାଦିନେ ଏ ରାସ୍ତାରେ ଯିବା ସମ୍ଭବ ହେଉ ନ ଥିବାରୁ ଅଙ୍ଗେଇପାଳ ଓ କରଦା ଲୋକେ ଖଡ଼ିପଦା, ସୁଜାଣସିଂହପୁର ହୋଇଯିବା ଆସିବା କରିଥା'ନ୍ତି । ଏଥିଲାଗି ସେମାନଙ୍କୁ ପ୍ରାୟ ୮ କିଲୋମିଟର ଅତିକ୍ରମ କରିବାକୁ ପଡ଼ିଥାଏ । ବେଶୀ ମାତ୍ରାରେ ହଇରାଣ ହୋଇଥା'ନ୍ତି ଅଙ୍ଗେଇପାଳ ଲୋକେ । ସେମାନଙ୍କ ପିଲାଛୁଆ ଦୋବଲ କିମ୍ବା ଖଡ଼ିପଦା ସ୍କୁଲରେ ପଢ଼ନ୍ତି । ବର୍ଷାଦିନେ ବନ୍ଧ ବାଟେ ଯିବା ସହଜ ହୁଏନାହିଁ । ଏ ନେଇ ‘ସକାଳ’ରେ ଖବର ପ୍ରକାଶ ପାଇବା ପରେ ରାସ୍ତା କାମ ହେଉଥିବା ଜଣାପଡ଼ିଛି ।


## ବନ୍ୟା ବିପର୍ଯ୍ୟୟ ସୁରକ୍ଷା ସମିତିର ସମ୍ବର୍ଦ୍ଧନା ଉତ୍ସବ

**ବାରିକପୁର, ୨୬ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର କଲ୍ୟାଣ ମଣ୍ଡପରେ ଆଞ୍ଚଳିକ ବନ୍ୟା ସୁରକ୍ଷା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ତଥା ବନ୍ୟା ସୁରକ୍ଷା ସମିତି ସମ୍ପାଦକ ଅକ୍ଷୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଖୁଆପଦା ଜଳସମ୍ପଦ ଡିଭିଜନର ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ଯୋଗଦେଇ ବିଭାଗ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ହିତେଶ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରନାରାୟଣ ଜେନା, ଗୋଲଖ ବେହେରା, ଯୁବ ଉଦ୍ୟୋଗୀ ସଞ୍ଜୀବ ପରିଡ଼ା, ଶିକ୍ଷାବିତ ଅଲେଖ ଘଡ଼ାଇ, ନାରାୟଣ ଘଡେଇ, ସମାଜସେବୀ ଶ୍ରୀଧର ସ୍ୱାଇଁ, ଅଜୟ ସାହୁ, ଗଗନବିହାରୀ ସେଠୀ, ବିଜୟ ମହାନ୍ତି, ପିଇଓ ନିଶିକାନ୍ତ ସାହୁ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏବେ ବାଲି ପୋଖରୀ ଏସକେପ ନବୀକରଣ ଓ ବୈତରଣୀ ବାମ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବାକି ଥିବା କଣ୍ଟି ଏସକେପକୁ ତୁରନ୍ତ ନବୀକରଣ ପାଇଁ ସମିତି ସଦସ୍ୟ ଦାବିକୁ ଦୋହରାଇଥିଲେ । ଏ ଅବସରରେ ବନ୍ୟା ସୁରକ୍ଷା ସମିତି ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଘଡେଇ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଦସ୍ୟ ବସନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତି ଉପସଭାପତି ନାରାୟଣ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିତେନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ମନୋଜ ମହାପାତ୍ର, କମଳାକାନ୍ତ ଲେଙ୍କା, ଯଯାତିକେଶରୀ ମହାପାତ୍ର, ରତ୍ନାକର ବାରିକ, ଅଶୋକ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।



# ମା' ଝାଡ଼େଶ୍ୱରୀଙ୍କ ପୀଠର ବିକାଶ ଦାବି

**ଅସୁରାଳି, ୨୬ ।୧୨ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗାଁରେ ବିରାଜିତ ମା' ଝାଡ଼େଶ୍ୱରୀ ମନ୍ଦିର । ଏ ଅଞ୍ଚଳର ପ୍ରସିଦ୍ଧ ଦେବୀ ପୀଠ ମଧ୍ୟରୁ ଅନ୍ୟତମ । ପୁରାତନ କଥାନୁସାରେ, ଏକ ଝାଡ଼ି ମଧ୍ୟରୁ ଦେବୀଙ୍କ ମୂର୍ତ୍ତି ଆବିର୍ଭାବ ହୋଇଥିଲା । ସେଥିପାଇଁ ଦେବୀଙ୍କୁ ‘ଝାଡ଼େଶ୍ୱରୀ’ ବୋଲି ନାମକରଣ କରାଯାଇଥିଲା । ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଗ୍ରାମବାସୀଙ୍କ ଉଦ୍ୟମରେ କାଠ ଓ ବାଉଁଶରେ ନିର୍ମିତ ଛୋଟ ଘରେ ମା'ଙ୍କୁ ବିରାଜିତ କରାଯାଇଥିଲା । ପରେ ପ୍ରାୟ ୭–୮ବର୍ଷ ତଳେ ମନ୍ଦିର ନିର୍ମାଣ ହୋଇଥିଲା । ଗୋବିନ୍ଦପୁରର ମା' ଝାଡେଶ୍ୱରୀ ପୀଠ କେବଳ ଧାର୍ମିକ ଆସ୍ଥାର କେନ୍ଦ୍ର ନୁହେଁ, ଏଠାରେ ଲୋକଙ୍କ ଅନୁଭବ ଓ ଆଶ୍ଚର୍ଯ୍ୟଜନକ ପ୍ରଥା ମଧ୍ୟ ଜଡିତ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ ଯେଉଁ ପିଲାଙ୍କ ପାଟି ଖୋଲି ନ ଥାଏ, ସେମାନଙ୍କର ମାନସିକ ରଖିଲେ ଖୁବଶୀଘ୍ର ପାଟି ଖୋଲିଯାଏ । ଏହି ପ୍ରଥାରେ ଗ୍ରାମବାସୀଙ୍କ ଗଭୀର ଆସ୍ଥା ରହିଛି । ବର୍ଷର ସବୁ ସମୟରେ ଫଳ, ଗୋଦୁଗ୍ଧ ଓ ଧାନଜାତ ସାମଗ୍ରୀ ମା'ଙ୍କୁ ଭୋଗ ରୂପେ ଲାଗେ । ପ୍ରତିବର୍ଷ ଶିବରାତ୍ରରେ ମନ୍ଦିର ପରିସରରେ ବଡ଼ ମେଳା ପଡ଼େ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, କୀର୍ତ୍ତନ, ଯାତ୍ରା ଆୟୋଜିତ ହୁଏ । ଅପରାହ୍ନରେ ବାବାଙ୍କ ଦାସୀଙ୍କୁ ‘କାଳିସୀ‘ ଲାଗେ । ଯଦ୍ୱାରା ଭକ୍ତଙ୍କ ମାଗୁଣି ପୂରଣ ହୁଏ ବୋଲି ବିଶ୍ୱାସ । ପୂଜା କମିଟି ଗଠିତ ହୋଇ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ଭାବେ ସମ୍ପାଦନ କରାଯାଉଛି । ସ୍ଥାନୀୟ ଲୋକ, ବାହାରେ ରହୁଥିବା ଅଞ୍ଚଳବାସୀ ଓ ଦାନଶୀଳ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିରର ବିକାଶ ହୋଇଆସୁଛି । ସରକାରଙ୍କ ପକ୍ଷରୁ ପାନୀୟଜଳ ଓ ବିଦ୍ୟୁତ ସୁବିଧା ଯୋଗାଣ ହୋଇଛି । ସରକାର ଓ ପ୍ରଶାସନର ନଜର ପଡ଼ିଲେ, ଏହି ପୀଠ ଆହୁରି ବିକାଶ ପାଇ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବ ।



### ଏନ୍‌ଆର୍‌ଆଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସ୍ପନ୍ଦନ’

## ‘ଶିକ୍ଷା ଉତ୍ତମ, ପୂର୍ଣ୍ଣାଙ୍ଗ ମଣିଷ ଗଠନ କରେ’




**ଭଦ୍ରକ, ୨୬ ।୧୨(ସମିସ):** ଭଦ୍ରକ ସହର ଆରଡ଼ି ଛକସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏନଆର୍‌ଆଇ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସ୍ପନ୍ଦନ’ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟଅତିଥି, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଏସକେ. ନାସିର ବକ୍ସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ‘ଶିକ୍ଷା ମଣିଷ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । ଏହା ଉତ୍ତମ ତଥା ପୂର୍ଣ୍ଣାଙ୍ଗ ମଣିଷ ଗଠନ କରେ’ ବୋଲି ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀ ରାଉତରାୟ ମତ ବ୍ୟକ୍ତ କରିଥିଲେ । ଏହାସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟକ୍ଷ ବିବେକାନନ୍ଦ ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, କମଳା ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ଅଖୁଜୀ ନାଥ, ଜ୍ୟୋସ୍ନାରାଣୀ ନାୟକ, ସୁଶାନ୍ତ ପାଣି, ଲିପିପୁଷ୍ପା ପାଣି ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ । ଚକ୍ରଧର ବେହେରା, ଅଜୟ ମହାନ୍ତି ଓ ଜାହାନ ପରବିନ, ନୀଳିମା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ, ଦେବାଶିଷ ପାଣିଗ୍ରାହୀ, ଭୋଳାନାଥ ନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଶିକ୍ଷକ ନିରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ ।

### ବିନା ସୂଚନା ଫଳକରେ ହେଉଛି ସରକାରୀ ପ୍ରକଳ୍ପ

# ନିମ୍ନମାନର ରଡ୍ ଓ ଇଟାରେ ଚାଲିଛି କାମ

**ଦୋବଲ, ୨୬ ।୧୨(ସମିସ)**



ସରକାରୀ ନିୟମକୁ ବେଖାତିର କରି ଧାମନଗର ଜଳ ସମ୍ପଦ ବିଭାଗ ଅଧୀନରେ ଚାଲିଛି ଏକ କୋଠା ନିର୍ମାଣ କାମ । ବେଦପୁର ଛକଠାରେ ନିର୍ମାଣାଧୀନ କ୍ଷେତ୍ରପୁର ଜଳ ସମ୍ପଦ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଛି । ପ୍ରାୟ ୪୦ ଫୁଟ୍ ଲମ୍ବ ଓ ୩୦ ଫୁଟ୍ ଚଉଡ଼ାର ଏହି କୋଠା ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲାଗି ନ ଥିବାବେଳେ ପ୍ରକଳ୍ପର ବ୍ୟୟ ଅଟକଳ ସମ୍ପର୍କରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନାହାନ୍ତି ।

ସରକାରୀ ନିୟମ ଅନୁଯାୟୀ, କୌଣସି ତାପଜ ବିଦ୍ୟୁତ କେନ୍ଦ୍ର ବା ଶିଳ୍ପାଞ୍ଚଳର ୧୦୦ କିଲୋମିଟର ପରିଧି ମଧ୍ୟରେ ହେଉଥିବା ସମସ୍ତ ସରକାରୀ ନିର୍ମାଣରେ ‘ଫ୍ଲାଏ ଆଶ୍’ ବା ପାଉଁଶ ଇଟା ବ୍ୟବହାର କରିବା ବାଧ୍ୟତାମୂଳକ । ଏ ନେଇ ୨୦୧୪ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମାତ୍ର ବେଦପୁର ପ୍ରକଳ୍ପ ସ୍ଥଳରୁ ଭଦ୍ରକ ଫେକର ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ମାତ୍ର ୫୦ କିଲୋମିଟର ଭିତରେ ଥିଲେ ହେଁ ଏଠାରେ ବେଆଇନ ଭାବେ ମାଟିଇଟା ବା ପୋଡ଼ା ନାଲି ଇଟା ବ୍ୟବହାର କରାଯାଉଛି । ଧାମନଗର ଅଞ୍ଚଳରେ ୧୦ରୁ ଅଧିକ ପାଉଁଶ ଇଟା କାରଖାନା ଥାଇ ମଧ୍ୟ ସ୍ଥାନୀୟ ଉଦ୍ୟୋଗୀଙ୍କୁ ଅଣଦେଖା କରି ନାଲି ଇଟା ବ୍ୟବହାର କରାଯିବା ବିଭାଗୀୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଖାଲି ଇଟା ନୁହେଁ, କୋଠାର ସ୍ଥାୟିତ୍ୱକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି । ରାଜ୍ୟ ପୂର୍ତ୍ତ ବିଭାଗର ୨୦୨୩ ଜୁନ୍ ୨୩ ତାରିଖ ଚିଠି ସଂଖ୍ୟା ୧୦୪୬୬ ଅନୁସାରେ, ସରକାରୀ ପ୍ରକଳ୍ପରେ ନିର୍ଦ୍ଦିଷ୍ଟ ମାନର ଟିଏମଟି ବାର୍ ବ୍ୟବହାର ପାଇଁ ନିର୍ଦ୍ଦେଶ ରହିଛି । ବିଶେଷକରି ସ୍ରିଷ୍ଟି ଟିଏମଟିର ୧୨ଏମ୍‌ଏମ୍ ଓ ୧୬ଏମ୍‌ଏମ୍ ରଡ୍ ବ୍ୟବହାର ପାଇଁ ଅନୁମତି ଥିବାବେଳେ ଏହି ପ୍ରକଳ୍ପରେ ନିୟମ ବାହାରେ ସ୍ରିଷ୍ଟି ଟିଏମଟିର ୮ ଏମଏମ୍ ଓ ୧୦ ଏମଏମ୍ ରଡ୍ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ମନ୍ତ୍ରୀଙ୍କ ନିକଟତର ବ୍ୟକ୍ତି କାମ କରୁଥିବାରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ ଓ ଜଳ ସମ୍ପଦ ବିଭାଗର ଏସଡିପିଓ ଏ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି । ସରକାରୀ ଅର୍ଥରେ ନିର୍ମାଣ ହେଉଥିବା କୋଠା ପାଇଁ କାହିଁକି ସୂଚନା ଫଳକ ଲଗାଯାଇନାହିଁ? କେଉଁ ଆଧାରରେ ନିୟମକୁ ଉଲ୍ଲଂଘନ କରି ନାଲି ଇଟା ଓ ନିମ୍ନମାନର ରଡ୍ ବ୍ୟବହାର କରାଯାଉଛି? ଶାସକ ଦଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଯୋଗୁଁ ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି କି? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ସ୍ଥାନୀୟ ଜନସାଧାରଣ ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।





# ବିଶ୍ୱ ଓଡ଼ିଆ ଖାଦ୍ୟ ମହୋତ୍ସବ
# ଖାଇଲେ, ପିଇଲେ ନାଚଗୀତରେ ଝୁମିଲେ

ଭୁବନେଶ୍ୱର, ୨୬।୧୨(ସମିସ): ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ବିଶ୍ୱ ଓଡ଼ିଆ ଖାଦ୍ୟ ମହୋତ୍ସବରେ ଦର୍ଶକ ଖାଦ୍ୟ ସାଙ୍ଗକୁ ନାଚଗୀତରେ ଝୁମିଥିଲେ। ପୂର୍ବାହ୍ଣରେ ଆୟୋଜିତ ଖାଦ୍ୟପ୍ରସ୍ତୁତି ପ୍ରତିଯୋଗିତାରେ ୭୦ ଜଣ ମହିଳା ଭାଗନେଇ ଆମିଷ ରୋଷେଇ ପ୍ରସ୍ତୁତ କରିଥିଲେ। ସେଗୁଡିକ ହେଲା ମାଛମାଂସ, ଅଣ୍ଡା, ମାଛ ଆମ୍ବିଳ, ମାଛ କାଞ୍ଜି, ଚିଙ୍ଗୁଡି ପତ୍ର ପୋଡ଼ା, ଜଙ୍ଗଲି ଚିକେନ୍, ଇଲିସି ବେସର, ଚକୁଳି ସହ ଅଣ୍ଡା ଝିଲିମିଲି ଓ ଖାସୀ ମାଂସରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏଠାରେ ଉଲ୍ଲେଖନୀୟ ୧୨-୧୬ ବର୍ଷର କିଶୋର କିଶୋରୀ ବିନା ନିଆଁରେ ସମ୍ପର ଚୁଡା ମିକ୍ସ ସାଲାଡ ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଏଥିରେ ବିଚାରକ ଭାବେ ରୋହିତ ଶ୍ରୀବାସ୍ତବ, ତାପସ କୁମାର ସାହୁ, ଆଶୀଷ କୁମାର ସ୍ୱାଇଁ, ସଞ୍ଜୀବ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଖାଦ୍ୟ ବିଶାରଦ ସଙ୍ଗୀତା ଦାଶ, ଡକ୍ଟର ପ୍ରୀତିପ୍ରତିଭା ଭୋଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ଗୋଷ୍ଠୀଙ୍କ ଦ୍ୱାର ପରିବେଷିତ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଉତ୍ସବରେ ବିପୁଳ ଜନସମାଗମ ହୋଇଥିଲା। ବିଭିନ୍ନ ଖାଦ୍ୟ କୋଠରିଗୁଡିକରେ ଅସମ୍ଭବବ ଭିଡ ଓଡଆ ଖାଦ୍ୟର ଆନନ୍ଦ ନେଇଥିଲେ।

ଓଡ଼ିଶା ଖାଦ୍ୟ ମହୋତ୍ସବ କେବଳ ଖାଇବାର ଏକ ଉତ୍ସବ ନୁହେଁ ବରଂ ଏହା ଏକ ଓଡିଆ ଖାଦ୍ୟ ମହାକୁମ୍ଭ ବୋଲି ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫ର ଚତୁର୍ଥ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଛନ୍ତି।



ସେ କହିଛନ୍ତି ଯେ, ଗୋଟିଏ ଜାଗାରେ ରାଜ୍ୟର ସମସ୍ତ ଖାଦ୍ୟ ଦେଖି ଅଭିଭୂତ ଅଟନ୍ତି। ବିଶେଷକରି ଜନଜାତି ଖାଦ୍ୟ ଏଠି ମିଳୁଥିବାରୁ ସେ ବିଶ୍ୱ ଓଡିଆ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ନବରଙ୍ଗପୁରର ବିଧାୟକ ଗୌରୀଶଙ୍କର ମାଝୀ, ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ କାର୍ଯକ୍ରମର ସଂଯୋଜକ ଭବାନୀ ପ୍ରସାଦ ମିଶ୍ର ଓ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରମୁଖ ଉଦବୋଧନ ଦେଇଥିଲେ।

ଏହି ଅବସରରେ ଅୟୋଜିତ ଆଲୋଚନା ସଭାରେ ଗବେଷକମାନେ କହିଛନ୍ତି ଯେ, ଇତିହାସ, ସଂସ୍କୃତି, ଆଧ୍ୟାତ୍ମିକତା ଓ ଅନ୍ନଦର୍ଶନରେ ଭରପୁର ଓଡ଼ିଶା ଏକ ଏମିତି ରାଜ୍ୟ, ଯାହାର ମୂଳରେ ଅନ୍ନକୁ ବ୍ରହ୍ମ ଭାବେ ଦେଖିବାର ଗଭୀର ଦାର୍ଶନିକ ଚେତନା ନିହିତ। ଏଠାରେ ଖାଦ୍ୟ କେବଳ ଶରୀର ପୋଷଣର ଉପାୟ ନୁହେଁ; ଏହା ଦେବତା ଓ ମାନବ ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି କରୁଥିବା ଏକ ପବିତ୍ର ଅନୁଭୁତି। ଖାଦ୍ୟ ମହୋତ୍ସବ ୨୦୨୫ର ଚତୁର୍ଥ ଦିନରେ ଓଡିଆ ଖାଦ୍ୟ, ଐତିହ୍ୟ, ପୋଷଣ ଏବଂ ଜନଜାତି ପାକ-ପରମ୍ପରା ଶୀର୍ଷକ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାଗଣ ଏହା ଉପରେ ଗଭୀର ଆଲୋକପାତ କରଛନ୍ତି। ଓଡ଼ିଶା ମାଟିରେ ଆୟୋଜିତଏହି ଖାଦ୍ୟ ମହାକୁମ୍ଭରେ, ପରମାତ୍ମା, ମନୁଷ୍ୟ ଓ ଖାଦ୍ୟକୁ କେନ୍ଦ୍ର କରି ଗଢ଼ିଉଠିଥିବା ସମ୍ପର୍କ ଉପରେ ବକ୍ତା ଗଣ ଆଲୋକପାତ କରି କହିଥିଲେ ଆମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓଡ଼ିଶାର ଅନ୍ନଦର୍ଶନର ସର୍ବୋଚ୍ଚ ପ୍ରତୀକ। ଏଠାରେ ରାଜା ଓ ରଙ୍କ ଏକାସଂଗେ ଅନ୍ନ ଗ୍ରହଣ କରନ୍ତି, ଯାହା ସାମାଜିକ ଭେଦଭାବକୁ ଅସ୍ୱୀକାର କରି ସମତାର ମହାବାର୍ତ୍ତା ବହନ କରିଥାଏ। ଏହି ଭୋଗ ପରମ୍ପରା କେବଳ ଧାର୍ମିକ ରୀତିନୀତି ନୁହେଁ; ଏହା ଓଡିଆ ସମାଜର ସାମାଜିକ ସମତା, ଶ୍ରମର ମର୍ଯ୍ୟାଦା ଓ ସାମୂହିକ ଜୀବନବୋଧର ଏକ ଦୃଢ଼ ଦାର୍ଶନିକ ଘୋଷଣା ବୋଲି ବିଶିଷ୍ଟ ଖାଦ୍ୟ ଗବେଷକ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ତେବେ ଓଡିଆ ଖାଦ୍ୟକୁ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚକଗଣ ସମସ୍ୱରରେ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ, ସାମ୍ବାଦିକ ଭକ୍ତ ତ୍ରିପାଠୀ, ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ପ୍ରଫେସର ଚନ୍ଦ୍ରଶେଖର ଦାଶ, ବାରିପଦା ବିଶ୍ୱବିଦ୍ୟାଳୟ ପୂର୍ବତନ ଉପକୁଳପତି ପ୍ରଫେସର ଡା. ପ୍ରଫୁଲ୍ଲ କୁମାର ମିଶ୍ର, ମନ୍ଦିର ଖାଦ୍ୟ ପ୍ରଣାଳୀ ବିଶେଷଜ୍ଞ ହରେକୃଷ୍ଣ ପ୍ରତିହାରୀ, ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ପଣ୍ଡିତ ପ୍ରଫୁଲ୍ଲ ରଥ, ଖ୍ୟାତନାମା ସାମାଜିକ ଉଦ୍ୟମୀ ଦେବୁ ପଟ୍ଟନାୟକ, ପର୍ଯ୍ୟଟନ ବିଶେଷଜ୍ଞ ଡା. ମନୋଜ ମିଶ୍ର, ସାମାଜିକ କର୍ମୀ ଅନିତା ସାବତ, ସାମାଜିକ କର୍ମୀ ମିନତୀ ଦାସ ଯୋଗ ଦେଇଥିଲେ। ଡା. ପଦ୍ମଲୋଚନ ଦାଶ ଚର୍ଚ୍ଚା ସତ୍ରର ସଞ୍ଚାଳନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଓୟୁଏଟି ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୬।୧୨(ସମିସ): ଛାତ୍ରବୃତ୍ତି ଦାବିରେ ଅହୋରାତ୍ର ଆମରଣ ଅନଶନ କରୁଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଛାତ୍ରଛାତ୍ରୀମାନେ ଦୀର୍ଘ ୪ଦିନ ପରେ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ସୁଶାସନ ଦିବସ ଅବସରରେ ସ୍ଥାନୀୟ ବିଧାୟକ ତଥା ଓୟୁଏଟି ବୋର୍ଡ ସଦସ୍ୟ ବାବୁ ସିଂଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବିକୁ ଯଥାଶୀଘ୍ର ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସାୟମିକ ଭାବେ ସ୍ଥଗିତ ରଖାଯାଇଥିବା ଛାତ୍ରଛାତ୍ରୀମାନେ କହିଛନ୍ତି। ସୂଚନାଯୋଗ୍ୟ, କୃଷି ଗବେଷଣାରେ ଉଚ୍ଚଶିକ୍ଷା ଲାଭକରୁଥିବା ପିଜି ଓ ପିଏଚଡି ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ତରରେ କୌଣସି ବୃତ୍ତିରାଶି ମିଳୁନାହିଁ। ଆସାମ, ତାମିଲନାଡୁ, ବିହାର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଗୁଜରାଟ ପରି ରାଜ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଥିବାବେଳେ ଦେଶର ଦ୍ୱିତୀୟ ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ଷ୍ଟାଇପେଣ୍ଡ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

# ନାରାୟଣ ସାହୁଙ୍କୁ ଶୈଳେଶ୍ୱର ନାଟ୍ୟ ସମ୍ମାନ



ଭୁବନେଶ୍ୱର, ୨୬।୧୨(ସମିସ): ଓଡ଼ିଆ ନାଟକ ଓ ସଂଶ୍ଳିଷ୍ଟ ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ପ୍ରଫେସର ଡ଼ଃ ନାରାୟଣ ସାହୁ ଓ ସୁନାମଧନ୍ୟ ସମାଜସେବୀ ଡ଼ଃ ଆଦିତ୍ୟ କୁମାର ମହାନ୍ତି ଯଥାକ୍ରମେ ଆସନ୍ତା ବର୍ଷ - ୨୦୨୬ ର ମର୍ଯ୍ୟାଦାପୂର୍ଣ୍ଣ ଶୈଳେଶ୍ୱର ନାଟ୍ୟ ସମ୍ମାନ ଓ ସଂଯୁକ୍ତା ସମାଜ ସେବା ସମ୍ମାନ ରେ ଅଭିଷିକ୍ତ ହୋଇଛନ୍ତି। ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଏହି ପୁରସ୍କାର, ଉପଢୌକନ ଓ ଅର୍ଥରାଶି ଡ଼ଃ ନାରାୟଣ ସାହୁ ଓ ଡ଼ଃ ଆଦିତ୍ୟ କୁମାର ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୈମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଦାସ ବେନହୁର ଯୋଗ ଦେଇଥିଲେ। ଇଂ ଚନ୍ଦ୍ରଶେଖର ନନ୍ଦଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଉତ୍ସବରେ ଶୈଳେଶ୍ୱର ସଂଯୁକ୍ତା ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ସତ୍ୟକାମ ନନ୍ଦ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟର ଉପଦେଷ୍ଟା ଡାକ୍ତର ଶୈଳେଶ୍ୱର ନନ୍ଦ ଓ ସଂଯୁକ୍ତା ମହାପାତ୍ର ଉଦବୋଧନ ଦେଇଥିଲେ। ଶାସ୍ତ୍ରୀୟ କଣ୍ଠ ଶିଳ୍ପୀ ନାଭ୍ୟା ନନ୍ଦ ସଙ୍ଗୀତ ପରିବେଷଣ କରିଥଲେ। ନିବେଦିତା ମିଶ୍ର ମାନପତ୍ର ପାଠ କରିଥଲେ। ଅନ୍ୟତମ ଟ୍ରଷ୍ଟି ତଥା ଓଡ଼ିଶା ବିଧାନସଭା ର ଅଧିବକ୍ତା ଓ ଆଇନ ପରାମର୍ଶଦାତା ପ୍ରସନ୍ନ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥଲେ।

# ସୈନିକ ସ୍କୁଲର ବାର୍ଷିକୋତ୍ସବ



ଭୁବନେଶ୍ୱର, ୨୬ ।୧୨(ସମିସ): ସୈନିକ ସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ ନିୟମିତ ଭାବେ ଅଧ୍ୟୟନ କରି ଦେଶ ସେବାରେ ଉତ୍ସର୍ଗିକୃତ ଅବଦାନ ରଖିବାକୁ କ୍ୟାଡେଟମାନଙ୍କୁ ପ୍ରେରଣା ଦେଇଛନ୍ତି। ପ୍ରଧାନଶିକ୍ଷକ କର୍ଣ୍ଣେଲ ପଙ୍କଜ କୁମାର ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଦ୍ୱାଦଶ ଶ୍ରେଣୀ ଟପ୍ପର ଭାବେ କ୍ୟାଡେଟ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ଡା. ପ୍ରଦୀପ୍ତ ପଟ୍ଟନାୟକ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଦ୍ୱାଦଶ ଶ୍ରେଣୀ ସର୍ବୋତ୍ତମ ଛାତ୍ର ଭାବେ କ୍ୟାଡେଟ ଆୟୁଷ ରାଜଙ୍କୁ ଲେଫ୍ଟେନାଣ୍ଟ ଜେନେରାଲ କେପିଡି. ସାମନ୍ତ ପୁରସ୍କାର, ଛାତ୍ର କ୍ୟାଡେଟ ଆଲୋକ ଯାଦବ, ଛାତ୍ରୀ କ୍ୟାଡେଟ ଅନୁଷ୍କା ଭାରତୀଙ୍କୁ ସୀତାରାମ ମୂର୍ତ୍ତି ୱେଙ୍କଟା ଚିଭୁକୁଲା ଏବଂ ଇନ୍ଦ୍ରା ୱେଙ୍କଟା ଚିଭୁକୁଲା ବୃତ୍ତି ପୁରସ୍କାର, ଗଣିତ ଓ ପଦାର୍ଥ ବିଜ୍ଞାନରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କୁ ବସୁଦେବ ମହାପାତ୍ର ଶିକ୍ଷାଗତ ଉତ୍କୃଷ୍ଟତା ପୁରସ୍କାର, ଏକାଦଶ ଶ୍ରେଣୀର ଅଭିଷେକ କୁମାରଙ୍କୁ ସର୍ବୋତ୍ତମ କ୍ୟାଡେଟ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି କକ୍ ହାଉସ୍ ଟ୍ରଫି ଭାବେ ଜୁନିଅର ବର୍ଗରେ ମହାନଦୀ ହାଉସ୍ ଓ ସିନିଅର ବର୍ଗ ରେ ବ୍ରହ୍ମପୁତ୍ର ହାଉସ୍‌କୁ ପୁରସ୍କୃତ କରାଯାଇଛି।

# ଉଦ୍ୟୋଗର ବିକାଶ ଓଡ଼ିଶାର ବିକାଶ ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୨୬।୧୨(ସମିସ): ଓଡ଼ିଶା ଉଦ୍ୟୋଗୀ ପରିବାର ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ସଭାପତି ଶିବ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟ ଓ ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ ଉଦ୍ୟୋଗର ବିକାଶ-ଓଡ଼ିଶାର ବିକାଶ ଶୀର୍ଷକ ଆଲୋଚନାଚକ୍ର ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଉଦ୍ୟୋଗୀ ମନରେ ଦୃଢ଼ ସଂକଳ୍ପ ନେବା ସହିତ ତାହାକୁ ବାସ୍ତବ କ୍ଷେତ୍ରରେ ରୂପାୟନ କରିବା, ଶିକ୍ଷା ସହିତ ନିୟମିତ ଅଭ୍ୟାସ ଜାରୀ ରଖିଲେ ଜଣେ ଶ୍ରେଷ୍ଠ ଉଦ୍ୟୋଗୀ ହୋଇପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ମିଶ୍ର ମତବ୍ୟକ୍ତ କରିବା ସହିତ ଉଦ୍ୟୋଗୀଙ୍କ ସୁରକ୍ଷା, ସମୃଦ୍ଧି, ସମ୍ମାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିପାଇଁ ଉଦ୍ୟୋଗୀଙ୍କ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଜେ.ଏସ୍.ଜେ. ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅରଚିଡ଼ ବାଇଓଟେକ ନିର୍ଦ୍ଦେଶକ କିଶୋର କୁମାର ସୁତାର, ଡିଜିଟାଲ ମାର୍କେଟିଙ୍ଗ ମୁଖ୍ୟ ସତ୍ୟଜିତ ପରିଜା ଯୋଗ ଦେଇ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା ଓ କିପରି ତାହାକୁ ପ୍ରତିହତ କରି ଆଗକୁ ଯାଇପାରିବେ ତାହା ଉପରେ ଆଲୋକପାତ କରିବା ସହିତ ବିଭିନ୍ନ ପ୍ରୋଜେକ୍ଟ ଦ୍ୱାରା ଉପକୃତ ହେବା ନେଇ କହିଥିଲେ। ସଙ୍ଗଠିତ ଭାବରେ ରହିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାକୁ ବୁଝିବା ସହ ନିଜ ଉପରେ ଭରସା, ବିଶ୍ୱାସ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ସୁତାର ନିଜ ସଫଳ କାହାଣୀ କହିଥିଲେ। ଏହି ଅବସରରେ ପ୍ରାଉଡ ପରଚେଜର ଭାବେ ଧିରେନ ଶଙ୍କର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିଇଓ ଦିଲେଶ୍ୱର ପ୍ରଧାନ, ନୀଳକଣ୍ଠ ନାୟକ, ବିଜୟ ସାହୁ, ଅମୀୟ ମିଶ୍ର, ବି.ପି. ସିଂ ପ୍ରମୁଖ ନିଜନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସୀତାଂଶୁ ଶେଖର ମହାରଣା ପରିଚାଳନା କରିଥିଲେ। ବିଭିନ୍ନ ସ୍ଥାନରୁ ଉଦ୍ୟୋଗୀ ମାନେ ନିଜନିଜ ବକ୍ତବ୍ୟ ରଖିଥିଲେ।

# ଶିରିଡ଼ି ସାଇ ଟ୍ରଷ୍ଟ ତରଫରୁ ଦିବ୍ୟାଶିଷ ଦିବସ

ଭୁବନେଶ୍ୱର, ୨୬ ।୧୨(ସମିସ): ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଦିବ୍ୟାଶିଷ ଦିବସ ଅବସରରେ ଦୁଇ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ଚେତନା ମାନସିକ ଅନଗ୍ରସର ଅନୁଷ୍ଠାନରେ ଭିନ୍ନକ୍ଷମ ଶିଶୁମାନ ଗହଣରେ ପାଳନ କରାଯାଇଥିଲା। ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଏବଂ ବିଜେପି ନେତା ଗୋଲକ ମହାପାତ୍ର ଯୋଗଦାନ କରି ଗୁରୁଜୀଙ୍କ ଦୀର୍ଘାୟୁ କାମନା କରିଥିଲେ। କସ୍ତୁରବା ନାରୀ ମହଲରେ ଛାତ୍ରଛାତ୍ରୀଙ୍କ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁରୁଜୀଙ୍କୁ ଶିରିଡି ସାଇବାବାଙ୍କ ଅନନ୍ୟ ଭକ୍ତ ବୋଲି ପ୍ରଶଂସା କରିଥିଲେ। ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ଯୋଗଦାନ କରି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

# ‘କୁଆଁରୀ ଲାଜ’ର ଟିଜର୍ ଉନ୍ମୋଚିତ

ଭୁବନେଶ୍ୱର, ୨୬ ।୧୨(ସମିସ): ସ୍ନେହଲତା ପ୍ରଡକ୍ସନସ୍ ବ୍ୟାନରରେ ନିର୍ମିତ ‘କୁଆଁରୀ ଲାଜ’ ମ୍ୟୁଜିକ୍ ଭିଡିଓର ଟିଜର୍ ଏବଂ ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଚରିତ୍ରରେ ଟିଭି ଉପସ୍ଥାପକ ସୁଭୋଜିତ୍ ପଣ୍ଡା ନଜର ଆସିବା ବେଳେ ଏବଂ ନବାଗତା ଅଭିନେତ୍ରୀ ଆଁଚଲ୍, ଅର୍ଚ୍ଚିତା, ଶୁଭେଚ୍ଛା ଏବଂ ପ୍ରଶାନ୍ତ ମଧ୍ୟ ରହିଛନ୍ତି। ସ୍ୱୟଂ ପାତ୍ରୀଙ୍କ କଣ୍ଠସ୍ୱର ଏବଂ ସୁବ୍ରତ ଜେନାଙ୍କ ଲେଖାରେ ଆୟୁଷ୍ମାନ ଏବଂ ଜତିସୁନ୍ଦର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କେ. ଅଭି ଉକ୍ତ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଓ ନୃତ୍ୟ ସଂଯୋଜନା କରିଥିବା ବେଳେ ଧିରେନ୍ ସାହୁ ଡିଓପି ଭାବରେ ଜଡ଼ିତ। ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ସ୍ନେହଲତା ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ଏବଂ ଶୁଭଶ୍ରୀ ପଣ୍ଡା। ‘କୁଆଁରୀ ଲାଜ’ ସ୍ନେହଲତା ପ୍ରଡକ୍ସନସ୍‌ର ୟୁଟ୍ୟୁବ ଚ୍ୟାନେଲରେ ଦେଖିହେବ।

# ମୁକ୍ତେଶ୍ୱର କପ୍ ସେମିରେ ରାମେଶ୍ୱର

ଭୁବନେଶ୍ୱର, ୨୬ ।୧୨ (ସମିସ): ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦଳ ଭାବେ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର



ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୯ ୱିକେଟ୍‌ରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଆଇଆଇସି ୩୦ ଓଭରରେ ୭ ୱିକେଟ୍ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଫରହାନ ଅଖତର ୩୩, ସେକ୍ ରମଜାନ ୪୪ ଓ ସାଇ ସ୍ୱରୂପ ୩୫ ରନ କରିଥିଲେ। ରାମେଶ୍ୱରର ସ୍ୱସ୍ତିକ ଘୋଷାଲଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଲିଓନେଲ ମେହେରଙ୍କ ଅପରାଜିତ ୮୪ ରନ ବଳରେ ରାମେଶ୍ୱର ଦଳ ୨୨.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆର୍ଯ୍ୟନ ସ୍ୱାଇଁ ୩୩ ରନ କରିଥିଲେ। ପୂର୍ବତନ ରଣଜୀ କ୍ରିକେଟର୍ ଆଲୋକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଲିଓନେଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ରାଇଜିଂ ଷ୍ଟୁଡେଣ୍ଟ (କଟକ) ଓ କ୍ଲବ ଦି ରେଡ୍ ଷ୍ଟାର୍ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଖେଳାଯିବ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ୍
# ସେମିରେ ଯୁବା-କଳିଙ୍ଗ ମୁକାବିଲା



ଭୁବନେଶ୍ୱର, ୨୬।୧୨(ସମିସ): ସ୍ଥାନୀୟ ୟୁନିଟ-୧ ବାସ୍କେଟବଲ କମ୍ପ୍ଲେକ୍ସ ପରିସରରେ ଖୋର୍ଦ୍ଧା ଜିଲ୍ଲା ବାସ୍କେଟ୍ ବଲ ସଂଘ ଓ ସ୍ମୃତି କମିଟି ପକ୍ଷରୁ ପ୍ରଥମ ବିଜୟମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ଜେନାଙ୍କ ଦ୍ୱାରା ଆଜି ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଛି। ଆଜିର ଲିଗ୍ ମ୍ୟାଚ୍ ପରେ ସେମିଫାଇନାଲ ଲାଇନ୍ ଅପ୍ ସ୍ଥିର ହୋଇଯାଇଛି। ପୁରୁଷ ବିଭାଗ ସେମିରେ କଳିଙ୍ଗ ବାସ୍କେଟବଲ କ୍ଲବ୍ ସହ ଯୁବା ବାସ୍କେଟବଲ କ୍ଲବ୍‌ର ଓ କଟକ ବାସ୍କେଟବଲ ସଂଘ ସହ ୱିନର ଆସୋସିଏସନର ମୁକାବିଲା ହେବ। ସେହିପରି ମହିଳା ବିଭାଗ କ୍ୱାର୍ଟରରେ ଯୁବା ବାସ୍କେଟବଲ ସଂଘ ୬୪-୪୫ ପଏଣ୍ଟରେ ୱଲଭସ ବାସ୍କେଟବଲ କ୍ଲବ୍‌କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ପରିଡ଼ା ଓ ସେକ୍ ମକ୍‌ବୁଲ ଅଲି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

# ବସ୍ତି ପିଲାଙ୍କ ସହ ବଡ଼ଦିନ

ଭୁବନେଶ୍ୱର, ୨୬।୧୨(ସମିସ): ୱି କ୍ୟାନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନୀଳକଣ୍ଠ ନଗର ସ୍ଥିତ ମୁଣ୍ଡା ବସ୍ତି ଠାରେ ମହାବୀର ସଂଘ ସଂଗଠନ ପରିସରରେ ବଡ଼ଦିନ ପାଳିତ ହୋଇଯାଇଛି।



ଏଥିରେ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଚଇତାଳି ସୋମ ୨୦୦ ପିଲାଙ୍କୁ ଖାତା, କଲମ ଆଦି ପାଠ୍ୟ ଉପକରଣ ସମେତ ବିସ୍କୁଟ, କେକ ତଥା ବିରିୟାନୀ ଖାଇବାକୁ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ସାମନ୍ତରାୟ, ମାହେଶ୍ୱରୀ ନାୟକ, ସାତ୍ୱିକ ଘୋଷ, ସ୍ୱାତି ମିଶ୍ର, ଅଭିରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପିଲାଙ୍କର ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ମନସ୍ତତ୍ତ୍ୱବିତ ଡ. ନିର୍ଲିପ୍ତ ଦାସଙ୍କୁ ‘ପିପୁଲସ ଡାକ୍ତର’ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କୁନି କୁନି ପିଲାମାନେ ନାଚ ଗୀତ ପରିବେଷଣ କରିଥିଲେ।

# ଡିଏଭି ପୋଖରୀପୁଟରେ ପୁରାତନ ଛାତ୍ର ପରିଷଦ ବୈଠକ



ଭୁବନେଶ୍ୱର, ୨୬ ।୧୨(ସମିସ): ଡିଏଭି ପୋଖରୀପୁଟରେ ପୁରାତନ ଛାତ୍ର ପରିଷଦର ଚତୁର୍ବିଂଶତିତମ ବୈଠକ ଅନୁଷ୍ଠିତ ହୋଇଛି। ପରିଷଦ ସଭାପତି ଡାକ୍ତର କାଳି ପ୍ରସାଦ ରଥ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରିଷଦ ସହ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତଥା ପୁରାତନ ଛାତ୍ର ସଂସଦ ସଭାପତି ବିପିନ କୁମାର ସାହୁ ଅଭିଭାଷଣରେ ୨୦୨୬ରେ ପାଳନ ହେବାକୁ ଥିବା ରଜତ ଜୟନ୍ତୀ ଉତ୍ସବକୁ ଅପୂର୍ବ ମିଳନ ପର୍ବ ହେବ ବୋଲି କହିଥିଲେ। ସେ ବିଦ୍ୟାଳୟର ସର୍ବଭାରତୀୟ ତଥା ରାଜ୍ୟସ୍ତରୀୟ ଶ୍ରେଷ୍ଠତ୍ୱ ଉଲ୍ଲେଖ କରି ପୁରାତନ ଛାତ୍ରଛାତ୍ରୀଙ୍କୁ ଦେଶ ଓ ସମାଜ ଗଠନରେ ନିଜକୁ ନିୟୋଜିତ କରି ନୂଆ କୀର୍ତ୍ତି ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଶିତିକଣ୍ଠ ପତିଙ୍କ ମାର୍ଗଦର୍ଶନରେ ୨୦୧୦ରୁ ୨୦୨୫ ପର୍ଯ୍ୟନ୍ତ ପ୍ରତିବର୍ଷ ଜଣେ ଛାତ୍ରକୁ ପରିଷଦର ସଂଯୋଜକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପୁରାତନ ଛାତ୍ର ଓ ବର୍ତ୍ତମାନ ଛାତ୍ରାବାସ ଛାତ୍ରଙ୍କ ମଧ୍ୟରେ ଭଲିବଲ୍ ଓ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ହୋଇଥିଲା। ଯେଉଁଠାରେ ପୁରାତନ ଛାତ୍ରପରିଷଦ ଉଭୟରେ ବିଜୟୀ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଗୁରୁ-ଶିଷ୍ୟ ପରମ୍ପରାର ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

# ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୧୨(ସମିସ): ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ରବୀନ୍ଦ୍ରମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ବିଭିନ୍ନ ସ୍ଥନରୁ ଆସିଥିବା ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶ ତଥ ରାଜ୍ୟର ପ୍ରାୟ



୩୫୦ରୁ ଅଧିକ କଳାକାର ସାମିଲ ହୋଇଛନ୍ତି। ଉଦ୍‌ଘାଟନୀ ସଂଧ୍ୟାରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଶୀ ନୃତ୍ୟଶିଳ୍ପୀ କୁମକୁମ ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଅରୁଣା ମହାନ୍ତି, ସଂସ୍କୃତି ବିଭଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନଙ୍କ ଦ୍ୱାରା ମଙ୍ଗଳାଚରଣ ନମୋ ଦେବୀ ମହାଦେବ ପରିବେଷଣ ହୋଇଥିଲା। ଏହାପରେ ଏକକ ନୃତ୍ୟ ପର୍ଯ୍ୟାୟରେ ବିଶିଷ୍ଟ ନୃତ୍ୟଶିଳ୍ପୀ ବିଷ୍ଣୁ ତତ୍ତ୍ୱଦାସଙ୍କ ଦ୍ୱାରା ଗୀତଗୋବିନ୍ଦରୁ ଉଦ୍ଧୃତ ଅଷ୍ଟପଦୀ କୁରୁ ଯଦୁ ନନ୍ଦନ ପରିବେଷିତ ହୋଇଥିଲ। ଏହାପରେ ଜି ସଞ୍ଜୟ ଓ ଡାଇନା ଘୋଷ ହଂସଧ୍ୱନି ପଲ୍ଲବୀ ଦ୍ୱୈତ ନୃତ୍ୟ ଓ ଅର୍ପିତା ପାଣି ମୋହନା ପଲ୍ଲବୀ ଏକକ ନୃତ୍ୟ ପରିବେଷଣ କରିଥିଲେ। ତୁଳକିତା ତ୍ରିପାଠୀଙ୍କ ଦ୍ୱାରା ଅଭିନୟ ରାମାୟଣରୁ ଉଦ୍ଧୃତ ହେ ବନଗିରି ହେ ଲତାଗିରି, ଫର୍ଜାନା ୟସ୍ମିନ ଓ ତନ୍ମୟ ସର୍ଦ୍ଦାର, ରଭୁତୋଷ ପଣ୍ଡା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଦ୍ୱିଲୀରୁ ଆସିଥିବା ସଂକଳ୍ପ ଫାଉଣ୍ଡେସନ୍ ଶିଳ୍ପୀମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ହୋଇଥିଲା। ଚଳିତ ବର୍ଷ ଉତ୍ସବରେ ସ୍ୱତନ୍ତ୍ର ଆକର୍ଷଣ ପାଲଟିଥିଲା ବର୍ଷମାନଙ୍କରେ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟେ ଉତ୍ସବରେ ନୃତ୍ୟ ପରିବେଷଣ କରିଥିବା ଖ୍ୟାତନାମା ନୃତ୍ୟଶିଳ୍ପୀମାନଙ୍କର ଫଟୋ ପ୍ରଦର୍ଶନୀ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ତାନୀୟା ମଲ୍ଲିକ ସଂଯୋଜନା କରିଥିଲେ।

ସକାଳ THE SAKALA



● ଡାକ୍ତରଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ

# ଉପଖଣ୍ଡ ହସ୍ପିଟାଲରେ ୧୦ରୁ ୧୧ ପର୍ଯ୍ୟନ୍ତ ଓପିଡି ସେବା ବନ୍ଦ

ରାଇରଙ୍ଗପୁର, ୨୬।୧୨(ସମିସ): ଡାକ୍ତର ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବାବେଳେ ସରକାର ଅଣଦେଖା କରିବା ସହ ଦାବି ପୂରଣ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଶୁକ୍ରବାରଠାରୁ ଡାକ୍ତରମାନେ ସମୂହ ପ୍ରତିବାଦ ଆରମ୍ଭ କରିଛନ୍ତି। ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସକାଳ ୧୦ରୁ ୧୧ ପର୍ଯ୍ୟନ୍ତ ୧ ଘଣ୍ଟା ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଓମ୍ସା ଡାକରାକ୍ରମେ ଦାବି ପୂରଣ ନେଇ ଡାକ୍ତରମାନେ ପ୍ରତିବାଦ କରିଛନ୍ତି। ଯାହାକୁ ନେଇ ରୋଗୀ ସେବା ପ୍ରଭାବିତ ହୋଇଛି। ଉକ୍ତ ଆନ୍ଦୋଳନରେ ଶତାଧିକ ଡାକ୍ତର ସାମିଲ ହୋଇଛନ୍ତି। ରାଜ୍ୟରେ ଡାକ୍ତରଙ୍କ ଅଭାବ ସତ୍ତ୍ୱେ ନୂଆ ନିଯୁକ୍ତି ଓ ସ୍ଥାୟୀ ପଦ ସ୍ଥାପନ କରିବାରେ ସରକାର ଅସଫଳ ରହିଛନ୍ତି। ଏଥିସହିତ କାର୍ଯ୍ୟସ୍ଥଳରେ ସୁରକ୍ଷା ଅଭାବ, ବାରମ୍ବାର ହେଉଥିବା ହିଂସା, ଅତିରିକ୍ତ କାମ ଚାପ ଓ ଯଥୋଚିତ ଭତ୍ତା ନ ମିଳିବାକୁ ନେଇ ଡାକ୍ତରମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ଡାକ୍ତରଙ୍କ ଉକ୍ତ ଧର୍ମଘଟ ଦୀର୍ଘଦିନ ଧରି



ସରକାରୀ ଅବହେଳା ପାଇଁ କରାଯାଉଛି ବୋଲି ଓମ୍ସା ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା, ସେବା ଓ ମର୍ଯ୍ୟାଦା ପ୍ରଦାନ କରିବାରେ ନିରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ଧର୍ମଘଟ ରୋଗୀଙ୍କ ବିରୋଧରେ ନୁହେଁ, ବରଂ ସ୍ୱାସ୍ଥ୍ୟସେବାର ଅସୁବିଧା ଓ ସରକାରୀ ଅବହେଳା ବିରୋଧରେ ଆନ୍ଦୋଳନ ବୋଲି ଆନ୍ଦୋଳନରତ ଡାକ୍ତର କହିଛନ୍ତି। ଦୈନିକ ଏକ ଘଣ୍ଟା ଓପିଡ଼ି ସେବା ବନ୍ଦ କରାଯାଉଛି। ଧର୍ମଘଟ ସମୟରେ ଜରୁରୀ ସେବା, ଆପାତ୍କାଳୀନ ବିଭାଗ, ମାତୃ ଓ ଶିଶୁ ସେବା ଓ ସମସ୍ତ ଜୀବନରକ୍ଷକ ସେବା ସମ୍ପୂର୍ଣ୍ଣ ଭାବେ ଜାରି ରହିବ ବୋଲି ଡାକ୍ତର କହିଛନ୍ତି। ଏ ପରିପ୍ରେକ୍ଷୀରେ ଡାକ୍ତରଙ୍କ ପକ୍ଷରୁ ୧୮ ସଫା ଦାବିପତ୍ର ବାମନଘାଟି ଉପଜିଲ୍ଲାପାଳ, ଏସଡିପିଓ, ରାଇରଙ୍ଗପୁର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏ ଅବସରରେ ସଭାପତି ତଥା ଏସଡିଏମଓ ଡା ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପସଭାପତି ଡା ପ୍ରମୋଦ କୁମାର ସାହୁ, ସମ୍ପାଦକ ଡା ସୌମେଶ ମହାନ୍ତ, ସହସମ୍ପାଦକ ଡା ଦେବେନ୍ଦ୍ର ନାଥ ଟୁଡୁ, କୋଷାଧ୍ୟକ୍ଷ ଡା. ମାନସି କିସ୍କୁ, ଡା. ରିତା ଟୁଡୁ, ଡା ଗୋବିନ୍ଦ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହେଉଛି ରୋଗୀ ସେବା

## ପିକ୍ଅପ-ବାଇକ୍ ମୁହାଁମୁହିଁ: ଜଣେ ମୃତ, ଦୁଇ ଗୁରୁତର

ରାଇରଙ୍ଗପୁର/ବହଳଦା, ୨୬।୧୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଉର୍ଦ୍ଧ୍ୱମଗୋଡା ଛକ ନିକଟରେ ପିକଅପ ଓ ବାଇକ ମୁହାଁମୁହିଁ ଧକ୍କାରେ ଜଣକ ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ବହଳଦା ଥାନା ଅନ୍ତର୍ଗତ ଡିଖିଆ ଗ୍ରାମର ରାଜେଶ ହେମ୍ବ୍ରମ (୩୮)। ଗୁରୁତର ଆହତ ଦୁଇ ମୃତକଙ୍କ ଶଳା ଆଶିଷ ପାଲ ଓ କ୍ରିଷ୍ଣା ପାଲ। ଉଭୟ ଆହତଙ୍କ ଘର ଝାଡ଼ଖଣ୍ଡର ମୁସାବଣୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। ରାଜେଶ ସାଙ୍ଗରେ ଦୁଇ ଜଣଙ୍କୁ ଏକ ବାଇକ ଯୋଗେ ଝାଡ଼ଖଣ୍ଡରୁ ଡିଖିଆ ଗ୍ରାମକୁ ନେଇ ଆସୁଥିଲେ। ତିରିଂ ଥାନା ଅନ୍ତର୍ଗତ ଟାଙ୍ଗରପୋଡା ଗ୍ରାମ ନିକଟସ୍ଥ ଉର୍ଦ୍ଧ୍ୱମଗୋଡା ଛକରେ ବିପରୀତ ଦିଗରୁ ଦ୍ରୁତଗାମୀ ପିକଅପ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ରାଜେଶଙ୍କ ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ପ୍ରଚୁର ରକ୍ତସ୍ରାବ ହେବା ସହ ଅନ୍ୟ ଦୁଇ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତିନି ଜଣଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ।

## ରାଜ୍ୟ ଡମ ସମାଜ ବିକାଶ ସମିତି ଅଧିବେଶନ



ବାରିପଦା, ୨୬।୧୨(ସମିସ): ରାଜ୍ୟ ଡମ ସମାଜ ବିକାଶ ସମିତି ପକ୍ଷରୁ ବାରିପଦାସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାର ଡମ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥିଲେ। ଉପସଭାପତି ମନୋରଞ୍ଜନ କୁଅଁରଙ୍କ ସଭାପତିତ୍ୱରେ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ଡମ ସମାଜ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଥିବା ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତାର ୭୮ ବର୍ଷ ପରେ ବି ଡମ ସମାଜ ଅବହେଳିତ ହୋଇରହିଛି। ଡମ ସମାଜର ଏକତ୍ରୀକରଣ, ଶିକ୍ଷାର ବିକାଶ, ନିଶା ନିବାରଣ, ବାଲ୍ୟ ବିବାହ ଉଚ୍ଛେଦ, ଯୌତୁକ ପ୍ରଥା ବନ୍ଦ, କୁପ୍ରଥା ଉଚ୍ଛେଦ, ସ୍ୱାସ୍ଥ୍ୟ ବିକାଶ, ପ୍ରଥା ଓ ବିଧିବିଧାନଗୁଡ଼ିକର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଛି। ସଭାପତି ଭାବେ କରମଚାନ୍ଦ କାଳନ୍ଦୀ, ଉପସଭାପତି ଭାବେ ମନୋରଞ୍ଜନ କୁଅଁର, ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଦାସ, ସହ ସମ୍ପାଦକ ଭାବେ ଅମିତ କୁମାର ବେଠା, କୋଷାଧ୍ୟକ୍ଷ ମୌଲେନ୍ଦ୍ର କାଳନ୍ଦୀ, ଅଡିଟର ଭାବେ ମହେଶ୍ୱର ବେହେରାଙ୍କ ନାମ ଘୋଷଣା କରାଯାଇଛି। ଡମ ସମାଜର ସ୍ୱାର୍ଥହାସଲ ପାଇଁ ଆଗକୁ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ରାଜ୍ୟ ଡମ ସମାଜ ବିକାଶ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ସାନ୍ତାଳୀ ଗାୟକଙ୍କ ଶ୍ରାଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା

ରାଇରଙ୍ଗପୁର, ୨୬।୧୨(ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଭାଉଡତର ଗ୍ରାମର ସୁନାମଧନ୍ୟ ସାନ୍ତାଳୀ ଗାୟକ ସାକିଲା କିସ୍କୁଙ୍କ ଶ୍ରାଦ୍ଧକ୍ରିୟା ପାଇଁ 'ଅଲ୍ ଇଣ୍ଡିଆ ସାନ୍ତାଳୀ ହୋ ମୁଣ୍ଡା ଆର୍ଟିଷ୍ଟ ଆସୋସିଏସନ' ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସାକିଲା କିସ୍କୁ ଏକାଧାରରେ ଜଣେ ଗାୟକ, ସଙ୍ଗୀତ ଲେଖକ ଓ ନିର୍ଦ୍ଦେଶକ ଥିଲେ। ସେ ସଙ୍ଗୀତ ଜଗତରେ ଅନେକ ଆଧୁନିକ ଓ ପାରମ୍ପରିକ ଶ୍ରୁତିମଧୁର ସଙ୍ଗୀତ ପରିବେଷଣ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଉପଲବ୍ଧି ଅନୁସାରେ ପ୍ରଶଂସକଙ୍କ ମଧ୍ୟରେ ଜଣେ ଷ୍ଟାର୍ କଳାକାର ଭାବେ ସୃଷ୍ଟି କରିଥିବାବେଳେ ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ସରଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାନ୍ତାଳୀ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଛି। ଆସନ୍ତା ୨୮ ତାରିଖରେ ସାକିଲାଙ୍କ ଶ୍ରାଦ୍ଧକର୍ମ ଥିବାବେଳେ ଅଲ୍ ଇଣ୍ଡିଆ ସାନ୍ତାଳୀ, ହୋ, ମୁଣ୍ଡା ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ରାମଚନ୍ଦ୍ର ସୋରେନ୍, କୁମାର ସାୱାନ୍, ବାରିଆଳ ହେମ୍ବ୍ରମ, କୁନୁ ମାରାଣ୍ଡି, ରାମଜିତ୍ ସୋରେନ, ସାଲଖାନ ଟୁଡୁ, ଜ୍ୟୋତିର୍ମୟୀ ସୋରେନ୍, ଦେବରାଜ, ଲାଲା, ଶାଙ୍ଗ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କ ଧର୍ମପତ୍ନୀ, ମାଆ ଓ ପୁଅଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ଉତ୍ସବ

ରାସଗୋବିନ୍ଦପୁର, ୨୬।୧୨(ସମିସ): ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ଅନ୍ତର୍ଗତ ଚିଞ୍ଚଲଗଡ଼ିଆ ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ନେଇ ଗୁରୁବାର ବିଦ୍ୟାଳୟ ପରିସରରେ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଗେନ ବିହାରୀ ଜେନା ଏଥିରେ ସଭାପତିତ୍ୱ କରି ୨୫ ବର୍ଷ ପୂର୍ବେ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସରକାରୀ/ବେସରକାରୀ ଅନୁଷ୍ଠାନମାନଙ୍କରେ ନିୟୋଜିତ ଥିବା ଜାଣି ସଫଳ ଛାତ୍ରଛାତ୍ରୀ ବିଦ୍ୟାଳୟର ଅମୂଲ୍ୟ ସମ୍ପତ୍ତି ବୋଲି ସେମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଚାନ୍ଦ, ଅଚ୍ୟୁତାନନ୍ଦ ଗିରି, ଖେଳ ଶିକ୍ଷକ ଗଦାଧର ପାତ୍ର, ରଘୁନାଥ ମହାପାତ୍ର, ବିଜୟ ବେହେରା, ବର୍ତ୍ତମାନର ପ୍ରଧାନଶିକ୍ଷକ ତୁଷାରକାନ୍ତ ପାତ୍ର, ପିଅନ ଗୌରଗୋପାଳ ଦାସ, ସନ୍ତୋଷ ସେନାପତି, କିରାଣି ପ୍ରଫୁଲ୍ଲ ଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ଅମର କୁମାର ଦେ ସଭା ପରିଚାଳନା କରିଥିଲେ। ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଣଜିତ୍ କୁମାର ଦତ୍ତ, ସତ୍ୟଜିତ୍ ଦାସ, ସୁବ୍ରତ ବାରିକ, ଧନଞ୍ଜୟ ସାହୁ, ରାଜୀବ ବାରିକ, ସମୀର ସ୍ୱାଇଁ, ଚିତ୍ତରଞ୍ଜନ ଗିରି, ବିକ୍ରମ କେଶରୀ ପାତ୍ର, ସୁମିତ୍ରା ମହାପାତ୍ର, ଲବଙ୍ଗଲତା ବେହେରା, ମିତାଲି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ଶିକ୍ଷକଙ୍କୁ ଫଟୋଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ପୁରାତନ ଛାତ୍ର ସଂସଦର ସହଯୋଗରେ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ଶିକ୍ଷକଶିକ୍ଷୟିତ୍ରୀ ପ୍ରସ୍ତାବ ଆଗତ କରିଥିଲେ। ଜ୍ୟୋତିର୍ମୟ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ୩୧ରୁ ବେତନଟୀ ୟଙ୍ଗ୍ ମ୍ୟାନ୍ ଆସୋସିଏସନର ସାମ୍ବତ୍ସରିକ ଉତ୍ସବ

ବେତନଟୀ, ୨୬।୧୨(ସମିସ): ଉତ୍ତର ଓଡ଼ିଶାର ପ୍ରତିଷ୍ଠିତ ଐତିହ୍ୟସମ୍ପନ୍ନ ଶିଶୁ ଯୁବ ସାଂସ୍କୃତିକ ଅନୁଷ୍ଠାନ ଯାହା ୧୯୯୩ ମସିହାରେ ପ୍ରତିଷ୍ଠିତ ଏହାର ୩୨ତମ ସାମ୍ବତ୍ସରିକ ଉତ୍ସବ ତଥା ନବ ବର୍ଷକୁ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଏହା ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ରାଜକିଶୋର ନାୟକ, ସାଧାରଣ ସମ୍ପାଦକ ଜନମନ ବେହେରା ଓ ଉପସଭାପତି ଇଂ. ସୁଶାନ୍ତ କୁମାର ବଳାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତାଙ୍କ ପକ୍ଷରୁ ଏହି ଉତ୍ସବରେ ଅନ୍ୟ ବର୍ଷ ପରି ଶିଶୁ, ଯୁବକ, ଗୃହିଣୀ ଓ ଅନ୍ୟାନ୍ୟ ସମସ୍ତ ବର୍ଗର ବ୍ୟକ୍ତିବିଶେଷ ହଜାର ହଜାର ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରାଯାଇଛି। ଏଥିଲେ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ସମେତ ଅନ୍ୟାନ୍ୟ ଅଞ୍ଚଳରୁ ଅନେକ ବର୍ଗର ପ୍ରତିଯୋଗୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ପ୍ରତିଦିନ ଧମାକାଦାର୍ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଖଲାଡ଼ିରେ ଧାନମଣ୍ଡି ଉଦ୍‌ଘାଟିତ

ଉଦଳା, ୨୬।୧୨(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ଖଲାଡି ପଞ୍ଚାୟତର ଖଲାଡି ଲ୍ୟାମ୍ପ ପକ୍ଷରୁ ଆରମ୍ଭ ହେବ ଧାନକିଣା। ଆଜି ଉଦଘାଟିତ ହୋଇଛି ଖଲାଡି ଧାନମଣ୍ଡି। ଧାନମଣ୍ଡି ଉଦଳା ବ୍ଲକ ଖଲାଡି ପଞ୍ଚାୟତର ଚୁଳିଆପୋଷିଠାରେ ଉଦଘାଟିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢେଇ, ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଏହି ମଣ୍ଡିର ଉଦଘାଟନ କରିଛନ୍ତି। ପୂର୍ବ ବର୍ଷ ମାନଙ୍କରେ ମଣ୍ଡିକୁ ନେଇ ଉପୁଜିଥିବା ସମସ୍ୟା ଚଳିତ ବର୍ଷ ନ ଉପୁଜିବ ତାହା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ବିଶେଷକରି ଧାନ କଟନୀ, ଛଟନି, ମିଲରଙ୍କ ମନମାନି ଏ ସବୁ ଦିଗ ଉପରେ ନଜର ଦେବା ପାଇଁ ସ୍ପେସିଆଲ ଟାସ୍କଫୋର୍ସ ଗଠନ କରାଯାଇଛି। ଯାହାକି ଚଳିତ ବର୍ଷ ମଣ୍ଡିରେ ଧାନ କିଣାରେ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ବିଧାୟକ। ଚାଷୀ ଏଫଏକ୍ୟୁ ମାନର ଧାନ ଓ ପ୍ରଥମେ ଟୋକନ ପାଇଥିବା ଚାଷୀଙ୍କ ଧାନ ପ୍ରଥମେ ଗ୍ରହଣ କରାଯିବ। ବ୍ଲକ ଅଧିନରେ ୨୪ଟି ମଣ୍ଡିରେ କିପରି ସଠିକ ଭାବେ ଧାନ କ୍ରୟ ହୋଇପାରିବ, ସେ ନେଇ ପ୍ରଶାସନ ସଜାଗ ଅଛି ବୋଲି କହିଛନ୍ତି ଉପଜିଲ୍ଲାପାଳ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଉଦଳା ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## କରଞ୍ଜିଆରେ ଧାନ କ୍ରୟ ଆରମ୍ଭ



କରଞ୍ଜିଆ, ୨୬।୧୨(ସମିସ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାରେ ଆଜିଠାରୁ ଧାନ ସଂଗ୍ରହ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଆଜି କରଞ୍ଜିଆ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଉପଖଣ୍ଡସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଛି। ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ଜିଲ୍ଲା ଧାନସଂଗ୍ରହ କମିଟି ସଦସ୍ୟ ତଥା ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, କରଞ୍ଜିଆ ତହସିଲଦାର ଦିବାକର ମାଝୀ, ଅତିରିକ୍ତ ସମବାୟ ନିବନ୍ଧକ ବସନ୍ତ ନାଏକ, ସହକାରୀ ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଜୟଦ୍ରଥ ମହାନ୍ତ, କରଞ୍ଜିଆ ଲ୍ୟାମ୍ପସ ଏମଡି ଭବାନୀ ଶଙ୍କର ମହାନ୍ତ, କରଞ୍ଜିଆ ଲ୍ୟାମ୍ପସ ସଭାପତି ଗିରିଶ ଚନ୍ଦ୍ର ନାଏକ, ମନୋଜ ମହାନ୍ତ, ଗଣେଶ ରାଇସ ମିଲ ମାଲିକ ସନ୍ତୋଷ ପଟୱାରୀଙ୍କ ସହିତ କିଛି ଚାଷୀଙ୍କ ଉପସ୍ଥିତିରେ ଧାନ ମଣ୍ଡି ଉଦଘାଟନ ହୋଇଥିଲା। ତେବେ ଚାଷୀଙ୍କୁ ଟୋକନ ମିଳିବା ବିଳମ୍ବ ହେତୁ ମଣ୍ଡିରେ ଗୋଟାଏ ବି ଧାନ ପହଞ୍ଚିନଥିଲା।

ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷ ଧରି ଫେରାର ଥିଲା କଏଦୀ

## କଏଦୀକୁ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପୁଲିସ

ରାଇରଙ୍ଗପୁର, ୨୬।୧୨(ସମିସ): ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ସ୍ପେଶାଲ ଛୁଟିରେ ଆସି ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଫେରାର ଥିଲା। ଦୀର୍ଘଦିନ ପରେ ପୁଲିସ ଧରି ଜେଲ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅରବନ୍ଧ ଗ୍ରାମରେ। ଫେରାର କଏଦୀ ଜଣକ ନଗେନ୍ଦ୍ରନାଥ ବେହେରା। ସେ ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଥିଲା।



୧୯୯୭ରେ ଉକ୍ତ ହତ୍ୟାକାଣ୍ଡ ମାମଲାର ଶୁଣାଣି ହୋଇଥିବାବେଳେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଆଜୀବନ କାରାଦଣ୍ଡ ପ୍ରଦାନ କରାଯାଇଥିବାରୁ ବାରିପଦାସ୍ଥ ମଣ୍ଡଳ କାରାଗାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ୯ ବର୍ଷ ସଜା କାଟିବା ପରେ ଫୋରଲୋ ସ୍ପେଶାଲ ଛୁଟିରେ ଘରକୁ ଯିବାକୁ ଆବେଦନ କରିଥିଲେ। ଜିଲ୍ଲା ଓ ପୁଲିସ ପ୍ରଶାସନ ସହ ଆଲୋଚନା କରି ତାଙ୍କୁ ୧୦।୧।୨୦୦୬ରେ ସ୍ପେଶାଲ ଛୁଟିରେ ଘରକୁ ଛଡ଼ାଯାଇଥିଲା। ତାଙ୍କୁ ୨୪।୧।୨୦୦୬ ସୁଦ୍ଧା ଜେଲକୁ ପ୍ରତ୍ୟାବର୍ତ୍ତନ କରିବାର ଥିଲା। ସେ ଫେରି ନ ଥିଲେ କିମ୍ବା ତାଙ୍କର କୌଣସି ପତ୍ତା ମିଳି ନ ଥିଲା। କିଛିଦିନ ଖୋଜାଖୋଜି କରିବା ପରେ ପୁଲିସ ବି ଚୁପ ହୋଇରହିଯାଇଥିଲା। ତେବେ ଜେଲରୁ କଏଦୀ ପାରୋଲ୍ ଓ ସ୍ପେଶାଲ ଲିଭରେ ଯାଇ ଜେଲ୍‌କୁ ଫେରୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେଲ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଫେରାର କଏଦୀଙ୍କ ଘର ପାଖ ଥାନାରେ ଏତଲା ଦେବା ସହ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ବର୍ତ୍ତମାନର ବାରିପଦା ମଣ୍ଡଳ କାରାଗାରର ବରିଷ୍ଠ ଅଧିକ୍ଷକ ପାରୋଲ ଓ ଛୁଟିରେ ଫେରି ନ ଥିବା କଏଦୀଙ୍କ ଯାଞ୍ଚ ସମୟରେ ଉକ୍ତ ଘଟଣା ସମ୍ମୁଖକୁ ଆସିଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ମାମଲା ରୁଜୁ କରି ଉକ୍ତ କଏଦୀକୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ତାଙ୍କୁ ଘରୁ ଗିରଫ କରିଛି। ଏତେଦିନ ପରେ ପୁଲିସ କଏଦୀ ଜଣକୁ ଧରିବାରେ ସଫଳ ହୋଇଥିବାବେଳେ ରାଇରଙ୍ଗପୁର ଉପଖଣ୍ଡ ଜେଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସେ ବହୁଦିନ ଧରି ଫେରାର ଥିବା ନେଇ ମାମଲା ହୋଇଥିବାରୁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ସଜା ଭୋଗିବେ। ପରେ ବାରିପଦା ମଣ୍ଡଳ କାରାଗାରକୁ ବାକି ଥିବା ଆଜୀବନ କାରାଦଣ୍ଡ ଭୋଗିବାକୁ ଯିବେ ବୋଲି ସୂଚନା ମିଳିଛି।

## ରାସଗୋବିନ୍ଦପୁର ଏଆରଷ୍ଟ୍ରିପ୍ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ସାଂସଦଙ୍କ ଦାବି

ବାରିପଦା, ୨୬।୧୨(ସମିସ): ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାରଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରଠାରେ ଅମର୍ଦ୍ଦା ଏୟାରଷ୍ଟ୍ରିପ ପ୍ରସ୍ତୁତ କରାଯାଇ ଏହାକୁ ଯୁଦ୍ଧ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହାକୁ ସାମରିକ କାର୍ଯ୍ୟରେ କିଛି ବର୍ଷ ବ୍ୟବହାର କରିବା ପରେ ଏହା ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଥିଲା। ଦୀର୍ଘ ବର୍ଷର ଦାବି ସତ୍ତ୍ୱେ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉ ନ ଥିଲେ। ୨୦୨୨ରେ କେନ୍ଦ୍ର ସରକାର ଏହାକୁ ଉଡାନ ଯୋଜନାରେ ସାମିଲ କରି ପାଣ୍ଠି ବରାଦ କରିଥିଲେ। ପ୍ରତିରକ୍ଷା ମନ୍ତ୍ରାଳୟର ସ୍ୱୀକୃତି ମିଳିବା ପରେ ଏଥିପାଇଁ ୧୬୦.୩୫ ଏକର ଜମି ଯୋଗାଇବା ପାଇଁ ରାଜ୍ୟ ସରକାର ୨୬.୦୪ କୋଟି ଟଙ୍କା ପ୍ରତିରକ୍ଷା ବିଭାଗକୁ ପୈଠ କରିସାରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ସର୍ଭେ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇସାରିଛି। ଶିମିଳିପାଳ ଅଭୟାରଣ୍ୟ, ଚାନ୍ଦିପୁର ବନ୍ଦର, କୁଳଡିହା ଅଭୟାରଣ୍ୟକୁ ଲକ୍ଷ୍ୟ ରଖି ଭୁବନେଶ୍ୱର-ଅମର୍ଦ୍ଦା ରୁଟରେ ୯ ଆସନ ବିଶିଷ୍ଟ ଉଡ଼ାଜାହାଜ ଚଳାଇବାକୁ ସ୍ଥିର କରାଯାଇଛି। ଏଥିପାଇଁ ମାତ୍ର ୪୫ କୋଟି ପାଣ୍ଠି ବରାଦ ହୋଇଥିବାରୁ ସାଂସଦ ମମତା ମହାନ୍ତ ଉଦବେଗ ପ୍ରକାଶ କରିବା ସହ ଉଡାନ ଯୋଜନା ମାଧ୍ୟମରେ ଅଧିକରୁ ଅଧିକ ପାଣ୍ଠି ବରାଦ କରିବା ସହ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ରାସଗୋବିନ୍ଦପୁରର ଏୟାରଷ୍ଟ୍ରିପକୁ ବ୍ୟବସାୟିକ ତଥା ଘରୋଇ ଉଡାଣ ପାଇଁ ବ୍ୟବହାର କରାଯାଇପାରିଲେ ଉତ୍ତର ଓଡ଼ିଶା ଓ ସୀମାବର୍ତ୍ତୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଲୋକେ ଉପକୃତ ହେବେ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇଛନ୍ତି। କେବଳ ସାମରିକ ବା ପର୍ଯ୍ୟଟନ ପାଇଁ ଏହାର ବ୍ୟବହାରକୁ ସୀମିତ ନ ରଖି ଘରୋଇ ବ୍ୟବସାୟ ଭିତ୍ତିକ ଉଡ଼ାଜାହାଜ ଚଳାଚଳର ସ୍ୱୀକୃତି ଦେବା ସହ ଉପଯୁକ୍ତ ପାଣ୍ଠି ଯୋଗାଇ ଦେଇ ଏହାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପନ୍ନ କରିବା ପାଇଁ ସାଂସଦ ଶ୍ରୀମତୀ ମହାନ୍ତ ତାଙ୍କ ପତ୍ରରେ ପ୍ରସ୍ତାବ ଦେଇଛନ୍ତି।

## ଫେବୃଆରୀ ୧୬ରୁ ଖିଚିଂ ମହୋତ୍ସବ

ଶୁକ୍ଳି, ୨୬।୧୨(ସମିସ): ତ୍ରୟୋଦଶ ଖିଚିଂ ମହୋତ୍ସବ ନିମନ୍ତେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଦି ଗ୍ରେଟର ଟୁରିଜିମ୍ ଡେଭଲପମେଣ୍ଟ କମିଟିର ସଭାପତି ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁମନ୍ତ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୬ ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବା ନେଇ ସୂଚନା ଦେଇଥିଲେ। ବୈଠକରେ ଅଜୟ ସାହୁ, ଦିଲ୍ଲୀପ ପାଣିଗ୍ରାହୀ, ହିମାଂଶୁ ନାଏକ, ସ୍ୱରୂପ ଚନ୍ଦ୍ର ଦାସ ଅଧିକାରୀ, ସୁଶାନ୍ତ ନାଏକ, କୀର୍ତ୍ତନ ନାଏକ, ନଗେନ ପାଲ୍, ପତି କାରୁଆଙ୍କ ସମେତ କମିଟି ସଦସ୍ୟ ତଥା ବୁଦ୍ଧିଜୀବୀ ଉପସ୍ଥିତ ରହି ମତାମତ ଦେଇଥିଲେ।



## ମହୁଲଡିହା ଓ ଚମ୍ପାଝରରେ ଧାନମଣ୍ଡି ଉଦ୍‌ଘାଟିତ



ମହୁଲଡିହା, ୨୬।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ଖରିଫ ଋତୁ ୨୦୨୫-୨୬ ବର୍ଷ ନିମନ୍ତେ ମହୁଲଡିହା ଲ୍ୟାମ୍ପସର ମହୁଲଡିହା ଓ ଚମ୍ପାଝରଠାରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ଲ୍ୟାମ୍ପର ସଭାପତି ଦିଲ୍ଲୀପ ନାୟକ ଫିତାକାଟି ଦୁଇଟି ମଣ୍ଡି ଉଦଘାଟନ କରିଛନ୍ତି। ମହୁଲଡିହାରେ ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଢ଼େଇ, ନୋଡାଲ ଅଫିସର ଭାବେ ସାତକୋଶିଆ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ, ନିୟନ୍ତ୍ରିତ ବଜାର କମିଟି କରଞ୍ଜିଆର ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପର ସମସ୍ତ ପରିଚାଳନା ସମିତି ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ମହୁଲଡିହା ଲ୍ୟାମ୍ପସରେ ମହୁଲଡିହା, ଭାଲିଆଡାଳ, ସାତକୋଶିଆ ଶାଳଚୁଆ ଓ ଧାତିକିଡିହା ୫ଟି ଓ ଚମ୍ପାଝର ମଣ୍ଡିରେ ଚମ୍ପାଝର ଓ ଜରକ ୨ଟି ପଞ୍ଚାୟତର ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବେ। ମହୁଲଡିହାରେ ସୋମବାର, ମଙ୍ଗଳବାର ଓ ବୁଧବାର ୩ ଦିନ ଚାଷୀ ଧାନ ବିକ୍ରି କରିବେ ବୋଲି ଜଣାପଡ଼ିଛି।

ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଉଦ୍‌ଘାଟିତ

## ପ୍ରଥମ ଦିନ ଦୁଇଜଣ ଚାଷୀଙ୍କ ୧୫୦ କ୍ୱିଣ୍ଟାଲ ଧାନ କ୍ରୟ

ମୋରଡା, ୨୬।୧୨(ସମିସ): ମୋରଡା ବ୍ଲକ ଅନ୍ତର୍ଗତ ଚିତ୍ରଡା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଖରିଫ ଧାନମଣ୍ଡି ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଭାବେ ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ଇନ୍ସପେକ୍ଟର ଅଜିତ ବିଶ୍ୱାଳ, ଉପନିବନ୍ଧକ ଅଶୋକ ପାଣି, ସହକାରୀ ନିବନ୍ଧକ ତୁଷାରକାନ୍ତି ମହାନ୍ତି, ଚିତ୍ରଡା ଲ୍ୟାମ୍ପ ମ୍ୟାନେଜିଂ ଡାଇରେକ୍ଟର ବୀର ପ୍ରସାଦ ଶମ୍ଭୁନାରାୟଣ ରାଠୋର, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମାର୍କେଟିଂ ଇନ୍ସପେକ୍ଟର ପ୍ରବୀର ପାତ୍ର ଓ ବ୍ଲକ ଅଧ୍ୟକ୍ଷ ପୀଥନାଥ ସରେନ ଯୋଗଦେଇଥିଲେ। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାପାଳ ଫିତାକାଟି ମଣ୍ଡିକୁ ଉଦଘାଟନ କରିଥିଲେ। ଚଳିତବର୍ଷ ଧାନ କିଣାରେ ସ୍ୱଚ୍ଛତା ଆଣିବା ପାଇଁ ମଡେଲ ଲ୍ୟାମ୍ପ ନିର୍ମାଣ କରାଯାଇ ସମସ୍ତ ସ୍ଥାନରେ ସିସିଟିଭି ଲଗାଯାଇଥିବାବେଳେ ତଦାରଖ ପାଇଁ ନୋଡାଲ ଅଫିସର ଭାବେ ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଦାୟିତ୍ୱରେ ଅଛନ୍ତି। ଚାଷୀଙ୍କ ପାଇଁ ଉତ୍ତମ ମାନର ସେଡ, ଶୌଚାଳୟ, ଫାଷ୍ଟଏଡ଼, ହେଲ୍ପ ଡେସ୍କ ଆଦି ସମସ୍ତ ସୁବିଧା କରାଯାଇଛି। ଏଫ୍ଏକ୍ୟୁ ଧାନ ବିନା କଟନି ଛଟନିରେ କିଣାଯିବ। ଚାଷୀମାନେ କିପରି ସେମାନଙ୍କର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୪ରୁ ୭୨ ଘଣ୍ଟା ମଧ୍ୟରେ ପାଇପାରିବେ, ଧାନର ଅଭାବୀ ବିକ୍ରି ଯେପରି ନ ହେବ, ସେଥିପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ପ୍ରକାଶ କରିଛନ୍ତି।



■ ବିନା କଟ୍‌ନି ଛଟନିରେ କିଣାଯିବ ଚାଷୀଙ୍କ ଧାନ: ଜିଲ୍ଲାପାଳ

## ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା କାର୍ଯ୍ୟକ୍ରମ

ଶୁକ୍ଳି, ୨୬।୧୨(ସମିସ): ଗାଲୁସାହି ପଞ୍ଚାୟତ ଗାଲୁସାହି ଗ୍ରାମରେ ଏକଜୁଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସାମୁଦାୟିକା ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣରେ ଉନ୍ନତି ଆଣିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁପୋଷଣ କିପରି ଦୂର କରିବା, ବାଲ୍ୟବିବାହକୁ ରୋକିବା ଏବଂ ସାମାଜିକ ଅନ୍ଧବିଶ୍ୱାସକୁ ଦୂର କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗାଲୁସାହି ପଞ୍ଚାୟତର ସମିତିସଭ୍ୟା କନକଲତା ନାଏକ, ଗ୍ରାମର ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ। ମାଆ ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପୋଷଣରେ କିପରି ଉନ୍ନତି ଆଣିପାରିବେ ସେ ବିଷୟରେ ଗାଁ ଲୋକଙ୍କୁ ଜଣାଇଥିଲେ। ଗାଲୁସାହି ଗ୍ରାମର ମାଆମାନେ ମଧ୍ୟ ଗ୍ରାମରେ ହେଉଥିବା ପିଏଲ୍ଏ ବୈଠକଗୁଡ଼ିକ ନିଜ ନିଜର ଅନୁଭୂତି ଲୋକମାନଙ୍କୁ କହିଥିଲେ। ଏହି ସାମୁଦାୟିକ ବୈଠକକୁ ଏକଜୁଟ୍‌ର ପୋଷଣ ସାଥି ପ୍ରିୟଙ୍କା ମହାନ୍ତ, ହାରାମଣି ମହାନ୍ତ, ସସ୍ମିତା ପାତ୍ର ଗାଁ ଲୋକଙ୍କ ସହଯୋଗରେ ଆୟୋଜନ କରିଥିଲେ ଏବଂ ଏକଜୁଟ୍‌ର ସୁପରଭାଇଜର ଶରତ ମହାନ୍ତ ତାଙ୍କୁ ସହଯୋଗ କରିଥିଲେ।

## ଆଜିଠାରୁ ଖଣ୍ଡପଡ଼ା ମହୋତ୍ସବ



**ଖଣ୍ଡପଡ଼ା,୨୬।୧୨(ସମିସ):** ଖଣ୍ଡପଡା କଳାବିକାଶ ପରିଷଦ ଆନୁକୂଲ୍ୟରେ ଆଜିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀମେଳା। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆୟୋଜକ କମିଟି ପକ୍ଷରୁ ପାରମ୍ପରିକ ଚକୁଳିଆ ପଣ୍ଡା ବେଶରେ ଦୁଆର ଦୁଆର ବୁଲି ସଂଗୀତ ମାଧ୍ୟମରେ ମହୋତ୍ସବ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଛି। ସହରାଞ୍ଚଳ ସ୍ଥିତ ମଧୁବନ କ୍ରୀଡ଼ାଙ୍ଗନର ଚର୍ତୁପାଶ୍ୱର୍ ବିଭିନ୍ନ ସାଜସଜ୍ଜା କାର୍ଯ୍ୟ ଜାରି ରହିଥିବା ବେଳେ ପଡ଼ିଆ ପରିସର ସଫା ସୁତୁରା କରାଯାଇଥିବା ଦେଖିବାକୁ ମିଳିଛି। ଏଥିସହିତ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଟ୍ରେନ ଗାଡି, ବୋଟିଂ, ଡ୍ରାଗନ ଦୋଳି, ଜମ୍ପିଂ, ଖାଦ୍ୟ ଷ୍ଟଲ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଷ୍ଟଲ ସ୍ଥାନ ପାଇଥିବା ଆୟୋଜକ କମିଟି ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ଶାନ୍ତିଶୃଙ୍ଖଳା ନିମନ୍ତେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

### ଜିଲ୍ଲା ମହୋତ୍ସବର ତୃତୀୟ ସନ୍ଧ୍ୟା

# ମଞ୍ଚରେ ଉଠିଲା ମେଡିକାଲ କଲେଜ ନିର୍ମାଣ ଦାବି

ନୟାଗଡ଼,୨୬।୧୨(ସମିସ)



ନୟାଗଡ଼ ଜିଲ୍ଲା ମହୋତ୍ସବ ତଥା ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ତୃତୀୟ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୂଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ରଣପୁର

### ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ ବେଳେ ହୋହଲ୍ଲା

ଏନ୍‌ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଗଣିଆ ବ୍ଲକ ଅଧ୍ୟକ୍ଷ ଝୁନା ଜେନା, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ରଖିବା ସହ ନୟାଗଡ଼ର ଧାର୍ମିକ ଓ ପର୍ଯ୍ୟଟନ ପୀଠ ଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର ନୟାଗଡ଼ ଜିଲ୍ଲା ଗଠନ ଠାରୁ ମହୋତ୍ସବ ଅଭିବୃଦ୍ଧି ନେଇ ବକ୍ତବ୍ୟ ରଖିଥିଲେ। ନୟାଗଡ଼ ଜିଲ୍ଲାର କଳା, ସଂସ୍କୃତି, ଜୀବନ, ଜୀବିକାକୁ, ଐତିହ୍ୟକୁ ଏକାଠି କରି ପାରୁଛି ଜିଲ୍ଲା ମହୋତ୍ସବ ବୋଲି ଦଶପଲ୍ଲା ଏନ୍‌ଏସି ଅଧ୍ୟକ୍ଷା କହିଥିଲେ। ଏହା ସହିତ ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ଦାବି ରଖିଥିଲେ। ଗଣିଆ ବ୍ଲକ ଅଧ୍ୟକ୍ଷା ମଧ୍ୟ ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ଦାବି କରିଥିଲେ।

ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ, ରାଜ୍ୟରେ ଜିଲ୍ଲାର ସ୍ଥିତି, ସ୍ୱାଧୀନତା ସଂଗ୍ରାମୀଙ୍କ କଥା କହିଥିଲେ। ନେପାଳ ଗାଁକୁ ରୂପାନ୍ତରିତ ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ କରାଯାଇଥିବା ପ୍ରୟାସ ବିଷୟରେ କହିଥିଲେ। ନୟାଗଡ଼ ଜିଲ୍ଲାକୁ ନେଇ ମୁଁ ଗର୍ବ କରେ ବୋଲି ଅଧ୍ୟକ୍ଷ କହିଥିଲେ। ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ତାଙ୍କ ବକ୍ତବ୍ୟ ପ୍ରଦାନବେଳେ ମେଡିକାଲ କଲେଜ ନିର୍ମାଣ ପାଇଁ ଦାବି କରି ଅନେକ ଯୁବକ ହୋ ହାଲ୍ଲା କରିଥିଲେ। ମୁଖ୍ୟ ଅତିଥି ନୟାଗଡ଼ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ତାହାକୁ ଏଡ଼ାଇ ଯୁବକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କହିଥିଲେ। ତୃତୀୟ ସନ୍ଧ୍ୟାରେ କବି ପ୍ରଭାସିନୀ ବରାଡଙ୍କ ଲିଖିତ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ପ୍ରଦୀପ୍ତ ରଥ, ମିତା ପଟ୍ଟନାୟକ ସଂଯୋଜନା କରିଥିଲେ। ଆଜିର ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍‌?ାରା ନୟାଗଡ଼ ବନ୍ଦନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଭୁବନେଶ୍ୱର ଆଦିଦ୍ୟ ଡାନ୍ସ ଗ୍ରୁପ, ପୁରୀ ମାଲଖମ୍ବ ଦର୍ଶକଙ୍କୁ ବିମୋହିତ ହୋଇଥିଲା। ଏହା ସହିତ ସିନେ ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ ଶୀତୁଆ ସନ୍ଧ୍ୟାକୁ ସରଗରମ କରିଥିଲେ।

### କାଗଜ ଧରି ପଢ଼ିଲେ ଅତିରିକ୍ତ ଜିଲ୍ଲାପାଳ

ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ସଭାପତିତ୍ୱ କରୁଥିବା ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଅଭିଭାଷଣ ବେଳେ କାଗଜ ଦେଖି ପଢ଼ିବାକୁ ନେଇ ମଞ୍ଚ ତଳେ ଚର୍ଚ୍ଚା ଜୋର୍ ଧରିଛି। ନୟାଗଡ଼ ଜିଲ୍ଲାରେ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରିବା ପରେ ବି କାଗଜ ଧରି ପଢ଼ିବାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

### ଦର୍ଶକ ଗ୍ୟାଲେରୀରୁ ଚୌକି କାଢ଼ି ନିଆଗଲା

ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜର୍ମାନୀ ହ୍ୟାଙ୍ଗର ଲାଗିଥିବା ବେଳେ ଦର୍ଶକ ବସିବାକୁ ପଡ଼ିଥିବା ଶତାଧିକ ଚୌକି କାଢ଼ି ନିଆ ଯାଇଛି। ଜିଲ୍ଲା ମହୋତ୍ସବ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ମହୋତ୍ସବ ନିନ୍ଦିତ ହେଉଛି। ମହୋତ୍ସବ ପାଇଁ ପ୍ରଶାସନର ଆନ୍ତରିକତା ନଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### ତୃତୀୟ ସନ୍ଧ୍ୟାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ

ଜିଲ୍ଲା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା। ଯାହାକୁ ନେଇ ମହୋତ୍ସବ ପଡ଼ିଆରେ ବେଶ ଗହଳି ଦେଖା ଯାଇଥିଲା। ବିଭିନ୍ନ ଷ୍ଟଲରେ ବ୍ୟବସାୟ ବଢ଼ିଥିବା ବେଳେ ଅନୁଷ୍ଠିତ ପୁସ୍ତକ ମେଳାରେ ମଧ୍ୟ ବହି ବିକ୍ରି ପ୍ରଥମ ଦୁଇ ଦିନ ଅପେକ୍ଷା ବୃଦ୍ଧି ପାଇଥିବା ଦେଖାଯାଇଥିଲା।

## ଦୁଇଦିନ ପରେ ଖୋଲିବ ମଣ୍ଡି; ୨ ମାସ ହେଲା ସୋସାଇଟିରେ ତାଲା

### ପ୍ରଶାସନ ନିରବ; ଜିଲ୍ଲାପାଳଙ୍କୁ ଫେରାଦ ହେଲେ ପରିଚାଳନା ପରିଷଦ ଓ ଚାଷୀ



ଓଡ଼ଗାଁ,୨୬।୧୨(ସମିସ): ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ବାହାଡ଼ାଝୋଲା କୃଷି ସମବାୟ ସମିତିରେ ୨ ମାସ ଧରି ଅଚଳାବସ୍ଥା ଲାଗିରହିଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି, ଯାହା ସମସ୍ତଙ୍କୁ ବ୍ୟଥିତ କରିଛି। ଆର୍ଥିକ ଅନିୟମିତତା, ଅଫିସ୍ ନିର୍ଦ୍ଦେଶ ଓ ପରିଚାଳନା ପରିଷଦକୁ ଅବମାନନା ଭଳି ଅଭିଯୋଗରେ ସଂପାଦକ ବିଷ୍ଣୁ ପ୍ରସାଦ ନିଶଙ୍କୁ ପରିଚାଳନା ପରିଷଦ ନଭେମ୍ବର ୩ରେ ନିଲମ୍ବନ କରିଥିଲା। ଆର୍ଥିକ ଅନିୟମିତତା ନେଇ ବହୁବାର ଉପ-ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ ଓ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଂପାଦକଙ୍କ ନିକଟରେ ଅଭିଯୋଗ କରିବା ପରେ ବ୍ୟାଙ୍କ ସଂପାଦକ ଏନେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ମିଳିତ ତଦନ୍ତ ରିପୋର୍ଟ ଅନୁସାରେ ଅନିୟମିତତା ପ୍ରମାଣ ପାଇ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଡିସେମ୍ବର ୧୨ରେ ବେରୁଆଁବାରି ସଂପାଦକଙ୍କୁ ବାହାଡ଼ାଝୋଲା ସମିତିର ଅତିରିକ୍ତ ଦାୟିତ୍ୱ ଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସେ ଦାୟିତ୍ୱ ଗ୍ରହଣ କରିନଥିବା ବେଳେ ସମିତିରେ ଅଚାଳାବସ୍ଥା ଲାଗି ରହିଛି। ଜିଲ୍ଲାରେ ଆଉ ଦିନେ/ଦୁଇଦିନ ମଧ୍ୟରେ ଧାନମଣ୍ଡି ଉଦ୍‌ଘାଟିତ ହେବ; ମାତ୍ର ୨ମାସ ହେଲା ସମିତିରେ ତାଲା ପଡ଼ିଥିବାବେଳେ ଅତିରିକ୍ତ ସଂପାଦକଙ୍କ କାର୍ଯ୍ୟରେ ଯୋଗନଦେବା ନେଇ ଅଞ୍ଚଳବାସୀ ବ୍ୟତିବ୍ୟସ୍ତ ହୋଇ ଶୁକ୍ରବାର କେତେକ ଚାଷୀ ଓ ପରିଚାଳନା ପରିଷଦ ଜିଲ୍ଲାପାଳଙ୍କୁ ଭେଟି ବାହାଡ଼ାଝୋଲା ସମିତିକୁ ନୂତନ ସଂପାଦକ ଦେବାକୁ ଦାବି କରିଛନ୍ତି। ଏବଂ ଏନେଇ ଉପ-ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କୁ ଯୋଗାଯୋଗ କରିବା ପରେ ଦିନେ/ଦୁଇଦିନ ମଧ୍ୟରେ ନୂତନ ସଂପାଦକ କାର୍ଯ୍ୟରେ ଯୋଗ ଦେବା ସହିତ ଧାନ ମଣ୍ଡି ଖୋଲାଯିବ ବୋଲି କହିଛନ୍ତି।

## ଏକାଠି ହେଲେ ଗାଁର ୨ ଶହ ଝିଅ; ସାଉଁଟିଲେ ସ୍ମୃତି



**ଭାପୁର,୨୬।୧୨(ସମିସ):** ବିଭୋର କଲା ମା' ମାଟିର ମହକ। ଗାଁ ଦାଣ୍ଡର ଧୂଳିଖେଳ ସାଥୀ, ପିଲାବେଳର ଅଭୁଲା ଦିନକୁ ପୁନର୍ବାର ଉଜାଗର କରିବାକୁ ଟାଣି ଆଣିଲା ସେହି ଗାଁ। ଫଳରେ ଏକାଠି ହୋଇଛନ୍ତି ବିବାହ କରି ଦୂରଦୂରାନ୍ତରେ ରହୁଥିବା ଗାଁର ୨ ଶହ ଝିଅ। ଭୋଜିଭାତ କରି ପୁଣି ସେହି ପିଲାଦିନର ସ୍ମୃତି ଉଜାଗର କରିଛନ୍ତି। ଏପରି ଏକ ସମାବେଶ ଆୟୋଜିତ ହୋଇଥିଲା ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ। ଗାଁର ଝିଅମାନେ ବିବାହ କରି କିଏ ଓଡିଶା ବାହାରେ ତ କିଏ ବିଦେଶରେ ରହୁଛନ୍ତି। ହେଲେ ନିଜ ଗାଁର ସେହି ନଦୀକୂଳିଆ ସୁଲୁସୁଲିଆ ପବନ ଓ ସ୍ୱଚ୍ଛ ନିର୍ମଳ ପରିବେଶ ସେମାନଙ୍କୁ ପୁଣି ଟାଣିଆଣେ ଗାଁ ଆଡ଼କୁ। ପୁରୁଣା ବର୍ଷକୁ ବିଦାୟ ଦେବା ଓ ନୂତନ ବର୍ଷକୁ ସ୍ୱାଗତ କରିବାରେ ସାରା ପୃଥିବୀ ବ୍ୟସ୍ତ ଥିବାବେଳେ ପଦ୍ମାବତୀ ଗାଁର ୨ଶହ ବିବାହିତ ଝିଅ ମହାନଦୀ କୂଳ ବାଲୁଙ୍କେଶ୍ୱର ଦେବ ମନ୍ଦିରଠାରେ ଏକାଠି ହୋଇ ପିଲାଦିନର କନିଷ୍ଠ ଓ ବରିଷ୍ଠଙ୍କୁ ଏକାଠି କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ନିଜେ ଝିଅମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସଂଘମିତ୍ରା ସାହୁ, ପ୍ରଭାସିନୀ ମହାପାତ୍ର, ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ଭାଗରେ ରହି ଏହାର ଆୟୋଜନ କରିଥିଲେ। ସବୁଠାରୁ ଉଲ୍ଲେଖ ଯୋଗ୍ୟ କଥାହେଲା ଏହି ମହାମିଳନରେ ୨୦ ବର୍ଷରୁ ଆରମ୍ଭ କରି ୮୦ ବର୍ଷର ବୟସ୍କାମାନେ ସାମିଲ ହୋଇଥିଲେ। ସବୁଠାରୁ ବୟସ୍କା ସୀତା ଦେବୀ(୮୦), ସବିତା ସାହୁ(୭୫) ଓ ବାସନ୍ତୀ ମହାରଣା(୭୫)ଙ୍କୁ କନିଷ୍ଠ ଭଉଣୀମାନେ ସମ୍ବର୍ଦ୍ଧିତ କରିଥିଲେ।

## ଶରଣକୁଳ ସର୍ବଭାରତୀୟ ମହିଳା ଫୁଟବଲ: ସୁନ୍ଦରଗଡ଼ ବିଜୟୀ

**ଶରଣକୁଳ,୨୬।୧୨(ସମିସ):** ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ୩ୟ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଖେଳ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ଓ ମା ତାରିଣୀ ଫୁଟବଲ୍ ଏକାଡେମୀ କେଉଁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଦଳ କେଉଁଝରକୁ ୧-୦ ଗୋଲରେ ପରାସ୍ତ କରିଛି। ରୀନା ତିର୍କୀ ଖେଳ ପରିଚାଳନା କରିଥିବା ବେଳେ ଭାରତୀ ମହାନ୍ତି, ସୀତା ମାରାଣ୍ଡି, ଓ ବାଳମତୀ ଓରାମ ଲାଇନରେ ସହାୟତା କରିଥିଲେ। ଖଣ୍ଡପଡା ବିଧାୟକ ଦୂଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଏବଂ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ, ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମାଜସେବୀ ଜୟନ୍ତ କୁମାର ନାୟକ, ପରେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଖେଳରେ ଶିବାନୀ ମୁଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ କଟକ

**ଗଣିଆ,୨୬।୧୨(ସମିସ):** ଗଣିଆ ବ୍ଲକ ବେଲପଡାପାଟଣାରେ ଥିବା ରଘୁନାଥ ଜୀଉ କ୍ଲବ ଆନୁକୂଲ୍ୟରେ ୪୮ ତମ ଦୟାନିଧି ସାହୁ ଏବଂ ସୁଦର୍ଶନ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେଲପଡାପାଟଣା ସରପଞ୍ଚ ସୁଧାଂଶୁ ଗଣ୍ଡିଆ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ମହାଦେବ ମହାରଣା ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ବିଏନ୍‌ସିସି କଟକ ବନାମ ନିହାର-୧୧। ଟସ୍ ଜିତି ନିହାର-୧୧ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବିଏନ୍‌ସିସି କଟକ ସୁଶାନ୍ତ ପଣ୍ଡାଙ୍କ ଧୁଆଁଧାର ୧୦୪ ରନ୍ ବଳରେ ନିର୍ଦ୍ଧାରିତ ୧୮ ଓଭରରେ ବିଶାଳ ୨୭୭ ରନ୍ କରିଥିଲା। ଜବାବରେ ନିହାର-୧୧ ମାତ୍ର ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ କଟକ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚ ପରିଚାଳନା କରିଥିଲେ ସମୀର କୁମାର ମହାପାତ୍ର ଏବଂ ତ୍ରିଲୋଚନ ବସ୍ତି।

## ବରିଷ୍ଠ ପାଲାଗାୟକଙ୍କୁ ବେଦାନ୍ତ କେଶରୀ ସମ୍ମାନ

**ଭାପୁର,୨୬।୧୨(ସମିସ):** ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଦୂବପଲ୍ଲୀ ଗ୍ରାମର ବିଶିଷ୍ଟ ପାଲାଗାୟକ ରମେଶ ଚନ୍ଦ୍ର ପଣ୍ଡାଙ୍କୁ 'ନ୍ୟାସନାଲ୍ ଅନରାରୀ ଆୱାର୍ଡସ୍ କାଉନ୍‌ସିଲ୍' ନୂଆଦିଲ୍ଲୀ ତରଫରୁ 'ବେଦାନ୍ତ କେଶରୀ' ସମ୍ମାନ ପ୍ରଦାନ କରାଯାଇଛି। ବେଦ ବିଶାରଦ ଭାବେ ଶ୍ରୀ ପଣ୍ଡାଙ୍କର ବେଶ୍ ଖ୍ୟାତି ରହିଛି। ଓଡିଆ ଗ୍ରାମ୍ୟ ସଂସ୍କୃତିର ପ୍ରତୀକ ପାଲାକୁ ବଞ୍ଚାଇ ରଖିବା ସହ ଅଧିକ ଲୋକାଭିମୁଖୀ କରାଇବାରେ ସେ ଅଗ୍ରଗଣ୍ୟ।

## ଓଡ଼ଗାଁ ପୁଲିସ ଦ୍ୱାରା ୩ ୱାରେଣ୍ଟି ଗିରଫ

**ଓଡ଼ଗାଁ,୨୬।୧୨(ସମିସ):** ଓଡ଼ଗାଁ ପୁଲିସ ସ୍ୱତନ୍ତ୍ର ୱାରେଣ୍ଟ ବଳରେ ଗୁରୁବାର ରାତିରେ ୩ ୱାରେଣ୍ଟିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ। ସେମାନେ ହେଲେ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗାଁର ଜି. ଗାଣ୍ଡୁ ପାତ୍ର, ରଙ୍ଗଣୀପାଟଣା ପଞ୍ଚାୟତ ରଙ୍ଗଣୀପାଟଣା ଗାଁର ମୋହନ ସାହୁ ଏବଂ ସୁନାମୁହଁ ପଞ୍ଚାୟତ ବାଲିସଂଶା ଗାଁର ମିଥୁନ ଡାକୁଆ। ଏମାନେ ବିଭିନ୍ନ ମାମଲାରେ ଜଡ଼ିତ ଥାଇ ଦୀର୍ଘଦିନ ଧରି ଫେରା ଥିଲେ।

### ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

# ନିର୍ବାଚିତ ପ୍ରତିନିଧିଙ୍କ ମନୋଭାବ ଜଣେ ସେବକ ହେବା ଆବଶ୍ୟକ







ନୟାଗଡ଼ ୨୬।୧୨(ସମିସ)

ବିଜୁ ଜନତା ଦଳ ୨୯ ତମ ପ୍ରତିଷ୍ଠା ଦିବସ ଆଜି ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଠିଥଲା। ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ, ସାମନ୍ତବାଦୀ ଚିନ୍ତାଧାରା ଏବେ ବି ଆମ ସମାଜରେ ବଳବତ୍ତର ଅଛି। ଜଣେ ସାଧାରଣ ମଣିଷ ହୋଇ ଲୋକଙ୍କ ସେବା କରିବା ମୋ ଲକ୍ଷ। ନିର୍ବାଚିତ ପ୍ରତିନିଧି ମନୋଭାବ ଜଣେ ସେବକର ହେବା ଆବଶ୍ୟକ ବୋଲି କହିଥିଲେ। ଦଳକୁ ସଂଗଠିତ କରିବାର ମନ୍ତ୍ର ଦେଇଥିଲେ। ବିଜୁ ବାବୁଙ୍କ ନୀତି ଓ ଆଦର୍ଶକୁ ନେଇ ଆଗକୁ ଯିବା ସହ ନବୀନଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ।

ବୈଠକରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ କ୍ଷୀରୋଦ କୁମାର ମହାପାତ୍ର, ସରୋଜ କୁମାର ରଣସିଂ, ଝିଲ୍ଲି ପ୍ରଧାନ, ମହିଳା ବିଜେଡି ସଭାପତି ବିରଜା ଲକ୍ଷ୍ମୀ ସାହୁ, ନୟାଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ନିରଞ୍ଜନ ମିଶ୍ର, ଦନାର୍ଦ୍ଧନ ଦଳବେହେରା, ନିତ୍ୟାନନ୍ଦ ପ୍ରଧାନ, ବସନ୍ତ ରଥଶର୍ମା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ଶେଖ୍ ନଇମ୍, ମହିଳା ନେତ୍ରୀ ମାଳତୀ ଗୁରୁ ପ୍ରମୁଖ ଡବଲ ଇଞ୍ଜିନ ସରକାର ମିଥ୍ୟା ପ୍ରତିଶ୍ରୁତି, ସରକାରଙ୍କ ଶୋଷଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ।

**ଦଶପଲ୍ଲା:** ସାମୟିକ ବ୍ୟବଧାନ ପରେ ଆଜି ଦଶପଲ୍ଲା ବିଜେଡି ତାହାର ପୂର୍ବ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶନ କରିଛି। ଦଳର ୨୯ ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶରେ ବିଭିନ୍ନ ବର୍ଗରୁ ୧ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମାବେଶ ହୋଇଥିଲା। ପ୍ରାରମ୍ଭରେ ଏକ ଶୋଭାଯାତ୍ରାରେ କର୍ମୀମାନେ ଦଶପଲ୍ଲା ସହର ପରିକ୍ରମା କରିଥିଲେ। ରାସ୍ତାରେ ବିଭିନ୍ନ ମହାପୁରୁଷଙ୍କ ସମେତ ମେଡିକାଲ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ସ୍ଥାନୀୟ କୁଆଁରିଆ ଡ୍ୟାମ୍ ପରିସରରେ ସ୍ଥାନୀୟ ବିଧାୟକ ରମେଶ ବେହେରାଙ୍କ ପୌରହିତ୍ୟ ରେ ଦଳୀୟ ସାଂଗଠାନିକ ସଭା ଆୟୋଜିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ, ବସନ୍ତ ପ୍ରଧାନ, ବ୍ଲକ ସଭାପତି ସୁଦାମ ନାୟକ ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ରଖିଥିଲେ।

**ଭାପୁର/ଖଣ୍ଡପଡ଼ା:** ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ବିଜୁଜନତା ଦଳର ଗଡ଼। ଏବେ ବି ଭାପୁର ଓ ଖଣ୍ଡପଡ଼ା ବ୍ଲକରେ ବିଜେଡି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରବଳ ଜନସମର୍ଥନ ରହିଛି। ମାତ୍ର କିଛି ଗୃହଶତ୍ରୁ ବିଭୀଷଣଙ୍କ ପାଇଁ ଦଳ ହାରିଗଲା ବୋଲି ଦଳର ପ୍ରତିଷ୍ଠା ଦିବସରେ ଆୟୋଜିତ କର୍ମୀ ସମ୍ମିଳନୀରେ ନେତାମାନେ କହିଛନ୍ତି। ଦଳର ଖଣ୍ଡପଡା ବ୍ଲକ ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଭାପୁର ଦମକଳକେନ୍ଦ୍ର ସମ୍ମୁଖରେ ଥିବା ଦଳର କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ଆୟୋଜିତ ହୋଇଥିଲା। ୨ ବ୍ଲକର ୪୨ ପଞ୍ଚାୟତ ଓ ଖଣ୍ଡପଡା ଏନ୍‌ଏସିର ୫ ଶହ ଛାମୁଆ ନେତା ଓ କର୍ମୀ ଯୋଗଦେଇ ଦଳକୁ ମଜଭୂତ କରିବା ସହ ଦଳର ନିର୍ବାଚନ ମଣ୍ଡଳୀ ମୁଖିଆ ବେଣୁଧର ପ୍ରଧାନ ଓ ସାବିତ୍ରୀ ପ୍ରଧାନଙ୍କ ସହ ରହି ଦଳକୁ ସୁଦୃଢ଼ କରିବାକୁ ଶପଥ ନେଇଥିଲେ। ସମ୍ମିଳନୀରେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର କୁମାର ଧଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ବେହେରା, ଭାପୁର ବ୍ଲକ ସଭାପତି ଶିବପ୍ରସାଦ ଷଡଙ୍ଗୀ, ଯୁବ ସଭାପତି ସନ୍ତୋଷ କୁମାର ପାଲଟାସିଂହ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଅଖିଳ କୁମାର ପଣ୍ଡା, ସନ୍ତୋଷ କୁମାର ତ୍ରିପାଠୀ, ମଧୁସୂଦନ ରଥ, ବୈକୁଣ୍ଠ ନାଥ ଗୋଛି, ଲିଙ୍ଗରାଜ ଦାଶ, ରବୀନ୍ଦ୍ର ନାଥ ପଟ୍ଟନାୟକ, ବୁଲୁ ଦାଶ, ମାଧବ ଚନ୍ଦ୍ର ସାହୁ, ଜୟକୃଷ୍ଣ ବେହେରା, ସମରେନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ସ୍ୱାଇଁ, ଗୋପାଳ କୃଷ୍ଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବାଳଗୋପାଳ ଷଡ଼ଙ୍ଗୀ, ରମେଶ ପ୍ରସାଦ ରାଉତ, ସୁଦର୍ଶନ ବେହେରା, ରବୀନ୍ଦ୍ର ନାଥ ସାହୁ, ପଠାଣୀ ପଟ୍ଟନାୟକ, ନବକିଶୋର ସାହୁଙ୍କ ସହ ଅନେକ ଛାମୁଆ ନେତା ଉପସ୍ଥିତ ଥିଲେ।





# ପର୍ଯ୍ୟଟନ ଋତୁରେ ପିଆଜ, ରସୁଣ ଦର ଦିଗୁଣ

## ୮୦ ତଳକୁ ଖସୁନି ଟମାଟ, ଭେଣ୍ଡି, କଲରା, ପୋଟଳ



ଭୁବନେଶ୍ୱର୨୬।୧୨(ସମିସ): ଆଉ ମାତ୍ର ଦିନ କେଇଟା ପରେ ସରିବ ୨୦୨୫ ବର୍ଷ। ହେଲେ ବର୍ଷ ଆରମ୍ଭରୁ ରହିଥିବା ବର୍ଦ୍ଧିତ ପରିବା ଦର ତଳକୁ ଖସିଲା ନାହିଁ। ବର୍ତ୍ତମାନ ପର୍ଯ୍ୟଟନ ଋତୁରେ ବିଭିନ୍ନ ସ୍ଥାନରେ ଭୋଜିର ଆସର ଜମୁଥିବା ବେଳେ ପରିବା ଦର ଆକାଶ ଛୁଆଁ ହୋଇଛି। ତେବେ ପରିବା ସାଙ୍ଗକୁ ନିୟମିତ ବ୍ୟବହାର ହେଉଥିବା ପିଆଜ, ରସୁଣ ଦର ପୁଣି ଚିନ୍ତା ବଢ଼ାଇଲାଣି। କାରଣ ସପ୍ତାହ ପୂର୍ବରୁ ପିଆଜ କିଲୋ ପିଛା ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ତାହା ଏବେ ୪୦ ଟଙ୍କାରେ ପହଞ୍ଚିଛି। ସେହିପରି ରସୁଣ କିଲୋ ୨୦୦ଟଙ୍କା ଛୁଇଁଛି। ତେବେ ଗୋଟେପଟେ ପରିବା ଦରକୁ ନେଇ ଖାଉଟିମାନେ ଚିନ୍ତାରେ ଥିବା ବେଳେ ସପ୍ତାହକ ମଧ୍ୟରେ ପିଆଜ ରସୁଣ ଦର ଦ୍ୱିଗୁଣ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଡିସେମ୍ବର ମାସ ଆରମ୍ଭରୁ ଚାରିଆଡ଼େ ଜମୁଛି ଭୋଜିର ଆସର। କିଏ ଆମିଷରେ ଭଲିକିଭଲି ଆଇଟମ୍ କରୁଛି ତ ଆଉ କେହି ନିରାମିଷରେ ବି ଅନେକ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ବଣଭୋଜିର ମଜା ନେଉଛନ୍ତି। ହେଲେ ସବୁଥିରେ ପିଆଜ, ରସୁଣ ବାଧ୍ୟତାମୂଳକ ହୋଇଥିବା ବେଳେ ଦର ଅଧିକ ରହିଲେ ବି କିଣିବାକୁ ବାଧ୍ୟ ହେଉଛନ୍ତି ଗ୍ରାହକ। ସେହିପରି ଫୁଲ କୋବି, ବନ୍ଧା କୋବି, ମୂଳାକୁ ଛାଡ଼ିଦେଲେ ଅଧିକାଂଶ ପରିବା ଦର ୮୦ ଉପରେ ରହିଛି। ସେହିପରି କଲରା କିଲୋ ୮୦ରୁ ୧୦୦ଟଙ୍କା ରହିଥିବା ବେଳେ ପୋଟଳ କିଲୋ ବି ୮୦ଟଙ୍କାରେ ବିକ୍ରି ହେଉଛି। ତେବେ ଭୋଜିରେ ନିରାମିଷ ଖାଉଥିବା ଲୋକଙ୍କ ପାଇଁ ମଧ୍ୟ ବାଧକ ସାଜିଛି ପରିବା ଦର। ତେବେ ଏହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରଚୁର ପରିମାଣରେ ଭେଣ୍ଡି, ପୋଟଳ, ଟମାଟୋ, ବିନସ୍, ବାଇଗଣ ଆଦି ଅମଳ ହୋଇଥାଏ। ଫଳରେ ଦର କିଲୋ ପିଛା ୩ରୁ ୪୦ ଟଙ୍କା ମଧ୍ୟରେ ସୀମିତ ରହିଥାଏ। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଏପର୍ଯ୍ୟନ୍ତ ଓଡ଼ିଶାରୁ ଏହି ସମସ୍ତ ପରିବା ଅମଳ ହୋଇନଥିବାରୁ ବାହାର ରାଜ୍ୟକୁ ଭରସା କରିବାକୁ ପଡୁଛି। ଫଳରେ ଚଢ଼ା ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ଏନେଇ କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ, ବର୍ଷ ସାରା ବାହାର ରାଜ୍ୟ ଯଥା ନାସିକ, ଆନ୍ଧ୍ର, ବେଙ୍ଗାଲୁରୁ, ଇନ୍ଦୋରରୁ ପିଆଜ ଆମଦାନୀ ହେଉଥିବା ବେଳେ କେବଳ ଇନ୍ଦୋରରୁ ରସୁଣ ଆମଦାନୀ ହୋଇଥାଏ। ତେବେ ବର୍ତ୍ତମାନ ନୂଆ ପିଆଜ ରସୁଣ ଅମଳ ହୋଇନଥିବା ବେଳେ ପୁରୁଣା ସରି ଆସିଲାଣି। ଏହାସହ ବର୍ତ୍ତମାନ ପର୍ଯ୍ୟଟନ ଋତୁରେ ପିଆ ରସୁଣର ଚାହିଦା ବେଶ୍ ଅଧିକ ରହିଛି। ତେଣୁ ଦର ବଢ଼ିଛି। ଜାନୁଆରୀ ରେ ନୂଆ ପିଆଜ ରସୁଣ ବାହାରିଲେ ଦର ପୁଣି କମିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

## ଅସୀମ ଦା' ଖଟିରେ ସାହିତ୍ୟ ଆସର 'ପଚିଶିର ପଚିଶି'




ଭୁବନେଶ୍ୱର୨୬।୧୨(ସମିସ): ଅସୀମ ବସୁ ଫାଉଣ୍ଡେସନ୍ ଦ୍ୱାରା ପୁରୁଣା ବର୍ଷକୁ ବିଦାୟ ଅବସରରେ ସାହିତ୍ୟ ଆସର 'ପଚିଶିର ପଚିଶି' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅସୀମ ଦା ଚା' ଖଟିରେ ଏକାଠି ହୋଇଥିଲ ୨୫ ଜଣ ବରିଷ୍ଠ କବି, କଥାକାର ଓ କଳାକାରଙ୍କ ସହ ୧୦ ଜଣ ଯୁବ ପ୍ରତିଭା। ଖଟିରେ ଗପ ଓ କବିତା ଆସରକୁ ଫାଉଣ୍ଡେସନ୍ ର ସଭାପତି ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ଉପଦେଷ୍ଟା ତଥା ବିଶିଷ୍ଟ ସ୍ତମ୍ଭକାର ଅସିତ୍ ନାହାନ୍ତି, ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ କପିଳାସ ଭୂୟାଁ, କବି ପବିତ୍ର ମୋହନ କର ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ କବିତା ଅବୃତ୍ତିରେ କହି ସୂର୍ଯ୍ୟ ମିଶ୍ର, କେଦାର ମିଶ୍ର, ଅକ୍ଷୟ ବେହେରା, ଭରତ ମାଝୀ, ଅମରେଶ ବିଶ୍ୱାଳ, ରମାକାନ୍ତ ସାମନ୍ତରାୟ, ରମାକାନ୍ତ ଗୋଛାୟତ, ଉମାକାନ୍ତ ରାଉତ, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଭସ୍ୱତି ବସୁ, ସୁମନ ଦାଶ, ଦେବଦତ୍ତ ପତି, ସ୍ରୋତସ୍ୱିନୀ ପରିଡ଼ା, ବାଦଲ ମହାନ୍ତି, ଭରଦ୍ୱାଜ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପବିତ୍ର ମୋହନ କର ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଦେବଦତ୍ତ ପତି।

## ଶିବାନନ୍ଦ ସ୍କୁଲ୍‌ରେ ସାଧନା ଶିବିର ଉଦ୍‌ଯାପିତ




ଭୁବନେଶ୍ୱର, ୨୬ ।୧୨ (ସମିସ): ଖଣ୍ଡଗିରିର ଶିବାନନ୍ଦ ସ୍କୁଲ୍‌ରେ ୪ ଦିନ ବ୍ୟାପୀ ଆରମ୍ଭ ହୋଇ ଥିବା ସାଧନା ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ଦିବ୍ୟଜୀବନ ସଂଘର ଉପସଭାପତି ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଆନୁଷ୍ଠାନିକ ଭାବେ ଦିବ୍ୟଜୀବନ ସଂଘର ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଧର୍ମପ୍ରକାଶାନନ୍ଦ ସରସ୍ୱତୀ, ସ୍ୱାମୀ ରମେଶ୍ୱରାନନ୍ଦ ସରସ୍ୱତୀ, ଡ. ହରେକୃଷ୍ଣ ଶତପଥୀ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ସ୍ୱାମୀ ସଦାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ବହୁ ସାଧୁସନ୍ଥମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ସଂଗଠକ ଜୟ ଚନ୍ଦ୍ର ନାୟକ୍ ସନ୍ତିପାଠ କରିବାପରେ ଶିବିରର ଶେଷ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ରାଉତରାୟ, ଅଧ୍ୟକ୍ଷ ମନୋଜ କୁମାର ଦାସଙ୍କ ସମେତ ଶିକ୍ଷକ ଓ ଅନ୍ତେବାସୀମାନଙ୍କ ସାହାଯ୍ୟ ଓ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଭିଏସ୍‌ଏସ୍ ନଗର ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଗଣଧାରଣା




ଭୁବନେଶ୍ୱର, ୨୬।୧୨(ସମିସ): ଟାଟା ପାୱାର ପକ୍ଷରୁ ବେଆଇନ ଭାବେ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ବଢ଼ାଇବା, ବେଆଇନ, ଅଯୌତିକ ଓ ବାଧ୍ୟତାମୂଳକ ଭାବେ ସ୍ମାର୍ଟ ମିଟର ଲଗାଇବା ଓ ଆଗକୁ ବିଦ୍ୟୁତ ଦର ବଢ଼ିବାଭଳି ଜନ (ଉପଭୋକ୍ତା) ବିରୋଧ ପ୍ରସ୍ତାବକୁ ବିରୋଧ କରି ଭିଏସ୍‌ଏସ୍ ନଗର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଉନ୍ନୟନ ପରିଷଦ ପକ୍ଷରୁ ଗଣ ଧାରଣା ଦିଆଯାଇଛି। ଏହାସହ ଏକ ସ୍ମାରକପତ୍ର ଭିଏସ୍‌ଏସ୍‌ନଗର ଟାଟା ପାୱାରର ଉପଖଣ୍ଡ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ଧାରଣାରେ ଭିଏସ୍‌ଏସ୍ ନଗର ଦୁର୍ଗା ପୂଜା ସମିତିର ସଭାପତି ଡ. ଜୟନ୍ତ ପରିଡ଼ା, ଉପସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ପ୍ରତାପ ନନ୍ଦ, ବରିଷ୍ଠ ନାଗରିକ କମିଟିର ସମ୍ପାଦକ ଶିତଳ ମହାନ୍ତି, ଉନ୍ନୟନ ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ପ୍ରମୁଖ ଟାଟା ପାୱାରର କାର୍ଯ୍ୟକୁ ନିନ୍ଦା କରିଛନ୍ତି।

## ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିଲା ଶୈଳଶ୍ରୀବିହାର ଆବାସିକ ସଂଘ

ନନ୍ଦନକାନନ, ୨୬।୧୨(ସମିସ): ଆସନ୍ତା ୨୯ ତାରିଖ ଠାରୁ ବିଦ୍ୟୁତ ବାବଦରେ ଲାଗୁ ହେବାକୁଥିବା ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ କରି ଶୈଳଶ୍ରୀବିହାର ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶୈଳଶ୍ରୀବିହାର ଅଞ୍ଚଳର ବିଭିନ୍ନ ଆବାସିକ ସଂଘ ଓ ଶୈଳଶ୍ରୀବିହାର ବାସିନ୍ଦା। ପୂର୍ବାହ୍ନରେ ଶୈଳଶ୍ରୀବିହାର ଫେଜ୍ ୬ ଆବାସିକ ସଂଘ, ଫେଜ୍ ୭ ଆବାସିକ ସଂଘ, ଏଫ୍‌ଆର ଏଲସି ଆବାସିକ ସଂଘ ଓ କୈଳାଶ ବିହାର ଆବାସିକ ସଂଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଶୈଳଶ୍ରୀବିହାର ପୋଷ୍ଟ ଅଫିସ୍ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶୈଳଶ୍ରୀବିହାର ଫେଜ୬ ଆବାସିକ ସଂଘର ସଭାପତି ବ୍ରଜକିଶୋର ଧୀର, ସମ୍ପାଦକ ସୁରେଶ କୁମାର ରଥ, ଫେଜ ୬ ଆବାସିକ ସଂଘର ସଭାପତି ସଞ୍ଜିବ କୁମାର ବାରିକ, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ, କୈଳାସ ବିହାର ଆବାସିକ ସଂଘର ସଭାପତି ଚକ୍ରଧର ମିଶ୍ର, ଏଲସି ଆବାସିକ ସଂଘର ସମ୍ପାଦକ ସୁଶିଲ ପଣ୍ଡା ଓ ବାବି ଦାସ ଉପସ୍ଥିତ ଥିଲେ।




## ଡିଏଭି ୟୁନିଟ୍-୮ ର ବାର୍ଷିକୋତ୍ସବ 'ଉର୍ବୀ'

ଭୁବନେଶ୍ୱର, ୨୬ ।୧୨(ସମିସ): ବିଫଳତା ଜୀବନର ଅପରିହାର୍ଯ୍ୟ ଅଂଶ। ବିଫଳତାରେ ଭାଙ୍ଗି ନ ପଡ଼ି ଏହାର ଲୁକ୍‌କାୟିତ ଶିକ୍ଷାକୁ ସକାରାତ୍ମକ ଭାବେ ଗ୍ରହଣ କରି ନିଜର ସ୍ୱପ୍ନ ପୂରଣ ପାଇଁ ଅଧିକ ପରିଶ୍ରମୀ, ଦୃଢ଼ମନା ଓ ଆତ୍ମବିଶ୍ୱାସୀ ହୋଇ କାର୍ଯ୍ୟ କଲେ ସଫଳତା ମିଳିଥାଏ। ଏହାସହ ଜୀବନକୁ ଅଧିକ ସରସ ଓ ମୂଲ୍ୟବାନ କରିଥାଏ ବୋଲି ୟୁନିଟ୍-୮ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ଉର୍ବୀ'ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସ୍ମାରକ ପ୍ରତିଷ୍ଠାନର ଅଧିକାରୀ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କିଶୋର କୁମାର ବାସା ଯୋଗ ଦେଇ କହିଛନ୍ତି। ଅନୁଷ୍ଠାନର ପରିଚାଳନା ସମିତି ସଭାପତି ସନ୍ତୋଷ ଉପାଧ୍ୟାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷା ଈପ୍‌ସିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ରୀ ସୁଦର୍ଶନ ସାହୁ, ପ୍ରଧାନ ମହାଲେଖାକାର ଅତୁଲ ପ୍ରକାଶ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ, ଅନୁପମା ଉପାଧ୍ୟାୟ, ଡ. ଡି.ଏନ୍. ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଶିକ୍ଷୟିତ୍ରୀ ବିଜୟ ଭାରତୀ ଶର୍ମା ଓ ଛାତ୍ରସଦନର ସଦସ୍ୟଗଣ ଧନ୍ୟବାଦ ଅର୍ପଣ କରିଥିବାବେଳେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।



## ଜୟଦେବରେ ବିଜେଡିର ପ୍ରତିଷ୍ଠା ଦିବସ



ହଂସପାଳ, ୨୬।୧୨(ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀ ଗଡ଼ଶ୍ରୀରାମପୁରସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ୨୯ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ବ୍ଲକ ସଭାପତି ପ୍ରଦୀପ ଜେନାମଣି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର କୁମାର ଜେନା, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବାଲିପାଟଣା ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ ଜୟୀରାମ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁବାବୁ ବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନର ଗୁଣଗାନ କରିଥିଲେ। ୨୯ ତମ ପ୍ରତିଷ୍ଠା ଦିବସ ପରିପେକ୍ଷୀରେ ଦଳୀୟ କାର୍ଯ୍ୟ ସାଙ୍ଗଠନିକ ପ୍ରକ୍ରିୟା ଉପରେ ଗୁରୁତ୍ୱ ଆରୋପ ଦେଇଥିଲେ। ଏହି ଉପଲକ୍ଷେ ଜୟଦେବ ନିର୍ବାଚନ ମଣ୍ଡଳୀର ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ନେଇ ସମସ୍ତ ନେତୃବୃନ୍ଦଙ୍କ ସହଯୋଗ କାମନା କରିଥିଲେ।

## ବେଦଧ୍ୱନୀ ମହୋତ୍ସବରେ ୬୦ ଜଣଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, ୨୬ ।୧୨(ସମିସ): ଜ୍ୟୋତି କଳା ପରିଷଦ ତରଫରୁ ୟୁନିଟ୍-୯ ବିଏମ୍‌ସି ପାର୍କ, ଠାରେ 'ବେଦଧ୍ୱନୀ ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ପ୍ରଶାସକ ସରୋଜ କୁମାର ସାମଲ ଏବଂ ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନର ସଭାପତି ସମାଜସେବୀ ମନୋଜ କୁମାର ନାୟକ ଉପସ୍ଥିତ ରହିଥିଲେ। ଏହି ଅବସରରେ ଓଡିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟର ବିଶିଷ୍ଟ ପ୍ରଦର୍ଶନ ହୋଇଥିଲା। ସବୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆନନ୍ଦ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

● ହୀରାପୁର ପ୍ରିମିୟର ଦ୍ୱିତୀୟ ଲିଗ ମ୍ୟାଚ୍

## ଲିଓ ଲାନ୍ସର ଏମ୍‌ୟୁ ୩ଟିରେ ବିଜୟୀ




ବାଲିଅନ୍ତା, ୨୬ ।୧୨(ସମିସ): ହୀରାପୁର ପ୍ରିମିଅର ଲିଗ୍‌ର ଦ୍ୱିତୀୟ ଦିବସରେ ୮ଟି ମ୍ୟାଚ ଖେଳା ଯାଇଥିଲା। ଏଥିରେ ଲିଓ ଲାନ୍ସର ଏମୟୁ ୩ଟି ମ୍ୟାଚ ବିଜୟୀ ହୋଇଛି। ଗୋପୀନାଥ ରାଇଡର ୨ଟି, ବିବି ରାଇଡ଼ର ୱାନ୍ ମ୍ୟାନ ଟାଇଟନ ଓ ଜେବିଏଲ ଗୋଟିଏ ଲେଖାଏଁ ମ୍ୟାଚ ଜିତିଛନ୍ତି। ଆଜିର ଅତିଥି ଥିଲେ ଡ. ରାମକୃଷ୍ଣ ଦାଶ, ରବୀନ୍ଦ୍ରନାଥ ମହାନ୍ତି, ଓଏଚପିଏଲ କମିଟିର ମୁଖ୍ୟ ଉପଦେଷ୍ଟା ଚକ୍ରଧର ନାୟକ, ଅକ୍ଷୟ କୁମାର ଦାସ, କିଶୋର ଦାସ, ଅଜିତ ବେହେରା ଓ ରବୀନ୍ଦ୍ର ସାହୁ। ମ୍ୟାଚ ପରିଚାଳନା କରିଥିଲେ ଧରଣୀଧର ଦାସ ଏବଂ ତପନ କୁମାର ଦାସ।

'ପ୍ଲାଷ୍ଟିକ୍‌ମୁକ୍ତ ପିକ୍‌ନିକ୍'କୁ ଫୁ

# ପର୍ଯ୍ୟଟନସ୍ଥଳୀରେ ଗଦାଗଦା ପ୍ଲାଷ୍ଟିକ ଆବର୍ଜନା

ଭୁବନେଶ୍ୱର, ୨୬।୧୨(ସମିସ): ବିଭିନ୍ନ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବହୁଳ ବ୍ୟବହାର ସାରା ବିଶ୍ୱରେ ବର୍ତ୍ତମାନ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏହାର ବ୍ୟବହାରକୁ ରୋକିବା ଲାଗି ୨୦୨୩ ମସିହାରେ ପୂର୍ବ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ 'ପ୍ଲାଷ୍ଟିକ୍ ମୁକ୍ତ ପିକନିକ୍' ଆରମ୍ଭ ହୋଇଥିଲା। ଏହା ଅଧୀନରେ ରାଜ୍ୟର ପ୍ରମୁଖ

■ ପରିବେଶ ଅନୁକୂଳ ଜିନିଷ ବ୍ୟବହାର ପାଇଁ ରହିଥିଲା ସରକାରୀ ନିର୍ଦ୍ଦେଶ

ପିକନିକ୍ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବା ସହ ୧୭୬ଟି ପ୍ରମୁଖ ପିକ୍‌ନିକ୍ ସ୍ଥାନରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରକୁ ନିଷେଧ କରାଯାଇଥିଲା। ଏହାସହ ସମସ୍ତ ସହରାଞ୍ଚଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଏବଂ ୧୨୦ ମାଇକ୍ରନରୁ କମ୍ ପତଳା ପଲିଥିନ୍ ବ୍ୟାଗ୍ ବ୍ୟବହାରକୁ ମଧ୍ୟ ନିଷେଧ କରାଯାଇଥିଲା। କିନ୍ତୁ ଏହି ନିୟମକୁ କଡ଼ାକଡ଼ି ପାଳନ କରାଯାଉ ନଥିବାରୁ ବିଭିନ୍ନ ପିକ୍‌ନିକ୍ ସ୍ଥାନରେ ପ୍ଲାଷ୍ଟିକ ଓ ପଲିଥିନ ଗଦା ହୋଇଥିବା ଦେଖିବାକୁ ମିଳିଛି। ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଏଣେତେଣେ ନପକାଇ ଡଷ୍ଟବିନ୍‌ରେ ପକାଇବାକୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଏହି ନିୟମକୁ କେହି ମାନୁନଥିବା ଦେଖିବାକୁ ମିଳିଛି।

ବର୍ତ୍ତମାନ ଚାଲିଛି ପର୍ଯ୍ୟଟନ ଋତୁ। ବଣ ଭୋଜି କରିବା ପାଇଁ ରାଜ୍ୟର ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଭିଡ଼ ଜମୁଛି। ଭୋଜି ପରେ ପିକ୍‌ନିକ୍ ସ୍ପଟରେ ଏଣେତେଣେ ପ୍ଲାଷ୍ଟିକ୍ ପ୍ଲେଟ୍, ବାଉଲ୍, ଗ୍ଲାସ୍, ଚାମଚ, ସ୍ନାକ୍ସ ଜରି, ସୋଲୋ ଥାଳି ଓ ପଲିଥିନ୍ ଗଦା ହେଉଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିଭିନ୍ନ ବଣଭୋଜି ସ୍ଥଳୀରେ। ଯେଉଁଆଡ଼େ ଚାହିଁଲେ ଗଦା ହୋଇଛି ପ୍ଲାଷ୍ଟିକ୍ ପାଣି ବୋତଲ ସାଙ୍ଗକୁ ପଲିଥିନ୍। ପର୍ଯ୍ୟଟକମାନେ ଭୋଜି କରିବା ପରେ ଅଇଁଠା ପତ୍ର ସାଙ୍ଗକୁ ଭଙ୍ଗା କାଚ ବୋତଲ ପକାଉଛନ୍ତି। ଫଳରେ ଅନ୍ୟ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୩ରେ ସରକାରଙ୍କ ପକ୍ଷରୁ ଜାରୀ ହୋଇଥିବା ନିୟମ ଅନୁସାରେ ପିକନିକ୍ ସ୍ପଟ୍‌ରେ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯିବା, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସବୁଜ ତଥା ସୁନ୍ଦର ପରିବେଶର ଆବଶ୍ୟକତାକୁ ବୁଝିବା, ପରିବେଶକୁ କିପରି ସୁରକ୍ଷିତ, ସଫା ସୁତୁରା ରଖିବା ସେଥିପାଇଁ ସମସ୍ତେ ଯତ୍ନବାନ ହେବା ସହ ଭବିଷ୍ୟତ ପିଢ଼ିଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ସମସ୍ତେ ଆଗେଇ ଆସନ୍ତୁ ଆଦି ପ୍ଲାଷ୍ଟିକ୍ ମୁକ୍ତ ପିକନିକ୍ ଅଭିଯାନ ଅବସରରେ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ପୁଣି ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଗଦା ଗଦା ପ୍ଲାଷ୍ଟିକ୍ ଦେଖିବାକୁ ମିଳିଛି। ଏନେଇ ପରିବେଶବିତ୍ ସତ୍ୟବ୍ରତ ସାମଲ କହିଛନ୍ତି ଯେ, ସରକାର କେବଳ ନିୟମ କରିଦେଇ ଚୁପ୍ ବସିଲେ ହେବନି ବରଂ ନିୟମକୁ କଡ଼ାକଡ଼ି କରାଯିବା ଉଚିତ୍। ରାଜଧାନୀ ଉପକଣ୍ଠରେ ରହିଥିବା ଶିଖରଚଣ୍ଡୀରେ ଯେଉଁମାନେ ଭୋଜି କରୁଛନ୍ତି ସବୁ ପ୍ଲାଷ୍ଟିକ୍ ପାହାଡ଼ ତଳକୁ ପକାଉଛନ୍ତି। ଫଳରେ ସେ ସବୁ ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି କରିବାକୁ ଯାଉଛି। ତେଣୁ ବଣଭୋଜି ପାର୍କିଂ ସ୍ଥଳରେ ବାଧ୍ୟତାମୂଳକ ଭାବେ ଡଷ୍ଟବିନ୍ ପଲିଥିନ୍ ପ୍ରଦାନ କରାଯିବା ସହ ନିୟମିତ ସଚେତନତାର ଆବଶ୍ୟକତା ରହିଛି। କେବଳ ଶିଖରଚଣ୍ଡି ନୁହେଁ, ଡେରାସ, ଧଉଳି, ଖଣ୍ଡଗିରିରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି ବୋଲି ଶ୍ରୀ ସାମଲ କହିଛନ୍ତି।



## ବିଭିନ୍ନ ମଣ୍ଡିରେ ଧାନକିଣା ଆରମ୍ଭ

ବୌଦ୍ଧ,୨୬ ।୧୨(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ହାଟପଦା ଅସ୍ଥାୟୀ ମଣ୍ଡିରେ ଖରିଫ ଚାଷର ଧାନ କିଣା ଶୁଭାରମ୍ଭ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ଯୋଗଦେଇ ନଡ଼ିଆ ବାଡେଇ ଧାନ କିଣାର ଶୁଭାରମ୍ଭ କରିଥିଲେ । ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ଚାଷୀ ଅରବିନ୍ଦ ମେହେର, କୁମୁଦ ପାଣିଗ୍ରାହୀ, ସ୍ୱାଧୀନ ପ୍ରଧାନ, ଘାସିରାମ ଭୋକ୍ତା ଉପସ୍ଥିତ ଥିଲେ । ଆର ଏମ ସି କର୍ମଚାରୀ ଗଣେଶ ବେହେରା ସହଯୋଗ କରିଥିଲେ । ପ୍ରଥମ ଦିନରେ ଚାଷୀ ଝାଣ୍ଟୁରାମ ଭୋକ୍ତାଙ୍କ ୧୯ କୁଇଣ୍ଟାଲ, ଘାସିରାମ ଭୋକ୍ତାଙ୍କ ୬୯. ୩୫ କୁଇଣ୍ଟାଲ, ସରୋଜିନୀ ପାଣ୍ଡେଙ୍କ ୧୩. ୪୯ କୁଇଣ୍ଟାଲ, ସ୍ୱାଧୀନ ପ୍ରଧାନଙ୍କ ୭୫ କୁଇଣ୍ଟାଲ, ଯୋଗେନ୍ଦ୍ର ସ୍ୱାଇଁଙ୍କ ୭୭. ୩୩ କୁଇଣ୍ଟାଲ ଧାନ ଉଠିଥିଲା ।

କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଡିପଦର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଧ୍ୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଶୁଣ୍ଡିପଦର ମଣ୍ଡିରେ ପ୍ୟାକ୍ସର ସମ୍ପାଦକଲାଲ ବିହାରୀ ବଗର୍ତ୍ତୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ୟାକ୍ସର ସଭାପତି ରାମ ଚନ୍ଦ୍ର ମଲ୍ଲିକ ଯୋଗ ଦେଇ ଉଦ୍‌ଘାଟନ କରି ଥିଲେ । ମଣ୍ଡିର ନୋଡାଲ ଅଧିକାରୀ ନିହାରିକା ଖେତୀ ପରିଚାଳନା କରିଥିଲେ । ସମିତିର କର୍ମକର୍ତ୍ତା ଚିତ୍ତରଞ୍ଜନ ଗିରି, ରାଜୀବ ପଲିଆ, ବୈଶାଖୁ ମାଝୀ, ଯୁଗୀନ୍ଦ୍ର କଳତା, ବୁଦ୍ଧ ଦେବ ଖଣ୍ଡଗିରି, ମଧୁ ତଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ଜିତେନ୍ଦ୍ର ଦନ୍ତା, ରାଜେଶ ମଲ୍ଲିକ, ଭୈରବ ବସ୍ତିଆ, ଜୟ ପ୍ରକାଶ ବସ୍ତିଆ, ରାଜୀବ ବଗର୍ତ୍ତୀ ସହଯୋଗ କରିଥିଲେ । ସେହିପରି ଶୁଣ୍ଡିପଦର ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧୀନ ବରଗୋଚ୍ଛାରେ ମଧ୍ୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ଶୁଣ୍ଡିପଦର ପ୍ୟାକ୍ସର ସମ୍ପାଦକ ଲାଲ ବିହାରୀ ବଗର୍ତ୍ତୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ୟାକ୍ସର ସଭାପତି ରାମଚନ୍ଦ୍ର ମଲ୍ଲିକ ଓ ନୋଡାଲ ଅଧିକାରୀ ସୁଶୀଲ ଭୋଇ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସତ୍ୟବାନ କର୍ଣ୍ଣ, ନିତ୍ୟାନନ୍ଦ କର୍ମୀ, ରାଜେଶ ମଲିକ, ଦେବଦତ୍ତ ବସ୍ତିଆ, ରଞ୍ଜନ ପ୍ରଧାନ, ନରୋତ୍ତମକର୍ମୀ କଂସାରୀ ଦୀପ, ପ୍ରମୋଦ ମହାନନ୍ଦ, ଯୁଧିଷ୍ଠିର ମହାକୁଡ଼, ଲାଲ ବାବୁ ମାଝୀ, ଅମୁଲ୍ୟ ମାଝୀ, ସନ୍ତୋଷ ମହାକୁଡ଼, ନିରଞ୍ଜନ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ଜିତେନ୍ଦ୍ର ଦନ୍ତା, ରାଜେଶ ମଲ୍ଲିକ, ଭୈରବ ବସ୍ତିଆ, ଜୟ ପ୍ରକାଶ ବସ୍ତିଆ, ରାଜୀବ ବଗର୍ତ୍ତୀ ସହଯୋଗ କରିଥିଲେ । ନବ କିରନ ଓ ରାଣୀସତୀ ମିଲର ପ୍ରତିନିଧି ଉପସ୍ଥିତ ଥିଲେ । ସେହିପରି ଉମା ପ୍ୟାକ୍ସ ଅଧୀନ ଆମ୍ବଗାଁ ମଣ୍ଡିରେ ମଧ୍ୟ ଚଳିତ ଖରିଫ ଋତୁର ଧାନ କ୍ରୟ ପାଇଁ ଶୁଭାରମ୍ଭ ହୋଇଥିଲା ।

## ମା’ ମାହେଶ୍ୱରୀ ଦୁର୍ଗାଦେବୀ କ୍ଲବ୍ ପକ୍ଷରୁ ରକ୍ତଦାନ

ତରଭା,୨୬ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍‌ର ଉପାନ୍ତ ଗ୍ରାମ ନୂଆମୁଣ୍ଡାରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ବଲାଙ୍ଗୀର ସାଂସଦଙ୍କ ସୋନପୁର ଜିଲ୍ଲା ପ୍ରତିନିଧି ସାନନ୍ଦ ମେହେର ମୁଖ୍ୟଅତିଥି, ବ୍ରାହ୍ମଣୀ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ, ଚାଷୀ ନେତା ମିତ୍ରବ୍ରତ ମିଶ୍ର, କ୍ଲବ ସଭାପତି ଗଣେଶ କ୍ଷେତି, ସମ୍ପାଦକ ଆନନ୍ଦ କ୍ଷେତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ମୋଟ ୨୦ ଜଣ ସ୍ୱେଚ୍ଛା ରକ୍ତଦାନ କରିଥିଲେ । ସୋନପୁର ରକ୍ତ ଭଣ୍ଡାରର ଡାକ୍ତର ପ୍ରମୋଦ ମେହେର, ଟେକ୍ନିସିଆନ ସତ୍ୟବ୍ରତ ତାଣ୍ଡି, ଜଗତ ଦରୁଆନ, ସହାୟକ ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ୫୦ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର, ଆଣ୍ଠୁ ଓ ଅଣ୍ଟା ବେଲ୍ଟ ମାଗଣାରେ ବଣ୍ଟନ କରାଯାଇଥିଲା ।

## ବ୍ରାହ୍ମଣୀରେ ଗାଁ ଦିବସ ସମ୍ମାନ

ମନମୁଣ୍ଡା,୨୬ ।୧୨(ସମିସ): କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ବ୍ରାହ୍ମଣୀ ଗ୍ରାମ ବିଜୟ କଳା ମଣ୍ଡପରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ମହାସଂଘ ଆୟୋଜନରେ ରାଜ୍ୟସ୍ତରୀୟ ଗାଁ ଦିବସ ସମ୍ମାନ ଓ ବାର୍ଷିକ ମହୋତ୍ସବ କଳାକ୍ଷେତ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ରମେଶ ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ କଳାକ୍ଷେତ୍ର ଓଡିଶାର ସଭାପତି ସିନେ ଅଭିନେତା ଅଶ୍ରୁ ମୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ସମ୍ପାଦକ, କଳାକ୍ଷେତ୍ରର ବାସୁଦେବ ମାଲବିଶୋଇ, ସଂଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ ସାହୁ, ଜିଲ୍ଲା ବିଜେପି ନେତା ଶିବ କମ୍ପ, ରଘୁନାଥ ମହାପାତ୍ର, ଅତିରାତ୍ର ପ୍ରଧାନ ମଂଚାସୀନ ଥିଲେ । ହରିହର ପ୍ରଧାନଙ୍କୁ ନାଟ୍ୟ କଳାକାର ଭାବେ ସମ୍ମାନିତ କରାଯାଇଥିଲା । ବାମଦେ ମହାନ୍ତି ସଭା ପରିଚାଳନା ଓ ଅରୁଣ ମେଣ୍ଡୁଲି ଧନ୍ୟବାଦ ଅର୍ପଣ କରିଥିଲେ । ସୁରେନ୍ଦ୍ର କର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଲକ୍ଷେଘର ଗଣ୍ଡା ସମାଜର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୨୬ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରାଜଲକ୍ଷ୍ମୀ ପଡାରେ ଲକ୍ଷେଘର ଗଣ୍ଡା ସମାଜର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ଏଥିରେ ଅନୁସୂଚିତ ଜାତି କଲ୍ୟାଣ ସଂଘର ସଭାପତି ସୁରୁବାବୁ ନନ୍ଦ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଲକ୍ଷେଘର ଗଣ୍ଡା ସମାଜ ଡୁଙ୍ଗୁରିପାଲି ବ୍ଲକର ସଭାପତି ନିତେଇ ପାଲ, ଖଗେଶ୍ୱର କୁମ୍ଭାର, ପ୍ରକାଶ କୁମ୍ଭାର, ରାଜକିଶୋର ତାଣ୍ଡି, ସାନନ୍ଦ ତାଣ୍ଡି, ଅସରପି କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ କୃଷ୍ଣଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୌଦ୍ଧ, ସୁବର୍ଣ୍ଣପୁର, କଣ୍ଟାମାଳ, ବୀରମହାରାଜପୁରରେ ବିଜେଡିର ପ୍ରତିଷ୍ଠା ଦିବସ

# ଅଧିକ ଦିନ ନୁହେଁ ବିଜେପିର ଅହଙ୍କାର





ବୌଦ୍ଧ,୨୬ ।୧୨(ସମିସ): ରାଜ୍ୟ ସରକାର ଲୋକଙ୍କୁ ଭଣ୍ଡେଇ ଦେଇଛନ୍ତି । ନିର୍ବାଚନ ବେଳେ ବିଜେପି ଲୋକଙ୍କୁ ବହୁ ବଡ଼ ବଡ଼ କଥା କହିଥିଲା । କେତେ ସ୍ୱପ୍ନ ଦେଖାଇଥିଲା । ସେ ସବୁ ମିଛ ବୋଲି ଧରା ପଡିଛି । ଏ ସରକାର କେବଳ ପୂର୍ବ ବିଜେଡି ସରକାରର ବିଭିନ୍ନ ଯୋଜନାକୁ ନାମ ବଦଳାଉଛି । ରଙ୍ଗ ମାରୁଛି । ଲୋକେ ଏବେ ଅନୁତାପ କରୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟରେ ସରକାର ଗଢିବା ପରେ ବିଜେପିର ଅହଙ୍କାର ସୀମା ଟପିଛି । ଏହା କିନ୍ତୁ ବେଶି ଦିନ ତିଷ୍ଠି ରହିବନି । ଶୁକ୍ରବାର ବୌଦ୍ଧ ସହର ମାଉସୀ ମାଁ ମନ୍ଦିରଠାରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସରେ ମତ ପ୍ରକାଶ ପାଇଛି । ବରିଷ୍ଠ ବିଜେଡି ନେତା ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଏନଏସି ଉପାଧ୍ୟକ୍ଷ ଶୁଭାଷିଣୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟା ତାରାମଣି ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ୍ତ ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଦଳର ବିଜେଡି କର୍ମୀ ଅବକାଶ ସାହୁ, ସୁବୋଧ ପ୍ରଧାନ, ସନ୍ତୋଷ ନାଏକ, ଅନିକେତ ଦାନୀ, ବିଦ୍ୟାଧର ସ୍ୱାଇଁ, ମାନସ ପୁରୋହିତ, ଧର୍ମେଶ ନାଏକଙ୍କ ସମେତ ବହୁତ ବିଜେଡି କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଦଳର ନେତା ଏବଂ କର୍ମୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ ।




କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ସଦର ମହକୁମାରେ ମଧ୍ୟ ଶୁକ୍ରବାର ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ଶମ୍ଭୁ ପ୍ରସାଦ ସାହୁ, ଭାଗୀରଥି ମଲ୍ଲିକ, ମହେନ୍ଦ୍ର ରଣା, ସାର୍ଦୁଳ ନାଗ, ଶ୍ରଦ୍ଧାଞ୍ଜଳି ବାରିକ, ପ୍ରତିମା ରଣା, ଚୁମୁକି ଭୋଇ, ସଂଜୀବ କର୍ଣ୍ଣ, କୁନୁ ଦନ୍ତା, କୁଳେଶ୍ୱର କର୍ମୀ, ସମିତି ସଭ୍ୟ ହିମାଞ୍ଚଳ ରଣା, ରମାକାନ୍ତ ସାହୁ, ତପେଶ୍ୱର କଲତା, ମୁରଲୀ ସେଠୀ, ସଞ୍ଜୟ ଭୋଇ, ଜୟକୃଷ୍ଣ ପଧାନ, ଗରିବ ପଧାନ, ଚକ୍ରଧର ପରିଡ଼ା, ସନ୍ତୋଷ ଦନ୍ତା, ନିତ୍ୟାନନ୍ଦ ରଣା, ଗୟା ମହାକୁଡ, କଷ୍ଟ ଦୀପ, ପୀତାମ୍ବର ଭୋଇ, ଯୁବରାଜ ଦଣ୍ଡବସି, ଶୈଳେନ୍ଦ୍ର ବାରିକ, ପ୍ରମୁଖ ଦଳୀୟ ନେତା ଏବଂ କର୍ମୀ ଯୋଗ ଦେଇଥିଲେ ।

ଡୁଙ୍ଗୁରିପାଲି: ସୋନପୁର ଜିଲ୍ଲା ବିଜେଡି ପକ୍ଷରୁ ଟାଉନ ହଲ୍‌ରେ ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ପ୍ରଥମେ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ପୁଷ୍ପମାଲ୍ୟ ଦେଇଥିଲେ । ସେଠାରୁ ଟାଉନ ହଲ୍ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ । ଟାଉନ ହଲ୍‌ରେ ଜିଲ୍ଲା ବିଜେଡି ସଭାପତି ସରୋଜ କମ୍ପଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପୂଜାରୀ ଯୋଗଦେଇ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଉପସ୍ଥିତ ଥିଲେ । ଏଥିରେ ସମସ୍ତ ବ୍ଲକ ଏବଂ ଏନଏସି ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ ବ୍ଲକ ବିଜେଡି ସଭାପତି, ବ୍ଲକ ଯୁବ ବିଜେଡି ଏବଂ ଛାତ୍ର ବିଜେଡି ସଭାପତି, ଜିଲ୍ଲା ପରିଷଦ, ବିଜେଡି ସରପଞ୍ଚ, ସମିତି ସଭ୍ୟ, ବିଜେଡି କାର୍ଯ୍ୟକର୍ତ୍ତା, ବିଜେଡିର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ମଧ୍ୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ସକାଳ ୯ରେ ବସଷ୍ଟାଣ୍ଡସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ମାଲ୍ୟାର୍ପଣ କରିଥିଲେ । ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହାଙ୍କ ନେତୃତ୍ୱରେ ବିଜେଡି ଜିଲ୍ଲା ଉପସଭାପତି କିଶୋର ହୋତା, ଜିଲ୍ଲା ସାଦରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା, ସୁରୁ ନାରାୟଣ ମହାକୁର, ଲକ୍ଷ୍ମୀ ନାରାୟଣ ପୁରୋହିତ, ଚମ୍ପମାଲ ସରପଞ୍ଚ ମହେନ୍ଦ୍ର ଜଗଦଳା, ଲଳିତ ପାତ୍ର, ମଧୁସୂଦନ ପଣ୍ଡା, ଶ୍ରୀକାନ୍ତ କର୍ମୀ, ପୃଥ୍ୱିରାଜ ମହାକୁର, ହର ବେହେରାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ ।



## ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘର ବୈଠକ

ବୀରମହାରାଜପୁର,୨୬ ।୧୨(ସମିସ):ସ୍ଥାନୀୟ ମୈତ୍ରୀ ସଦନରେ ଉପଖଣ୍ଡ ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱୟଂଭୂ ନାଥ ଖଣ୍ଡଗିରୀ ସଭାପତିତ୍ୱ କରିଥିଲେ । ଯୁଗଳ କିଶୋର ମିଶ୍ର ବିବରଣୀ ପାଠ କରିଥିଲେ । ବାସୁଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ନନ୍ଦକିଶୋର ମିଶ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ସୌମିତ୍ରା ମେହେର, ଅଜିତ ପାଣିଗ୍ରାହୀ, କିଶୋର ହୋତା, ବିଭୂତି ହୋତା, ସତ୍ୟବାନ୍ ପୁରୋହିତ, ରବୀନ୍ଦ୍ର ହୋତା, ରାଧାକାନ୍ତ ବାଗ, ଶେଷଦେବ ବାରିକ, ସତ୍ୟବ୍ରତ ପ୍ରଧାନ, କାମ୍ପାଳ ସାହୁ, ରାଜେଶ ସେଠୀ, ସୁଧୀର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

## ମହିମା ରଥର ଶୁଭାରମ୍ଭ

ତରଭା,୨୬ ।୧୨(ସମିସ): ସୋନପୁର ରାମେଶ୍ୱର ଷ୍ଟାଡିୟମରେ ଜାନୁଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ମହିମା ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ । ଏହାର ପ୍ରଚାର ପ୍ରସାର ପାଇଁ ଶୁକ୍ରବାର ପୂର୍ବାହ୍ନରେ ମହିମା ରଥର ଶୁଭାରମ୍ଭ କରାଯାଇଛି । ଏହାକୁ ସବୁଜ ପତାକା ଦେଖାଇ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ରଥ ଜିଲ୍ଲାର ପୁରପଲ୍ଲୀକୁ ଯାଇ ମହିମା ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ବିଷୟରେ ପ୍ରଚାର କରିବ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସୋନପୁର ବିଡିଓ ପ୍ରତୀକ କର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନିତା ଗୁରୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ୨୯ତମ ସର୍ବ ଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

# କଲିକତାକୁ ହରାଇ ସେମିରେ ଛତିଶଗଡ଼

ବୀରମହାରାଜପୁର,୨୬ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଲୁଡୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ଶୁକ୍ରବାର ମ୍ୟାଚ୍‌ରେ ବିରାଟ କ୍ରିକେଟ ଏକାଡେମୀ କୋଲକାତାକୁ ହରାଇ କ୍ୟୁସିଆଇ ଛତିଶଗଡ଼ ସେମି ଫାଇନାଲରେ ପ୍ରବେଶ କରିଛି । ବହଳପଦର ସରପଞ୍ଚ ନିରୁପମା ସେଠୀ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଟି -୨୦ ଓ ଟି-୧୦ ଫର୍ମାଟରେ ଖେଳାଯାଇଥିବା ମ୍ୟାଚ୍‌ରେ ଛତିଶଗଡ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୬ ରନ୍ କରିଥିଲା । ଦଳର କ୍ରିତେଶ ସାହୁ ୫୮ଟି ବଲରେ ୧୨୯ ରନ୍ ଓ କାହ୍ନା କୁମାର ୫୭ ରନ୍ କରିଥିଲେ । କଲିକତାର ଅନନ୍ତ ଯାଦବ ୨ଟି ଉଇକେଟ ନେଇଥିଲେ । ଜବାବରେ କଲିକତା ଦଳ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ ରନ୍ କରିଥିଲା । ଦଳର ଆଦିତ୍ୟ ସିଂ ୧୮ ବଲ୍‌ରୁ ୫୫ ରନ୍ ଓ ବୈଭବ ଚୌଧୁରୀ ୨୦ ବଲ୍‌ରୁ ୪୯ ରନ୍ କରିଥିଲେ । ଛତିଶଗଡ଼ର ପରମେଶ୍ୱର କରଙ୍ଗା, ସନ୍ନି ତିୱାରୀ, ଶିଭମ୍ ତିୱାରୀ ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଟି -୧୦ ଫର୍ମାଟରେ ଛତିଶଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ୍ କରିଥିଲା । ଦଳର ସନ୍ନି ତିୱାରୀ ୩୭ ରନ୍ ଓ କ୍ରିତେଶ ସାହୁ ୨୯ ରନ୍ କରିଥିବା ବେଳେ କଲିକତାର ସୁରଜ ମିସ୍ତ୍ରୀ ୩ଟି ଉଇକେଟ ନେଇଥିଲେ । ଜବାବରେ କୋଲକାତା ଦଳ ୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ୍ କରିଥିଲା । ଦଳର ଅମିତ ବାଲିଆନ ୨୧ ରନ୍ କରିଥିବା ବେଳେ ବିପକ୍ଷ ହମିଦ ରାଜା ୪ଟି ଉଇକେଟ ନେଇଥିଲେ । ଉଭୟ ଫର୍ମାଟରେ ଛତିଶଗଡ ୨-୦ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୋନପୁର ରାଜ କଲେଜର ପ୍ରାଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ, ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ, ବୀରମହାରାଜପୁର ରେଞ୍ଜ ଅଧିକାରୀ ପ୍ରସନ୍ନ ନାୟକ, ବିଦ୍ୟୁତ୍ ବିଭାଗ ଏସଡିଓ ସୋମନାଥ ସେଠ୍, ସୁବଳୟା କ୍ଲଷ୍ଟରର ସିଆରସିସି ମୋନାଲିସା ନନ୍ଦ, ପ୍ରଧାନ ଶିକ୍ଷକ ହୃଷୀକେଶ ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଛତିଶଗଡର କ୍ରିତେଶ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା । ସେହିଭଳି ବୀରମହାରାଜପୁର ବିଡିଓ ରାଜୀବ ହାଁସଦା ଓ ଏବିଡିଓ ପୁରୁଷୋତ୍ତମ ଧରୁଆ ଅତିଥି ଭାବେ ଯୋଗ ଦେଇଥିଲେ । ଅମ୍ପାୟାର ବିଶ୍ୱଜିତ ପୁରୋହିତ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିଲେ । ମାନସ ରଞ୍ଜନ ମହାକୁର ସ୍କୋରିଂରେ ଥିଲେ । ଚମାରୁ ମହାକୁର ଅନଲାଇନରେ ସହଯୋଗ କରିଥିଲେ । ଆଶିଷ ଦେଓ, ମ୍ୟାକ ମିଲନ ମହାକୁର, ମାନସ ନନ୍ଦ, ପ୍ରାଣବନ୍ଧୁ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ଶନିବାର ଛତିଶଗଡ ଓ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହେବ ।



## ରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ବୌଦ୍ଧର ୨୭ ଖେଳାଳି




ବୌଦ୍ଧ,୨୬ ।୧୨(ସମିସ): କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟ ଆଥଲେଟିକ ମିଟ୍‌ରେ ଅଂଶଗ୍ରହଣ ପାଇଁ ବୌଦ୍ଧ ଜିଲ୍ଲାରୁ ୨୭ଜଣ ଖେଳାଳି ଚୟନ କରାଯାଇଛି । ଜିଲ୍ଲା ସଂଗ୍ରହାଳୟଠାରେ ଏହି ଖେଳାଳଙ୍କୁ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ସହ ସମ୍ପାଦକ ଲମ୍ବୋଦର ପୁରୋହିତ ଶୁଭେଚ୍ଛା ଜଣାଛନ୍ତି । ୨୭ ଏବଂ ୨୮ ଦୁଇ ଦିନ ଧରି ବାରବାଟି ଷ୍ଟାଡିୟମରେ ରାଜ୍ୟ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହେବ । ଶୁକ୍ରବାର ସକାଳୁ ଏହି ଖେଳାଳିମାନେ କଟକ ଯାତ୍ରା କରିଛନ୍ତି । ଏହା ପୂର୍ବରୁ ବୌଦ୍ଧ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ଜିଲ୍ଲାରେ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହୋଇଥିଲା । ୫୫୦ ଜଣ ଭାଗ ନେଇଥିଲାବେଳେ ଏହି ଖେଳାଳିମାନେ ଚୟନ ହୋଇଥିଲେ ।

### ମହାଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଗୁହୁରିଆଘାଟକୁ ହରାଇ ନାରାୟଣପ୍ରସାଦ ବିଜୟୀ

କଣ୍ଟାମାଳ,୨୬ ।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗେସ ଗ୍ରାମରେ ୧୩ତମ ମହାଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମ୍ୟାଚ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପିତ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିଦ ନିଲାଞ୍ଚଳ ଭୋଇ, ସମ୍ମାନିତ ଅତିଥି ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, କଳାକୃଷ୍ଣ କର୍ମୀ, ଚିନ୍ତାମଣି ନାଏକ, ଜୟ ପଧାନ, ବିଶିକେଶନ ନାଏକ, ଯୋଗିନ୍ଦ୍ର ନାଗ, ବିରଞ୍ଚି ନାରାୟଣ ଭୋଇ, ଟିକେଶ୍ୱର ଭୋଇ, ନବଘନ ଭୋଇ, ଧର୍ମେନ୍ଦ୍ର ଗାଇଗରିଆ ଉପସ୍ଥିତ ଥିଲେ । ଫାଇନାଲ ମ୍ୟାଚ ନାରାୟଣପ୍ରସାଦ ଓ ଗୁହୁରିଆଘାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ନାରାୟଣପ୍ରସାଦ ୮ଓଭରରେ ୧୮୬ ରନର ଟାର୍ଗେଟ ଦେଇଥିଲା । ଜବାବରେ ଗୁହୁରିଆଘାଟ ୮ଓଭର ରେ ୫୬ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ନାରାୟଣପ୍ରସାଦ ବିଜୟ ଲାଭ କରିଥିଲା । ବିଜୟୀ ଦଳକୁ ୧୮୦୦୦ଟଙ୍କା ଓ ପରାସ୍ତ ଦଳକୁ ୧୪୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସ୍କୋର ଦାୟିତ୍ୱ ଲୋକେଶ ମହାକୁଡ ତୁଲାଇଥିବା ବେଳେ ଧାରାବିବରଣୀରେ ସୁଦାମ ଭୋଇ, ଖେଳ ପରିଚାନାରେ ମହେନ୍ଦ୍ର ନାଏକ ଓ ଯଶୋବନ୍ତ ନାଏକ ସହଯୋଗ କରିଥିଲେ ।



### ସପ୍ତମ ମା’ ନାରାୟଣୀ କ୍ରିକେଟ

# ଅଚଣ୍ଡାକୁ ହରାଇ କେନ୍ଦୁପାଲି ଚାମ୍ପିଅନ



ବୀରମହାରାଜପୁର,୨୬ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା କଳାପଥର ପଞ୍ଚାୟତ ବାବୁପାଲିରେ ସପ୍ତମ ମାଁ ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳ ମ୍ୟାଚ କେନ୍ଦୁପାଲି ଏବଂ ଅଚଣ୍ଡା ମଧ୍ୟରେ ହୋଇଥିଲା । ୮ଓଭରରେ ଅଚଣ୍ଡା ୬୬ ରନ୍ ସଂଗ୍ରହ କରିଥିଲା । ଜବାବରେ କେନ୍ଦୁପାଲି ୬ ଓଭର ଖେଳି ୭୧ ରନ୍ ସଂଗ୍ରହ ପୂର୍ବକ ଚାମ୍ପିଅନ ହୋଇଥିଲା । ଫାଇନାଲ ଖେଳରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ କେନ୍ଦୁପାଲି ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶୁଭମ୍ ପ୍ରିତମ ହୋତା ଯୋଗଦେଇ ରନର୍ସଅପ୍ ଅଚଣ୍ଡା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ପ୍ରକାଶ ପଧାନ ଆୟୋଜକ ରହିଥିବାବେଳେ ଅମ୍ପାୟାର ଭାବେ ଅଗସ୍ତି ପଧାନ ଦାୟିତ୍ୱ ନିର୍ବାହ କରିଥିଲେ । ରାଜା କର୍ଣ୍ଣ ମ୍ୟାଚ୍ ପରିଚାଳନା କରିଥିଲେ । ଧୂମକେତୁ ମେହେର ଧରାବିବରଣୀ ପ୍ରଦାନ କରିଥିଲେ । ମିଥୁନ ପଧାନ, ସିଲୁ ପଧାନ, ଅବିନାଶ ଥନାପତି ପ୍ରମୁଖ ସହଯୋଗ କରିଥିଲେ ।

## ଭିସୁଟ୍‌ର ୧୭ତମ ସମାବର୍ତ୍ତନ ସମାରୋହ

# ମାନବ କଲ୍ୟାଣ ପାଇଁ ବିଜ୍ଞାନ, ଜ୍ଞାନକୌଶଳ ବିନିଯୋଗ ଆବଶ୍ୟକ: ଧର୍ମେନ୍ଦ୍ର

ସମ୍ବଲପୁର, ୨୬।୧୨ (ସମିସ)

ବୁର୍ଲାର ବିଶେଷତ୍ୱ ହେଉଛି ଏହାର ଉଦ୍ୟୋଗୀ ମାନସିକତା। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ପୂର୍ବତନ ଛାତ୍ରଛାତ୍ରୀମାନେ 'ସମ୍ବଲପୁରୀ ହବ୍' ଭଳି ଷ୍ଟାର୍ଟଅପ୍ କରି ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି। ବିଜ୍ଞାନ ଓ ଜ୍ଞାନକୌଶଳର ମୂଳ ଉଦ୍ଦେଶ୍ୟ କେବଳ ଭୌତିକ ଉପଲବ୍ଧି ନୁହେଁ, ବରଂ ମାନବ କଲ୍ୟାଣ ହେବା ଉଚିତ

## ଭିସୁଟ୍ ହିଁ ଓଡ଼ିଶାର ନବନିର୍ମାଣର ପ୍ରକୃତ ମଞ୍ଜି





ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ଭିସୁଟ୍‌ର ୧୭ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ବିଗତ ବର୍ଷର ଗୌରବମୟ ଯାତ୍ରା ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଗଣିତ ଛାତ୍ରଛାତ୍ରୀଙ୍କ ଭାଗ୍ୟଗଠନ କରିଛି, ଯେଉଁମାନେ ଆଜି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିଜ ମାତୃଭୂମି ଓଡ଼ିଶା ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଆଜି ଡିଗ୍ରୀ, ଉପାଧି ଓ ପଦକ ଲାଭ କରିଥିବା ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନୂଆ ଜାତୀୟ ଶିକ୍ଷା ନୀତିକୁ ମନପ୍ରାଣ ଦେଇ କାର୍ଯ୍ୟକାରୀ କରିବାରେ ଭିସୁଟ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଉଭା ହୋଇଛି। ଆଜିର ଅବସରରେ ଭିସୁଟ୍ ପକ୍ଷରୁ ଓଡ଼ିଆ ଭାଷାରେ 'ପ୍ରୟୋଗଶାଳା ନିର୍ଦ୍ଦେଶିକା' ସମେତ ତିନୋଟି ହ୍ୟାଣ୍ଡବୁକ୍ ଉନ୍ମୋଚନ ଏହାର ଜ୍ୱଳନ୍ତ ପ୍ରତିଫଳନ।

ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ନ୍ୟୁଜ୍‌ଲେଟର'ସିଦ୍ଧି'ର ପ୍ରଥମ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଏହାସହ ଭିସୁଟ୍ ସହ ଆଖପାଖରେ ଥିବା ୭ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ହୋଇଥିବା ବୁଝାମଣା ପତ୍ର (ଏମ୍‌ଓୟୁ) 'ସମ୍ବଲପୁର ଏଜୁକେସନ ଆଣ୍ଡ ରିସର୍ଚ୍ଚ୍ କ୍ଲଷ୍ଟର ହାର୍ବର' (ଏସ୍‌ଇଏଆର୍‌ସିଏଚ୍)ର ମନ୍ତ୍ରୀ ଘୋଷଣା କରିଥିଲେ।

ଆଇଆଇଟି ମାଡ୍ରାସର ପ୍ରଫେସରଙ୍କ ସହଯୋଗରେ 'ଏଆଇ ଟୁଲ୍' ମାଧ୍ୟମରେ ମାତୃଭାଷାରେ ବୈଷୟିକ ଶିକ୍ଷାଦାନ ସମ୍ଭବ ହୋଇପାରିଛି। ଆଜିର ଯୁଗରେ ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା କଣ? ମଣିଷ ଜୀବନକୁ ସରଳ କରିବା ପାଇଁ ନୂତନତା ବା 'ନବାଚାର'ର ଆବଶ୍ୟକତା ରହିଛି। ସମ୍ବଲପୁରର ଇତିହାସ ଅତି ପ୍ରାଚୀନ; ଭୀମମଣ୍ଡଳୀରେ ପ୍ରାୟ ୧୦ ହଜାର ବର୍ଷ ତଳେ ଏଠାକାର 'ରକ୍ ଆର୍ଟ' ବା ଶୈଳଚିତ୍ର ପ୍ରମାଣ ଦିଏ ଯେ ସେତେବେଳେ ମଧ୍ୟ ମଣିଷ କୌଣସି ନା କୌଣସି 'ଟୁଲ୍' ବ୍ୟବହାର କରି ନିଜର ଅଭିବ୍ୟକ୍ତିକୁ ପ୍ରକାଶ କରୁଥିଲା। ସେହି ଐତିହ୍ୟକୁ ଆଧାର କରି ଆଜିର ଆଧୁନିକତା ଶିଖର ଛୁଇଁବା ଦରକାର। 'ସମ୍ବେଦନଶୀଳତା' ହିଁ ଭିସୁଟ୍‌ର ମୂଳ ଚରିତ୍ର ଏବଂ ଓଡ଼ିଶାକୁ ବିକଶିତ କରିବାର ଚାବିକାଠି ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଖରେ ଅଛି। ଆଜିର ଟେକ୍ନୋଲୋଜି ଯୁଗରେ ଆମେ ସମ୍ବଲପୁର ଠାରେ ଏକ 'କ୍ୱାଣ୍ଟମ ସେଣ୍ଟର'ର ପରିକଳ୍ପନା କରିଛୁ। ଭିସୁଟ୍ ହିଁ ଓଡ଼ିଶାର ନବନିର୍ମାଣର ପ୍ରକୃତ ମଞ୍ଜି। ଯଦି ଭିସୁଟ୍ ନିଜର ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବ, ତେବେ ଏହି ଅନୁଷ୍ଠାନ ବିଶ୍ୱର ଅନେକ ଜଟିଳ ସମସ୍ୟାର ସମାଧାନ କେନ୍ଦ୍ର ପାଲଟିବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଷ୍ଠାନ ପରିସରରେ ଥିବା ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ, କୁଳସଚିବ ପ୍ରଦୀପ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସମାବର୍ତ୍ତନ ଉତ୍ସବରେ ଭିସୁଟ୍‌ର ବିଭିନ୍ନ ଏକାଡେମିକ୍ ପ୍ରୋଗ୍ରାମ୍‌ରୁ ମୋଟ ୧୧୩୮ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ତନ୍ମଧ୍ୟରେ ପିଏଚ୍‌ଡି ପାଠ୍ୟକ୍ରମରେ ୨୪, ଏମ୍‌ଟେକରେ ୧୧୫, ଏମ୍‌ସିଏରେ ୩୬, ଏମ୍‌ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ ଏମ୍‌ଏସ୍‌ସିରେ ୩୮, ବି.ଟେକ ପାଠ୍ୟକ୍ରମରେ ୮୪୮ ଏବଂ ବି.ଆର୍କରେ ୧୮ ଜଣ ରହିଛନ୍ତି। ଏହାସହ ୨୭ଟି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ୮ଟି ଡୋନର୍ ସ୍ୱର୍ଣ୍ଣ ପଦକ ଏବଂ ୩୦ଟି ସାର୍ଟିଫିକେଟ୍ ଅଫ୍ ମେରିଟ୍ ପ୍ରଦାନ କରାଯାଇଥିଲା।

# ସ୍ମାର୍ଟ ମିଟରକୁ କ୍ୟାବିନେଟ୍‌ରେ ମୋହର ମାରିବା ନିନ୍ଦନୀୟ : ରୋହିତ

ସମ୍ବଲପୁର, ୨୬।୧୨(ସମିସ): ବିଜେପି ଶାସିତ ରାଜ୍ୟ ସରକାର ୩୦୦ ୟୁନିଟ୍ ଫ୍ରି ବଦଳରେ ସ୍ମାର୍ଟ ମିଟରକୁ କ୍ୟାବିନେଟ୍‌ରେ ମୋହର ମାରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଓଡ଼ିଶା କ୍ୟାବିନେଟ୍ ଦ୍ୱାରା ରାଜ୍ୟରେ ବାଧ୍ୟତାମୂଳକ ସ୍ମାର୍ଟ ମିଟର ସଂଯୋଗ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତି ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ଏବଂ କର୍ପୋରେଟ୍ ହିତକୁ ପ୍ରାଥମିକତା ଦେଉଥିବା ନିଷ୍ପତ୍ତି। ବିଜେପି ନିଜର ନିର୍ବାଚନୀ ପ୍ରତିଶ୍ରୁତିରେ ୩୦୦ୟୁନିଟ୍ ମାଗଣା ବିଜୁଳି ଦେବା ପାଇଁ ଘୋଷଣା କରିଥିଲା, ଯାହାକି ବର୍ତ୍ତମାନ ଏକ ରାଜନୈତିକ ଠକେଇ ସାବ୍ୟସ୍ତ ହୋଇସାରିଛି। ସ୍ମାର୍ଟ୍ ମିଟର ନାମରେ ଟାଟା ପାୱାର ପାଇଁ ସରକାର ହଜାର ହଜାର କୋଟି ଟଙ୍କାର ଲୁଟ୍ ପାଇଁ ରାସ୍ତା ଖୋଲି ଦେଇଛନ୍ତି ଏବଂ କ୍ୟାବିନେଟ୍‌ରେ ମୋହର ମାରି ଏହି ଲୁଟ୍‌କୁ ଆଇନଗତ ରୂପ ଦେବାର ପ୍ରୟାସ କରୁଛନ୍ତି ସରକାର। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ହେଉଛି ଓଡ଼ିଶା ଇତିହାସର ସବୁଠାରୁ ବଡ଼ ଜନବିରୋଧୀ ଓ କର୍ପୋରେଟ୍ ପ୍ରେରିତ ଚକ୍ରାନ୍ତ। ବିଜେପି ଦଳ ଯେଉଁ ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଛି, କିନ୍ତୁ ଏଠି ପ୍ରମାଣିତ ହେଉଛି ଯେ ଏହା କର୍ପୋରେଟ ମାନଙ୍କ ସରକାର। ଓଡ଼ିଶାର ଗରିବ, ମଧ୍ୟବର୍ଗୀୟ, କୃଷକ ଓ ଶ୍ରମିକଙ୍କ ଉପରେ ବିଜୁଳି ବୋଝ ଲଦି, ଟାଟା ପାୱାରକୁ ଖୁସି କରିବା ଏହି କ୍ୟାବିନେଟ୍‌ର ଏକମାତ୍ର ଉଦ୍ଦେଶ୍ୟ। ଯଦି ସ୍ମାର୍ଟ ମିଟର ସଂଯୋଗୀକରଣ କରାଯାଏ ତେବେ ବିଦ୍ୟୁତ୍ ବିଲ୍ ମନ ମୁତାବକ ଆସିବ, ପ୍ରିପେଡ ସିଷ୍ଟମ୍ ଯୋଗୁଁ ଯାହା ପାଖରେ ପଇସା ନ ଥିବ ତାକୁ ଅନ୍ଧାରରେ ଦିନ କାଟିବାକୁ ପଡ଼ିବ, ଗ୍ରାମାଞ୍ଚଳରେ ମଧ୍ୟମ ଓ ନିମ୍ନ ବର୍ଗୀୟ ଲୋକ ଅତ୍ୟନ୍ତ ପ୍ରଭାବିତ ହେବେ। ଏହା ସହ ଇଂ ପୂଜାରୀ ଚେତାବନୀ ଦେଇ କହିଛନ୍ତି ଯେ ଓଡ଼ିଶା ଜନତା ଏହାକୁ ବରଦାସ୍ତ କରିବେ ନାହିଁ, ସ୍ମାର୍ଟ ମିଟର ନାମରେ ହେଉଥିବା ଲୁଟ୍‌କୁ କେହି ବରଦାସ୍ତ କରିବେ ନାହିଁ, ଯଦି ଏହି ଜନବିରୋଧୀ, କର୍ପୋରେଟ୍ ପ୍ରେରିତ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ନକରାଯାଏ, ତେବେ ଓଡ଼ିଶାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ ଆରମ୍ଭ କରିବା ପାଇଁ ବାଧ୍ୟ ହେବେ ବୋଲି ଇଂ ପୂଜାରୀ ଚେତାବନୀ ଦେଇଛନ୍ତି।

# 'ସମ୍ବଲପୁରୀ ଭାଷାରେ ଅଧିକ ସାହିତ୍ୟ ସୃଷ୍ଟି ହେଉ'

ସମ୍ବଲପୁର, ୨୬।୧୨ (ସମିସ) : ଓଡ଼ିଶା ସାଂସ୍କୃତିକ ସମାଜ ପାଠାଗାର ସମିତି ପକ୍ଷରୁ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ରୂପେ କାର୍ତ୍ତିକ ପ୍ରସାଦ ବହିଦାର ଯୋଗ ଦେଇଥିଲେ। ସାହିତ୍ୟ ଆସରରେ ବକ୍ତାମାନେ ସମ୍ବଲପୁରୀ ଭାଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସମ୍ବଲପୁରୀ ଭାଷାରେ ଅଧିକ ସାହିତ୍ୟ ସୃଷ୍ଟି ହେଉ ଏବଂ ଲେଖକ ଓ କବି ବାସ୍ତବତାକୁ ଶବ୍ଦ ମାଧ୍ୟମରେ ଚିତ୍ରଣ କରି ସଚେତନତା ସୃଷ୍ଟି କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଶ୍ରୀ ଦାନୀ ସମ୍ବଲପୁରୀ ଭାଷାର ବିକାଶ ପାଇଁ ସମସ୍ତଙ୍କୁ ଏକ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପାଠାଗାର ସମିତିର ସହ-ଆବାହକ ତଫିଜୁଲ ହୁସେନ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ଉପଲକ୍ଷେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାରେ ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱର୍ଗତ ବାଜପେୟୀଙ୍କ ଏକ କବିତା ଆବୃତ୍ତି କରିଥିଲେ।

# ସୁବାସିନୀ ପ୍ରଧାନଙ୍କ ପରଲୋକ

ସମ୍ବଲପୁର, ୨୬।୧୨ (ସମିସ) : ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଦେବେଇପାଲି ବାସିନ୍ଦା ସୁବାସିନୀ ପ୍ରଧାନ (୮୨)ଙ୍କ ପରଲୋକ



ହୋଇଯାଇଛି। ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ବରଗଡ଼ ଜିରା ନଦୀ କୂଳରେ ଥିବା ଆଶ୍ରମର ହରିଚରଣ ଦାସ ମହାରାଜଙ୍କ ଶିଷ୍ୟା ଥିଲେ। ତାଙ୍କର ୩ ପୁଅ ଅକ୍ଷୟ, ଡୁଲାମଣି ଓ ଦେବେନ୍ଦ୍ର, ଝିଅ ପ୍ରମିଳା, ବୋହୂ, ଜ୍ୱାଇଁ, ନାତିନାତୁଣୀ ତଥା ପରିବାରବର୍ଗ ରହିଛନ୍ତି। ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ।

## ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟା

# 'ସମାଜରେ ପରିଚୟ ଖୋଜୁଛି ନାରୀ'

ସମ୍ବଲପୁର, ୨୬।୧୨ (ସମିସ) : ଝାଡୁଆପଡ଼ାସ୍ଥିତ ଆରଣ୍ୟକ ମଞ୍ଚରେ 'ଯୁବ ଉଦୟନ' ପକ୍ଷରୁ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟାରେ ଆଜି ନାଟକ 'ଫେର୍ ସେ ଶ୍ରବଣ', 'ଶକୁନ୍ତଳା' ଓ 'ଭାଜ୍ୟ ଭାଜକ ଭାଗଫଳ' ମଞ୍ଚସ୍ଥ ହୋଇଥିଲା। ଡିସେମ୍ବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପ୍ରତିଯୋଗିତା ନାଟକ ଅନୁଷ୍ଠିତ



ହେବାକୁ ଥିବାବେଳେ ୨୯ ତାରିଖରେ ପ୍ରଦର୍ଶନୀ ନାଟକ ଏବଂ ପୁରସ୍କାର ବିତରଣୀ ଅନୁଷ୍ଠିତ ହେବ।

ମଣିଷ ଆଜି ପୁରୁଣାକୁ ଭାଙ୍ଗି ନୂତନ ଗଢୁଛି ଏବଂ ଭବିଷ୍ୟତରେ ଉନ୍ନତି ଓ ପ୍ରଗତିର ରାସ୍ତା ଆପଣାଉଛି। କିନ୍ତୁ ପୁରୁଣାର ମଧ୍ୟ ଅନେକ ବିଶେଷତ୍ୱ ରହିଛି। ତାହା ଆମର ମୂଳ ଆଧାର ସହ ଯୋଡ଼ିହୋଇ ରହିଛି। ଆମେ ପରିସ୍ଥିତି ଓ ସମୟର ଆହ୍ୱାନ ବୋଲି ଦ୍ୱାହି ଦେଇଥାଉ। କିନ୍ତୁ ଆମେ ଭୁଲିଯାଉ ଆମ କର୍ତ୍ତବ୍ୟ, ଅଧିକାର କେବଳ ନୁହେଁ, ଚେହେରା ବଦଳେ, ରଙ୍ଗ ବଦଳେ କିନ୍ତୁ ପରିଚୟ କ'ଣ କେବେ ବଦଳିଥାଏ? ଲୋକେ କୁହନ୍ତି ମା'ଠାରୁ ବଡ଼ ତୀର୍ଥ ନାହିଁ, ବାପାଙ୍କଠୁ ବଳି ଭଗବାନ ନାହାନ୍ତି। ଏହାକୁ ବୁଝିଥିଲା ତ୍ରେତୟା ଯୁଗର ଶ୍ରବଣ କୁମାର। ଆମେ କ'ଣ ହେଇପାରିବାନି ଶ୍ରବଣ? ଏହି ବିଷୟବସ୍ତୁକୁ ନେଇ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ତୃତୀୟ ରଜନୀର ପ୍ରଥମ ନାଟକ ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ପକ୍ଷରୁ ଡଃ ଅତୀଶ କୁମାର ଶତପଥୀଙ୍କ ରଚନା ଓ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିଲା ନାଟକ 'ଫେର୍ ସେ ଶ୍ରବଣ'।

ଆଜି ସନ୍ଧ୍ୟାର ଦ୍ୱିତୀୟ ନାଟକ ଥିଲା 'ଶକୁନ୍ତଳା'। ଡଃ ଚନ୍ଦ୍ରକାନ୍ତ ମହାନନ୍ଦଙ୍କ ରଚନା ଓ ନିର୍ଦ୍ଦେଶନାରେ ଏହାକୁ ପରିବେଷଣ କରିଥିଲେ ପ୍ରତିବାଦ ଜ୍ଞାନ, ପଦମପୁର, ବରଗଡ଼ର କଳାକାରମାନେ। ନାଟକର ବିଷୟବସ୍ତୁ ମହାକବି କାଳିଦାସଙ୍କ ରଚିତ ଅଭିଜ୍ଞାନ ଶକୁନ୍ତଳମ୍ ଉପରେ ଆଧାରିତ। କାହାଣୀ ଆରମ୍ଭ ହୋଇଛି ଋଷି ବିଶ୍ୱାମିତ୍ରଙ୍କ ତପସ୍ୟା ଭଙ୍ଗ କରିବା ପାଇଁ ମେନକାଙ୍କୁ ଧରାପୃଷ୍ଠକୁ ପଠେଇବା। ଏହାପରେ ପ୍ରେମ ସମ୍ପର୍କ, କନ୍ୟା ସନ୍ତାନର ଜନ୍ମ, ଋଷି କଣ୍ୱ କନ୍ୟାକୁ ନେଇ ଆଶ୍ରମରେ ଲାଳନପାଳନ କରିବା ସହ ଶକୁନ୍ତଳା ବୋଲି ନାମକରଣ କରିବା ପର୍ଯ୍ୟନ୍ତ। ପୁଣି ପୁରୁ ବଂଶର ରାଜା ଦୁଷ୍ମନ୍ତ ଶିକାର ପାଇଁ ଆସି ଶକୁନ୍ତଳାଙ୍କ ପ୍ରେମରେ ପଡ଼ିଯିବା, ଋଷି ଦୁର୍ବାସା ଅଶ୍ରମକୁ ଆସି ଶକୁନ୍ତଳା ଅଣଦେଖା କରିଥିବାରୁ ଅଭିଶାପ ଦେବା, ଶକୁନ୍ତଳାଙ୍କୁ ଦୁଷ୍ମନ୍ତଙ୍କ ପାଖକୁ ପଠାଇବାରୁ ସେ ଚିହ୍ନି ନପାରିବା ଏବଂ ସେଠାରୁ ଶକୁନ୍ତଳା ପଳେଇ ଆସିବା, ପୁଣି ଜଣେ ମାଛ ଧରାଳି ମୁଦି ନେଇ ଦେଖାଇବା ପରେ ରାଜା ମୁଦିକୁ ଚିହ୍ନି ପୁଣି ଶକୁନ୍ତଳାଙ୍କୁ ମନେ ପକାଇ ଖୋଜିବା ଆଦି ଶକୁନ୍ତଳାଙ୍କ ଜୀବନ କାହାଣୀକୁ ଅତି ସରଳ ଓ ଶବ୍ଦ ସଂଯୋଜନା ତଥା ଅଭିନୟରେ ବଖାଣିଛନ୍ତି କଳାକାରମାନେ।

ଆମ ସମାଜ ତଥା ପରମ୍ପରାରେ ନାରୀ ବହୁତ ସମ୍ମାନର ଅଧିକାରୀ। ସ୍ଥାନ, କାଳ, ପାତ୍ର ଦେଖି ସେମାନଙ୍କ ପରିଚୟ ଭିନ୍ନ ଭିନ୍ନ ହୋଇଥାଏ। ଏସବୁକୁ ଦେଖିଲେ ପରିବାର ପାଇଁ, ସମାଜ ପାଇଁ ନାରୀର ମହତ୍ତ୍ୱକୁ ବୁଝିହୁଏ। ସରକାର ମଧ୍ୟ ନାରୀକୁ ପୁରୁଷ ସହିତ ସମାନ ଦର୍ଜା ଦେବାସହ ସଶକ୍ତ କରୁଛନ୍ତି। ତେବେ, କଳା, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁଦିଗରୁ ସରକାର କନ୍ୟା ମାନଙ୍କୁ ପ୍ରୋତ୍ସାହନ ଦେବା ବେଳକୁ ପରିବାରଠାରୁ କ'ଣ ସେଭଳି ସହଯୋଗ ମିଳିପାରୁଛି? ଏହାର ଉତ୍ତର ଖୋଜୁଛି ବୀର ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଶେଷ ନାଟକ 'ଭାଜ୍ୟ, ଭାଜକ, ଭାଗଫଳ'।

ଆସନ୍ତାକାଲି ଶନିବାର ୨୭ ତାରିଖ ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ୍ ଆସୋସିଏସନ, ସମ୍ବଲପୁରର 'ଡର୍', ଅଙ୍ଗମଞ୍ଚ, ମହୁଲପାଲି, ପଦମପୁରର 'ଅନ୍ଧାରକୁ ଉକିଆ ଡକ୍' ଏବଂ ମାହେଶ୍ୱରୀ ନାଟ୍ୟ ସଂସଦ, ଆଠମଲ୍ଲିକ, ଅନୁଗୋଳର 'ଝରନିପାଲିର ଝରନା' ମଞ୍ଚସ୍ଥ ହେବ।

# ସେବା ଭାରତୀ ପକ୍ଷରୁ ରକ୍ତଦାନ ଶିବିର




ସମ୍ବଲପୁର, ୨୬।୧୨ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପାଳନ ଅବସରରେ ସେବା ଭାରତୀ ଏବଂ ସଂଘର ଭୀମଭୋଇ ତରୁଣ ବ୍ୟବସାୟୀ ଶାଖାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ବୁଢାରଜା ଦାନୀପାଲିସ୍ଥିତ ଭୀମଭୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ଶିବିରରେ ୪୪ ଜଣ ରକ୍ତଦାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବରେ ଶିବିରକୁ ଉଦ୍‌ଘାଟନ କରିଥିଲେ। ବୁର୍ଲା ଭିମସାର ବ୍ଲଡବ୍ୟାଙ୍କର ଡାକ୍ତର ନୀତିଶ ପ୍ରଧାନ, ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାସ, ଜନକ ବେହେରା ଓ ଅଜୟ ପ୍ରଧାନ ଶିବିରରେ ଯୋଗଦେଇଥିଲେ। ସଂଘର ବୁଢାରଜା ନଗର ସଂଘଚାଳକ ସତ୍ୟ ନାରାୟଣ ପଣ୍ଡା, ସେବାଭାରତୀର ପଶ୍ଚିମ ପ୍ରାନ୍ତ ସଭାପତି ରବି ଟଣ୍ଡନ, ସମ୍ବଲପୁର ମହାନଗର ସଭାପତି ବିବେକାନନ୍ଦ ଦାଶ, ସଂଘର ପୂର୍ବତନ ଜିଲ୍ଲା ପ୍ରଚାରକ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର, ଗୋଲକ ବିହାରୀ ମିଶ୍ର, ସବିତା ପଣ୍ଡା, ବିଷ୍ଣୁପ୍ରିୟା ଜେନା ଓ ବିଶ୍ୱ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଜନତାଦଳର ୨୯ତମ ପ୍ରତିଷ୍ଠା ଦିବସ

# ବିଜେଡି ଆଜି ଏକ ସାମାଜିକ ଆନ୍ଦୋଳନ





### ସମ୍ବଲପୁର

ସମ୍ବଲପୁର, ୨୬।୧୨(ସମିସ):ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଅବସରରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳ ସମ୍ବଲପୁର ପକ୍ଷରୁ ସ୍ଥାନୀୟ ରେମେଡ଼ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରାଯିବା ସହସାଧାରଣ ସଭାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେଡିର ବହୁ ସଂଖ୍ୟାରେ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ସଭାକୁ ଦଳର ବରିଷ୍ଠ ନେତା ତଥା ଜିଲ୍ଲା ଉପସଭାପତି ବସନ୍ତ ମିଶ୍ର ପରିଚାଳନା କରିବା ସହ ଦଳର ବିଭିନ୍ନ ନେତୃମଣ୍ଡଳୀ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ଧର୍ମରାଜ୍ ମରେଇ, ସୁବାସ ଜେନା, ଅଶୋକ ପଟେଲ, ବିଜୟ ଆଜମେରିଆ, ସତ୍ୟେନ୍ଦ୍ର ଦାସ, ସଞ୍ଜୀବ ଷଡ଼ଙ୍ଗୀ, ପ୍ରଦୋଷ ମହାନ୍ତି, ଲକ୍ଷ୍ମୀ ମହାପାତ୍ର, ପ୍ରଶାନ୍ତ ଥାପା, ପ୍ରହଲ୍ଲାଦ ଗୁରୁ, ହର୍ଦିପ ସିଂ ଭୁର୍ଜୀ, ଶାନ୍ତନୁ ବଡ଼ପଣ୍ଡା, ବୁଲୁ ତ୍ରିପାଠୀ, ରୁଦ୍ର ଷଡ଼ଙ୍ଗୀ, ସୁରେନ୍ଦ୍ର ବିଶ୍ୱାଳ, ଭାସ୍କର ଦାସ, ରବୀନ୍ଦ୍ର ସିଂ, ଆର୍ ଏ ଶିବ କୁମାର, କିଶୋର ମୁଣ୍ଡା, ସୂର୍ଯ୍ୟକାନ୍ତ ସ୍ୱାଇଁ, ନରେନ୍ଦ୍ର ଭୁକ୍ତା, ରୁବେନ ଛତ୍ରିଆ, ବ୍ରହ୍ମଦେବ ମହାନ୍ତି, ବିକାଶ ଖେତି, ମନୋଜ ଦାସ, ଶେଷଦେବ ଗୁରୁ, ସୁକେଶ୍ ସିଂ, ସଞ୍ଜୟ ବର୍ମା, ମଞ୍ଜୁ ଓରାମ, ଉତ୍ତମ ବାଗ, ଦୁଲାଲ୍ ରାୟ, ମନ ଥାପା, ଜଗ ବାରିକ, ଗୋପକୃଷ୍ଣ ଦାଶ, ସନ୍ତୋଷ ବାଗ୍, ଅର୍ଜୁନ ସିଂ, ବିଶାଳ ଗରୁଡ, ଅବିନାଶ କେରକେଟା, ପ୍ରଶାନ୍ତ ନାୟକ, ରାଜେଶ ମିଶ୍ର, ଓଁକାର ନାୟକ, ନନ୍ଦ ବାବୁ, ପ୍ରକାଶ ବେହେରା, ଭଗବାନ ଓରାମ, ସନ୍ତୋଷ ମହାନ୍ତି, ଦିଲ୍ଲୀପ ପ୍ରଧାନ, ରାକେଶ ରାଉତ, ମାୟାଧର ଜେନା, ବାଦଲ ବଣିକ, ବିଶ୍ୱାମିତ୍ର ସାହୁ, ସୋନୁ ବାରିକ, ସୁନିଲ ମେହେର, ଗଣେଶ କରାଲି ଏବଂ ମହିଳା ଜନତା ଦଳର ବରିଷ୍ଠ ନେତ୍ରୀ ଉଷା ପ୍ରଧାନ, ନନ୍ଦିନୀ ପ୍ରଧାନ, ଲିଳିମା ମଲ୍ଲିକ, ଶାନ୍ତିଲତା ସ୍ୱାଇଁ, ଅନିତା ନାଏକ, କଳ୍ପନା ବେହେରା, ପୂଜା ଦେବୀ, ପାରୋ ମୁଣ୍ଡା, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରମିଳା ପ୍ରଧାନ, ଲକ୍ଷ୍ମୀ ସାହୁ, ରେଣୁବାଳା ମରେଇଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ଥିଲେ।



### ଯୁଯୋମୁରା ବ୍ଲକ୍

ସମ୍ବଲପୁର: ଯୁଯୋମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତସ୍ଥିତ ପଟୁଆବାହାଲ ଶିବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ବ୍ଲକ କମିଟି ସଭାପତି ବିନୋଦ କୁମାର ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ସଭାପତି ଶ୍ରୀ ବଡ଼ପଣ୍ଡା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହାପରେ ବକ୍ତାମାନେ ବର୍ତ୍ତମାନର ସରକାର ଚାଷୀର ଖରିଫ ଧାନବିକ୍ରୟ, ପ୍ରଦୂଷଣ ପ୍ରମାଣପତ୍ର, ଏସ୍‌ଆଇଆର୍ ଆଦିକୁ ନେଇ କିଭଳି ସାଧାରଣ ଜନତାଙ୍କୁ ହଇରାଣ କରୁଛି ତାହା କହିଥିଲେ। ଏହାସହ ଶ୍ରୀ ବେହେରା ଆଗାମୀ ଦିନରେ ବିଜେଡି ସଙ୍ଗଠନକୁ ତୃଣମୂଳସ୍ତରରୁ ମଜବୁତ କରି ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ସଭାପତି ଓ ଅନ୍ୟ କର୍ମକର୍ତ୍ତା-ଇସମାଇଲ ବଢ଼େଇ, ରାଜକୁମାର ସାହୁ, ଅୟସକାନ୍ତ ବଡ଼ପଣ୍ଡା, ଘନ ସାହୁ, ଝସକେତନ ନାଏକ, ପ୍ରତାପ ନାଏକ, ଦୟାସାଗର ପ୍ରଧାନ, ବିରେନ୍ଦ୍ର ପଶାୟତ, ହରିହର ନାଏକ, ଅଶ୍ୱିନୀ ନାଏକ, ବୈରାଗୀ ଦେହୁରୀ, ସୁଧିର ପ୍ରଧାନ, ବିଜୟ ସ୍ୱାଇଁ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

### ରେଢ଼ାଖୋଲ

ରେଢ଼ାଖୋଲ: ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଦେହୁରୀସାହିସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ଜିଲ୍ଲା ଉପସଭାପତି ଅନାଦି ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆଶିର୍ବାଦରେ ବିଜୁ ଜନତା ଦଳ ଆଜି ଏକ ସାମାଜୀକ ଆନ୍ଦୋଳନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ସଫଳତା ପଛରେ ଅଛନ୍ତି ଏକ ସମୃଦ୍ଧ, ସଶକ୍ତ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ଓଡ଼ିଶାବାସୀ। ସେହିମାନଙ୍କୁ ସାଥୀରେ ଧରି ବିଜୁ ଜନତା ଦଳ ଶହ ଶହ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରି ଚାଲିବ ବୋଲି ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ବିକାଶକୁ ତ୍ରିଭୁଜ ସହିତ ଯଥା ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମିର ବିକାଶକୁ ଏକ ସାଙ୍ଗରେ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୪ ବର୍ଷ ଧରି ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି ବୋଲି ଉପସ୍ଥିତ ବରିଷ୍ଠ ନେତୃମଣ୍ଡଳୀ ନିଜ ଅଭିଭାଷଣ ରଖିଥିଲେ। ଭାଷା ଭିତ୍ତିକ ରାଜ୍ୟ ଗଠନ ଓ ମୋ ରାଜ୍ୟକୁ ଆର୍ଥିକ ସ୍ୱାଧୀନତା ଦେବା ପାଇଁ ବିଜୁ ବାବୁ ସର୍ବଦା ଚେଷ୍ଟା କରିଥିଲେ ବୋଲି ବରିଷ୍ଠ ବିଜେଡି ନେତା ଧନେଶ୍ୱର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଦୀର୍ଘ ୨୪ ବର୍ଷ ଧରି ନିରନ୍ତର ଭାବରେ ଓଡ଼ିଆ ଜାତି ଓଡ଼ିଶାର ସଂସ୍କୃତି ଓ ସ୍ୱାଭିମାନକୁ କିପରି ଆଗକୁ ନେବାକୁ ହେବ ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ବଦା ପ୍ରୟାସ ଜାରି ରଖି ଆଜି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନ୍ୟ ରାଜ୍ୟ ଗୁଡିକ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ କହିଛନ୍ତି। ପ୍ରତିଷ୍ଠା ଦିବସରେ ବିଜେଡିର ବରିଷ୍ଠ ନେତା ଖିରୋଦ ଖିଲାରୀ, ବିଜେଡି ଜିଲ୍ଲା ସମ୍ପାଦକ ପୁରୁଷୋତ୍ତମ ଅଗ୍ରୱାଲ, ଚିନ୍ମୟ ପଣ୍ଡା, ବିରିକ ବହାଦୁର, ସଞ୍ଜୟ ମିଶ୍ର, ଶମ୍ଭୁପ୍ରସାଦ ପ୍ରଧାନ ବିଜେଡି ନଗର ଯୁବ ସଭାପତି ବିକାଶ ଦାସ, ନଗର ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, କାଉନସିଲର ସୁଧାଂଶୁ ଅମାତ, ପୂର୍ବତନ କାଉସିଲର ଲକ୍ଷ୍ମଣ ପ୍ରଧାନ, ରାଜୀବ ଲୋଚନ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ବିଜେଡି କର୍ମୀ ରାଜୁ ମୁଖି, ଜିତେନ୍ଦ୍ର ବେହେରା, ରାଜକିଶୋର ପ୍ରଧାନ, ବଶିଷ୍ଠ ରାଉତ, ପ୍ରଦୀପ ଚାଉଳିଆ, ବୁବୁ ରାଉତ, ଦିଲ୍ଲୀପ ଦେହୁରୀ, ଦତ୍ତ ବିଶ୍ୱାଳ, ନନ୍ଦୁ ମିରି, ପ୍ରଶାନ୍ତ ପ୍ରଧାନ, ସୁନୀଲ ସାହୁ, ଖେଳନିଧି ପ୍ରଧାନ, ଜୟଦେବ ପୃସେଠ, ଶଶାଙ୍କ ଗିରି ପ୍ରମୁଖ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଏବଂ ବରିଷ୍ଠ ପଦାଧିକାରୀ ତଥା ଯୁବଛାତ୍ର ମହିଳା ପଦାଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ରେଢ଼ାଖୋଲ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜିରେ ବିଜେଡିର ପ୍ରତିଷ୍ଠା ଦିବସ

# ଉନ୍ନୟନ କାର୍ଯ୍ୟର ସିଂହଭାଗ ପିସିରେ ଯାଉଛି





ଟିଟିଲାଗଡ଼, ୨୬ ।୧୨(ସମିସ)

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଯାହା ବି ଉନ୍ନୟନ କାର୍ଯ୍ୟ ହେଉଛି ସେଥିରୁ ସିଂହ ଭାଗ ପିସିରେ ଯାଉଛି। ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଏହି ମତ ପ୍ରକାଶ ପାଇଛି। ଏକ ବିଶାଳ ସମାବେଶରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ରାଜ୍ୟ ସରକାର ଏବଂ ଟିଟିଲାଗଡ଼ ବିଧାୟକଙ୍କ ଉପରେ ସେ ବର୍ଷିଥିଲେ। ବର୍ତ୍ତମାନ ରାଜ୍ୟରେ ମହିଳା ଆଉ ସୁରକ୍ଷିତ ନାହାନ୍ତି ବୋଲି ସେ କହିଥିଲେ। କେବଳ ବିଜେଡ଼ି ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ କରାଯାଉଛି। କିଛି ନୂଆ ଯୋଜନା ନାହିଁ। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ଉନ୍ନୟନ କାର୍ଯ୍ୟରେ ୧୦ରୁ ୨୦ ପ୍ରତିଶତ ପିସି ଅସୁଲ ହେଉଛି। ପୂର୍ବ ସରକାର ଆଇନ ତିଆରି କରି ସହରର ଭୂମିହୀନଙ୍କୁ ସେମାନଙ୍କ ବାସ ଗୃହର ଅଧିକାର ପ୍ରଦାନ କରିଥିଲେ। ବର୍ତ୍ତମାନ ଟିଟିଲାଗଡ଼ ବିଧାୟକଙ୍କ ଇସାରାରେ ସେ ସବୁ ଭଙ୍ଗା ଚାଲିଛି। ସେ ମିଶନ ଶକ୍ତି ମନ୍ତ୍ରୀ ଥିବା ବେଳେ ଟିଟିଲାଗଡ଼ ସହରର ମୁଖ୍ୟ ସ୍ଥାନରେ ମିଶନ ଶକ୍ତି ହାଟ ନେଇ ୬୯ଟି ଷ୍ଟଲ ତିଆରି କରାଇଥିଲେ। ମହିଳା ଗୋଷ୍ଠୀ ଉପକୃତ ହେବେ ବୋଲି ଯୋଜନା ରହିଥିଲା। ତେବେ ନୂଆଁ ସରକାର ଆସିବା ପରେ ଆବଣ୍ଟନ ନେଇ ଷ୍ଟଲ ପିଛା ୧ ଲକ୍ଷ ଟଙ୍କା ଦାବି ଯୋଗୁଁ ସବୁ ଷ୍ଟଲ ବର୍ତ୍ତମାନ ଖାଲି ପଡ଼ିଛି। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଏଭଳି ଅବ୍ୟବସ୍ଥା ପାଇଁ ବିଜେଡ଼ି ରାସ୍ତାକୁ ଓହ୍ଲାଇବ। ଜନତା ତୀବ୍ରରୁ ତୀବ୍ର ବିରୋଧ କରିବେ। ସଚେତନ ଜନତା ଟିଟିଲାଗଡ଼ ବିଧାୟକ ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟ ବୁଝିସାରିଲେଣି। ଆଗାମୀ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ଜନତା ଭୋଟ ମାଧ୍ୟମରେ ଏହାର ଜବାବ ଦେବେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ। ତାଙ୍କ ପଞ୍ଚାୟତରେ ବିଜେଡି ସରକାରଙ୍କ ସମୟରେ ୩ ଲକ୍ଷ ଟଙ୍କା ଏକ ଉନ୍ନୟନ କାର୍ଯ୍ୟ ନେଇ ୫୦ ହଜାର ଟଙ୍କା ଲାଞ୍ଚ ନିଆଯାଇଥିବା ଟିଟିଲାଗଡ଼ ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା ସଭାରେ ଅଭିଯୋଗ ଆଣିଥିଲେ। ଦଳର ନଗର ସଭାପତି ରଣଜିତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ




ସଭାରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ଟିଟିଲାଗଡ଼ ପୌର ଉପାଧ୍ୟକ୍ଷା ପୁଷ୍ପା ମଞ୍ଜରୀ ଜାଲ, ବ୍ଲକ ଉପାଧ୍ୟକ୍ଷା ଜଗତରାମ ରଣା, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ବରିଷ୍ଠ ନେତା ସୁଧୀର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭରତ ତାଣ୍ଡି, ଜ୍ଞାନରଞ୍ଜନ ସରାଫ, ସୁବ୍ରତ ବେହେରା ପ୍ରମୁଖ ଟିଟିଲାଗଡ଼ ବିଜେପି ବିଧାୟକ ଏବଂ ରାଜ୍ୟ ସରକାରଙ୍କ ଦୁର୍ଗୁଣ ବଖାଣିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ନେତୃତ୍ୱରେ ଦଳୀୟ ନେତା ଏବଂ କର୍ମୀ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଏବଂ ବୀର ହନୁମାନ ବ୍ୟାୟାଶାଳା ପରିସରସ୍ଥ ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ସରପଞ୍ଚ ନରେଶ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ହାତୀ, ମୁନିରାମ ଖରସେଲ, ଅମିତ ରଥ, ଚୂଡ଼ାଚନ୍ଦ୍ର କୁମ୍ଭାର, କାଉନସିଲର ମାନସ ସାହୁ, ଗୋପାଲକୃଷ୍ଣ ବେହେରା, ପ୍ରକାଶ ମହାନନ୍ଦ, ବଳରାମ ଘିଭେଲା, ସମିତି ସଭ୍ୟ ଉମାକାନ୍ତ ରଣା, ତୁଳସୀ ବଛା, ଲୋଚନ ରଣା, ନିଲୁ ମହାନନ୍ଦ, ଯୋଗେଶ୍ୱର ଟାକ୍ରୀ ପ୍ରମୁଖ ଶତାଧିକ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

**ପାଟଣାଗଡ଼:** ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପାଟଣାଗଡ଼ର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ଅଞ୍ଚଳର ତିନୋଟି ବ୍ଲକର ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପାଟଣାଗଡ଼ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଏନଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ମଧ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଡ. ଅମଜଦ ଖାଁଙ୍କ ନେତୃତ୍ୱରେ ଏହା ପାଳିତ ହୋଇଛି। କଣ୍ଟାବାଞ୍ଜି ସରକାରୀ ହସ୍ପିଟାଲରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜେଡି ଅଫିସରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଗୋପା ମହାନନ୍ଦ, ବଙ୍ଗୋମୁଣ୍ଡା ବ୍ଲକ ବିଜେଡି ସଭାପତି ରାଧେଶ୍ୟାମ କେତକୀ, ପତ୍ରାପାଲି ସମିତି ସଭ୍ୟ ସନ୍ୟାସି ପୁଟେଲ, କଣ୍ଟାବାଞ୍ଜି ଏନଏସି କାଉନସିଲର ମନୀଷ ଅଗ୍ରୱାଲ, ଏସ କେ ଅନବର, ବରିଷ୍ଠ ବିଜେଡି ନେତା କର୍ଣ୍ଣ ମେହେର, ରାଜକିଶୋର ସୁନା, ଯୁବନେତା ଉତ୍ତର ପନିକା, ସିମରାନ କୌର, କୈଳାଶ ସାହୁ ଶରତ ବେହେରା, ବାବୁଲିନ ମହାନନ୍ଦ, ମନୋଜ ସାହୁ, ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ରାୟ, ଦୀପକ ମନିହାର, ସଞ୍ଜୟ ସୁନା, ଗଫାର ଖାଁ, ଅଙ୍କିତ ଯଶପାଳ, ଜଗଦୀଶ ପୁଟେଲ, ପ୍ରଦୀପ ପୁଟେଲ, ପବିତ୍ର ରଣା, ମୁକେଶ ଭୋଇ, ବିନୋଦ ବେହେରା, ଅରକ୍ଷିତ ମେହେର ପ୍ରମୁଖ ଯୋଗ ଦେଇଥିଲେ।

**ରାଜ୍ୟ ସରକାର, ଟିଟିଲାଗଡ଼ ବିଧାୟକଙ୍କ ଉପରେ ବର୍ଷିଲେ ଟୁକୁନି**

## ବ୍ୟଙ୍ଗ କବି ଗଦାଧର ନିଆଲଙ୍କୁ ସମ୍ବର୍ଦ୍ଧନା




**ବଲାଙ୍ଗିର, ୨୬ ।୧୨(ସମିସ):** ବଲାଙ୍ଗିର ଗେଟସରୋବର ପଡ଼ା ଅମ୍ବେଦକର କ୍ଲବରେ ମୁହୁରୀ କଳାପରିଷଦ କୁତମୁଣ୍ଡା, ପାଟଣାଗଡ଼ ଓ ଆମ୍ବେଦକର କ୍ଲବ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ବ୍ୟଙ୍ଗ କବି ଗଦାଧର ନିଆଲଙ୍କ ଉଦ୍ଦେଶ୍ୟରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସୀତାରାମ କୁମ୍ଭାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ନେପାଳ ଚନ୍ଦ୍ର ବାଗ, ବାସୁଦେବ ମୁଗ୍ରୀ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବିପ୍ର ଚରଣ ଜୟପୁରିଆ ଉପସ୍ଥିତ ଥିଲେ। ଶ୍ରୀ ନିଆଲଙ୍କୁ ‘ଦଳିତଙ୍କ ସ୍ୱର’ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମୁହୁରୀ କଳାପରିଷଦର ମୁଖ୍ୟ ସମ୍ପାଦକ ଭେଲାରାମ୍ କୁମ୍ଭାର(ହିମାଂଶୁ) ଏବଂ ଉପସଭାପତି ମୁରଲୀ ଶିକାଙ୍କ ସମେତ ତରଣୀ ଦୀପ, ସୂର୍ଯ୍ୟ ସୁନା, ସରୋଜ ମେସ୍ତା, ମଙ୍ଗଲୁ ତାଣ୍ଡି, ସିମେଇ ଦୀପ, ଜଗନ୍ନାଥ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅର୍ଜୁନ ମୁଗ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**■ ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କ ଅଫିସ ଘେରାଉ**

## ବିଜେପି ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ

**ପାଟଣାଗଡ଼, ୨୬ ।୧୨(ସମିସ):** ରାଜ୍ୟ ତଥା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ବିଜେପି ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଶୁକ୍ରବାର ପାଟଣାଗଡ଼ ବିଜେଡି ସ୍ଥାନୀୟ ଉପଜିଲ୍ଲାପାଳ ଅଫିସ ଘେରାଉ କରିଛି। ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ଅଞ୍ଚଳର ଚାଷୀଙ୍କୁ ନେଇ ଏକ ବାଇକ ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସକାଳ ୧୧ଟାରେ ରାମପୁରରେ ଦଳର କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ହଜାର ହଜାର ଚାଷୀ ଏକତ୍ରିତ ହୋଇଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ପାଟଣାଗଡ଼ ମୁଖ୍ୟ ରାସ୍ତାଦେଇ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଦଳର କର୍ମକର୍ତ୍ତା ବିଜେପି ସରକାରଙ୍କ ଚାଷୀ ମାରଣନୀତି ବିରୋଧରେ ବର୍ଷିଥିଲେ। ବିଜେଡି ଜିଲ୍ଲା ସଭାପତି ଶ୍ରୀ ମେହେର କହିଥିଲେ ଯେ ବିଜେପି ସରକାର ଚାଷୀଙ୍କ ପ୍ରତି କୁଠାରଘାତ କରୁଛି। ବିଜେଡି ସରକାର ସମୟରେ ନଭେମ୍ବର ମାସ ସୁଦ୍ଧା ଧାନ ମଣ୍ଡି ଆରମ୍ଭ ହେଉଥିଲା; କିନ୍ତୁ ଏ ସରକାର ସମୟରେ ବିଭିନ୍ନ ସ୍ଥାନରେ ଏ ପର୍ଯ୍ୟନ୍ତ ମଣ୍ଡି ଆରମ୍ଭ ହୋଇପାରିନାହିଁ। ବିଜେପି ସରକାର ଏକ ଜୁମଲା ସରକାର। କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ୬୯ ଟଙ୍କା ବୃଦ୍ଧି କରିଛନ୍ତି; କିନ୍ତୁ ରାଜ୍ୟ ସରକାର ଏହି ଟଙ୍କା ଦେଉନାହାନ୍ତି। ଚାଷୀଙ୍କ ଧାନ ବିକ୍ରି ସମସ୍ୟା ଯଥା ଚାଷୀଙ୍କୁ ତୁରନ୍ତ ଟୋକନ ପ୍ରଦାନ, ତୁରନ୍ତ ସମସ୍ତ ମଣ୍ଡି ଖୋଲାଯିବା, କଟଣି ଛଟଣୀକୁ ସମ୍ପୂର୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ନିର୍ବାଚନୀ ମଣ୍ଡଳୀର ବିଜେଡି ଦଳର ପ୍ରଦୀପ ପୁରୋହିତ, ଇନ୍ଦୁ ଭୂଷଣ ଠାକୁର, ଗୋବିନ୍ଦ ମେହେର, ଜୟନ୍ତ କୁମ୍ଭାର, ଅରବିନ୍ଦ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।



## ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଲିଗ୍‌ରେ ଭାଗନେବେ ଛାତ୍ରୀ ଅଭୀପ୍ସା

**ଦେଓଗାଁ, ୨୬।୧୨ (ସମିସ):** ଚନ୍ଦ୍ରପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅଭିପ୍ସା ହୋତା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନ ସିପ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ମଲଟି ପରପୋଜ ଷ୍ଟାଡିୟମରେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅସ୍ମିତା କିକ୍ ବକ୍ସିଂ ଲିଗ୍ ଅନୁଷ୍ଠିତ ହେବ।

## ୱାଇସିଡିଏ ପକ୍ଷରୁ ଯତ୍ନଦାତା ଉତ୍ସବ

**ବଲାଙ୍ଗିର, ୨୬ ।୧୨ (ସମିସ):** ବଲାଙ୍ଗିରସ୍ଥିତ ଏକ ହୋଟେଲରେ ଯତ୍ନଦାତାମାନଙ୍କ ଉତ୍ସବ ଆୟୋଜିତ ହୋଇଛି। ଏହି ଉତ୍ସବରେ ବୌଦ୍ଧ ଓ ବଲାଙ୍ଗିର ଜିଲ୍ଲାରୁ ପ୍ରାୟ ୧୫୦ ଜଣ ଯତ୍ନଦାତା ଅଂଶଗ୍ରହଣ କରିଥିଲେ। ଅଭିଭାବକ ବିହୀନ ଓ ସମ୍ବେଦନଶୀଳ ଶିଶୁମାନଙ୍କ ଜୀବନରେ ସ୍ନେହ, ସୁରକ୍ଷା ଓ ଭରସାର ଆଧାର ସାଜିଥିବା ଯତ୍ନଦାତାମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୟୁଥ୍ କାଉନସିଲ ଫର୍ ଡେଭଲପମେଣ୍ଟ ଏଜେନ୍ସୀ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମଧୁସୂଦନ ପତି, ସରସ୍ୱତୀ ନନ୍ଦ, ସିଡିର ନିର୍ଦ୍ଦେଶକ ଅଭିରାମ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ୱାଇସିଡିଏର ସଚିବ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମେହେରଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିଲା। ଅରୁଣ ପ୍ରଧାନ, ଶୁକ୍ରତା ଜେନା, ଜ୍ୟୋତି ରଥ, ଗଣେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶୁଭ୍ରତା ଜେନା ଧନ୍ୟବଡ ଅର୍ପଣ କରିଥିଲେ।

## ଦେଓଗାଁ ବ୍ଲକ୍‌ରେ ସିଆରପିଙ୍କ ପ୍ରଶିକ୍ଷଣ ଶିବିର

**ଦେଓଗାଁ, ୨୬।୧୨(ସମିସ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭା କକ୍ଷରେ ଶୁକ୍ରବାର ଦେଓଗାଁ ଓ ଗୁଡଭେଲା ବ୍ଲକର ସିଆରପି ତଥା କୃଷିସଖିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଜିଓନାଲ କାଉନସିଲ ଦି ହ୍ୟୁମାନ ଡେଭଲପମେଣ୍ଟ ଦ୍ୱାରା ଆୟୋଜିତ ଶିବିରରେ ଜାତୀୟ ପ୍ରାକୃତିକ କୃଷି ମିଶନ ଯୋଜନାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ଏହାସହ ପ୍ରାକୃତିକ କୃଷି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଚାଷୀଙ୍କ କେଉଁ ମାନଦଣ୍ଡ ରହିବା ଆବଶ୍ୟକ ତଥା ପ୍ରାକୃତିକ କୃଷିକୁ କେମିତି ଚାଷୀ ଆଗ୍ରହୀ ହୋଇପାରିବେ ସେ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ହ୍ୟୁମାନ ଡେଭଲପମେଣ୍ଟର ସିଇଓ ଲକ୍ଷ୍ମୀ ସିଂ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦେଓଗାଁ ସହକାରୀ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହୀତ, ଗୁଡଭେଲା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ଗୀତିକୃଷ୍ଣା ନାଏକ, ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

## ଟିଟିଲାଗଡ଼ରେ ଭଗବାନ ଶିବ କଥା କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଟିଟିଲାଗଡ଼, ୨୬ ।୧୨(ସମିସ):** ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଦିବ୍ୟ ଜ୍ୟୋତି ଜାଗୃତି ସଂସ୍ଥା ଦ୍ୱାରା ସପ୍ତାହ ବ୍ୟାପି ଭଗବାନ ଶିବ କଥା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହାକୁ ନେଇ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଚି। ଶ୍ରଦ୍ଧାଳୁଙ୍କ ଅସଂଖ୍ୟ ଭିଡ଼ ଦେଖିବାକୁ ମିଳିଛି। ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ ଘଣ୍ଟା ଯାଏ କଥା ମୃତ ଅନୁଷ୍ଠିତ ହେଉଛି। ଉଦଘାଟନୀ ଉତ୍ସବରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି ପ୍ରମୁଖ ଯୋଗ ଦେଇଥିଲେ।

**ସର୍ବଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ**

# ସଂଘର୍ଷର ନିଛକ କାହାଣୀ କହିଲା ‘ମାଗୁଣିର ଶଗଡ଼’

ବଲାଙ୍ଗିର, ୨୬ ।୧୨(ସମିସ)

ବଲାଙ୍ଗିର କୋଶଳ କଳା ମଣ୍ଡପରେ ସର୍ବ ଭାରତୀୟ ବହୁଭାଷୀ ନାଟ୍ୟ ମହୋତ୍ସବ ମାଠଖାଇ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନର ଓଡ଼ିଆ ନାଟକ ‘ମାଗୁଣୀର ଶଗଡ଼’ ମଞ୍ଚସ୍ଥ ହୋଇଥିଲା। ଗଡ଼ଜାତ ଅମଳର ରାଜ୍ୟ ଖଲିକୋଟର ଶଗଡ଼ିଆ ମାଗୁଣିର ସଂଘର୍ଷକୁ ଏହି ନାଟକରେ କଳାକାରମାନେ ପରିବେଷଣ କରିଥିଲେ। ମାଗୁଣି ପ୍ରତିଦିନ ଶଗଡ଼ରେ ଷ୍ଟେସନରୁ ଗାଁକୁ ଏବଂ ଗାଁରୁ ଷ୍ଟେସନକୁ ଲୋକଙ୍କୁ ନେବା ଆଣିବା କରୁଥିଲା। ଆଧୁନିକତା ଛାପରେ ବସ୍ ଚଳାଚଳ କରିବା ପରେ ତା ବ୍ୟବସାୟ କ୍ଷତିଗ୍ରସ୍ତ ହେଲା। ତା ଜୀବନ ଦୁର୍ବିସହ ହୋଇଗଲା। ବର୍ତ୍ତମାନ ଏହିଭଳି ଭାବେ କେତେ ମାଗୁଣି ଜୀବନ ସଂଘର୍ଷ କରୁଛନ୍ତି। ତାକୁ ନେଇ କଳାକାରମାନେ ନିଖୁଣ ଭାବେ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ଭୂମିକା’ ଓ



‘ମଠଖାଇ ମହୋତ୍ସବ ପାଳନ କମିଟି’ ପକ୍ଷରୁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ଆୟୋଜିତ ଏହି ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ ସାଧାରଣ ମଣିଷର ଜୀବନ ଓ ନାଟକ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ କହିଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ସମୟରେ ନାଟକ ଓ ନାଟ୍ୟ ଅଭିନୟ ଲୁପ୍ତ ହେବାକୁ ବସିଛି। ତାକୁ ବଞ୍ଚାଇ ରଖିବାର ଉଦ୍ୟମ ନିହାତି ଆବଶ୍ୟକ ରହିଛି। ତେବେ ନାଟକକୁ ବଞ୍ଚାଇ ରଖୁଥିବା ଅନୁଷ୍ଠାନକୁ ମଧ ବଞ୍ଚାଇ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସନାତନ ଠାକୁର ଯୋଗ ଦେଇ ନାଟକ ସାଧାରଣ ଜୀବନର ପ୍ରତିଛବିକୁ ଦେଖାଇଥାଏ। ନାଟକର ସମ୍ପଦ ହେଉଛି ଦର୍ଶକ। ଦର୍ଶକ ଯେତେ ଦିନ ଦେଖିଥିବେ ନାଟକ ସେତେଦିନ ବଞ୍ଚି ରହିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉଦଘାଟନୀ ସଭାର ସଭାପତି ବିରେନ୍ଦ୍ର ବନଛୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମଞ୍ଚକୁ ନାଟ୍ୟକାର ସ୍ୱର୍ଗତ ବ୍ରଜମୋହନ ମିଶ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସନାତନ ଠାକୁରଙ୍କୁ ମଠଖାଇ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଭୂମିକା ସମ୍ପାଦକ ଜିତେନ୍ଦ୍ରୀୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ସୁଧାଂଶୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ସମାରୋହରେ ସ୍ୱର୍ଣ୍ଣ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଭାବନା କୋଶଲୀ ଫର୍ଦ୍ଦର ଭାବର୍ ଭେଟ୍



**ବଲାଙ୍ଗିର, ୨୬ ।୧୨(ସମିସ):** ସ୍ଥାନୀୟ ତହଁକ୍ ଶାଲ୍‌ରେ ବିଭାବନା ପତ୍ରିକା କୋଶଲୀ ଫର୍ଦ୍ଦର ତହଁକ୍ କୁଟୁମ୍ ସହଯୋଗରେ ଭାବର୍ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାବନା ପତ୍ରିକାର ସମ୍ପାଦକ ଇଂ ମାନସ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ସୁଶାନ୍ତ ବାଗ, ମଧୁସୂଦନ ଦାସ, ନେପାଲ ବାଗ୍, ଗୋପୀନାଥ ଦଣ୍ଡସେନା, ଗୋପାଲ ମେହେର, ଦିଲୀପ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ତହଁକ୍ ମୁଖ୍ୟ ସମ୍ପାଦକ ଅର୍ଜୁନ ସାହୁ ସ୍ୱଗତ ଭାଷଣ ଦେଇଥିବା ବେଳେ ତହଁକ୍ ସମ୍ପାଦକ ରାଜେଶ ଦଣ୍ଡସେନା ସଭା ପରିଚାଳନା କରିଥିଲେ। ମୁଖ୍ୟ ପ୍ରଭାରି ଶ୍ରିୟାକାନ୍ତ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଏକ କୋଶଲୀ କବିତା ପାଠ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡକ୍ଟର ଧର୍ମେନ୍ଦ୍ର ପ୍ରଧାନ, ରଘୁନାଥ ନନ୍ଦ, ଶୁଭସ୍ମିତା ମାହାଣା, ଅଭିଜିତ ଫରିକାର, ମନୀଷା ନନ୍ଦ, ଧରିତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରକଳ୍ପ ଚିରନ୍ତନକୁ ମିଳିଲା ବର୍ଷର ଶ୍ରେଷ୍ଠ ପ୍ରଭାବଶାଳୀ ସିଏସ୍‌ଆର ସମ୍ମାନ




ଭୁବନ,୨୬ ।୧୨(ସମିସ): ଜିଲ୍ଲାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ପ୍ରକଳ୍ପ ଚିରନ୍ତନ ବଡ଼ ସଫଳତା ହାସଲ କରିଛି। ଏହି ପ୍ରକଳ୍ପକୁ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ ସୋସିଆଲ ଇମ୍ପାକ୍ଟ ଆୱାର୍ଡସ-୨୦୨୫ରେ ବର୍ଷର ସବୁଠାରୁ ପ୍ରଭାବଶାଳୀ ସିଏସଆର ପ୍ରକଳ୍ପ ଭାବେ ସମ୍ମାନିତ କରାଯାଇଛି। ଏଚଡିଏଫସି ବ୍ୟାଙ୍କ ପରିବର୍ତ୍ତନର ସହଯୋଗ ଏବଂ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାର ଭୁବନ ଓ କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତର ୬୦ ଗ୍ରାମରେ କାର୍ଯ୍ୟକାରୀ ହେଉଛି। ଜଳବାୟୁ ପରିବର୍ତ୍ତନ ସତ୍ତ୍ୱେ କୃଷିକୁ କିଭଳି ଲାଭଦାୟକ ଓ ସ୍ଥାୟୀ କରାଯାଇପାରିବ ସେ ଦିଗରେ ଏହି ପ୍ରକଳ୍ପ ଏକ ମଡେଲ ସାଜିଛି। ଏହି ପ୍ରକଳ୍ପର ମାଧ୍ୟମରେ ପରିବେଶ ଅନୁକୂଳ ଚାଷ, ଉନ୍ନତ ଜଳସେଚନ, କୃଷି ବିବିଧୀକରଣ, ଆଧୁନିକ କୃଷି ଯନ୍ତ୍ରପାତି ଇତ୍ୟାଦିର ପ୍ରୋତ୍ସାହନ କରାଯାଇଛି। ବିଶେଷକରି ଅଞ୍ଚଳରେ ଲୋପ ପାଇଯାଉଥିବା ଝାଇଁ ମୁଗକୁ ପୁନରୁଦ୍ଧାର କରିବାରେ ଏହି ପ୍ରକଳ୍ପ ବିଶେଷ ଭାବେ କାର୍ଯ୍ୟ କରୁଛି। ଚଳିତ ବର୍ଷ ଓଡ଼ିଶାର ୪୦୦୦ ଏକରରେ ୪୦୦୦ ଚାଷୀ ଝାଇଁ ମୁଗ ଚାଷ କରୁଛନ୍ତି। ଏହି ଅବସରରେ ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ କହିଛନ୍ତି ଯେ ଏହି ପୁରସ୍କାର ଏଚଡିଏଫସି ବ୍ୟାଙ୍କର ସହଯୋଗ ଓ ଦିଗଦର୍ଶନ, ଆମର କ୍ଷେତ୍ର କର୍ମଚାରୀ ଏବଂ ସ୍ଥାନୀୟ ଚାଷୀଙ୍କ କଠିନ ପରିଶ୍ରମର ଫଳ। ଆଗାମୀ ଦିନରେ ଏହି ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି।

# ପତ୍ନୀ ହତ୍ୟାକାରୀକୁ ଆଜୀବନ ଜେଲ୍

ଢେଙ୍କାନାଳ,୨୬ ।୧୨(ସମିସ)

୨୦୨୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଜଜ ପ୍ରଣତୀ ସାହା ଅଭିଯୁକ୍ତ ସ୍ୱାମୀ ସତ୍ୟବ୍ରତ ମହାଳିକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୧ରେ ଟାଉନ ଥାନା ଅନ୍ତର୍ଗତ ବାଜିଚୌକର ପଙ୍କଜ ବେହେରାଙ୍କ ଝିଅ ମମତା ମହାଳିକଙ୍କୁ ସତ୍ୟବ୍ରତ ସିମିଳିଆ ଶିବ ମନ୍ଦିରରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ କିଛିବର୍ଷ ଭଲରେ ଚଳିବା ପରେ ସେମାନଙ୍କର ୨ଟି ପୁଅ ଜନ୍ମ ନେଇଥିଲେ। ତେବେ ପରେ ମମତାଙ୍କୁ ହତ୍ୟା କରିବା ପାଇଁ ସତ୍ୟବ୍ରତ ଯୋଜନା କରିଥିବା ବେଳେ ଏହା ଜାଣିପାରି ମମତା ନିଜ ବାପଘରକୁ ପଳାଇଥିଲେ। ୨୦୨୧ ଜୁଲାଇ ୨୧ରେ ସତ୍ୟବ୍ରତ ଶ୍ୱଶୁର ଘରକୁ ଆସି ମମତାଙ୍କ ମୁଣ୍ଡକୁ ଏକ ଫ୍ୟାନ ପାଇପରେ ଆଘାତ କରିଥିଲେ। ମମତାଙ୍କ ବାପା ପଙ୍କଜ ତାଙ୍କୁ ପ୍ରତିରୋଧ କରିବାରୁ ସତ୍ୟବ୍ରତ ତାଙ୍କୁ ମଧ୍ୟ ସେହି ପାଇପରେ ମାଡ଼ ମାରି ଆଘାତ କରିଥିଲେ। ପରେ ସେ ଥାନାରେ ଆତ୍ମସମର୍ପଣ କରିଥିଲେ। ଏହି ଆକ୍ରମଣରେ ମମତା ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମମତାଙ୍କ ଭାଇ ଲିଙ୍ଗରାଜ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସତ୍ୟବ୍ରତଙ୍କୁ କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୪ ଜଣଙ୍କ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ, ମେଡିକାଲ ଓ ସାଇଣ୍ଟିଫିକ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ବିଚାରପତି ସତ୍ୟବ୍ରତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ଏହି ମାମଲା ପରିଚାଳନା କରୁଥିଲେ।

# ଢେଙ୍କାନାଳ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ବଡ଼ଦିନ ପାଳିତ



ଢେଙ୍କାନାଳ,୨୬ ।୧୨(ସମିସ): ଡିସେମ୍ବର ୨୫ ପ୍ରଭୁ ଯୀଶୁଙ୍କର ଜନ୍ମଦିନକୁ ସାରା ଜଗତରେ ବଡ଼ଦିନ ଭାବେ ପାଳନ କରାଯାଉଛି। ଢେଙ୍କାନାଳ ବାପ୍ଟିଷ୍ଟ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ବଡ଼ଦିନ ପାଳନ କରିଛନ୍ତି। ମୁଖ୍ୟବକ୍ତା ଭାବେ ବରଗଡ଼ର ଆଚାର୍ଯ୍ୟ ମହୀପାଲ ବାଗ ଯୋଗଦେଇ ସମସ୍ତଙ୍କୁ ଯୀଶୁଙ୍କ ମହତବାଣୀ ଶୁଣାଇଥିଲେ। ସଭାପତି ପ୍ରେମାନନ୍ଦ ବିହାରୀ, ଉପଦେଷ୍ଟା ସୁଶାନ୍ତ କୁମାର ବେହେରା, ରବିନ ଚନ୍ଦ୍ର ନାୟକ, ସମ୍ପାଦକ ଅଭୟାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଅମରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ; ବାଳି ଦଳ ବିଜୟୀ



ଢେଙ୍କାନାଳ,୨୬ ।୧୨(ସମିସ): ସଦର ବ୍ଲକ ସିଆରିଆ ଗ୍ରାମ ବାପୁଜୀ କ୍ଲବ ଆନୁକୂଲ୍ୟରେ ୧୬ତମ ମା' ଆଦିଶକ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ତୃତୀୟ ଦିବସର ମ୍ୟାଚ ଆଠଗଡ଼ର ବାଳି ଟିମ ଓ ସାଇଁବିରି ଜୟଦୁର୍ଗା କ୍ଲବ ମଧ୍ୟରେ ହୋଇଥିଲା। ବାଳି ଦଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ଅନିଲ ନନ୍ଦ, ମନୋଜ ସେଠୀ ଓ ଅମୂଲ୍ୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ଅର୍ଜୁନ କୁମାର ରାଉତ ଯୋଗଦେଇଥିଲେ। ବାପୁଜୀ କ୍ଲବ୍ ସମ୍ପାଦକ ପବିତ୍ର ମୁଦୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ଢେଙ୍କାନାଳ ନଗର ମଣ୍ଡଳର ବନମହୋତ୍ସବ




ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ସିମିଳିଆସ୍ଥିତ ଯତନନଗରଠାରେ ଢେଙ୍କାନାଳ ବିଜେପି ନଗର ମଣ୍ଡଳ ତରଫରୁ ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ଅଧ୍ୟକ୍ଷତାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ଗତ ୧୮ ମାସ ଭିତରେ କରାଯାଇଥିବା ଓ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ କୁମାର ମହାନ୍ତି, ସୁରେଶ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଯୋଗ ସଂସ୍ଥାନ ତରଫରୁ ମହିଳା ଯୋଗଶକ୍ତି ଦିବସ



ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ଲେଖକ ସଂସଦ ପ୍ରକୋଷ୍ଠରେ ଭାରତୀୟ ଯୋଗ ସଂସ୍ଥାନ, ଢେଙ୍କାନାଳ ଜିଲ୍ଲା ତରଫରୁ ମହିଳା ଯୋଗଶକ୍ତି ଦିବସ ପାଳିତ ହୋଇଛି। ପ୍ରତିବର୍ଷ ଡିସେମ୍ବର ୨୫ ତାରିଖ ମାତୃଶକ୍ତିକୁ ସମ୍ମାନ ଜଣାଇ ଭାରତୀୟ ଯୋଗ ସଂସ୍ଥାନ ଏହି ଉତ୍ସବ ପାଳନ କରିଥାଏ। ଏଥିରେ ଶତାଧିକ ସାଧକ ସାଧିକା ଯୋଗଦେଇଥିଲେ। ବରିଷ୍ଠ ସାଧିକା ତଥା ଭାଗୀରଥି ସାଗର କ୍ଷେତ୍ର ପ୍ରଧାନ ସ୍ମିତାରାଣୀ ସାମଲ ମଞ୍ଚ ସଞ୍ଚାଳନ କରିଥିଲେ। ଇନ୍ଦିରା ଦେବତା ସହଯୋଗ କରିଥିଲେ। ସାମୂହିକ ଯୋଗ ସାଧନା ସହ ସଙ୍ଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ଥିଲା। ଢେଙ୍କାନାଳ ଯୋଗ ଜିଲ୍ଲାର ପ୍ରମୁଖ ସୁଶୀଲ ପଣ୍ଡା, ଉପ-ପ୍ରମୁଖ ରଘୁନାଥ ତ୍ରିପାଠୀ, ଜିଲ୍ଲା ମନ୍ତ୍ରୀ ଓ ସଂଗଠନ ମନ୍ତ୍ରୀ ଡ. ନୀରଦ ଚନ୍ଦ୍ର ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ଢେଙ୍କାନାଳ ଓଷ୍ଟାର ୪୨ତମ ଶିଶୁ ଉତ୍ସବ



ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଂଘ ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ପ୍ରତାପ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟବାନ ପାତ୍ର, ସମରେନ୍ଦ୍ର ଶତପଥୀ ଯୋଗଦେଇ ଓଷ୍ଟା ଦ୍ୱାରା ପିଲାମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ରାଜ୍ୟ ସଂଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଜିଲ୍ଲା ପୂର୍ବ ସମ୍ପାଦକ ବିଭୂତି ସାମଲ, ଉପଦେଷ୍ଟା ପ୍ରଶାନ୍ତ କୁମାର ଧଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଇକିଶ କୁମାର ବରାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୦ଟି ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗଦେବେ। ସଂଘ ସମ୍ପାଦକ ଶଶିକାନ୍ତ ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ସଂଘ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂଘର ମାର୍ଗଦର୍ଶକ ସରୋଜକାନ୍ତ ଦାଶ, ପୂର୍ବତନ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଦୁର୍ଗାଚରଣ ମହାପାତ୍ର ମଞ୍ଚାସୀନ ଥିଲେ। କଙ୍କଡ଼ାହାଡ଼ ବ୍ଲକ ସମ୍ପାଦକ ଦିଲୀପ କୁମାର ମାଝୀ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବରିଷ୍ଠ ନାଗରିକ ପରିଷଦର ସାଧାରଣ ସଭା



ଢେଙ୍କାନାଳ,୨୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ୟାମାଚରଣପୁର ଶିରିଡ଼ି ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଦୁର୍ଗାଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର, ମୁଖ୍ୟ ଉପଦେଷ୍ଟା ଡ. ହରେକୃଷ୍ଣ କର, ଉପସଭାପତି ବାହାଦୁର ପାଟ୍ଟଶାଣୀ, ବିନାୟକ ଶତପଥୀ, କୋଷାଧ୍ୟକ୍ଷ ରଞ୍ଜନ ପଟ୍ଟନାୟକ, ସଦସ୍ୟ ଡ. ପ୍ରମୋଦ ନାୟକ, ପ୍ରସନ୍ନ ସାହୁ, ରାସମଣି ସାହୁ, ଟିପି ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ସଦସ୍ୟ ଯୋଗଦେଇଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକୀ ଉତ୍ସବ ଆସନ୍ତା ଫେବୃଆରୀ ୧୧ ତାରିଖ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ବିଡ଼ାନାସୀ

କାମାକ୍ଷାନଗର,୨୬ ।୧୨(ସମିସ): ବିରାଶାଳ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବିରାଶାଳ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ଯାଜପୁର ଟାଉନ ଇଲେଭେନ ଷ୍ଟାର ଦଳକୁ ହରାଇ କଟକ ବିଡ଼ାନସୀ କ୍ଲବ ୧୮ ରନରେ ହରାଇ ସେମିରେ ପ୍ରବେଶ କରିଛି। ବିଡ଼ାନସୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୯୨ ରନ କରିଥିଲା। ଦଳ ତରଫରୁ ଆରଏନ ପ୍ରଭାସ ୪୫ ବଲରୁ ୯୫ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ଜବାବରେ ଇଲେଭେନ ଷ୍ଟାର କ୍ଲବ ୧୯.୪ ଓଭରରେ ୧୭୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଅଭିଲାଷ ରାଉତରାୟ ୫୯ ରନ ସଂଗ୍ରହ କରିଥିଲେ। ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିଡ଼ାନାସୀର ବବଲୁ ନାୟକଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଭାବେ ସୁରେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍କୋରର ଭାବେ ସୌମ୍ୟ ହେନ୍ତାଳିଆ, କାହ୍ନୁ ଦାସ ଓ ଘୋଷକ ଭାବେ ବିପିନ ବିହାରୀ ସାହୁ ଦାୟିତ୍ୱ ତୁଲାଇଥିଲେ।



# ଘନ କୁହୁଡ଼ି; ଯାତାୟାତ ବାଧାପ୍ରାପ୍ତ



କଙ୍କଡ଼ାହାଡ଼,୨୬ ।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମା ଓ ଏହାର ଆଖପାଖ ଅଞ୍ଚଳରେ ସକାଳୁ ଘନ କୁହୁଡ଼ି ଦେଖିବାକୁ ମିଳିଛି। ସକାଳ ପ୍ରାୟ ୧୦ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ରହୁଛି। ଫଳରେ ଯାତାୟାତରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୁହୁଡ଼ିର ମାତ୍ରା ଏତେ ଅଧିକ ଥିଲା ଯେ ନିକଟରୁ ମଧ୍ୟ ଦେଖିବା ସମ୍ଭବ ହେଉ ନ ଥିଲା। ଘନ କୁହୁଡ଼ି ଯୋଗୁଁ ଦୁର୍ଘଟଣା ଆଶଙ୍କାରେ ଲୋକେ ଘରୁ ବାହାରି ପାରି ନ ଥିଲେ।

# ୨୭ରୁ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍

ଢେଙ୍କାନାଳ,୨୬ ।୧୨(ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ୩୮ତମ ବରିଷ୍ଠ ହ୍ୟାଣ୍ଡବଲ ବାଳକ ବାଳିକ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହ ଟୁର୍ଣ୍ଣାମେଣ୍ଟରେ ୩୦ ଜିଲ୍ଲାରୁ ପ୍ରାୟ ୬୦୦ ବାଳକ ଓ ବାଳିକା ସମେତ ଓଡ଼ିଶା ପୁଲିସ ଟିମ୍ ଏବଂ ୩୦ଜଣ ଅଫିସିଆଲ୍ ଅଂଶଗ୍ରହଣ କରିବେ। ଢେଙ୍କାନାଳ ହ୍ୟାଣ୍ଡବଲ୍ ସଂଘ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ସହଯୋଗରେ ଏହି ଚାମ୍ପିଅନସିପ ଅନୁଷ୍ଠିତ ହେବ ବୋଲି ଢେଙ୍କାନାଳ ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ପ୍ରେମାନନ୍ଦ ବିହାରୀ ସୂଚନା ଦେଇଛନ୍ତି।

# ବନବିଭାଗର ଚଢ଼ଉ; ଶାଗୁଆନ କାଠ ଜବତ

ହିନ୍ଦୋଳ,୨୬ ।୧୨(ସମିସ): ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ୍‌ହାଉସ୍ ଅନ୍ତର୍ଗତ ଗୁଳେହିଠାରୁ ଦୁଦୁରକୋଟକୁ ଲହଡ଼ା ଗ୍ରାମର ସଞ୍ଜୟ ସାମଲ (୪୫) ନାମକ ଗାଡ଼ି ମାଲିକ ପିକଅପ୍ ଗାଡ଼ିରେ ଶାଗୁଆନ୍ କାଠ ଚୋରା ଚାଲାଣ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ହିନ୍ଦୋଳ ବନବିଭାଗ ଗୁରୁବାର ସକାଳ ସାଢ଼େ ୯ଟା ଚଢ଼ଉ କରିଥିଲା। ବନବିଭାଗ ଚୋରାକାଠ ବୋଝେଇ ଗାଡ଼ି ଜବତ କରିବା ସହ ସମ୍ପୃକ୍ତ ଚାଳକ ସଞ୍ଜୟଙ୍କୁ ଗିରଫ କରିଛି। ଶନିବାର ସଞ୍ଜୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ତ୍ରିଲୋଚନ ଦେହୁରୀ କହିଛନ୍ତି।



## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

# ପଞ୍ଚାୟତ ନିର୍ବାଚନ ନିମନ୍ତେ ରଣକୌଶଳ ଆରମ୍ଭ






ଢେଙ୍କାନାଳ,୨୬ ।୧୨(ସମିସ)

ସ୍ଥାନୀୟ ମ୍ୟୁନିସିପାଲିଟି ଅଡିଟରିୟମରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଏଥିରେ ସଭାପତିତ୍ୱ କରି କହିଲେ, ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଲୋକଙ୍କ ହୃଦୟରେ ରହିଛନ୍ତି। ସେ ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚୟ କରିପାରିଛନ୍ତି। ହେଲେ ଏହି ୧୮ ମାସ ହେଲା ଡବଲ ଇଞ୍ଜିନ ସରକାରରେ କୌଣସି ବିକାଶ କାହିଁ। ଚାଷୀ ସାର ପାଉନି, ମିଶନ ଶକ୍ତି ମା'ମାନେ ହଇରାଣ ହେଉଛନ୍ତି, ଯୁବସମାଜ ହତାଶ ହୋଇପଡ଼ିଛନ୍ତି ବୋଲି କହି ସେ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପରିବର୍ତ୍ତନ ନାଁରେ କିଛି ଲୋକ ଯେଉଁ ଭୁଲ କରିଛନ୍ତି ତାହାକୁ ଏବେ ମାନିଲେଣି। ଆଜିର ଦିନରେ ଆମେ ସମସ୍ତେ ଏକାଠି ରହିଲେ ଆଗାମୀ ଦିନରେ ପୁଣି ଥରେ ସରକାର ଗଠନ କରିବା ବୋଲି କହିଥିଲେ। ପଞ୍ଚାୟତ ନିର୍ବାଚନ ବିଜୟରୁ ଏହାକୁ ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡା. ଅବିନାଶ ସାମଲ ଯୋଗଦେଇ କହିଲେ, ନବୀନ ସରକାର ସମୟରେ ଖଣିଖଦାନ ଓ ଶିଳ୍ପରୁ ହେଉଥିବା ଆୟ ଲୋକଙ୍କ ବିକାଶରେ ବିନିଯୋଗ ହେଉଥିଲା। କିନ୍ତୁ ବର୍ତ୍ତମାନ ସରକାର ଏହି ଅର୍ଥକୁ ଆଦାନି, ଅମ୍ବାନି ଭଳି ଶିଳ୍ପପତିଙ୍କ ହାତକୁ ଟେକି ଦେଇଛନ୍ତି। ଲୋକଙ୍କ ବିକାଶ ନ ହୋଇ ଶିଳ୍ପପତିଙ୍କ ବିକାଶ ହେଉଛି ବୋଲି କହିବା ସହ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲା ମହିଳା ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଜିଲ୍ଲା ଉପସଭାପତି ସୁକାନ୍ତ କୁମାର ମିଶ୍ର, ଆଇନ ସେଲ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ।



**କାମାକ୍ଷାନଗର:** ସ୍ଥାନୀୟ ଅନନ୍ତପୁର ବିଜେଡି କାର୍ଯ୍ୟାଳୟରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ଏନଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ରଞ୍ଜିତା ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସାତମାଇଲସ୍ଥିତ ଓଡି-୧୯ କନଫରେନ୍ସ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଭାଗୀରଥି ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଡା. ଅବିନାଶ ସାମଲ, ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ସାମଲ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

ଅତିଥିମାନେ ନବୀନ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟ ବର୍ଣ୍ଣନା କରିବାସହ ସବୁ କ୍ଷେତ୍ରରେ ବିଫଳତା ପାଇଁ ବର୍ତ୍ତମାନର ବିଜେପି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଏଥିସହ ରାଜ୍ୟବାସୀ ତଥା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେଲା 'ଲକ୍ଷ୍ୟ ନିକେତନ'

# ଉପକୃତ ହେବେ ଓପିଏସ୍‌ସି ଓ ୟୁପିଏସ୍‌ସି ପରୀକ୍ଷାର୍ଥୀ

ଛତ୍ରପୁର,୨୬ ।୧୨(ସମିସ)



ଦେଶକୁ ଓ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ପାଇଁ ଆବଶ୍ୟକ ଉନ୍ନତ ପ୍ରଶାସନିକ ଅଧିକାରୀ ୟୁପିଏସ୍‌ସି ଓ ଓପିଏସ୍‌ସି ଜରିଆରେ ପ୍ରତିବର୍ଷ ବାହାରି ଥାଆନ୍ତି। ଏହି କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ସଫଳତା ହାରକୁ ବଢ଼ାଇବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ଜିଲ୍ଲାର ପ୍ରତିଭାବାନ ଯୁବ ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମାଗଣା ପ୍ରଶିକ୍ଷଣ ଓ ପ୍ରକୃଷ୍ଟ ମାର୍ଗଦର୍ଶନ ପାଇଁ "ଲକ୍ଷ୍ୟ ନିକେତନ' ନାମକ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରତିଭାଶାଳୀ ଯୁବାଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଏବଂ ସଶକ୍ତ କରି, ନିଃଶୁଳ୍କ, ସମାବେଶୀ ଓ ଉଚ୍ଚ ମାନର ମାର୍ଗଦର୍ଶନ ମାଧ୍ୟମରେ ୟୁପିଏସସି ଓ ଓପିଏସସି ଭଳି ଅନ୍ୟାନ୍ୟ ପ୍ରତିଷ୍ଠିତ ପରୀକ୍ଷାର୍ଥୀଙ୍କ ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଆରମ୍ଭ କରାଯାଇଛି। ଏହା ଗଞ୍ଜାମ ଜିଲ୍ଲାରେ ୟୁପିଏସସି ଓ ଓପିଏସସି ଛାତ୍ରଛାତ୍ରୀଙ୍କ ପାଇଁ ବେଶ ସୁବିଧା ହୋଇପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପାଇଁ ଗାଇଡାନ୍ସ ମଡ୍ୟୁଲ୍ ପ୍ରସ୍ତୁତ କରାଯିବ। 'ବିକଶିତ ଓଡ଼ିଶା ପାଇଁ ସଶକ୍ତ ଯୁବ' ଶୀର୍ଷକ ଏହି ପଦକ୍ଷେପ ଜରିଆରେ ଜିଲ୍ଲାର ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆଶାୟୀ ଏନେଇ ଅନ୍‌ଲାଇନରେ ଆବେଦନ କରିବାକୁ ଥିବାବେଳେ ପରୀକ୍ଷା ଜରିଆରେ ବଛାଯିବେ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୩ଟି ଉପଖଣ୍ଡ ଯଥା ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁରରେ ଆରମ୍ଭ କରାଯିବାକୁ ଥିବାବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ କରାଯିବ। ଜିଲ୍ଲାର ୩ଟି ସବ୍‌ଡିଭିଜନ ଯଥା ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ଠାରେ ୩ଟି ଶିକ୍ଷା କେନ୍ଦ୍ରରେ ଟ୍ରେନିଂ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ବ୍ରହ୍ମପୁରର ବିଡିଏ କାର୍ଯ୍ୟାଳୟର ଉପର ମହଲାରେ ଏହି ଶିକ୍ଷାକେନ୍ଦ୍ର ବ୍ୟବସ୍ଥା ହୋଇଥିବା ବେଳେ ଛତ୍ରପୁର ଓ ଭଞ୍ଜନଗର ଠାରେ ଅବ୍ୟବହୃତ ଅବସ୍ଥାରେ ଥିବା ୨ଟି ବିଦ୍ୟାଳୟ ପରିସରକୁ ଏଥିପାଇଁ ଚୟନ କରାଯାଇଛି ଏବଂ ପ୍ରତ୍ୟେକ କେନ୍ଦ୍ରରେ ଜଣେ ପରିଚାଳକ ରହିବେ।

ତିନି ଉପଜିଲ୍ଲାପାଳ ଏହି ତିନୋଟି କେନ୍ଦ୍ରର ସୁପରିଚାଳନା ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିବା ବେଳେ ଜିଲ୍ଲାର ସମସ୍ତ ଆଇଏଏସ୍ ଓ ଓଏଏସ୍ ଏବଂ ଓଆରଏସ ଅଧିକାରୀମାନଙ୍କ ମଧ୍ୟ ସହାୟତା ନିଆଯିବ। ଜିଲ୍ଲାରେ କାର୍ଯ୍ୟରତ ଆଇଏଏସ୍, ଓଏଏସ୍ ଓ ଓଆରଏସ ଅଧିକାରୀମାନେ ପ୍ରତି ସପ୍ତାହରେ ଥରଟିଏ ଏହି ଶିକ୍ଷା କେନ୍ଦ୍ରକୁ ଯାଇ ନିଜ ଅନୁଭୂତି ଜରିଆରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାର ଗୋଲାବନ୍ଧ ସ୍ଥିତ ସେନା ବାୟୁ ପ୍ରଶିକ୍ଷଣ କେନ୍ଦ୍ରର ଆବଶ୍ୟକ ସ୍ଥଳେ ସହାୟତା ନିଆଯିବ ବୋଲି ସେ କହିଛନ୍ତି। ସେହିପରି ସେନାରେ ଯୋଗଦେବା ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ମଧ୍ୟ ଜିଲ୍ଲାରେ ଅନେକ ବ୍ୟବସ୍ଥା କରାଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ପଣ୍ଡା, ବ୍ରହ୍ମପୁର ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଗଞ୍ଜାମ ଜିଲ୍ଲା ପରିଷଦର ଭାରପ୍ରାପ୍ତ ସିଡିଓ ବିଜୟ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ପୁଲିସ ପରିଚୟ ଦେଇ ବୃଦ୍ଧଙ୍କ ଠାରୁ ୨ ସୁନାମୁଦି ଲୁଟ୍

ବ୍ରହ୍ମପୁର,୨୬।୧୨(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଜଣେ ଲୁଟେରା ଜନୈକ ବୃଦ୍ଧଙ୍କ ଠାରୁ ପୁଲିସ ପରିଚୟ ଦେଇ ୨ଟି ସୁନା ମୁଦି ଲୁଟି ନେଇଛି। ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ଗତକାଲି ପୂର୍ବାହ୍ନରେ ଲାଞ୍ଜିପଲ୍ଲୀ ରାମନଗରର ବରିଷ୍ଠ ନାଗରିକ ଜୟଚନ୍ଦ୍ର ଦଳେଇ ସ୍କୁଟି ଯୋଗେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାରେ ଯାଉଥିବା ବେଳେ ଜଣେ ଯୁବକ ତାଙ୍କୁ ଅଟକାଇଥିଲା। ପୁଲିସ ବୋଲି ପରିଚୟ ଦେଇ ଆଗରେ ପୁଲିସ ପକ୍ଷରୁ ସୁନା ଅଳଙ୍କାର ଯାଞ୍ଚ ଚାଲିଥିବା କହିଥିଲା। ଏପରିକି ଯୁବକ ଜଣକ ଜୟଚନ୍ଦ୍ରଙ୍କୁ ସମସ୍ତ ସୁନା ଅଳଙ୍କାର ବାହାର କରି ସ୍କୁଟିରେ ରଖିବାକୁ କହିଥିଲା। ଯୁବକଙ୍କ କଥାରେ ବିଶ୍ୱାସ କରି ଜୟଚନ୍ଦ୍ର ନିଜ ହାତରେ ପିନ୍ଧିଥିବା ୨ଟି ସୁନା ମୁଦି ବାହାର କରିଥିଲେ। ଉକ୍ତ ସୁନା ମୁଦି ୨ଟିକୁ ଏକ କାଗଜରେ ଗୁଡାଇ ଗାଡି ଡିକିରେ ରଖିବାକୁ କହିଥିଲେ। ପରେ ପୁଣିଥରେ ଯାଞ୍ଚ କରିବାକୁ ଡିକିରୁ ନେଇଥିଲେ। ପରେ ଡିକିରେ ସେଗୁଡ଼ିକ ରଖିବା ଆଳରେ ଅନ୍ୟ ସାମଗ୍ରୀ ରଖିଦେଇଥିଲେ। ଯୁବକଙ୍କ କଥାରେ ପଡ଼ି ଜୟଚନ୍ଦ୍ର ସେଠାରୁ କିଛି ଦୂରକୁ ଯାଇ ନିଜ ସ୍କୁଟି ଡିକି ଖୋଲି ମୁଦି ବାହାର କରିବା ବେଳେ ମୁଦି ନଥିବା ଜାଣିବାକୁ ପାଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଜାଣିବା ପରେ ସେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେହିପରି ଟାଉନ ଥାନା ଅନ୍ତର୍ଗତ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରୁ ଗତକାଲି ପୂର୍ବାହ୍ନରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ରଙ୍କ ଠାରୁ ମଧ୍ୟ ସମାନ ଢଙ୍ଗରେ ୩୬ଗ୍ରାମ ଓଜନର ସୁନା ଅଳଙ୍କାର ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଆସିକା,୨୬ ।୧୨(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଗ୍ରାମରେ ଅଜଣା ଗାଡି ଧକ୍କାରେ ଅମର ବିଷୋୟୀଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ଉତ୍ତେଜନା ଦେଖାଦେବା ସହ ଗ୍ରାମବାସୀ ମୃତଦେହ ରଖି ଭଞ୍ଜନଗର-ଆସିକା ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଁଚି ଅଧିକ ତଦନ୍ତ କରୁଛି। ଶୁକ୍ରବାର ସକାଳୁ ଅମର ବିଲକୁ ଯାଉଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ଆଧାର କରି ଗ୍ରାମ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଭଞ୍ଜନଗର ପୁଲିସ ଓ ଆସିକା ତହସିଲଦାର ସଙ୍ଗୀତା ସେଣ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ପରେ ରେଡକ୍ରସ ଫଣ୍ଡରୁ ମୃତକଙ୍କ ପରିବାରଙ୍କୁ ୩୦ ହଜାର ଟଙ୍କା ଦେବା ଲାଗି ଘୋଷଣା ପରେ ରାସ୍ତା ଅବରୋଧ ହଟିଥିଲା।

## ଦୁର୍ଘଟଣାରେ ଯୁବକ ଗୁରୁତର

ବେଲଗୁଣ୍ଠା,୨୬ ।୧୨(ସମିସ): ସରକାର ଦୁର୍ଘଟଣାର ୨ ଘଣ୍ଟା 'ଗୋଲ୍‌ଡେନ୍ ପିରିୟଡ୍' ବା ସୁବର୍ଣ୍ଣ ସମୟ ବୋଲି କହୁଥିବାବେଳେ ବେଲଗୁଣ୍ଠା ଅଞ୍ଚଳରେ ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବାବେଳେ ଦୀର୍ଘ ୨ ଘଣ୍ଟା ପରେ ବି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇନପାରିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ପ୍ରକାଶ ଯେ, ପିତଳ ଅଞ୍ଚଳର ଅମର ମୁନି (୨୪) ଶୁକ୍ରବାର ବାଲିପଦର ପଟୁ ବେଲଗୁଣ୍ଠା ଅଭିମୁଖେ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ଚଢ଼ିଆପଲ୍ଲୀ ପୋଲ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁତର ଅମରଙ୍କୁ ଚିକିତ୍ସାରେ ଅବହେଳା କରାଯିବା ସହିତ ଭଞ୍ଜନଗର ମେଡିକାଲ୍‌କୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେବାରୁ ୧୦୮କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ୧୦୮ ଉପଲବ୍ଧ ନଥିବାରୁ ୧୧୨କୁ ବାରମ୍ବାର ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଉଥିଲେ ମଧ୍ୟ ଦୀର୍ଘ ୨ଘଣ୍ଟା ପର୍ଯ୍ୟନ୍ତ ସେଠାରୁ କୌଣସି ସହଯୋଗ ମିଳିନଥିଲା। ଏପଟେ ବେଲଗୁଣ୍ଠା ମେଡିକାଲ୍‌ରେ ଆମ୍ବୁଲାନ୍ସ ଥିଲେ ମଧ୍ୟ ଡ୍ରାଇଭର ନଥିବାରୁ ତାହା ଅଚଳ ରହିଛି। ଦୀର୍ଘ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗୁରୁତର ଅମର ମୃତ୍ୟୁ ସହିତ ସଂଗ୍ରାମ କରୁଥିବାବେଳେ ସ୍ୱାସ୍ଥ୍ୟବିଭାଗର ଉଦାସୀନତା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବୁଦାରେ ପଡ଼ିଛି ପଶୁପକ୍ଷୀଙ୍କ ଔଷଧ

ବେଲଗୁଣ୍ଠା,୨୬ ।୧୨(ସମିସ): ଗୃହପାଳିତ ପଶୁପକ୍ଷୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରମାନଙ୍କୁ ଆବଶ୍ୟକୀୟ ରୋଗ ପ୍ରତିରୋଧକ ଟୀକା, ଇଞ୍ଜେକ୍ସନ ଏବଂ ଔଷଧ ଯୋଗାଇ ଦିଆଯାଇଥାଏ। କିନ୍ତୁ ବହୁ ସମୟରେ ଚାଷୀ ମାନଙ୍କୁ ଏହା ପର୍ଯ୍ୟାପ୍ତ ପରିମାଣର ମିଳିନଥାଏ। ଏନେଇ ବହୁ ସମୟରେ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଏବଂ ଚାଷୀଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ନଜିର ରହିଛି। କିନ୍ତୁ ଶୁକ୍ରବାର ଏହାର ଏକ ବିପରୀତ ସ୍ଥିତି ଦେଖିବାକୁ ମିଳିଛି ବେଲଗୁଣ୍ଠା ବ୍ଲକ୍ ଜାଲଖାଇ ରାସ୍ତାରେ। ଜାଲଖାଇ ଗ୍ରାମ ଆରମ୍ଭରୁ ଏକ ବୁଦାରେ ପଶୁପକ୍ଷୀଙ୍କ ଟୀକାକରଣ ନିମନ୍ତେ ଉଦ୍ଦିଷ୍ଟ ଔଷଧ ଓ ଇଞ୍ଜେକସନ୍ ପଡ଼ିଥିବା ଦେଖିବାକୁ ମିଳିଛି। ଔଷଧ ଗୁଡ଼ିକ ସମ୍ପୂର୍ଣ୍ଣ ଅବ୍ୟବହୃତ ହୋଇ ପଡିରହିଥିବା ବେଳେ ଏହାର ଗୁଣବତ୍ତା ଅବଧି ଆସନ୍ତା ବର୍ଷ ନଭେମ୍ବର ପର୍ଯ୍ୟନ୍ତ ରହିଥିବା ଦେଖିବାକୁ ମିଳିଛି। ତେବେ ଏତେ ପରିମାଣର ଔଷଧକୁ ଏକ୍ସପାରୀ ସମୟ ପୂର୍ବରୁ କେଉଁଠାରୁ ଆଣି କିଏ କାହିଁକି ବୁଦାରେ ପକାଇଲା ତାର ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ।

## ଜାତୀୟ କବାଡ଼ି ପ୍ରତିଯୋଗିତାରେ ଶିବ ପ୍ରସାଦ



ଗଞ୍ଜାମ,୨୬ ।୧୨(ସମିସ): ଆସନ୍ତା ୬ ତାରିଖରେ ରାଇପୁର ଭିଲାଇ ରାଜକୁମାର କଲେଜରେ ଅନୁଷ୍ଠିତ ହେବ ଜାତୀୟ କବାଡ଼ି ପ୍ରତିଯୋଗିତା। ଏଥିରେ ଖେଳିବାକୁ ଓଡିଶାର ୨ଜଣ ମନୋନୀତ ହୋଇଥିଲେ। ସେଥିରେ ଗଞ୍ଜାମ ବ୍ଲକର ଶିବପ୍ରସାଦ ଜେନା ରହିଛନ୍ତି। ଆସନ୍ତା ୨୯ରେ ସେ ରାଇପୁର ଗସ୍ତ କରିବେ। ସେଠାରୁ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି ଶିବପ୍ରସାଦ। ଶିବପ୍ରସାଦ ହେଉଛନ୍ତି ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଗୋଖରକୁଦା ଗ୍ରାମର ବଟେଶ୍ୱର ଜେନାଙ୍କ ଏକମାତ୍ର ପୁଅ। ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ କେମିକାଲସ କନଭେଣ୍ଟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଖେଳକୁଦ ପ୍ରତି ଶିବପ୍ରସାଦଙ୍କ ଆଗ୍ରହ ଦେଖି ବାପା-ମା' ସମସ୍ତ ସହଯୋଗ କରିବା ସହ ତାଲିମ ନିମନ୍ତେ କୋଚ୍ ସିଏଚ ପ୍ରସାଦ ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ସେହିଦିନ ଠାରୁ ପଛକୁ ଫେରିନାହାଁନ୍ତି ଶିବପ୍ରସାଦ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ



ଛତ୍ରପୁର,୨୬ ।୧୨(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ୧୮ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି। ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଯୋଗଦେଇ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଗସ୍ତ ଖର୍ଚ୍ଚ ପାଇଁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ବେହେରା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ଓମ୍‌ସାର ଆନ୍ଦୋଳନ

## ଆଉଟ୍‌ଡୋରରେ ଘଣ୍ଟାଏ ରୋଗୀସେବା ବନ୍ଦ



ଛତ୍ରପୁର,୨୬।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିଛି। ଏହି ପଦବୀ ସବୁ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କ ଅଣଦେଖା ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛି ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏଶନ (ଓମ୍‌ସା)। ଆଜିଠାରୁ ୧ ଘଣ୍ଟା ଆଉଟ୍‌ଡୋର (ବହିର୍ବିଭାଗ) ରୋଗୀସେବା ବନ୍ଦ କରଯାଇଛି। ଏହାକୁ ସମର୍ଥନ ଜଣାଇ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ବହିର୍ବିଭାଗ ରୋଗୀସେବା ବନ୍ଦ ରହିଥିଲା। ଏହି ଆନ୍ଦୋଳନ ପ୍ରତ୍ୟାହାର ପର୍ଯ୍ୟନ୍ତ ଏହିପରି ପ୍ରତ୍ୟେକ ଦିନ ୧ ଘଣ୍ଟା ସେବା ବନ୍ଦ ରହିବ ବୋଲି ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଇନ୍‌ଚାର୍ଜ ଡାକ୍ତର ସ୍ୱାଧୀନ କୁମାର ରଥ ପ୍ରକାଶ କରିଛନ୍ତି।

## ଏପିକେ ଫାଇଲ୍ ପଠାଇ ୭ଲକ୍ଷ ନେଇଗଲେ ସାଇବର ଠକ

ବ୍ରହ୍ମପୁର,୨୬।୧୨(ସମିସ): ବ୍ରହ୍ମପୁର ଖରୁଡା ସାହି ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କ ନିକଟକୁ ଏପିକେ ଫାଇଲ ପଠାଇ ସାଇବର ଠକମାନେ କୌଶଳ କ୍ରମରେ ୭ଲକ୍ଷ ଟଙ୍କା ଠକି ନେଇଛନ୍ତି। ୱାଟସଆପରେ ଆସିଥିବା ଉକ୍ତ ଏପିକେ ଫାଇଲକୁ ଡାଉନଲୋଡ କରିବା ପରେ ମୋବାଇଲ ହ୍ୟାଙ୍ଗ ହୋଇ ଯାଇଥିଲା। ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬ଲକ୍ଷ ୯୯ହଜାର ଟଙ୍କା କଟି ଯାଇଥିବା ଜଣାପଡିଥିଲା। ସୂଚନା ପ୍ରକାରେ, ଖରୁଡା ସାହିରେ ରହୁଥିବା ଏହି ବରିଷ୍ଠ ନାଗରିକଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣକ ଏକ ସରକାରୀ ଯୋଜନା ବିଷୟରେ କହିବା ସହ ତାଙ୍କ ମୋବାଇଲକୁ ଏକ ଏପିକେ ଫାଇଲ ପଠାଇଥିଲା। ସେହି ଫାଇଲ ଡାଉନଲୋଡ କରିବା ପରେ ତାଙ୍କ ମୋବାଇଲ କିଛି ସମୟପାଇଁ ଏକପ୍ରକାର ଅଚଳ ହୋଇ ଯାଇଥିଲା। ପରେ ତାଙ୍କ ମୋବାଇଲ ନମ୍ବର ସହ ଜଡିତ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟରୁ ୬ଲକ୍ଷ ୯୯ହଜାର କଟି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ବରିଷ୍ଠ ନାଗରିକ ଜଣକ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ଯାଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଲିଭ୍ ରିଡ୍‌ଲେଙ୍କ ଜିପିଏସ୍ ଟ୍ୟାଗିଂ

● ସାଟେଲାଇଟ ଜରିଆରେ ଜାଣି ହେବ ଗତିବିଧି

ଗଞ୍ଜାମ,୨୬ ।୧୨(ସମିସ): ଏଣିକି ସାଟେଲାଇଟ ଜରିଆରେ ଅଲିଭ ରିଡଲେଙ୍କ ଉପରେ ନଜର ରଖାଯାଇପାରିବ। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର



ପୋଡ଼ମପେଟା ଗ୍ରାମ ନିକଟ ଋଷିକୂଲ୍ୟା ବେଳାଭୂମିରେ ଦୁଇଟି ଅଲିଭ ରିଡଲେ କଇଁଛଙ୍କ ଜିପିଏସ ଟ୍ୟାଗିଂ ହୋଇଛି। ସେଥି ମଧ୍ୟରୁ ଗୋଟାଏ ମେଲ ଅଲିଭ ରିଡ୍‌ଲେ ରହିଥିବା ବେଳେ ଅନ୍ୟଟି ଫିମେଲ। ଜିପିଏସ ଟ୍ୟାଗିଂ ପରେ ସେମାନଙ୍କୁ ସମୁଦ୍ର ଜଳକୁ ଛଡ଼ା ଯାଇଥିଲା। ଜିପିଏସ୍ ଟ୍ୟାଗିଂ ଆବଶ୍ୟକ ହେଉଥିବା ଏହି ଟ୍ରାନ୍ସମିଟରଟି ନ୍ୟୁଜଲାଣ୍ଡରୁ ଅଣାଯାଇଛି। ଏହି ଜିପିଏସ୍ ଟ୍ୟାଗିଂ ବେଳେ ଚିଫ ପ୍ରିନ୍ସିପାଲ କନଜରଭେଟର ପ୍ରେମ କୁମାର ଝା, ଆଞ୍ଚଳିକ ଚିଫ ପ୍ରିନ୍ସିପାଲ କନଜରଭେଟର ବିଶ୍ୱନାଥମ, ଡ଼ିଏଫଓ ସନ୍ନି ଖୋକର ଓ ଖଲ୍ଲିକୋଟ ରେଞ୍ଜର ଦିବ୍ୟଶଙ୍କର ବେହେରାଙ୍କ ସମେତ ବନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ୨ୟ ଦିନରେ ଅଟଳ ବିହାରୀ ବାଜପେୟୀ ମେମୋରିଆଲ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ କ୍ଲବ୍ ବିଜୟୀ

ବ୍ରହ୍ମପୁର,୨୬।୧୨(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୨ୟ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ମେମୋରିଆଲ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନରେ ପହଞ୍ଚିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଭୁବେନେଶ୍ୱର ପ୍ରଗତି ସ୍ପୋର୍ଟିଂ କ୍ଲବ ଓ ଛତିଶଗଡ଼ର ଭିଡ଼ିସିଏ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ଓଭର ବିଶିଷ୍ଟ ମ୍ୟାଚରେ ଭିଡ଼ିସିଏ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିବା ବେଳେ ଭୁବେନେଶ୍ୱର ପ୍ରଗତି ସ୍ପୋର୍ଟିଂ କ୍ଲବ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ୨୦ ଓଭରରେ ୬ ୱିକେଟ ବିନିମୟରେ ସର୍ବାଧିକ ୧୯୫ ରନ ସଂଗ୍ରହ କରାଯାଇଥିଲା। ଜବାବରେ ଛତିଶଗଡ଼ର ଭିଡ଼ିସିଏ କ୍ରିକେଟ ଟିମ୍ ୧୯.୩ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୭୧ରନ କରି ପ୍ରଗତି ସ୍ପୋର୍ଟିଂ କ୍ଲବ ଠାରୁ ୨୪ରନରେ ପରାଜିତ ହୋଇଥିଲା। ମ୍ୟାଚରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ପ୍ରଥମ ଦିନ ମ୍ୟାଚରେ ସୁଶାନ୍ତ ପଣ୍ଡା ଓ ରଜନୀକାନ୍ତ ରେଡ୍ଡୀ ଅମ୍ପାୟାର କାର୍ଯ୍ୟ ତୁଲାଇଥିଲେ।

## ଗୋପାଳକୃଷ୍ଣ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ



ରମ୍ଭା,୨୬ ।୧୨(ସମିସ): ସ୍ଥାନୀୟ ଗୋପାଳକୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟର ୩୩ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ଼. ସିଏଚ୍ ସୁଧାକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣି ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ତାମିଲନାଡୁ ଥିରୁଭନମଲାଇ ସହରରେ ଥିବା ବେଦିକ ୟୁନିଭେରସିଟିର ଉପକୁଳାଧିପତି ପ୍ରଫେସର ଡ଼.ହରିହର କାନୁନଗୋ, ସ୍ୱତନ୍ତ୍ର ଅତିଥି ରୂପେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଉପଜିଲ୍ଲାପାଳ ଡ଼.ଶିବାଶିଷ ବରାଳ, ଶିକ୍ଷାବିତ ଜବହାରଲାଲ ନାହାକ ମଞ୍ଚାସିନ ରହିଥିଲେ। ଓଡ଼ିଆ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କଲେଜର ମାଗାଜିନ " ପାଞ୍ଚଜନ୍ୟ' ଓ ଅଧ୍ୟାପିକା ଜ୍ୟୋତ୍ସ୍ନାକୁମାରୀ ପ୍ରଧାନଙ୍କ ତାଳପତ୍ର ତଳେ:- ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମକୁ ରାସାୟନିକବିତ ଅଧ୍ୟାପକ ଡ଼.ଜଗଦୀଶ ଚନ୍ଦ୍ର ପାଳ ପରିଚାଳନା କରିଥିବା ବେଳେ ଇଂରାଜୀ ଅଧ୍ୟାପକ ଗଜେନ୍ଦ୍ର ସେଠି ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ନୂଆ ବର୍ଷରେ ନୂଆ ପ୍ରତିଜ୍ଞା

# ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ଫୁଲତୋଡ଼ା ଓ ଉପହାର ମନା

ଛତ୍ରପୁର,୨୬ ।୧୨(ସମିସ)

ଗଞ୍ଜାମ ଜିଲ୍ଲାର ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ନୂତନ ବର୍ଷାରମ୍ଭ ଠାରୁ ଫୁଲତୋଡ଼ା, ଉପହାର ଓ ମିଠା ପ୍ୟାକେଟ ମନା କରାଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରି ସମସ୍ତ ଅଧିକାରୀଙ୍କ ସହଯୋଗ କାମନା କରିଛନ୍ତି। ଏଥିସହିତ ଗଣମାଧ୍ୟମରେ ସୂଚନା ଦେଇ ଜିଲ୍ଲାପାଳ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇବା ସହ ଏହି ପ୍ରତିଜ୍ଞାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ସୂଚନା ଅନୁଯାୟୀ, ନୂଆବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଭେଟିବାକୁ ଆସୁଥିବା ବ୍ୟକ୍ତି ନିଜ ସହ ଆଣୁଥିବା ଫୁଲତୋଡ଼ା ଓ ଉପହାରରେ ପଲିଥିନ ବ୍ୟାଗ ଓ ଥର୍ମୋକୁଲ ଆଦି ଗୋଟିଏ ଥର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କରାଯାଇଥାଏ। ଏହାଯୋଗୁ ପରିବେଶ ପ୍ରଦୂଷିତ ହେଉଥିବାରୁ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଏହା ଆଣିବା ନେଇ ବାରଣ କରାଯାଇଛି। ଏଥିସହିତ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନତା କରାଇବା ପାଇଁ ଧରିତ୍ରୀ ମା ପାଇଁ "ପ୍ରଗତି ପାଇଁ ପ୍ରତିଜ୍ଞା' ଶୀର୍ଷକ ଏକ ସଂକଳ୍ପନାମା ଜାରୀ କରାଯାଇଛି। ସମସ୍ତ କାର୍ଯ୍ୟାଳୟରେ ଏହି ସଂକଳ୍ପ ପାଇଁ ଜାରୀ କରାଯାଇଥିବା କ୍ୟୁଆର କୋଡ ଲଗାଇ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଏ ନେଇ ସଚେତନ କରି ସାମିଲ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।



ଗଞ୍ଜାମ ଜିଲ୍ଲାକୁ ସୁନ୍ଦର ସବୁଜ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଗତି ପାଇଁ ପ୍ରତିଜ୍ଞା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ଏବେ ସୁଦ୍ଧା ୫ ହଜାର ରୁ ଅଧିକ ଲୋକ ସାମିଲ ହୋଇସାରିଲେଣି। ଆହୁରି ଅଧିକ ଲୋକ ଏଥିରେ ସାମିଲ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଏଥିସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ କରାଯାଉଥିବା ସମ୍ମିଳନୀ/ ବୈଠକରେ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର ମନା ହୋଇଛି। ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ସବୁଜିମା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଯେଉଁ କାର୍ଯ୍ୟାଳୟରେ ବଗିଚା କରିବା ସୁବିଧା ସେଠାରେ ଗଛ ଲଗାଇବା ସହ କାର୍ଯ୍ୟାଳୟ ପରିସରରେ ଫୁଲ କୁଣ୍ଡରେ ଗଛ ଲଗାଇ ସବୁଜିମା ଭରିବାକୁ ଆହ୍ୱାନ ଦିଆଯାଇଛି। ଜିରୋ ପ୍ଲାଷ୍ଟିକକୁ ଗୁରୁତ୍ୱ ଦିଆଉଛି।

ଅନ୍ୟପଟେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରତିଜ୍ଞା ପାଇଁ କ୍ୟୁଆର କୋଡ୍ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜାରୀ ହେବା ପରେ ସମସ୍ତେ ଏହି ପ୍ରତିଜ୍ଞା ପାଇଁ ଅନଲାଇନରେ ପଞ୍ଜିକରଣ କରିବା ନିଜ ନିଜ ପ୍ରମାଣପତ୍ର ଡାଉନ୍‌ଲୋଡ କରି ନିଜ ସମସ୍ତ ସୋସିଆଲ ମିଡିଆରେ ସେୟାର କରୁଥିବା ଦେଖିବାକୁ ମିଳିଛି।

# ଗୋନାସିକା-କେନ୍ଦୁଝର ମହୋତ୍ସବ ଓ ଜାତୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ













କେନ୍ଦୁଝର, ୨୬।୧୨(ସମିସ): କେନ୍ଦୁଝର ଷ୍ଟାଡିୟମ ଓ କାଳୀପଡ଼ିଆଠାରେ 'ଗୋନାସିକା-କେନ୍ଦୁଝର ମହୋତ୍ସବ' ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୫' ଶୁକ୍ରବାର ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀ ଏବଂ ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପ୍ରତିକୃତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଉତ୍ସବରେ ଜିଲାପାଳ ବିଶାଲ ସିଂହ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୋନାସୀକା ମହୋତ୍ସବର ବ୍ୟାପକତା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ଗୋନାସିକା, କେନ୍ଦୁଝରର ବଳଦେବଜୀଉ ମନ୍ଦିର ଏବଂ ଆନନ୍ଦପୁରର ଦଧିବାମନଜୀଉ ମନ୍ଦିରରୁ ଘଟଗାଁ ତାରିଣୀ ପୀଠ, ଚମ୍ପୁଆଠାରୁ ମଶାଲ ଶୋଭାଯାତ୍ରା ଆସି କେନ୍ଦୁଝର ଗୋନାସିକା ମହୋତ୍ସବସ୍ଥଳରେ ପହଞ୍ଚିଥିଲା। କେନ୍ଦୁଝର ଗୋନାସିକା ମହୋତ୍ସବ ଅବସରରେ ଜାତୀୟ ପଲ୍ଲିଶ୍ରୀ ମେଳା,ଖାଦ୍ୟମେଳା ଏବଂ ପୁସ୍ତକମେଳାର ଆୟୋଜନ କରାଯାଇଛି। ଓରମାସ, ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ସଂଯୋଜିତ ମହୋତ୍ସବ ଏବଂ ସରସ ମେଳାରେ ରାଜ୍ୟର ବିଭିନ୍ନ ଜିଲା ଏବଂ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ,କାରୀଗର ଅଂଶଗ୍ରହଣ ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ ସହିତ ବିକ୍ରୟ ହେଉଛି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର,ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକକଳା ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲାର ସୁନାମଧନ୍ୟ ଲୋକକଳା ଓ ନୃତ୍ୟଦଳ ଓ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଅଂଶଗ୍ରହଣ କରି ସେମାନଙ୍କ କଳାଭିନୟ ପ୍ରଦର୍ଶନ କରିବେ। ଏତଦ୍‌ବ୍ୟତୀତ ପଶ୍ଚିମବଙ୍ଗ,ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ପଂଜାବ, ଆସାମ ଆଦି ରାଜ୍ୟର ଲୋକକଳା ଦଳ ଅଂଶଗ୍ରହଣ କରିବାର ସୂଚନା ରହିଛି। ଖାଦ୍ୟମେଳାରେ ଓଡିଶାର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବିଭିନ୍ନ କିସମର ପିଠାପଣା ପ୍ରସ୍ତୁତ ଓ ବିକ୍ରୟ କରାଯାଉଛି। ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସହିତ ଜିଲାର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ଚାଙ୍ଗୁ, ସାନ୍ତାଳି,ମୁଣ୍ଡା,ଝୁମର,ଛଉ ଓ କଣ୍ଢେଇ ଆଦି ନୃତ୍ୟ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପ୍ରଥମ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବ ଦାଇତ୍ୱରେ ଥିବା ବିଭିନ୍ନ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ କମିଟିର ପଦାଧିକାରୀ ଏବଂ ସଦସ୍ୟ ସହଯୋଗ କରିଥିଲେ।

## ପଥରରେ ଛେଚି ଗୋ-ହତ୍ୟା ଅଭିଯୋଗ

ଯୋଡ଼ା,୨୬।୧୨(ସମିସ): କେନ୍ଦୁଝର ଜିଲ୍ଲା କେମ୍ପ ହଟିଂଠାରେ ଏକ ଗାଈକୁ ପଥରରେ ଛେଚି ହତ୍ୟା କରିଥିବା ନେଇ ଯୋଡ଼ା ଥାନାରେ ଏକ ଅଭିଯୋଗ ହୋଇଛି। ଯୋଡା ହୁଡ଼ିସାହିର ସୋନୁ ଶର୍ମା ଗୁରୁବାର ଅପରାହ୍ନ ସମୟରେ ରୋଇଡାରୁ କେମ୍ପ ହଟିଂ ଦେଇ ଯୋଡାକୁ ଆସୁଥିବା ବେଳେ ଯୋଡା ଭେଲି କ୍ଲବ ପଛ ପାର୍ଶ୍ୱରେ କିଛି ଲୋକ ଏକ ଗାଈକୁ ଗଛରେ ବାନ୍ଧି ଅତି ନିର୍ମମ ଭାବେ ପଥରରେ ଛେଚି ଛେଚି ହତ୍ୟା କରୁଥିବା ଦେଖିଥିଲେ। ଏହାକୁ ସୋନୁ ଶର୍ମା ବିରୋଧ କରିଥିଲେ ହେଁ ତାଙ୍କ କଥା କେହି ଶୁଣି ନ ଥିଲେ। ସୋନୁ କିଛି ସ୍ଥାନୀୟ ଲୋକଙ୍କୁ ଡକାଇ ଅଭିଯୁକ୍ତଙ୍କୁ କାବୁ କରି ନେଇ ପୁଲିସରେ ଜିମା ଦେଇଥିଲେ। ଅଭିଯୁକ୍ତମାନେ ଉକ୍ତ ହଟିଂର ମାର୍ଜଣ ବେଂଗ୍ରା, ଅଗ ସ୍ଟୁସ୍ ବେଂଗ୍ରା, ବାପା ଜୀବନ ବେଙ୍ଗ୍ରା ବୋଲି ଜଣାପଡ଼ିଛି। ସେମାନେ ଏହାକୁ ଖାଇବା ପାଇଁ ହତ୍ୟା କରୁଥିବା ସ୍ୱୀକାର କରିଥିଲେ। ଏହି ଘଟଣା ହିନ୍ଦୁ ଧର୍ମ ଏବଂ ଲୋକଙ୍କ ମନରେ ପ୍ରଚୁର ଆଘାତ ଦେଇଥିବାରୁ ସୋନୁ ଶର୍ମା ଯୋଡ଼ା ଥାନାରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଏତଲା ଦେଇଛନ୍ତି। ପୁଲିସ ଏନେଇ ମାମଲା ନଂ ୪୦୮/୨୦୨୫ ରୁଜୁକରି ତଦନ୍ତ କରୁଥିବା ପ୍ରକାଶ କରିଛି।

## ନାରଦପୁରରେ ଠାକୁରାଣୀ ଓଷା



ନାରଦପୁର, ୨୬।୧୨(ସମିସ): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ନାରଦପୁରଠାରେ ଠାକୁରାଣୀ ଓଷା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗତ ଗୁରୁବାରଠାରୁ ଠାକୁରାଣୀ ମା'ଙ୍କୁ ଅସେଇଁକଳାରୁ ଆଣି ଗାୟକ ନଟବର ବାରିକଙ୍କ ଦ୍ୱାରା ସାତଦିନ ଧରି ଗୀତ ଗାନ କରିଥିଲେ। ଆଜି ମାଙ୍କର ଠାକୁରାଣୀ ଉଷା ଶେଷ ଦିନରେ ପୂଜକ ବୈଷ୍ଣବ ମହାକୁଡ଼ଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ଗୌତମ ନାଏକ, ମଧୁସୂଦନ ବାରିକ, ଯଦୁମଣି ବାରିକ, ବିଦେଶୀ ନାଏକ, ପୀତବାସ ନାଏକ, ରମାକାନ୍ତ ନାଏକ, ଗୁରୁଚରଣ ନାଏକ, କାର୍ତ୍ତିକ ନାଏକ, ବିଚ୍ଛା ନାଏକଙ୍କ ସମେତ ସଞ୍ଜୟ ବାରିକ, ନିମାଇଁ ଚରଣ ବାରିକ, ଶ୍ରୀକାନ୍ତ ବାରିକ, ରସାନନ୍ଦ ବାରିକ, ବିନୟଭୂଷଣ ବାରିକ ସହଯୋଗ କରିଥିଲେ।

## ଖବରକାଗଜ ବିତରକଙ୍କୁ ଶୀତବସ୍ତ୍ର ସହାୟତା



ଆନନ୍ଦପୁର, ୨୬।୧୨ (ସମିସ): ଦୁନିଆ ଯାକର ଖବର ଲୋକଙ୍କ ନିକଟରେ ପହଞ୍ଚାଇବା କ୍ଷେତ୍ରରେ ଖବରକାଗଜ ବିତରକଙ୍କର ପ୍ରମୁଖ ଭୂମିକା ରହିଛି। କି ବର୍ଷା କି ଶୀତ ସବୁଦିନ ସୂର୍ଯ୍ୟଙ୍କଠାରୁ ଦୁଇ ଘଣ୍ଟା ଆଗୁଆ ଉଠି ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାନ୍ତି। କେନ୍ଦୁଝର ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଜାରି ରହିଥିବା ବେଳେ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ସେମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ଆନନ୍ଦପୁର ବ୍ଲକ୍ ଓ ପୌରାଞ୍ଚଳ, ଘଷିପୁରା ବ୍ଲକର ସମସ୍ତ ୨୯ ଜଣ ବିତରକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଘଷିପୁରା ବସଷ୍ଟାଣ୍ଡ ନିକଟରେ ସନାତନ ଦାଶଙ୍କ ତତ୍ତ୍ୱାବଧାନରେ ଯଜ୍ଞପ୍ରସାଦ ସାହୁ ୨ ଦିବ୍ୟାଙ୍ଗଙ୍କ ସମେତ ୨୯ ଜଣକୁ ଏହି ଶୀତବସ୍ତ୍ର ସହଯୋଗ କରିଛନ୍ତି। ରମାକାନ୍ତ ମଲ୍ଲିକ, ପ୍ରେମାନନ୍ଦ ମହାନ୍ତି, ନବଘନ ଦାଶ, କେଦାର ନାଥ, ଭାଗୀରଥି ପଣ୍ଡା, ଅଙ୍କିତ ମିଶ୍ର, ନିର ଜେନା, ଅଜୟ ପେରେଇ, ହେମନ୍ତ ଦଳେଇ, ଶ୍ରୀଧର ସାହୁ, ବାପୁନ ସାହୁ, ଟୁଟୁ ଜେନା, ଅଶ୍ୱିନୀ ସାହୁ, ପାଗଳ ରଣା, ଗିରିଶ ନାୟକ, ଅଲେଖ ମହାନ୍ତି, ଶୁକ ପଣ୍ଡା, ନିରଞ୍ଜନ ରଣା, କୃଷ୍ଣ ସେଠୀ, ମଙ୍ଗୁଲୁ ସାହୁ, ବନମାଳି ସାହୁ, ଦଇନ ରାମ, ଗୋପୀ ନାଥ, ସନାତନ ଦାଶ, ଦୁର୍ଲ୍ଲଭ ରାମ, ନିଲୁ ମହାନ୍ତି, ରଥିଆ ପାତ୍ର, କୃଷ୍ଣ ବାହାଦୁର, ପରେଶ ସ, ମୁନା ମିଶ୍ର ପ୍ରମୁଖଙ୍କୁଶୀତବସ୍ତ୍ର ସହଯୋଗ କରିଥିଲେ।

## ସ୍ଥାନାନ୍ତର ହେଲା କୋଲିମାଟି ହାଟ



ଆନନ୍ଦପୁର, ୨୬।୧୨(ସମିସ): ୨୦ନମ୍ବର ଜାତୀୟ ରାଜପଥକଡ଼ରେ ବସୁଥିବା କୋଲିମାଟି ସାପ୍ତାହିକ ହାଟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ରୋକିବାକୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ରାସ୍ତା କଡ଼ରୁ ହାଟକୁ ପଛକୁ ହଟାଇ ଦିଆଯାଇଛି। କୋଲିମାଟି, ଧକୋଠା ପଞ୍ଚାୟତ ସମେତ ଘଟଗାଁ ବ୍ଲକ୍‌ର ଚାଷୀମାନେ ହାଟରେ ବସୁଥିଲେ। ହାଟକୁ ନେଇ ସମସ୍ୟା ସମସ୍ୟା ସୃଷ୍ଟି ହୋଇଥିଲା। ଗତ ୬ମାସରେ ଏକାଧିକ ଦୁର୍ଘଟଣାରେ ୪ରୁ ଅଧିକ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ବିଡିଓ ମନୋଜ ମହାନ୍ତ, ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଘସିପୁରା ଥାନାଧିକାରୀ କିଶୋର କୁମାର ପ୍ରଧାନ ପ୍ରମୁଖ ହାଟକୁ ପଛକୁ ହଟାଇବାକୁ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଠାରେ ଏକ ଓଭରବ୍ରିଜ୍ କରିବାକୁ ଦାବି ହେବାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉପଜିଲ୍ଲାପାଳ ହାଟ ସ୍ଥାନାନ୍ତର କରାଇଥିଲେ। ଏହାକୁ ପୂର୍ବତନ ସମିତିସଭ୍ୟ ରଣଜିତ ମହାରଣା ସ୍ୱାଗତ କରିଛନ୍ତି।

## ତରତରା ସର୍ବଭାରତୀୟ ଫୁଟ୍‌ବଲ: କେନ୍ଦ୍ରାପଡ଼ା ବିଜୟୀ



ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ଚାଲିଥିବା ୨୬ତମ ମା' ତାରିଣୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଲିଗ ମ୍ୟାଚରେ ଚାନ୍ଦ କ୍ଲବ କେନ୍ଦ୍ରାପଡା ଭେଟିଥିଲା ରାମଧୂନ କ୍ଲବ ସୋନପୁରକୁ। ପ୍ରଥମାର୍ଦ୍ଧ ଅମୀମାଂସିତ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଚାନ୍ଦ କ୍ଲବ ୧-୦ ଗୋଲରେ ଦ୍ୱିତୀୟ ସେମିଫାଇନାଲକୁ ପ୍ରବେଶ କରିଛି। ରେଫରୀ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମନ୍ଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

● ନାବାଳିକାକୁ ଅନୈତିକ କାର୍ଯ୍ୟରେ ଲଗାଇବା ଅଭିଯୋଗ

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

କେନ୍ଦୁଝର, ୨୬।୧୨(ସମିସ): କେନ୍ଦୁଝର କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଝିଅମାନଙ୍କୁ ଅନୈତିକ କାର୍ଯ୍ୟରେ ଲଗାଉଥିବା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କିଆପଡା ଗ୍ରାମର ରଞ୍ଜିତ କୁମାର ସାହୁ(୪୮) ଏବଂ ପଣ୍ଡାପଡ଼ା ଥାନା ଅନ୍ତର୍ଗତ କାଣ୍ଡଶ୍ୱର ଗ୍ରାମର ସୁଶୀଳା ପାତ୍ର(୪୦)ଙ୍କୁ ୭ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଦ୍ୱୟ ପୀଡ଼ିତା ୧୭ ବର୍ଷର ନାବାଳିକାକୁ ଜେଜେମାଆଙ୍କ ପାଖରୁ ନିଜର ଭଡ଼ା ଘର ସ୍ୱଞ୍ଜ କଲୋନୀକୁ ଆଣି ଅନୈତିକ କାର୍ଯ୍ୟରେ ଲଗାଇବା ସହ ପରେ ଭୁବନେଶ୍ୱରକୁ ସମାନ କାର୍ଯ୍ୟ ନିମନ୍ତେ ଚାଲାଣ କରିଥିଲେ। ପରେ ସେଠାରେ ଥିବା ଅନ୍ୟ ନାବାଳିକା ଖସି ଯାଇ ଖଣ୍ଡଗିରି ଥାନାରେ ଜଣାଇବାରୁ ଖଣ୍ଡଗିରି ପୁଲିସ ଖୋର୍ଦ୍ଧା ଜିଲ୍ଲା ସିଡବ୍ଲ୍ୟୁସିଙ୍କୁ ହସ୍ତାନ୍ତର କରିଥିଲା। ପରେ ଖୋର୍ଦ୍ଧା ସିଡବ୍ଲ୍ୟୁସି ଉକ୍ତ କେସ୍‌ର ପୀଡ଼ିତାକୁ କେନ୍ଦୁଝର ସିଡବ୍ଲ୍ୟୁସି ପାଖକୁ ପଠାଇଥିଲା। ସିଡବ୍ଲ୍ୟୁସି କେନ୍ଦୁଝର ପୀଡିତାକୁ ଓପନ୍ ସେଲଟର ହୋମ ବଣିଆପାଟରେ ରଖି ପଚରାଉଚରା କରିବାରୁ ପୀଡିତା ସଂପୂର୍ଣ୍ଣ କଥା କହିବା ପରେ ମମତା ବେହେରା ସାହାଯ୍ୟକାରିଣୀ ମୁକ୍ତାଶୟ କେନ୍ଦ୍ର ବଣିଆପାଟ କେନ୍ଦୁଝର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କେନ୍ଦୁଝର ଟାଉନ ଥାନାଧିକାରୀ ଉପରୋକ୍ତ ଆସାମୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୩ ଜଣ ସାକ୍ଷଙ୍କ ବୟାନକୁ ଭିତ୍ତିକରି ଉଭୟ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝରଙ୍କୁ ସୁପାରିସ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେସ୍ ପରିଚାଳନା କରୁଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

ତୁରୁମୁଙ୍ଗା, ୨୬।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ରାୟପୁର ଗାଁ ଦାଣ୍ଡରେ ଏକ ଅଜଣା ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଉଛନ୍ତି ରାୟପୁର ଗାଁର ସ୍ୱର୍ଗତ ନବକିଶୋର ମହାନ୍ତଙ୍କ ସ୍ତ୍ରୀ ଗୁରୁବାରୀ (୭୨)। ଗୁରୁବାର ସନ୍ଧ୍ୟାରେ ସେ ଗାଁର ଦାଣ୍ଡରେ ଠିଆ ହୋଇଥିବା ବେଳେ ତାଙ୍କୁ ଏକ ଅଜଣା ବାଇକ ଧକ୍କା ଦେଇ ଚାଲି ଯାଇଥିଲା। ତାଙ୍କୁ ପରିବାର ଲୋକେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ଗୁରୁବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି।

## ମାଷ୍ଟର ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୬।୧୨ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରସ୍ଥିତ ମାଷ୍ଟର ଇଣ୍ଟରନ୍ୟାସନାଲ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଞ୍ଜନ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ତକ୍ଷଶୀଳା ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ଆକାଶ ରଥ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଇଓ ଶରତଚନ୍ଦ୍ର ରାଉତ ଓ ସମ୍ମାନିତ ଅତିଥି ଭାବେ ସିଆରସି ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ସ୍କୁଲରୁ ୫୪ ଜଣ କୃତୀ ଛାତ୍ରଛାତ୍ରୀ ଆଦର୍ଶ ନବୋଦୟକୁ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଅହଲ୍ୟା ବେହେରା, ଅଧକ୍ଷ ନାରାୟଣ ଦାସ ଓ ଉପାଧ୍ୟକ୍ଷ ପ୍ରସନ୍ନ ବେହେରାଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।



ଆନନ୍ଦପୁର: ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାରର ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଆନନ୍ଦପୁର ଜିଲ୍ଲା ଶାଖାର ଗଣବିକ୍ଷୋଭ ଓ ଶୋଭାଯାତ୍ରା

## ପଳାସପଙ୍ଗା ଲ୍ୟାମ୍ପ୍‌ସରେ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ

କେନ୍ଦୁଝର, ୨୬।୧୨(ସମିସ)

ସରକାରଙ୍କ ଦ୍ୱାରା ଧାନର ବୋନସ ୮୦୦ ଟଙ୍କାମ ପ୍ରଦାନ କରିବା ହେଉଛି ସବୁଠୁ ବଡ ଉପଲବ୍ଧି। ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି କେନ୍ଦୁଝରସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି। ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗାସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ। ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି। ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି। କିନ୍ତୁ, ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି। ଏହାର କାରଣ ହେଉଛି, ମୋଦୀଜୀଙ୍କ ନେତୃତ୍ୱରେ ଓଡିଶାରେ ଗଠିତ ଆପଣ ମାନଙ୍କ ଡବଲ ଇଞ୍ଜିନ ସରକାର। କାରଣ ଆମେ ଆପଣ ମାନଙ୍କୁ ଆପଣଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାରେ କୋଟିଏ ଟଙ୍କା ସବସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଥିଲେ, ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିବ। ଏଥିରେ ଅବହେଳା ହେଲେ, ନିଶ୍ଚିତ ଭାବରେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ।

ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକ ଏକ ୱାନ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଆପଣମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇପାରିବେ। ୧୫ ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରର ଜଳସେଚିତ ହେବ। କାନପୁର ଜଳସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକ ଡ. ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

## 'ସେବା ଓ ସଂଗ୍ରାମ ଜାରି ରଖିଲେ ଦଳ ପୁଣି କ୍ଷମତାକୁ ଫେରିବ'



ଜଳେଶ୍ୱର,୨୬।୧୨(ସମିସ) : ଜଳେଶ୍ୱର ମ୍ୟୁନିସିପାଲିଟି ପକ୍ଷୀଚ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ମୁରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ଯୋଗଦେଇ ଦଳର ସମସ୍ତ କର୍ମୀ, ନିର୍ବାଚିତ ପ୍ରତିନିଧି, ନେତୃବର୍ଗ ଏକାଠି କାର୍ଯ୍ୟକଲେ ଆସନ୍ତା ଦିନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ କର୍ମୀ ଓ ନେତୃବୃନ୍ଦ ସେବା, ସମର୍ପଣ, ସମ୍ପର୍କ, ସଂଗ୍ରାମ ଜାରି ରଖିଲେ ପୁଣି ବିଜେଡି ଦଳ ଶାସନ କ୍ଷମତାକୁ ଫେରିପାରିବ ବୋଲି ଆହ୍ୱାନ ଦେଇଥିଲେ। ପୌରପାଳ ପ୍ରତୀପ କୁମାର ପ୍ରଧାନ ପୌରୋହିତ୍ୟ କରି କର୍ମୀମାନେ ବ୍ୟକ୍ତିଗତ ସ୍ୱାର୍ଥ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକଲେ ଦଳ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଚେୟାରମ୍ୟାନ ମାନସ ଜେନା, ଜିଲ୍ଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ପୌର ସଭାପତି ଶଙ୍କର ଘୋଷ, ବ୍ଲକ୍ ସଭାପତି ଦିଲ୍ଲୀପ ସାମଲ, ବ୍ଲକ୍ ଉପାଧ୍ୟକ୍ଷା ସଂଜିତା ସେନାପତି, ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବିଜୁ ଯୁବ ସଭାପତି ଆନନ୍ଦ କର, ବିଜୁ ଛାତ୍ର ସଭାପତି ସୁରଜ ଚୌରାସିଆ, ବ୍ଲକ୍ ଛାତ୍ରସଭାପତି ଗୌରଭ ଦାସ, କାଉନ୍ସିଲର ଗୋବିନ୍ଦ ସାହୁ, ସତ୍ୟରଞ୍ଜନ ଦାସମହାପାତ୍ର, ସଂଜୀବ ପାଲ, ବିଜୟ କାମିଲା, ମଧୁସୂଦନ ସେନାପତି ପ୍ରମୁଖ ଯୋଗଦେଇ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ।

# ପ୍ରତିଷ୍ଠା ଦିବସ ପାଳିଲା ବାଲେଶ୍ୱର ସଦର ବିଜେଡି

ବାଲେଶ୍ୱର,୨୬।୧୨(ସମିସ)



ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ସଦର ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାକ୍ତନ ବିଧାୟକ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡିର ୨୪ ବର୍ଷର ଶାସନ କାଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଭାବରେ ଗଢି ତୋଳିବାକୁ ପ୍ରୟାସ ଜାରି ରଖିଥିଲେ। ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅନେକ ଯୋଜନା କରିଥିଲେ। ତନ୍ମଧ୍ୟରୁ ବିଏସକେୱାଇ, ମହିଳା ସଶକ୍ତୀକରଣ ପାଇଁ ମିଶନଶକ୍ତି, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତାର ଅର୍ଥରାଶିକୁ ବଢ଼ାଇବା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମେତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ଯୋଜନା କରି ଓଡ଼ିଶାର ବିକାଶ ପାଇଁ ବିଜୁ ଜନତାଦଳ କାର୍ଯ୍ୟ ଜାରି ରଖିଥିଲା। କିନ୍ତୁ ଏବେର ବିଜେପି ସରକାର ବିକାଶ କରିବା ପରିବର୍ତ୍ତେ ସମାଜରେ ହିଂସାର ବାତାବରଣ ସୃଷ୍ଟି କରି ସାମାଜିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି। ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଛି। ଏଭଳି ଜନସ୍ୱାର୍ଥ ବିରୋଧ ସରକାର ବିରୋଧରେ ବିଜେଡ଼ି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ କହିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ସାଧାରଣ ସମ୍ପାଦକ ରଞ୍ଜନ ବାଗ ଅଧ୍ୟକ୍ଷତା କରି ଆଜିର ଏହି ସମାବେଶର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପାଳିକା ଉପାଧ୍ୟକ୍ଷ କୈଳାସ ସେଠୀ, ସଦର ବିଜେଡି ସଭାପତି ବସନ୍ତ ପଣ୍ଡା, ଯୁବନେତା ସଂଗ୍ରାମ ମଲ୍ଲିକ, ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ସଦର ମହିଳା ବିଜେଡ଼ି ସଭାନେତ୍ରୀ ମୀନା ମହାନ୍ତି, ପ୍ରଫୁଲ ଜେନା, ବରିଷ୍ଠ ନେତା କୈଳାସ ବିହାରୀ ଦାଶ, ସେକ୍ ସାକିର, ବିଶ୍ୱଜିତ ମହାପାତ୍ର, ପ୍ରାକ୍ତନ କାଉନସିଲର ସଞ୍ଜୟ ବେହେରା, ମିଡିଆ ସେଲ କୋର୍ଡିନେଟର ଧୀରେନ ନାୟକ, ଯୁବନେତା ରିତିକ ଜୀ, କାଉନସିଲର ସେଖ୍ ଆୟୁବ, ମୀତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ମିରାଜ ବାନୁ, କବିତା ମାରାଣ୍ଡି, ସବିତା ଦାସ, ନଳିନୀ ରଂଜନ ଦାସ, ଯୁବନେତା ବାପୁ ତିଆଡ଼ି, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ଦେବାଶିଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ବିଜେପିର ବିଭିନ୍ନ ନୀତିକୁ ତୀବ୍ର ବିରୋଧ କରିଥିଲେ। ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକାଳେ ଡିଆଇସି ଅଫିସ୍ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଏବଂ ଫାଣ୍ଡିଛକରେ ଥିବା ପ୍ରତିମୂର୍ତ୍ତିରେ ଦଳ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ପ୍ରତିଷ୍ଠା ଦିବସରେ ବିଜେଡିର କର୍ମୀ ସମାବେଶ



ଯୋଗଦେଲେ ରବୀନ୍ଦ୍ର ଜେନା, ଦଳବଦଳ ଗୁଜବର ଅନ୍ତ

ଜଳେଶ୍ୱର,ବ୍ଲକ,୨୬।୧୨(ସମିସ): ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ କର୍ମୀ ସମାବେଶ ଜଳେଶ୍ୱର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପୂର୍ବତନ ସାଂସଦ ତଥା ଜିଲ୍ଲା ସଭାପତି ରବୀନ୍ଦ୍ର ଜେନାଙ୍କ ଯୋଗଦାନ ଫଳରେ ତାଙ୍କ ବିରୋଧରେ ପ୍ରଚାର ହୋଇଥିବା ଦଳ ପରିବର୍ତ୍ତନ ଗୁଜବର ଅନ୍ତ ଘଟିଛି। ବିରୋଧୀଙ୍କ ଏହା ଗୁଜବ ବୋଲି କହିବା ସହିତ ସେମାନଙ୍କର ମୁହଁ ବନ୍ଦ କରିବା ଓ ଦଳକୁ ଆହୁରି ମଜବୁତ କରିବା ସହିତ ଆଗାମୀ ୨୭ରେ ଆସୁଥିବା ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଫଳରେ ବହୁ ଦିନଧରି ସୁପ୍ତ ରହିଥିବା ଦଳର କର୍ମୀ ମାନଙ୍କ ମନରେ ନୂତନ ଉଦ୍ଦିପନା ଦେଖାଦେଇଛି। ଏହି ସମାବେଶରେ ବିଜୁ ଜନତା ଦଳର ଜଳେଶ୍ୱର ବ୍ଲକ ସଭାପତି ଦିଲ୍ଲୀପ ସାମଲ ସଭାପତିତ୍ୱ କରିଥିବା ବେଳେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ପୌର ଉପାଧ୍ୟକ୍ଷା ପୁଷ୍ପପ୍ରୀୟା କାମିଲା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ ଦାସ, ବିନ୍ଦୁବାଳା ନନ୍ଦୀ, ପୌରାଂଚଳ ଯୁବ ନେତା ଓ କାଉନସିଲର ସୂରଜ ଚୌରାସିୟା, ଆନନ୍ଦ କର, ସେକ୍ ଅବଦୁଲ ରହିମ, ସଞ୍ଜୀବ ପାଳ, ବସ୍ତା ବ୍ଲକ ସରପଂଚ ଦେବେନ୍ଦ୍ର ସିଂହ, ଜଳେଶ୍ୱର ବ୍ଲକ ବିଜେଡି ନେତା ମଧୁସୂଦନ ସେନାପତି, ସୂର୍ଯ୍ୟାନନ୍ଦ ପାଳ, ସଂଜୟ ମହାନ୍ତି, ବ୍ରିଜେଶ ରଣା, ନନୀ ଗୋପାଲ ଦାସଙ୍କ ସହିତ ବହୁ କର୍ମୀ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ଏହି ସମାବେଶରେ ବିଜେଡିର ବହୁ ସରପଞ୍ଚ ସମିତି ସଭ୍ୟ ଓ ପୌର ପରିଷଦର କାଉନସିଲର ମହିଳା ଯୁବ ଛାତ୍ର ଯୋଗଦାନ କରିଥିଲେ ଓ ଦଳ କିପରି ଶକ୍ତିଶାଳୀ ହୋଇ ପାରିବ ସେ ନେଇ ଶପଥ ନେଇଥିଲେ।

# ୧୦ ଟଙ୍କାରେ ଦର୍ଶନୀୟ ସ୍ଥାନ ବୁଲାଇବେ ଗୟାଧର

## ଲକି ଡ୍ର'ରେ ଚୟନ ହେଲେ ୫୧ ତୀର୍ଥଯାତ୍ରୀ



ଭିନ୍ନ ପ୍ରୟାସ

ବାଲେଶ୍ୱର,୨୬।୧୨(ସମିସ): ଗରିବ ଲୋକଙ୍କୁ ବୁଲିବାର ସୁଯୋଗ ସୃଷ୍ଟି ପାଇଁ ଭିନ୍ନ ପ୍ରୟାସ କରିଛନ୍ତି ଗୟାଧର ଦାସ। ସେ ବାଲେଶ୍ୱର ସହର ବୈରାମନଗର ଅଞ୍ଚଳବାସିନ୍ଦା। ସେ ମାତ୍ର ୧୦ ଟଙ୍କାରେ ଉତ୍ତର ଭାରତର ୧୦ଟି ପ୍ରମୁଖ ସ୍ଥାନ ବୁଲିବାର ସୁଯୋଗ ଆଣିଛନ୍ତି। ଏହା ମାଧ୍ୟମରେ ୫୧ ତୀର୍ଥଯାତ୍ରା କରିବେ। ଗୟାଧର ଦାସଙ୍କୁ ସମସ୍ତେ ବାଙ୍ଗୁରୁ ଭାବେ ଜାଣନ୍ତି। ଅର୍ଥାଭାବରୁ ଅର୍ଥାତ୍ ଗରିବ ଲୋକ ଯେଉଁମାନେ ତୀର୍ଥ କରିପାରୁ ନାହାନ୍ତି ସେମାନଙ୍କ ନିମନ୍ତେ ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖିଥିଲେ। ଆଶାୟୀଙ୍କ ମଧ୍ୟରୁ ତୀର୍ଥ ଯାତ୍ରୀଙ୍କୁ ବାଛିବା ପାଇଁ ସେ ପ୍ରାୟ ୮ ମାସ ତଳେ ଆରମ୍ଭ କରିଥିଲେ ଏକ ଲଟେରୀ ଯୋଜନା। ଯେଉଁଥିରେ ମାତ୍ର ୧୦ ଟଙ୍କା ଦେଇ ତୀର୍ଥ ପାଇଁ ଆଶା ରଖିଥିବା ଲୋକେ ଟିକଟ କାଟିଥିଲେ। ତେବେ ଲକି ଡ୍ର' ଉଠାଣ ମାଧ୍ୟମରେ ୫୧ ଜଣଙ୍କୁ ଚୟନ କରାଯାଇଛି, ଯେଉଁମାନେ ତୀର୍ଥଯାତ୍ରାର ସୁଯୋଗ ପାଇବେ। ସୂଚନାଯୋଗ୍ୟ, ଗୟାଧର ଦାସ ଜଣେ ବ୍ୟବସାୟୀ। ଗରିବ ଲୋକଙ୍କୁ ଧାମ ବୁଲାଇବା ପାଇଁ ଅନେକ ପୂର୍ବରୁ ଚିନ୍ତା କରିଥିଲେ। ସେଥିପାଇଁ ଆରମ୍ଭ କରିଥିଲେ ଯୋଜନା। ପୂର୍ବ ଘୋଷଣା ଅନୁଯାୟୀ ଲକି ଡ୍ର' ଉଠାଣ ହୋଇଯାଇଛି। କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ମିଟୁ ମିଥୁନ ଅତିଥି ଭାବେ ଯୋଗଦେଇ ବାଙ୍ଗୁରୁଙ୍କ ଅଭିନବ ପ୍ରୟାସ ଗରିବ ଲୋକଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ କରିବ ବୋଲି କହିଥିଲେ। ଦୃଷ୍ଟିହୀନ ଛାତ୍ରଙ୍କ ଦ୍ୱାରା ସମସ୍ତଙ୍କ ସାମନାରେ ଲଟେରୀ ଉଠାଣ ହୋଇଥିଲା। ଭାଗ୍ୟଶାଳୀ ତୀର୍ଥଯାତ୍ରୀମାନେ ଗୟା, ବୁଦ୍ଧ ଗୟା, ମଥୁରା, ବୃନ୍ଦାବନ, ଗିରି ଗୋବର୍ଦ୍ଧନ, ବର୍ସଣା, ଆଗ୍ରା, ଚିତ୍ରକୁଟ, ଅଯୋଧ୍ୟା, ପ୍ରୟାଗରାଜ ଓ ବନାରସ ପ୍ରଭୃତି ତୀର୍ଥସ୍ଥଳୀ ପରିଦର୍ଶନ କରିବେ। ଆସନ୍ତା ୧ ତାରିଖ ଦିନ ବସ୍ ଯୋଗ ଏହି ଯାତ୍ରା ଆରମ୍ଭ ହେବ ଏବଂ ୧୦ ତାରିଖ ଦିନ ଫେରିବେ। ଗୟାଧରଙ୍କ ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୃଷ୍ଟିହୀନ ଛାତ୍ରମାନେ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରମୋଦ ସାହୁ ଓ ଗୟାଧରଙ୍କ ଧର୍ମପତ୍ନୀ ସସ୍ମିତା ଦାସଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ



ବାଲେଶ୍ୱର,୨୬।୧୨(ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟ ୩୧ ତମ ବାର୍ଷିକ ଉତ୍ସବ ଓ କଳାମେଳା ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥିମାନେ କଳା ପ୍ରଦର୍ଶନୀ ମେଳା ବୁଲି ଦେଖିଥିଲେ। ସଭାର ଆରମ୍ଭରେ ମହାବିଦ୍ୟାଳୟ ଅଧ୍ୟାପକ ନିରଞ୍ଜନ ପାଢ଼ୀ ସମ୍ମାନିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସଂଗୀତ ଗାନ କରିଥିଲେ। ସମ୍ମାନିତ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ପଙ୍କଜ କୁମାର ଜେନା ସଭାମଞ୍ଚ ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବ ଓ କଳାମେଳା-୨୦୨୫ର ମୁଖ୍ୟ ଅତିଥି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କଳା ମହାବିଦ୍ୟାଳୟର ଗାରିମା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଚାନ୍ଦିପୁର ଆଇଟିଆର ଯୁଗ୍ମ ନିର୍ଦ୍ଦେଶକ ଡାଃ ନିଳାଦ୍ରୀ ରୟ, ନିର୍ଦ୍ଦେଶକ କେ.ସୁଚେନ୍ଦର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ପ୍ରସିଦ୍ଧ ଚିତ୍ରଶିଳ୍ପୀ ରଘୁନାଥ ସାହୁ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ମଧୁସୂଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ଡାକ୍ତରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ବାଲେଶ୍ୱର,୨୬।୧୨(ସମିସ): ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଡାକ୍ତରଙ୍କ ଏକ ଘଣ୍ଟାର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ରୋଗୀ ସେବା ବ୍ୟାହତ ନକରି ୧୩ ଦଫା ଦାବି ନେଇ ଆଜି ଓମ୍‌ସା ପକ୍ଷରୁ ସାରା ରାଜ୍ୟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରହିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଡାକ୍ତରଖାନାରେ ଆନ୍ଦୋଳନ ଚାଲୁ ରହିଛି। ମୁଖ୍ୟ ଦାବି ଭିତରେ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଦନ୍ତ ଚିକିତ୍ସକଙ୍କ କ୍ୟାଡର୍ ପୁନର୍ବିନ୍ୟାସ, କେବିକେରେ ୫ ବର୍ଷ କାର୍ଯ୍ୟକାଳ ଶେଷ ପରେ ଉପକୂଳ ଜିଲ୍ଲାକୁ ବଦଳି, ବିଶେଷଜ୍ଞ ଓ ଡିପ୍ଲୋମାଧାରୀଙ୍କ ପ୍ରୋତ୍ସାହନ ରାଶି



ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାରା ରାଜ୍ୟରେ ୧୨୦୦ ଜଣ ଡାକ୍ତରଙ୍କ ସମସ୍ତ ଦାବି ପୂରଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଏବଂ ୫ ଥର ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ଡାକ୍ତରମାନେ ଏହି ଆନ୍ଦୋଳନ ଚଳାଇଛନ୍ତି। ଏ ନେଇ ଆଜି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବୃଦ୍ଧି, ପୋଷ୍ଟ ମୋର୍ଟମ ପ୍ରୋତ୍ସାହନ ରାଶି ବୃଦ୍ଧି, ଅଗ୍ରାଧିକାରୀ ଭିତ୍ତିରେ ଡାକ୍ତରୀ ପଦବୀ ପୂରଣ, ଡାକ୍ତରଙ୍କୁ ସୁରକ୍ଷା, କ୍ୟାପିଟାଲ ହସ୍‌ପିଟାଲର ସ୍ଥିତି ବଜାୟ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା, ଡାକ୍ତରଙ୍କ ବାସଗୃହ ନିର୍ମାଣ ଆଦି ପ୍ରମୁଖ ଦାବି ରହିଛି। ଦାବି ପୂରଣ ନହେବା ଯାଏଁ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓମ୍‌ସା ପକ୍ଷରୁ କୁହାଯାଇଛି।

# ମାଗଣା ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର(ଉତ୍ତର),୨୬।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଜଳେଶ୍ୱରପୁରସ୍ଥିତ ବିଶ୍ୱ ହିନ୍ଦୁ ପ୍ରଖଣ୍ଡ କାର୍ଯ୍ୟାଳୟ ପରିସରରେ ଏକ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସମର୍ପଣ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଷ୍ଠିତ ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ଉପଦେଷ୍ଟା ଗୋପାଳ ଚନ୍ଦ୍ର ଖଣ୍ଡେଲୱାଲ ଓ ପ୍ରାନ୍ତର ଉପସଭାପତି ଭଗବାନ ଖଣ୍ଡେଲୱାଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାକୁ ପରିଷଦର ପ୍ରଖଣ୍ଡ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ସଞ୍ଚାଳନ କରିଥିବାବେଳେ ଜିଲ୍ଲା ସତ୍‌ସଙ୍ଗ ପ୍ରମୁଖ ଗୌରହରୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ରଥ, ଓଡ଼ିଶା ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଡ ଗିରିଜା ନନ୍ଦନ ଜେନା, ଓଡ଼ିଶା ପ୍ରାନ୍ତର ସଂଗଠନ ମନ୍ତ୍ରୀ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ମାତୃଶକ୍ତିର ବିକାଶ ଓ ସଶକ୍ତ କରାଯିବାର ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସମର୍ପଣ ଚେରିଟେବୁଲ, ଜିଲ୍ଲା ସମ୍ପାଦକ ରଶ୍ମୀରଞ୍ଜନ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମାତୃଶକ୍ତି ସଂଯୋଜିକା ଗୀତାରାଣୀ ନାୟକ ସତସଙ୍ଗୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ପରିଷଦର ଜିଲ୍ଲା ସହ ସମ୍ପାଦକ ଡାକ୍ତର ବିଦ୍ୟୁଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଖଣ୍ଡ ସତସଙ୍ଗ ପ୍ରମୁଖ କୃପାସିନ୍ଧୁ ଦାସ କାର୍ଯ୍ୟକ୍ରମ ପରିଚାଳନା ରେ ସାହାଯୋଗୀତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୫ଟି ସିଲାଇ ମେସିନ ଆସିଛି ଏବଂ ୫୦ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କୁ ଆହୁରି ବ୍ୟାପକ କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲା।

## ସୋର-କୁପାରୀ ରାସ୍ତାକାମ ନେଇ ବଢୁଛି ଅସନ୍ତୋଷ

# ଗୋଟିଏ ମୁଣ୍ଡରେ ନିର୍ମାଣ, ଅନ୍ୟମୁଣ୍ଡରେ ଭୂମିପୂଜା ପ୍ରସ୍ତୁତି

ଖଇରା,୨୭ ।୧୨(ସମିସ)



ବାଲେଶ୍ୱର ଜିଲ୍ଲା ସୋର-କୁପାରୀ ରାଜ୍ୟ ରାଜପଥର ମରାମତି ତଥା ଉନ୍ନତିକରଣ କାର୍ଯ୍ୟ ଏବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତାର କୁପାରୀ ମୁଣ୍ଡରୁ ରାସ୍ତା କାମ ଜୋରସୋର ଚାଲିଥିବାବେଳେ ତୁଡ଼ିଗଡ଼ିଆ ମୁଣ୍ଡରୁ ୨୮ ତାରିଖ ମନ୍ତ୍ରୀଙ୍କ ଭୂମିପୂଜା ପାଇଁ ପ୍ରସ୍ତୁତି ଚାଲିଛି। ଗତ ୬ମାସ ହେଲା ଏହି ରାସ୍ତା ନିର୍ମାଣକୁ ନେଇ ଗୋଟେ ପରେ ଗୋଟେ ବିବାଦ ପୂର୍ତ୍ତ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୋଚନୀୟ ହୋଇ ପଡ଼ିଥିବା ଏହି ରାସ୍ତାର ମରାମତି କିମ୍ବା ପୁନଃନିର୍ମାଣ ପାଇଁ ବହୁ ଦାବି ପରେ ପାଖାପାଖି ୨ବର୍ଷ ତଳେ ୧୪କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଟେଣ୍ଡର ପ୍ରକ୍ରିୟାରେ ବହୁ ବିଳମ୍ବ ଘଟିଥିଲା। ୬ମାସ ତଳେ ଟେଣ୍ଡର ଶେଷ ହୋଇଥିଲେ ହେଁ ଏହି ବିଭାଗରେ ଅର୍ଥ ନଥିବା ଦର୍ଶାଇ ଠିକାଦାରଙ୍କ ସହ ଚୁକ୍ତି ପ୍ରକ୍ରିୟାକୁ ବିଭାଗ ଗଡ଼ାଇ ଚାଲିଥିଲା। ବିଧାୟକଙ୍କ ବାରମ୍ବାର ସମୀକ୍ଷା ବୈଠକ ପରେ ବିଭାଗର ତତ୍କାଳୀନ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ନୂଆ ନିର୍ମାଣ କରିବା ପରିବର୍ତ୍ତେ ସ୍ଲିଟ ଅପରେ ଛୋଟ ଛୋଟ ମରାମତି ଉପରେ ଜୋର ଦେଇଥିଲା। ୩୦ଜଣଙ୍କୁ ୫ଲକ୍ଷ କରି ପାଖାପାଖି ଦେଢ଼କୋଟି ଟଙ୍କା ବ୍ୟୟରେ ମରାମତି ଆରମ୍ଭ ହେଲା। ହେଲେ ମରାମତିର ଗୋଟିଏ କି ୨ଦିନ ମଧ୍ୟରେ ରାସ୍ତା ପୁରୁଣା ଅବସ୍ଥାକୁ ଫେରି ଆସିବା ପରେ ଏଭଳି ମରାମତିକୁ ନେଇ ବିଭିନ୍ନ ସାମାଜିକ ସଙ୍ଗଠନ ତରଫରୁ ଗଣମାଧ୍ୟମରେ ସମାଲୋଚନା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ରାସ୍ତାର ଅବସ୍ଥାକୁ ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ପୁନଶ୍ଚ ବିଧାନସଭାରେ ପ୍ରଶ୍ନ କରିବା ପରେ ହଠାତ ପୂର୍ତ୍ତ ବିଭାଗ ସ୍ଲିଟଅପ(ଛୋଟ ଛୋଟ ଅଂଶ) କାମକୁ ବନ୍ଦ କରି ନୂଆ ଟେଣ୍ଡର କାମ ଆରମ୍ଭ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା। ୬ମାସ ଧରି ବନ୍ଦପଡ଼ିଥିବା ଟେଣ୍ଡର ଚୁକ୍ତି ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭାବେ ଶେଷ କରାଗଲା। ଏଭଳିକି ମନ୍ତ୍ରୀଙ୍କ ଭୂମିପୂଜା ପର୍ଯ୍ୟନ୍ତ ଅପେକ୍ଷା ନକରିବାକୁ ନେଇ ସାଧାରଣ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଠିକାଦାର ୭ଦିନ ତଳେ ରାସ୍ତାର କୁପାରୀ ପାଶ୍ୱର୍ରୁ ପିଚୁ କାମ ଆରମ୍ଭ କରିଛନ୍ତି। ପାଖାପାଖି ୫କିମି କାମ ଶେଷ ହୋଇଥିଲେ ହେଁ ଯେତିକି କି ବି କାମ ହୋଇଛି ତାହାର ମାନ ମଧ ଠିକ ନଥିବାରୁ ପିଚୁ ରାସ୍ତାରୁ ଉଠି ଯାଉଥିବା ନେଇ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି। ରାସ୍ତା ସଫା କରାନଯିବା ତଥା ଚିପିଂ ଠିକ ଭାବେ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ଦାୟିତ୍ୱରେ ଥିବା ନୀଳଗିରି ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ଯୋଗାଯୋଗ କରିବାରେ ରାସ୍ତା କାମ ଆରମ୍ଭ ପାଇଁ ବିଭିନ୍ନ ଆଡୁ ଦାବି ପରେ ରାସ୍ତା କାମ ଆରମ୍ଭ ହୋଇଥିବା କହିଛନ୍ତି।

## ଜିକେଭଟ୍ଟର ହସ୍‌ପିଟାଲରେ ଡାକ୍ତରଙ୍କ ଧର୍ମଘଟ



ଜଳେଶ୍ୱର,୨୬।୧୨(ସମିସ): ଓମ୍‌ସା ଡାକରାରେ ରାଜ୍ୟବ୍ୟାପି ଡାକ୍ତରମାନଙ୍କ ଧର୍ମଘଟ ଆରମ୍ଭ ହୋଇଥିବାବେଳେ ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ଚିକିତ୍ସାଳୟରେ ପ୍ରତିଦିନ ୧ଘଣ୍ଟା ବହିର୍ବିଭାଗ ବନ୍ଦ ରହିବ ବୋଲି ଡାକ୍ତରମାନେ କହିଛନ୍ତି। ସରକାରଙ୍କୁ ଦିଆଯାଇଥିବା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି କୁହାଯାଇଛି। ଆଜି ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ୧ ଘଣ୍ଟା ଧରି ସମସ୍ତ ଡାକ୍ତର ଫାଟକ ନିକଟରେ ଧାରଣରେ ବସିଥିଲେ। ଏହି ସମୟରେ ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଆଜିର ଏହି ଧର୍ମଘଟରେ ସୁପରିଟେଣ୍ଡେ ଡା. ଦିଲ୍ଲୀପ ପାତ୍ର, ଡା. କାଳୀଚରଣ ମଣ୍ଡଳ, ଡା ପ୍ରୀତମ ରାଜ, ଡା. ସସ୍ମିତା ସିଂ, ଡ. ବିନୋଦ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇ ଦାବି ପୂରଣ ନ ହେଲେ ଆସନ୍ତା ଦିନରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରିବେ ବୋଲି କହିଥିଲେ।

ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ

# ମତାନ୍ତର ଓ ମନାନ୍ତରକୁ ପାସୋରି ଏକାଠି ହେଲେ ସବୁ ନେତା ଓ କର୍ମୀ








ବ୍ରହ୍ମପୁର,୨୬।୧୨(ସମିସ): ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଦଳୀୟ ନେତୃବୃନ୍ଦ ଓ କର୍ମୀ ସମସ୍ତେ ନିଜ ନିଜ ଭିତରେ ଥିବା ମତାନ୍ତର ଓ ମନାନ୍ତରକୁ ଦୂର କରି ଏକାଠି ହୋଇଛନ୍ତି । ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସମସ୍ତେ ନେଇଛନ୍ତି ସଂକଳ୍ପ । ବିଜୁ ଜନତା ଦଳ ଏକ ନିର୍ବାଚନ ଜିତୁଥିବା ଅଥବା କ୍ଷମତା ଲୋଭୀ ଦଳ ନୁହେଁ ବରଂ ଲୋକଙ୍କ ସମସ୍ୟା ଓ ଅଧିକାରର ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଏକ ରାଜନୈତିକ ଦଳ ଯାହା ବର୍ତ୍ତମାନ ସାମାଜିକ ବିପ୍ଳବର ନେତୃତ୍ୱ ନେଉଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ୨୫ବର୍ଷର ବିଜେଡି ସରକାର ଅମଳରେ ଲୋକଙ୍କ ପାଇଁ ଆରମ୍ଭ ହୋଇଥିବା 'ଜୀବନ ବିନ୍ଦୁ' ଭଳି କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି '୫-ଟି' ଓ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ପର୍ଯ୍ୟନ୍ତ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ବର୍ତ୍ତମାନର ସରକାର ବନ୍ଦ କରିଦେଇଛି । ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଡବଲ ଇଂଜିନ ସରକାର ଯୋଗୁ ରାଜ୍ୟରେ ସବୁ କ୍ଷେତ୍ରରେ ଅସ୍ଥିରତା ଦେଖାଦେଇଛି । ଲୋକଙ୍କ ସରକାର ବୋଲାଉଥିବା ୧୮ ମାସର ବିଜେପି ସରକାରରେ ଅରାଜକତା ବଢ଼ିଛି, ମହିଳା ଅସୁରକ୍ଷିତ । ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାରଣା କରିଥିବା ବିଜେପି ସରକାରର ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ ନେତା ଓ କର୍ମୀ ସଙ୍କଳ୍ପ ନେଇଥିଲେ ।

ପ୍ରତିଷ୍ଠା ଦିବସରେ ବ୍ରହ୍ମପୁର ସହରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପୂର୍ବାହ୍ନ ୯ଟା ସମୟରେ ଦେଶୀବେହେରା ସାହି ସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମେତ ଆସିକା ରୋଡ ସ୍ଥିତ ତ୍ରିମୂର୍ତ୍ତିରେ ଏବଂ ପରିଶେଷରେ କର୍ପୋରେସନ ରୋଡ ସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଇଥିଲା । ସନ୍ଧ୍ୟାରେ ଗିରିମାର୍କେଟ ସ୍ଥିତ ପ୍ରକାଶମହଲ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ବ୍ରହ୍ମପୁରରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ମେୟର ସଂଘମିତ୍ରା ଦଳେଇଙ୍କ ସମେତ ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାଷ ବେହେରା, ପୂର୍ବତନ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଦେବାନନ୍ଦ ମହାପାତ୍ର, ରଙ୍ଗେଇଲୁଣ୍ଡା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଅଜିତ ଦାଶ, ଉମା ନାୟକ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲ୍ଲା ବିଜେଡି ସଭାପତି ସୁବାଷ ମହାରଣା, ଜିଲ୍ଲା ଉପସଭାପତି ଭୀମସେନ ଦଳେଇ, ବରିଷ୍ଠ ନେତା ଭଗବାନ ଗନ୍ତାୟତ, ବିଜୁ ମହିଳା ଜନତା ଦଳର ରାଜ୍ୟ କର୍ମକର୍ତ୍ତା ମମତା ବିଶୋୟୀ, ଜଗନ୍ନାଥ ସାବତ, ଅନୀଲ ସାହୁ, ଉମା ନାୟକ, ହର ସାହୁ, ନଚିକେତା ସ୍ୱାଇଁ, କର୍ପୋରେଟର ବି. ପୁଷ୍ପଲତା ରାଓ, ସୋନାଲି ଗନ୍ତାୟତ, ଗୀତାରାଣୀ ପଣ୍ଡା, ଶ୍ୱେତରେଖା ତ୍ରିପାଠୀ, ସ୍ୱର୍ଣ୍ଣଲତା ସାବତ, ମଞ୍ଜୁଲତା ସାହୁ, କାଦମ୍ବରୀ ଦାସ, ସମୀର ମିଶ୍ର, ଦୁର୍ଗାପ୍ରସାଦ ଲାୟକ, ଜାମୁଲା ଶ୍ରୀନୁ, ଅଶ୍ୱିନୀ ପଟ୍ଟନାୟକ, ଭାଗିରଥୀ ମହାରଣା, ସୁରେନ୍ଦ୍ର କୁମାର ମହାରଣା, ଅସିତ ସାବତ, ଆର ମୂରଲୀ ମୋହନ, ପ୍ରଦୀପ ଶତପଥି, କରୁଣାକର, ଟି. କିଶୋର, ତିରୁପତି ପାତ୍ର, ଆପ୍ପା ରାଓ, ଦୀପକ ସାମନ୍ତରାୟ, ଅଜୟ ମହାରଣା, ଦୁର୍ଗା ପ୍ରସାଦ ପଣ୍ଡା, ରାମହରି ପାତ୍ର, ରାକେଶ ସାହୁ, ନିରଞ୍ଜନ ଜେନା, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ଜ୍ୟୋସ୍ନା ନାୟକ, ବି. ଶ୍ରୀନିବାସ ରାଓ, ମୁକୁନ୍ଦ ଗୌଡ, ଶୋଭନ ନାୟକ, ଦୁର୍ଗା ସାବତ ଓ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

● ବିଜେଡି କ୍ଷମତାଲୋଭୀ ନୁହେଁ; ବରଂ ସାମାଜିକ ବିପ୍ଳବର ନେତୃତ୍ୱ ନେଉଛି

● ଲୋକଙ୍କ ସମସ୍ୟା ଏବଂ ଅଧିକାରର ସୁରକ୍ଷା ପାଇଁ ଅହିଂସା ନୀତିରେ ଲଢ଼େଇ କରିବ ଦଳ

'ଦି ମୁନ୍' ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଘଟଣା

## ତଦନ୍ତ ପାଇଁ ଗଠିତ ହେଲା ୫ ଜଣିଆ ଟାସ୍କଫୋର୍ସ

ବ୍ରହ୍ମପୁର,୨୬।୧୨(ସମିସ): ସ୍ଥାନୀୟ 'ଦି ମୁନ୍' ହସପିଟାଲରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୫ଜଣିଆ ଟିମ ଗଠନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁମୋଦକ୍ରମେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଛି । ଗଠିତ ଟିମ୍‌ର ନୋଡ଼ାଲ ଅଧିକାରୀ ଭାବେ ଜିଲ୍ଲା ମେଡ଼ିକାଲ ଅଫିସର ଡା. ବିଶ୍ୱମ୍ବର ବେହେରାଙ୍କ ସମେତ ଏମକେସିଜି ମେଡ଼ିକାଲ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ, ବ୍ରହ୍ମପୁର ଅତିରିକ୍ତ ତହସିଲଦାର, ବୈଦ୍ୟନାଥପୁର ଥାନା ଅଧିକାରୀଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନିଶ୍ଚେତକ ବିଭାଗର ବିଶେଷଜ୍ଞ ଡା. ପ୍ରିତୀଶ ସବ୍ୟସାଚୀ ମହାନ୍ତି ସାମିଲ ଅଛନ୍ତି । ଘଟଣାର ତଦନ୍ତ କରି ୭ଦିନରେ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୧ତାରିଖ "ଦି ମୁନ୍' ହସ୍ପିଟାଲରେ ଜରଡ଼ା ଥାନା ଅନ୍ତର୍ଗତ ତୁମ୍ବାଗଡ଼ ନିକଟସ୍ଥ ସିନ୍ଦୁରାବାଡ଼ ଗ୍ରାମର ବିଜୟ ପ୍ରଧାନ(୩୦)ଙ୍କର ଅସ୍ତ୍ରୋପଚାର ସମୟରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟ ହସ୍ପିଟାଲ୍ ସମ୍ମୁଖରେ କ୍ଷତିପୂରଣ ଦାବିରେ ଶବ ରଖି ଧାରଣା ଦେଇଥିଲେ । ଅଭିଯୋଗକୁ ନେଇ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ 'ଦି ମୁନ' ହସ୍ପିଟାଲକୁ ସିଲ କରି ତଦନ୍ତ ଆରମ୍ଭ କରିଥିଲେ ।

## ୧୮ ଦଫା ଦାବି ନେଇ ଓମ୍‌ସା ପକ୍ଷରୁ ବିକ୍ଷୋଭ



ବ୍ରହ୍ମପୁର,୨୬।୧୨(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଓମ୍‌ସା(ଓଡ଼ିଶା ଚିକିତ୍ସା ସେବା ସଂଘ) ପକ୍ଷରୁ ୧୮ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନେ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲାର ପ୍ରାୟ ୨୧୦ରୁ ଅଧିକ ଡାକ୍ତର ଏଥିରେ ସାମିଲ ହୋଇଥିବା ଯୋଗୁଁ ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇଥିଲା । କ୍ୟାଡ଼ର ପୁନଃଗଠନ, କେନ୍ଦ୍ରୀୟ ଡିଏସିପି, କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଓ ସୁରକ୍ଷା, ବୀମା, ନିୟମିତ ଡିପିସି ସହ ସ୍ୱଚ୍ଛ ବଦଳି ପରି ସଂଘ ପକ୍ଷରୁ ୧୮ ଦଫା ଦାବି କରାଯାଇଛି । ପୂର୍ବରୁ ସଂଘ ପକ୍ଷରୁ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାନଯିବାରୁ ସଂଘ ପକ୍ଷରୁ ଏଭଳି ଆନ୍ଦୋଳନାତ୍ମକ ନିଷ୍ପତି ନିଆଯାଇଛି । ବିକ୍ଷୋଭରେ ସଭାପତି ଡ଼ା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଉପସଭାପତି ଡ଼ା. ସୌମ୍ୟକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ଡ଼ା. ଗୟାଧର ପ୍ରଧାନ, ଡ଼ା. ଶୁଭକାନ୍ତ ଦାସ, ଡ଼ା. ଅମୂଲ୍ୟ ମିଶ୍ର, ଡ଼ା. ମହେନ୍ଦ୍ର ସାହୁ, ଡ଼ା. ସୁଚିତ୍ରା ସାହୁ ଓ ଡ଼ା. ସୌଦାମିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସିପିଆଇର ପ୍ରତିଷ୍ଠା ଶତବାର୍ଷିକୀ ଉତ୍ସବ ପାଳିତ

ବ୍ରହ୍ମପୁର,୨୬।୧୨(ସମିସ): ସ୍ଥାନୀୟ ପାର୍କ ସାହି ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ର ପ୍ରତିଷ୍ଠା ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି । ଆଞ୍ଚଳିକ ସମ୍ପାଦକ କାମଦେବ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠନେତା ପ୍ରଶାନ୍ତ ପାଟଯୋଷୀ ଯୋଗଦେଇ ଦଳୀୟ ଲାଲ ଝଣ୍ଡାକୁ ଉତ୍ତୋଳନ କରି ଶ୍ରମଜୀବୀ ଜନତାର ଏହି ସଂଗ୍ରାମୀ ପ୍ରତୀକର ଐତିହାସିକ ଆହ୍ୱାନକୁ ସଫଳ ରୂପାୟନ କରିବା ପାଇଁ ସଂଗଠିତ ହେବାକୁ କହିଥିଲେ । ସେହିପରି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗଦେଇ ପାର୍ଟିର ଶହେ ବର୍ଷର ଗୌରବୋଜ୍ଜ୍ୱଳ ସଂଗ୍ରାମୀ ଓ ବଳିଦାନ ଏବଂ ଉପଲବ୍ଧି ଇତିହାସର ଅବତାରଣା କରିଥିଲେ । ବିଶେଷ ଭାବେ ଗଞ୍ଜାମ ଜିଲ୍ଲାରେ ରୟତ ଆନ୍ଦୋଳନରେ ତାକରଡ଼ାରେ ପୁଲିସର ଗୁଳିମାଡ଼ରେ ହେମ ବାଡ଼ତ୍ୟା ଓ ୬ଜଣ ସହିଦଙ୍କୁ ମନେ ପକାଇଥିଲେ । ଏହା ସହ ଶ୍ରମିକଙ୍କ ଦାବୀନେଇ ଲଢୁଥିବାବେଳେ ବରିଷ୍ଠ ସିପିଆଇ ନେତା ଲକ୍ଷ୍ମଣ ମହାପାତ୍ର ସହିଦ ହୋଇଥିଲେ ବୋଲି କମ୍ରେଡ୍ ପାତ୍ର କହିଛନ୍ତି । ଏହି ଅବସରରେ ପାର୍ଟିର ଶାଖା ସମ୍ମିଳନୀ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ପାତ୍ର, ପ୍ରଫୁଲ୍ଲ ଜେନା, ପ୍ରଦୀପ ସେଠୀ, ଟୁଟୁ ପାତ୍ର, ଏ. ସୁଧୀର, ମହମ୍ମଦ ଉସ୍ମାନ, ରୋହିତ ବିଷାୟୀ, ଗାଗାରିନ୍ ନାୟକ, କାଳିକିଙ୍କର ପାତ୍ର, ପ୍ରଭାତୀ ଦେବୀ ଓ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ହିନ୍ଦୁଙ୍କ ସୁରକ୍ଷା ନେଇ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର: 'ବିଦେଶରେ ନିର୍ଯାତିତ ହିନ୍ଦୁଙ୍କୁ ଫେରାଇ ଅଣାଯାଉ'



ବ୍ରହ୍ମପୁର,୨୬।୧୨(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ହିନ୍ଦୁଙ୍କ ସୁରକ୍ଷା ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅନ୍ୟ ଦେଶରେ ଥିବା ବିଶେଷକରି ପାକିସ୍ତାନ ଓ ବାଂଲାଦେଶରେ ଥିବା ହିନ୍ଦୁ ମନ୍ଦିରକୁ ଭଙ୍ଗାଯାଉଥିବାରୁ ସେହି ମନ୍ଦିରରେ ଥିବା ବିଗ୍ରହମାନଙ୍କୁ ଭାରତକୁ ଅଣାଯାଉ ବୋଲି ଦାବି କରାଯାଇଛି । ନଚେତ ଶାସ୍ତ୍ରୀୟ ବ୍ୟକ୍ତିମାନଙ୍କ ମତାମତ ନେଇ ଉଚିତ ପଦକ୍ଷେପ ନିଆଯିବା ସହ ହିନ୍ଦୁଙ୍କ ସୁରକ୍ଷା ସହିତ ସେମାନଙ୍କୁ ସ୍ୱଦେଶକୁ ଫେରାଇ ଆଣନ୍ତୁ ବୋଲି ସଂଘ ଦାବି କରିଛି । ବିଶେଷ ଭାବେ ପାକିସ୍ତାନ ଓ ବାଂଲାଦେଶରେ ବିଗତ କିଛିମାସ ଧରି ହିନ୍ଦୁମାନେ ଶୋଷଣର ଶିକାର ହେଉଛନ୍ତି । ଏହା ସମସ୍ତ ସନାତନୀ ହିନ୍ଦୁ ଧର୍ମାବଲମ୍ବୀଙ୍କୁ ଶକ୍ତ ଆଘାତ ଦେଇଛି । ସ୍ମାରକପତ୍ର ପ୍ରଦାନବେଳେ ସଂଘର ସଭାପତି ରାମ କୁମାର ପାତ୍ର, ସଦସ୍ୟ ଅଶୋକ ନିମାଇଁ, ରାଜକିଶୋର ପାତ୍ର, ଅନିଲ ରଥ, ସୀମାଞ୍ଚଳ ପଣ୍ଡା, ଭଗବାନ ଭୂୟାଁ, ଉମାକାନ୍ତ ପାଣିଗ୍ରାହୀ, ଟୁଟୁ ମହାନ୍ତି ଓ ଭାସ୍କର ହାତୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଫେବୃଆରୀ ୬ରୁ ବ୍ରହ୍ମପୁର ମହୋତ୍ସବ

ବ୍ରହ୍ମପୁର,୨୬।୧୨(ସମିସ): ଆସନ୍ତା ଫେବୃଆରୀ ୬ରୁ ୧୨ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଆୟୋଜିତ ହେବାକୁ ଥିବା ବ୍ରହ୍ମପୁର ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀ, କୁଟୀର ଶିଳ୍ପ, ପ୍ରକାଶକଙ୍କ ସମେତ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବିଭିନ୍ନ ଷ୍ଟଲ ରହିବ । ମହୋତ୍ସବରେ ପ୍ରତ୍ୟେକ ଦିନ ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା, ଅର୍ଥନୀତିର ବିକାଶ ନେଇ ଆଲୋଚନା ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀ ଏବଂ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ସ୍ୱାସ୍ଥ୍ୟସେବା ଶିବିର, ରକ୍ତଦାନ, ବକ୍ସିଂ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ସ୍ମରଣିକା ଉନ୍ମୋଚିତ କରାଯିବାକୁ ନିଷ୍ପତି ହୋଇଛି । ମହୋତ୍ସବର ସଫଳ ପରିଚାଳନା ନିମନ୍ତେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଅଧ୍ୟକ୍ଷତାରେ ବ୍ରହ୍ମପୁର ମହୋତ୍ସବ କମିଟି ଗଠନ କରାଯାଇଛି । ରେସ୍‌ପନ୍ସ ମାର୍କେଟିଂ ଇଭେଣ୍ଟ ସଂସ୍ଥା ଏହାର ଦାୟିତ୍ୱ ନେଇଥିବା ବେଳେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହ ଅନ୍ୟାନ୍ୟ ବିଭାଗ, ପୁଲିସ ଓ ମହାନଗର ନିଗମ କର୍ତ୍ତୃପକ୍ଷ ସମସ୍ତଙ୍କ ସହଯୋଗରେ ଏହାକୁ ଏକ ସୁନ୍ଦର ଓ ସଫଳ ଭାବେ ଆୟୋଜନ କରାଯିବ ବୋଲି ଆୟୋଜକ ମହାନ ସଂଘର ସଭାପତି ସୁଶାନ୍ତ କୁମାର ସାବତ କହିଛନ୍ତି । ଏନେଇ ଏକ ପ୍ରସ୍ତୁତି ବୈଠକ ମହାନ ସଂଘର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକଙ୍କ ସହ ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ଉପସଭାପତି ଭି. ରବିକୁମାର ଗୁପ୍ତା, ସହସମ୍ପାଦକ ପ୍ରକାଶ ଭଜନି, ମହୋତ୍ସବ କମିଟି ସମ୍ପାଦକ ସୀମାଞ୍ଚଳ ପାଣିଗ୍ରାହୀ ଓ ସୁରେଶ ତ୍ରିପାଠୀ ପ୍ରମୁଖ ଆଲୋଚନା କରି ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ନେଇ କମିଟି ଗଠନ ସହ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି କରାଯିବାକୁ ନିଷ୍ପତି ହୋଇଛି ।



● ଭାରତୀୟ ମଜଦୂର ସଂଘର ସାମ୍ବାଦିକ ସମ୍ମିଳନୀ

## ୬ରୁ ପୁରୀରେ ରାଷ୍ଟ୍ରୀୟ ତ୍ରିବାର୍ଷିକ ଅଧିବେଶନ



ବ୍ରହ୍ମପୁର,୨୬।୧୨(ସମିସ): ସ୍ଥାନୀୟ ରାଜସ୍ୱ ବିଭାଗ ଡାକବଙ୍ଗଳାରେ ଭାରତୀୟ ମଜଦୂର ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଭାରତୀୟ ମଜଦୂର ସଂଘର ୨୧ତମ ରାଷ୍ଟ୍ରୀୟ ତ୍ରିବାର୍ଷିକ ଅଧିବେଶନ ଫେବୃଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ପୁରୀରେ ଆୟୋଜିତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହି ଅଧିବେଶନରେ ୧୫ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରିବାକୁ ଥିବାବେଳେ ଶ୍ରମିକଙ୍କ ହିତ, ରାଷ୍ଟ୍ରୀୟ ହିତ, ଉଦ୍ୟୋଗ ଉନ୍ନତି, ଶ୍ରମନୀତି ଓ ଦେଶର କାର୍ଯ୍ୟରତ ଶ୍ରମିକ ବର୍ଗ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ । ସାମ୍ବାଦିକ ସମ୍ମିନୀରେ ସଂଘର ରାଜ୍ୟ ସମ୍ପାଦକ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ପରିଡ଼ା, ଗଞ୍ଜାମ ଜିଲ୍ଲା ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଉମାଶଙ୍କର ସାହୁ, ଉପସଭାପତି ଅର୍ଜୁନ ବେହେରା, ଅମ୍ବୁଜ ସାହୁ, ଗୋପାଳକୃଷ୍ଣ ସ୍ୱାଇଁ, ବ୍ରହ୍ମପୁର ମହାନଗର ସଭାପତି ଧର୍ମା ରାଓ ଓ ନିଖିଳ ଓଡିଶା ବିଦ୍ୟୁତ ମଜଦୂର ମହାସଂଘର ସାଧାରଣ ସମ୍ପାଦକ ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ଜିରୋ ନାଇଟ୍ ସେଲିବ୍ରେସନ୍‌ରେ ପୁଲିସର ଜିରୋ ଟଲରାନ୍ସ

# ସହର ଜଗିବେ ୫ ପ୍ଲାଟୁନ ଫୋର୍ସ; ସାଢ଼େ ୧୨ରେ ସେଲିବ୍ରେସନ୍ ବନ୍ଦ

ସୋମବାର ରାତିରୁ ହେବ ବ୍ଲକିଂ ଓ ନାକାବନ୍ଦୀ, ମଦ୍ୟପଙ୍କ ଉପରେ ରହିବ ନଜର

ବ୍ରହ୍ମପୁର,୨୬।୧୨(ସମିସ): ବ୍ରହ୍ମପୁର ସହର ଓ ଉପକଣ୍ଠରେ ଜିରୋ ନାଇଟ୍‌ରେ ବ୍ରହ୍ମପୁର ପୁଲିସ ଆପଣାଇବ ଜିରୋ ଟଲରାନ୍ସ ନିତି । ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ସୋମବାର ରାତିରୁ ଆରମ୍ଭ ହେବ ପୁଲିସ ପହରା । ଜିରୋ ନାଇଟ୍ ପାଳନ ସମୟରେ ଗଣ୍ଡଗୋଳ ଓ ଅପରାଧିକ ଘଟଣା ଯେପରି ନଘଟେ ସେଥିପାଇଁ ପୁଲିସ ପକ୍ଷରୁ ରହିବ କଡ଼ା ନଜର । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୋପାଳପୁର ବେଳାଭୂମିରେ ସ୍ୱତନ୍ତ୍ର ଭାବେ ପୁଲିସ ମୁତୟନ କରାଯିବ । ଅନ୍ୟପକ୍ଷରେ ସହରର ପୁରୁଣା ଓ ଆଗଧାଡ଼ିର କିଛି ଅପରାଧୀଙ୍କ ଉପରେ ମଧ୍ୟ ରହିବ ପୁଲିସର ନଜର । ଏହି ଅବସରରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଉଭୟ ବ୍ରହ୍ମପୁର ଓ ଗୋପାଳପୁରରେ ନିୟୋଜିତ ରହିବେ ୫ ପ୍ଲାଟୁନ୍ ଫୋର୍ସ । ସହରରେ ୪ପ୍ଲାଟୁନ ଓ ଗୋପାଳପୁରରେ ଗୋଟିଏ ପ୍ଲାଟୁନ୍ ପୁଲିସ ମୁତୟନ ରହିବେ । ବିଶେଷ କରି ମଦ୍ୟପ ଗାଡ଼ି ଚାଳକଙ୍କ ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିବ । ଏଥିସହ ହୋଟେଲଗୁଡ଼ିକରେ ଆୟୋଜନ ହେଉଥିବା ପାର୍ଟି ଉପରେ ଅବକାରୀ ବିଭାଗ ନଜର ରଖିବ । ଆସନ୍ତା ବୁଧବାର ପରେ ବିଦାୟ ନେବ ବର୍ଷ ୨୦୨୫, ନୂଆବର୍ଷ ୨୦୨୬କୁ ସ୍ୱାଗତ ଓ ୨୦୨୫କୁ ବିଦାୟ ଦେବା ପାଇଁ ସବୁ ବର୍ଗର ଲୋକେ ଚାହିଁ ବସିଛନ୍ତି । ଜିରୋ ନାଇଟ୍ ସେଲିବ୍ରେସନକୁ ନେଇ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଲାଣି । ଆତସବାଜି ଫୁଟାଇ ଓ ଡିଜେ ବଜାଇ ଭିନ୍ନ ଭିନ୍ନ ଢଙ୍ଗରେ ସେଲିବ୍ରେସନ୍ କରିବାକୁ ପ୍ରସ୍ତୁତ ହେଲେଣି ସମସ୍ତେ । ଏହାକୁ ଦୃଷ୍ଟିରେ ରଖି ହୋଟେଲ ମାଲିକଙ୍କ ସହ ଆଲୋଚନା କରିଛି ପୁଲିସ । ସହରର ବିଭିନ୍ନ ସ୍ଥାନରେ ହେବାକୁ ଥିବା ସେଲିବ୍ରେସନକୁ ରାତି ସାଢ଼େ ୧୨ଟା ପରେ ବନ୍ଦ ରଖିବାକୁ ଏସ୍‌ପିଙ୍କ କଡ଼ା ନିର୍ଦ୍ଦେଶ ରହିଛି । ମଦ୍ୟପ ଗାଡ଼ିଚାଳକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ସହିତ ଟ୍ରିପଲ ରାଇଡିଂରେ ମଧ୍ୟ ଜରିମାନା ଆଦାୟ କରାଯିବ ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି । ହୋଟେଲ୍ ଓ ବିଭିନ୍ନ କ୍ଲବର ମାଲିକଙ୍କ ପାଇଁ ବି କଡ଼ାକଡ଼ି ନିୟମ କରାଯାଇଛି । ଅନୁମତି ନେଇଥିବା ସମୟଭିତରେ ହିଁ ପାର୍ଟି ଶେଷ କରିବାକୁ ହେବ । ସେହିଭଳି ଅବକାରୀ ପଦାର୍ଥର ବିକ୍ରି ଉପରେ ବି ରହିବ ଉଭୟ ପୁଲିସ ଓ ଅବକାରୀ ବିଭାଗର ସ୍ୱତନ୍ତ୍ର ନଜର । ବ୍ରହ୍ମପୁର ସହରରେ ଜିରୋ ନାଇଟ୍ ଓ ନୂଆବର୍ଷର ପ୍ରଥମ ଦିନରେ ଅପରାଧୀମାନେ ଅଧିକ ସକ୍ରିୟ ହେବାର ଅନେକ ନଜିର ରହିଛି । ତେଣୁ ଏହି ଅବସରରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅପରାଧୀମାନଙ୍କ ଉପରେ ଅଧିକ ନଜର ରଖୁଛି । ଜିରୋ ନାଇଟ୍ ଓ ନବବର୍ଷରେ ସହରର ବିଭିନ୍ନ ଛକରେ ନାକାବନ୍ଦୀ କରିବା ସହ ବ୍ଲକିଂ କରି ଗାଡ଼ି ଯାଞ୍ଚ କରିବ ବୋଲି ଏସ୍‌ପି କହିଛନ୍ତି ।